ଢ଼କଶ୍ରୀ ତରଙ୍ଗ

GPNanda Colln., Digitized by srujanika@gmail.com

ଚିକିତ୍ସା-ତରଙ୍ଗ

—ପ୍ରଣେତା—

ବୈଦ୍ୟରତ୍ନ
୰ ବାଲୁକେଶ୍ୱର ଆଚାର୍ଯ୍ୟ ଭିଷକ୍‌ରତ୍ନ

ପ୍ରଥମ ସଂସ୍କରଣ

—ପ୍ରକାଶକ—

ବୈଦ୍ୟରାଜ
ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ
ଆଲମ୍‌ଚାନ୍ଦ ବଜାର
କଟକ
୧୯୫୧

ମୂଲ୍ୟ ଟ ୩୲ ତିନ ଟଙ୍କା ମାତ୍ର

GPNanda Colln., Digitized by srujanika@gmail.com

ସୂଚିପତ୍ର

ବିଷୟ	ପୃଷ୍ଠା
ମଙ୍ଗଳାଚରଣ ଓ ଚିକିତ୍ସକ	
ପ୍ରଶଂସା	୧
ରୋଗୀ-ପରୀକ୍ଷା	୨
ନାଡ଼ୀ-ପରୀକ୍ଷା	୩
ନାଡ଼ୀ-ପରୀକ୍ଷା ନିଷେଧ	୬
ନେତ୍ର-ଲକ୍ଷଣ	୭
ଜିହ୍ୱା-ପରୀକ୍ଷା	୭
ମୁଖ-ପରୀକ୍ଷା	୮
ମୂତ୍ର-ପରୀକ୍ଷା	୮
ମଳ-ପରୀକ୍ଷା	୧୦
ଶବ୍ଦ-ପରୀକ୍ଷା	୧୦
ସ୍ପର୍ଶ ପରୀକ୍ଷା	୧୦
ଚିକିତ୍ସା-ବିଧି	୧୧
ଚିକିତ୍ସକ-ପୁଣ୍ୟାଦି ପ୍ରଶଂସା	୧୧
ଔଷଧ-ମାତ୍ରା	୧୨
ଦ୍ରବ୍ୟ-ସଂଗ୍ରହ	୧୪
ପଞ୍ଚ-କଷାୟ	୧୭
ଶୃତ-କଷାୟ (କଷାୟ ବା କ୍ୱାଥ)	୧୮
ଶୀତ-କଷାୟ	୧୯
ଫାଣ୍ଟ-ବିଧି	୧୯
ପ୍ରକ୍ଷେପ-ବିଧି	୨୦
ଭାବନା-ବିଧି	୨୧

ବିଷୟ	ପୃଷ୍ଠା
ଦ୍ରବ୍ୟ ଅଭାବେ ପ୍ରୟୋଗ ବିଧି	୨୨
ପରିମାଣ-ନିର୍ଣ୍ଣୟ	୨୨
ଶୋଧନ-ମାରଣ-ବିଧି	**୨୪**
ପାରଦ-ଶୋଧନ	୨୪
ପାରଦର ସପ୍ତକଞ୍ଚୁକ ଦୋଷ-ମାରଣ ବିଧି	୨୫
ହିଙ୍ଗୁଳରୁ ପାରଦ ବାହାର କରିବା-ବିଧି	୨୭
ଗନ୍ଧକଶୋଧନ-ବିଧି	୨୮
କଜ୍ଜଳୀ-ବିଧି	୨୮
ହିଙ୍ଗୁଳଶୋଧନ-ବିଧି	୨୯
ଅଭ୍ରଶୋଧନ-ବିଧି	୩୦
ଅଭ୍ରମାରଣ-ବିଧି	୩୧
ଅଭ୍ରର ଅମୃତୀକରଣ	୩୩
ଲୌହଶୋଧନ-ବିଧି	୩୩
ଲୌହଭସ୍ମ-ବିଧି	୩୪
ମଣ୍ଡୂରଶୋଧନ-ବିଧି	୩୪
ମଣ୍ଡୂରଭସ୍ମ-ବିଧି	୩୫
ବଙ୍ଗଶୋଧନ-ବିଧି	୩୬
ବଙ୍ଗଭସ୍ମ-ବିଧି	୩୭
ସୀସାଭସ୍ମ-ବିଧି	୩୮
ତାମ୍ରଶୋଧନ-ବିଧି	୩୯
ତାମ୍ରଭସ୍ମ-ପ୍ରକରଣ	[illegible]

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ହିଙ୍ଗୁ, କ୍ଷୀରଶୋଧନ-ବିଧି	୬୩
ଅରଣ୍ୟମୂଳ ଓ କ୍ଷୀର, କଣ୍ଟଅର ମୂଳ, କାଇଁଚଶୋଧନ-ବିଧି	୬୩
ଅନ୍ୟାନ୍ୟଦ୍ରବ୍ୟ-ଶୋଧନ	୬୩
ଚତୁରମ୍ଳ ଓ ପଞ୍ଚାମ୍ଳ	୬୩
ପଞ୍ଚ ଲବଣ	୬୪
ମୂତ୍ରବର୍ଗ	୬୪
ଦୁଗ୍ଧବର୍ଗ	୬୪
ତ୍ରିଜାତ ଓ ଚତୁର୍ଜାତ	୬୫
ସର୍ବଗନ୍ଧ	୬୫
ତ୍ରିଫଳା	୬୫
ତ୍ରିକଟୁ, ତ୍ରିମଦ	୬୫
ପଞ୍ଚପଲ୍ଲବ	୬୬
ପଞ୍ଚକୋଲ ଓ ଷଡ଼୍ ଷଣ	୬୬
ଦଶମୂଳ	୬୬
ପଞ୍ଚତୃଣ	୬୭
ଅଷ୍ଟବର୍ଗ	୬୭
ଜୀବନୀୟଗଣ	୬୭
ପଞ୍ଚପିତ୍ତ	୬୭
କ୍ଷାରାଷ୍ଟକ	୬୭
ରୋଗାଧିକାର	**୬୮**
ଜ୍ୱର-ଚିକିତ୍ସା	୬୮
ନୂତନଜ୍ୱର-ଚିକିତ୍ସା	୭୦
ଆରୋଗ୍ୟାମ୍ବୁ	୭୧
ଷଡ଼ଙ୍ଗ ପାନୀୟ	୭୩
ପାଚନ-ବ୍ୟବସ୍ଥା	୭୫
ଗୁଡୂଚ୍ୟାଦି ପାଚନ	୭୬
ବାତଜ୍ୱର-ଚିକିତ୍ସା	୭୭
କିରାତାଦି କ୍ୱାଥ	୭୭
ବିଲ୍ୱାଦି କ୍ୱାଥ	୭୮
ଗୁଡୂଚ୍ୟାଦି କ୍ୱାଥ	୭୯
ବଟିକାପ୍ରୟୋଗ	**୭୯**
ହିଙ୍ଗୁଳେଶ୍ୱର ରସ	୭୯
ଜ୍ୱର ଧୂମକେତୁ	୮୦
ମୃତ୍ୟୁଞ୍ଜୟ ରସ	୮୦
ତରୁଣଜ୍ୱରାରି	୮୧
ଅଗ୍ନିକୁମାର ରସ	୮୩
ପିତ୍ତଜ୍ୱର-ଚିକିତ୍ସା	୮୦
କଳିଙ୍ଗାଦି କ୍ୱାଥ	୮୪
ଦୁର୍ଲଭାଦି କ୍ୱାଥ	୮[illegible]
ଲୋଧ୍ରାଦି କ୍ୱାଥ	୮୬
ଧାନ୍ୟଶର୍କରା	୮୬
ପିତ୍ତାନ୍ତକ ରସ	୮୦
ପିତ୍ତାନ୍ତକ ବଟିକା	୮
ଶ୍ଲେଷ୍ମିକଜ୍ୱର ଚିକିତ୍ସା	**୮୧**
ନିମ୍ବାଦି କ୍ୱାଥ	୮୧
ପିପ୍ପଲ୍ୟାଦି କ୍ୱାଥ	୮୯
ତ୍ରିଫଳାଦି କ୍ୱାଥ	୯୦
କଫଜ୍ୱରେ ମହାଜ୍ୱରାଙ୍କୁଶ ବଟି	୯୦
ନାଗାର୍ଜୁନ ରସ	୯୧

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ସଲ୍ଲଳମନ୍ଥଗ୍ନ ରସ	୯୨
ବାତପୈତ୍ତିକ ଜ୍ୱର ଚିକିତ୍ସା	**୯୩**
ଷଣ୍ୱାଢ-ପାଚନ	୯୩
ବୃହତ୍ ଗୁଡୂଚ୍ୟାଦି କ୍ୱାଥ	୯୩
ଘନଚନ୍ଦନାଦି କ୍ୱାଥ	୯୪
କିରାତାଦି କ୍ୱାଥ	୯୫
ବଟିକାପ୍ରୟୋଗ	**୯୬**
ଜ୍ୱାଳାମୁଖ ରସ	୯୬
ଜ୍ୱରଗଜକେଶରୀ ରସ	୯୭
ଶୀତାଙ୍କୁଶ ରସ	୯୭
ବାତଶ୍ଳେଷ୍ମା ଜ୍ୱର ଚିକିତ୍ସା	୯୮
ପଞ୍ଚଭୋଲ କ୍ୱାଥ	୯୯
ଆରଗ୍ୱଧାଦି କ୍ୱାଥ	୯୯
କ୍ଷୁଦ୍ରାଦି କ୍ୱାଥ	୧୦୦
ଦଶମୂଳୀ କ୍ୱାଥ	୧୦୦
ବଟିକା ପ୍ରୟୋଗ	**୧୦୧**
ଶୀତାଶ ରସ	୧୦୧
ଚନ୍ଦ୍ରଶେଖର ରସ	୧୦୨
ବୃହଚ୍ଚନ୍ଦ୍ରଶେଖରରସ	୧୦୨
ପିତ୍ତଶ୍ଳେଷ୍ମା ଜ୍ୱର ଚିକିତ୍ସା	**୧୦୩**
ଅମୃତାଷ୍ଟକ କ୍ୱାଥ	୧୦୩
କସତାଦି କ୍ୱାଥ	୧୦୪
ପଞ୍ଚତିକ୍ତ କଷାୟ	୧୦୪
କଣ୍ଟକାର୍ଯ୍ୟାଦି କ୍ୱାଥ	୧୦୫
ସନ୍ନିପାତ ଜ୍ୱର ଚିକିତ୍ସା	୧୦୬
ନସ୍ୟ ପ୍ରୟୋଗ	**୧୦୮**
ସୈନ୍ଧବାଦି ନସ୍ୟ	୧୦୮
ମଧୂକସାରାଦି ନସ୍ୟ	୧୦୮
ନିଷ୍ଠୀବନ ପ୍ରୟୋଗ	**୧୦୯**
ଆଦ୍ରକାଦି ନିଷ୍ଠୀବନ	୧୦୯
ଅବଲେହ ପ୍ରୟୋଗ	**୧୧୦**
ଅଷ୍ଟାଙ୍ଗାବଲେହ	୧୧୦
ଅଞ୍ଜନ ପ୍ରୟୋଗ	**୧୧୦**
ଶିରୀଷାଞ୍ଜନ	୧୧୦
ପାଚନ ପ୍ରୟୋଗ	**୧୧୧**
ଚତୁର୍ଦ୍ଦଶାଙ୍ଗ କ୍ୱାଥ	୧୧୧
ଭୂନିମ୍ବାଦ୍ୟଷ୍ଟାଦଶାଙ୍ଗ ପାଚନ	୧୧୨
ବୃହତ୍କଟ୍‌ଫଳାଦି କ୍ୱାଥ	୧୧୨
ଅଷ୍ଟାଦଶାଙ୍ଗ କ୍ୱାଥ	୧୧୪
ମାତୁଲୁଙ୍ଗାଦି କ୍ୱାଥ	୧୧୫
ବଟିକା ପ୍ରୟୋଗ	୧୧୬
ସୌଭାଗ୍ୟ ବଟି	୧୧୬
ଶ୍ରୀବେତାଳ ରସ	୧୧୭
ସ୍ୱଳ୍ପ କସ୍ତୁରୀ-ଭୈରବ	୧୧୮
ବୃହତ୍ କସ୍ତୁରୀ ଭୈରବ	୧୧୮
ସୂତିକାଭରଣ ରସ	୧୨୦

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ଆନନ୍ଦ ଭୈରବ ବଟି	୧୨୧
ତ୍ରୟୋଦଶ ସନ୍ନିପାତ	**୧୨୨**
ସନ୍ଧିକରୋଗ ଚିକିତ୍ସା	୧୨୨
ଅନ୍ତକରୋଗ ଚିକିତ୍ସା	୧୨୩
ରୁଗ୍ଦାହରୋଗ ଚିକିତ୍ସା	୧୨୪
ଚିତ୍ତବିଭ୍ରମରୋଗ ଚିକିତ୍ସା	୧୨୫
ଶୀତାଙ୍ଗରୋଗ ଚିକିତ୍ସା	୧୨୫
ତନ୍ଦ୍ରିକରୋଗ ଚିକିତ୍ସା	୧୨୬
କଣ୍ଠକୁବ୍ଜ ରୋଗ ଚିକିତ୍ସା	୧୨୭
କର୍ଣ୍ଣିକରୋଗ ଚିକିତ୍ସା	୧୨୯
ଭଗ୍ନନେତ୍ରରୋଗ ଚିକିତ୍ସା	୧୩୧
ରକ୍ତଷ୍ଠୀବିରୋଗ ଚିକିତ୍ସା	୧୩୩
ପ୍ରଳାପକରୋଗ ଚିକିତ୍ସା	୧୩୪
ଜିହ୍ୱକରୋଗ ଚିକିତ୍ସା	୧୩୫
ଅଭିନ୍ୟାସରୋଗ ଚିକିତ୍ସା	୧୩୬
ଜୀର୍ଣ୍ଣ ବା ବିଷମଜ୍ୱର ଚିକିତ୍ସା	**୧୩୯**
ପାଚନ ପ୍ରୟୋଗ	୧୩୯
ନିଦିଗ୍ଧିକା କ୍ୱାଥ	୧୩୯
ସ୍ୱର୍ଗ୍ୟାଦି କାଥ	୧୪୦
ସନ୍ତତାଦି ଜ୍ୱରେ କଳିଙ୍ଗାଦି କ୍ୱାଥ	୧୪୧
ମହୌଷଧାଦି କ୍ୱାଥ	୧୪୪
ପଟୋଳାଦି କ୍ୱାଥ	୧୪୫
ଚାତୁର୍ଥିକ ଜ୍ୱରେ ବାସକାଦି କ୍ୱାଥ	୧୪୫
ସନ୍ନିଜ୍ୱରେ ଗୁଡୂଚ୍ୟାଦି କ୍ୱାଥ	୧୪୭
ମଧୂକାଦି କାଥ	୧୪୭
ଅନ୍ୟ ସ୍ୱର୍ଗ୍ୟାଦି କ୍ୱାଥ	୧୪୭
ଦାସ୍ୟାଦି କ୍ୱାଥ	୧୪୮
ଦାର୍ବ୍ୟାଦି କ୍ୱାଥ	୧୫୦
ବଟିକା ପ୍ରୟୋଗ	**୧୫୧**
ବିଷମଜ୍ୱରେ	
ଚନ୍ଦନାଦି ଲୌହ	୧୫୧
ଜୟମଙ୍ଗଳ ରସ	୧୫୨
ଚଯନ୍ତମ ଲକ୍ଷ୍ମୀ ରସ	୧୫୩
ସର୍ବଜ୍ୱରହର ଲୌହ	୧୫୪
ପୁଟପାକ ବିଷମଜ୍ୱରାନ୍ତକ ଲୌହ	୧୫୫
ଲକ୍ଷ୍ମୀବିଳାସ ରସ	୧୫୭
ଚୂର୍ଣ୍ଣ ପ୍ରୟୋଗ	**୧୫୯**
ସୁଦର୍ଶନ ଚୂର୍ଣ୍ଣ	୧୫୯
ତୈଳ ପ୍ରକରଣ	**୧୬୧**
ଜଳତୈଳ ମୂର୍ଚ୍ଛା	୧୬୧
ସୋଢ଼ଷତୈଳ ମୂର୍ଚ୍ଛା	୧୬୩
ଏରଣ୍ଡ ତୈଳ ମୂର୍ଚ୍ଛା	୧୬୪
ତୈଳ ପ୍ରୟୋଗ	**୧୬୫**
ଲାକ୍ଷାଦି ତୈଳ	୧୬୫

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ମହାଲାକ୍ଷାଦ୍ୟ ତୈଳ	୧୬୭
ଅଙ୍ଗାରକ ତୈଳ	୧୬୮
ଘୃତ ମୂର୍ଚ୍ଛା	୧୬୯
କ୍ଷୀରଷଟ୍ପଳକ ଘୃତ	୧୭୦
ପିପ୍ପଲ୍ୟାଦ୍ୟ ଘୃତ	୧୭୧
ମୁଷ୍ଟିଯୋଗ	୧୭୨
ଅଷ୍ଟାଙ୍ଗ ଧୂପ	୧୭୪
ଅପରାଜିତା ଧୂପ	୧୭୪
ଦୈବ ପ୍ରୟୋଗ	୧୭୮
ଜ୍ୱରରୋଗେ ପଥ୍ୟ	୧୭୯
ଜ୍ୱରାତିସାର ଚିକିତ୍ସା	୧୮୧
ହ୍ରୀବେରାଦ୍ୟ କ୍ୱାଥ	୧୮୩
ଉଶୀରାଦ୍ୟ କ୍ୱାଥ	୧୮୩
ଗୁଡୂଚ୍ୟାଦ୍ୟ କ୍ୱାଥ	୧୮୪
ନାଗରାଦ୍ୟ କ୍ୱାଥ	୧୮୪
ଚୂର୍ଣ୍ଣ ପ୍ରୟୋଗ	**୧୮୫**
ଉତ୍ପଳାଦ୍ୟ ଚୂର୍ଣ୍ଣ	୧୮୫
ବ୍ୟୋଷାଦ୍ୟ ଚୂର୍ଣ୍ଣ	୧୮୫
ବୃହତ୍ କୁଟଜାଦି ଲେହ	୧୮୬
ବଟିକା ପ୍ରୟୋଗ	**୧୮୮**
ଆନନ୍ଦଭୈରବ ବଟି	୧୮୮
ମୃତସଞ୍ଜୀବନୀ ବଟି	୧୮୮
କନକସୁନ୍ଦରୀ ବଟି	୧୮୯
ପ୍ରାଣେଶ୍ୱର ବଟି	୧୯୦
ସିଦ୍ଧ ପ୍ରାଣେଶ୍ୱର ବଟି	୧୯୧

ବିଷୟ	ପୃଷ୍ଠା
ଅତିସାର ଚିକିତ୍ସା	**୧୯୨**
ଲକ୍ଷଣ	୧୯୨
ଚିକିତ୍ସା	୧୯୨
ଧାନ୍ୟପଞ୍ଚକ	୧୯୩
କଞ୍ଚଟାଦ୍ୟ କ୍ୱାଥ	୧୯୪
କୁଟଜାଦ୍ୟ କ୍ୱାଥ	୧୯୪
ପଥ୍ୟାଦ୍ୟ କ୍ୱାଥ	୧୯୪
ଶୁଣ୍ଠ୍ୟାଦ୍ୟ ଚୂର୍ଣ୍ଣ	୧୯୫
ବାତାତିସାରେ ପଥ୍ୟାଦ୍ୟ କ୍ୱାଥ	୧୯୫
ବଚାଦ୍ୟ କ୍ୱାଥ	୧୯୫
ପିତ୍ତାତିସାରେ ବଳାଦ୍ୟ କ୍ୱାଥ	୧୯୬
କଟ୍ଫଲାଦ୍ୟ କ୍ୱାଥ	୧୯୬
ଅତିବିଷାଦ୍ୟ ଚୂର୍ଣ୍ଣ	୧୯୬
ମଧୂକାଦ୍ୟ ଚୂର୍ଣ୍ଣ	୧୯୬
ଶ୍ଳେଷ୍ମାତିସାରେ ପଥ୍ୟାଦ୍ୟ କ୍ୱାଥ	୧୯୬
ଚବ୍ୟାଦ୍ୟ କ୍ୱାଥ	୧୯୬
ପଥ୍ୟାଦ୍ୟ ଚୂର୍ଣ୍ଣ	୧୯୮
ହିଙ୍ଗ୍ୱାଦ୍ୟ ଚୂର୍ଣ୍ଣ	୧୯୮
ବାତଶ୍ଳେଷ୍ମାତିସାରେ	
ଚଣକାଦ୍ୟ କ୍ୱାଥ	୧୯୮
ପିତ୍ତଶ୍ଳେଷ୍ମାତିସାରେ	
ମୁସ୍ତକାଦ୍ୟ କ୍ୱାଥ	୧୯୯
ସମଙ୍ଗାଦ୍ୟ କ୍ୱାଥ ଓ କଲ୍କ	୧୯୯
ବାତପିତ୍ତାତିସାରେ	୨୦୦
ତ୍ରିଦୋଷ ଅତିସାରେ	
ସମଙ୍ଗାଦ୍ୟ କଷାୟ	୨୦୦

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ପଞ୍ଚମୂଳୀ ବଳାଦି କ୍ୱାଥ	୧୦୧
ଶୋଥଜ ଅତିସାରେ	
ପୃଷ୍ନିପର୍ଣ୍ଣ୍ୟାଦି କ୍ୱାଥ	୧୦୨
ପଟୋଳାଦି କ୍ୱାଥ	୧୦୨
ନାରାୟଣ ଚୂର୍ଣ୍ଣ	୧୦୩
କୁଟଜ ପୁଟପାକ	୧୦୩
ଦାଡ଼ିମ ପୁଟପାକ	୧୦୪
କୁଟଜାଷ୍ଟକ	୧୦୫
ଆମାତିସାରେ	୧୦୫
ଶୋଥାତିସାରେ	୧୦୬
ଚଡ଼ଙ୍ଗାଦି କ୍ୱାଥ	୧୦୬
ଅତିସାରେ ରସ ପ୍ରୟୋଗ	**୧୦୬**
ପ୍ରାଣେଶ୍ୱର ରସ	୧୦୬
ଜାତିଫଳ ରସ	୧୦୭
କର୍ପୂର ରସ	୧୦୮
ଅଭୟ ନୃସିଂହ	୧୦୯
ହିମାଂଶୁ ରସ	୧୧୦
କୁମୁଦାକର ରସ	୧୧୦
ଅହିଫେନ ବଟ	୧୧୧
ଅତିସାରେ ମୁଷ୍ଟିଯୋଗ	୧୧୨
ଗୁଡ଼ବଲ	୧୧୩
ଅତିସାରେ ପଥ୍ୟ	୧୧୫
ଗ୍ରହଣୀରୋଗ ଚିକିତ୍ସା	**୧୧୬**

ବିଷୟ	ପୃଷ୍ଠା
ଲକ୍ଷଣ	୧୧୬
ଚିକିତ୍ସା	୧୧୬
ବାତଜ ଗ୍ରହଣୀ ଚିକିତ୍ସା	୧୧୬
ଧନ୍ୟାକାଦି କ୍ୱାଥ	୧୧୭
ପୈତ୍ତିକ ଗ୍ରହଣୀ ଚିକିତ୍ସା	୧୧୮
ଚିତ୍ରାଦି କଷାୟ	୧୧୮
ନାଗରାଦ୍ୟ ଚୂର୍ଣ୍ଣ	୧୧୮
ଶ୍ଳୈଷ୍ମିକ ଗ୍ରହଣୀ ଚିକିତ୍ସା	୧୧୯
ଗୁରୁଭଦ୍ର କ୍ୱାଥ	୧୧୯
ପିପ୍ପଳ୍ୟାଦ୍ୟ ଚୂର୍ଣ୍ଣ	୧୧୯
ଶଠ୍ୟାଦି ଚୂର୍ଣ୍ଣ	୧୨୦
ଆମ ଗ୍ରହଣୀରେ ଚଣ୍ଡକ ଗୁଟିକା	୧୨୦
ବାତଶ୍ଳେଷ୍ମା ଗ୍ରହଣୀ ଚିକିତ୍ସା	୧୨୧
କର୍ପୂରାଦି ଚୂର୍ଣ୍ଣ	୧୨୧
ପିତ୍ତଶ୍ଳେଷ୍ମା ଗ୍ରହଣୀ ଚିକିତ୍ସା	୧୨୧
ବାତପିତ୍ତ ଗ୍ରହଣୀ ଚିକିତ୍ସା	୧୨୧
ମୁସ୍ତ୍ୟାଦି ଗୁଟିକା	୧୨୧
ସାନ୍ନିପାତିକ ଗ୍ରହଣୀ ଚିକିତ୍ସା	୧୨୨
ମହାଗଙ୍ଗାଧର ଚୂର୍ଣ୍ଣ	୧୨୩
ବୃହତ୍ ଗଙ୍ଗାଧର ଚୂର୍ଣ୍ଣ	୧୨୩
ଲବଙ୍ଗାଦି ଚୂର୍ଣ୍ଣ	୧୨୪
ନାୟିକା ଚୂର୍ଣ୍ଣ	୧୨୫
ଅଗ୍ନିକୁମାର ରସ	୧୨୫
ସ୍ୱଳ୍ପ ଗ୍ରହଣୀକପାଟ ରସ	୧୨୬

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ଭାଙ୍ଗଣାଦ୍ୟ ବଟି	୧୨୭
ବୃହତ୍ ଗ୍ରହଣୀକପାଟ	୧୨୭
ଜାତିଫଳାଦ୍ୟା ବଟି	୧୨୮
ଗ୍ରହଣୀଶାର୍ଦ୍ଦୂଳ ବଟି	୧୨୮
ଶ୍ରୀ ନୃପତିବଲ୍ଲଭ	୧୨୯
ପୀୟୂଷବଲ୍ଲୀ ରସ	୧୩୦
ମହାଗନ୍ଧକ	୧୩୧
ରସପର୍ପଟୀ	**୧୩୨**
ପର୍ପଟୀ ପାକ-ଗନ୍ଧକ-ଶୋଧନ-ବିଧି	୧୩୪
ସ୍ୱର୍ଣ୍ଣପର୍ପଟୀ	୧୩୬
ମୁସ୍ତକାଦ୍ୟ ମୋଦକ	**୧୩୭**
ଜୀରକାଦ୍ୟ ମୋଦକ	୧୩୮
ଅଗ୍ନିକୁମାର ମୋଦକ	୧୪୦
ମେଥି ମୋଦକ	୧୪୧
ଶୃଙ୍ଗବେର ଘୃତ	୧୪୩
ଗ୍ରହଣୀମିହିର ତୈଳ	୧୪୪
ମୁଷ୍ଟିଯୋଗ	**୧୪୫**
ଗ୍ରହଣୀ ରୋଗରେ ପଥ୍ୟ	୧୪୭
ଅର୍ଶରୋଗ	**୧୪୮**
ଲକ୍ଷଣ	୧୪୮
ଚିକିତ୍ସା	୧୪୮
ମରିଚାଦ୍ୟ ଚୂର୍ଣ୍ଣ	୧୪୯
ସମଶର୍କର ଚୂର୍ଣ୍ଣ	୧୪୯
ମାଣିଭଦ୍ର ମୋଦକ	୧୫୦
ସ୍ୱଳ୍ପଶୂରଣ ମୋଦକ	୧୫୦
ପ୍ରାଣଦା ଗୁଟିକା	୧୫୧
କୁଟଜ ଲେହ	୧୫୨
ଚବ୍ୟାଦି ଘୃତ	୧୫୩
ବୃହତ କାସୀସାଦ୍ୟ ତୈଳ	୧୫୪
ଅଭୟାରିଷ୍ଟ	୧୫୫
ଅର୍ଶରୋଗେ ମୁଷ୍ଟିଯୋଗ	୧୫୬
ଅର୍ଶରୋଗେ ପଥ୍ୟ	୧୫୬
ଅଗ୍ନିମାନ୍ଦ୍ୟ ଓ ଅଜୀର୍ଣ୍ଣ ଚିକିତ୍ସା	**୧୫୭**
ଲକ୍ଷଣ	୧୫୭
ଚିକିତ୍ସା	୧୫୮
ସୈନ୍ଧବାଦ୍ୟ ଚୂର୍ଣ୍ଣ	୧୫୯
ହିଙ୍ଗ୍ୱଷ୍ଟକ ଚୂର୍ଣ୍ଣ	୧୫୯
ଅଗ୍ନିମୁଖ ଚୂର୍ଣ୍ଣ	୧୫୯
ମହୌଷଧାଦ୍ୟ ଚୂର୍ଣ୍ଣ ଓ ଗୁଟିକା	୧୬୦
ଭାସ୍କର ଲବଣ	୧୬୧
ରାମବାଣ ରସ	୧୬୧
ମହାଶଙ୍ଖ ବଟୀ	୧୬୩
ଅମୃତ ବଟୀ	୧୬୩
ଅଜୀର୍ଣ୍ଣ ରୋଗ ଚିକିତ୍ସା	୧୬୪
ଭକ୍ରିକ୍ଷାର	୧୬୪
କର୍ପୂରାଦ୍ୟ ବଟୀ	୧୬୫

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ବସୂଚତା ରେଗେ	
ଅଜୀର୍ଣ୍ଣକଣ୍ଟକ ରସ	୨୬୭
ଅଗ୍ନିକୁମାର ରସ	୨୬୭
ବିସୂଚୀ ବିଧ୍ୱଂସନ ରସ	୨୬୭
ଲବଙ୍ଗାଦ୍ୟ ମୋଦକ	୨୬୮
ମୂତ୍ରକାଶ୍ମ	୨୬୯
କର୍ପୂରାସବ	୨୭୦
ମୁଷ୍ଟିଯୋଗ	୨୭୦
ପଥ୍ୟ	୨୭୨
କୃମି ଚିକିତ୍ସା	**୨୭୩**
ଲକ୍ଷଣ	୨୭୩
ଚିକିତ୍ସା	୨୭୪
ମୁସ୍ତାଦି କ୍ୱାଥ	୨୭୪
ପାରସ୍ୟାଦି ଚୂର୍ଣ୍ଣ	୨୭୪
କୃମିଘାତିନୀ ବଟୀ	୨୭୪
କୃମି-ମୁଦ୍ଗର ରସ	୨୭୫
ସ୍ୱଣଦ୍ରାଖଣ୍ଡ	୨୭୫
ପାରିଭଦ୍ରାବଲେହ	୨୭୭
ଅପରାଜିତା ଧୂପ	୨୭୭
ବିଡଙ୍ଗାଦି ଘୃତ	୨୭୭
ବୃହତ୍ ବିଡଙ୍ଗାଦି ତୈଳ	୨୭୮
ମୁଷ୍ଟିଯୋଗ	୨୮୦
ଅପଥ୍ୟ	୨୮୦
ପାଣ୍ଡୁକାମଳ ଚିକିତ୍ସା	**୨୮୧**
ଲକ୍ଷଣ	୨୮୧
ଚିକିତ୍ସା	୨୮୧
ଫଳତ୍ରିକାଦି କ୍ୱାଥ	୨୮୧
ବାସକ କ୍ୱାଥ	୨ ୨
ନବାୟସ ଚୂର୍ଣ୍ଣ	୨୮୨
ତ୍ରିକଟ୍ୱାଦି ଲୌହ	୨ ୨
ପୁନର୍ନବ ମଣ୍ଡୁର	୨୮୩
ବିଡଙ୍ଗାଦି ଲୌହ	୨୮୪
ପଞ୍ଚାମୃତଲୌହ ମଣ୍ଡୁର	୨୮୪
ଅମୃତଲତାଦ୍ୟ ଘୃତ	୨୮୫
ବ୍ୟୋଷାଦ୍ୟ ଘୃତ	୨ ୬
ପୁନର୍ଣବାଦି ତୈଳ	୨୮୭
ମୁଷ୍ଟିଯୋଗ	୨୮୮
ପଥ୍ୟ	୨୮୯
ରକ୍ତପିତ୍ତ ଚିକିତ୍ସା	**୨୯୦**
ଲକ୍ଷଣ	୨୯୦
ଚିକିତ୍ସା	୨୯୧
ବାସକ କ୍ୱାଥ	୨୯୧
ଧାନ୍ୟକାଦି କ୍ୱାଥ	୨୯୨
ହ୍ରୀବେରାଦି କ୍ୱାଥ	୨୯୨
ଉଶୀରାଦି ଚୂର୍ଣ୍ଣ	୨୯୩
ଏଳାଦି ଗୁଟିକା	୨୯୪
କୁଷ୍ମାଣ୍ଡ ଖଣ୍ଡ	୨୯୪
ବାସାକୁଷ୍ମାଣ୍ଡ ଖଣ୍ଡ	୨୯୬
ଅଭ୍ର ରସାୟନ	୨୯୮
ସମଶର୍କର ଲୌହ	୨୯୯

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ମୂତ୍ରାଦ୍ୱ ମେ ଦକ	୨୯୯
ବାସାଦ୍ଘୃତ	୩୦୧
ଦୂର୍ବାଦ୍ୟ ଘୃତ	୩୦୧
ନ୍ଦଶୀରସବ	୩୦୩
ମୁଷ୍ଟିଯୋଗ	୩୦୫
ପଥ୍ୟ	୩୦୭
ରାଜଯକ୍ଷ୍ମା ଚିକିତ୍ସା	**୩୦୮**
ଲକ୍ଷଣ	୩୦୮
ଚିକିତ୍ସା	୩୦୯
ଷଡ଼ଙ୍ଗ ଯୂଷ	୩୧୦
ଏଳାଦି ଚୂର୍ଣ୍ଣ	୩୧୧
ହିଙ୍ଗ୍ୱାଦି ଚୂର୍ଣ୍ଣ	୩୧୧
ସପ୍ତଦଶାଙ୍ଗ କ୍ୱାଥ	୩୧୨
ଅଷ୍ଟାଦଶାଙ୍ଗ କ୍ୱାଥ	୩୧୩
ମୃଗାଙ୍କ	୩୧୩
ଶୃଙ୍ଗ୍ୟର୍ଜ୍ଜୁନାଦ୍ୟ ଚୂର୍ଣ୍ଣ	୩୧୪
ତାଳିଶାଦି ଚୂର୍ଣ୍ଣ	୩୧୫
ସିତୋପଳାଦି ଅବଲେହ	୩୧୬
ବୃହଦ୍ ବାସାବ ଲେହ	୩୧୭
ରସାର୍ଣ୍ଣବୋକ୍ତ ବୃହଦ୍	
ବାସାବାଲେହ	୩୧୮
ଚ୍ୟବନପ୍ରାସ	୩୧୯
ଶିଳାଜତ୍ୱାଦି ଲୌହ	୩୨୩
କ୍ଷୟକେଶରୀ	୩୨୩
ମୃଗାଙ୍କ ବଟିକା	୩୨୪

ବିଷୟ	ପୃଷ୍ଠା
କାଞ୍ଚନାଭ୍ର ରସ	୩୨୫
ବୃହତ୍ କାଞ୍ଚନାଭ୍ର ରସ	୩୨୬
ବୃହଚ୍ଚନ୍ଦ୍ରାମୃତ ରସ	୩୨୭
ଛାଗଳାଦ୍ୟ ଘୃତ	୩୨୮
ଚନ୍ଦନାଦି ତୈଳ	୩୩୧
ଅଶ୍ୱଗନ୍ଧା ଘୃତ	୩୩୩
ଦ୍ରାକ୍ଷାରିଷ୍ଟ	୩୩୪
ମୁଷ୍ଟିଯୋଗ	୩୩୫
ପଥ୍ୟ	୩୩୬
କାସରୋଗ ଚିକିତ୍ସା	**୩୩୭**
ଲକ୍ଷଣ	୩୩୭
ବାତଜ କାସ-ଚିକିତ୍ସା	୩୩୮
ପିତ୍ତଜ କାସ-ଚିକିତ୍ସା	୩୪୦
କଫଜ କାସ-ଚିକିତ୍ସା	୩୪୧
କ୍ଷତଜ କାସ-ଚିକିତ୍ସା	୩୪୨
କ୍ଷୟଜ କାସ-ଚିକିତ୍ସା	୩୪୩
ମରିଚ୍ୟାଦ୍ୟ ଚୂର୍ଣ୍ଣ	୩୪୪
ବୃହତ୍ତାଳୀଶାଦ୍ୟ ଚୂର୍ଣ୍ଣ	୩୪୪
ତାଳୀଶାଦ୍ୟ ଚୂର୍ଣ୍ଣ	୩୪୫
ପଞ୍ଚାମୃତ ରସ	୩୪୫
ଚନ୍ଦ୍ରାମୃତ ବଟୀ	୩୪୭
କାସକୁଠାର	୩୪୭
ଶୃଙ୍ଗାରାଭ୍ର	୩୪୭
କଫକେତୁ	୩୪୯
ରସେନ୍ଦ୍ର କଫକେତୁ	୩୫୦

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ଶଶିପ୍ରଭା ବଟିକା	୩୫୦
କାସଲକ୍ଷ୍ମୀ ବିଳାସ	୩୫୧
ବସନ୍ତତିଲକ ରସ	୩୫୨
ବ୍ୟାଘ୍ରୀ ହରୀତକୀ	୩୫୩
କଣ୍ଟକାର୍ଯ୍ୟ ଘୃତ	୩୫୫
ବାସାଚନ୍ଦନାଦି ତୈଳ	୩୫୬
ମୁଷ୍ଟିଯୋଗ	୩୫୮
ପଥ୍ୟ	୩୬୦
ହିକ୍କାଶ୍ୱାସ ଚିକିତ୍ସା	**୩୬୨**
ଲକ୍ଷଣ	୩୬୨
ଚିକିତ୍ସା	୩୬୩
ପର୍ଣ୍ଣୀାସ-ପଞ୍ଚକ	୩୬୪
ହରିଦ୍ରା ଚୂର୍ଣ୍ଣ	୩୬୫
ଶୃଙ୍ଗ୍ୟାଦି ଚୂର୍ଣ୍ଣ	୩୬୫
ଉଶୀରାଦି ଚୂର୍ଣ୍ଣ	୩୬୬
ପିପଲ୍ୟାଦି ଲୌହ	୩୬୬
ଭାର୍ଗୀ ଗୁଡ଼	୩୬୭
ଭାର୍ଗୀ ଶର୍କରା	୩୬୯
ଶ୍ୱାସାରି ଲୌହ	୩୭୧
ଶ୍ୱାସ ଚିନ୍ତାମଣି	୩୭୨
ରସସିନ୍ଦୂର ଚୂର୍ଣ୍ଣ	୩୭୩
ସୁବର୍ଣ୍ଣ ଗୁଟିକା	୩୭୪
ଶ୍ୱାସକୁଠାର ରସ	୩୭୫
କନକାସବ	୩୭୬
ମୁଷ୍ଟିଯୋଗ	୩୭୭
ସ୍ୱରଭଙ୍ଗ ଚିକିତ୍ସା	**୩୮୧**
ଲକ୍ଷଣ	୩୮୧
ଚିକିତ୍ସା	୩୮୨
ମୃଗନାଭ୍ୟାଦ୍ୟବଲେହ	୩୮୨
ଚବ୍ୟାଦି ଚୂର୍ଣ୍ଣ	୩୮୩
କଲ୍ୟାଣାବଲେହ	୩୮୩
ବ୍ରାହ୍ମୀ ଘୃତ	୩୮୪
କିନ୍ନରକଣ୍ଠ ରସ	୩୮୬
ସାରସ୍ୱତାରିଷ୍ଟ	୩୮୬
ମୁଷ୍ଟିଯୋଗ	୩୯୦
ଅରୁଚି ଚିକିତ୍ସା	**୩୯୧**
ଲକ୍ଷଣ	୩୯୧
ଚିକିତ୍ସା	୩୯୨
ଦାଡ଼ିମ୍ବାଦି ଚୂର୍ଣ୍ଣ	୩୯୨
ଯାବାନୀ ଖାଣ୍ଡବ	୩୯୩
ଚିନ୍ତ୍ରାଡ଼ି ପାଚକ	୩୯୩
ରସାଳା	୩୯୫
ରସକେଶରୀ	୩୯୬
ମୁଷ୍ଟିଯୋଗ	୩୯୭
ବମନ ଚିକିତ୍ସା	**୩୯୮**
ଲକ୍ଷଣ	୩୯୮
ଚିକିତ୍ସା	୩୯୯
ଜମ୍ବ୍ୱାଦି କ୍ୱାଥ	୪୦୩
ଆମ୍ରାସ୍ଥ୍ୟାଦି କ୍ୱାଥ	୪୦୩
ଗୁଡ଼ୂଚ୍ୟାଦି କ୍ୱାଥ	୪୦୪
ଏଳାଦି ଚୂର୍ଣ୍ଣ	୪୦୪

GPNanda Colln., Digitized by srujanika@gmail.com

ବିଷୟ	ପୃଷ୍ଠା
ବୃଷଧ୍ୱଜ ରସ	୪୦୫
ମୁଷ୍ଟିଯୋଗ	୪୦୬
ପଥ୍ୟ	୪୦୭
ତୃଷାରୋଗ ଚିକିତ୍ସା	**୪୦୮**
ଲକ୍ଷଣ	୪୦୮
ଚିକିତ୍ସା	୪୦୯
ମହୋଦଧି ରସ	୪୧୧
ମୁଷ୍ଟିଯୋଗ	୪୧୨
ପଥ୍ୟ	୪୧୩
ଦାହରୋଗ ଚିକିତ୍ସା	**୪୧୪**

ବିଷୟ	ପୃଷ୍ଠା
ଲକ୍ଷଣ	୪୧୫
ଚିକିତ୍ସା	୪୧୫
ଚନ୍ଦନାଦ୍ୟ କଷାୟ	୪୧୬
ତ୍ରିଫଳାଦି କ୍ୱାଥ	୪୧୬
ପର୍ପଟାଦ୍ୟ	୪୧୬
ଦାହାନ୍ତକ ରସ	୪୧୬
ସୁଧାକର ରସ	୪୧୯
ବୃହତ୍ ପାଟେଶ୍ୱର ମୋଦକ	୪୨୦
କାଞ୍ଜିକାଦ୍ୟ ତୈଳ	୪୨୨
ମୁଷ୍ଟିଯୋଗ	୪୨୨
ପଥ୍ୟ	୪୨୫

———

GPNanda Colln., Digitized by srujanika@gmail.com

ବୈଦ୍ୟରତ୍ନ ୰ ବାଲୁକେଶ୍ୱର ଆଚାର୍ଯ୍ୟ, ଭିଷକରତ୍ନ

GPNanda Colln., Digitized by srujanika@gmail.com

ଚିକିତ୍ସା-ତରଙ୍ଗ

ମଙ୍ଗଳାଚରଣ ଓ ଚିକିତ୍ସକ ପ୍ରଶଂସା

(ରାଗ - ବଙ୍ଗଳାଶ୍ରୀ)

ଜଗତ ଈଶ୍ୱର ପ୍ରଭୁ ପରାତ୍ପର
ପଦେ ନମି ଭକ୍ତିଭରେ,
ଆଗମ ବଚନ ଚିକିତ୍ସା-ସଦନ
ପଢି ଲେଖିଲ ସରଳେ ।
ଗୁରୁଙ୍କ ପାଖରେ ବସି ଏକାନ୍ତରେ
ଆୟୁର୍ବେଦ ଗ୍ରନ୍ଥମାନ,
ପଢ଼ିବ ଯତନେ ଆନନ୍ଦିତ ମନେ
ହୃଦୁଁ ତେଜି ଅଭିମାନ ।
ଅମୃତ ହସ୍ତକ ହେବ ଚିକିତ୍ସକ
ଔଷଧାଦି ନିର୍ମାଣେ,
ଦକ୍ଷ, ନିରଭିମାନ, ଧୀର ଧୈର୍ଯ୍ୟଗୁଣେ
ଦୟା କରୁଥିବ ମନେ ।
ଏହି ଭଳି ବୈଦ୍ୟ ଜଗତରେ ବନ୍ଦ୍ୟ
ଶାସ୍ତ୍ରେ ହୋଇଛି ଉକତ,
ଅନ୍ୟ ବୈଦ୍ୟମାନେ ଉଦର ପୋଷଣେ
ଚିକିତ୍ସା କରନ୍ତି ବୃଥା ।

GPNanda Colln., Digitized by srujanika@gmail.com

ରୋଗୀ-ପରୀକ୍ଷା

ରୋଗୀର ସ୍ୱନ, ମଳ, ମୂତ୍ର, ଚର୍ମ,
ବୈଦ୍ୟ ଦେଖିବ ନିରେଖି,
ଚକ୍ଷୁ ପରେ ନାଡ଼ୀ ଧରିବ ସଜାଡ଼ି
ଦୋଷ ଜାଣିବ ପରଖି ।
ରୋଗର ବୃତ୍ତାନ୍ତ ପ୍ରଥମେ ଆଦି ଅନ୍ତ
ରୋଗୀ-ସେବକ ପାଖରୁ,
ଏକ ମନେ ଶୁଣି ମନେ ମନେ ଗୁଣି
ରୋଗ ଚିହ୍ନ ଲଘୁ ଗୁରୁ ।
ଦେଶ-କାଳ-ପାତ୍ର ଭେଦ ଭାବି ନିତ୍ୟ
କରିବ ରୋଗ ନିର୍ଣ୍ଣୟ,
ମିଳାଇ ନିଦାନ ଔଷଧ ବିଧାନ
ବତାଇ ଦେବ ଅଭୟ ।
ରୋଗକୁ ବିଧିରେ ନିଦାନ ବାକ୍ୟରେ
ନିଶ୍ଚୟ କରି ମନରେ,
ଦୋଷ ଉପଶମ ରୋଗ-ବିନାଶନ
ଔଷଧ କରିବ ପରେ ।
ପଥ୍ୟାପଥ୍ୟ ଆଦି ଚଳାଚଳ ବିଧି
ରୋଗୀକୁ ଦେବ ବୁଝାଇ,
ରୋଗୀ ଅନୁକୂଳ ବଚନ ସକଳ
କହିବ ବନ୍ଧୁଙ୍କୁ ଧାଇଁ ।

GPNanda Colln., Digitized by srujanika@gmail.com

ନାଡ଼ୀ-ପରୀକ୍ଷା

ରୋଗୀର ଦକ୍ଷିଣ— ହସ୍ତରେ ଗମନ
କରୁଥିବ ଜୀବନାଡ଼ୀ,
ବାମ ହସ୍ତେ ଧର ପ୍ରଭୁଙ୍କୁ ସ୍ମରି
ଦୋଷ ଦେଖ ଶାସ୍ତ୍ର ପଢ଼ି ।
ପୁରୁଷ ଦକ୍ଷିଣ, ନାରୀଙ୍କର ବାମ—
ହାତ ନାଡ଼ୀ ଦେଖ ଧୀରେ,
ତର୍ଜନୀ, ମଧ୍ୟମା, ଅନାମିକ-ଟିପ
ଏକାଇଣ ତଥି ପରେ ।
ତର୍ଜନୀରେ ବାତ, ମଧ୍ୟମାରେ ପିତ୍ତ
ଅନାମିକା ତଳେ କଫ,
କରୁଥାନ୍ତି ଚେଷ୍ଟ ମାନବର ଶକ୍ତି-
ଅନୁପାତେ ଧପ ଧପ ।
ତର୍ଜନୀ ମଧ୍ୟମା ମଧ୍ୟରେ ଗମଇ
ବାତ-ପିତ୍ତ ନାଡ଼ୀ ଧୀରେ,
ମଧ୍ୟମାଽନାମିକା ବାତଶ୍ଳେଷ୍ମ ଧ୍ଵଜା
ମନ୍ଦେ ମନ୍ଦେ ଗତି କରେ ।
ପିତ୍ତକଫାଧିକା ଲାଗଇ ନାଡ଼ିକା
ଅନାମିକା ତର୍ଜନୀରେ,
ସନ୍ନିପାତ ବେଗେ ଧୀରେ ଧୀରେ ଲାଗେ
ତିନି ଗୋଟି ଅଙ୍ଗୁଳିରେ ।
ଷାଠିଏଟି ଗୁରୁ (ଦର୍ଘ) ବର୍ଣ୍ଣ ଉଚ୍ଚାରଣେ
ଯେତେ ସମୟ ଲାଗିବ,

GPNanda Colln., Digitized by srujanika@gmail.com

ଯେହୁ ସମସ୍ତଙ୍କୁ   ଏକ ପଳ ବୋଲି
ଗଣିତ ଶାସ୍ତ୍ର ଧରିବ ।
ପିଲାମାନଙ୍କର   ନାଡ଼ୀର ସ୍ପନ୍ଦନ
ଗୁଳଣରୁ ଯେ ଚଞ୍ଚାଶ,
ପଳକ ମଧ୍ୟରେ   ଯୁ-କଲୋକର
ପଞ୍ଚବିଂଶରୁ ଗୁଳଣ ।
ବାର୍ଦ୍ଧକ୍ୟରେ ନାଡ଼ୀ   ସ୍ଫୁରିତ ହୁଅଇ
ସତାଇଶ ଅଠାଇଶ,
ସଦ୍ୟଜାତ ଶିଶୁ   ମାନଙ୍କର ସ୍ଫୁରେ
ଛପନ ଥର ଅବଶ୍ୟ ।
ବାୟୁ-ଆଧିକ୍ୟରେ   ନାଡ଼ୀ ଗତି କରେ
ହାତେ ବଙ୍କା ବଙ୍କା ହୋଇ,
ପିତ୍ତର ଆଧିକ୍ୟେ   ଡେଇଁ ଡେଇଁ ଗଲେ
ଗତି ଚଞ୍ଚଳ ହୁଅଇ ।
କଫ ପ୍ରକୋପରେ   ମନ୍ଦ ଗତି କରେ
ଦୁଇ ଦୋଷେ ମନ୍ଦ ଗତି,
ତ୍ରିଦୋଷରେ ନାଡ଼ୀ   ଚଞ୍ଚଳ ହୁଅଇ
ତାହା ଜାଣିବ ସୁମତି ।
ବାୟୁ ପ୍ରକୋପରେ   ନାଡ଼ୀ ଗତି କରେ
ଜୋକ ସାପର ସମାନ,
କଜଳପାତିଆ,   କାକ, ବେଙ୍ଗ ଗତି
ଧରେଇ ଚିତ୍ତ ଦେଇଣ ।
ହଂସ, ପାରାବତ   ଗଗନେ ଚଳନ୍ତି
କଫନାଡ଼ୀ ମନ୍ଦେ ମନ୍ଦେ,

GPNanda Colln., Digitized by srujanika@gmail.com

ତ୍ରିଦୋଷେ ଗଗନ ଚରଇ ବଦନ
ନିଜ, ତିତିଗ୍ଧର ପରେ ।
କ୍ଷଣେ ଭୃଙ୍ଗ ଗତି କ୍ଷଣେ ମନ୍ଦଗତି
ଧରଇ ନାଡ଼ୀ ତ୍ରିଦୋଷେ,
ମଣିବନ୍ଧଠାରୁ ନାଡ଼ୀ ଗୁଡ଼ଗଲେ
ପ୍ରାଣ ଯାଏ ନିଜ ଦେଶେ ।
ନାଡ଼ୀ କିଛି କ୍ଷଣ ହସ୍ତେ ଲୁଚିଯାଇ
ପୁନରପି ଦେଖା ଦେଲେ,
ରୋଗୀ ଅବିଳମ୍ବେ ଯମ-ସଦନକୁ
ଗମଇ ଅତି ବ୍ୟାକୁଳେ ।
ଜ୍ୱର-କୋପେ ନାଡ଼ୀ ଉଷ୍ଣ ବେଗ ଗତି
କରଇ ରୋଗୀ ଦେହରେ,
କାମ-କ୍ରୋଧ-ଜ୍ୱରେ ପ୍ରବଳ ବେଗରେ
ଗତି କରେ ନିରନ୍ତରେ ।
ଚିନ୍ତା-ଭୟ-ରୋଗେ ନାଡ଼ୀ ଅତି କ୍ଷୀଣ
ଅଗ୍ନି ମାନ୍ଦ୍ୟ ଧାତୁ କ୍ଷୟେ,
ଅତି ମନ୍ଦ ଗତି ରକ୍ତ-ଦୋଷରେ
ଅଳ୍ପ ଉଷ୍ଣ ହୋଇଥାଏ ।
ଆମ ଦୋଷେ ନାଡ଼ୀ ଅତିଶୟ ଗୁରୁ
ଅଗ୍ନିବଳ ପୂର୍ଣ୍ଣ ଥିଲେ,
ଉଷ୍ଣ ଚଞ୍ଚଳ ନାଡ଼ିକାର ଗତି
କରୁଥାଇ ସର୍ବକାଳେ ।
ସୁସ୍ଥ ମନୁଷ୍ୟର ସ୍ଥିର ଆଉ ମୋଟା;
କ୍ଷୁଧା ଅବସ୍ଥାରେ ନାଡ଼ୀ,

GPNanda Colln., Digitized by srujanika@gmail.com

ଚଞ୍ଚଳେ ଗମନ, ତୃପ୍ତ ସମସ୍ତେ
ଧୀରେ ଯାଏ ଦୋଷ ଗୁଢ଼ ।
ରୋଗୀର ଶରୀର ଥିଲେ ଥରହର
ନାଡ଼ୀ ଶୀତଳ ହୋଇଲେ,
ଜ ଅବା ଜାଜର ଦେହଲେ କଳେବର
ନାଡ଼ୀ ଉଷ୍ଣ ଲଗୁଥିଲେ ।
ଜଲେ ନାଡ଼ୀ ଗତି ଚଞ୍ଚ ପଶ ଭ୍ରମି
ମଣିବନ୍ଧଠାରୁ ଗୁଢ଼,
ଜାଣିବ ସେ ରୋଗୀ ନଷ୍ଟପ୍ରୁ ମରିବ
ଜାନ୍ତରେ ଦେଲଣ ରଢ଼ ।

ନାଡ଼ୀ-ପରୀକ୍ଷା ନିଷେଧ

ସଦ୍ୟସ୍ନାତ ଅବା ନଦାର୍ ଉତ୍‌ଥିନ୍ତ,
ନିଦ୍ରାନ୍ତ, କ୍ଷୁଧିତ, ଶ୍ରାନ୍ତ,
ତୃଷାର୍ତ୍ତ, ଆତପ- ତାପିତର ନାଡ଼ୀ
ଭଲରୂପେ ନୋହେ ଜ୍ଞାତ ।

ନେତ୍ର-ଲକ୍ଷଣ

ବାୟୁ-ପ୍ରକୋପରେ ନୟନ ଅରୁଣ,
ଧୂମ୍ର, ମାରମ, ଚଞ୍ଚଳ;
ଦେଲେ ଦେଲେ ଦାହ ହୁଅଇ ନେହରେ
ରୋଗୀ ହୁଏ କଲବଲ ।
ପିତ୍ତ-ପ୍ରକୋପରେ ନେତ୍ର ହଳଦିଆ;
ରକ୍ତ, ନୀଳ ବରଣ;
ପ୍ରଦୀପ-ଆଲୋକ ସହି ନ ପାରଇ
ହେଉଥାଏ ଥନ ଥନ ।

GPNanda Colln., Digitized by srujanika@gmail.com

କଫର ଆଧିକ୍ୟେ ନୟନ ଯୁଗଳ
ଜଳପୂର୍ଣ୍ଣ ଛଳ ଛଳ,
ତେଜହୀନ, ସ୍ଥିର, ଅତି କ୍ଷୀଣ ଦୃଷ୍ଟି
ଦିଶୁଥାଏ ଅନିର୍ମଳ ।
ସନ୍ନିପାତ ରୋଗେ ନେତ୍ର ନାନା ବର୍ଣ୍ଣ,
ନେତ୍ର ମାତ୍ର ଆସନ୍ନ,
ବିକଟ ଚାହାଣି ରକ୍ତ ବର୍ଣ୍ଣ ପୁଣି
ପାଂଶୁ ପାଂଶୁଆ ଦିଶଇ ।
ଯେବେ ତା ରୋଗୀର ନୟନ ଗୋଟିଏ
ରୁକ୍ଷ ହୋଇ କ୍ଷଣେ କ୍ଷଣେ,
ଫିଟୁଥାଏ ପୁଣି ମୁଦି ହୁଅଇ
ଯାଏ ସେ ଯମ-ସଦନେ ।
ନେତ୍ର କୃଷ୍ଣ ବର୍ଣ୍ଣ, ନିସ୍ତେଜ, ମଳିନ,
ହଳଦିଆ, ନୋହିଲେ ନୀଳ,
କ୍ଷୀଣଦୃଷ୍ଟି ହେଲେ ଅଳପ ଦିନରେ
ରୋଗୀ ମରେ ଅବଶ୍ୟନ୍ତ ।

ଜିହ୍ୱା-ପରୀକ୍ଷା

ବାୟୁ-ପ୍ରକୋପରେ ଜିଭର ପତର
ଶୁଷ୍କ ଖରଖରିଆ,
ଫାଟିଗଲା ପରି ଦିଶଇ ରସନା
ନୁଖୁରୁ ଗାରଟାଣିଆ ।
ପିତ୍ତ କୋପେ ଜିହ୍ୱା ଦିଶଇ ଅରୁଣ
ଅବା କୃଷ୍ଣ-ପୀତ ବର୍ଣ୍ଣ,

GPNanda Colln., Digitized by srujanika@gmail.com

କଫ-କୋପେ ଜିହ୍ୱା ହୁଏ ଲିପ୍ତ ଆର୍ଦ୍ର
ସଦ୍ୟ ଧବଳ ବରଣ ।
ସନ୍ନିପାତେ ଜିହ୍ୱା ପୋଡ଼ିଗଲା ପରି
ହୁଏଟି ବଡ଼ କାଳିଆ,
କଣ୍ଟକି ସଦୃଶ ହାତକୁ ଲାଗଇ
ନ ଛାଡ଼େ ନିଦ୍ରୁଁ ଛୁଟିଆ ।

ମୁଖ-ପରୀକ୍ଷା

ବାୟୁ-କୋପେ ମୁଖ ଲୁଣିଆ ବା କଷା
ପିତ୍ତ କୋପେ ମୁଖ ତିକ୍ତ,
ଶ୍ଳେଷ୍ମ-କୋପେ ତାହା ମଧୁର, ତ୍ରିଦୋଷେ
ଦୋଷତ୍ରୟ ସମ୍ମିଶ୍ରିତ ।

ମୂତ୍ର-ପରୀକ୍ଷା

ରଜନୀର ଶେଷେ ଶଯ୍ୟାରୁ ଉଠିଣ
କାଚ କମ୍ବା ମାଟି ପାତ୍ରେ,
ରୋଗୀ ମୂତ୍ର ଧରେ ଢାଙ୍କି ରଖିଥିବ
ନିରେଖିବ ବୈଦ୍ୟ ନେତ୍ରେ ।
ତହିଁ ପରେ ସୂର୍ଯ୍ୟ- କିରଣରେ ଦେଖି
ତୈଳ ବିନ୍ଦୁ ପକାଇ,
ଦୋଷାଦୋଷ ଭେଦ ମନରେ ଭାବିବ
ଈଶ୍ୱରଙ୍କୁ ଚିତ୍ତେ ଧ୍ୟାୟି ।
ବାୟୁ-ପ୍ରକୋପରେ ମୂତ୍ର ପାଣ୍ଡୁ ବର୍ଣ୍ଣ
ପିତ୍ତେ ରକ୍ତ ପରି ଦିଶେ,

GPNanda Colln., Digitized by srujanika@gmail.com

ଜଳରେ ଧବଳ   ଫେନଯୁକ୍ତ ଦେଖ
ତ୍ରିଦୋଷେ ଶାକ ମଦ୍ଦନେ ।
ଆମ ଦୋଷେ ନୀଳ,   ବାତ ଜଳାଧିକ୍ୟେ
ସୋରିଷ ତେଲ ପରାୟ.
ବାତ-କଫ ଦୋଷେ   କାଞ୍ଜିପାଣି ପରି
ମୂତ୍ର ଦିଶେ କର ଲକ୍ଷ୍ୟ ।
ପିତ୍ତ-କଫ ଦୋଷେ   ପୀତ, ପାଣ୍ଡୁବର୍ଣ୍ଣ;
ଜୀର୍ଣ୍ଣଜ୍ୱରେ ମେଣ୍ଢାମୂତ୍ର—
ସଦୃଶ ଦିଶଇ;   କ୍ରିମିଦୋଷେ ପୁଣି
ଦଣ୍ଡ ଆକାର ବିଶେଷ ।
ରୋଗୀମୂତ୍ର ଯଦି   ବହୁଳ ଫେନିଳ
ନୀଳ ଅରୁଣ ବରଣ,
ସେ ରୋଗୀ ନିଶ୍ଚୟେ   ଯିବ ସ୍ୱର୍ଗପୁର
ଏହା କୋବିଦ-ବଚନ ।
ମୂତ୍ରରେ ତଣ୍ଡୁଳ-   ବନ୍ଧ ସର୍ପଗନ୍ଧ
କଲେ ସେ ବାତ-ପ୍ରକୋପ;
ପିତ୍ତ-ପ୍ରକୋପରେ   ଶୀଘ୍ର ଚଞ୍ଚଳରେ,
କଫ-ଦୋଷେ ଉଦ୍ଧେ ଥପ ।
ଆମ-ଦୋଷେ ସ୍ଥିତ   ଗଡୁକରେ ତୈଳ;
ଯଦି ତେଲର ଆକାର,
ହସ୍ତୀ, ଖଞ୍ଜନକ,   ତ୍ରିଶୂଳ, ତଡ଼ାଗ
ପଦ୍ମ, ଛତ୍ର କ ଭ୍ରମର ।
ଖଡ୍ଗ, ଆଦଣ୍ଡ, ବୀଣା,   କୁଣ୍ଡଳ, ମଣ୍ଡପ
ଚନ୍ଦ୍ର, ହଂସ ପରି ଦିଶେ,

GPNanda Colln., Digitized by srujanika@gmail.com

ଜାଣିବ ସେ ରୋଗୀ ଅଳପ ଦିନରେ
ରୋଗମୁକ୍ତ ହୋଇ ବସେ ।
ପକ୍ଷୀ, କୂର୍ମ, ଶ୍ୱାନ, ବରାହ, ବାନର,
ଗରୁଡ଼, ବୃଶ୍ଚିକ, ଅଶ୍ୱ,
କୁକ୍କୁଟ, କର୍କଟ, ଭେକ, ହଂସରୂପ
ହୋଇଲେ ଅସାଧ୍ୟ ଦିଶ ।

ମଳ-ପରୀକ୍ଷା

ବାୟୁ-ପ୍ରକୋପରେ ମଳ କୃଷ୍ଣ ବର୍ଣ୍ଣ,
ପିତ୍ତେ ପୀତ କମ୍ବା ରକ୍ତ,
କଫ-ପ୍ରକୋପରେ ଦିଶଇ ଧବଳ,
ମଳ ଥାଏ ଆମଯୁକ୍ତ ।

ଶବ୍ଦ-ପରୀକ୍ଷା

ଶ୍ଳେଷ୍ମ-ପ୍ରକୋପରେ ସ୍ୱର ଶୁଭେ ଗୁରୁ,
ପିତ୍ତ-ପ୍ରକୋପେ ସୁସ୍ପଷ୍ଟ,
ବାୟୁ-ପ୍ରକୋପରେ ନୁହେ ଅତି ଗୁରୁ
ସ୍ୱର ଶୁଭଇ ଅସ୍ପଷ୍ଟ ।

ସ୍ପର୍ଶ-ପରୀକ୍ଷା

ପିତ୍ତରୋଗୀ ଦେହ ଲାଗଇ ଉଷ୍ଣମ
ବାତରୋଗୀର ଶୀତଳ,
କଫରୋଗୀ ଦେହ ଲାଗେ ଓଦାଳିଆ
ବଇଦ୍ୟ ଚିକିତ୍ସା କର ।

GPNanda Colln., Digitized by srujanika@gmail.com

ଚିକିତ୍ସା-ବିଧି

ଯେଉଁ ଉପାୟରେ ଅସୁସ୍ଥ ମାନବ
ଆରୋଗ୍ୟ ଲଭେ ଚଞ୍ଚଳ,
ତାହାକୁ ଚିକିତ୍ସା କହନ୍ତି ସର୍ବେଜ
ଏଥି ସନ୍ଦେହ ନ କର ।

ଚିକିତ୍ସକ-ସୁଖ୍ୟାତି (ପ୍ରଶଂସା)

ବ୍ୟାଧି ନିରୂପଣ କ୍ଳେଶ-ନିବାରଣ
ବୈଦ୍ୟ ଏକା କରିପାରେ,
ରୋଗୀ ପରମାୟୁ ନ ଥିଲେ କେବଳ
ଯଶ-ଟୋପ ବହେ ଶିରେ ।
ସୁବିଜ୍ଞ ସୁବୈଦ୍ୟ, ଉତ୍କୃଷ୍ଟ ଔଷଧ,
ସୁଚତୁର ସେବାକାରୀ,
ଉପଦେଶେ ବାଧ୍ୟ ରୋଗୀ, ଏହା ଜାଣ
ସୁଚିକିତ୍ସା-ଅଙ୍ଗ ଚାରି ।
ରୋଗୀ ନିଜ ଦେହ ସୁବୈଦ୍ୟ ହସ୍ତରେ
କରିଦେବ ସମର୍ପଣ,
ବୈଦ୍ୟ ମଧ୍ୟ ନିତି ପୁତ୍ର ପରି ତାକୁ
କରିବ ସ୍ନେହ-ଭାଷଣ ।
ଚିକିତ୍ସାରେ ଧର୍ମ, ଧନ, ଯଶ, ବନ୍ଧୁ,
କର୍ମ, ଅଭ୍ୟାସ ମିଳଇ,
ତେଣୁ ଜନସେବା- ବ୍ରତେ ବ୍ରତୀ ହୋଇ
ବୈଦ୍ୟ ଚିକିତ୍ସା କରଇ ।

GPNanda Colln., Digitized by srujanika@gmail.com

ଅନ୍ନଦାତା ଜଳ- ଦାତା ଚିକିତ୍ସକ
ଯାଆନ୍ତି ସମା ପଙ୍କ୍ତିରେ,
ତତ୍କ୍ଷଣେ ସେହି ଚିକିତ୍ସା କରନ୍ତି
ଲୋଭ ନ ରଖି ହୃଦରେ ।
ରୋଗ-ପଙ୍କେ ମଗ୍ନ- ଥିବା ଆତୁରକୁ
ଉଦ୍ଧାର କରେ ଯେ ବୈଦ୍ୟ,
ସକଳ ଧରମ- ଫଳ ସେ ଲଭଇ
ନରତଜନ ଆରାଧ୍ୟ ।
ବୈଦ୍ୟ ପୁରୋହିତ ମନ୍ତ୍ରୀ ଜଉତିଷ
ଏମାନଙ୍କୁ ପ୍ରତିଦିନ,
ପ୍ରଭାତେ ଦେଖିଲେ ନରର ମଙ୍ଗଳ
ହୋଇଥାଏ ଦିନୁଦିନ ।
ଶାସ୍ତ୍ର ଅନୁସାରେ ରୋଗ ଚିହ୍ନି ବୈଦ୍ୟ
ଉପଯୁକ୍ତ ଔଷଧରେ,
ଚିକିତ୍ସା କରନ୍ତେ ଭଲ ନୋହେ ଯଦି
ଜାଣ ତାହା ପାପଫଳେ ।
ସେ ରୋଗେ ଚିକିତ୍ସା ସଙ୍ଗେ ଦାନ ହୋମ
ଜପ ଦେବପୂଜା ଆଦି,
କରାଇଲେ ରୋଗୀ ଶରୀରୁ ଛାଡ଼ଇ
ବିଭୁକୃପା ଯୋଗେ ବ୍ୟାଧି ।

ଔଷଧ-ମାତ୍ରା

ଅଉଷଧ ମାତ୍ରା ସ୍ଥିର ନାହିଁ କେବେ
ରୋଗୀର ବୟସ ବଳ,

GPNanda Colln., Digitized by srujanika@gmail.com

ଦେଶ କାଳ ଦୋଷ   ଦୋଷ ଦେଖି ବୈଦ୍ୟ
କରିବ ମାତ୍ରା ସ୍ଥିର ।
ଗ୍ରନ୍ଥରେ ମାତ୍ରା   ଲେଖାଅଛି ଯାହା
ପୂର୍ଣ୍ଣ ବୟସ୍କର ତାହା,
ଦଶ ଆଠ ବର୍ଷ   ବାଳକଙ୍କ ମାତ୍ରା
ଅଧେ ଦେବ ଅଛି କୁହା ।
ତିନି ଚାରି ବର୍ଷ   ପିଲାଙ୍କୁ ଚଉଠେ
ମାତ୍ରାରେ ଦେବ ଔଷଧ,
ତହୁଁ ନ୍ୟୂନ ହେଲେ   ଛଭାଗରୁ ଭାଗେ
ସଙ୍ଗେ ମହୁ, ମାତା ଦୁଧ ।
ଏକବରଷରୁ   ଅଳ୍ପ ଯେ ବାଳକ
ତାକୁ ଆଠ ଭାଗୁଁ ଭାଗେ,
ଅଉଷଧ ମାତ୍ରା   ବଢ଼ିବା କମିବା
ବୈଦ୍ୟ-ହାତେ ଅଛି ଆଗେ ।
ଘୃତ, ତୈଳ, ବଟୀ,   ଅବଲେହ ଚୂର୍ଣ୍ଣ,
ଅରିଷ୍ଟ, ଆସବ ଆଦି,
ଯାହା ଲେଖାହେଉ-   ଅଛି ଗ୍ରନ୍ଥେ ସବୁ
ପରିମାଣ ମାତ୍ରା ବିଧି ।
ତହିଁରୁ ଅଧିକ   କମ୍ବା ଅଳପରେ
ତସ୍ତାର କରିବ ବୈଦ୍ୟ,
ରୋଗ ବଳ ଦେଖି   ରୋଗୀର ସାମର୍ଥ୍ୟ
ତହିଁରେ ଥିବଟି ମଧ୍ୟ ।
ଅଦା, ପାନ, ମୁଥା,   କଞ୍ଚା ଦରବର
ରସ ମାତ୍ରା ଦୁଇ ତୋଳା,

GPNanda Colln., Digitized by srujanika@gmail.com

ସନ୍ଧ୍ୟାରେ ବଟୀ   ଖାଇବ ସେ ଯୋଡି
ଏଥିରେ ନ କର ହେଳା ।
ଏକ ମଯା ମହୁ,   ଢିଅ ଅଧତୋଳା,
ସମଯା ପୁରୁଣା ଗୁଡ଼,
ଲହୁଣୀ ସମସା   ମିଶ୍ରୀଗୁଣ୍ଡ ତହ
ଅଧତୋଳା ମାତ୍ରା ଧର ।
କାଞ୍ଜିପାଣି ଘୋଳ-   ଦହି ଅଣ୍ଡା ଜଳ
ପାଞ୍ଚୋଟି ତୋଳା ଧରିବ,
ଚୂନପାଣି ମାତ୍ରା   ଏକତୋଳା ଜାଣ
ରୋଗୀ ବଳ ଦେଖି ଦେବ ।

ଦ୍ରବ୍ୟ-ସଂଗ୍ରହ

ଔଷଧ ପଟେ   ସମସ୍ତ ନୂତନ
ଶୁଦ୍ଧିକି ଆଣିବ ବାଛି,
ଲବଙ୍ଗ, ପିପ୍ପଳୀ,   ଗୁଡ଼, ଧାନ, ଘୃତ,
ମହୁ, ପୁରାତନ ଯାଚ ।
ଓଦା କନ୍ଦରୁ   ଦୁଇ ଭାଗ କର
ଭୁଲିବ ନକର ଧର;
ଗୁଳୁଚ, ବାସଙ୍ଗ,   କୁଡ଼େଇ ର ଛେଲି,
କଖାରୁ ସେ ଛଞ୍ଚୁଆଶ୍,
ନନ୍ଦଛେଲି, ବାଉ-   ଅଁଳା, ପୋଟଳ,
କେତକୀ ସେ ପସାରୁଣୀ,
ପୁରୁଣୀ, ଗୁଗ୍ଗୁଳ, .   ହିଙ୍ଗୁ, ମାଂସ, ଅଦା,
ଗରଗଡ଼, ଗୁଡ଼ ଚିହ୍ନ ।

GPNanda Colln., Digitized by srujanika@gmail.com

ଅଶ୍ୱଗନ୍ଧା, ଦାମ- ଚେକରଣ୍ଡ ର ଗନ୍ଧ,
ପାନମହୁରୀ ଏ ସବୁ,
ଦ୍ୱିଗୁଣ ନ କରି ଏକ ଭାଗ ଧରି
କଥା ଔଷଧରେ ଦେବ ।
ଗୋଟିଏ ଦରବ ଯନ୍ଧ ଦୂର ଥର
ଲେଖାଥିବ ତାଲିକାରେ,
ତାକୁ ଦୂର ଭାଗ ଓଜନରେ ଆଣି
ପକାଇବ ଔଷଧରେ ।
ଗୋଟିଏ ଦ୍ରବ୍ୟର ଅଭାବ ହୋଇଲେ
ସମଗୁଣଧାରୀ ତଜ,
ବାଛି ତୁଲନେବ ସେ ଦ୍ରବ୍ୟ ସମାନ
କହିଛନ୍ତି ବୈଦ୍ୟରାଜ ।
ମନ୍ତ୍ର ଅଭାବରେ ପୁରାତନ ଗୁଡ଼
ଦୁଗ୍ଧାଭାବେ ମୂତ-ଘଷ,
ସ୍ୱର୍ଣ୍ଣ ରୌପ୍ୟ ଭାବେ ଲୌହ ଭସ୍ମ ଦେଇ
ଔଷଧ କରିବ ଶେଷ ।
ଯେଉଁଠାରେ ରସ- ମର୍ଦ୍ଦନ ନ ଥିବ
ଜଳେ ମର୍ଦ୍ଦନ କରିବ,
ଓଜନ ନ ଥିଲେ ସମଭାଗେ ଆଣି
ମସଲାକୁ ପକାଇବ ।
ଚୂର୍ଣ୍ଣ ସ୍ନେହ ଲେହ୍ୟ ଦୁଶ୍ୱେତ ଚନ୍ଦନ,
କଷ ପ୍ରାଢ଼ ପ୍ରଲେପରେ,
ରକ୍ତ-ଚନ୍ଦନ, କରିବ ଗ୍ରହଣ
ଲେଖିଛି ବୈଦ୍ୟ-ଶାସ୍ତ୍ରରେ ।

GPNanda Colln., Digitized by srujanika@gmail.com

ଲୁଣ, ମୂତ୍ର, ଦୁଗ୍ଧ, ଘୃତ, ପ ଞ, ତେଲ
ନାମ କ ଥିବଟି ଯେବେ,
ସୈନ୍ଧବ, ଗୋମୂତ୍ର, ଗାଈଦୁଧ ଘୃତ,
ମାଟି, ତିଳ ନେବ ସବେ ।
କଞ୍ଚା ଦ୍ରବ୍ୟ କମ୍ବା କୋମଳ ପଦାର୍ଥେ
ଷୁରି ଗୁଣ ଜଳ ଦେବ,
ଶୁଷ୍କ ଦ୍ରବ୍ୟେ ଆଠ- ଗୁଣ ଜଳ ଦେଇ
ମନ୍ଦାଗ୍ନିରେ ସିଝାଇବ ।
ସୁକଠିନ ଦ୍ରବ୍ୟ ଷୋଳ ଗୁଣ ଜଳେ
ସିଝାଇ 'କଷାୟ' କର,
ସମସ୍ତ ମସଲ ଓଦା ହେବାଯାଏ
'ଭାବନା' ବଧିକ ଧର ।
କଞ୍ଚା ଦରବର ସ୍ୱରସ ଅଭାବେ
ଶୁଖିଲା ଦ୍ରବ୍ୟକୁ ନେଇ,
ଅଠଗୁଣ ଜଳେ ସିଦ୍ଧ କରି ତାହା
ଚତୁର୍ଥାଂଶ ଭାଗ ଥୋଇ ।
ସେହି ସିଦ୍ଧ ଜଳ ସ୍ୱରସ ଭାବରେ
ପ୍ରୟୋଗ କର ଔଷଧେ,
ଏହି ବିଧି ଅଟେ ମୁନିଙ୍କର ମତ
ଲେଖା ଅଛି ଶାସ୍ତ୍ର ମଧ୍ୟେ ।
ଦୁଇମାସ ପରେ ଚୂର୍ଣ୍ଣ ଔଷଧର
ଗୁଣ ହୋଇଯାଏ ହ୍ରାସ,
ବର୍ଷେକ ପରେ ବଟୀ, ଅବଲେହ
ହୀନ ଗୁଣ ପରକାଶ ।

GPNanda Colln., Digitized by srujanika@gmail.com

ତୈଳ, ଭସ୍ମ ଆଦ୍ୟ   ପୁରାତନ ହେଲେ
କରନ୍ତି ବହୁତ ଗୁଣ,
ଆସବ ଅରିଷ୍ଟ   ଅତି ପୁରାତନେ
ହୁଏ ଅମୃତ ସମାନ ।
ଏକ ବର୍ଷ ପରେ   ଘୃତର ସୁଗୁଣ
କ୍ରମେ କ୍ରମେ ଯାଏ ନାଶ,
ତିନି ମାସ ପରେ   ମୋଦକର ଗୁଣ
ରହି ନ ପାରେ ବିଶେଷ ।
ଫଳ-ପଦାର୍ଥରେ   ପ୍ରସ୍ତୁତ ଔଷଧ
ଗୁଣ ଏକ ବର୍ଷ ରହେ,
କାଠ, ଡାଳ, ଛେଲି   ଦୁଇ ବର୍ଷ ପରେ
ମାଟିର ଗୁଣକୁ ବହେ ।
ବୃକ୍ଷାଦିର ସାର   ପାଞ୍ଚ ବର୍ଷ ଯାଏ,
ବୃକ୍ଷରସ ଦଶ ବର୍ଷ,
ଏଥିରୁ ଅଧିକ   ହେଲେ ଗୁଣହୀନ
ଜାଣିବ ଅଟେ ବିଦୁଷ ।

—o—

ପଞ୍ଚ-କଷାୟ

ସ୍ୱରସ, କଳକ,   ଯେ ଶୃତ କଷାୟ,
ଶୀତଳ କଷାୟ, ଫାଣ୍ଟ,
ଏ ପାଞ୍ଚ ପ୍ରକାର   କଷାୟର ଭେଦ
ଶାସ୍ତ୍ରେ ଅଛି ପ୍ରକଟ ।

GPNanda Colln., Digitized by srujanika@gmail.com

କଷ୍ଟାଦ୍ରବ୍ୟ ନିକେ ଛେଚି ଯତନରେ
କନାରେ ରସମୁଣ୍ଡ ହାତେନ,
ଯେ ରସ ବାହାରେ ତାହାକୁ 'ସ୍ୱରସ'
କହନ୍ତି ଶାସ୍ତ୍ରେ ପଣ୍ଡିତେ ।
ଜଳ ଦେଇ ଦ୍ରବ୍ୟ ବାଟିଲେ ଶିଳରେ
ତାହାକୁ ବୋଲି 'କଳ୍କ'
ସିଝା ମସଲାର ଜଳକୁ 'କଷାୟ'
ବୋଲନ୍ତି ବିଜ୍ଞ ଭିଷକ
କଷ୍ଟା ଦରବର ଅଗ୍ନିରେ ଶୁଖିଲ
ଦରବକୁ ଗୁଣ୍ଡ କରି,
ଅଧସେର ଆଣି ଦେଇ ସେରେ ପାଣି
ଭିଜାଇବ ପାଂଚ ଘଡ଼ି ।
ଏକ ଦିନ ରାତ ବିତ ପରେ ତାହା
ଚିପୁଡ଼ି ସରୁ କନାରେ,
ବାହାରିବ ଯେଉଁ ଜଳ ତାହାକୁ ଯେ
ଦେବ ସ୍ୱରସ ଜାଗାରେ ।
ଅଥବା ଶୁଖିଲ ଦ୍ରବ୍ୟ ଅଠ ଗୁଣ
ଜଳରେ ଦେଇ ସିଝାଇ
ଚାରି ଭାଗୁ ଏକ ଭାଗ ଜଳ ରଖ,
ସ୍ୱରସ ବଦଳେ ସେବ୍ୟ ।

ଶୃତ-କଷାୟ (କଷାୟ ବା କ୍ୱାଥ)

ଦୁଇ ତୋଳା ଦ୍ରବ୍ୟ ଦରଛେଚି କରି
ଷୋହଳ ତୋଳା ଜଳରେ,

GPNanda Colln., Digitized by srujanika@gmail.com

ମନ୍ଦ ମନ୍ଦ ଜାଳେ ସିଝାଇ ଶେଷରେ
ରଖିବ ଗୁଡ଼ ତୋଳାରେ ।
'ଶୃତ କଷାୟ' ଏ ବୋଲନ୍ତି ପଣ୍ଡିତେ
ସୁଶ୍ରୁତ ବୈଦ୍ୟମାନେ,
ଅଧସେର ଜଳେ ସିଝାଇ ରଖନ୍ତି
ଆଠ ତୋଳା ପରିମାଣେ ।

ଶୀତ-କଷାୟ

ଆଠ ତୋଳା ଦ୍ରବ୍ୟ କରି ଟିକି ଟିକି
ଅଠଗୁଣ ଓଜନ—
ତୋଳା ଜଳେ ଏକ ଦିନ ଯେ ଭିଜାଇ
ଛାଣିବ ସକାଳେ ଜାଣ ।
ଏ ଜଳକୁ 'ଶୀତ- କଷାୟ' ବୋଲନ୍ତି
ଜଗତେ ପଣ୍ଡିତମାନେ,
ଔଷଧ ପ୍ରସ୍ତୁତ ବେଳେ କାମେ ଆସେ
ଏହା ରଖିଥିଲେ ଯତନ ।

ଫାଣ୍ଟ-ବିଧି

ଦ୍ରବ୍ୟ ଅଠ ତୋଳା ଗୁଣ୍ଡ କରି ଶିଳେ
ଅଧସେର ଉଷ୍ଣ ଜଳେ,
କିଛି କ୍ଷଣ ପାଏ ଭିଜାଇ ପାତ୍ରରେ
ଛାଣିବ ସରୁ କନାରେ ।

GPNanda Colln., Digitized by srujanika@gmail.com

ଏପର ଜାଣିଲ ବୋଲନ୍ତି ବଇଦେ,
'ଫାଣ୍ଟ' ବୋଲି ଆୟୁର୍ବେଦେ,
ସ୍ୱରସରୁ 'ଫାଣ୍ଟ' ପାଏ କ୍ରମେ ଲଘୁ
ଗୁଣ କରେ ଜାଣ ବୁଧେ ।

—o—

ପ୍ରକ୍ଷେପ-ବିଧି

ଯେଉଁ ପରିମାଣ ପଦାର୍ଥ କୁଆଥ
କରିବ ଜଳେ ମିଶାଇ,
ସେ ଦ୍ରବ୍ୟର ଚୂର୍ଣ୍ଣ ଭାଗୁଁ ଏକ ଭାଗ
ପ୍ରକ୍ଷେପରେ ଦେବ ନେଇ ।
ହିଙ୍ଗୁ, ସଇନ୍ଧବ ପ୍ରକ୍ଷେପର ମାତ୍ରା
ଚୂର୍ଣ୍ଣ ରତି ପରିମାଣ,
କ୍ଷୀର ପ୍ରଭୃତି ଯେ ଦ୍ରବ ପଦା ଓଜନ
ପ୍ରକ୍ଷେପ କରିବ ଜାଣ ।
ଗୁଡ଼, ମଧୁ, ଚିନି, ମିଶିବ ଦରବ
ସିଝିବା ମସଲା ଚୂର୍ଣ୍ଣ;—
ଭାଗୁଁ ଏକ ଭାଗ ପ୍ରକ୍ଷେପ କରିବ
ମନରେ ପ୍ରଭୁଙ୍କୁ ସ୍ମରି ।
ବାୟୁଜ ତ ରୋଗେ ପକାଇବ ମଧୁ
ଦ୍ରବ୍ୟ ଷୋଡ଼ଶ ଭାଗରୁ,
ଏକ ଭାଗ କ୍ୱାଥେ, ତାହା ପରେ ଗୋଳ
ସେବିବ ଧ୍ୟାଇ ଶ୍ରୀଗୁରୁ ।
ପିତ୍ତ-ପ୍ରକୁପିତ ରୋଗେ ମଧୁ ନେଇ
ଦ୍ରବ୍ୟ ଅଠ ଭାଗୁ ଏକ—

GPNanda Colln., Digitized by srujanika@gmail.com

ଭାଗ କ୍ୱାଥେ ଗୋଳ ସେବିବ ତାହାକୁ
ମନରେ ନ ରଖି ଦନ୍ଦ ।
କଫର ପ୍ରଧାନ ରୋଗରେ ଯେ ମଧୁ
ଦ୍ରବ୍ୟର ଚଉଠା ଗୋଳ,
କ୍ୱାଥରେ ପିଇବ ଏ ଶାସ୍ତ୍ରପ୍ରମାଣ
ଶିବ ନାମ ଭଜ ଭଲ ।
ବାୟୁଜାତ ରୋଗେ ମିଶିର ବା ଚିନି,
ନବାତ କ୍ୱାଥରେ ଗୋଳ,
କ୍ୱାଥ୍ୟ ଦ୍ରବ୍ୟ ଗୁଣ ଭାଗୁ ଏକଭାଗ
ପାନ କର ଦୁଇ ଓଳ ।
ପିତ୍ତ ପ୍ରକୋପେ ତା' ଅଷ୍ଟମାଂଶ ପୁଣି
କଫ ପ୍ରକୋପରେ ଷୋଳ—
ଭାଗୁ ଏକ ଭାଗ ମିଶାଇ ଖାଇଲେ
ରୋଗ ହୋଇଯାଏ ଭଲ ।

—o—

ଭାବନା-ବିଧି

ବଟିକା ଚୂର୍ଣ୍ଣରେ ଭାବନାର ବିଧି
କହିବଇଁ ଏବେ ଶୁଣ,
ଔଷଧ ସମାନ କ୍ୱାଥ୍ୟ ଦ୍ରବ୍ୟ ଆଣି
ଦେବ ଜଳ ଆଠ ଗୁଣ ।
ମନ୍ଦ ମନ୍ଦ ଜାଳେ ସିଝାଇ ଶେଷରେ
ଆଠ ଭାଗୁଁ ଏକ ଭାଗ
ରଖି ଜଳ ତାକୁ ଭାବନା ସ୍ୱରୂପେ
ଔଷଧେ କରିବ ଯୋଗ ।

GPNanda Colln., Digitized by srujanika@gmail.com

ରସ, କ୍ୱାଥ, ଦୁଗ୍ଧ ଦେବ ଯେ ଭାବନା
ବଟିକା ଚୂର୍ଣ୍ଣ ଔଷଧେ,
ଯେମନ୍ତ ଔଷଧ କାଦୁଅ ମୁରୁମେ
ହୋଇଯିବ ଖଲ ମଧ୍ୟେ ।
ଯେଉଁଠାରେ ଭାବନା- ନିୟମ ନ ଥିବ
ସେହିଠାରେ ସାତ ଥର,
ଭାବନା ଦେଇଣ ଘୋଟିବ ଖଲରେ
ନ ହୋଇବ ତର ତର ।

ଦ୍ରବ୍ୟ ଅଭାବେ ପ୍ରୟୋଗ-ବିଧି

ବଟୀ, ଚୂର୍ଣ୍ଣ, ତୈଳ, ଘୃତ ଆଦି ଯାହା
ପ୍ରସ୍ତୁତ କରିବା କାଳେ,
ଦ୍ରବ୍ୟର ଅଭାବେ ସମଗୁଣ ଦ୍ରବ୍ୟ
ଯୋଜନ୍ତ ମନ ଇଚ୍ଛିଲେ ।
ଔଷଧ-ଚାଳକ କରନ୍ତି ଚିକିତ୍ସକ
ନିଜ ଜ୍ଞାନ-ଶକ୍ତି ବଳେ,
ମସଲାରୁ କାଢ଼ି ଉପଯୁକ୍ତ ଦ୍ରବ୍ୟ
ଦେଇପାରେ ଔଷଧରେ ।

—o—

ପରିମାଣ-ନିର୍ଣ୍ଣୟ

ଛଅ ସୋରିଷରେ ହୁଏ ଏକ ଜବ
ତିନି ଜବେ ଏକ *ଗୁଞ୍ଜା,
ଗୁଞ୍ଜାକୁ ରତିଏ ବୋଲନ୍ତି ସକଳେ
ଓଜନରେ ହୁଏ ଖୋଜା ।

*ଗୁଞ୍ଜା—ଗୋଟିଏ କାଇଞ୍ଚ

GPNanda Colln., Digitized by srujanika@gmail.com

ଦଶ ରତିରେ ଯେ   ହୁଅଇ ମଷାଏ,
ଓଜନ ନ ମେ ଦୁଇ ଅ ି,
ଗୃଣ ମଷାରେ ଯେ   ହୁଏ ଏକ ଗାଣ
ଅଧତୋଳା ତାକୁ କଣି ।
ଆଠ ମଷା କମା   ଦୁଇଟି ଣାଣରେ
ବୋଲାଏ ଗୋଟିଏ ତୋଳ,
ତୋଳକୁ ଚୋଙ୍କାଏ   ଜାଣିଣ ବଇଦେ
ମଞ୍ଜଲ କରନ୍ତୁ ତୁଳ ।
ଦୁଇ ତୋଳା ହେଲେ   ହୁଏ ଏକ କର୍ଷ.
ଆଠ ତୋଳାରେ ମେ ମ ଳ,
ଗୁର ପଲେ ଏକ   ହୁଅଇ 'କୁଡ଼ବ'
କୁଡ଼ବକ ଅଧ ମେରେ ।
ଦୁଇ କୁଡ଼ବରେ   ଅଟେ ଏକ ସେର
ଚଉଷଠି ତୋଳା ଯେନ.
ସେରକୁ 'ଶରାବ'   କୋଲନ୍ତି ବଇଦେ
ଦୁଇ ସେରେ ପ୍ରସ୍ଥ ଜାଣ ।
ଅଠ ସେରେ ଏକ   ହୁଅଇ ଆଢ଼କ
ବତିଶ ସେରରେ ଦ୍ରୋଣ,
ଦୁଇ ଦ୍ରୋଣେ ଏକ   'ସୂର୍ପ' କମ୍ଭ 'କୁମ୍ଭ'
ଚଉଷଠି ସେର ମାଣ ।
ଦୁଇ ସୂର୍ପେ ଏ   ଦ୍ରୋଣୀ କମ୍ଭ ଗୋଣୀ,
ଗୃହ୍ଣନ୍ତି ଦ୍ରୋଣେ ଖାରୀ,
ବୋଲନ୍ତି ବଇଦେ   ଆୟୁର୍ବେଦ-ଶାସ୍ତ୍ରେ
ପରିମାଣକ ନଜାଡ଼ି ।

GPNanda Colln., Digitized by srujanika@gmail.com

ଶୋଧନ-ମାରଣ-ବିଧି

ପାରଦ-ଶୋଧନ

ପାରଦ ସମାନ ରସୁଣର ରସ
ଦେଇ ପଥର ଖଲରେ,
ମରଦଣ ଧୀରେ ଧୋଇବ ଜଳରେ
ପୁଣି ନଅ ପାନ-ରସରେ ।
ଘୋଟି ଧୋଇ ଜଳେ ଛାଣିବ କନାରେ
ନିର୍ମଳ ପାରଦଯାକ,
ଏହା ସୁବିଶୁଦ୍ଧ, ଔଷଧରେ ଦେଲେ
କରିବ ଗୁଣ ଅଧିକ ।

ପାରଦର ସପ୍ତକଞ୍ଚୁକୀ ଦୋଷମାରଣ-ବିଧି

ପାରଦ ପକାଇ ଖଲରେ ଦଳନ୍ତୁ
ମେଣ୍ଢାର ଲୋମ, ହଳଦୀ,
ଘୃତକୁମାରୀର ରସ, ଇଟାଗୁଣ୍ଡ,
କାଗଜି ରସେ ମର୍ଦ୍ଦ ।
ପାରଦର ନାଗ- ଦୋଷ ନାଶ କର
ତା' ପରେ ମହାକାଳ—
ଚିତ୍ରମୂଳ, ଧନା— ଆଙ୍କୋଲ ଚେରର
ମଳ ଛେଲି ଚୂର୍ଣ୍ଣ କର ।
ତାହା ସହିତରେ ଘିଅକୁଆଁରିର
ରସ ସହିତ ପାରଦ—

GPNanda Colln., Digitized by srujanika@gmail.com

ସୁନାସ୍ପ ଅଠାରେ   ମରଦିଲେ ଖଲେ
ପାରଦ୍ରୁ ମଳ ଯିବଲା ।
ରକ୍ତଚିତାମୂଳ   ଚୂର୍ଣ୍ଣ ସହିତରେ
ଘିଅକୁଆଁ ଘର ରସେ,
ଘୋଟିଲେ ପାରଦ,   ଚନ୍ଦ୍ର ବହ୍ନି-ଦୋଷ
ହରଇ,ଜାଣ ବିଦୁଷେ ।
କଳା ଧୂତୁରାର   ପତର ରସରେ
ଘିଅକୁଆଁ ଘର ରସ,
ମିଶାଇ ପାରଦ   ଘୋଟିଲେ ତହିଁରୁ
ବିନାଶେ ଚାଞ୍ଚଲ୍ୟ ଦୋଷ ।
ତ୍ରିଫଳା କ୍ୱାଥ   ଘିଅକୁଆଁ ଘର
ରସେ ମରଦିଲେ ପାରା,
ତହୁଁ ବିଷଦୋଷ   ବିନାଶ ହୁଅଇ
ଏଥିରେ ନ କର ହେଳା ।
ପିପଳୀ-ମରିଚ-   ଶୁଣ୍ଠି କ୍ୱାଥେ ଦେଇ
ଘିଅକୁଆଁ ଘର ରସ,
ତହିଁରେ ପାରଦ   ଘୋଟିଲେ ନିଶ୍ଚୟ
ନାଶ ଯାଏ ଗିରିଦୋଷ ।
ଗୋକ୍ଷୁର-ଚୂର୍ଣ୍ଣରେ   ଘିଅକୁଆଁ ଘର
ରସ ମିଶାଇ ଘୋଟିଲେ,
ଅସହ୍ୟାଗ୍ନି-ଦୋଷ   ମରେ ପାରଦରୁ
ଏହା ଜାଣିବ ସକଳେ ।
ଟର ଟର କରି   ଏପରି ଘୋଟିଲେ
ପାରଦରୁ ସପ୍ତକଞ୍ଚୁକ—

GPNanda Colln., Digitized by srujanika@gmail.com

ଦୋଷ ମରଯାଏ ଏହାକୁ ବଇଦେ
ପ୍ରୟୋଗନ୍ତ ଅତ୍ୟଧିକ ।
ପାରଦର ଷୋଳ ଭାଗେ ଏକ ଭାଗ
ମିଶାଇ ଏସବୁ ଦ୍ରବ୍ୟ,
ପକାଇ ଖଲରେ ଏକ ଗୋଟି ଦିନ
ପାରଦ ଯତ୍ନେ ଘୋଟିବ ।
କାହାର ମତରେ ଏକ ଦୋଷେ ପାରା
ଘୋଟିବ ସାତଗୋଟି ଦିନ,
ପ୍ରତିଥର କାଞ୍ଜି— ପଣିରେ ପାରାକୁ
ଧୋଇଥିବ ନଷ୍ଟେ ଜାଣ ।

—o—

ହିଙ୍ଗୁଳରୁ ପାରଦ ବାହାର କରିବା-ବିଧି

ନିମ୍ବପତ୍ର ରସେ ଅବା ଲେମ୍ବୁ ରସେ
ହିଙ୍ଗୁଳ ମର୍ଦ୍ଦି ଖଲରେ,
ପିଣ୍ଡୁଳା କରିଣ ରଖିବ ହାଣ୍ଡିରେ
ପଲମ ତାଙ୍କି ମୁଖରେ ।
ପଲମକୁ ଚିତ— କରି ହାଣ୍ଡି ମୁଖେ
ରଖିବ ଅତି ଯତନେ,
ଖାଉ ବାଟି ଫଙ୍ଗ— ଉପରେ ଲେପିବ
କରେଖିଣ ସାବଧାନେ ।
ଯେପରି ହାଣ୍ଡିରୁ ମଧ୍ୟରୁ ନ ଆସେ
ଧୂଆଁ ଧୁରୁ ଧୁରୁ ହୋଇ,

GPNanda Colln., Digitized by srujanika@gmail.com

ସେପରି ଲେପିବ   ଡାଳିର ମୂଳରେ
ବଟା ଘର ଶିବେ ଧରି ।
ଚଳାଟର ଡାଣ୍ଡିକୁ   ବସାଇ ମଳଖେ
ଜାଳ ଦେବ ଧୀରେ ଧୀରେ,
ପଲମ ଭିତରେ   ଢାଳି ଦେବ ଜଳ
ସେପରି ନ ପଡ଼େ ତଳେ ।
ଆଗରୁ ପଲମ   ତଳେ ଦୁଗ୍ଧଖଣ୍ଡ
କଣ୍ଟି ଲେପି ଦେଇଥିବ,
ଜଳ ହେଲେ ଉଷ୍ଣ   ଉତ୍ତାପରେ ସେ ଜଳ
ନେଇଣ ଫୋପାଡ଼ି ଦେବ ।
ପୁଣି ପଲମରେ   ଦେଇ ଥଣ୍ଡା ଜଳ
ଗରମ ହେଲେ ସେ ଜଳ,
ଫିଙ୍ଗି ତାକୁ ଥଣ୍ଡା   ପାଣି ଦେଉଥିବ,
କର ଏହା ବାରମ୍ବାର ।
ତୋଳାଳ ଢଙ୍ଗରେ   ପଞ୍ଚ ପାଞ୍ଚ ଥର
ଫୋପାଡ଼ି ଦେବ ସେ ପାଣି,
ଢଙ୍ଗଳ ମାହାରେ   ପାଣି ଦେଉଥିବ
ନିଜ ମନେ ଗଣି ଗଣି ।
ଶୀତଳ ହୋଇଲେ   ଡାଣ୍ଡିର ମୁଖରୁ
ପଲମକୁ ସାବଧାନେ,
ବାହାର କରିଣ   ଥାଳିର ଉପରେ
ରଖିଦେବ ସଯତନେ ।
ଛୁଞ୍ଚରେ ପଲମ   କୋରି ଧୀରେ ଧୀରେ
ରଖିବ ସବୁ ଥାଳିରେ,

GPNanda Colln., Digitized by srujanika@gmail.com

ଧୌତ କରି ଜଳେ   ଛାଣିବ କନାରେ
ପରେ ଭରିବ ଶିଶିରେ ।
ଏହି ପାରଦ ଯେ   ନ ହୁଏ ଶୋଧନ
ସବୁ ଔଷଧେ ଯୋଗ,
କରି ବୈଦ୍ୟଗଣ   କରନ୍ତି ନିର୍ମାଣ
ଔଷଧ ଭାଗ ଭାଗ ।

—o—

ଗନ୍ଧକ-ଶୋଧନ-ବିଧି

ରନ୍ଧନଆଁ ଚରେ   କରଚୁଲି ଗୋଟି
ବସାଇବ ନେଇ ଧୀରେ,
ଘିଅ ଦଶ ତୋଳ   ଟୋପା ପକାଇବ
ନେଇ ସେ ଲୁହାଡାଙ୍କାରେ ।
ଗରମ ହୋଇଲେ   ଗନ୍ଧକର ଚୂର୍ଣ୍ଣ
ଅଳ୍ପ ଡ଼ଙ୍କା ଭିତରେ,
ତରଳ ହେଲେ ସେ   ନଗାଡ଼ି ସଧୀରେ
ଢାଳିବ ଦୁଗ୍ଧ-ଭାଣ୍ଡରେ
କିଛି କ୍ଷଣ ପରେ   ଛାଣି ଆଣି ତାହା
ରଖିବ ଜଳରେ ଧୋଇ,
ଏ ଶୁଦ୍ଧ ଗନ୍ଧକ   ସମସ୍ତ ଔଷଧେ
ପ୍ରୟୋଗ କରିବ ନେଇ ।

—o—

କଜ୍ଜଳୀ-ବିଧି

ଶୋଧିତ ପାରଦ,   ଗନ୍ଧକ, ସମାନ—
ଘଟେ ଭୁଜି ଏକ ଦିନ,

GPNanda Colln., Digitized by srujanika@gmail.com

ପଥର-ଖଲରେ ଦୁହିଙ୍କୁ ପକାଇ
ଘୋଟିବ କରି ଯତନ ।
ପାରଦ-ଗନ୍ଧକ ଦୁହେଁ ମିଶିଯାଇ
ହୋଇଗଲେ କଜ୍ଜଳ ପରି,
ଅଥବା କଜ୍ଜଳୀ ପୋଛିଲେ ଜଳରେ
ନ ଦିଶିଲେ ପାରଦ କଣ,
ଜାଣିବ କଜ୍ଜଳୀ ହୋଇଲା ବିଶୁଦ୍ଧ
ପାରଦ-ଗନ୍ଧକ ସ୍ଥାନରେ,
ଏହାକୁ ପ୍ରଦାନ କର ଗର୍ଭପୁରେ
ହୃଦେ ସ୍ମରି ମହେଶ୍ୱରେ ।
ଯେଉଁଠାରେ ପାରା ଏକ ତୋଳା ଥିବ
ଗନ୍ଧକ ଯେ ଦୁଇ ତୋଳା,
ସେଠାରେ କଜ୍ଜଳୀ ହେଉ ଦୁଇ ତୋଳା
ଗନ୍ଧକରୁ ଏକ ତୋଳା—
ପକାଇ ଔଷଧ କରିବ ତୟାର
ଶିବଙ୍କ ବୀର୍ଯ୍ୟ ପାରଦ,
ପାର୍ବତୀଙ୍କ ରଜ ଗନ୍ଧକ ବୋଲିଣ
କହିଅଛି ଆୟୁର୍ବେଦ ।

—o—

ହିଙ୍ଗୁଳଶୋଧନ-ବିଧି

କାଗଜ ଉପରେ ହିଙ୍ଗୁଳ ପ୍ରଥମେ
ଭିଜାଇ ଧୋଇ ଜଳରେ,
ରଖିଲେ ହିଙ୍ଗୁଳ ହୁଅଇ ବିଶୁଦ୍ଧ
ତହିଁ ଦେବ ଔଷଧରେ ।

GPNanda Colln., Digitized by srujanika@gmail.com

ଅଥବା ଅତସି— ପତର ରସଂର
ଭିଜାଇଲେ ମାତ୍ର ଥର,
ହୁଅଇ ବିଶୁଦ୍ଧ ହିଙ୍ଗୁଳ ଏ କଥା
କହିଛନ୍ତି ବୈଦ୍ୟବର ।

—o—

ଅଭ୍ରଶୋଧନ-ବିଧି

କୃଷ୍ଣବର୍ଣ୍ଣ ଅଭ୍ର ବୋଲିଏ ବଜ୍ରାଭ୍ର
ଏହାକୁ ଦେଲେ ଅନଳେ,
ବିକୃତ ନ ହୋଇ ରହେ ବଜ୍ର ପରି
ଦେବ ଏହା ଔଷଧରେ ।
ଆଣି କୃଷ୍ଣଅଭ୍ର ହେମଦସ୍ତରେ ଯେ
ଗୁଣ୍ଡ କରି ଦେବ ଧୀରେ,
ଏହି ଗୁଣ୍ଡ ଧରି ଚଉଁ ଏକ ଭାଗ
ଧାନ ଚୂଳ ତହିଁରେ ।
ଅଭ୍ରଗୁଣ୍ଡ, ଧାନ ନେଇ ଏକତ୍ର
କମ୍ବଳରେ ଦେବ ବାନ୍ଧି,
ତିନି ଦିନ ଯାଏ ଭିଜାଇ ହାଣ୍ଡିରେ
ରଖିବ ଯତନେ ମୁଦ୍ଧ !
ତିନି ଦିନ ପରେ ଫିଟାଇ ପୁଟୁଳି
ଧୀରେ ମର୍ଦ୍ଦିବ ହସ୍ତେ,
କମ୍ବଳୁ ଗଳିବା ଅଭ୍ରକଣାମାନ
ହାଣ୍ଡି ମଧ୍ୟେ ଥିବ ଯେତେ ।
ସେସବୁ ସଂଗ୍ରହ କରି ଯତନରେ
କଟେଇରେ ଭାଜି ଦେଇ,

GPNanda Colln., Digitized by srujanika@gmail.com

ବରକୋଳି ଛେଲି କ୍ୱାଥରେ ଭିଜାଇ
ଦେଖ ଖରାରେ ଶୁଖାଇ ।
ଅଭ୍ରର ସମାନ ବରକୋଳି ଛେଲି
ଷୋହଳ ଭାଗ ଜଳରେ,
ସିଝାଇ ଶେଷରେ ଆଠ ଭାଗୁଁ ଭାଗେ
ରଖିବ ଯଥାବିଧିରେ ।
ଏହାକୁ 'ଧାନ୍ୟାଭ୍ର' ବୋଲନ୍ତି ବଇଦେ
ଏହି ଅଭ୍ର ଯେତେ ଇଚ୍ଛା,
ଭସ୍ମ କରି ନେବ ବିଧି ଅନୁସାରେ
ନ ହୁଏ ଯେପରି କଚ୍ଚା ।

—○—

ଅଭ୍ରମାରଣ-ବିଧି

ଶୋଧିତ ଅଭ୍ରକୁ ଅରଖ କ୍ଷୀରରେ
ବାଟି କରିବ ଚକଟି,
ଶୁଖାଇ ଖପ୍ରରେ ଅରଖ ପତ୍ରରେ
ବାନ୍ଧିବ ଧୀରେ ଝଟିତି !
ବନ୍ଧା ଚକ୍ତି ସବୁ ଶରା ମଧ୍ୟେ ରଖି
ଢାଙ୍କି ଦେଇ ସରାଗୋଟି,
ହେଉଁପରି ଭଲେ ଫାଙ୍କ ନ ରହିବ
କି ଅବା ନ ଯିବ ଫାଟି ।
ଲମ୍ବ ଓସାରରେ ହାତେ ପରିମାଣ
ଖୋଳିବ ଗୋଟିଏ ଗାତ,
ଗାତରେ ଶୁଖିଲା ଘସି ଭର୍ତ୍ତି କରି
ଘସି ମଧ୍ୟେ ସରା ପୋତ ।

GPNanda Colln., Digitized by srujanika@gmail.com

ଲଟାରଣ ଅଗ୍ନି ଘଷିଦେଇ ଜାଳିବ,
ନିଆଁ ଲଭିଗଲେ ଥରେ,
କରିବ ବାହାର ରଖିବ ସେ ଅଭ୍ର
ପାଉଁଶକୁ ଝାଡ଼ି ଦ୍ରୁତ ।
ଏହିପରି ସାତ ଥର ଅରଖର
କ୍ଷୀରରେ ବାଟି ପୋଡ଼ିବ,
ତହିଁପରେ ବର- ଓହଳ ସିଝାଇ
ସେହି ଜଳେ ଘୋଟି ଦେବ ।
ଚକଟି ନିର୍ମାଣି ରଖି ଶରା ମଧ୍ୟେ
ପୋଡ଼ିବ ଗାତ ମଧ୍ୟରେ,
ଏହିପରି ତିନ ପୋଡ଼ ଦେଲେ ଅଭ୍ର
ନିଶ୍ଚନ୍ଦ୍ର ହୁଅଇ ଭଲ ।

ଅନ୍ୟ ପ୍ରକାର—

ବିଶୋଧିତ ଅଭ୍ର ଗାଈର ମୂତ୍ରରେ
ଭିଜାଇ ବାଟି ଶିଳରେ,
ଚକ ଚକ କରି ଶୁଖାଇ ପଲମେ
ରଖିବ ଅତି ଯତ୍ନରେ ।
ପଲମ ଢୋଡ଼ାଇ ସେ ପଲମ-ମୁଖେ
ଲେପିଦେବ ହୁଙ୍କାମାଟି
ଘଷି ନିଆଁ ଦେଇ ପୋଡ଼ିବ ଗାତରେ
ଯେପରି ନ ଯାଏ ଫାଟି ।
ଏହିପରି ଶତେ ଥର ପୋଡ଼ିଦେଲେ
ଅଭ୍ର ହୁଅଇ ନିଶ୍ଚନ୍ଦ୍ର,

GPNanda Colln., Digitized by srujanika@gmail.com

ଏହାଙ୍କୁ ସକଳ ଔଷଧ ପ୍ରୟୋଗ
କରିଥାନ୍ତି ବୈଦ୍ୟବୃନ୍ଦ ।

—o—

ଅଭ୍ରର ଅମୃତୀକରଣ

ଅଭ୍ର ଭସ୍ମ ଦଶ- ପଲ ନକ୍ତରେ
ଭୂଳ ରଖି ମୃପାନରେ,
ହରିଡ଼ା, ବାହାଡ଼ା, ଅଁଳା ମିଶାଇ
ଭୂଳାନ୍ତ ଷୋଳ ପଲରେ ।
ଚଉଷଠି ପଲ ଜଳେ ତା ସିଝାଇ
ଶେଷରେ ଷୋହଳ ପଳ,
ରଖି ଜଳ ତହୁଁ ଘୃତ ବନ ଦ୍ୱୟ
ଅଭ୍ର ପାକେ ନେଇ ତଳ ।
ଆଠ ପଳ ଗୃଆ ଦିଅ ଦେଇ ତହିଁ
ଚକଟି ଉତ୍ତମ ରୂପେ,
ଲୁହା-କଡ଼ାଇରେ ମନ୍ଦ ମନ୍ଦ ଜାଳେ
ଖଟେଇବ ଯତ୍ନ ଅପେ ।
ମରିଗଲେ ଘିଅ, ଦିଅ ସେ ଅଭ୍ରକୁ
ଯତନେ ଚୂର୍ଣ୍ଣ କରିବ,
ରଖି ବୋତଲରେ ଯଥା ବିଧାନରେ
ସେବେ, ଅନୁପାନେ ଦେବ ।

—o—

ଲୌହଶୋଧନ ବିଧି

ପରିଷ୍କୃତ ଲୌହ ତତାଇ ଅଗ୍ନିରେ
କଦଳୀମୂଳ ରସରେ,

GPNanda Colln., Digitized by srujanika@gmail.com

ବୃଡ଼ାଗଲେ ଏହି- ମତ ସାତ ଥର
ଶୁଦ୍ଧ ହେବ ଜାଣ ଧୀରେ ।

—o—

ଲୌହଭସ୍ମ-ବିଧି

ହେମଦସ୍ତା ମଧ୍ୟେ ଗୁଣ୍ଡ କରି ଲୌହ
ତ୍ରିଫଳା ଗାଈମୂତ୍ରରେ,
ପଟେଷ୍ଟ୍ର ଶିଳେ ବାଟି ଜଳରୂପେ
ଚକ ଚକ୍ର କରି ଖରେ ।
ରଖି ଚଲାରେ ଢାଙ୍କି ପଲମେକ
ସେ ଖ୍ର ଗ୍ଲାନ ଲେପି ମାଟି,
ବସାଇ ଗାଦରେ ଘଷିଅଁଆରେ ଯେ
ପୋଡ଼ିଦେବ ଦଶ ଥୋକି ।
ଏହିପରି ଶତେ ଥର ଦେଲେ ପୋଡ଼ି
ଲୌହଭସ୍ମ କରେ ଗୁଣ,
ଏହାକୁ ବଇଦ ଶତପୁଟ ବୋଲି
କହନ୍ତି ଲୋକରେ ଜାଣ ।
ଅନ୍ୟ ଲୌହ ଦ୍ରବ ପଞ୍ଚବ ପ୍ରକାରେ
ହେଉଥିଲେ ହଜାରେ ଥର,
ସହସ୍ର ପୁଟିକ ବୋଲାଏ ଏ ଭସ୍ମ
ଗୁଣ କରଇ ଅପାର ।

—o—

ମଣ୍ଡୁରଶୋଧନ-ବିଧି

ଲୌହର ମଳକୁ ବୋଲନ୍ତି 'ମଣ୍ଡୁର'
ଶତେକ ବର୍ଷ ଊର୍ଦ୍ଧ୍ୱ,

GPNanda Colln., Digitized by srujanika@gmail.com

ଲୌହମଳ ଅତି   ଉତ୍କୃଷ୍ଟ ବୋଲାଏ
ଅଶୀ ବର୍ଷ ମଳ ଶୁଦ୍ଧ ।
ଅଟଇ ମଧ୍ୟମ   ଷାଠିଏ ବର୍ଷର
ଲୌହମଳ, ସେ ନିକୃଷ୍ଟ,
ତହିଁରୁ ନିଊନ   ନେହଲେ ବିଷ ପରି
ରୋଗୀର କରଇ ଅନିଷ୍ଟ ।
ମଣ୍ଡୁରକୁ ଆଣି   ପୋଡ଼ିବ ଅଗ୍ନିରେ
ଗାଈମୂତ୍ରରେ ପକାଇ,
ଏହିପରି ସାତ—   ଥର କଲେ ହେବ
ବିଶୁଦ୍ଧ ମଣ୍ଡୁର ସେହି ।

—o—

ମଣ୍ଡୁରଭସ୍ମ-ବିଧି

ଶୋଧିତ ମଣ୍ଡୁର   ଯତ୍ନେ କରି ଗୁଣ୍ଡ
ଗାଈମୂତ୍ରେ ଗୋଳ ବାନ୍ଧି,
ଚକ ଚକ କରି   ରଖ ପଲମକେ
ଢାଙ୍କ ଅନ୍ୟ ପଲମଠି ।
ଉଭୟର ଯୋଡ଼—   ସ୍ଥଳେ ମାଟି ଲେପି
ଗାତରେ ପୂରାଇ ଦିଅ,
ତା ମଧ୍ୟେ ପଲମ,   [illegible]ଖିବେଇ ଜାଳ-
ଦେବ ଦେଖି ହବା ନଶି ।
ଏହିପରି ଶତେକ   ଥର ଦେଲେ ପୋଡ଼ି
'ମଣ୍ଡୁରଭସ୍ମ' ହୁଅଇ,
ଏହି ଭସ୍ମ ନେଇ   ଔଷଧରେ ଯୋଗ
କଲେ କିଛି ଭୟ ନାହିଁ ।

GPNanda Colln., Digitized by srujanika@gmail.com

ଲୌହ-ଭସ୍ମାଭାବେ ମଣ୍ଡୂର ଭସ୍ମକୁ
କରନ୍ତି ବୈଦ୍ୟେ ପ୍ରୟୋଗ,
ଲୌହଭସ୍ମ ଗୁଣ ଧାରଇ ଯେ ପୂର୍ଣ୍ଣ
କହନ୍ତି ମୁନିବର୍ଗ ।

—o—

ରଙ୍ଗଶୋଧନ-ବିଧି

ପତ୍ର ଟୁକୁରା ରଙ୍ଗ ରଖି ମାଟିପାତ୍ରେ
ତରକାରି ଦେବ ଧୀରେ,
ଗାତ ଖୋଳା ହାଣ୍ଡି ପୋତିବ ଗୋଟିଏ
ଯତ୍ନେ ଭୂଇଁ ସମାନରେ ।
ହାଣ୍ଡି ମଧ୍ୟ ଚୂନ— ପାଣି ଦେବ ଭରି
ତଳେ ରଙ୍ଗ ଓଜ୍ଜାକରି.
ଦୂରେ ରହି ଧୀରେ ଧୀରେ ଅଜାଡ଼ିବ
ଚୂନପାଣିର ହାଣ୍ଡିରେ ।
ଶୀତଳ ହୋଇଲେ ଉଠାଇ ହାଣ୍ଡିକୁ
ବସାଇ ଚୁଲି ଉପରେ,
ଦୁଇ ଘଣ୍ଟା କାଳ ଜାଳଅ ଚୁଲ୍ଲୀକୁ
ପାଣି ଅଣ୍ଟା ହୋଇଗଲେ ।
ରଙ୍ଗକୁ ଉଠାଇ କରି ଧୋଇ ଦେଇ
ରଖିବ ସଫା ଶିଶିରେ,
ଏହିପରି କଲେ ଶୁଦ୍ଧ ହୁଏ ରଙ୍ଗ
କହନ୍ତି ବୈଦ୍ୟ-ଶାସ୍ତ୍ରରେ ।

—o—

GPNanda Colln., Digitized by srujanika@gmail.com

ବଙ୍ଗଭସ୍ମ-ବିଧି

ଶୋଧିତ ରଙ୍ଗକୁ ରଖି ଲୌହ ପାତ୍ରେ
ବସାଇ ତୀବ୍ର ଅଗ୍ନିରେ,
ରଙ୍ଗ ସମାନରେ ପକାଇ ହଳଦୀ
ଘାଣ୍ଟିବ ଲୌହଦଣ୍ଡାରେ ।
ହଳଦୀ ପାଉଁଶ ହୋଇଗଲେ ପାତ୍ରେ
ରଙ୍ଗ ସମାନ ଜୁଆଣୀ,
ପକାଇ ପାତ୍ରେରେ ଘାଣ୍ଟୁଥିବ ସଦା
ଶିବ ଶିବ ନାମ ଗୁଣି ।
ଜୁଆଣୀ ପାଉଁଶ ହେଲେ ପାତ୍ର ମଧ୍ୟେ
ତେନ୍ତୁଳଗଛ ବକଳ,
ରଙ୍ଗର ସମାନେ ପକାଇ ପାତ୍ରରେ
ଘାଣ୍ଟୁଥିବ ନିରନ୍ତର ।
ହଳଦୀ, ଜୁଆଣୀ, ତେନ୍ତୁଳୀ-ବକଳ
ସମସ୍ତ ହେଲେ ପାଉଁଶ,
ଅଶ୍ୱତ୍ଥର ଛେଲି ରଙ୍ଗ ସମାନରେ
ପକାଇ ପାତ୍ରେରେ ଘଷ ।
ଛେଲିଆଁକ ସବୁ ପାଉଁଶ ହୋଇଲେ
ଲୁହାପାତ୍ରେ ଓହ୍ଲାଇବ,
କେତେ କ୍ଷଣ ପରେ ଶୀତଳ ହୋଇଲେ
ସେ ବଙ୍ଗ ଭସ୍ମ ପାଇବ ।
ରଖି ତା ପଲମ ଯୋଡ଼ିାର ପଲମ
ଯୋଡ଼ ସ୍ଥଳେ ଲେପି ମାଟି,

ଘଷି ନଆଁ ମଝେ ପୋଡ଼ିବ ପଲମ
ଲଭିଲେ ନଆଁ ତେଜକି ।
ଲେମ୍ବୁ ବାହାର କରି ସବୁ ଭସ୍ମ
ଗୋଳାଇ ଦେଇ ଜଳରେ,
ନଗାଡ଼ିଲେ ଗାଡ଼ି -- ଶିଆ ଜଳ ଯାଇ
ବଙ୍ଗ ରହିଯିବ ତଳେ ।
ଶୁଖାଇ ଖଲରେ ଘୁଣିବ କନାରେ
ଏହି ବଙ୍ଗଭସ୍ମ ଶୁଦ୍ଧ,
ବହୁ ଗୁଣ ଦିଏ ଯତନେ ମିଶାଇ
ଯେ ନବୈଦ୍ୟ କରେ ଔଷଧ ।

—o—

ସୀସାଭସ୍ମ-ବିଧି

ଲୌହ ପାତ୍ରେ ସୀସା ତରଳାଇ ଦେଇ
ଅଳ୍ପ ଅଳ୍ପ ଯବକ୍ଷାର,
ପକାଇ ଘାଣ୍ଟିବ ଲୁହାର ହତାରେ
ଶୀଘ୍ର ଦେଇ ଖୁବ୍ ଜାଳ ।
ନାଲି ହୋଇ ସୀସା ଦେଖିଲେ ଧୂଳି ପରି
ଦେବ ଚୁଲ୍ଲିରୁ ଓହ୍ଲାଇ,
ହୋଇଲେ ଶୀତଳ ଧୌତ କରି ଜଳେ
ନେଇ ଖଲରେ ଶୁଖାଇ ।
ତରି ଖଲ ମଧ୍ୟେ ଛାଣିବ କନାରେ
ରଖିବ ବୋତଲେ ଭରି,
ଏହି ସୀସାଭସ୍ମ ସକଳ ଔଷଧେ
ପାରିବ ପ୍ରୟୋଗ କରି ।

———

GPNanda Colln., Digitized by srujanika@gmail.com

ତାମ୍ରଶୋଧନ-ବିଧି

ତମ୍ବାକୁ ପାଟଲା କାଗଜ ସ୍ୱରୂପ
କରି ପକାଇ ଗୋମୂତ୍ରେ,
ତୁହରେକ କାଳ ସିଝାଇ ଅଗ୍ନିରେ
ଧୋଇ ଦେବ ସାଥେ ସାଥେ ।

ତାମ୍ରଭସ୍ମ-ପ୍ରକରଣ

ତମ୍ବାର ଦ୍ୱିଗୁଣ ଗନ୍ଧକ, କାଗଜି
ରସରେ ମର୍ଦ୍ଦ କଲେ,
ତମ୍ବାପତ୍ର ପରେ ଲେପି ଯତନରେ
ଶୁଖାଇ ଦେବ ଖରାରେ ।
କଲମ ମଧ୍ୟରେ ରଖି ତମ୍ବ ପତ୍ର
ତା ଉପରେ କଲମ ଢାଙ୍କି,
ଯୋଡ଼ ସ୍ଥାନେ ମାଟି ଲେପି ଯତନରେ
ଘଣ୍ଟିରେ ପୋଡ଼ିବ ରଖି ।
ଏହିପରି ଦୁଇ ତିନି ପୋଡ଼ ଦେଲେ
ଭସ୍ମ ହୋଇଯାଏ ତମ୍ବା,
ଅନ୍ୟ ପ୍ରକାରରେ ଭସ୍ମବିଧି ଯାହା
କହିବି ଶୁଣ କହିବା ।
ବିଶୋଧିତ ତମ୍ବା- ପତ୍ରରୁ ଦ୍ୱିଗୁଣ
ଶୁଦ୍ଧ ଗନ୍ଧକର ଚୂର୍ଣ୍ଣ,
ଶରାରେ ଗନ୍ଧକ ଚୂର୍ଣ୍ଣ ଦେଇ ଅଧେ
ତମ୍ବାପତ୍ରକୁ ସ୍ଥାପନ ।

GPNanda Colln., Digitized by srujanika@gmail.com

କରି ତା ଉପରେ ଗନ୍ଧକର ଗୁଣ୍ଡ
ବସ୍ତ୍ରକ ଦେବ ଯନ୍ତନେ,
ଶରା ପରେ ଶରା ଢାଙ୍କି ଦେଇ ଧୀରେ
ମାଟି ଲେପ ଦେଉ ସ୍ଥାନେ ।
ତା ପରେ ଖପରେ ଶୁଖାଇ ଗାତରେ
ରଖି ଦହିନିଆଁ ଜାଳ,
ନିଆଁ ଲିଭନ୍ତେ ବାହାର କରିବ
ଶରାକୁ ଦେଖି ଚଞ୍ଚଳ ।
ଏହିପରି ତିନ ପୋଡ଼ ଦେଲେ ତମ୍ବା
ଭସ୍ମ ହୁଅଇ ବିଧିରେ,
ମରଦ ଖଲରେ ଘୁଣି ଯତନରେ
ରଖିଦେବ ହୁସିଆରେ ।

———

ତାମ୍ରର ଅମୃତୀକରଣ

ଲେମ୍ବୁରସେ ତମ୍ବା ଭସ୍ମକୁ ମରଦ
ରଖିବ ପିଣ୍ଡୁଳା କରି,
ଶୁଖିଗଲେ ତାହା ଓଲଅ ଭିତରେ
ଅଧ ଯତନେ ଦେବ ଭରି ।
ଓଲୁଅ ଉପରେ ଦେଇ ମାଟି ଲେପ
ରଖି ଶୁଖାଇ ଖପରେ,
ଶୁଖିଗଲେ ତାହା ଦେଇ ଖଣ୍ଡ ଘଷି
ପୋଡ଼ିବ ଠାଣ ଜାଳରେ ।
ଲିଭିଗଲେ ନିଆଁ ବାହାର କରିବ
ଓଲୁଅ ଗୋଟିକୁ ଚଳେ,

GPNanda Colln., Digitized by srujanika@gmail.com

ତା ମଧ୍ୟରୁ ତମ୍ବା- ଭସ୍ମ ନେଇ ଯତ୍ନେ
ମର୍ଦ୍ଦନ କରିବ ଖଲେ ।
ଏହି ତମ୍ବା-ଭସ୍ମ ଅଟେ ଦୋଷଶୂନ୍ୟ
ଏଥିରେ ଅରୁଚି, ବାନ୍ତି,
ଭ୍ରମ ଆଦି ଦୋଷ ନ ହୁଅଇ ଜନ୍ତୁ
କରଇ ରୋଗକୁ ଶାନ୍ତ ।

ପିତ୍ତଳ, କଂସାଭସ୍ମ-ବିଧି

ପିତ୍ତଳ, କଂସାକୁ ତମ୍ବା ପରି ଶୋଧି
ସେହିପରି ଭସ୍ମ କର,
ଗନ୍ଧକ ଯୋଗରେ ସବୁ ଧାତୁଭସ୍ମ
କରିହୁଏ ବରାବର ।

ଖର୍ପରଶୋଧନ ବିଧି

କନାରେ ଖପର ବାନ୍ଧି ହାଣ୍ଡି ମଧ୍ୟେ
କାଠିରେ ଦେବ ଝୁଲାଇ,
ଗାଈମୂତ୍ର ହାଣ୍ଡି- ଭିତରେ ଭରିବ
ଗୁଣ ପାଞ୍ଚ ସେର ନେଇ ।
ବସାଇ ଚୁଲିରେ ଘଣ୍ଟା ପହର ଯେ
ରଖିବ ମଧ୍ୟମ ଜାଳେ,
ଯେପରି ଗାଈର ମୂତ୍ର ନ ପଡ଼ଇ
ଉତ୍ଥୁଳି ଚୁଲି ଭିତରେ ।

GPNanda Colln., Digitized by srujanika@gmail.com

ଚାପରେ ଖପର ଧୋଇଣ ଜଳରେ
ପୋଟ୍ଟୁପାଣ୍ଟି ରଖି ଦେବ,
ଏପରି କରିଲେ ଖପର ବିଶୁଦ୍ଧ
ହୁଅଇ ମନରେ ଭାବ ।

—o—

ଖର୍ପରଭସ୍ମ-ବିଧି

ଶୋଧିତ ଖର୍ପର ଲମ୍ବା କରେଇରେ
ତରଳାଇ ଜାଳ ଅଗ୍ନି,
ଅଳପ ଅଳପ ଚିଞ୍ଚା ସରିଷବ
ଦେଉଥିବ ଧୀରେ ବିଣି ।
ପଳାଶ-ଦଣ୍ଡରେ ଘଣ୍ଟି ଘାଣ୍ଟି ସଦା
ଖର୍ପରକୁ ଭସ୍ମ କର,
ହେଲେ ଧୂଳି ପରି ଓହ୍ଲାଇ କରେଇ
ରଖ ନୋହି ତରତର ।
କନାରେ ଭସ୍ମକୁ ଛାଣି ନିଜ ହାତେ
ରଖିବ ବୋତଲେ ଭରି,
ଏହି ଭସ୍ମ ନେଇ ଦେବ ଅଉଷଧ
ହୃଦପେ ଶିବଙ୍କୁ ସ୍ମରି ।

—o—

ରୌପ୍ୟଶୋଧନ-ବିଧି

ରୂପାକୁ କାଗଜ ସ୍ୱରୂପ ପତର
କରି କରିବ ଗରମ,
ତିଳ, ତେଲ, ଘୋଳ— ଦହି, ଗାଈମୂତ,
କାଞ୍ଜିପାଣି ଯେ ଉତ୍ତମ ।

GPNanda Colln., Digitized by srujanika@gmail.com

କୋଳଥ କଷାୟ, ପ୍ରତ୍ୟେକରେ ସାତ-
ଥର କରି ପକାଇବ,
ଧୋଇଲେ ତା'ପରେ ଜଳରେ ରୂପାକୁ
ବିଶୋଧିତ ସେ ହୋଇବ ।

ରୌପ୍ୟଭସ୍ମ-ବିଧି

ଶୋଧିତ ରୂପାର ପତରକୁ କରି
କତୁରନ୍ତେ ଟିକ ଟିକ,
ରୂପାର ସମାନ ସ୍ୱର୍ଣ୍ଣମାକ୍ଷିକ,
ଗନ୍ଧକ ତୁଲ ସେତିକ ।
ଅରଖ କ୍ଷୀରରେ ସ୍ୱର୍ଣ୍ଣମାକ୍ଷିକ,
ଗନ୍ଧକ ଖଲରେ ଘୋଟି,
ରୂପାପତ୍ର ଯାକ ବୋଳାଇ ତଦ୍ଧ୍ୱଁରେ
ଝରାରେ ରଖ ଝଟିତି ।
ଶୁଖିଗଲେ ତାକୁ କୋଇରେ ପୂରାଇ
ଅନ୍ୟ କୋଇ ଢାଙ୍କି ଦେଇ,
ଯୋଡ଼ମୁହେଁ ତାର ମାଟି ଲେପି ଦେଇ
ଖରାରେ ଦେବ ଶୁଖାଇ ।
କୋଡ଼ିଏ ପଚାଶ ଖଣ୍ଡି ଘଷି ମଧ୍ୟେ
ରଖି କୋଇ ସନ୍ତନରେ,
ନିଆଁ ଲଗାଇବ ବଣପାଟେଖ ତାର
ଘଷି ଜଳି ଲିଭିଗଲେ ।
କୋଇକୁ ବାହାର କରି ଖଲ ମଧ୍ୟେ
ରୂପାକୁ କରିବ ଚୂର୍ଣ୍ଣ,

GPNanda Colln., Digitized by srujanika@gmail.com

ଘୃଣିଣ କନାରେ   ଖଦଡ଼ଙ୍ଗ ଡଳ
ପୁଣି ସେ କୋଇନେବ ମେଳ ।
ଏହ୍ନପର ରୂପା-   ପତର ଚେପାଡ଼ିବ
ତପ୍ତ ହେବାଯାଏ ସବୁ,
ଏହାକୁ ଔଷଧେ   କଲେ ପ୍ରୟୋଗ
ଦୋଷ ନ ରହିବ ଆଉ ।

ଅନ୍ୟ ପ୍ରକାର—

ଶୋଧିତ ରୂପ -   ପତର ଉପରେ
ଚାହି ହରିତାଳ ଲେପି,
ରୂପାର ସମାନ   ଗନ୍ଧକର ଚୂର୍ଣ୍ଣ
କୋଇ ମଧ୍ୟ ଦେବ ଥାପି ।
ଗନ୍ଧକ ଉପରେ   ରଖାଇ ରୂପକୁ
ତହିଁ ପରେ ସେ ଗନ୍ଧକ—
ଚୂର୍ଣ୍ଣି ଦେଇ କୋଇ   କରିଦେବ ବନ୍ଦ
ନ ରହେ ସେପରି ଫାଙ୍କ ।
ଶୁଖାଇ ଖପରେ   ମୋଡ଼ିବ କୋଇକୁ
ଷଷି କୋଡ଼ିଏ ପଚାଶ —
ଖଣ୍ଡ ମଧ୍ୟେ ଥୋଇ   ଯେପରି ସେ ରୂପା
ତରଳ ନ ଯାଏ ଲେଶ ।
ଲଭିଗଲେ ନିଆଁ   ବାହାର କରିବ
କୋଇ ଅତି ସାବଧାନେ,
ତହିଁରୁ ରୂପାକୁ   ତୋଳିଆଣି ଧୀରେ
ମରଦିବ ଖଲେ ଘେନ ।

GPNanda Colln., Digitized by srujanika@gmail.com

ପତଳା କନାରେ ଗୁଣ୍ଡି ରୂପା ଗୁଣ୍ଡ
ଖଦଡ଼ା ନେଇ କୋଇରେ,
ପୁଣି ପୂର୍ବପରି ମୋଡ଼ିବ କଅଁରେ
ସମସ୍ତ ଗୁଣ୍ଡ ହୋଇଗଲେ,
କନାଦ୍ଵାରା ଛାଣି ବୋତଲରେ ରଖି
ଆବଶ୍ୟକ ସମୟରେ,
ଏହି ରୂପାଭସ୍ମ ଔଷଧରେ ଦେଲେ
ଉପଯୁକ୍ତ କାମ କରେ ।

———

ସ୍ଵର୍ଣ୍ଣଶୋଧନ-ବିଧି

ସୁବର୍ଣ୍ଣ ପତର କରଣ ଗରମ
ତଳ, ତେଲ, ଘୋଳଦହି,
ଗାଈମୂତ, କଞ୍ଜି- ପାଣି କୋଳଥର
କ୍ଵାଥ କରିଣ ସିଝାଇ ।
ପ୍ରତ୍ୟେକରେ ସାତ ସାତ ଥର କର
ପଚାଇ ଶୁଦ୍ଧ ସୁବର୍ଣ୍ଣ,
ତତ୍ପରେ ସୁନା ପତର କାଟିବ
କଣ୍ଟିରେ ତିଳ ସମ ।

ସ୍ଵର୍ଣ୍ଣଭସ୍ମ-ବିଧି

ସୁନାର ସମାନ ମିଶାଇ ପାରଦ
ଖଲ ମଧ୍ୟରେ ରଖିବ,
ଦୁଇ ଦିନ ଯାଏ ଘେଣ୍ଟି ବିଧିମତେ
ମେଳ କୋଇରେ ଭରିବ ।

GPNanda Colln., Digitized by srujanika@gmail.com

ପାରଦ ସମାନ ଗନ୍ଧକର ଚୂର୍ଣ୍ଣ
ଅଧେ ନେଇ ସୁନା ତଳେ,
ଆଉ ଅଧେ ଚୂର୍ଣ୍ଣ ରଖିବ ଯତନେ
ସେହି ସୁନାର ଉପରେ ।
କୋଇର ଉପରେ ରଖି ଅନ୍ୟ କୋଇ
ଯୋଡ ସ୍ଥାନେ ଲେପି ମାଟି,
ଶୁଖାଇ ଖପରେ ଦଶ ବାର ଖଣ୍ଡି
ଘଡି ଅଣିବ ପାଉଁଟି ।
ତା ମଧ୍ୟରେ ନେଇ ସମ୍ପୁ ରଖି ଦେଇ
ତେଜ ଢ଼ବ ଲଗାଇ ନିଆଁ,
ବେଶି ତାପ ଦେବ- ନାହିଁ କାଳେ ସୁନା
ହୋଇଯିବ ତରଳିଆ ।
ଏହିପରି ଦଶ- ବାର ଦେଲେ ପୋଡ଼ି
ସ୍ୱର୍ଣ୍ଣଭସ୍ମ ହୁଅଇ,
ଏହାକୁ ଔଷଧେ ପ୍ରୟୋଗ କରିଲେ
ନିଶ୍ଚୟ ଫଳ ଲଭଇ ।

—o—

ସ୍ୱର୍ଣ୍ଣମାକ୍ଷିକ-ଶୋଧନ-ବିଧି

ତିନି ଭାଗ ସ୍ୱର୍ଣ୍ଣ- ମାକ୍ଷି, ଏକ ଭାଗ
ସନ୍ଧବ ଲୁଣ ନେବ,
ଗୋଳି ଲେମ୍ବୁରସେ ଲୁହା କଡେଇରେ
ଚୁଲାରେ ବସାଇ ଦେବ ।
ଜାଳ ଖଣ୍ଡ ଜାଳ ଲୁହାଡଳା ଦ୍ୱାରା
ଘାଣ୍ଟୁଥିବ ଏବୁ ବେଳେ,

GPNanda Colln., Digitized by srujanika@gmail.com

ନାଳ ପଡ଼ଗଲେ କରେଇ ଗୋଟିକ
ଓନ୍ଦ୍ୟାଇ ରଖିବ ତଳେ ।
ଏପର କରିଲେ ସ୍ୱର୍ଣ୍ଣମାକ୍ଷିକ
ବିଶୁଦ୍ଧ ହୁଅଇ ଜାଣ,
ତାହା ପରେ ଭସ୍ମ [illegible] ହୋଇବ
ଶୁଣ ତାର ବିବରଣ ।

ସ୍ୱର୍ଣ୍ଣମାକ୍ଷିକ-ଭସ୍ମ-ବିଧି

ଏକ ଭାଗ ଶୁଦ୍ଧ ସ୍ୱର୍ଣ୍ଣମାକ୍ଷିକ,
ତାର ଗୁଣ ଭାଗଁ ଭଟେ,
ମିଶାଇ ଗନ୍ଧକ, ଜଡ଼ାତେଲେ ଘୋଟି
ଚକ କରିଦେବ ଆଗେ ।
ରଖିଣ ଶରାରେ ଚକ ଗୋଟି ଗୋଟି
ପୁଣି ଏକ ଶରା ଢାଙ୍କି,
ଯୋଡ଼ମୁହେଁ ତାର ଲେପିଦେଇ ମାଟି
ଶୁଖାଅ ଖରା[illegible] ରଖି ।
ଗାତ ମଧ୍ୟେ ଘଷି- ଗୁଣ୍ଡଏ ଜମାଇଁ
ଘଷି ମଧ୍ୟେ ରଖି ଶରା,
ଲଗାଇଣ ନିଆଁ ଲିଭିଗଲେ ପୁଣି
ବାହାର କରିବ ଜରା ।
ସ୍ୱର୍ଣ୍ଣମାକ୍ଷିକ ଶରା ମଧ୍ୟେ ଅଗ୍ନି
ହୋଇବ ପ୍ରକାର ଖଳେ,
ତା ପରେ କନ ବଳ ଗୁଣି ଭସ୍ମ ତକ
ରଖିବ ସଫା ବୋତଲେ ।

GPNanda Colln., Digitized by srujanika@gmail.com

ରୌପ୍ୟମାକ୍ଷିକ-ଶୋଧନ-ମାରଣ-ବିଧି

ରୌପ୍ୟ ମାକ୍ଷିକକୁ କାଞ୍ଚନ ଜରଧରେ
ଭିଜାଇ ଗୋଟିଏ ଦିନ,
ସୁବର୍ଣ୍ଣମାକ୍ଷିକ ପ୍ରଣାଳୀରେ ଭସ୍ମ
କରିବ ନବେଣି ମନ ।

ବଂଶପତ୍ର-ହରିତାଳ-ଶୋଧନ-ବିଧି

ବାଉଁଶ ପତ୍ରିଆ ହରିତାଳ ଆଣି
ବତୁରାଇ ଚୂନଜଳେ,
ସାତ ଦିନ ପରେ ଧୋଇଣ ଜଳରେ
ଶୁଖାଇ ଦେବ ଖରାରେ ।
କେହି କେହି ବୈଦ୍ୟ ଏକ ଗୋଟି ଦିନ
ଭିଜାନ୍ତି ଚୂନପାଣିରେ,
ଏପରି ବିଶୁଦ୍ଧ ହୁଏ ହରିତାଳ
ଶୀଘ୍ର ଦରକାର ବେଳେ ।

ବଂଶପତ୍ର-ହରିତାଳ-ଭସ୍ମ-ବିଧି

ଶୋଧିତ ବାଉଁଶ- ପତ୍ରୀ ହରିତାଳ
ଘୋଟି ପୁରୁଣୀ ରସରେ,
କରିଣ ପିଣ୍ଡୁଳା ଶୁଖାଇ ଖରାରେ
ରଖିବ ଅତି ଯତନରେ ।
ପୁରୁଣୀ ପାଉଁଶ ଗୋଟିଏ ହାଣ୍ଡିରେ
ଭରତି କରିବ ଅଧେ,

GPNanda Colln., Digitized by srujanika@gmail.com

ରଖି ହରିତାଳ ସରା ମଧ୍ୟେ ସରା
ଯୋଡ଼ାଇ ଦେବ ଆନନ୍ଦେ ।
ପାଉଁଶ ଉପରେ ରଖି ସରା ଗୋଟି
ପୁଣି ସେ ପାଉଁଶ ଦେବ,
ବେକ ଯାଏ ଦେଇ ଘୋଡ଼ାଇ ପଲମ
ଚିକ୍କଣ ମାଟି ଲେପିବ ।
ଝାଣ ଜାଳ ଜାଳି ବାରାଇ ଚୁଲ୍ଲୀରେ
ଗତ ହେଲେ ପାଞ୍ଚ ଦିନ,
ହାଣ୍ଡିକୁ ଚୁଲ୍ଲୀରୁ ଓହ୍ଲାଇ ଆଣିବ
ହୋଇ ଅତି ସାବଧାନ ।
ହୋଇଲେ ଶୀତଳ ସରାକୁ ହାଣ୍ଡିରୁ
ଉଠାଇ ଆଣି ହାତରେ,
ହରିତାଳ ତଳ ପକାଇ ଖଲରେ
ଚୁନିଦେବ ଧୀରେ ଧୀରେ ।
ହରିତାଳ ଭସ୍ମ ସର୍ବ ରୋଗହର
ଅନୁପାନ ପ୍ରଭେଦରେ,
ବିଶେଷରେ ଏହା ସନ୍ନିପାତ ରୋଗ,
କୁଷ୍ଠକୁ ନଷ୍ଟେ ସଂହାରେ ।

ଗୋଦନ୍ତ-ହରିତାଳ ଶୋଧନ-ବିଧି

ହାଣ୍ଡିରେ ଗୋବର ରଖିଣ ମେଞ୍ଚାଏ
ତହିଁ ପରେ ଦେଇ ପାନ,
ପାନର ଉପରେ ଶୁଦ୍ଧ ହରିତାଳ
ରଖିବ କରି ଯତନ ।

GPNanda Colln., Digitized by srujanika@gmail.com

ହାଣ୍ଡିର ମୁଖରେ ଘୋଡ଼ାଇ ଫଲମ
ଚୁଲ୍ଲୀ ଉପରେ ବସାଇ,
ତୀବ୍ର ଜାଳ ଦେବ ଗୋଟିଏ ଦିବସ
ତା ପରେ ଆଣି ଓହ୍ଲାଇ
ଥଣ୍ଡା ହେଲେ ହରି- ତାଳକୁ ବାହାର
କରି, ପକାଇ ଖଲରେ,
ଘୋଟିବ କନାରେ ଗୁଣ୍ଡି ଯତନରେ
ରଖିଦେବ ବୋତଲରେ ।

ମନଃଶିଳା ଶୋଧନ-ବିଧି

ଟିକ ଟିକ କରି ମନଃଶିଳା ଚୂନ-
ଜଳରେ ଦେବ ଡୁବାଇ,
ସାତଦିନ ପରେ ଧୋଇ ଦେଲେ ଜଳେ
ତାହା ବିଶୁଦ୍ଧ ହୁଅଇ ।

ଦାରୁମୂଷୀ ଶୋଧନ-ବିଧି

ଆଣି ଧଳା କିମ୍ବା ନାଲି ଦାରୁମୂଷୀ
ବାନ୍ଧିଣ ସରୁ କନାରେ,
ଝୁଲାଇ ରଖିବ ହାଣ୍ଡି ମଧ୍ୟେ ତାହା
ଯେପରି ନ ଲାଗେ ତଳେ ।
ପାଣିକଖାରୁର ରସ ସେ ହାଣ୍ଡିରେ
ଅଧେ ପରିଯନ୍ତ ଦେଇ,
ବସାଇ ଚୁଲ୍ଲୀରେ ତ୍ରିହରେ ପର୍ଯ୍ୟନ୍ତ
ମନ୍ଦ ଜାଳରେ ସିଝାଇ ।

GPNanda Colln., Digitized by srujanika@gmail.com

ପାଣି କଖାରୁର ରସକୁ ନିଗାଡ଼ି
ଅଧହାଣ୍ଡି ଚୂନଜଳ,
ଦେଇ ଦୂବପତ୍ର ସିଝାଇବ ମନ୍ଦ
ଜାଳରେ ଏକ ପ୍ରହର ।
ଶୀତଳ ହୋଇଲେ ସେ ଜଳ ନିଗାଡ଼ି
ଢଳ-ଚେଟେଲେ ପୂର୍ବବତ,
ଗାଲଣ ହାଣ୍ଡିରେ ପାକ କରିନେବ
ମୃଦୁ ଜାଳେ ବିଧିମତ ।
ତା ପରେ ଧୋଇବ ଶୀତଳ ଜଳରେ
ତାମ୍ରମୂଷୀ ଖଣ୍ଡ ଖଣ୍ଡ,
ଏମନ୍ତ କରିଲେ ବିଶୁଦ୍ଧ ହୁଅଇ,
ରଖି ଏହା ନର ମୁଣ୍ଡ ।

ଟାଙ୍ଗଣାଶୋଧନ-ବିଧି

ପଲମେ ଟାଙ୍ଗଣା କରି ଖଣ୍ଡ ଖଣ୍ଡ
ରଖ ବସାଇ ନିଆଁରେ,
ହେଲେ ଗଳି ପରି ହୁଅଇ ବିଶୁଦ୍ଧ
ଦେବ ଏହା ଔଷଧରେ ।

—o—

କଉଡ଼ିଭସ୍ମ-ବିଧି

କାଞ୍ଜିପାଣି ମଧ୍ୟେ ତିନ୍ତାଇ କଉଡ଼ି
ପୋଡ଼ିଲେ ଘଷି ନିଆଁରେ,

GPNanda Colln., Digitized by srujanika@gmail.com

ଭସ୍ମ ହୋଇଯାଏ, କର ବ୍ୟବହାର
ତାହା ନେଇ ଔଷଧରେ ।

ଶାମୁକାଶୋଧନ-ବିଧି

ଶାମୁକା ଶଙ୍ଖକୁ କାଗେଜ ରସରେ
ସିଝାଇ କରି ସମସ୍ତ,
ଧୋଇ ଉଷ୍ଣ ଜଳେ ରଖି ପଲମରେ
ଘୋଡ଼ାଅ ପଲମ ମୁହଁ ।
ଘଷି ମଧ୍ୟେ ତାହା ଯେ ଉଠିଲେ ଯତନେ
ମନ୍ଦ ହୁଏ ଭସ୍ମୀଭୂତ,
ଖଲରେ ଏହାକୁ ଘୋଟି ଗୁଣି ଦେବ
ଦିଶିବ ଯେପରି ଶ୍ୱେତ ।

ସମୁଦ୍ରଫେନ ଶୋଧନ-ବିଧି

ସମୁଦ୍ର ଫେନକୁ କାଗେଜି ରସରେ
ଘୋଟିଲେ ଗୋଟିଏ ଦିନ,
ହୁଅଇ ବିଶୁଦ୍ଧ କହି ଯାଇଛନ୍ତି
ବୈଦ୍ୟଶ୍ରେଷ୍ଠ ମୁନିଗଣ ।

ରସାଞ୍ଜନଶୋଧନ-ବିଧି

କାଗେଜ ରସରେ ରସାଞ୍ଜନ ଦିନେ
ଭିଜାଇ ରଖିଲେ ମାତ୍ର,
ହୁଅଇ ବିଶୁଦ୍ଧ ଜାଣ ହେ ବଇଦେ
ଏହା ମଧ୍ୟ ଅଛି ଶାସ୍ତ୍ରେ ।

GPNanda Colln., Digitized by srujanika@gmail.com

ହୀରାକଷଶୋଧନ-ବିଧି

ଭୃଙ୍ଗରାଜ ରସେ ପାଚେଇ ହୀରାକଷ
ଶୁଖାଇ ଦେଲେ ପ୍ରହରେ,
ଯେତେ ଦୋଷ ତାର ହୁଅଇ ଅନ୍ତର
ଜାଣିଥାଅ ବଚ୍ଛନରେ ।

ମୟୂରଗିରିଆ ଶୋଧନ-ବିଧି

ମୟୂରଗିରିଆ ଯେତେ ଦେବ, ତାର
ଅଧେ ଗନ୍ଧକ ତୁଳାବ,
ଦଣ୍ଡିଟି ସବରେ ରଖି ଦେଇ ଯୋଡ଼
ମାଟି ବୋଳ ଶୁଖାଇବ ।
ଛଷି ନିଆଁ ମଧ୍ୟେ ପୋଡ଼ିଲେ ଏହାକୁ
ବିଶୁଦ୍ଧ ହୁଅଇ ଜାଣ,
ଭସ୍ମ କରି ତାହା ଔଷଧରେ ଦେଲେ
କରଇ ବହୁତ ଗୁଣ ।

ଫିଟିକିରି ଶୋଧନ-ବିଧି

ଖଣ୍ଡ ଖଣ୍ଡ ଫିଟି- କରି କରେଇରେ
ରଖି, ବସାଇ ଚୁଲିରେ,
ଜାଳ ଦେଲେ ତାହା ଫୁଟିଲା ଫୁଲଇ
ଧଳା ଖଇ ପରକାରେ ।

ନଶାଦଳ ଶୋଧନ-ବିଧି

ନଶାଦଳ ଉଷ୍ଣ ଜଳରେ ମରଦ
ଗୋଳିଦେବ ଉଷ୍ମ ଜଳେ,

GPNanda Colln., Digitized by srujanika@gmail.com

ମୋଟା କଦାଦାର୍   ଗୁଣି ଜଳପାକ
ରଖିବ ପାତ୍ର ମଧ୍ୟରେ ।
ନଗାଡ଼ିବ ଜଳ   ନ ହୋଇ ଚଞ୍ଚଳ
ତଳେ ପଡ଼ିଯିବ ଯାହା,
ସେହି ନିଶାଦକ   ବିଶୁଦ୍ଧ ଅଟଇ
ଔଷଧରେ ଦେବ ତାହା ।

ହୀରକଶୋଧନ-ବିଧି

ଅଙ୍କରମୂଳ   ବାଟି ସଫାଜଳେ
ପିଣ୍ଡୁଳା ଗୋଟିଏ କର,
ପିଣ୍ଡୁଳା ଭିତରେ   ଅତି ଯତନରେ
ହୀରା ଖଣ୍ଡି ଦେବ ଭର ।
କନା ଖଣ୍ଡିକରେ   ବାନ୍ଧିବ ପିଣ୍ଡୁଳା
ଝୁଲାଇବ ହାଣ୍ଡି ମଧ୍ୟେ,
କୋଳଥ କ୍ୱାଥ   ଭରିବ ହାଣ୍ଡିରେ
ଯେମତ ନ ପଡ଼େ ମୂଳେ ।
ବସାଇ ଚୁଲିରେ   ମାରିବ କ୍ୱାଥ
ହାଣ୍ଡିରୁ ମରିଲେ ଜଳ,
କୋଦ୍ରୁଅ କ୍ୱାଥ   ଦେବ ସେ ହାଣ୍ଡିରେ
ମନ୍ଦ ମନ୍ଦ ଜାଳ ଜାଳ ।
ମରିଗଲେ ଜଳ   ପିଣ୍ଡୁଳା ଗୋଟିକ
ବାହାର କର ହାତରେ,
ହୀରାଖଣ୍ଡି ଧୋଇ   ରଖିଲେ ସେ ହେଲା
ବିଶୁଦ୍ଧ ଜାଣ ବିଧିରେ ।

GPNanda Colln., Digitized by srujanika@gmail.com

ହୀରକ ଭସ୍ମ-ବିଧି

ସେତେର କୋଳଥିକୁ ଅଠସେର ଜଳେ
ସିଝାଇ ମନ୍ଦ ଜାଳରେ,
ରଖି ଦୁଇ ସେର ଗ୍ରହଣିବ କୁଆଥ
ସେ ଠା ଛଦଡ଼ି ଚନାରେ ।
ତଦ୍ଧିଁରେ ଦ'ତୋଳା ମଇଳବ ଲୁଣ
ଗୋଳ ହିଙ୍ଗୁ ଦୁଇମସା,
ରଖିଣ ପାତ୍ରରେ ଶୁଦ୍ଧ ହୀରା ଖଣ୍ଡି
ପୋଡ଼ ଅଗ୍ନିରେ ସନ୍ତସା ।
କ୍ୱାଥରେ ପକାଇ ଶୁଦ୍ଧି ହୀରାଖଣ୍ଡି
ଗରମ କରି ଅଗ୍ନିରେ,
ପକାଇବ କ୍ୱାଥେ, ଏହିପରି କ୍ରମେ
ଏକୋଇଶ ଥର ଧୀରେ ।
ତା ପରେ ହୀରାକୁ ମେଧ ରୁ ଅଣ୍ଡ ଜଳେ
ତ ରିବ ଉତ୍ତମ ଘଟେଲ,
ଏପରି କରିଲେ ହୁଏ ହୀରାଭସ୍ମ
ପକାଇବ ଔଷଧରେ ।

ମୁକ୍ତା, ପ୍ରବାଳ ଶୋଧନ-ବିଧି

ମୁକ୍ତା ସେ ହେଲା ବାନ୍ଧଣ କନାରେ
ଝୁଲାଇ ଦେବ ହାଣ୍ଡିରେ,
ଜୟନ୍ତୀ ପତ୍ର- ରସ ଦୁଇସେର
ଭରିବ ହାଣ୍ଡି ଭିତରେ ।

GPNanda Colln., Digitized by srujanika@gmail.com

ଜୟନ୍ତୀ ପତ୍ର- ରସ ଅଭାବରେ
ଭଣ୍ଡଦେବ କାଞ୍ଜିପାଣି,
ସେ ସାର ହାଣ୍ଡି କୁ ସେଲେଟରେ ଢାଳଣି
ପଦ୍ମରେ ଜାଳିବ ଅଗ୍ନି ।
ଏହିପରି କଲେ ମୁକୁତା, ପୋହଳା
ବିଶୁଦ୍ଧ ହୁଅଇ ଜାଣ,
ତାହା ପରେ ଭସ୍ମ ଯେପରି ହୋଇବ
ସେ ବିଧି କହିବା ଶୁଣ ।

ମୁକ୍ତା, ପ୍ରବାଳ ଭସ୍ମ-ବିଧି

ଶୋଧିତ ମୁକୁତା, ପ୍ରବାଳ କୋଇରେ
ଭରତି କରି ମୁଖଟର,
ଦେଇଣ ତାକୁଣି ଯୋଡ଼ ସ୍ଥାନେ ମାଟି
ଲେପି ଶୁଖାଅ ଖରାରେ ।
ଶୁଖି ଗଲେ ନେଇ ପୋଡ଼ିବ ନିଆଁରେ
ଧୀରେ ଭଷି ମଧ୍ୟେ ଥୋଇ,
ଦୁଇ ତିନି ଥର ପୋଡ଼ିଲେ ଏପରି
ସେ ଦୁଇ ଭସ୍ମ ହୁଅଇ ।

ବୈକ୍ରାନ୍ତଶୋଧନ ମାରଣ-ବିଧି

ହୀରକ ର ପରି ବୈକ୍ରାନ୍ତ ଶୋଧନ
ଭସ୍ମ ମଧ୍ୟ ସେ ପ୍ରକାରେ,
ମାତ୍ର ଭସ୍ମ କଲା- ବେଳେ ମହେଶଙ୍କୁ
ଧ୍ୟାଇଥିବ ହୃଦୟରେ ।

GPNanda Colln., Digitized by srujanika@gmail.com

ସବ୍ଧଧରନ୍ତ ଭସ୍ମ-ବିଧି

ଦୋକଥ କ୍ୱାଥରେ ମନଃଶିଳା, ହରି-
ତାଳ ଗନ୍ଧକ ମର୍ଦ୍ଦ.
ଚୋଳାଇ ରତନ ରଖି ଢୋଇ ମଧ୍ୟେ
ତା ମୁଖକୁ ଦେବ ମୁଦ ।
ଘଷିରେ ଢୋଇକୁ ପୋଡ଼ ସାବଧାନେ
ବାହାର କରି ରତନ,
ପୁଣି ଦେଇ ଲେପ ପୋଡ଼ିବ କେ ଇରେ
ଆଠଥର ଆଠଦିନ ।
ଏପରି କରିଲେ ଶୀଘ୍ରେ ହୁଅଇ
ଭସ୍ମ ସମସ୍ତ ରତନ,
ଭସ୍ମ କଲାବେଳେ ଶୁଣିଥିବ ତାକୁ
ହୋଇ ଅତି ସାବଧାନ ।

———

ଶିଳାଜତୁ ଶୋଧନ-ବିଧି

ଚୀନ ଦୁଧେ, କେଶ- ଦୁଦୁମ୍ବ ରସରେ
ଓ ଫଳା କ୍ୱାଥରେ ଧୀରେ,
ତିନି ଦିନ ତିନ- ଦିନ ଶିଳାଜତୁ
ମର୍ଦ୍ଦିଲେ ଦୋଷ ହରେ ।

ନଖୀ ଶୋଧନ-ବିଧି

ତେନ୍ତୁଳ ରସରେ କମ୍ପା ଗୋବରର
ରସରେ ଶୋଧ ବାଘନଖୀ,

GPNanda Colln., Digitized by srujanika@gmail.com

ମିଶାଇ, ଘିଅରେ ଭୃଜଦେଇ ତାହା
ଅନ୍ୟ ପାତ୍ରେ ରଖ ନେଇ ।
ଏକ ଦିନ ଗୃହ୍ନ ହରିଡ଼ା ଜଳରେ
ଭିଜାଇ ଧୋଇଲେ ଜଳେ,
ହୁଅଇ ବିଶୁଦ୍ଧ ବାଉନଖୀ ମଧ୍ୟ
ଦେବ ତାହା ଔଷଧରେ ।

ମହୁରୀ ଶୋଧନ-ବିଧି

ମହୁରୀ ପାତ୍ରର ଖଣ୍ଡ ଖଣ୍ଡ କରି
ମିଶାଇ ଗାଈ ମୂତ୍ରରେ,
ସିଝିଗଲେ ତାହା ମାରିଣ ଖଡ଼କା
ଦେଖିବ ନିଜ ନେତ୍ରରେ ।
ଏ ପଟ ସେ ପଟ ଗଳିଲେ ଖଡ଼କା
ପାତ୍ରରୁ କରି ବାହାର,
ଜଳେ ଧୋଇ ରୌଦ୍ରେ ଛଡ଼ ଇଶ ଦେଲେ
• ଢଣିବ ସବୁ ଧୂଳ ।
ଟିକି ଟିକି କରି ଶଖାଇ ଖଲରେ
ସଫା ଶିଶିରେ ଭରିବ,
ଏହିପରି କଲେ ମହୁରୀ ଦେହରୁ
ସବୁ ଦୋଷ ଦୂର ହେବ ।

ସର୍ପବିଷ ଶୋଧନ-ବିଧି

ସର୍ପ ବିଷ ଆଣି ସୋରିଷ ତେଲରେ
ତିନି ପହର ପାକ ରଖେ,
ତା ପରେ ଅଗସ୍ତି- ପତ୍ରର ରସରେ
ଭିଜାଇଲେ ଦୋଷ ନାଶେ ।

GPNanda Colln., Digitized by srujanika@gmail.com

ଜୟପାଳ ଶୋଧନ-ବିଧି

ଏହାର ଜୈପାଳ ବାନ୍ଧିଣ କନାରେ
ସିଝାଇ ଗୋବର ଜଳେ,
ମିଞ୍ଜି ଦେବ ଟେକୁଆ ଫଳରୁ ମଞ୍ଜିର
ପତ୍ର କାଢି ଦେବ ଧୀରେ ।
ଧୋଇ ଥଣ୍ଡା ଜଳେ ଶୁଖାଇ ଖରାରେ
ରଖି ନେଲେ ଜୟପାଳ,
ହୁଅଇ ବିଶୁଦ୍ଧ ଔଷଧେ ପ୍ରୟୋଗ
କଲେ ମିଳେ ବଡ ଫଳ ।

ଧୂସ୍ତୂରମଞ୍ଜି ଶୋଧନ-ବିଧି

ଧୂତୁରା ମଞ୍ଜିକୁ ବାନ୍ଧିଣ କନାରେ
ଗାଈ ଦୁଧ ହାଣ୍ଡି ମଧ୍ୟେ,
ସଧୀରେ ଝୁଲାଇ ରଖି ଚୂଲ୍ଲୀ ପରେ
ଜାଳ ଜାଳିଦେବ ମନ୍ଦେ ।
ଦୁଇ ଘଣ୍ଟା କାଳ ଜାଳି ମନ୍ଦ ଜାଳ
ମିଳିବ ପୃଥକ ଖୋଲିବ,
ଥଣ୍ଡା ଜଳେ ଧୋଇ ଖରାରେ ଶୁଖାଇ
ଦେଲେ ସେ ବିଶୁଦ୍ଧ ହେବ ।

ଗଞ୍ଜେଇ ମଞ୍ଜି, ଗଞ୍ଜେଇ, ପତ୍ର ଶୋଧନ-ବିଧି

ଧୂତୁରାର ମଞ୍ଜି ସଦୃଶ ଗଞ୍ଜାଇ,
ଗଞ୍ଜାଇ ମଞ୍ଜି ବା ପତ୍ର,
ଗାଈର ଦୁଧରେ ସିଦ୍ଧ କରି ଦେଲେ
ହୁଅଇ ବିଶୁଦ୍ଧ ଅତ ।

GPNanda Colln., Digitized by srujanika@gmail.com

ଲଙ୍ଗୁଳିଆ ମୂଳ ଶୋଧନ-ବିଧି

ଦିନେ ମାତ୍ର ଲଙ୍ଗ- ଲଙ୍ଗୁଳିଆ ମୂଳ
ଭିଜାଇ ଗାଈ ମୂତରେ,
ରଖିଲେ ସେ ଜାଣ ହୁଅଇ ବିଶୁଦ୍ଧ
ଲେଖିଛି ବୈଦ୍ୟ ଶାସ୍ତ୍ରରେ ।

ବୃଦ୍ଧଦାରକ ମଞ୍ଜି ଶୋଧନ-ବିଧି

ବୃଦ୍ଧଦାରକର ମଞ୍ଜିକୁ କନାରେ
ବାନ୍ଧି ଗାଈଦୁଧ ଘଟେ,
ସିଝାଇଲେ ତାହା ହୁଅଇ ବିଶୁଦ୍ଧ
ଦୋଷ ଗୁଡ଼ପାଏ ଝଟେ ।

ଅଫିମଶୋଧନ-ବିଧି

ଅଫିମକୁ ଗାଈ- ଦୁଧରେ ଘୋଟିଲେ
ଦୋଷ ନ ରହେ ତାହାର,
କମ୍ବା ଅଦାରସେ ରଖିଲେ ଭିଜାଇ
ହୋଇଥାଏ ଦୋଷ ଦୂର ।

କୋଚିଲା ଶୋଧନ-ବିଧି

କୋଚିଲା ମଞ୍ଜିକୁ କରି ଖଣ୍ଡ ଖଣ୍ଡ
ଦେବ ଦୁଧରେ ସିଝାଇ,
ଭାଜିଲେ ଘିଅରେ ହୁଅଇ ବିଶୁଦ୍ଧ
କିଛି ଦୋଷ ରହେ ନାହିଁ ।

ଭାଲିଆ ଶୋଧନ-ବିଧି

ଇଟାଗୁଣ୍ଡ ଦ୍ୱାରା ଘଷି ଭାଲିଆକୁ
ଧୋଇ ଦେଲେ ଥଣ୍ଡା ଜଳେ,

GPNanda Colln., Digitized by srujanika@gmail.com

ହୁଅଇ ଶୁଦ୍ଧ   ଏହୁ ଶାସ୍ତ୍ରସିଦ୍ଧ
ଦେଖ ପଣ୍ଡିତ ମନରେ ।

ଗୁଗୁଲ୍ ଶୋଧନ-ବିଧି

ଗୁଗୁଲୁରୁ କୁଟା   କାଠି ବାଛି ଦେଇ
କନାରେ ବାନ୍ଧ ପୁଟୁଳି,
ଗାଈ ଦୁଧଭାଣ୍ଡେ   ରଖିବ ଝୁଲାଇ
ନ ଲାଗେ ଯେପରି ତଳ ।
ସେତେରେ ଗୁଗୁଲ୍‌ରେ   ସ୍ଵର ହେବ ଦୁଧ
ଦେଇ ସିଝାଇ ଯତନେ,
ତିନ ସେର ଦୁଧ   ମରିଗଲେ ଜାଣ
ଓହ୍ଲାଇବ ତତକ୍ଷଣେ ।
ଧୋଇଦେଲେ ଥଣ୍ଡା   ଅବଶେଷ ଦୁଧେ
କନାରେ ଥିବା ଗୁଗ୍ଗୁଳୁ,
ଟିକଟି ଟିକଟି   ଫିଙ୍ଗିଦେବ ଦୂରେ
ମଇଳା କନା ମଧ୍ୟରୁ ।
ଦୁଧ ଗୁଗ୍ଗୁଳୁକୁ   ଶୁଖାଇ ଖରାରେ
ମରିଗଲେ ସବୁ ଜଳ,
ମରଦ ଦିଅରେ   ଦେବ ଔଷଧରେ
ଶୁଦ୍ଧ ଗୁଗ୍ଗୁଳୁ ସକଳ ।

ଅନ୍ୟ ପ୍ରକାର—

ଆଣି ଏକ ସେର   ଦଶମୂଳ ଚୂର୍ଣ୍ଣ
ଆଠଗୁଣ ଦେଇ ଜଳ,
ସେଥିରେ ଗୁଗ୍ଗୁଳୁ   ବାନ୍ଧିଣ କନାରେ
ସିଝାଇ ଦେବ ଚଞ୍ଚଳ ।

GPNanda Colln., Digitized by srujanika@gmail.com

ସାତମେର ଜଳ ମଶିଗଲେ ତହୁଁ
କନାରେ ଛାଣି ସେ ଜଳ,
ତହିଁ ଗୁଗ୍ଗୁଳୁକୁ ଢାଳନ୍ତି ସ୍ଥଳନ୍ତି
ଖରାରେ ରଖ ସତ୍ୱର ।
ଜଳ ଶୁଖି ଗଲେ ଅଧପାଏ ଘିଅ
ଗୁଗ୍ଗୁଳୁରେ ଦେଇ ଗୋଳ,
ଝୋଲରେ ଖଳିଲେ ହୁଅଇ ବିଶୁଦ୍ଧ
ଏଥିରେ ନ ଥାଏ ମଳ ।

ଭଙ୍ଗ ଶୋଧନ-ବିଧି

ଉତ୍ତ ନଅାଁ ପରେ କପଡ଼ା ଗୋଟି
ବସାଇ ଦେଇ ହଳଖେ,
ଗାଈ ଘିଅ ତହିଁ ପକାଇ ସାମାନ୍ୟ
ତରଳିଲେ ଘିଅ ଥୋକେ ।
ଟିକ ଟିକ କରି ଭଙ୍ଗକୁ ପକାଇ
ଦେବ କପଡ଼ା ମଧ୍ୟେ,
ତରଳଲେ ଭଙ୍ଗ ଗୋଳାଇ କାଠିରେ
କାଢ଼ିଦେବ ମହାନନ୍ଦେ ।
ଭଙ୍ଗ ନୀଳ ବର୍ଣ୍ଣ ଦିଶିଲେ ଜାଣିବ
ହୋଇଲା ତାହା ବିଶୁଦ୍ଧ,
ଭଙ୍ଗ ସ୍ଥାନେ ଏହା ପ୍ରଦାନ କରିଲେ
ଗୁଣ କରଇ ଔଷଧ ।

GPNanda Colln., Digitized by srujanika@gmail.com

ସିହ୍ନୁକ୍ଷୀରଶୋଧନ-ବିଧି

ସିହୁଁ କ୍ଷୀର ଶୋଷ- ତେଁତା ଓଜନରେ
ଥେନ୍ତୁଳ ପତର ରସ,
ମିଶାଇ ଦ'ତୋଳା ଶୁଖାଇ ଖରାରେ
ନେଲେ ସେ ହେଲ ନିର୍ଦୋଷ ।

ଅରଖମୂଳ ଓ କ୍ଷୀର,କନିଅରମୂଳ,କାଇଁଚଶୋଧନ-ବିଧି

ଅରଖ ମୂଳର ଛେଲିକୁ କଦାରେ
ବାନ୍ଧି ଦୁଧଘଣ୍ଟେ ରଖି,
ସିଝାଇଲେ ତାହା ହୁଅଇ ବିଶୁଦ୍ଧ
ମୁନିଏଁ ଅଛନ୍ତି ଲେଖି ।
ଅରଖ କ୍ଷୀରକୁ ସିହୁଁ କ୍ଷୀର ପରି
ଶୋଧନ କରିବ ଜାଣ
କନିଅରମୂଳ କାଇଞ୍ଚ ଶୋଧନେ
ଅରଖ ଛେଲି ନିୟମ ।

ଅନ୍ୟାନ୍ୟଦ୍ରବ୍ୟ-ଶୋଧନ

ଅନ୍ୟାନ୍ୟ ଦରବ ଲେମ୍ବୁରସେ ଦିନେ
ପକାଇ ଧୋଇଲେ ଜଳେ,
ଯାଏ ବିଷ ଦୋଷ ହୋଇଛି ପ୍ରକାଶ
ବୈଦ୍ୟଶାସ୍ତ୍ରେ ଋଷିଙ୍କଲେ ।

—o—

ଚତୁରମ୍ଳ ଓ ପଞ୍ଚାମ୍ଳ

ଅମ୍ଳବେତସ, ଜମ୍ବୀର, କାଗଜି,
ଲେମ୍ବୁର ଲଇ ଏ ଗୁଣ,

GPNanda Colln., Digitized by srujanika@gmail.com

ଚତୁରମ୍ଳ ମାନେ ଧାରଣ କରନ୍ତି
ମନୁ ନ ହଅ ମାଶୋଶ ।
ଏହା ସମ୍ମିତରେ ମିଶିଗଲେ ଠଞ୍ଚ
କହନ୍ତି ପଞ୍ଚାମ୍ଳ ଲୋକେ,
ଲେଟର ଲଇର ଧେରିବର୍ତ୍ତେ କେନ୍ତ୍ରି
ଆମ୍ଳିକତ ପଦ ରଖେ ।

—o—

ପଞ୍ଚ-ଲବଣ

ସୌବର୍ଚ୍ଚଳ, ମଣ୍ଡ- ଛଚ, ଖାଠ, ଲୁଣ
ଔଦ୍ଭିଦ, ସାମୁଦ୍ର, ସେନ୍ଧ,
ପଞ୍ଚଲବଣ ସେ ବୋଲନ୍ତି ଏହାକୁ
ଭଲ ରୂପେ ଥାଅ ଜାଣି ।

ମୂତ୍ରବର୍ଗ

ମେଷୀ, ଛାଗୀ ଗାଈ, ମହିଷୀ ସେ ହାତୀ,
ଓଟ, ଘୋଡ଼ା, ଗରଦଭ,
ମନୁଷ୍ୟର ମୂତ୍ର ମୂତ୍ରବର୍ଗେ ଲେଖା—
ହୋଇଛନ୍ତି ଶାସ୍ତ୍ରେ ଜାଣିବ ।

ଦୁଗ୍ଧବର୍ଗ

ମେଷୀ, ଛାଗୀ, ଗାଈ, ମହିଷୀ, ମାତଙ୍ଗୀ
ଓଟ୍ଟୀ, ଘୋଟକୀ, ମାନବୀ,
ଏମାନଙ୍କ ଦୁଗ୍ଧ ଦୁଗ୍ଧବର୍ଗେ ଣେ:
ଲେଖିଛନ୍ତି ଅନୁଭବୀ ।

GPNanda Colln., Digitized by srujanika@gmail.com

ତ୍ରିଜାତ ଓ ଚତୁର୍ଜାତ

ଡାଳଚିନି, ତେଜ- ପତ୍ର ଅଳାଇଚ
ଏହାଙ୍କୁ ବୋଲି ତ୍ରିଜାତ,
ଏଥିକି ଦରବେ ଦେଲେ ନାଗେଶ୍ୱର
ହୁଅଇ ସେ ଚତୁର୍ଜାତ ।

ସର୍ବଗନ୍ଧ

ଡାଳଚିନି, ତେଜ— ପତ୍ର, ଅଳାଇଚ,
ଶିଳାରସ, ନାଗେଶ୍ୱର,
କାଙ୍କୋଳ, ଅଗୁରୁ, ଲବଙ୍ଗ, କର୍ପୂର,
ସର୍ବଗନ୍ଧ ବୋଲି ଧର ।

ତ୍ରିଫଳା

ତ୍ରିଫଳା ବୋଲନ୍ତି ଜାଣ ହେ ହରିଡ଼ା,
ବାହାଡ଼ା ପୁଣି ଅଁଳା,
ଗମ୍ଭାରୀ, ଖଜୁରି, ଫାରସାର ଫଳ
ହୁଅଇ ଲଘୁ ତ୍ରିଫଳା ।

ତ୍ରିକଟୁ, ତ୍ରିମଦ

ପିପ୍ପଳୀ, ମରିଚ, ଶୁଣ୍ଠି ତିନ, ଦ୍ରବ୍ୟ
ତ୍ରିକଟୁ ନାମରେ ଖ୍ୟାତ,
ଚିତାମୂଳ, ମୁଥା, ବିଡ଼ଙ୍ଗ ଏ ତିନ
ତ୍ରିମଦ ନାମେ ଉକତ

GPNanda Colln., Digitized by srujanika@gmail.com

ପଞ୍ଚପଲ୍ଲବ

ଆମ୍ବ, ଜାମୁ, ଟଭା, କଇଥ ସେ ବେଲ
ଏମାନଙ୍କର ପତର,
ପଞ୍ଚ ପଲ୍ଲବରେ ହୁଅଇ ଗଣନା
ଆୟୁର୍ବେଦ ଶାସ୍ତ୍ରେ ଧର ।

ପଞ୍ଚକୋଳ ଓ ଷଡୂଷଣ

ପିପ୍ପଳୀ, ପିପ୍ପଳା- ମୂଳ, ଗୁଇଁକାଠ,
ଧଳା ଚିତାମୂଳ, ଶୁଣ୍ଠି,
ଆୟୁର୍ବେଦ ଶାସ୍ତ୍ରେ ଏମାନଙ୍କୁ ଏକା
ବୋଲନ୍ତି ପଞ୍ଚକୋଳ ହିଁ ।
ପଞ୍ଚକୋଳ ସହ ମିଶିଲେ ମରିଚ
ବୋଲାନ୍ତି ଷଡଊଷଣ,
ଏ ଦୁଇ ଯାକ ନାଶନ୍ତି କଫକୁ .
କରି ଅଗ୍ନି ଉଦ୍ଦୀପନ ।

ଦଶମୂଳ

ବେଲ, ଅଗେଥ, ଗମ୍ଭାର, ପାଟଳ,
ଫଣଫଣା ଗଛ ଛେଲି,
ବଡ଼ ପଞ୍ଚମୂଳ ବୋଲନ୍ତି ଏମାନେ
ବୈଦ୍ୟଶାସ୍ତ୍ରେ ଅଛି କହି ।
ଶାଳପର୍ଣ୍ଣି, କୃଷ୍ଣ- ପର୍ଣ୍ଣି, ଅଙ୍କରାନ୍ତ,
ଭେଙ୍ଗା ଭେଜ ସେ ଗୋକ୍ଷୁରୁ,
ଏହି ପାଞ୍ଚ ଦ୍ରବ୍ୟ ସାନ ପଞ୍ଚମୂଳ,
ମିଶି ଦଶମୂଳ ଖରା ।

GPNanda Colln., Digitized by srujanika@gmail.com

ପଞ୍ଚତୃଣ

କୁଶ, କାଇଁଶ ସେ କାଣ୍ଡଶର, ଉଶ-
ଆଖୁ କଳାଆଖୁ ଗଛ,
ଏମାନଙ୍କ ମୂଳ ପଞ୍ଚତୃଣ ନାମେ
ଖ୍ୟାତ ଏ ଶ୍ଲୋକରେ ସ୍ୱଚ୍ଛ ।

ଅଷ୍ଟବର୍ଗ

ଋଦ୍ଧି, ବୃଦ୍ଧି, ମେଦ, ଋଷଭକ, ମହା-
ମେଦ, ଜୀବକ, କାକୋଲି,
କ୍ଷୀର କାକୋଲିକୁ ମିଶାଇଣ ଅଷ୍ଟ-
ବର୍ଗନାମ ବୋଲାଇଲି ।

ଜୀବନୀୟ ଗଣ

ଅଷ୍ଟବର୍ଗ ସଙ୍ଗେ ବନବର, ବଣ-
ମୁଗ, ଯଷ୍ଟିମଧୁ କାଠ,
ଜୀବନ୍ତୀ ମିଶିଲେ ଜୀବନୀୟଗଣ
ହୁଅନ୍ତ ମଧ୍ୟଲ ଶ୍ରେଷ୍ଠ ।

ପଞ୍ଚପିତ୍ତ

ବରାହ, ଛାଗଳ, ମହିଷ, ମୟୂର,
ମତ୍ସ୍ୟ ଏମାନଙ୍କ ପିତ୍ତ,
ପଞ୍ଚପିତ୍ତ ବୋଲି ଆୟୁର୍ବେଦ ଶାସ୍ତ୍ର
ଋଷିଙ୍କ ଦ୍ୱାରା ଲିଖିତ ।

କ୍ଷାରାଷ୍ଟକ

ପଳାଶ, ଚେନ୍ଦ୍ରକୀ, ସିଝୁ, ଅପାମାର୍ଗ,
ଅରଖ, ଖସାର ଡାଳ,

GPNanda Colln., Digitized by srujanika@gmail.com

ସବ ଏହି ସତ ପଦାର୍ଥର ସାର
ପୁଣି ସାରତ୍ସାର ଜ୍ଞାନ ।

—o—

ରୋଗାଧିକାର

ଜ୍ୱର-ଚିକିତ୍ସା

ପୂର୍ବ କାଳେ ଦକ୍ଷ ପ୍ରଜାପତି ଯାଗେ
ରାଗିଗଲେ ମହାଦେବ,
ତାଙ୍କ ନିଃଶ୍ୱାସରୁ ଜାତ ହେଲା ଜ୍ୱର,
ଯମ ତୁଲ୍ୟ ତା ପ୍ରଭାବ ।
ତିନ ପାଦ, ତିନ ମୁଣ୍ଡ, ଛଅ ହାତ,
ନଅଟି ଧରି ନୟନ,
ଅତ୍ୟାଶ୍ଚର୍ଯ୍ୟ ଦେହେ କରଇ ପ୍ରବେଶ
ଛିଦ୍ର କରି ଅନ୍ୱେଷଣ ।
ଜ୍ୱର ହେଲା ମାତ୍ରେ ଶରୀର ଅବଶ
ହୁଅଇ ଦେହ ଗରମ,
ଖାଇବାକୁ ଇଚ୍ଛା ନ ହୁଏ ରୋଗୀର
ଶୀତକରେ ଅନୁକ୍ଷଣ ।
ହାଇ ଆସି ଲୋମ ଠାଙ୍କୁର ଉଠଇ
ଛଳ ଛଳ ନେତ୍ର ଦୁଇ,
ଗୋଡ଼ ହାତ ଦେହ କରେ ଦୋଳାବଳା

GPNanda Colln., Digitized by srujanika@gmail.com

ଅରୁଚ ମୁଖେ ହୁଅଇ ।
ଜ୍ୱରର ଅବସ୍ଥା ଦୁଇ ପ୍ରକାର ଯେ
ସାମ ନିରାମ ଭେଦରେ,
ସାତ ଦିନ ଯାଏ ବୋଲି ସାମ ଜ୍ୱର
ନିରାମ ତହିଁ ଉତ୍ତରେ ।
ଆଠଦିନୁ ବାର ଦିନ ଯାଏ ଜ୍ୱର
ମଧ୍ୟମ ନାମରେ ଗଣି,
ତହୁଁ ଊର୍ଦ୍ଧ୍ୱ ହେଲେ ପୁରାତନ ବୋଲି
ଲେଖିଛନ୍ତି ଋଷିମଣି ।
ଏକୋଇଶ ଦିନ ପରେ ଯେଉଁ ଜ୍ୱର
ହୁଅଇ କ୍ରମରେ ହ୍ରାସ,
ପେଟରେ ଯକୃତ ବଢ଼େ ପ୍ଲୀହା ରୋଗ
ରୋଗୀ ହୁଏ କ୍ରମେ କୃଶ ।
ତାହାକୁ ଜାଣିବ ଜୀର୍ଣ୍ଣ ଜ୍ୱର ବୋଲି,
ଜ୍ୱର ଆସିବା ଛାଡ଼ିବା,
ସମୟ ବଦଳି ଗଲେ ଦିନୁ ଦିନ
ବିଷମ ଜ୍ୱର ଗଣିବା ।
ସନ୍ନିପାତ ଜ୍ୱର ସର୍ବଦା ଶରୀରେ
ରହି ନାନା ଉପଦ୍ରବ,
ପ୍ରଳାପ, ଅଜ୍ଞାନ, ନିସ୍ପନ ବିକୃତ,
କରଇ ବିକୃତ ଭାବ ।
ଏରୂପରି କେତେ ଜ୍ୱରର ଲକ୍ଷଣ
ନିଦାନରେ ଅଛି ଲେଖା,

GPNanda Colln., Digitized by srujanika@gmail.com

ସେ ସବୁ ଲକ୍ଷଣ ଦେଖି ଭିଷ ମନେ
ଜ୍ୱର ସ୍ଥିର କର ଏକା ।

ନୂତନଜ୍ୱର ଚିକିତ୍ସା

ନୂତନ ଜ୍ୱରରେ ଦିନରେ ଶୋଇବା,
ସ୍ନାନ, ତୈଳାଦି ମର୍ଦ୍ଦନ,
ଗୁରୁପାକ ଅନ୍ନ ଭୋଜନ, ମୈଥୁନ,
ପ୍ରବଳ ବାୟୁ ସେବନ ।
ବ୍ୟାୟାମ, କଷାୟ ଦରବ ସେବିବା,
କ୍ରୋଧ କରିବା ମନରେ,
ଏ ସବୁ ଲ୍ଲଙ୍ଘବ ରୋଗୀ ସଯତନେ
ପ୍ରଭୁଙ୍କୁ ସ୍ମରି ହୃଦଟେ ।
ଜ୍ୱରର ପ୍ରଥମ ଦିନରେ ଲଙ୍ଘନ
ରୋଗୀକି ଦେବ ଯତନେ,
ଶୋଷ ହେଲେ ସିଦ୍ଧ- ଜଳ ଥଣ୍ଡା କରି
ଦେଉଥିବ ପାଚନ ପାଚନ ।
ବିବେଚନା କରି ଉପବାସ ଦେବ
ରୋଗୀର ବଳ ଦେଖିକ,
ବଳକ୍ଷୟ କାଳେ ଲଙ୍ଘନ ଉଚିତ-
ନୁହଇ ରୋଗୀର ଜାଣ ।
ଦ୍ୱିତୀୟ ଦିନରେ ସାଗୁ, ବାର୍ଲି କମ୍ବା
ସୁଜିଣା ଗୁଣ୍ଡଲ ଚୂର୍ଣ୍ଣ,
ଗରମ ଜଳରେ ମନ୍ଦ ମନ୍ଦ ଜାଳେ
ସିଝାଇବ ବହୁ କ୍ଷଣ ।

GPNanda Colln., Digitized by srujanika@gmail.com

କନାରେ ଛାଣିବ ଘୂର ପାଞ୍ଚ ଥର
ଲବଣ ଚୂର୍ଣ୍ଣ ମିଶାଇ,
ରୋଗୀ ବଳ ଦେଖି ଅଳପ ଅଳପ
ପଚନ ଦେବ ଖୁଆଇ ।
ଏକ ସେର ଜଳ ହାଣ୍ଡିରେ ରଖିଣ
ଚୂଲ୍ଲୀ ଉପରେ ବସାଇ,
ମନ୍ଦ ଅଗ୍ନି ଜାଳିବ ମାରି ଦେବ ଜଳ
ସେପରି ଅଧେ ମରିବ ।
ଏହା ଉଷ୍ଣୋଦକ ବୋଲି ଲେଖାଅଛି
ଆୟୁର୍ବେଦ ଶାସ୍ତ୍ର ଜାଣି,
ଜ୍ୱର, କଫ, କାଶ, ଶ୍ୱାସ, ବାତ, ପିତ୍ତ,
ଆମ, ମେଦ ବିନାଶନ ।
ତୃଷାର୍ତ୍ତ ରୋଗୀକୁ ଜଳ ଦେଉଥିବ
ଅଳପ ଅଳପ କରି,
ଶୋଷରେ ଆକୁଳ ହେଲେ ରୋଗୀ କଷ୍ଟେ
ଅଜ୍ଞାନରେ ଯିବ ସରି ।

ଆରୋଗ୍ୟାମ୍ବୁ

ଏକ ସେର ଜଳ ନିଆଁରେ ବସାଇ
ତିନି ଭାଗ କର କ୍ଷୟ,
ଅବଶିଷ୍ଟ ଜଳ ରହିଲା ଯେ ସେହି
ଆରୋଗ୍ୟ-ଅମ୍ବୁ ବୋଲାଏ ।
ଆରୋଗ୍ୟ-ଅମ୍ବୁଟି ସର୍ବଦା ଯେ ପଥ୍ୟ
କାଶ, ଶ୍ୱାସ, କଫ ନାଶେ,

GPNanda Colln., Digitized by srujanika@gmail.com

ଅତି ଶୀଘ୍ର ଜ୍ୱର   ନାଶଇ, ଅଗ୍ନିର
ତେଜକୁ ବେଶି ପ୍ରକାଶେ ।
ଶରୀରର ଆମ-   ଦୋଷ ବିନାଶଇ
ମେହଫୁଲ, ପାଣ୍ଡୁ, ଶୂଳ,
ଅର୍ଶ, ଗୁଳ୍ମ, ଶୋଥ-   ଉଦର-ରୋଗରେ
ଗୁଣ କରଇ ପ୍ରବଳ ।
ମୂର୍ଚ୍ଛା, ଦାହ-ରୋଗ,   ବିଷାକ୍ତ ବ୍ୟାଧିରେ,
ରକ୍ତ ପିତ୍ତ ମଦାତ୍ୟୟେ,
ମସ୍ତକ-ଭ୍ରମରେ,   ଶ୍ରମଜାତ ରୋଗେ,
*ତମକ, ଶୋଥ ଆମୟେ ।
ବିଦଗ୍ଧ ଅଜୀର୍ଣ୍ଣେ,   ଦଗ୍ଧ ହାକୁଟିରେ,
ପିତ୍ତରୋଗେ, ରକ୍ତସ୍ରବେ,
ମୁଖ କଣ୍ଠ ଶୋଷେ   ସୁଶୀତଳ ଜଳ
ପ୍ରୟୋଗ କରିବ ଆପେ ।
ସ୍ଥଳଜର ଚୂନା,   ସାଗୁ, ବାର୍ଲି ଏକ-
ତୋଳା ଆଣି ଓଜନରେ,
ଚଉଷଠି ତୋଳା   ଜଳରେ ସିଝାଇ
ଅଧେ ଜଳ ମରିଗଲେ ,
ସଫା କନା ଆଣି   ସଛନରେ ଛାଣି
ଅଧପାଏ ପରିମାଣ,
ଖୋଇବ ରୋଗୀକୁ   ଚିନି କିମ୍ବା ଲେମ୍ବୁ,
ଲୁଣ ଦେଇ ସବୁ ଦିନ ।

---

*ତମକ-ତମକ ଶ୍ୱାସରୋଗ

GPNanda Colln., Digitized by srujanika@gmail.com

ଦିନ ସାତ ମଧ୍ୟେ   ଯୂଷ ପାଞ୍ଚ ଥର
ରୋଗୀକୁ ଦେବ ଖୁଆଇ,
ଯେପରି ରୋଗୀର   ନ ଜନମେ ତୃଷା
ଦେହୁଁ ବଳ ନ ଛୁଟଇ ।
ଜ୍ୱର ଛାଡ଼ିଯିବା   ଦୁଇ ତିନ ଦିନେ
ରୋଗୀକୁ ଦେବ ଭୋଜନ,
ସୁଜୀର୍ଣ୍ଣ ସୁପକ୍ୱ   ଅନ୍ନ ବ୍ୟଞ୍ଜନାଦି
ଅଧପେଟେ ଦେ ସୁଜନ ।
ଗରମ ଜଳକୁ   ଶୀତଳ କରାଇ
ରୋଗୀ ଦେହ ଦେବ ପୋଛି,
ସୁଶୀତଳ ଜଳ   ମସ୍ତକରେ ଦେଇ
ପଥ୍ୟ ଦେବ ବାଛି ବାଛି ।
ପ୍ରଥମ ଦିନରେ   ରୋଗୀଙ୍କି ଲଙ୍ଘନ
ଦେବ ଦେଶକାଳ ଜାଣି,
ଦ୍ୱିତୀୟ ଦିନରେ   ଚପ ଶରପାକ
ପାଚନ ଦେବନ୍ତି ଶନ୍ଧି ।

ଷଡ଼ଙ୍ଗ ପାନୀୟ

କେଶୋଟର, ମୂଥା,   କ୍ଷେତ୍ରପାପ୍ରା ଯେ,
ଶୁଣ୍ଠୀ, ରକ୍ତଚନ୍ଦନ,
କୁଟୁବେଳ ପ୍ରତି   ଦରବ ପାଞ୍ଚଣା
ଦ୍ୱ'ରତି କର ଓଜନ ।
ଅଳ୍ପ ଛେଚି ଦେଇ   ଷୋଳସେର ଜଳେ
ସିଝାଇ ମନ୍ଦ ଅଗ୍ନିରେ,

GPNanda Colln., Digitized by srujanika@gmail.com

ଦୁଇ ସେର ଜଳ ଅବଶେଷ ରଖି
ଗୁଣ ଉତ୍ତମ କନାରେ ।
ରୋଗୀକୁ ଏ ଜଳ ଶୋଷ ହେଉଥିଲେ
ଦେବ ଶାମୁକେ ଶାମୁକେ;
ଏଥିରେ ପିପାସା ଜ୍ୱର ଶାନ୍ତ ହୁଏ
କହିଅଛନ୍ତି ଭିଷକେ ।
ଶୁଣ୍ଠୀ ପିପ୍ପଳୀର ପ୍ରତ୍ୟେକରୁ ଅଧ-
ତୋଳା ଓଜନରେ ଆଣି,
ସାମାନ୍ୟ ଛେଚଣ ସିଝାଇବ ଯତ୍ନେ
ଦେଇ ଛଅ ସେର ପାଣି ।
ଦୁଇ ସେର ମଣ- ଗଲେ ଓହ୍ଲାଇବ
ସେ ଜଳ ଗୁଣି କନାରେ,
ମଣ୍ଡ, ସାଗୁ, ବାର୍ଲି, ପେୟାଦି ପ୍ରସ୍ତୁତ
କର ଉକ୍ତ ଜଳ ମଧ୍ୟରେ ।
ପ୍ରଥମେ ରୋଗୀକୁ ମଣ୍ଡ ଖୁଆଇବ
ତାହା ପରେ ପେୟା ଦେବ,
ତତ୍ପରେ ଚଳେଟୀ ଦେବ ଧୀରେ ଧୀରେ
ରୋଗୀ ମନ ତୋଷୁଥିବ ।
ରୋଗୀର ଅରୁଚି ହେଲେ ସଞ୍ଚିବ
ଟିକି କେଶର ମିଶାଇ,
ଜଳରେ ଜାକଲେ ସୁଖାଦ୍ୟ ଦ୍ରବ୍ୟରେ
ବଦନ ରୁଚି ଆସଇ ।
ଅଥବା ଅଦା, କଞ୍ଚିମିସି. ଚିନି
ସମାନ ଭାଗରେ ବାଟି,

GPNanda Colln., Digitized by srujanika@gmail.com

କଳରେ ଜାଣିବ କମ୍ପା ମଧ୍ୟେ ମଧ୍ୟେ
ହେଉଥିବ ଜୀବ ବୃଦ୍ଧି ।
ଆହାର ପୂର୍ବରୁ ଔଷଧ ସେବିଲେ
ବହୁତ ହୁଅଇ ଗୁଣ,
ବାଳକ-ସ୍ତ୍ରୀ-ବୃଦ୍ଧ କୋମଳ ଅଙ୍ଗରେ
ଆହାର ପରେ ସେବନ ।
ପାଞ୍ଚ ଗୁଣ ଜଳେ ବୁଡ଼ିଲ ସାନ୍ଧିଲେ
ଅନ୍ନ ହୁଏ ଯେ ଦୂଷିତ,
ଊନେଇଶ ଗୁଣେ ମଣ୍ଡଲ୍ କରିବ
ଶେଳ୍ପି ନ' ଗୁଣେ ସିଦ୍ଧ ।
ଏକାଦଶ ଗୁଣେ ପେସ୍ତାକୁ ସାନ୍ଧିବ
ଅଠର ଗୁଣରେ ଯୂଷ,
ଅଧେ ଅଧେ ପାଣି ମରିଗଲେ ଆସି
ଜାଣିବ ଏ ପାକ ଶେଷ ।

ପାଚନ-ବ୍ୟବସ୍ଥା

ପ୍ରତ୍ୟେକ ପାଚନ ସମାନ ଭାଗରେ
ଦୁଇ ତୋଳା ତୁଳି ନେବ,
ଦଶ ଦଶ ନେଇ ଜଳରେ ତାହାକୁ
ସଫା କପାଡ଼େ ବାନ୍ଧିବ ।
ମାଟି ପାତ୍ର ରଖି ଷୋଳ ଗୁଣ ଜଳେ
ମନ୍ଦ ଅଗ୍ନିରେ ସିଝାଇ,
ଅଷ୍ଟମଭାଗ ଜଳ ମରିଗଲେ ତହୁଁ
ଚୂଲିରୁ ଦେବ ଓହ୍ଲାଇ ।

GPNanda Colln., Digitized by srujanika@gmail.com

ଗୁଳୁଚ୍ୟାଦି ପାଚନ

ପ୍ରଥମ ଜ୍ୱରରେ ଗୁଳୁଚ, ଧଣିଆଁ,
ପଦ୍ମକାଠ, ନିମ୍ବ ଛେଲି,
ରକ୍ତଚନ୍ଦନ ପ୍ରତ୍ୟେକରୁ ନେବ
ଦୁ'ଅଣା ଏ' ଓଜନ ତୁଳି ।
ହେମଦସ୍ତା କିମ୍ବା ଶିଳରେ ସାମାନ୍ୟ
ଛେଚି ସବୁ ଦ୍ରବ୍ୟଯାକ,
ପରିଷ୍କୃତ ଜଳ ଅଧସେର ଆଣି
ସିଝାଇବ ଚଢ଼ ଲୋକ ।
ଛଣି ଏଥୁଁ ଏକ ଭାଗ ଜଳ ରଖି
ତହିଁରେ ମହୁ ମିଶାଇ,
ରୋଗୀକୁ ଖୁଆଅ ସକାଳ ସଞ୍ଜରେ
ଈଶ୍ୱରଙ୍କୁ ମନେ ଧ୍ୟାୟୀ ।
ଏହି ପାଚନଟି ସର୍ବଜ୍ୱର ହର,
ଜ୍ୱରର ଆଦ୍ୟରେ ଦେବ,
ଅଗ୍ନି ଦୀପ୍ତି କରି ଦୋଷକୁ ନାଶଇ
ପେଟର ଆମ ନାଶିବ ।
ମସୂର, କୋଳଥ, ବୁଟ, ବଣମୁଗ,
କଳାମୁଗକୁ ସିଝାଇ,
ସେହି ସିଝା ଜଳ ଟିକେ ଟିକେ ଦେବ
କହି ବୁଝାଇ ସୁଝାଇ ।

—o—

GPNanda Colln., Digitized by srujanika@gmail.com

ବାତଜ୍ୱର-ଚିକିତ୍ସା

ଧଣିଆଁ, ପଟୋଳ- ପତ୍ର ତୋଳେ ତୋଳେ
ଚଉଶ ତୋଳା ଜଳରେ,
ସିଝାଇ ଶେଷରେ ରଖି ଆଠ ତୋଳା
ପିଇବ ସଞ୍ଜ ସକାଳେ ।
ଏଥିରେ ଅଗ୍ନିର ତେଜ ବେଶି ହୁଏ
ଏହା କଫ ବିନାଶକ,
ବାୟୁ ପିତ୍ତ-ଅନୁ- ଲୋମ କରିଦିଏ
ଆମ ଦୋଷ ପରିପାକ ।

କିରାତାଦି କ୍ୱାଥ

ଚିରେଇତା, ମୁଥା, ଗୁଳୁଚି ସହିତ
ଅଙ୍କରାନ୍ତ, କୁରୁବେଲ.
ଲହୋବେପୁଁ ନେକାଳ, ଗୋକ୍ଷୁର ମିଶାଇ
ଶାଳପର୍ଣ୍ଣି ପୁଣି ତୁଳ ।
କୃଷ୍ଣପର୍ଣ୍ଣି, ଶୁଣ୍ଠୀ ପ୍ରତ୍ୟେକରୁ ନେଇ
ତିନି ଅଣା ଏକ ରତି,
ଅଧସେର ଜଳେ ସିଝାଇ ଶେଷରେ
ରଖିବ ଆଠ ତୋଳାଟି ।
ସକାଳ ସଞ୍ଜରେ ପିଇଲେ ଏ କ୍ୱାଥ
ବାତଜ୍ୱର ଯାଏ ଛାଡ଼ି,
ଜ୍ୱରର ପ୍ରଥମେ ଏହା ପାଚନକୁ
ରୋଗୀକୁ ଦେବ ପଜାଡ଼ି ।
କମ୍ପଜ୍ୱର, ତୃଷା, ମସ୍ତକ ବେଦନା
କଣ୍ଠ ତାଳୁ ଶୋଷ ଶଳ,

GPNanda Colln., Digitized by srujanika@gmail.com

ଏଥିରେ ବିନାଶ ହୁଅଇ ଅଚିରେ
ଏହା ବାତଜ୍ୱର ହର ।

ବିଲ୍ୱାଦି କ୍ୱାଥ

ବେଲ, ଫଣଫଣା, ପାଟେଳ, ଗମ୍ଭାରି,
ଅଗିବଥୁ ଛେଳ ଆଣି,
ତାହା ସହିତେ ମୁସ୍ତା, ଧଣିଆଁ,
ଝଏଁକା ପଳଙ୍ଗୁ ଟେଣି ।
ପ୍ରତ୍ୟେକଙ୍କୁ ସମାନ ଓଜନରେ ଆଣି
ବଟିଣ ତେଲା ଜଳରେ,
ସିଝାଇ ଶେଷରେ ରଖି ଆଠ ତୋଳା
ପିଆଇବ ବାତଜ୍ୱରେ ।
ଯେଉଁ ଜ୍ୱର ଆରମ୍ଭେ କମ୍ପଇ ଶରୀର,
ଶୁଖିଯାଏ ଜିଭ, ଓଠ,
ସେହି ଜ୍ୱରେ ଏହି ପାଚନ ପ୍ରୟୋଗ
କଲେ ହୁଏ ରୋଗ ନଷ୍ଟ ।
ବାତଜ୍ୱରେ କମ୍ପ ହୁଅଇ ପ୍ରବଳ
ମଳ କଠିନ, ପେଟରେ,
ଜନମଇ ଶୂଳ, ଶୁଖେ କଣ୍ଠ ତାଲୁ
ନିଦ୍ରା ନ ଆସଇ ନେତ୍ରରେ ।
ମସ୍ତକ ବଥାଏ ଅତି ଭୟଙ୍କର
ଜ୍ୱରର ବେଗ ବିଷମ,
ଏପରି ଜ୍ୱରେ ବି ଗୁଡ଼ୂଚ୍ୟାଦି କ୍ୱାଥ
କରିବ ବହୁତ କାମ ।

GPNanda Colln., Digitized by srujanika@gmail.com

ଗୁଡୂଚ୍ୟାଦ୍ୟ କ୍ୱାଥ

ଗୁଳୁଚ, ଶଉପ, କପିମିପି ପୁଣି
ପୁରୁଣୀ, ଅନନ୍ତ ମୂଳ,
ପ୍ରତ୍ୟେକରୁ ଛଅ- ଅଣା ଦୁଇରତି
ଯତନେ କରିବ ତୁଳ ।
୨ ଅଧସେର ଜଳେ ୧ ଜେର ମିଶାଇଣ
ରଖିବ ଆଠୋଟି ତୋଳା,
ଏହା ପାନ କଲେ ଉପସର୍ଗ ସହ
ବାତଜ୍ୱର ନାଶ ଗଲା ।

ବଟିକା ପ୍ରୟୋଗ

ହିଙ୍ଗୁଳେଶ୍ୱର ରସ

ଶୋଧିତ ମହୁରା, ହିଙ୍ଗୁଳ, ପିପ୍‌ପଳୀ,
ପ୍ରତ୍ୟେକରୁ ଅଧତୋଳା,
ଜଳ ଦେଇ ଶିଳେ ବାଟି ଚକ୍‌କଣରେ
ଅଧ ରତିରେ ମାତ୍ରା ।
ଦଶ ବାର ଚୋପା ମହୁରେ ଗୋଳାଇ
ସେବଲେ ସଞ୍ଜ ସକାଳେ,
ବାୟୁ ପ୍ରକୋପିତ ଜ୍ୱର ହୁଏ ନାଶ
ଅଳପ ଦିନ ମଧ୍ୟରେ ।
ପାଳି ଜ୍ୱରେ ଏହା ଦୁଇତୋଳା କନ୍ଦ-
ପଣାରେ ସେବଲେ ଗୋଳି,

GPNanda Colln., Digitized by srujanika@gmail.com

ପାଳ ଜ୍ୱର ଯାଏ ରୋଗୀ ଦେହୁ ଛାଡ଼ି
ପକାଇ ଚଣ୍ଡ ବୋବାଳି !

ଜ୍ୱର ଧୂମକେତୁ

ସମୁଦ୍ର ଫେଣ, ହିଙ୍ଗୁଳ, ଗନ୍ଧକ,
ପାରା ଅଧ ତୋଳା ସଙ୍ଗେ,
ଅଦାରସେ ତିନ ପ୍ରହର ମର୍ଦ୍ଦ
ଗୁଳିରେ ଶୁଖାଅ ଆଗେ ।
ଦୁଇ ରତି ମାତ୍ରା ବଟିକା ପକାଇ
ପାନ ରସ ଦୁଇ ତୋଳା,
ମଧୁ ଦଶ ବାର ଫୋପା ସହିତରେ
ସେବିଲେ ଏହା ତ' ଭଲା ।
କମ୍ପ ଦେଇ ଆସୁ- ଥିବା ବାତଜ୍ୱର
ଅବଲମ୍ବେ ଯାଏ ଛାଡ଼ି,
ଶୋଷ ହେଉଥିଲେ ରୋଗୀକୁ ପିଆଅ
ପୋଷେ ପୋଷେ ଥଣ୍ଡା ବାରି ।
ଯେଉଁ ଔଷଧରେ ପାରଦ ଗନ୍ଧକ
ଦୁଇଗୋଟି ଲେଖା ଥିବ,
ସେଠାରେ ଦୁହିଁଙ୍କି କଜ୍ଜଳୀ କରିଣ
ଔଷଧରେ ପକାଇବ ।

ମୃତ୍ୟୁଞ୍ଜୟ ରସ

ଶୋଧିତ ମହୁରା, ଗନ୍ଧକ, ପିପ୍ପଳୀ,
ମରିଚ, ଟାଙ୍ଗଣା ଖଇ,
ଏକ ତୋଳା କରି, ହିଙ୍ଗୁଳ ଦ' ତୋଳା
ଖଲରେ ପକାଅ ନେଇ ।

GPNanda Colln., Digitized by srujanika@gmail.com

କସ୍ତୂରୀ ଅଭାବେ   କାଂଚଗଜ ରସରେ
ହିଙ୍ଗୁଳ କର ଶୋଧନ,
ଗୋମୂତ୍ରେ ମଧ୍ୟରେ   ଶୋଧି ସପ୍ତାହରେ
ଖାଇବେ ଦେବ ବଦନ ।
କେହି କେହି ବୈଦ୍ୟ   ହିଙ୍ଗୁଳ ଅଭାବେ
ପାରଦକୁ ଏକ ତୋଳା,
ତୋଳାଏ ଗନ୍ଧକ   ଧସ୍ତୁତ କଜ୍ଜଳୀ
କରି ତିଆରନ୍ତି ପରା ।
ଖାଲେ ଅଦାରସ   ଦେଇ ମରଦିବ
ଯତନେ ସବୁ ମସଲ,
ଔଷଧରେ ହିଙ୍ଗୁ   ଦାଗ ଲାଗିଗଲେ
ବନ୍ଦ କରାଇବ ଖାଲି ।
ମୁଗ ପରିମାଣେ   ବଟିକା କରିବ
ସାଧାରଣ ଜ୍ୱରେ ମଧୁ,
ବାତଜ୍ୱରେ ଦଶ-   ପତ୍ରି ଦ'ତୋଳାରେ
ରୋଗୀ ତରେ ପରମାଦୁଁ ।
କମଳା ପାନରସ   ଦ'ତୋଳା ସହିତ
ମଧୁ ଦଶବାର ଟୋପା
ସଙ୍ଗେ ବଟି ଗୋଳି   କରିଲେ ସେବନ
ଜ୍ୱର ଛାଡ଼ିଯାଏ ସଫା ।
ସନ୍ନିପାତ ଜ୍ୱରେ   ଅଦା ରସ ମଧୁ
ଅଜୀର୍ଣ୍ଣ ଜ୍ୱରେ ଜମିଲ
ଅଥବା କାଟେକି-   ରସେ ଗୋଳି ଦେଲେ
ରୋଗୀ ହୋଇଯାଏ ଭଲ ।

GPNanda Colln., Digitized by srujanika@gmail.com

ବିଷମ ଜ୍ୱରରେ   କଳାଜୀର ଚୂର୍ଣ୍ଣି
ଏକ ମଧୁ, ପୁରାତନ-
ଗୁଡ଼ ସଂମିଶ୍ରରେ   କରିଲେ ସେବନ
ଜ୍ୱର ହୁଅଇ ନିଧନ ।
ପିତ୍ତ ପ୍ରକୋପିତ   ଜ୍ୱରେ ଦେବ ଏହା
ଗୁଡ଼ିଚୋଳା ଅଧାଜରେ,
ଚିରତ୍ତର ଜଳ   ସଙ୍ଗେ ଗୋଳି ନିତି
ଅନନ୍ଦ ସଞ୍ଜ ସକାଳେ ।
ଏହି ମହୌଷଧି   ସର୍ବ ଜ୍ୱର ହର
ଅନୁପାନ ପ୍ରଭେଦରେ,
ସକଳ ରୋଗରେ   କାର୍ଯ୍ୟ କରିବାରୁ
ମୃତ୍ୟୁଞ୍ଜୟ ନାମ ଧରେ ।

ତରୁଣଜ୍ୱରାରି

ଶୋଧିତ ଜୟ-   ପାଳ ମରିଚ ସେ
ଗନ୍ଧକ ପାର ପ୍ରତ୍ୟେକୁ,
ଅଧତୋଳା ଲେଖେ   ଭଜନରେ ଆଣି
ଖଲେ ପକାଅ ସଭିଙ୍କୁ ।
ପ୍ରଥମେ ପାରଦ   ଗନ୍ଧକ କଜ୍ଜଳୀ
କରିବେବ ସାବଧାନେ,
ତହୁଁ ପରେ ଦିଅ-   କୁଆଁରି ରସରେ
ମର୍ଦ୍ଦିବ ଦିନମାନେ ।
ଏକ ରତି ମାତ୍ରା   ବଟିକା କରିଣି
ଶୁଖାଅ ଛାଇ ପଣରେ,

GPNanda Colln., Digitized by srujanika@gmail.com

ଖାଇବାକୁ ଦେବେ ବାତଜ୍ୱର ଯାଏ
ଦସ୍ତ ହୋଇ ଦୁଇବାରେ ।
ଜ୍ୱରର ଚତୁର୍ଥ ଦିନ ପରେ ଏହି
ବଟିକା ଦେବ ଖୁଆଇ,
ରୋଗୀର ସକଳ ଦସ୍ତ ହେଉଥିଲେ
ଏହାକୁ ନ ଦେବ ଭାଇ ।

ଅଗ୍ନିକୁମାର ରସ,

ବଚ, ମୁଥା, କୁଡ଼, ମରିଚ ପ୍ରତ୍ୟେକ
ଗୃହ ଅଣ ପରିମାଣ,
ଶୋଧିତ ମହୁରା ତମ୍ବ୍ର ଏକ ତୋଳା
ଅଦାରସେ ମରଦନ,
ଏକ ରତି ମାତ୍ରା ବଟିକା ନିର୍ମାଣି
ସମସ୍ତ ଜ୍ୱରରେ ଦେବ,
ଆମଜ୍ୱରେ ଶୁଣ୍ଠୀ- ଚୂର୍ଣ୍ଣ ଏକ ମସା
ସହିତରେ ଖୁଆଇବ ।
କଫଜ୍ୱରେ ଅଦା- ରସ ମହୁ କିମ୍ବା
ବେଗୁନିଆ ପତ୍ର ରସେ,
ବାତଜ୍ୱରେ ପାନ- ରସେ, ରସ ମାତ୍ରା
ଦ'ତୋଳା ଧର ମାନସେ ।
ଅତିସାର ରୋଗେ ମୁଥାରସ ଦୁଇ-
ତୋଳା ସହିତରେ ଦେବ,
ଅମ୍ଳାତିସାରରେ • ଜମ୍ବୁପତ୍ର ରସ
ଦ'ତୋଳାରେ ଗୋଳ ଦେବ ।

GPNanda Colln., Digitized by srujanika@gmail.com

ଶ୍ୱାସ କାଶେ ଏହା ବାସଙ୍ଗ ଡେଉ-
ରସ ଦୁଇ ତୋଳା ସଙ୍ଗେ,
କରିବ ସେବନ, ଉଷ୍ଣ ଜଳ ଦେହ
ପୋଛୁ ଦେବ ସବା ଅଙ୍ଗେ ।

—o—

ପିତ୍ତଜ୍ୱର-ଚକିତ୍ସା

କ୍ଷେତ-ପାପ୍ରଡ଼ାର ଦୁଇ ତୋଳା ଆଣି
ତାହା ଅଷ୍ଟମେର ଜଳେ,
ସିଝାଇ ଯତନେ ଶେଷେ ଅଠ ତୋଳା
ରଖିବ ମନ୍ଦ ଜାଳରେ ।
ପ୍ରଥମେ ଏହାକୁ ପିତ୍ତଜ୍ୱରେ ଦେବ
ଏଥିରେ ପୈତ୍ତିକ ଜ୍ୱର,
ହୁଅଇ ବିନାଶ ଉପସର୍ଗ ସହ
ରୋଗୀ ନ ହୁଏ ଅସ୍ଥିର ।
ପିତ୍ତଜ୍ୱର ଆଧିକ୍ୟ ହୁଏ ପିତ୍ତ ବାନ୍ତ
ଝାଡ଼ା ହୁଅଇ ତରଳ,
ଝାଳ ବୋହି ଦେହ ଜ୍ୱର ନ ଛାଡ଼ଇ
ତୃଷା ମୁଖରେ ପ୍ରବଳ ।
କ୍ଷେତପାପ୍ରଡ଼ାକର ଚନ୍ଦନ
କ୍ଷୀରବେଳ, ଶୁଣ୍ଠି ଘେନ,
ପ୍ରତ୍ୟେକରୁ ଆଠ ଅଣା ଓଜନରେ
ଅଧସେର ଦେଇ ପାଣି ।
ମନ୍ଦ ମନ୍ଦ ଜାଳେ ସିଝାଇ ସକଳ
ଶେଷେ ରଖି ଆଠ ତୋଳା,

ଦଶ ବାର ମାତ୍ରା   ମଧୁ ପ୍ରକ୍ଷେପରେ
ସେବିବ ଏହା ଦି'ବେଳା ।
ଏହି ପାଚନରେ   ପିତ୍ତାଧିକ୍ୟ ଜ୍ୱର
ଅବିଳମ୍ବେ ଛାଡ଼ି ଯାଏ,
ତୃଷା ବାନ୍ତି ଦାହ   ମୂର୍ଚ୍ଛା ଅତିସାର
ନ ରହେ ଶରୀର କାହୁଁ ।

କଳିଙ୍ଗାଦି କ୍ୱାଥ

ଇନ୍ଦ୍ରଯବ, ମୁଥା,   କଟୁଫଳ, କଟୁକି,
ଅକାନବିନ୍ଧ ପତର,
ପ୍ରତ୍ୟେକୁ ନି'ଅଣା   ଦି'ରତିରେ ତୁଳି
ତହିଁ ଅଧସେର ଜଳ,
ଦେଇ ସିଦ୍ଧ କରି   ରଖିବ ଶେଷରେ
ଜଳ ଆଠ ତୋଳା ଦେଖି,
ପିତ୍ତଜ୍ୱର ଯାଏ   ଏହାକୁ ସେବିଲେ
ମଧୁ ଦି'ମସା ପରଖି ।

ଦୁର୍ଲଭାଦି କ୍ୱାଥ

ଦୁରାଳଭା, କ୍ଷେତ-   ପାପୁଡ଼ି, କଟୁକି,
ପ୍ରିୟଙ୍ଗୁ, ବାସଙ୍ଗ ଛେଲି,
ଚିରେଇତା ପ୍ରତି   ପଦାର୍ଥ ପାଞ୍ଚଣା-
ଦି'ରତି ହିସାବେ ତୁଳି ।
ଅଧସେର ଜଳେ   ସିଝାଇ ସମସ୍ତ
ଶେଷେ ରଖି ଆଠ ତୋଳା,

GPNanda Colln., Digitized by srujanika@gmail.com

ଦୁଇ ମସା ଚିନି — ଗୋଳି ପାନ କଲେ
ପିତ୍ତଜ୍ୱର ଦେହୁଁ ଟଳେ ।

ଲୋଧ୍ରାଦି କ୍ୱାଥ

ଲୋଧ, ନୀଳୋତ୍ପଳ, — ଗୁଳୁଚି, ଅନନ୍ତ-
ମୂଳ, ପଦ୍ମଫୁଲ ସଙ୍ଗେ,
କ୍ଷେତପାପଡ଼ା ଯେ — ପ୍ରତ୍ୟେକ ଦରବ
ମଞ୍ଜଣା ହ'ରତି ଭାଗେ ।
ସିଝାଇ ଏ ସବୁ — ଅଧସେର ଜଳେ
ଶେଷ ରଖି ଅଠ ତୋଳା,
ତହିଁରେ ପକାଇ — ଚିନି ଦୁଇ ମସା
ଦେଇ ସେବିବ ହ'ବେଳା ।
ଏଥିରେ ପିପାସା, — ଦାହ, ବାନ୍ତି, ଭ୍ରମ,
ଉତ୍ତାପ ସନ୍ନତରେ,
ପିତ୍ତଜ୍ୱର ଶୀଘ୍ର — ବିନାଶ ହୁଅଇ
ରୋଗୀ ନିଶ୍ଚେ କ୍ଲେଶୁଁ ତରେ ।

ଧାନ୍ୟଶର୍କରା

ସନ୍ଧ୍ୟାରେ ଧଣିଆଁ- — ଗୁଣ୍ଡଳକୁ ଛେଚି
ଦୁଇ ତୋଳା ଓଜନରେ,
ତହିଁରେ ଚଉଶ — ତୋଳା ଜଳ ଦେଇ
ଭିଜାଇବ ଦ୍ୱିପ୍ରହରେ ।
ଜଳ ଛାଣି ତହିଁ — ଚିନି ଦୁଇ ମସା
ଗୋଳି ପିଇଲେ ପ୍ରଭାତେ,

GPNanda Colln., Digitized by srujanika@gmail.com

ଅନ୍ତର୍ଦାହ ମିଶା ପିତ୍ତଜ୍ୱର ଯାନ୍ତି
ନୋଇ ଆପଣା ପଥେ ।
ପିତ୍ତାଧିକ୍ୟଜ୍ୱରେ ଊର୍ଦ୍ଧ୍ୱମୁଖ କରି
ଶୋଇବ ଉତ୍ତମ ଶେଯେ,
ତାର ନାଭିଦେଶେ କଂସା କମ୍ୱା ତାମ୍ର-
ପାତ୍ର ରଖିଦେବ ନେଇ ।
ସୁଶୀତଳ ଜଳ ତହିଁରେ ଗାଳିଲେ
ଦାହ ସହିତ ପିତ୍ତଜ୍ୱର,
ବିନାଶ ହୁଅଇ ଜଳକଣା ସେନେହେ
ନ ପଡ଼େ ଦେହେ ରୋଗୀର ।

ପିତ୍ତାନ୍ତକରସ

ପାରଦ, ଗନ୍ଧକ, ଗୁଳୁଚିର ମଞ୍ଜି
ସୀସା ଭସ୍ମ, ଜାଇଫଳ,
ଅଫିମ, ଗଞ୍ଜାଇ, ଅଭ୍ରଭସ୍ମ ପ୍ରତି
ଦ୍ରବ୍ୟ ଅଧତୋଳା ତୁଳ ।
ଅଦାରସ, ଶ୍ୱେତ- ଚାପୁଡ଼ି କ୍ୱାଥରେ
ମର୍ଦ୍ଦିବ ତିନିଟି ଦିନ,
ଏକ ରତି ମାତ୍ରା ବଟି, ଦୁଇ ତୋଳା
ଚିନି ପଣା ଅନୁପାନ ।
ପାନ କଲେ ନର ପିତ୍ତ ପ୍ରକୋପିତ
ଜ୍ୱର ଯାଏ ଦେହୁଁ ଛାଡ଼ି,
ପିତ୍ତାଧିକ୍ୟ ଜ୍ୱରେ ଅତିସାର ଥିଲେ
ଏହାକୁ ଦେବ ଯୋଡ଼ି ।

GPNanda Colln., Digitized by srujanika@gmail.com

ପିତ୍ତାନ୍ତକ ବଟିକା

ପାରଦ, ଗନ୍ଧକ,   ଲବଙ୍ଗ, ଜାଇତ୍ରୀ,
ରସ ସିନ୍ଦୂର, ଟାଙ୍କଣା,
ଗୁଳୁଚର ମଞ୍ଜି.   ଅଳାଇଚ, ଅଭ୍ର
ପ୍ରତି ଦ୍ରବ୍ୟ ସମଅଣା ।
ଅର୍ଦ୍ଧରେ ଅଫିମ   ସମଅଣା ଦୁଇ-
ତୋଳା ଓଜନରେ ଦେବ,
ସମସ୍ତ ମସଲା   ଶ୍ୱେତ ପାଣ୍ଡୁଆର
କ୍ୱାଥରେ ମର୍ଦ୍ଦିବ ।
ଏକରତି ମାତ୍ରା   ଘୋଟି ଦୁଇତୋଳା
ଜଳ ସଙ୍ଗାରେ ଖାଇଲେ,
ପିତ୍ତାଧିକ୍ୟ ଜ୍ୱର   ଅତିସାର ହବ
ଭଲ ହୁଅଇ ସତ୍ୱରେ ।

---○---

ଶ୍ଳୈଷ୍ମିକଜ୍ୱର ଚିକିତ୍ସା

ନିମ୍ବାଦି କ୍ୱାଥ

ନିମ୍ବଛେଲ ଶୁଣ୍ଠୀ,   ଗୁଳୁଚ, ପିପଳୀ,
ଦେବଦାରୁ, ଚିରାଇତା,
ଗଜଶୁଣ୍ଠୀ, ଗଜ-   ପିପଳୀ ସହିତ
, କୁଟ, ଅଙ୍କରାନ୍ତ ଯୁକ୍ତା,
ପ୍ରତ୍ୟେକରୁ ତିନି-   ଅଣା ଦୁଇରତି
ବତିଶ ତୋଳା ଜଳରେ,

GPNanda Colln., Digitized by srujanika@gmail.com

ଯତନେ ପିଆଇ ଶେଷେ ଆଠ ତୋଳା
ପିଇଲେ ସଞ୍ଜ ସକାଳେ,
ନଷ୍ଟଏ ଧରଦ, ହୃଦସ୍ଥର କଫ,
ଗୋଡ଼ହାତ ଫୋଲା ବନ୍ଧା,
ମସ୍ତକ ବେଦନା ସନ୍ନତର ଜ୍ୱର
ପଳାଏ ପାଇଣ ବାଧା ।

ପିପ୍ପଲ୍ୟାଦି କ୍ୱାଥ

ପିପ୍ପଳୀ, ମରିଚ, ଶୁଣ୍ଠି, ଗୁଳୁଚି,
ଗୁଇଁ କାଠ ଚିତାମୂଳ ।
ଜୁଆଣୀ, ରେଣୁକ, ଜୀର, ଇନ୍ଦ୍ରଯବ,
ବଣ ପିପ୍ପଳୀକୁ ଧର ।
ବଣାଧିତ ହିଙ୍ଗୁ, କଟୁକି, ବିଡ଼ଙ୍ଗ,
ଅକାନବନ୍ଧ ପତର,
ବ୍ରାହ୍ମଣ ଝାଟିଆ, ମୂତ୍ରବାର ମୂଳ,
ମହାଳ ଗଛର ଚେର ।
ଧବଳ ସୋରିଷ, ଅତୁସୀ ସହିତ
ଏହି ମସଲା ସମସ୍ତ,
ଏକତ୍ର ହୋଇଲେ ପିପ୍ପଳ୍ୟାଦି ଗଣ
ବୋଲାଏ କହନ୍ତି ସନ୍ତ ।
ଏକ ଅଣା ତିନି- ରତି ପ୍ରତ୍ୟେକରୁ
ଦେଇ ଅଧସେର ଜଳ,
ମନ୍ଦ ମନ୍ଦ ଜାଳେ ସିଝାଇ ଶେଷରେ
ରଖ ଆଠତୋଳା ମାର ।

GPNanda Colln., Digitized by srujanika@gmail.com

ଏହି ପାଚନ ସେ   କଫ ବିନାଶକ
ପୀନସ ରୋଗକୁ ନାଶେ,
କଫଜ୍ୱର, ଗୁଳ୍ମ;   ଅଗ୍ନିମାନ୍ଦ୍ୟ, ଶୂଳ
ସୁପ୍ରସିଦ୍ଧ ଆମ ଦୋଷେ ।
ବାତ କଫଜ୍ୱର,   ପାର୍ଶ୍ୱ ବେଦନା,
ଭୟଙ୍କର ମୁଣ୍ଡବ୍ୟଥା,
ଶରୀର ଯନ୍ତ୍ରଣା   ବିନାଶଇ ଶୀଘ୍ରେ
ଏଥିରେ ନାହିଁ ଅନ୍ୟଥା ।

ତ୍ରିଫଳାଦି କ୍ୱାଥ

ତ୍ରିଫଳା, କଟୁକୀ,   ଭାରଙ୍ଗ, ଗୁଳୁଚ,
ବଚ, ପଟୋଳପତର,
ପ୍ରତ୍ୟେକୁ ସିଜ୍ଜକ   ଓଜନରେ ଆଣି
ଶିଳେ ଦରଛେଚୁ କର ।
ଅଧସେର ଜଳେ   ସିଝାଇ ଏହାକୁ
ଶେଷେ ରଖି ଅ.୦ ତୋଳା,
ସେବିଲେ ଦି' ବେଳା   କଫଜ୍ୱର ନାଶେ
ଏଥିରେ ନକର ହେଳା ।

କଫଜରେ ମହାଜ୍ୱରାଙ୍କୁଶ ବଟି

ପାରଦ, ଟଙ୍କଣ,   ଶୋଧିତ ମହୁରା
ପ୍ରତ୍ୟେକରୁ ଗୃଶଅଣା,
ଦୁଦୁରା ମଞ୍ଜିକୁ   ଗୋ ମୂତ୍ରେ ସିଝାଇ
ବାର ଅଣାରେ ଗଣନା ।
ପିପ୍ପଳୀ, ମରିଚ   ଶୁଣ୍ଠୀ ତିନ ତୋଳା
ତହିଁରେ ସଂଯୋଗ କର,

GPNanda Colln., Digitized by srujanika@gmail.com

ଲେମ୍ବୁ-ଅଦାରସେ ମର୍ଦ୍ଦନ କରିବ
ଯତନରେ ଘୋରି ଘୋରି ।
ବିରଚିତ ମାତ୍ରା ବଟିକା ବାନ୍ଧିବ
ନବଜ୍ୱରେ ଦୁଇତୋଳା,
ଅଦାରସେ ବୋଳି ଖୁଆଇଣ ଦେଲେ
ଜ୍ୱର ଛୁଅଇ ଚଞ୍ଚଳା ।
ଅନୁପାନ ଭେଦେ ଆଠ ପ୍ରକାର
ଜ୍ୱରରେ ଏହାକୁ ଦିଅ,
ଏହି ଔଷଧରେ ହାତେ ହାତେ ଫଳ
ମିଳଇ ଜାଣ ନିଶ୍ଚୟ ।

ନାଗାର୍ଜ୍ଜୁନ ରସ

ମୁଥା, ବଚ, କୁଡ, ମରିଚ ପ୍ରତ୍ୟେକୁ
ଅଧ ତୋଳା ପରିମାଣ,
ଶୋଧିତ ମହୁରା ଦୁଇ ତୋଳା ସଙ୍ଗେ
ଖଲରେ କର ମର୍ଦ୍ଦନ ।
ଅଦାରସେ ତା'ହା ଭାବନା ଦେଇଣ
ଏକ ରତି ମାତ୍ରା କରି,
ବେଗୁନିଆ ପତ୍ର- ରସେ କମ୍ବା ଅଦା-
ରସରେ ଖୁଆଅ ଘୋରି ।
ରସର ମାତ୍ରା ଦୁଇ ତୋଳା ଦେବ
ମାତ୍ରା ରୋଗ ବିଶେଷରେ,
ଅଳ୍ପ ବହୁତେ ବଢ଼ାନ୍ତି ବଇଦେ
ରୋଗ ବଳ ଅନୁସାରେ ।

GPNanda Colln., Digitized by srujanika@gmail.com

ଏହା ଦ୍ୱାରା କଫ- ଜ୍ୱର, ଶ୍ୱାସ, କାଶ,
ଅରୁଚି, ହିକ୍କା ଆଦର,
ପେଟ ଫୁଲ, ବାତ- ଶ୍ଳେଷ୍ମା ଜ୍ୱର ନାଶ
ହୋଇଣ ଯାଏ ସତ୍ୱର ।

ଯଲଲମଞ୍ଜରୀ ରସ

ଏକଭାଗ ତ୍ରିକ ଶୋଧିତ ମହୁରା,
ଦ'ଭାଗ ନାଗସିନ୍ଦୂର,
ହିଙ୍ଗୁଳ ତେଜ ତିନି ଭାଗ, ଗୃଶଭାଗ
ମଲ୍ଲର ଗିଲ୍ଲଆ ଧର ।
ତାମ୍ରମୁଖୀ ପାଞ୍ଚ ଭାଗ ଧରି ସବୁ
ଅଦାରସେ ମରଦନ.
ଏକରତି ମାତ୍ରା ବଟିକା ପକାଇ
ଅଦା ରସରେ ଖାଇବ ।
ମଲ୍ଲି ଗିଲ୍ଲଆ ଭସ୍ମ କରି ନେବ
ତାମ୍ରମୁଖୀ ଲୌହ ରସେ.
ଭାବନା ଦେଇଣ ଉତ୍ତମରେ ଦେଲେ
ବିଷ ଦୋଷକୁ ନାଶେ ।
ଏହି ବଟିକାରେ ସର୍ବବିଧ ଜ୍ୱର,
ବିଶେଷ କଫ ପ୍ରଧାନ,
ରୋଗମାନ ସବୁ ଭଲ ହୋଇଯାଏ,
ଜାଣ ଏହା ବିଷାମୃନ ।

—o—

GPNanda Colln., Digitized by srujanika@gmail.com

ବାତପୈତ୍ତିକ ଜ୍ୱର ଚିକିତ୍ସା

ବିଶ୍ୱାଦି-ପାଚନ*

ଶୁଣ୍ଠୀ, ଚିରାଇତା, ଗୁଳୁଚି ସେ ମୁଥା
ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି,
ଅଙ୍କବନ୍ତ, ଲଟା- ବେଁଚୋଳ, ଗୋକ୍ଷୁର
ପ୍ରତ୍ୟେକଙ୍କ ତୁଲ ଆଣି ।
ତିନି ଅଣା ଦିଅ ଭରତରେ, ଏ ସବୁ
ବତିଶ ତୋଳା ଜଳରେ,
ସିଝାଇ ଶେଷକୁ ଆଠ ତୋଳା ଜଳ
ରଖିବ-ହାଣ୍ଡି ମଧ୍ୟରେ ।
ଏହାକୁ ସେବିଲେ ବାତପିତ୍ତ ଜର
ଦେହରୁ ହୁଏ ବିନାଶ,
ଅଳପ ଦିନରେ ବେଗୀ ଉଠି ସେ
ମନରେ ହୋଇ ହରଷ ।
ପିପାସା, ମୂର୍ଚ୍ଛା, ଭ୍ରମ, ଦାହ, ନିଦ୍ରା-
ସ୍ୱଳ୍ପତା, ମସ୍ତକ ପୀଡ଼ା,
କଣ୍ଠ-ମୁଖ ଶୁଷ୍କ, ବାନ୍ତି, ରୋମାଞ୍ଚ,
ଅରୁଚିରେ ହୁଏ ନେଡ଼ା ।

ବୃହତ୍ ଗୁଳୁଚ୍ୟାଦି କ୍ୱାଥ

ଗୁଳୁଚି, ଦୁର୍ଲଭା, ରକ୍ତ ଚନ୍ଦନ,
ପଦ୍ମକାଠ, ଇନ୍ଦ୍ରଯବ,
ହରଡ଼ା, ଧନିଆଁ, ମୁଥା, କୁଟଜଛାଲ,
ଅକାନବନ୍ଧୁକୁ ନେଇ ।

---

* ବିଶ୍ୱ—ଶୁଣ୍ଠୀ ।

GPNanda Colln., Digitized by srujanika@gmail.com

ପୁନାଶର ଅଠା, କଣ୍ଟକାରୀ ଯେ ଶୁଣ୍ଠୀ,
ପ୍ରତ୍ୟେକନ୍ତୁ ଦୁଇଅଣା—
ଅଟେଳ ରତ୍ତିରେ କରିବ ଓଜନ
ଯେସନେ ନ ହୋଇବ ଊଣା ।
ଅଧସେର ଜଳେ ସିଝାଇବ ଏହା
ଶେଷେ ଆଠତୋଳା ରଖି,
ଦୁଅଣା ଓଜନ ପିପ୍ପଳୀର ଚୂର୍ଣ୍ଣ
ପିଇବ ତହିଁ ପକାଇ ।
ଏହି ପାଚନଟି କାଶ, ଶ୍ୱାସ, ଜ୍ୱର
ପିପାସା, ଦାହ ନାଶିବ,
ମଳ, ମୂତ୍ର, ବାୟୁ ବନ୍ଦ ହୋଇଥିଲେ
ଆଦ୍ୟରେ ଏହାକୁ ଦେବ ।

ଘନଚନ୍ଦନାଦ କ୍ୱାଥ

ରକ୍ତଚନ୍ଦନ, ମୁଥା, ବେଣାଚେର
କଟୁକୀ, ଶ୍ୱେତ ପାପଡ଼ା,
ପଟୋଳପତ୍ରର କୁଳୁବେଲ ଏହି
ସାତୋଟି ଦରବ ନେଇ ।
ପ୍ରତ୍ୟେକ ଦ୍ରବ୍ୟକୁ ଦୁଇଅଣା ଭିନ୍ନ-
ରତି ପରିମାଣେ ନେଇ,
ଅଧସେର ଜଳେ ସିଝାଇ ଯତନେ
ଆଠ ତୋଳା ରଖ ପାଣି ।
ଏହା ସେବନରେ ବାତପିତ୍ତ ଜ୍ୱର
ବାନ୍ତି ଯେ ତୃଷା ଅରୁଚି,

GPNanda Colln., Digitized by srujanika@gmail.com

ଦାହ ନାଶ ଯାଏ ରୋଗୀର, ଯତନେ
ମଣ୍ଡ ନେବ ଠି ଖାଇବାକୁ ।
ସାତ ଦିନ ପରେ ଖୁଆଅ ରୋଗୀକୁ
ଏହି ପାଚନ ସିଝାଇ,
ଏଥିରେ ପିତ୍ତ, ଅରୁଚି, ବମନ,
ଦେହ ଦାହ ନ ରହଇ ।

କିରାତାଦି କ୍ୱାଥ

ଚିରାଇତା, ଗନ୍ଧ- ଶୁଣ୍ଠି, କସିମିଜି,
ଗୁଳୁଚି, ଶୁଣ୍ଠି, ପିପ୍ପଳି,
ପ୍ରତ୍ୟେକ ଧରିବ ପାଞ୍ଚ ଅଣା ଦେଢ଼--
ଭରରେ ଆଣିବ ଭଲ ।
ଅଧସେର ଜଳେ ସିଝାଇ ଏ ସବୁ
ଶେଷ ରଖି ଆଠ ତୋଳା,
ସିଭକ ଔଜନ ପୁରାତନ ଗୁଡ଼
ତୋଳ ସେବ ଦୁଇ ବେଳା ।
ଦାହ, ତୃଷା, ଜ୍ୱର, ବାନ୍ତ କମିଯାଏ
ଏହା ଅଛି ଶାସ୍ତ୍ର ଲେଖ,
ବାତ-ପିତ୍ତ ଜ୍ୱର କରଇ ବିନାଶ
ଔଷଧ ରୋଗୀର ସଖା ।

GPNanda Colln., Digitized by srujanika@gmail.com

ବଟିକା ପ୍ରୟୋଗ

ଜ୍ୱାଳାମୁଖ ରସ

ମୃଗଶୃଙ୍ଗ ଚୂର୍ଣ୍ଣ ଅଗ୍ନି କୁମାରୀର
ରସରେ ସପ୍ତେ ମର୍ଦ୍ଦିବ,
ଗଜପୁଟେ ଭସ୍ମ କରିଣ ତାହା
ଯତ୍ନେ ପାତ୍ରେ ରଖିବ ।
ଏହି ଭସ୍ମ ଏକ ତୋଳା ସଙ୍ଗେ ନେଇ
ପିପ୍ପଳୀ, ମରିଚ, ଶୁଣ୍ଠୀ,
ଦୁଇ ତୋଳା ଦନ୍ତି- ଅର୍କା ଓଳ ରସ
ପ୍ରତ୍ୟେକରୁ ଖଲେ ଘୋଟି ।
ଖଲେ ମର୍ଦ୍ଦି ତାକୁ ପିଜକ ଓଜନ
ବଟି ବାନ୍ଧ ପାନରସ-
ଯୋ'ଜ୍ୱାଳାମୁଖ ଟୋଳ ସେବିଲେ ହୁଅଇ
ବାତ ପିତ୍ତ ଜ୍ୱର ନାଶ ।
ହାତେ ଗଭୀରରେ ହାତେ ଓସାରରେ
ଖୋଳିବ ଗୋଟିଏ ଗାତ,
ଶୁଷ୍କ ଘସି ତହିଁ ପୂରାଇଣ ଅଧେ
ଔଷଧ କର ସ୍ଥାପିତ ।
ଔଷଧ ଉପରେ ଭୂମି ସମାନରେ
ଶୁଷ୍କ ଘସି ଢାଳି ଦେଇ,
ନିଭି ଗଲେ ନିଆଁ ନେବ ଔଷଧକୁ,
ଯାକୁ ଗଜ ପୁଟ କହି ।

GPNanda Colln., Digitized by srujanika@gmail.com

ଜ୍ୱରଗଜକେଶରୀ ରସ

ପାରଦ, ଗନ୍ଧକ, ପିପଳୀ, ମରିଚ,
ଶୁଣ୍ଠୀ, ହରିଡ଼ା, ବାହାଡ଼ା,
ଅଁଳା, ଶୋଧିତ କନକା-ମଞ୍ଜି,
ପ୍ରତ୍ୟେକରୁ ଅଧ ତୋଳା,
ଭୃଙ୍ଗରାଜ ରସେ ମରଦ୍ଦ ଯତନେ
ଏକରତି ମାତ୍ରା କରି,
ମଧୁ ସହିତରେ ସେବିଲେ ସକାଳେ
ନଷ୍ଟେଁ ଜ୍ୱର ଯାଏ ଗୃହ ।
ଏଥିରେ ସକଳ ଦସ୍ତ ହୁଏ ଜାଣ,
ଏହି ଅଉଷଧ ବଟି,
ଦୁଗ୍ଧ ଭାତ ଦିନ କରିଲେ ସେବନ
ଜ୍ୱର ମୂଳ ଯାଏ କଟି ।

ଶୀତାଙ୍କୁଶ ରସ

ମୟୂରଗିରିଆ- ଭସ୍ମ ଯେ ଟାଙ୍କଣା,
ପାରଦ, ଶୁଦ୍ଧ ମହୁର,
ଗନ୍ଧକ, ଖପର— ଭସ୍ମ, ହରିତାଳ
ପ୍ରତି ଦ୍ରବ୍ୟ ଅଧତୋଳା ।
କଲରାପତର- ରସରେ ମରଦ
ଏକ ରତି ପରିମାଣ,
ବଟିକା ପକାଇ ସେବନ କରିଲେ
ବାତପିତ୍ତ ଜ୍ୱର ଶୂନ୍ୟ ।
ଭଜା ଜୀରା ଚୂର୍ଣ୍ଣ ଏକ ମସା ମାତ୍ର
ମଧୁ ଦଶ ବାର ଟୋପା,

GPNanda Colln., Digitized by srujanika@gmail.com

ସନ୍ନତେ ଗୋଳାଇ ଘୃଟିଲେ ଜଳରେ
ହୁଏ ଜ୍ୱର ଉପଚାର ।
ପିତ୍ତର ଆଧିକ୍ୟ ଦୁଇ ତୋଳା କନ୍ଦ-
ଫଳା ସନ୍ନତରେ ଗୋଳ,
ସେବନ କରିବ ଏହି ମହୌଷଧ
ଶୀଘ୍ର ସୁସ୍ଥ ହୁଇଯିବ ।

—o—

ବାତଶ୍ଳେଷ୍ମା ଜ୍ୱର ଚିକିତ୍ସା

ବାତଶ୍ଳେଷ୍ମା ଜ୍ୱରେ ବାଲିକୁ ଗରମ
କରି ସେକ ଦେବ ଦେହେ,
ସେକରେ ସକଳ ଶରୀରର ସ୍ରୋତ
ଫଳ ଭାବକୁ ବହେ ।
ଅଙ୍ଗ ନଳ ସ୍ଥାନେ ଆସଇ ବନ୍ଧନେ
ବାତଶ୍ଳେଷ୍ମାର ପ୍ରବନ୍ଧ, *
ରୁଷ ସ୍ୱେଦ ଦ୍ୱାରା ଖୋଲଯାଏ ଜାଣ,
ତହିଁ ନାହିଁ ପରମାଦ ।
କପଡ଼ରେ ଅମ୍ଳା କରେଇରେ ବାଲି
ଗରମ କରି କନାରେ,
ପୁଟୁଳି ବାନ୍ଧଣ ତହିଁ କାଞ୍ଜିପାଣି
ସିଞ୍ଚିଦେବ ଧୀରେ ଧୀରେ ।
ଏହି ପୁଟୁଳିର ରୋଗୀକ ସେକଲେ
ପୀଡ଼ା, ବାତଶ୍ଳେଷ୍ମାଜ୍ୱର,

* ବାତଶ୍ଳେଷ୍ମାର ପ୍ରବନ୍ଧ—ଏକ ସ୍ଥାନରେ ବାତଶ୍ଳେଷ୍ମା ଅଧିକ ସବରେ ଜମାହୋଇ ରହିଥିବା ।

GPNanda Colln., Digitized by srujanika@gmail.com

ମୁଣ୍ଡବ୍ୟଥା, ଦେହ- ଅଳସ ଇତ୍ୟାଦି
ନିବୃତ୍ତ ହୁଏ ଦେଖିବ ।

ପଞ୍ଚକୋଳ କ୍ୱାଥ

ବଣ ପିମ୍ପୁଳିର ମୂଳ, ଗୁଳ୍‌ଚିକାଠ,
ଚିତାମୂଳ ଯେ ପିମ୍ପୁଳି,
ଶୁଣ୍ଠୀ ପ୍ରତ୍ୟେକରୁ ଛଅଣା ଦି'ରତି
ନିକିତିରେ ନେବ ତୁଳି ।
ଏ ସବୁ ମସଲା ଦରଛେଚି କରି
ଚତିଶ ତୋଳା ଜଳରେ,
ସିଝାଇ ଶେଷରେ ରଖି ଆଠ ତୋଳା.
ସେବିବ ସଞ୍ଜ ସକାଳେ ।
ଏହା କଷ ଧୁଏ ବାତଶ୍ଳେଷ୍ମାଜ୍ୱରେ
ଅଗ୍ନିମାନ୍ଦ୍ୟ, ଦେହଗରୁ,
ଊର୍ଦ୍ଧ୍ୱ ସର୍ଦ୍ଦି, ଆମ- ବାତ, ମୁଣ୍ଡବ୍ୟଥା
ପଳାଏ ରୋଗୀ ଶରୀରୁ ।

ଆରଗ୍ୱଧାଦି କ୍ୱାଥ *

ସୁନାରି ଫଳର ଅଠା ଯେ କଣ୍ଟକା
ବଣ ପିମ୍ପୁଳିର ମୂଳ,
ହରିଡ଼ା ସହିତ ମୁଥା ପ୍ରତ୍ୟେକରୁ
ଛଅଣା ଦି'ରତି ତୁଳ ।
ମସଲା ସବୁକୁ ଦରଛେଚି କରି
ବତିଶ ତୋଳା ଜଳରେ,

* ଆରଗ୍ୱଧ—ସୁନାରି ଫଳର ଅଠା ।

GPNanda Colln., Digitized by srujanika@gmail.com

ସିଝାଇ ଶେଷରେ ରଖି ଆଠ ତୋଳା
ସେବ ବାତଶ୍ଳେଷ୍ମାଜ୍ୱରେ ।
ଏହି କଷାୟକୁ ସେବନ କରିଲେ
ଅଗ୍ନିର ଦୀପ୍ତି ହୁଅଇ,
ବାତ ଶ୍ଳେଷ୍ମା ଜ୍ୱର, ଶରୀର ବେଦନା,
ଆମ ଦୋଷ ବିନାଶଇ ।

କ୍ଷୁଦ୍ରାଦି କ୍ୱାଥ *

ଅଙ୍କରାନ୍ତ, ଶୁଣ୍ଠୀ, ଗୁଳୁଚ ସେ କୁଡ଼
ପ୍ରତ୍ୟେକରୁ ଅଧତୋଳା,
ଏକତ୍ର ସିଝାଇ ଅଧ ସେର ଜଳେ
ଆଠ ତୋଳା ରଖି ଭଲ ।
ବାତଶ୍ଳେଷ୍ମା ଜ୍ୱରେ ଖାଇବାକୁ ଦେଲେ
ହୁଏ ବହୁ ଉପକାର,
ପାର୍ଶ୍ୱ ବେଦନା, କାଶ, ଶ୍ୱାସ ଆଦି
ଶୀଘ୍ର ହୋଇଯାଏ ଦୂର ।

ଦଶମୂଳୀ କ୍ୱାଥ

ଗମ୍ଭାରି, ପାଟଳି, ଅଗିବଥୁ, ବେଲ,
ଫଣଫଣା ମୂଳ ନେଇ,
ଶାଳପର୍ଣ୍ଣି, କୃଷ୍ଣ- ପର୍ଣ୍ଣି ସହିତରେ
ଅଙ୍କରାନ୍ତ ନେବ ଭଲ ।
ଲଟାବେଙ୍ଗ ତୋଳ, ଗୋକ୍ଷୁରକୁ ଦେଇ
ଏହି ମସଲା ଦଶଟି ।

* କ୍ଷୁଦ୍ର—ଅଙ୍କରାନ୍ତ ।

GPNanda Colln., Digitized by srujanika@gmail.com

ପ୍ରତ୍ୟେକରୁ ତିନି- ଅଣା ଦୁଇରତି
ନେଇ ତାହା ଛେଚି କୁଟି ।
ଅଧସେର ଜଳେ ସିଝାଇ ଶେଷକୁ
ପାଣିଟିକି ଆଠତୋଳା,
ପିଆଇଲେ ରୋଗୀ ଶୀଘ୍ର ନିଶ୍ଚୟ
ବାତରୋଗ ଦୂର ହେବ ।
ଏଥି ସ୍ମୃତି ରତି ପିପ୍ପଳୀର ଗୁଣ୍ଡ
ପକ୍ଷେପ ଦେଇ ଖାଇଲେ,
ବାତଶ୍ଲେଷ୍ମା ଜ୍ୱର, ତନ୍ଦ୍ରା, ପେଟଫୂଲା,
ବିନଷ୍ଟ ହୁଏ ସତ୍ୱରେ ।

ବଟିକା ପ୍ରୟୋଗ

ଶୀତାରି ରସ

ପାରଦ, ଗନ୍ଧକ, ଟାଙ୍ଗଣା, ହିଙ୍ଗୁଳ
ମରିଚ, ସୈନ୍ଧବ ଲୂଣ,
ନେମ୍ବୁଳ ଛେଲିର ପାଉଁଶ, ମହୁସ
ପ୍ରତ୍ୟେକ ସ୍ମୃତି ଅଣ ।
ଜୟପାଳ ମଞ୍ଜି ଅଧତୋଳା ଭୂଜି
ତହିଁରେ ପକାଅ ନେଇ,
ଲେମ୍ବୁରସେ ମର୍ଦ୍ଦି ଦୁଇରତି ମାପ
ବଟି ବାନ୍ଧି ଶିବେ ଧାସ୍ଥି ।
ଉଷ୍ଣ ଜଳେ ଗୋଳି ଦାନ କଲେ ତାହା
ବାତକମ୍ପ ଜ୍ୱର ଯାଏ,

GPNanda Colln., Digitized by srujanika@gmail.com

ଶୀତ ଜ୍ୱରେ ଏହା ଦିଅନ୍ତୁ ସକଳେ
ଅନୁପାନରେ ନ ଯୋଗାଏ ।

ଚନ୍ଦ୍ରଶେଖର ରସ

ପାରଦ, ଗନ୍ଧକ, ମରିଚ, ଟାଙ୍କଣା
ପ୍ରତ୍ୟେକର ଏକ ତୋଳା,
ଉଜନରେ ଆଣି ତହିଁ ସଙ୍ଗେ ଦେବ
ଗୁଣ ତୋଳା ମନଃଶିଳା ।
ବୈଦ୍ୟମାନେ ଚିତ୍ତେ ଛନଛନ ଯାଏ
ମର୍ଦ୍ଦି ମାତ୍ରା ଦୁଇ ରତି,
ଦୁଇତୋଳା ଅଦା- ରସ ସଙ୍ଗତରେ
ଖାଇବ ପ୍ରଭୁଙ୍କୁ ଚିନ୍ତି ।
ଔଷଧ ଖାଇବା ଦୁଇଘଣ୍ଟା ପରେ
ରୋଗୀକୁ ଶୀତଳ ଜଳେ,
ସାମାନ୍ୟ ଭାବରେ ପୋଷ୍ମପାନ୍ତି ଦେଲେ
ଭୟ ନ କରିବ ତିଳେ ।
ବାଇଗଣ ଦହି- ଘୃତ ପଥ୍ୟ ଦେଇ
ଛନଛନ ଏହିପରି,
ଖାଇଲେ ଔଷଧ ପିତ୍ତଶ୍ଳେଷ୍ମା ଜ୍ୱର
ଯାଏ ମଧ୍ୟ ଗୁଣ୍ଡୁକରି ।

ବୃହତ୍ଚନ୍ଦ୍ରଶେଖର ରସ

ଲୌହ, ତାମ୍ର, ବଙ୍ଗ, ସୁବର୍ଣ୍ଣ ମାକ୍ଷିକ,
ସ୍ୱର୍ଣ୍ଣଭସ୍ମ, ମନଃଶିଳା,

GPNanda Colln., Digitized by srujanika@gmail.com

ପାରଦ, ଗନ୍ଧକ, ପିପ୍ପଳୀ, ଟଙ୍କଣା,
ପ୍ରତ୍ୟେକୁ ଅଣାଏ ସାଗ୍ର ।
ରସସିନ୍ଦୂରରୁ ଦଶଅଣା, ଚେଙ୍ଗା-
ମାଛ ପିତ୍ତ ଏକ ଭରି,
ଗୃରଣା ଓଜନ ପକାଇ ଖଲରେ
ଖଳିତ ପୁଅଁକୁ ଧର ।
ପାନରସ, ଅର୍ଦ୍ଧ- ପନ୍ତର ଦୋନ୍ତ୍ୟଅ,
କରଞ୍ଜ ପତ ରସରେ
ଦିନେ ଦିନେ କରି ଘୋଟିଣ ମେ ସବୁ
ବଟିକା ବାନ୍ଧ ତା ପରେ ।
ଦୁଇ ରତି ମାସା ବଟି ଦୁଇଟୋଳା
କଢ ଚଣା ସଙ୍ଗେ ଗୋଳ,
ପିଇଦେଲେ ନଷ୍ଟେ 'ବାତଶ୍ଳେଷ୍ମା ଜ୍ୱର
ଦେହରୁ ପଳାଏ ଗୁଡ଼ ।
ଏହି ଅଉଷଧ ସକଳ ପ୍ରକାର
ବିଷମ ଜ୍ୱର-ନାଶନ,
ସନ୍ନିପାତ ଜ୍ୱରେ ଦିଆଯାଏ ମଧ୍ୟ
ଅନୁପାନରେ ପାର୍ଥକ୍ୟ ।

—o—

ପିତ୍ତଶ୍ଳେଷ୍ମା ଜ୍ୱର ଚିକିତ୍ସା

ଅମୃତାଷ୍ଟକ କ୍ୱାଥ

ଗୁଳୁଚି, ପଟୋଳ- ପତ୍ର, ଇନ୍ଦ୍ରଯବ,
ଶୁଣ୍ଠୀ, ରକ୍ତଚନ୍ଦନ,

GPNanda Colln., Digitized by srujanika@gmail.com

ନିମ୍ବଛେଲି, ମୁଥା, କଟୁକୀ ସହିତେ
କର ବିଶୁଦ୍ଧ ପାଚନ ।
ପ୍ରତ୍ୟେକ ଦରବ ସିକିଏ ଓଜନ
ବତିଶ ତୋଳା ଜଳରେ,
ସିଝାଇ ଶେଷରେ ରଖି ଆଠତୋଳା
ପିଇବ ସଞ୍ଜ ସକାଳେ ।
ଏଥିରେ ପିପ୍ପଳୀ- ଚୂର୍ଣ୍ଣ ପାଞ୍ଚରତି
ପକାଇ ଦେଇ ଖାଇଲେ,
ବାନ୍ତି, ଦାହ, ତୃଷା, ଅରୁଚି, ବିଭ୍ରମ,
ପିତ୍ତ ଶ୍ଳେଷ୍ମା ଜ୍ୱର ହରେ ।

କିରାତାଦି କ୍ୱାଥ

ଚିରାଇତା, ଶୁଣ୍ଠୀ, ଇନ୍ଦ୍ରଯବ, ମୁଥା,
ଗୁଳୁଚି କ୍ୱାଥ ସେବନେ
କଫ ପ୍ରକୋପିତ ପିତ୍ତ ଶ୍ଳେଷ୍ମା ଜ୍ୱର
ଛାଡ଼ଇ ଅଳପ ଦିନେ ।
ପ୍ରତ୍ୟେକୁ ଛଅଣା ଦ'ରତି ବତିଶ-
ତୋଳା ଜଳେ ସିଝାଇବ,
ଆଠ ତୋଳା ରଖି ଅ'ବଶେଷ ତାକୁ
ରୋଗୀକୁ ପିଆଇ ଦେବ ।

ପଞ୍ଚତିକ୍ତ କଷାୟ

ଅଙ୍କରାଳ, ଶୁଣ୍ଠୀ, ଗୁଳୁଚି ସେ କୁଡ଼,
ଚିରାଇତା ପାଞ୍ଚ ଚିଜ,

GPNanda Colln., Digitized by srujanika@gmail.com

ଏ ସବୁର କ୍ୱାଥ ସେବନ କଲେ
ଗୁରେଡ଼ ପିତ୍ତଶ୍ଳେଷ୍ମା ତେଜ ।
ଚଅଣା ଧ'ରି ପ୍ରତ୍ୟେକ ଦ୍ରବ୍ୟକୁ
ନିକତିରେ ତୁଳ ଆଣି,
ଅଧସେର ଜଳେ ସିଝାଇ ଏ ସବୁ
ଆଠତୋଳା ରଖି ପାଣି ।
ଏହି କଷାୟକୁ ପଞ୍ଚ କ୍ତ ବୋଲି
କହିଛନ୍ତି ମୁନିମାନେ,
ସକଳ ପ୍ରକାର ଜ୍ୱର ବିନାଶଇ
ଏହା ରଖିଥାଅ ମନେ ।

କଣ୍ଟକାର୍ଯ୍ୟାଦି କ୍ୱାଥ

ଅଙ୍କରାନ୍ତ, ଶୁଣ୍ଠୀ, ବ୍ରାହ୍ମଣ ଝାଙ୍ଟିଆ,
ଦୁରାଲଭା ଇନ୍ଦ୍ରଯବ,
ରକ୍ତଚନ୍ଦନ, ଚିରାଇତା ମୁଥା,
ଗୁଳୁଚି, କଟୁକୀ ନେବ ।
ତହିଁ ସହିତରେ ପଟୋଲ ପତର
ମିଶାଇଣ କର କ୍ୱାଥ,
ଏହା ସେବନରେ ପିତ୍ତଶ୍ଳେଷ୍ମା ଜ୍ୱର
ପଳାଇ ଯାଏ ତ୍ୱରିତ ।
ପ୍ରତ୍ୟେକ ମସଲ୍ ତିନଅଣା ନେବ
ଓଜନ କରି ନିକ୍ତିରେ,
ଅଧସେର ଜଳେ ସିଝାଇ ଶେଷରେ
ରଖ ଆଠତୋଳା ଠାରେ ।

GPNanda Colln., Digitized by srujanika@gmail.com

ଏଥିରେ ଅରୁଚି, ଦାହ, ତୃଷା, ଭ୍ରାନ୍ତ,
କାଶ, ଶ୍ୱାସ, ଶୂଳ ରୋଗ
ଅଳପ ଦିନରେ ବିନାଶ ହୁଅନ୍ତ
ଏହା ଅଟଇ ସିଦ୍ଧଯୋଗ ।

ସନ୍ନିପାତ ଜ୍ୱର ଚିକିତ୍ସା

ତ୍ରିଦୋଷ ଜ୍ୱରକୁ ସନ୍ନିପାତ ବୋଲି
କହନ୍ତି ସକଳ ଲୋକ,
ଏହାର ଚିକିତ୍ସା କର ସାବଧାନେ
ଧରି ନିଜର ବିବେକ ।
ସନ୍ନିପାତ ଜ୍ୱରେ ପ୍ରଥମେ ଲଙ୍ଘନ
ତା' ପରେ ବାଲୁକା ସେକ,
ନସ୍ୟ ନିଷ୍ଠୀବନ* ଅବଲେହ କ୍ରମେ
ଅଞ୍ଜନ ନାହିଁ ପ୍ରମାଦ ।
ସନ୍ନିପାତ ଜ୍ୱରେ ତିନିଦିନ କିମ୍ବା
ପାଞ୍ଚ ଅବା ଦଶଦିନ,
ରୋଗୀକୁ ସେ ପାଏ ଲଙ୍ଘନ ରଖିବ
ରୋଗୀର ବଳ ଦେଖିଣ ।
ଅଥବା ଆରୋଗ୍ୟ ଜ୍ଞାନ ଯାଏ ଦେବ
ରୋଗୀର ବଳ ନିରେଖି,
ଲଙ୍ଘନ ଉପରେ ସାଗୁ, ବାର୍ଲି ପେୟ
ମଧ୍ୟେ ମଧ୍ୟେ ଦେବ ଦେଖି ।
ଦୋଷ କ୍ଷୟ ହେଲେ ଲଙ୍ଘନ ନ ସହେ
ରୋଗୀ କ୍ଷୁଧାରେ ବ୍ୟାକୁଳ,

---

* ନିଷ୍ଠୀବନ—ଖଙ୍କାର ବାହାର କରିବା

GPNanda Colln., Digitized by srujanika@gmail.com

ଏହି ଅବସ୍ଥାରେ ସୁପଥ୍ୟ ଭୋଜନ
ଦେବ ଦେଖି ବଳ କାଳ ।
ସନ୍ନିପାତ ଜ୍ୱର ସ୍ୱେଦ କିମ୍ବା ଭସ୍ମେ
ଉପଶମ ନ ହୁଅଇ,
ସନ୍ନିପାତ ଜ୍ୱରେ ରୋଗୀର ଶରୀର
ଅଗ୍ନିପ୍ରାୟ ଜଳେ ଯାଏ ।
ନାନା ପ୍ରତିକ୍ରିୟା କରିଲେ ରୋଗୀର
ଯଦି ନ ଆସଇ ଜ୍ଞାନ,
ଅଗ୍ନି ସେକ ଦେବ ଚନ୍ଦନ ମସ୍ତକେ
ତଳପା ତଳରେ ପୁଣ ।
ଆଜ କାଲ ଯୁଗେ ମସ୍ତକରେ ସେକ
ନ ଦିଅନ୍ତି ଚିକିତ୍ସକେ,
ମସ୍ତକେ ବରଫ କମ୍ପା ଜଳପଟି
ଦେଉଥାନ୍ତି ଅନବଧିକେ ।
ରୋଗୀର ନୟନ ରକ୍ତ ବର୍ଣ୍ଣ ଯଦି
ବାନ୍ତି, ମସ୍ତକ ଲୋଟଇ,
ପ୍ରଳାପରେ ଜଷ୍ଟ କିମ୍ବା ବଧିମାନ
ନ କରିବ ପ୍ରଭୁ ଧ୍ୟାୟୀ ।
ଏହି ଅବସ୍ଥାରେ ଶୀତଳ କ୍ରିୟାରେ
ରୋଗୀକୁ ରଖିବ ଯତ୍ନେ,
ବରଫ, ଅପିଠା- କଦଳୀ ଦେହକୁ
ଶିରେ ଦେବ ରାତ୍ର ଦିନେ ।

—o—

GPNanda Colln., Digitized by srujanika@gmail.com

ନସ୍ୟ ପ୍ରୟୋଗ

ସୈନ୍ଧବାଦ୍ୟ ନସ୍ୟ

ସୈନ୍ଧବ ଲବଣ, ଧବଳ ସୋରିଷ,
ମଲକାର ମଞ୍ଜି, କୁଡ଼,
ସମଭାଗେ ଆଣି ଛେଳିର ମୂତ୍ରରେ
ବାଟିବାନ କର ଗାଢ଼ ।
ଏହି ଔଷଧରେ ନାସ ନେଲେ ରୋଗୀ
ସନ୍ନିପାତ ଜ୍ୱର ପାଏ,
ଅଜ୍ଞାନ, ପ୍ରଳାପ, ତନ୍ଦ୍ରା, ମୋହ ଆଦି
କ୍ଷଣକେ ବିନାଶ ପାଏ ।

ମଧୂକସାରାଦ୍ୟ ନସ୍ୟ

ମହୁଲ ଫୁଲର ରସ ସଙ୍ଗେ ବଚ,
ମରିଚ, ସୈନ୍ଧବ ଲୁଣ,
ପିପ୍ପଳୀକୁ ସମ ଭାଗ ନେଇ ସନ୍ନେ
କରିନେବ ସୂକ୍ଷ୍ମ ଚୂର୍ଣ୍ଣ ।
ସମସ୍ତ ଚୂର୍ଣ୍ଣର ସମାନ ମରିଚ-
ଚୂର୍ଣ୍ଣ ଏକତ୍ର କରିଣ
ଉଷ୍ଣ ଜଳେ ଗୋଳି ରୋଗୀର ନାକରେ
ନାସ ଦେଲେ କିଛି କ୍ଷଣ,
ଚେତନା ଆସଇ, ମସ୍ତକର ଭାର
ତନ୍ଦ୍ରା ପ୍ରଳାପ ବିନାଶେ,

GPNanda Colln., Digitized by srujanika@gmail.com

ସନ୍ନିପାତ ଜ୍ୱର   କ ଲର ସଦ୍ଗୁଣ
ପ୍ରଭୁଙ୍କୁ ସ୍ମର ମାନସେ ।

ନିଷ୍ଠୀବନ ପ୍ରୟୋଗ

ଆଦ୍ରକାଦ୍ୟ ନିଷ୍ଠୀବନ

ସୈନ୍ଧବ, ପିପ୍ପଳୀ,   ଶୁଣ୍ଠୀ ଯେ ମରିଚ
ସମଭାଗେ ଚୂର୍ଣ୍ଣ କରି,
ଅଦାରସେ ଗୋଳ   କଳରେ ଯାକଲେ
ଶ୍ଲେଷ୍ମା ଯେ ଯାଏ ତରଳ ।
ଏହାଦ୍ୱାରା ଶ୍ଲେଷ୍ମା   ମୁଖନ୍ତୁ ବାହାରେ
ହୃଦୟ ପାର୍ଶ୍ୱ ମସ୍ତକେ,
ମନ୍ୟାଗଳ ଦେଶେ   ଶୁଖିଥିବା କଫ
ତରଳଇ ଅନ୍ତରେକେ ।
ରୋଗୀର ଶରୀର   ହାଲୁକା ହୁଅଇ
ସନ୍ନିପାତ, ଜ୍ୱର, ତନ୍ଦ୍ରା,
ମୂର୍ଚ୍ଛା, କାଶ, ମୁଖ-   ରସ ଭାର ବୋଧ,
କଣ୍ଠଜାତ ରୋଗ ନିଦ୍ରା ।
ଶରୀର ଜଡ଼ତା,   ବାନ୍ତ ଉର୍ଦ୍ଧ୍ୱବେଗ
ନିବର୍ତ୍ତିକ ଧୀରେ ଧୀରେ,
ଦୋଷ ବଳାବଳ   ବିବେଚନା କରି
ନିଷ୍ଠୀବନ ଦେବ ଖର ।
ଥରେ ଦୁଇ ଥର   କିମ୍ବା ତିନ ଥର
ଅବ ଭୁଶଥର ଦେବ,

GPNanda Colln., Digitized by srujanika@gmail.com

ନିଷ୍ଠୀବନେ ନିଶ୍ଚେଁ ସନ୍ନିପାତ ରୋଗେ
ଦେହୁଁ ଘୃଣ ପଳାଇବ ।

———

ଅବଲେହ ପ୍ରୟୋଗ

ଅଷ୍ଟାଙ୍ଗାବଲେହ

କଟ୍‌ଫଳ, ପିପ୍ପଳୀ ଦୁରାଳଭା, ଶୁଣ୍ଠୀ,
କାକଡ଼ାଶୃଙ୍ଗୀ ମରିଚ,
କଳାଜୀରା, କୁଡ଼ ପ୍ରତ୍ୟେକୁଁ ଦୋ'ମସା
ଚୂର୍ଣ୍ଣ ଦେବ ରତମତ ।
ଦୁଇ ତୋଳା ମଧୁ ଗୋଳାଇ ତହିଁରେ
ରୋଗୀକୁ ଦେଲେ ଚଟାଇ,
ଅତି ଭୟଙ୍କର ସନ୍ନିପାତ ଜ୍ୱର
ହିକ୍କା ଶ୍ୱାସ ନ ରହଇ ।
ଏହି ଅବଲେହେ କଣ୍ଠରୋଧ ରୋଗ
ଶୀଘ୍ରେ ନିବାରଣ ହୁଏ,
ଊର୍ଦ୍ଧ୍ୱ ସନ୍ଧି ରୋଗେ ଏକମସା ମାତ୍ରା
ଅଦାରସେ ଦିଆଯାଏ ।

———

ଅଞ୍ଜନ ପ୍ରୟୋଗ

ଶିରୀଷାଞ୍ଜନ

ଶିରୀଷର ବୀଜ, ପିପ୍ପଳୀ, ମରିଚ,
ସୈନ୍ଧବ, ବଚ, ରସୁଣ,

GPNanda Colln., Digitized by srujanika@gmail.com

ମନଃଶିଳା ପ୍ରଭୃତି ଦ୍ରବ୍ୟ ଦୁଇଅଣା
ଗୋମୂତ୍ରେ ଘେଷି ଅଞ୍ଜନ ।
ମାଇଲେ ଚକ୍ଷୁରେ ସନ୍ନିପାତ ରୋଗେ
ଚେତନା ଆସଇ କ୍ଷଣ,
କିମ୍ବା ଅପସ୍ମାରେ ମଳ ମୂତ୍ର ସଙ୍ଗେ
ରଞ୍ଜିଲେ ନେତ୍ର ଯୁଗଳେ ।

ପାଚନ ପ୍ରୟୋଗ

ଚତୁର୍ଦ୍ଦଶାଙ୍ଗ କ୍ୱାଥ

ଦଶମୂଳ, ମୁଥା, ଶୁଣ୍ଠି, ଚିରାଇତା
ଗୁଳୁଚି ଚଉଦ ଦ୍ରବ୍ୟ,
କଷାୟ କରଣ ସେବନ କରିଲେ
ସନ୍ନିପାତ କମିଯିବ ।
ପ୍ରତ୍ୟେକ ମସଲା ଦୁଇଅଣା ଏକ-
ତ୍ର ତୁଳିବ ଯତନେ,
ଅଧସେର ଜଳେ ସିଝାଇ ରଖିବ
ଆଠ ତୋଳା ପରିମାଣେ ।
ସନ୍ନିପାତ ଜ୍ୱରେ ଏହି ପାଚନକୁ
ଦେଉଥିବ ପ୍ରତିଦିନ,
ମଳ ଜବଜରେ ପ୍ରକ୍ଷେପ କରିବ
ମଧ୍ୟ ଏ ତ୍ରିବୃଡ଼ ଚୂର୍ଣ୍ଣ ।

GPNanda Colln., Digitized by srujanika@gmail.com

ଭୂନିମ୍ବାଦ୍ୟ ଷ୍ଟାଦଶାଙ୍ଗ ପାଚନ

ଚିରାଇତା, ଶୁଣ୍ଠୀ, ଦେବଦାରୁ, ମୁଥା,
ଦଶମୂଳ, ଇନ୍ଦ୍ରଯବ,
କଟୁକୀ, ଧଣିଆଁ, ଗଜପିପଳୀ ଯେ
ଅଠର ମଉଳ ନେବ ।
ପ୍ରତି ପଦାର୍ଥରୁ ଏକଅଣା ସ୍ଥିର
ଗଣରେ ଆଣିବ ଭୁଲ,
ଅଧସେର ଜଳେ ସିଦ୍ଧାଇ ଶେଷରେ
ଆଠ ତୋଳା ରଖ ବାଣ ।
ଏହି ପାଚନକୁ ସେବନ କରିଲେ
ତନ୍ଦ୍ରା, ଅରୁଚି, ପ୍ରଳାପ,
କାଶ, ଦାହ, ମୋହ, ଶ୍ୱାସ-ଉପଦ୍ରବ
ଘୁଞ୍ଚଇ ଦେହର ତାପ ।
ଏହୁ କଷାୟଟି ପ୍ରତ୍ୟକ୍ଷ ଫଳଦ
ଅଟଇ ସନ୍ନିପାତରେ,
ଏହାକୁ ସକଳ ବୈଦ୍ୟେ ଦେଇଥାନ୍ତି
ଏହି ରୋଗେ ଆଗ୍ରହରେ ।

ବୃହତ୍କଟ୍‌ଫଳାଦି କ୍ୱାଥ

କଟ୍‌ଫଳ ମୁଥା, ବଚ, ଇନ୍ଦ୍ରଯବ,
ଅଜାନବନ୍ଧୁ, ପିପ୍ପଳୀ,
କଳାଜୀରା, କୁଡ, ଖେତପାପୁଡ଼ା ଯେ
କାକଡ଼ା ଶୃଙ୍ଗୀକୁ ଧର ।

GPNanda Colln., Digitized by srujanika@gmail.com

ଗଜଶୁଣ୍ଠୀ, ଭୃଙ୍ଗ- ରାଜ, ହରିତକ୍ୟ,
କଣ୍ଟକା, ଧଣିଆଁ ତୁଳ,
କୁଡୁଚେଲି, ଏଗ୍ର- ଇଡା, ଦଶମୂଳ
ବ୍ରାହ୍ମଣ ଝାଟିଆ ମୂଳ,
ବାଡ଼ଅଇଁଳା ଯେ ବଣପିପ୍ପଳୀର
ମୂଳ ଏହି ସବୁ ଦ୍ରବ୍ୟ,
ପ୍ରତ୍ୟେକରୁ ଏକ- ଅଣା ଅଧରତି
ଲେଖାଏଁ ତୁଳ ଆଣିବ ।
ସମସ୍ତ ମହଲ- ଛେଚଣ ଏକଙ୍କ
ବତିଶ ତୋଳା ଜଳରେ,
ସିଝାଇ ଶେଷରେ ରଖି ଆଠ ତୋଳା
ରୋଗୀକୁ ଦେବ ସତ୍ୱରେ ।
ଏଥିରେ ଭ୍ରଷଣ, ତ୍ରିଦୋଷଜନିତ
ଉପଦ୍ରବ ସମ୍ବିତରେ,
ଘୋର ସନ୍ନିପାତ, ଗଳଗଣ୍ଡ ରୋଗ,
ଗଣ୍ଡମାଳା ଥିଲେ ଗଳେ,
ସ୍ୱରଭଙ୍ଗ, କର୍ଣ୍ଣ- ମୂଳଜାତ ଶୋଥ,
ହନୁସ୍ତମ୍ଭ, ମୂଚ୍ଛରୋଗ,
କଫ, ବାତଜ୍ୱର କାସ, ମୁଖବ୍ୟାଧି
ଶିରୋଗ୍ରହ, ମୁଣ୍ଡଭ୍ରମ—
ଯାବତୀୟ ରୋଗ, ବାତଶ୍ଳେଷ୍ମାଜାତ
ବଧିରତା ନାଶ ଯାଏ,
ଏହି ପାଚନଟି ଅବ୍ୟର୍ଥ ବୋଲିଣ
ବୈଦ୍ୟ ମୁଖେ ଶୋଭା ପାଏ ।

GPNanda Colln., Digitized by srujanika@gmail.com

ଵଶୋଧିତ ହିଙ୍ଗୁ ଦୁଇରତି ପୁଣି
ଅଢାଇସ ଦୁଇତୋଳା,
ପ୍ରକ୍ଷେପ କରିବ 'ନସରବ ପତ୍ରନେ
ଏ ପାଚନ ଦୁଇବେଳା ।

ଅଷ୍ଟାଦଶାଙ୍ଗ କ୍ୱାଥ

ଦଶମୂଳ, କୁଡ଼, କକଡ଼ା ଶୃଙ୍ଗୀ ସେ
ଗଢଶୁଣ୍ଠୀ ଇନ୍ଦ୍ରଯବ,
ବ୍ରାହ୍ମଣ ହ୍ୱାଟିଆ, ଦୁବଲଭ୍ର ସହ
ପଟୋଳ ପତ୍ରକୁ ନେବ ।
କଟୁକି ମିଶାଇ ଅଠର ମସଲ
ପ୍ରତ୍ୟେକରୁ ଓଜନରେ
ଏକଅଣା ଗୃହ- ରତ ନେଇ ସିଦ୍ଧ
କର ଅଧସେର ଜଳେ ।
ଆଠତୋଳା ଜଳ ଅବଶେଷ ରଖି
ପିଆଅ ରୋଗୀକୁ ନେଇ.
ବଡ଼ ଉପାଦେୟ ବାତ ଶ୍ଳେଷ୍ମା ହର
ପାଚନ ଅଟଇ ଏହି ।
ଏହି ପାଚନଟି ବାତଶ୍ଳେଷ୍ମା ଯୁକ୍ତ
ଭୟଙ୍କର ସନ୍ନିପାତ,
କାଶ, ଶ୍ୱାସ, ହିକ୍କା, ହୃଦୟ-ଦାରୁଣ
ବେଦନା, ବାନ୍ତକ ହତ ।
ବାତଶ୍ଳେଷ୍ମାଧିକ୍ୟ ସନ୍ନିପାତ ଜ୍ୱରେ
ରୋଗୀ ବକ୍ଷେ ପୁରାତନ,

GPNanda Colln., Digitized by srujanika@gmail.com

ଘୃତ ମର୍ଦ୍ଦନରେ ଉପକାର ମିଳେ
କମେ ତା' ଢନକୁ ଢନ ।
ଏହି ପାଚନରେ ଶରୀରର ନାଡ଼ୀ
ବିଶୁଦ୍ଧ ହୁଏ ଭରତ,
ଅନ୍ତ୍ରନ୍ୟାସ ଜ୍ୱର ଉପସର୍ଗ ସହ
ନିବର୍ତ୍ତଇ ଖଣ୍ଡମତ ।

ମାତୁଲୁଙ୍ଗାଦି କ୍ୱାଥ

ଠଭିମୂଳ ବେଲ- ମୂଳ ଛେଳି ସଙ୍ଗେ
ପାଷାଣ ଭେଦୀକୁ ନେଇ,
ଅଙ୍କରନ୍ତୁ ତାଳ- ପତ୍ର, ଗବମୂଳ
ଅକାନବନ୍ଧି ସିଝାଇ ।
ସେବିଲେ ପାଚନ ସୈନ୍ଧବ ଲବଣ
ଗୋମୂତ୍ର ପରୀକ୍ଷା କରି,
ପେଟଫୁଲ, ମଳ- ମୂତ୍ରରୋଧ ଶୂଳ
ଅନ୍ତ୍ରନ୍ୟାସ ଜ୍ୱର ହରି ।
ପ୍ରତ୍ୟେକ ମସଲା ପାଞ୍ଚଣା ଛ' ରତି
ନେଇ ଅଧସେର ଜଳେ,
ଏକତ୍ର ସିଝାଇ ରଖିବ ଶେଷରେ
ଅଠଚୋଳା ଓଜନରେ ।
ସଇନ୍ଧବ ଲୁଣ ଏକମସା ଚୂର୍ଣ୍ଣ
ଗାଈମୂତ ଦୁଇତୋଳା,
ପ୍ରକ୍ଷେପ କରିଣ ସେବିବ ଯତନେ
ଶିବେ ସ୍ୱର ଦୁଷ୍ଟବେଳା ।

GPNanda Colln., Digitized by srujanika@gmail.com

ଅଭିନ୍ୟାସେ ସଦ୍ଧ କଣ୍ଠ ରୋଧ, କଫ,
ଶ୍ୱାସ, ହିକ୍କା, ଜ୍ଞାନନାଶ,
ହୁଅଇ ରୋଗୀର ଦଶମୂଳ କ୍ୱାଥ
ଦେଉଥିବ ଦେଖି ଦୋଷ ।

ବଟିକା ପ୍ରୟୋଗ

ସନ୍ନିପାତ ଜ୍ୱରେ ପ୍ରଥମେ ପାଚନ
ରୋଗୀକୁ ଦେବ ତ' ବେଳା,
ପାଚନ ପରେ ବଟିକା ପ୍ରୟୋଗ
କରିବ ନ କରି ହେଳା ।
ଧୈର୍ଯ୍ୟ ଧରି ଏକା ରୋଗୀର ଚକଗ୍ରୀ
କରିବ ଭୟ ନ କରି,
ସବୁବେଳେ ସବୁ ଅବସ୍ଥା ରୋଗୀର
ନ ଥାଏ ଦେହରେ ପୂରି ।
ନାଡ଼ି ଗୁଡ଼ ଯାଉ- ଥିଲେ ବିଷାପୂନ
ପ୍ରୟୋଗ କରି ରୋଗୀର,
ରକ୍ଷା କରି ନାଡ଼ୀ ଉତ୍ତମ ଔଷଧ
ଦେଉଥିବ ଖବ୍ରତର ।

ସୌଭାଗ୍ୟ ବଟି

ସୋହାଗାର ଖଇ, ବିଶୁଦ୍ଧ ମତ୍ସୁରୀ,
ଜୀରା ଯେ ପଞ୍ଚଲବଣ,
ପିପ୍ପଳୀ, ମରିଚ, ହରିଡ଼ା, ବାହାଡ଼ା,
ଅଁଳା, ଶୁଣ୍ଠୀକ ଘେନ ।

GPNanda Colln., Digitized by srujanika@gmail.com

ଅଭ୍ରଭସ୍ମ, ପାରୁ, ଗନ୍ଧକ ପ୍ରତ୍ୟେକକୁ
ଦଅଣା ଭାଗରେ ଭୁଲ,
ବେଗୁନଆ, ଭୃଙ୍ଗ- ରାଜପତ୍ର ରସେ
ମର୍ଦ୍ଦିବ ପ୍ରହର୍କୁ ସ୍ୱର ।
ତର୍ବ ପଟର କେଶ- ଦୁଦୁରା, ବାସଙ୍ଗ,
ଅପାମାର୍ଗ ପତ୍ର ରସେ,
ମରଦ ଜଡ଼ନେ ଦୁ ଇରତି ମାତ୍ରା
ପକାଅ ମନ ହରଷେ ।
ଏହି ବଟିକାକୁ ଦଶମୂଳ କାଥେ
ରୋଗୀ ସେଭବ କରେ ପାନ,
ସନ୍ନିପାତ ଜ୍ୱର- ଉପଦ୍ରବ ସହ
ବନାଶ ହୁଏ ବଦନ ।
ଦଶମୂଳ ପ୍ରତି- ଦରବରୁ ଆଣି
ତନଅଣା ଏକରତ,
ଅଧସେର ଜଳେ ସିଦ୍ଧାଇ ଶେଷକୁ
ରଖିବ ତୋଳା ଆଠୋଟି ।

ଶ୍ରୀବେତାଳ ରସ

ପାରଦ, ଗନ୍ଧକ, ବିଶୁଦ୍ଧ ମଣ୍ଡୁର,
ମରିଚ ସେ ହରିତାଳ,
ପ୍ରତ୍ୟେକକୁ ଦ୍ୱିରଣା ଜଳରେ ମରଦ
ଏକରତି ମାତ୍ରା କର ।
ତୋଳେ ତୋଳେ ଅଦା ପାନରସ ସେଟି
ପାନ କଲେ ସନ୍ନିପାତ,

GPNanda Colln., Digitized by srujanika@gmail.com

ବଙ୍କାର ସନ୍ନତ ଜ୍ୱର ଗୁଳପାଏ
ସ୍ମରଣ ଆପଣା ପଥ ।

ସ୍ୱଳ୍ପ-କସ୍ତୁରୀ-ଭୈରବ

ହିଙ୍ଗୁଳ, ମଦ୍ଧୁବ୍, ଟାଙ୍ଗଣାର ଖଇ,
ଜାଇପତ୍ରୀ, ଜାଇଫଳ,
ମରିଚ, ପିପ୍ପଳୀ ମୃଗନାଭି ପ୍ରଭି
ଦ୍ରବ୍ୟରୁ ଚୂରଣା ତୁଳ ।
ଜଳରେ ମରଦ ଏକ ରତି ମାତ୍ରା
ବଟିକା ଯତ୍ନେ କରିବ,
ଦୁଇତୋଳା ଅଦା- ରସରେ ଗୋଳାଇ
ସନ୍ନିପାତ ଜ୍ୱରେ ଦେବ ।
ସନ୍ନିପାତ ଜ୍ୱରେ ବେଶି ଥିଲେ କଫ
କିବା ବାତ କଫ ଜ୍ୱର,
ଗୁଣ୍ଡ ଯାଉଥିଲେ ରୋଗୀ ହାତୁ ନାଡ଼ୀ
ପ୍ରୟୋଗିବ ଏହା ଖରେ ।

ବୃହତ କସ୍ତୁରୀ-ଭୈରବ

ମୃଗନାଭି, ମୁକ୍ତା, କର୍ପୂର, ପ୍ରବାଳ
ଧାତୁକୀ ଫୁଲ, ବଡ଼ଙ୍ଗ,
ବାଟ୍ଟଡ଼ଙ୍କ ମଞ୍ଜି, ରୌପ୍ୟ, ସ୍ୱର୍ଣ୍ଣ, ଲୌହ,
ଅକାନବନ୍ଧ ସଂଯୋଗ ।
ଶୁଣ୍ଠୀ, କୁଡ଼ୁବେଲ, ହରିତାଳ, ଅଭ୍ର,
ଅଇଁଳା ଯେ ତାମ୍ର, ମୁଥା

GPNanda Colln., Digitized by srujanika@gmail.com

ପ୍ରତ୍ୟେକକୁ ଅଣାଏ ପକାଇ ଝୋଲରେ
ଖାଇବ ନ ଆଉ ମଥା ।
ଅର୍ଦ୍ଧପତ୍ର ରସେ ଗୁଡ଼ିକା ଦେଇଣ
ଏକରତି ମାତ୍ରା କର,
ଦୁଇତୋଳା ଅଦା- ରସରେ ଖାଇଲେ
ସନ୍ନିପାତ ଯାଏ ମର ।
ସର୍ବାଙ୍ଗ ଶୀତଳ ବାତ କଫ ଜ୍ୱରେ
ପ୍ରୟୋଗ କରିବ ଏହା,
ପୁରାତନ ଘୃତ ମାଳିସ କରିବ
ଗ୍ରୀଷ୍ମରେ ଶୁଂଠାକୁ ଗୁଡ଼ା ।
ସକଳ ପ୍ରକାର ଅଷ୍ଟବିଧ ଜ୍ୱର,
ଭୂତାବେଶ, କାମଜ୍ୱର,
ଅଭିଷ୍ଟରକ୍ତି ଶଙ୍କର ସେବିତ
ଜ୍ୱର ହୋଇ ଯାଏ ଦୂର ।
ବେଲଶୁଣ୍ଠା ଭଜା ଜୀରାଚୂର୍ଣ୍ଣ ପ୍ରତି
ତରବରୁ ମସା ଏକ,
ମହୁ ଦୁଇ ମସା ସନ୍ଧ୍ୟାରେ ଗୋଳି
ଗୁଣ୍ଡିଲେ ରଖି ଏକେକ ।
ଜ୍ୱର ଅତିସାର ଆମାଶୟ ରୋଗ
ଗ୍ରହଣୀ ଯାଏ ନିର୍ମୂଳ,
ଦବୁଥିଲେ ନାଡ଼ୀ ଏହା ଦେଉଥିବ
ଛଅ ଘଣ୍ଟା ଅନ୍ତରରେ ।

GPNanda Colln., Digitized by srujanika@gmail.com

ସୂଚିକା ଭରଣ ରସ

ପାରଦ, ଗନ୍ଧକ, ଶୋଧିତ ମହୁରି
ସୀସକ ଭସ୍ମ, ଗରଳ *
ପ୍ରତ୍ୟେକଙ୍କୁ ଦ'ମସା ଚେଗ୍ରମାନ୍ଥ ପିତ୍ତେ
ମର୍ଦ୍ଦନ କର ଚଞ୍ଚଳ ।
ତା'ପରେ ବସ୍ତ୍ର, ମୟୂର,ଘୁଟଳ
ଚିତ୍ତରେ କ୍ରମେ ମର୍ଦ୍ଦ,
ସୋରିଷ ପ୍ରମାଣ ବଟିକା କରିବ
ମୁଖ, ଚକ୍ଷୁ, ନାକ ମୁଦ ।
ଅତି ଭୟଙ୍କର ସନ୍ନିପାତ ରୋଗେ
ନାଡ଼ୀ ଗୁଡ଼ିବା ସମୟେ,
ପ୍ରୟୋଗ କରିବ ଦୁଇ ତୋଳା ଅଦା
ରସରେ ଗୋଳ ନର୍ଭୟେ ।
ଢୋକ ନ ପାରିଲେ କ୍ଷତ କରି ତାକୁ
ଘସିବ ତହିଁ ବଟିକା,
ପରମାୟୁ ଥିଲେ ଭଲ ହୁଏ ରୋଗୀ
ମୋ ଅନୁଭୂତିରେ ଦେଖା ।
ଅତିସାର ଯୁକ୍ତ ସନ୍ନିପାତ ଜ୍ୱରେ
ମୁଥା ରସେ ଏହା ଦେବ
ନାଡ଼ୀ ଛାଡ଼ି ଯାଇ ଦେହ ଥଣ୍ଡା ହେଲେ
ବଟି ପ୍ରୟୋଗ କରିବ ।

* ଗରଳ—ସାପବିଷ

GPNanda Colln., Digitized by srujanika@gmail.com

ରୋଗୀକୁ ଔଷଧ ଖୁଆଇଲା ପରେ
ମସ୍ତକରେ ଥଣ୍ଡା ଜଳ
ଧୀରେ ଧୀରେ ଘଷି ଶୀତଳ ନିଦ୍ରାକୁ
କରିବ ନୋହିବ ଚଞ୍ଚଳ ।

ଆନନ୍ଦଭୈରବ ବଟି

ମହୁର, ପିପ୍ପଳୀ, ମରିଚ, ଗନ୍ଧକ,
ଶୁଣ୍ଠି, ଟାଙ୍ଗଣାର ଖଇ,
ଧୂତୁରର ମଞ୍ଜି, ଶୁଦ୍ଧ ତମ୍ବା ଭସ୍ମ,
ବିଶୁଦ୍ଧ ହିଙ୍ଗୁଳ ନେଇ,
ପ୍ରତ୍ୟେକରୁ ଗୁର- ଅଣା ଓଜନରେ
ପକାଇ ଉତ୍ତମ ଖଲେ,
ଗଞ୍ଜାଇ ପତର- ରସରେ ମରଦ୍ଦ
ବଳ ଦୁଇରତି ଗୁଳେ ।
ଅରଖର ମୂଳ ଏକ ତୋଳା ଆଣି
ଷୋହଳ ତୋଳା ଜଳରେ,
ସିଝାଇ ଶେଷରେ ଜଳ ଦୁଇ ତୋଳା
ରଖି ତାହା ସଙ୍ଗତରେ ।
ପିପ୍ପଳୀ, ମରିଚ, ଶୁଣ୍ଠି ପ୍ରତ୍ୟେକରୁ
ଅଣାଏ ମାତ୍ରାରେ ଆଣି,
ଚୂର୍ଣ୍ଣ କରି ତହିଁ ଗୋଳାଇ ଖାଇଲେ
ହୁଏ ସନ୍ନିପାତ ହାନି ।

GPNanda Colln., Digitized by srujanika@gmail.com

ତ୍ରୟୋଦଶ ସନ୍ନିପାତ

୧—ସନ୍ଧକରୋଗ ଚିକିତ୍ସା

ସନ୍ନିପାତ ଜ୍ୱର ସନ୍ଧକ ବେଗରେ
ପ୍ରଥମେ ଦେଇ ଲଙ୍ଘନ,
ରୁକ୍ଷ କ୍ରିୟା ଆଦି କରିବ ଯତନେ
ଶୀତଳ କ୍ରିୟା ବର୍ଜ୍ଜନ ।
ଗମ୍ଭାରୀ, ପାଟେଲୀ, ବେଲ, ଅଗବଥୁ,
ଫଣ ଫଣା ମୂଳ ଛେଳି,
ପିପ୍ପଳୀ ପ୍ରତ୍ୟେକ ପାଞ୍ଚଟା ଦ'ରତି
ଦରଦର ଛେଚି କରି,
ଦୁଇ ସେର ଜଳେ ସିଝାଇ ଏ ସବୁ
ମରିଗଲେ ଅଧେ ଜଳ,
ସେହି ଜଳେ ସାଗୁ, ବାର୍ଲି, ଖଇମଣ୍ଡ
ରାନ୍ଧିବ ନୋହୁ ଚଞ୍ଚଳ ।
ରୋଗୀକୁ ଏହାକୁ ଖାଇବାକୁ ଦେବ
ଦିନ ରାତି ମଧ୍ୟେ ମଧ୍ୟେ,
ଯେପରି ରୋଗୀର ଅଜୀର୍ଣ୍ଣ ନ ହୋଇ
ବଳ ରହିଥିବ ହୃଦେ ।
କୋଳଥ ଅଥବା ଶୁଣ୍ଠୀ ଦୁଇ ତୋଳା
ସିଝାଇ ଦ'ସେର ଜଳେ
ରଖି ଏକ ସେର ଶୋଷରେ ରୋଗୀକୁ
ପିଆଇବ ଟିକେ ଟିକେ ।

GPNanda Colln., Digitized by srujanika@gmail.com

ରାସନା, ଗନ୍ଧୁରି,   ଗଜପିପ୍ପଳୀ, ବୃଦ୍ଧ-
ଦାରକ ମୂଳ, ନିଗନ୍ଧା,
ଦେବଦାରୁ, ଶୁଣ୍ଠୀ,   ଛତୁଆସ୍ତ ଦେଇ
ଆଣିବ ଖାଣ୍ଟି ମନ୍ଦଲ ।
ପ୍ରତ୍ୟେକର ଛନ-   ଅଂଶ ଏକ ରତି
ଶିଳେ ଦଳଛେଇ କଣ,
ଅଧସେର ଜଳେ   ସିଝାଇ ତାହାକୁ
ଆଠ ତୋଳା ରଖ ବାଣ ।
ତନ୍ଦ୍ରାରେ ସିଜକ   ପ୍ରଜନ ବଶୁଦ୍ଧ-
ଦ୍ୱଗ୍ଧ ଲ ଗୋଳ ଘଡନେ,
ସେବଲେ ସଦ୍ଧକ   ସନ୍ନିପାତ ଜ୍ୱର
ଗୁଡ଼ଯାଏ ଅଲ୍ପ ଦିନେ ।

୨—ଅନ୍ତ୍ରକରୋଗ ଚିକିତ୍ସା

ହରଡ଼ା, ବାହଙ୍ଗ,   ସୁନାଶର ଅଠା,
ଦେବଦାରୁ, କୁଡ଼, ରାସ୍ନା,
କଟୁକୀ, ନାଗୁରି,   ପ୍ରତ୍ୟେକ ଦରବ
ଭୁଲ ନେବ ଗୁଣଅଂଶ ।
ବତିଶ ତୋଳା ଯେ   ଜଳ ଦେଇ ତହିଁ
ସିଝାଇ ମନ୍ଦ ଅଗ୍ନିରେ,
ଶେଷେ ଅଠ ତୋଳା   ରଖିବ ପାଚନ
ପିଇବ ସଞ୍ଜ ସକାଳେ ।
ଏଥିରେ ଅନ୍ତ୍ରକ   ସନ୍ନିପାତ ଜ୍ୱର
କ୍ରମେ ହୋଇଯାଏ ଭଲ,

GPNanda Colln., Digitized by srujanika@gmail.com

ଯମ ସ୍ୱରୂପରେ ଆସଇ ଏ ଜ୍ୱର
ବିନାଶେ ରୋଗୀ ଶରୀର ।
ରସୁଣ ରସରେ ଧଳା ସୋରିଷକୁ
ବାଟି ମୁଣ୍ଡେ ଦେଲେ ଲେପ,
କ୍ରମେ କ୍ରମେ ରୋଗୀ ଲଭଇ ଚେତନ
ଦେହରୁ ହରଇ ତାପ ।

୩—ରୁକ୍‌ଦାହରୋଗ ଚିକିତ୍ସା

ମୁଥା, କୁରୁବେଲ, ସୁବାସ ଚନ୍ଦନ,
ଶୁଣ୍ଠୀ ଯେ ଖେତପାପଡ଼ା,
ବେଣାଚେର ପ୍ରତି ଦାରୁବନ୍ଧୁ ପାଞ୍ଚ-
ଅଣା ଓ’ଜନରେ ନେଣ୍ଡା ।
ଏ ସବୁ ମସଲା ଅଧସେର ଜଳେ
ସିଝାଇ ଶେଷରେ ଆଠ-
ତୋଳା ଜଳ ରଖି ପିଇଲେ ରୁକ୍‌ଦାହ-
ଜ୍ୱର ହୁଏ ଛଟପଟ ।
ବରକୋଳି ପତ୍ର କିମ୍ବା ଜମ୍ବୁପତ୍ର
ପାଣି ଦେଇ ଛେଚି ଗିଳେ,
ଚକଟି ହାତରେ ଫେଣ ବାହାରିଲେ
ଫେଣ ଲେପ ପାଦ ତଳେ ।
ସୁବାସ ଚନ୍ଦନ ଘୋରି ତଳପାରେ
ଲେପିଲେ ଚକ୍‌ଦାହ ଜ୍ୱର,
ବିନାଶ ହୁଅଇ ଅଳପ ଦିନରେ
ରୋଗୀ ଉଠଇ ଚଞ୍ଚଳ ।

GPNanda Colln., Digitized by srujanika@gmail.com

ଟେଗୁନଆଁ ପତ୍ର, ଗୁଳୁଚ, ସୋରିଷ,
ନିମ୍ବପତ୍ର, ଶାଳଝୁଣା,
ପକାଇ ନିଆଁରେ ଧୂପ ଦେଲେ ତୃକ-
ଦାହ ଜ୍ୱର ହୁଏ ଊଣା ।

୪—ଚିତ୍ତବିଭ୍ରମରୋଗ ଚିକିତ୍ସା

ହରଡ଼ା, କଟୁକୀ, ବକ୍ଷତପାପଡ଼ା ସେ
ଦ୍ରାକ୍ଷା, ମୁଥା, ଭୃଙ୍ଗ ନିମ୍ବ,
ଶୁଆଁଳିର ମୂଳ, ପଟୋଳ ପତର,
ପୁଣି ହରଡ଼ାକୁ ଦେବ ।
ପ୍ରତ୍ୟେକ ଦରବ ଓଜନରେ ଷୋଳ-
ଅଣା ଦୁଇରତି ତୁଳ,
ଅଧସେର ଜଳେ ସିଝାଇ ଯକଲେ
ରଖ ଅଠତୋଳା ବାରି ।
ସେବଲେ ଏହାକୁ ଚିତ୍ତବିଭ୍ରମ ଟପ
ପଳାଇ ଯାଏ ଦେହରୁ,
ତ୍ରିଦୋଷ ଜନିତ ଅତି ଭୟଙ୍କର
ରୋଗକୁ ଜୁହାର ଦୂରୁ ।

୫—ଶୀତାଙ୍ଗରୋଗ ଚିକିତ୍ସା

ଅନ୍ନଖର ମୂଳ, ମରିଚ, ପିପ୍ପଳୀ,
ଜୀରା, ବ୍ରାହ୍ମଣଷ୍ଠୋଟିଆ,
ଶୁଣ୍ଠି, ଅଜଗନ୍ଧ, ପୁଷ୍କରର ମୂଳ
ଆଣିବ ଗୁଣ୍ଡିଲି ନୂଆ ।

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ଦରବ ସିଦ୍ଧିକ ଓଜନେ
ନକଛଟରେ ଦେଇ ତୁଳି,
ଅଧସେର ଗାଈ- ମୂତ୍ରେ ସିଝାଇଣ
ଶେଷେ ଆଠ ତୋଳା ଧରି ।
ସେବନେ ଏହାକୁ ଶୀତଅଙ୍ଗ ଜ୍ୱର
ମୋହ, ଶ୍ଳେଷ୍ମ, କାଶ, ଶ୍ୱାସ,
ହୁଅଇ ବିନାଶ ଶୀତାଙ୍ଗ ଜ୍ୱରହି
କରଇ ପରାଣ ଶେଷ ।
ପାରଦ, ମରିଚ, ମହୁରୀ ଧୂତୁରୀ-
ଫଳ ଏମାନଙ୍କ ଭସ୍ମ,
ତୋଳାଏ ଲେଖାଏଁ ନକଛଟରେ ତୁଳ
ସେପରି ନୋହେ ବିଷମ ।
ତହିଁ ମାଟି ଚୂର୍ଣ୍ଣ ବତିଶ ତୋଳା ଯେ
ମିଶାଇ ଖଳ ଖଳରେ,
ସର୍ବାଙ୍ଗେ ମାଳିସ କରିଲେ ରୋଗୀର
ତାପ ଦେଇ ଥଣ୍ଡା ହରେ ।

୭—ତନ୍ଦ୍ରିକରୋଗ ଚିକିତ୍ସା

ବ୍ରାହ୍ମଣଝାଡ଼ିଆ, ପୁଷ୍କରର ମୂଳ,
ହରଡ଼ା ଯେ ଅଙ୍କରାନ୍ତ,
ଗୁଳୁଚି ସହିତ ଶୁଣ୍ଠୀ ପ୍ରତଦ୍ରବ୍ୟ
ପାଞ୍ଚଅଣା ଦୁଇରତି ।
ଅଧସେର ଜଳେ ସିଝାଇ ଶେଷରେ
ରଖି ତହୁଁ ଆଠ ତୋଳା,

GPNanda Colln., Digitized by srujanika@gmail.com

ସେବନେଲେ ଏହାକୁ ତନ୍ଦ୍ରିକ ଜ୍ୱର ଯେ
ଦେହୁଁ ନାଶ ହୁଏ ଭୟ ।
ଗୁଳୁଚ, ପଟୋଳ- ପତ୍ରର ବାସଙ୍ଗ-
ଛେଲି, ମରିଚ, ପିପ୍ପଳୀ,
ଶୁଣ୍ଠୀ ପ୍ରତ୍ୟେକରୁ ପାଞ୍ଚଣା ବ' ରତି
ନିକଟରେ ନେବ ଭୁଜ ।
ସିଝାଇ ଏ ସବୁ ଅଧସେର ଜଳେ
ରଖି ନେବ ଅ.ଠ ତୋଲା,
ପାନକଲେ ଏହା ନିର୍ଦ୍ଦୋଷ ତନ୍ଦ୍ରିକ
ବିନାଶ ହୁଅଇ ଭୟ ।
କୁଡ଼, ମହାକାଳ- ଗଛମୂଳ ଛେଲି,
ଶୁଣ୍ଠୀ, ମରିଚ, ପିପ୍ପଳୀ,
ବଚ ଯେ ହଳଦ, ଦାରୁ ହଳଦୀ ତ
ପ୍ରତ୍ୟେକୁ ଦ' ଅଣା ଭୁଜ ।
ବାଟି ଛେଳି ମୂତେ ଶୁଖାଇ ଖଲରେ
ନାସ ନେଲେ ଦୁଇ ନାକେ,
ତନ୍ଦ୍ରିକ ଜ୍ୱରରେ ନାସ ହୋଇ ତନ୍ଦ୍ରା
ଜ୍ଞାନ ଆସେ ଅନ୍ତରକେ ।

୭-କଣ୍ଠକୁବ୍ଜରୋଗ ଚିକିତ୍ସା

ପିପ୍ପଳୀ, ମରିଚ, ଶୁଣ୍ଠୀ, ଇନ୍ଦ୍ରଜବ,
କଟୁକୀ, ହରିଡ଼ା, ଅଁଳା,
ବାହାଡ଼ା, ବାସଙ୍ଗ- ଛେଲି ଯେ ହଳଦ,
ଦାରୁ ହଳଦୀ ତ ନେ...।

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ଦରବ   ତିନ ଅଣା କରି
ଭୁଜିବ ନିକିତି ଧରି,
ଅଧସେର ଜଳେ   ଏ ସବୁ ମସଲ୍ଲ
ସିଝାଇବ ଯତ୍ନ କରି ।
ଶେଷେ ଆଠ ତୋଳା   ରଖିବ କୁଆଥ
ଏହାକୁ କଲେ ସେବନ,
କଣ୍ଠ କୁବ୍‌ଜ ଜ୍ୱର   ପଳାଏ ଦେହରୁ
ସ୍ୱରି ସ୍ୱର ନିଜ ସ୍ଥାନ ।
ଇନ୍ଦ୍ରଜବ ମୁଥା,   କକଡ଼ାଶୃଙ୍ଗୀ ପେ
ହରିତକୀ, ଭୂଇଁନିମ୍ବ,
ବ୍ରାହ୍ମଣେଝାଟିଆ,   ଗନ୍ଧଶୁଣ୍ଠୀ, ଶତା-
ମୂଳ, କଟୁକୀ ଆଣିବ ।
ପୁଷ୍କରର ମୂଳ,   ହଳଦୀ, ମରିଚ,
ଭୂଇଁକାଠ, ଅଙ୍କରାନ୍ତି,
ବାହଙ୍ଗର ଛେଲି.   ଅଇଁଳା, ବାହାଡ଼ା,
ଦାରୁ ହଳଦୀ ନା ସାଥି ।
କଟଫଳ, ଶୁଣ୍ଠୀ,   ପିପ୍ପଳୀ ପ୍ରତ୍ୟେକୁ
ଦେଢ଼ ଅଣା ଓଜନରେ,
ଅଧସେର ଜଳେ   ସିଝାଇ ଏ ସବୁ
ରଖିବ ଆଠ ତୋଳାରେ ।
ଶୀତଳ ନ ହେଉଁ   ଖାଇଲେ ପାଚନ
କଣ୍ଠକୁବ୍‌ଜ ସନ୍ନିପାତ,
ହୁଅଇ ବିନାଶ   ଉଠିବ ସେ ରୋଗୀ
ଖାଇବାକୁ ମାଗେ ଭାତ ।

GPNanda Colln., Digitized by srujanika@gmail.com

୮---କର୍ଣ୍ଣକରୋଗ ଚିକିତ୍ସା

ସନ୍ନିପାତ ଜାତ କର୍ଣ୍ଣିକ ଜ୍ୱରରେ
ପ୍ରଥମେ ଲଗାଇ ଯୋକ,
କର୍ଣ୍ଣମୂଳ ଶୋଥେ ବାହାର କରିବ
ସଞ୍ଚିତ ରକତଯାକ ।
ତା' ପରେ ହରିଡ଼ା, ବାହାଡ଼ା, ଅଁଳା
ପ୍ରତ୍ୟେକର ପାଞ୍ଚ ରତି,
ସୂକ୍ଷ୍ମ ଚୂର୍ଣ୍ଣ କରି ପୁରାତନ ଘୃତ-
ସହିତେ ଗୋଳି ଦିଅନ୍ତି ।
ସେବନ କରିଲେ କର୍ଣ୍ଣମୂଳ ଶୋଥ-
ସନ୍ନିପାତ ହୁଏ ଦୂର,
ପାଚିଗଲେ ଶୋଥ କଟାଇବ ତାହା
ସୁବୈଦ୍ୟ ହସ୍ତେ ସତ୍ୱର ।
ରାସ୍ନା, ଅଙ୍କରାନ୍ତ, ହରିଡ଼ା, କଟୁକି,
ମରିଚ, ଶୁଣ୍ଠୀ, ପିପ୍ପଳୀ,
ମୁଥା, ପଦ୍ମମୂଳ, କକଡ଼ାଶୃଙ୍ଗୀ ଯେ
କେଳିକଦମ୍ବର ଛେଲି ।
ବ୍ରାହ୍ମଣ ଝାଟିଆ ପ୍ରତ୍ୟେକ ଦରବ
ଦୁଇଅଣା ତନରତି,
ଓଜନରେ ଆଣି ଅଧସେର ଜଳେ
ସିଝାଇ ଦେବ ଦିଅନ୍ତି ।
ଶେଷେ ଆଠ ତୋଳା ରହିଣ କୁଆଥ
ସେବିଲେ ସଞ୍ଜ ସକାଳେ,

GPNanda Colln., Digitized by srujanika@gmail.com

ସନ୍ନିପାତ ଜାତ   କର୍ଣ୍ଣକ ଜ୍ୱର ଯେ
ବିନାଶ ଲଭେ ଅଚିରେ ।
ପଟୋଳ, ନିମ୍ବ'ଗ,   ଅଗବଥ୍, ଦେଲ,
ଫଣଫଣା ମୂଳ ନେଲି,
ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି,   ଅଙ୍କରାନ୍ତ,
ଗୋକ୍ଷୁର, ଲଟାକେଁକୋଳି ।
ପିପ୍ପଳୀ, ହରଡ଼ା,   ବାହାଡ଼ା, ଅଁଳା,
କଣ୍ଟକା, ହଳଦୀ, ଶୁଣ୍ଠୀ,
ଭୂଇଁନମ୍ବ ପ୍ରତି   ଦ୍ରବ୍ୟରୁ ଆଣିବ
ଏକଅଣା ଗୁରିରତି ।
ସମସ୍ତ ମସଲା   ଅଧସେର ଜଳେ
ସିଝାଇ ମନ୍ଦ ଅଗ୍ନିରେ,
ଶେଷେ ଅଠ ତୋଳା   ରଖିବ କୁଆଥ
ଶାସ୍ତ୍ରକାର ଏହା ବୋଲେ ।
ଏହି କୁଆଥରେ   ସଇନ୍ଧବ ଲୁଣ
ପଖାଳି ଏକ ମସାରେ,
କରିଲେ ସେବନ   କର୍ଣ୍ଣକ ଜ୍ୱର ଯେ
ଛାଡ଼ିଏ ଦେହୁ ଅଚିରେ ।
ମହାକାଳ ମୂଳ,   ହିଙ୍ଗୁ, ସଇନ୍ଧବ,
ହଳଦ, ଦାରୁ ହଳଦ,
ଦେବଦାରୁ, କୁଡ଼,   ପ୍ରତ୍ୟେକେ ଦ୍ୱିଅଣା
ଗୁଳିଆଣ ମହୌଷଧ ।
ସମସ୍ତ ମସଲା   ସୂକ୍ଷ୍ମ ଚୂର୍ଣ୍ଣ କରି
ଗୋଳାଇ ଅରଖ କ୍ଷୀରେ,

GPNanda Colln., Digitized by srujanika@gmail.com

ଲେପିଲେ ଶୋଥରେ   ଜାନମନ ଶୋଥ
ଉଦେଭଇ ଯାଏ ଅଚିରେ ।
ଦନ୍ତୀ, ଶତାମୂଳ,   ଗୁଳଆର ମଞ୍ଜି,
ଶ୍ୱାଂକଷ, ପୁରାତନ-
ଗୁଡ଼ ପ୍ରତ୍ୟେକରୁ   ଦୁଇଅଣା ଓଜନ
ମସଲ କରିବ ଚୂର୍ଣ୍ଣ ।
ଗୋଳାଇ ଅରଖ,   *ସିଝୁର କ୍ଷୀରରେ
ଲେପିଲେ କାନ ମୂଳରେ,
କର୍ଣ୍ଣମୂଳ ଶୋଥ   ଖେଳଯାଏ ଦେହେ
ଭୟ ନ ଥାଏ ମନରେ ।
କୋଳଥ, କଟ୍‌ଫଳ,   ଶୁଣ୍ଠୀ, କଳାଜୀରା,
ପ୍ରତ୍ୟେକରୁ ଚାରିଅଣା,
ଶିଳେ ବାଟି ଉଷ୍ଣ   କରି ଲେପ ଦେଲେ
କର୍ଣ୍ଣଶୋଥ ହୁଏ ଊଣା ।
କଙ୍କଡ଼ାର ମାଂସ   ଉଷ୍ଣ କରି ତାହା
ବାନ୍ଧିଲେ କାନ ମୂଳରେ,
କର୍ଣ୍ଣମୂଳ ଶୋଥ   ଖେଳଯାଏ ଶୀଘ୍ର
ଉପଦ୍ରବ ସତ୍ୱରରେ ।

୯—ଭୂଗ୍ନନେତ୍ରରୋଗ ଚିକିତ୍ସା

ଦେବଦାରୁ, ମୁଥା,   କଟୁକୀ, ହରିଡ଼ା,
ବାହାଡ଼ା, ଅଁଳା ଶ୍ୱେତା,

* ସିଝୁ-କଣ୍ଟାସିଝୁ ବା ଛେଳକିଆ ସିଝୁ ।

GPNanda Colln., Digitized by srujanika@gmail.com

ପଟୋଳ ପତର, ଅଙ୍କରାନ୍ତି, ନିମ୍ବ-
ନେଲ ଜଳଧି ଯେ ସଫା ।

ପ୍ରତ୍ୟେକରୁ ତିନି- ଅଣା ଦୁଇରତି
ଦଶ ତୋଳା ଜଳରେ,
ସିଝାଇ ଶେଷରେ ରଖିବ କୁଆଥ
ଅ.୦ ତୋଳା ଯତନରେ ।

ସେବିଲେ ଏହାକୁ ଭଗ୍ନ ନେତ୍ର ଜ୍ୱର
ପଳାଇ ଯାଏ ଶରୀରୁ,
ସନ୍ନିପାତ ଜ୍ୱର ଅତି ଭୟଙ୍କର
ବଇଦ ନ ହେବ ଭୀରୁ ।

ଭୂଇଁନିମ୍ବ, ବଚ ପ୍ରତ୍ୟେକୁ ଅଣାଏ
ସୂକ୍ଷ୍ମ ଚୂର୍ଣ୍ଣ କରି ଦେଇ,
ମିଶାଏ ମହୁରେ ଗୋଳାଇ ଘୁଟିଲେ
ଭଗ୍ନନେତ୍ର ରହେ ନାହିଁ ।

ପିପ୍ପଳୀ, ରସୋଣ, ଶୁଣ୍ଠୀ, କଳାଜୀରା,
ପ୍ରତ୍ୟେକରୁ ଏକଅଣା,
ମରିଦ-ମଦରେ ନାଇଲେ ନୟନେ
ଭଗ୍ନନେତ୍ର ହୁଏ ଊଣା ।

ବିଶୋଧିତ ହିଙ୍ଗୁ, ମରିଚ ଯେ ବଚ
ପ୍ରତ୍ୟେକରୁ ଦୁଇଅଣା,
ମହୁଲ ମଦରେ ବାଟି ନାସ ନେଲେ
ଭଗ୍ନନେତ୍ର ହୁଏ ବଣା ।

GPNanda Colln., Digitized by srujanika@gmail.com

୧୦—ରକ୍ତଷ୍ଠୀବ ରୋଗ ଚିକିତ୍ସା

ଦୁର୍ବଳସ୍ଥ କ୍ଷେତ- ପାପଡ଼ା, ବାସଙ୍ଗ,
କଟୁକୀ, ରେଣୁକ ଫଳ,
ଅନ୍ନପୂର୍ଣ୍ଣା ଗଛ ପ୍ରତ୍ୟେକୁ ପାଞ୍ଚଣା-
ଢ଼' ରତିରେ ଧୀରେ ଭୁଜ ।
ଅଧସେର ଜଳେ ସିଝାଇ ସେ ସବୁ
ଶେଷେ ଆଠତୋଳା ରଖି,
ଦୁଇ ମସା ତନ୍ନିଁ ଗୋଳି ଦେବ ଯତ୍ନେ
ଉତ୍ତମ କାଢ଼ କରେଖି ।
ସେବିଲେ ଏହାକୁ ସଞ୍ଜ ସକାଳରେ
ଭୟଙ୍କର ରକ୍ତ ଷ୍ଠୀବ
ଜ୍ୱର ନାଶ ଯାଏ ମୁହଁରୁ ରକତ
ପଡ଼ୁଥାଏ ଯଦ୍ଧ ସ୍ରବ ।
ମୁଥା, ପଦ୍ମକାଠ, ସୁବାସ ଚନ୍ଦନ,
ଛତୁଆର, ଜାଇଫୁଲ,
ଯଷ୍ଟିମଧୁ, କ୍ଷେତ- ପାପଡ଼ା, ରକତ-
ଚନ୍ଦନ, ଶତାରି ମୂଳ ।
ମାହାଳ ଛେଳିର ଅଠା ପ୍ରତ୍ୟେକରୁ
ଛଅଣା ଦୁଇରତି,
ଅଧସେର ଜଳେ ସିଝାଇଣ ଆଠ-
ତୋଳା ରଖିବ କହାଡ଼ ।
ଏହାକୁ ସେବିଲେ ରକ୍ତଷ୍ଠୀବ ଜ୍ୱର
ପଳାଏ ଦେହରୁ ଛାଡ଼ି,

GPNanda Colln., Digitized by srujanika@gmail.com

ରକତ ବାନ୍ତର ଏ ଅଟେ ଔଷଧ
ନାଡ଼ୀକୁ ରଖେ ସଜାଡ଼ି ।

୧୧—ପ୍ରଳାପକ ରୋଗ ଚିକିତ୍ସା

କ୍ଷେତପାପଡ଼ା ଯେ ତଗର ପାଦୁକା,
ଶଙ୍ଖ ପୁଷ୍ପୀ, ଅଶ୍ୱଗନ୍ଧ,
ଅନନ୍ତର ମୂଳ, ଜଟ ମାଂସୀ, ବଚ,
ମୁଥା, ଛତୁଆଣ ସିଧା ।
ସୁନାରୀ ଫଳର ଅଠା ଯେ ହରଡ଼ା
ପ୍ରତ୍ୟେକରୁ ତନିଅଣା,
ଓଜନରେ ଆଣି ଅଧସେର ଜଳେ
ସିଝାଇ ଦେବଟି ସିନା ।
ଶେଷେ ଆଟଟୋଳା ରଖିବ କୁଆଥ,
ଏହାକୁ ସେବନ କଲେ,
ପ୍ରଳାପକ ଜ୍ୱର ଯାଇ ଅପମାନ
ଦେହରୁ ପଳାଏ ଦୂରେ ।
ଅଗବଥୁ, ବେଲ, ପାନେଟକ, ଗମ୍ଭାରି,
ଫଣଫଣା ମୂଳ ଛେଲ,
ଶାଳପର୍ଣ୍ଣି, କୃଷ୍ଣ- ପର୍ଣ୍ଣି, ଅଙ୍କରାନ୍ତ,
ଗୋକ୍ଷୁରା, କଣ୍ଟାକୋଳି ।
ମୁଥା, ଛତୁଆଣ, ସୁବାସ ଚନ୍ଦନ,
ସୁନାରୀ ଅଠା, ବାସଙ୍ଗ,
କ୍ଷେତପାପଡ଼ା ଯେ ଶୁଣ୍ଠି ପ୍ରତ୍ୟେକରୁ
ଦୁ'ଅଣା କର ସଂଯୋଗ ।

GPNanda Colln., Digitized by srujanika@gmail.com

ଅଧିତେସର ଜଳେ ସିଝାଇ ଏ ସବୁ
ଶେଷ ରଖି ଆଠ ତୋଳା,
ତହିଁ ଗାଣ୍ଡିବ ଗୋଳି ଅଧିତୋଳା
ପାନ କଲେ ଦୁଇ ବେଳା ।
ପ୍ରଳାପକ ଜ୍ୱର ହୁଅଇ ବିନାଶ
ସୂର୍ଯ୍ୟ ତେଜେ ଅନ୍ଧକାର,
ଲୁଚିଗଲା ପରି ନ ରହେ ଦେହରେ
ବଇଦେ ବଚନ କର ।

୧୨—ଜମ୍ଭକରୋଗ ଚିକିତ୍ସା

ପଦ୍ମମୂଳ, ଶୁଣ୍ଠି କଟ୍ଫଳ, ବାସଙ୍ଗ,
ଗଳୁଚି, କକଡାଶୃଙ୍ଗୀ,
ବ୍ରାହ୍ମଣଯଷ୍ଟିଆ, ରାସ୍ନା, ଦୁରାଳଭା,
ଥ ଲକୁଡ଼ି ବଚ ଗୋଟି ।
ଶତାବରୀ, ଗନ୍ଧ- ଶୁଣ୍ଠି ପ୍ରତ୍ୟେକର
ନ'ଅଣା ଅଢ଼େଇ ରତି,
ଓଜନରେ ଆଣି- କରି ଦରବକୁ
ସିଝାଇ ଦେବ ଝଟତି ।
ତହିଁରେ ବତିଶ- ତୋଳା ଜଳ ଦେଇ,
ଜାଳି ଦେବ ମନ୍ଦ ଜାଳ,
ଶେଷ ଆଠ ତୋଳା ରଖି ପାନ କଲେ
ସଂହରେ ଜମ୍ଭକ ଜ୍ୱର ।
ନିମଛେଲି, ଦେବ- ଦାରୁ ସେ ହଳଦୀ,
ପଟୋଳପତ୍ର, କଟ୍ଫଳ,

GPNanda Colln., Digitized by srujanika@gmail.com

ପଦ୍ମମୂଳ, ଶୁଣ୍ଠୀ, ଗୁଳୁଚ, ବାସଙ୍ଗ,
ଦାରୁହଳଦୀକୁ ଯୋଖି ।
ହରିଡା, ବାହାଡ଼ା, ମୁଥା ପ୍ରତ୍ୟେକରୁ
ଅଢ଼େଇ ଅଣା ଓଜନେ,
ଭୃଙ୍ଗ ଆଣି ସବୁ ଅଧସେର ଜଳେ
ସିଦ୍ଧାଇ ଦେବ ଯତନେ ।
ଶେଷେ ଆଠ ତୋଳା ରଖିଣ କୁଆଥ
ସେବିଲେ ସଞ୍ଜ ସକାଳେ,
ଅନ୍ତିଭସ୍ମକର ଯେ ଜିହ୍ୱାକଣ୍ଟର
ପଳାଏ ଆପଣା ଘରର ।
ସଇନ୍ଧବ ଲୁଣ, ମରିଚ ଯେ ଶୁଣ୍ଠୀ,
ପିପ୍ପଳୀ ସମାନ ଭାଗେ,
ଚୂର୍ଣ୍ଣ, ଝୋଳ ଗଣେ ମରଦନ କରି
ଜିଭେ ଘସିଦେଲେ ବେଗେ ।
ଜିହ୍ୱାସ୍ତମ୍ଭ ରୋଗ ହୁଅଇ ବିନାଶ
ରୋଗୀ ସୁସ୍ଥ ହୁଏ କଣ୍ଠରେ,
ଡାକଇ ପ୍ରଭୁଙ୍କୁ ରକ୍ଷାକର ମୋତେ
ଘାନ ଧ୍ୟାନ ପାପୀ ନରେ ।

୧୩—ଅଭିନ୍ୟାସରୋଗ ଚିକିତ୍ସା

କକଡ଼ାଶୃଙ୍ଗୀ ଯେ ଦୁବଳଭା, ପଦ୍ମ-
ମୂଳ, ବ୍ରାହ୍ମଣ ଝାଟିଆ,
ଜଟାମାଂସୀ, ଗନ୍ଧ- ଶୁଣ୍ଠୀ ଯେ ବାସଙ୍ଗ,
ପ୍ରତି ଦ୍ରବ୍ୟ ନେବ ନୂଆ ।

—୦—

GPNanda Colln., Digitized by srujanika@gmail.com

ପ୍ରତ୍ୟେକରୁ ଗୃହ- ଅଣା ଡନ୍ଦରଡ
ଓଜନ କର ଯତନେ,
ଅଧ ସେର ଜଳେ ସିଝ଼ାଇ ରଖିବ
ଅଠତୋଳା ପରିମାଣେ ।
ସେବିଲେ ଏ କ୍ୱାଥ ଅନ୍ତ୍ରନ୍ୟାସ ଜ୍ୱର
କ୍ରମେ କ୍ରମେ ଯାଏ ଗୁଡ଼ି,
ଅନ୍ତ୍ରନ୍ୟାସ ଜ୍ୱର ଯମର ସଦୃଶ
ଶେଷେ ରୋଗୀ ରହେ ପଡ଼ି ।
ଗମ୍ଭାରି, ପାଟେଳ, ଅଗବଥ, ବେଲ,
ଫଣଫଣା ମୂଳ ଛେଲି,
ଶାଲପର୍ଣ୍ଣି, କୃଷ୍ଣ- ପର୍ଣ୍ଣି, ଅଙ୍କରାନ୍ତ,
ଗୋକ୍ଷୁରା, ଲଟାଡେଙ୍କୋଳ,
ଭଦଭଦଲିଆ * ପଦ୍ମମୂଳ, ଜଟା-
ମାଂସୀ, ବାସଙ୍ଗର ଛେଲି,
ବ୍ରାହ୍ମଣଝାଟିଆ, ଜଡ଼ାମୂଳ, କଳା-
ଜୀରା, ଗନ୍ଧଶୁଣ୍ଠୀ ଧରି,
ସୁନାରିର ଅଠା, ଗୁଳୁଚ, ମରିଚ,
କକଡ଼ାଶୃଙ୍ଗୀ, ପିପ୍ପଳୀ,
ପୁରୁଣୀର ମୂଳ, ଶୁଣ୍ଠୀ ପ୍ରତ୍ୟେକରୁ
ଦେଢ଼ ଅଣା ଆଣ ତୁଳି ।
ସମସ୍ତ ମସଲ ଦରଛେଚ୍ଛ କରି
ଅଧ ସେର ଗାଈ ମୂତେ,

* ଭଦଭଦଲିଆ

ସିଦ୍ଧ କରି ଶେଷେ ରଖ ଆଠ ତୋଳା,
ଏହାକୁ ପିଇବା ମାତ୍ରେ ।
ସନ୍ନି ଶୂନ୍ୟ ଅଧ- ନ୍ୟାସ ଜ୍ୱର ଉପ-
ସର୍ଗ ମନ୍ଦତ ମରଇ,
କଫ, ଶ୍ୱାସ, କାଶ, ହୃଦୟ ବେଦନା,
ବାତ କଫ ନରହଇ ।
ସଇନ୍ଧବ ଲବଣ, ମରିଚ, ପିପ୍ପଳୀ,
ଜଟାମାଂସୀ, କଟଫଳ,
ମହୁଲର ଫୁଲ ପ୍ରତ୍ୟେକ ଦୁ' ଅଣା
ପତନରେ ଧୀରେ ଭୁଞ୍ଜ ।
ସୂକ୍ଷ୍ମ ଚୂର୍ଣ୍ଣ କରି ଛନ୍ଦିଁ ମସେ ମହୁ
ଗୋଳାଇ ଦୁ'ତୋଳ ଉଷୁ-
ଜଳେ ଫେଣ୍ଟି ଦେଇ ନାକରେ ଟେଣ୍ଡିଲେ
ରୋଗୀର ଆସଇ ଜ୍ଞାନ ।
ରସୋଣ, ସୈନ୍ଧବ, ମରିଚ, ପିପଳୀ,
ବଚ, ଶିରୀଷର ଫଳ,
ଶୁଣ୍ଠୀ ପ୍ରତ୍ୟେକର ଦୁ'ଅଣା ଓଜନ
ଏକତ୍ର କରିବ ଠୁଳ ।
ଗାଈ ମୂତ୍ରେ ସବୁ ବାଟି ଯତନରେ
ଝକ୍ସା କୋଳି ପ୍ରମାଣ,
ବାନ୍ଧିବ ବଟିକା, ଏହାକୁ ମହୁରେ
ଘୋରି ନୟନେ ଅଞ୍ଜନ ।
ଲଗଲେ ରୋଗୀର ଆସିଯାଏ ଜ୍ଞାନ,
ମୂର୍ଚ୍ଛା ଅପସ୍ମାର ରୋଗେ,

GPNanda Colln., Digitized by srujanika@gmail.com

ପ୍ରୟୋଗ କରନ୍ତୁ ଏ ମହୌଷଧକୁ
ସୁଜ୍ଞାନୀ ବଇଦେ ଆଗେ ।

—o—

ଜୀର୍ଣ୍ଣ ବା ବିଷମ ଜ୍ୱର ଚିକିତ୍ସା

ପାଚନ ପ୍ରୟୋଗ

ଶୁଖିଲା ଗୁଳୁଚ ଆଣି ଦୁଇ ତୋଳା
ବତିଶ ତୋଳା ଜଳରେ,
ସିଝାଇ ଶେଷରେ ଆଠ ତୋଳା କ୍ୱାଥ
ରଖିବ ଯଥାବିଧିରେ ।
ପିପ୍ପଳୀର ଚୂର୍ଣ୍ଣ ତହିଁ ଏକମସା
ଗୋଳି ଦେବ ପ୍ରଭୁ ସ୍ମରି,
ସହସ୍ର ନାମକୁ ଜପୁଥିଲେ ନିତ୍ୟ
ଜୀର୍ଣ୍ଣଜ୍ୱରୁ ରୋଗୀ ତରି ।

ନବଗ୍‌ଧିକା କ୍ୱାଥ

ଅଙ୍କଗନ୍ତ, ଶୁଣ୍ଠୀ, ଗୁଳୁଚ ପ୍ରତ୍ୟେକ
ଏଗାର ଅଣା ଓଜନେ,
ନିକଉତେର ତ୍ରିଜି ଅଶୀତେମର ଜଳେ
ସିଝାଇ ଦେବ ତକ୍ଷଣେ ।
ଶେଷେ ଆଠ ତୋଳା ଜଳ ରଖି ତହିଁ
ମସାଏ ପିପ୍ପଳୀ ଚୂର୍ଣ୍ଣ,
ପକ୍ଷକି ସେବନ୍ତେ ପଳାଏ ଦେହରୁ
ବିଷମ ଜ୍ୱରଟି ଜାଣ ।

GPNanda Colln., Digitized by srujanika@gmail.com

ଏହି ପାଚନରେ ଜୀର୍ଣ୍ଣ ଜ୍ୱର, କାଶ
ଅରୁଚି, ପେଟର ଶୂଳ,
ଶ୍ୱାସ, ଅଗ୍ନିମାନ୍ଦ୍ୟ, ବମନ, ପୀନସ,
ଅର୍ଦ୍ଦିତ ହୁଅଇ ଭଲ ।
ଊର୍ଦ୍ଧ୍ୱଗ ରୋଗରେ କମ୍ପା ରହି ଜ୍ୱରେ
ସାୟଂ କାଳରେ ପିଇବ,
ଦିନ ଜ୍ୱରେ ରୋଗୀ ପିଇବ ସକାଳେ,
ପିତ୍ତଜ୍ୱରେ ମହୁ ଦେବ ।

ଭାର୍ଗ୍ୟାଦି କ୍ୱାଥ

ବ୍ରାହ୍ମଣଯଷ୍ଟିଆ, କ୍ଷେତ୍ର ପାପୁଡ଼ା ଯେ,
ଶୁଣ୍ଠୀ, ବାସଙ୍ଗର ଚେହଳ,
ଚିରାଇତା, ମୁଥା, ପିପ୍ପଳୀ, ଗୁଳୁଚି,
ନମ୍ବଚେହଳ ନେବ ତୁଲ ।
ତାହା ସହିତରେ ଦୁରାଲଭା ଦେଇ
କର ବିଶୁଦ୍ଧ ପାଚନ,
ଏହି ପାଚନକୁ ଖାଇଲେ ହୁଅଇ
ଜୀର୍ଣ୍ଣଜ୍ୱର ବିନାଶନ ।
ଉପସର୍ଗ ସହ ବିଷମ ଜ୍ୱର ଯେ
ସପ୍ତଧାତୁଗତ ଜ୍ୱର,
ବିନାଶ ହୁଅଇ ଅଗ୍ନିତେଜେ ଯଥା
ପଡ଼ିଲେ ଆକାଶ ମାର ।
ପ୍ରତ୍ୟେକ ମସଲା ଚଉଅଣା ଦୁଇ-
ରତିରେ ଆଣିବ ତୁଳ,

GPNanda Colln., Digitized by srujanika@gmail.com

ଅଢ଼ ସେର ଜଳେ ସିଝାଇ ଶେଷରେ
ଅଠ ତୋଳା ରଖ ବାଣ ।
କଳାଜୀର ଚୂର୍ଣ୍ଣ ମସାଏ ଓଜନ
ପୁରୁଣା ଗୁଡ଼େ ମିଶାଇ,
ପାନ ଯେ କରଇ ଜୀର୍ଣ୍ଣ ଜ୍ୱର ଯାଏ
ଦୂରୁ ଜୁହାର ପକାଇ ।
ପୋଡ଼ା ରସୁଣକୁ ତଳ ତେଲେ ଯୋଗି
ଦୁଇମସା ପରିମାଣ,
ଖାଇଲେ ବିଷମ ଜ୍ୱର ଦୂର ହୁଏ
ବାତ ବ୍ୟାଧି ବିନାଶନ ।

ସନ୍ତତାଦିଜ୍ୱରେ କଳିଙ୍ଗାଦି କ୍ୱାଥ

ଇନ୍ଦ୍ରଯବ ସଙ୍ଗେ ପଟୋଳ ପତର
କଟୁକୀ ଜଳେ ସିଝାଇ,
ମଧୁ ଶେଷରେ ପାନ ଯେ କରିବ
ସନ୍ତତ ଜ୍ୱର ନାଶଇ ।
ପ୍ରତି ଦ୍ରବ୍ୟକୁ ଏଗାର ଅଣାରେ
ଆଣିବ ଓଜନ କରି,
ଅଧ ସେର ଜଳେ ସିଝାଇ ମସଲ
ଅଠ ତୋଳା ରଖ ବାଣ ।
ପଟୋଳ ପତର, ଚେରମାରୁ,* ମୁଥା
କଟୁକୀ, ଅକାନବିନ୍ଧ,

* ଚେରମାରୁ—ଚେମେଡ଼ିଲର ମୂଳ

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ଦରବ ଛଅଣା ଓ'ରତି
ଓଜନରେ ଦେବ ବାନ୍ଧି ।
ଏ ସବୁ ମସଲ ଅଧସେର ଜଳେ
ସିଝାଇ ଦେଇ ଯତନେ,
ଶେଷେ ଆଠ ତୋଳା ରଖିବ ପାଚନ
ପ୍ରଭୁ ଧ୍ୟାୟୀ ମନେ ମନେ ।
ଏହି ପାଚନରେ ପିପ୍ପଳି ଓଜନ
ମହୁ ମିଶାଇ ଖାଇଲେ,
ସବୁବେଳେ ଦେହେ ଲାଗିଥିବା ଜ୍ୱର
ବିନାଶ ହୁଏ ଅଚିରେ ।
ନିମ୍ବଛେଲି, କସି- ମିଶି, ଇନ୍ଦ୍ରଯବ,
ମୁଥା, ପଟୋଳ ପତର,
ହରଡ଼ା, ବାହାଡ଼ା, ଅଁଳା ସହିତ
କୋରେଇଁ ଗଛ ବକଳ ।
ପ୍ରତ୍ୟେକରୁ ତିନି- ଅଣା ତିନି ରତି
ବତିଶ ତୋଳା ଜଳରେ,
ସିଝାଇ ଶେଷରେ ରଖ ଆଠ ତୋଳା
ଗୋବିନ୍ଦେ ସ୍ମରି ମନରେ ।
ପିପ୍ପଳି ଓଜନ ମହୁ ଏଥି ଗୋଳି
ପିଇଲେ ସଞ୍ଜ ସକାଳେ,
ଅନ୍ୟୋନ୍ୟାଦୁଷ୍ଟ ଜ୍ୱର ନିବୃତ୍ତ ହୁଅଇ
ଉପସର୍ଗ ସହିତରେ ।
ଚିରାଇତା, ଶୁଣ୍ଠି, ରକତ ଚନ୍ଦନ,
ଗୁଳୁଚି ପ୍ରତ୍ୟେକ ଦ୍ରବ୍ୟ,

GPNanda Colln., Digitized by srujanika@gmail.com

ଅଧ ତୋଳା ମାତ୍ରା   ଅଧ ସେର ଜଳେ
ଯତନେ ସିଝାଇ ଦେବ ।
ବିଶେଷ ଆଠ ତୋଳା   ରଖି ତହିଁ ମଧୁ
ପିଉକ ଉଷୁମ ଗୋଳି,
ପିଇ ଦେଲେ ଶୂଳ-   ଯାଏ ପାଳିଜ୍ୱର
ନିଜର ପଥ ସଙ୍ଗୋଳି ।
ଗୁଳୁଚ, ଅଇଁଳା,   ମୁଥା ତିନ ଦ୍ରବ୍ୟ,
ଦଶ ଅଣା ତିନ ରତି,
ଅଧ ସେର ଜଳେ   ସିଝାଇ ସେ ସବୁ
ରଖିବ ଆଠ ତୋଳାଟି ।
ମିଶାଇ ତହିଁରେ   ମଧୁ ଦୁଇ ମସା
ସେବନ କରିଲେ ରୋଗୀ,
ବଡ଼ ପାଳି ଜ୍ୱର   ବିନାଶ ହୁଅଇ
କହିଛନ୍ତି ଭୁକ୍ତଭୋଗୀ ।
ହରିଡ଼ା, ବାହାଡ଼ା,   ଅଇଁଳା ପ୍ରତ୍ୟେକେ
ତିନିରତି ଦଶ ଅଣା,
ସିଝାଇ ସେ ସବୁ   ଅଧସେର ଜଳେ
ଆଠ ତୋଳା ରଖ ସିନା ।
ଦୁଇ ମସା ପୁରା-   ତନ ଗୁଡ଼ ତହିଁ
ଗୋଳି ଖାଇଲେ ପାଚନ,
ଅତି ପୁରାତନ   ଜ୍ୱର ନାଶ ଯାଏ
ଏହା କୋବିଦ ବଚନ ।

GPNanda Colln., Digitized by srujanika@gmail.com

ମହୌଷଧାଦ କ୍ୱାଥ

ଶୁଣ୍ଠୀ, ବେଣା-ଚେର, ରକତ ଚନ୍ଦନ,
ଗୁଳୁଚ, ମୁଥା, ଧଣିଆଁ,
ପ୍ରତ୍ୟେକ ଦରବ ଚାଞ୍ଚଣା ଦ'ରକ
ଭୁଲି ନେବ ବାଛୁ ନୂଆ ।
ଅଧ ସେର ଜଳେ ସିଝାଇ ଯତନେ
ଆଠ ତୋଳା ଶେଷେ ରଖି,
ସେବିବ ଏହାକୁ ଦୁଇ ମସା ଦିନ,
ଦ'ମସା ମହୁ ପଖାଳି ।
ସାନ ପାଳି ଜ୍ୱର ବିନାଶ ହୁଅଇ
ଏଥିରେ ନହୁଏ ଆନ,
ଦିନେ ଛଡ଼ା ଦିନେ ହୁଅଇ ଯେ ଜ୍ୱର
ସେ ସାନ ପାଳିଟି ଜାଣ ।
ବେଣା ଚେର, ମୁଥା, ରକତ ଚନ୍ଦନ,
ଧଣିଆ, ଗୁଳୁଚ, ଶୁଣ୍ଠୀ,
ପ୍ରତି ଦରବର ପାଞ୍ଚଣା ଦ'ରକ
ଭୁଲିବ ନ କରି ତ୍ରୁଟି ।
ବତିଶ ତୋଳା ଯେ ଜଳ ଦେଇ ତହିଁ
ସିଝାଇ ମନ୍ଦ ଅଗ୍ନିରେ
ଆଠ ତୋଳା ଶେଷେ ରଖିବ ପାଚନ
ପିଇବ ସଞ୍ଜ ସକାଳେ ।
ଦାହ-ତୃଷା ଯୁକ୍ତ ସାନ ପାଳି ଜ୍ୱର
ଏଥିରେ ବିନାଶ ହୁଏ,

GPNanda Colln., Digitized by srujanika@gmail.com

ଏ ପାଚନେ ଗୁଣ ଲେଖିଛି ବହୁତ
ଚିକିତ୍ସା ଗ୍ରନ୍ଥରେ କହେ ।

ପଟୋଳାଦି କ୍ୱାଥ

ପଟୋଳ ପତର, ନିମ୍ବଛେଲି, ଦ୍ରାକ୍ଷା,
ଶୁଆଁଲଇ, ହରିତକୀ,
ବାସଙ୍ଗର ଛେଲି, ଅଁଳା, ବାହାଡ଼ା,
ପ୍ରତ୍ୟେକଙ୍କୁ ଭରଣା ଯୋଖି ।
ଅଧସେର ଜଳେ ସିଝାଇ ଏ ସବୁ
ରଖିବ ଆଠୋଟି ତୋଳା,
ସିଜକ ଓଜନ ମହୁ ଶନ ଗୋଳି
ପାନ କଲେ ଦୁଇବେଳା ।
ଦିନେ ଛଡ଼ା ଦିନେ ଆସଇ ଯେ ଜ୍ୱର
ସେ ହୁଏ ଦେହୁ ଅନ୍ତର,
ଏଥିରେ ସନ୍ଦେହ ନ କରିବ ଭାଇ,
ପ୍ରୟୋଗେ ପାଇଛି ଫଳ ।

ଚାତୁର୍ଥିକ ଜ୍ୱରେ ବାସକାଦି କ୍ୱାଥ

ବାସଙ୍ଗର ଛେଲି, ଶାଳପର୍ଣ୍ଣୀ, ଶୁଣ୍ଠୀ,
ଦେବଦାରୁ, ହରିତକୀ,
ଅଁଳା ପ୍ରତ୍ୟେକେ ପାଞ୍ଚଣା ଦି' ଉତ
ଅଧସେର ଜଳେ ରଖି ।
ମନ୍ଦ ମନ୍ଦ ଜାଳେ ସିଝାଇ ସେ ସବୁ
ଶେଷେ ଜଳ ଆଠ ତୋଳା,

GPNanda Colln., Digitized by srujanika@gmail.com

ରଖି ଦୁଇମସା ମଣ୍ଡୁ, ଦୁଇମସା
ଶିକ ଗୋଳ ଦୁଇବେଳା ।
ସେବନ କରିଲେ ବଡ଼ ପାଳଜ୍ୱର
ପଳାଏ ଦେହରୁ ଛାଡ଼ି,
ଦୁଇ ଦିନ ଛାଡ଼ି ଯେ ଜ୍ୱର ହୁଅଇ
ସେ ବଡ଼ ପାଳର ଧାଡ଼ି ।

ପାଳିଜ୍ୱରେ ଗୁଡୁଚ୍ୟାଦି କ୍ୱାଥ

ଗୁଳୁଚି, ଅଁଳା, ମୁଥା ଚିରାଚିତା,
ଅଙ୍କରାନ୍ତି, ଶୁଣ୍ଠୀ ଘେନ,
ବେଲ ଫଣଫଣା, ଗମ୍ଭାରୀ, ପାଟେଲୀ,
ଅଠାବଟୁ ଛେଲ ପୃଶ୍ନି ।
ଦୁରାଲଭା, ଇନ୍ଦ୍ର- ଯବ ଯେ କଟୁକୀ
ପ୍ରତ୍ୟେକରୁ ଦୁଇଅଣା,
ଏ ରତ୍ତ ମାସାରେ ଓଜନ କରିବ
ଯେପରି ନ ହୁଏ ଊଣା ।
ଓଜନେ ବଟିଣ ତୋଳା ଜଳ ଦେଇ
ସିଝାଇ ମନ୍ଦ ଅଗ୍ନିରେ,
ଶେଷରେ ପାଚନ ରଖି ଆଠ ତୋଳା
ଗୋଳ ଅ ନେଇ ଚଁଦରେ ।
ମସାଏ ପିପ୍ପଳୀ- ଚୂର୍ଣ୍ଣ, ଦୁଇମସା-
ମଣ୍ଡୁ, ଏହା ଦୁଇବେଳା,
ସେବିଲେ ବାତିକ, ପୈତିକ, ଦ୍ୱନ୍ଦ୍ୱଜ,
ବିଷି ଜ୍ୱର ଦୂରେ ଗଲା ।

GPNanda Colln., Digitized by srujanika@gmail.com

ମଧୁକାଦ୍ୟ କ୍ୱାଥ

ଯାଷ୍ଟିମଧୁ, ମୁଥା, ରକତ ଚନ୍ଦନ,
ଅଁଳା ବେଣାର ମୂଳ,
ଧଣିଆଁ, ଗୁଳୁଚି, ପଟୋଳ ପତ୍ର ଯେ
ପ୍ରତ୍ୟେକକୁ ଗୋରଣା ତୁଳ ।
ଅଧସେର ଜଳେ ସିଦ୍ଧ କରି ଏହା
ଆଠ ତୋଳା ଶେଷ ରଖି,
ଦୁଇ ମସା ମଧୁ, ଦୁଇମସା ଚିନି
ତହିଁରେ ଦେବ ପକ୍ଷେପି ।
ଏହି ପାଚନକୁ ସେବଲେ ଯା' ଦୋଳା
ସନ୍ତତାଦ୍ୟ, ଜୀର୍ଣ୍ଣ ଜ୍ୱର,
ମ୍ୟାଲେରିଆ ଆଦ୍ୟ ବିଷମ ଜ୍ୱର ଯେ
ହୁଅଇ ଦେହୁ ଅନ୍ତର ।
ଯେଉଁ ଜ୍ୱର ରୋଗୀ ଦେହେ ସବୁବେଳେ
ରହିଥାଏ ତାପ ଦେଇ,
ସେ ଜ୍ୱରରେ ଏହା ଅମୃତ ସମାନ,
ପରଖି ଦେଖିଛୁ ମୁହିଁ ।
ଏହି ପାଚନଟି ବିଷମ ଜ୍ୱରରେ
ଦାରୁଆ ଖଣ୍ଡା ସ୍ୱରୂପ,
ବଙ୍ଗ ବୈଦ୍ୟମାନେ ଔଷଧ ଦିଅନ୍ତି
ଦେଖି ଜ୍ୱରର ପ୍ରତାପ ।

ଅନ୍ୟ ଭାର୍ଗ୍ୟାଦ୍ୟ କ୍ୱାଥ

ଦୁହୁଁ ଖୋଷ୍ଠିଆ, ମୁଥା, କୁଡ଼, ଶୁଣ୍ଠି,
ଖେତ ପାପଡ଼ା, ପିପ୍ପଳୀ,

GPNanda Colln., Digitized by srujanika@gmail.com

ପୋଖର ହରଡ଼ା, ଦଶମୂଳ ଶଢ଼
ଘଟର ମସଲା ତୁଳ ।
ପ୍ରତ୍ୟେକର୍ ଏକ- ଅଣା ଓ୍ୱଶରତ,
ବତିଶ ତୋଳା ଜଳରେ,
ସିଝାଇ ଶେଷରେ ରଖି ଆଠ ତୋଳା
ପିଇଲେ ସଞ୍ଜ ସକାଳେ ।
ଅତି ପୁରାତନ ଯେ ବିଷମ ଜ୍ୱର,
ଘୁରି ପାଞ୍ଚ ଦିନେ ଥରେ,
ଯେ ଜ୍ୱର ଆସଇ ସେ ଜ୍ୱରକୁ ଏହା
ଅଳପ ଦିନେ ସହରେ ।
ଏହି ପାଚନରେ ସନ୍ନିପାତ ଜ୍ୱର,
ଶୋଥଯୁକ୍ତ ଜୀର୍ଣ୍ଣ ଜ୍ୱର,
ଅଗ୍ନିମାନ୍ଦ୍ୟ, ପିତ୍ତ- ଜ୍ୱର ଭଲ ହୁଏ
ରୋଗୀ ଦେହୁଁ ଭୟଙ୍କର ।

ଦାସ୍ୟାଦି କ୍ୱାଥ

ଦାସକରେଣ୍ଡା ଯେ ଇନ୍ଦ୍ରଯବ, ଶୁଣ୍ଠୀ,
ଦେବଦାରୁ, ଶୁଆଁଲଇ,
ଗନ୍ଧଶୁଣ୍ଠୀ, ମୁଥା, ମଞ୍ଜିଷ୍ଠା, ଧଣିଆଁ,
ଅକାନବନ୍ଧ କ ନେଲ ।
ଭଦଭଦଳିଆ- ଚେଳ, ଚିରାଇତା,
ଗଜପିମ୍ପଳୀ, ଗୁଳୁଚି,
ପଦ୍ମକାଠ, ହାଡ଼- ଭଙ୍ଗା, କୁରୁବେଲ,
ହରିତକୀ ନେବ ବାଛି ।

GPNanda Colln., Digitized by srujanika@gmail.com

ଅଙ୍କରାନ୍ତ, ଲଟା- ବେଁଟକୋଳି, କଣ୍ଟକାରୀ,
ସରଳ କାଠ ଯେ କୁଡ଼ି,
ସଜନାର ଛେଲି, ଚେରମାନୁ ମୂଳ,
କୃଷ୍ଣମୂଳ, ଦେଣାଚେର,
କ୍ଷେତପାପଡ଼ା ଯେ ଶୁଣ୍ଠୀ ପ୍ରତ୍ୟେକର
ଏକଅଣା ଅଧରତି,
ଓଜନରେ ଆଣି ଅଧସେର ଜଳେ
ପକାଇବ ଚୂର୍ଣ୍ଣ କରି ।
ଧୀରେ ଧୀରେ ଜାଳ ଦେଇ ହାଣ୍ଡି ତଳେ
ଫୁଟନରେ ସିଝାଇବ,
ଆଠ ତୋଳା ଜଳ ଅବଶେଷ ରଖି
ଦୁଇମାତ୍ରା ମଧୁ ଦେବ ।
ଏହି ପାଚନକୁ ପାନ କଲେ ରୋଗୀ
ଧାତୁଗତ ଜୀର୍ଣ୍ଣ ଜ୍ୱର.
ପାଳି ପାଳି, ବଡ଼- ପାଳି, ସନ୍ନିପାତ,
ଶୋକଜ ହୁଅଇ ଦୂର ।
ଆମବାତ, କ୍ଷୟ- ଜ୍ୱର, ସନ୍ତତ,
ଗ୍ରହୋତ୍ଥିତ ଭୂତାବେଶ,
ଚାନ୍ଦ୍ର ସମ୍ବତରେ ଉପସର୍ଗ ସବୁ
ସତ୍ୱର ହୁଏ ବିନାଶ ।
ଏହି ପାଚନଟି ବିଷମ ଜ୍ୱରରେ
ଅବ୍ୟର୍ଥ ଫଳ ଦେଖାଏ,
ପକ୍ଷାଜାତ ଜ୍ୱର ବେଗରେ ଏହାକୁ
ଦିଅନ୍ତୁ ସବୁ ସମୟେ ।

GPNanda Colln., Digitized by srujanika@gmail.com

ଦାର୍ବାଦ୍ୟ କ୍ୱାଥ

ଦାରୁହଳଦୀ ଯେ ମଞ୍ଜିଷ୍ଠା, ଗୁଳୁଚି,
ଅଙ୍କଗନ୍ଧ, ଇନ୍ଦ୍ର ଯବ,
ଦେବଦାରୁ କାଠ, କ୍ଷେତ୍ରପାପଡ଼ା ଯେ
ଭୂଇଁ ଅଇଁଳା ଯୋଜିବ ।
ତଗର ପାଦୁକା, ଲଠା ବେଇଁକୋଳି,
ଗଜ ପିପଳୀ, କଟକୀ,
ଶୁଆଁଲଇ ମୂଳ, ନିମ୍ବଛେଲି,
ଚନ୍ଦନ ପଦ୍ମକାଠ ରଖି ।
ଚନ୍ଦଶୁଣ୍ଠୀ, ମୁଥା, କଣମୂଳ, କୁଡ଼,
ସରଳକାଠ, ପିପଳୀ,
ଭଦଭଦଳିଆ- ଛେଲି, ଚିରାଇତା,
ଭଲିଆ ମଞ୍ଜିକ ତୋଳ ।
କଳାବାଇଗଣର ଛେଲି, ହାଣ୍ଡିଭଙ୍ଗା,
ଅକାଶବେଣ୍ଠ, ଧଣିଆଁ,
ପ୍ରତ୍ୟେକର ଏକ- ଅଣା ଅଧ ରତି
ଯତନେ ଭୂଳିବ ନିଆ ।
ଅଧସେର ଜଳେ ସିଝାଇ ସବୁଙ୍କୁ
ଶେଷେ ରଖି ଆଠ ତୋଳା,
ସେବନ କରିବ ମୂତ୍ର କୃଚ୍ଛ୍ର ନାମ
ଆନନ୍ଦରେ ଦୂର ଠେଲା ।
ଏହା କଷାୟରେ ବାତିକ, ପୈତ୍ତିକ,
ଶ୍ଳୈଷ୍ମିକ, ସାନ୍ନିପାତଜ,

GPNanda Colln., Digitized by srujanika@gmail.com

ଦ୍ୱନ୍ଦ୍ୱଜ, ସନ୍ତତ ' ପ୍ରଭୃତି ବିଷମ-
ଜ୍ୱର ହୁଏ ନାଶକ ।
ଦୀର୍ଘକାଳବ୍ୟାପୀ ଅନ୍ତର ବାହାର
ଶୀତକମ୍ପ ଦାହଜ୍ୱର,
ଶରୀରକୃଶତା, ଝାଳ ପ୍ରଖରତା,
ଦାହ, କାଶ, ଅତିସାର ।
ଗ୍ରହଣୀ, କାମଳ, ଶ୍ୱାସ, ଶୋଷ, ଶୋଥ,
ଅଗ୍ନିମାନ୍ଦ୍ୟ ଯେ ଅରୁଚି,
ପ୍ରମେହ, ଯକୃତ୍, ପ୍ଲୀହା, ଶୂଳ ଆଦି
ହଲୀମକ ଯେ ବିସୂଚି ।
ବଜ୍ର ଦେଲେ ବୃକ୍ଷ ଯେଉଁ ରୂପେ
ସମୂଳରେ ଭସ୍ମ ହୁଏ,
ଉପରଲିଖିତ ରୋଗମାନ ସବୁ
ଏହି ପାଚନରେ ଯାଏ ।

—o—

ବଟିକା ପ୍ରୟୋଗ

ବିଷମଜ୍ୱରେ ଚନ୍ଦନାଦି ଲୌହ

ରକ୍ତଚନ୍ଦନ, କଟୁକବଲ, ଶୁଣ୍ଠୀ,
ଅନନ୍ତମୂଳ, ପିପ୍ପଳୀ,
ବେଣାଚେର, ମୁଥା, ହରିଡ଼ା, ଅଁଳା,
କଇଁଫୁଲ ନେବ ତୋଳି ।
ଧଳାଶଚା ମୂଳ, ବିଡ଼ଙ୍ଗ ପ୍ରତ୍ୟେକୁ
ଚୂର୍ଣ୍ଣଅଣା ତୁଳ-ନେବ,

GPNanda Colln., Digitized by srujanika@gmail.com

ଚନ୍ଦ୍ରଁ ତିନ ତୋଳା ଲୌହଭସ୍ମ ଦେଇ
ବିଶୁଦ୍ଧ ଜଳେ ମର୍ଦ୍ଦିବ ।
ଦୁଇ ରତି ମାତ୍ରା ବଟିକା ନିର୍ମାଣି
ଗଙ୍ଗଶିଉଳି ପତ୍ରର-
ରସ ଦୁଇ ତୋଳା ଦେଇଣ ଖାଇଲେ
ପଳାଏ ବିଷମ ଜ୍ୱର ।
ଚନ୍ଦନ ପେଷାରେ ତାମ୍ର ହଳଦୀକୁ
ଜଳରେ ଦ'ମସା ଘୋଷି,
ସେହି ଜଳେ ବଟି ପାନ କଲେ ନର
ଜୀର୍ଣ୍ଣ ଜ୍ୱର ଯାଏ ମରି ।

ଜୟମଙ୍ଗଳ ରସ

ହିଙ୍ଗୁଳ ପ୍ରଭବ ପାରଦ, ଗନ୍ଧକ,
ଟାଙ୍କଣାଖଇ, ସୈନ୍ଧବ,
ତାମ୍ର-ଭସ୍ମ, ବଙ୍ଗ, ସ୍ୱର୍ଣ୍ଣମାକ୍ଷିକ,
ଲୌହ, ରୌପ୍ୟଭସ୍ମ ନେବ ।
ମରିଚ ପ୍ରତ୍ୟେକ ଦୁଇଅଂଶ କରି
ସ୍ୱର୍ଣ୍ଣଭସ୍ମ ଚାରିଅଂଶ,
ଧୁଦୁରାର ପତ୍ର, ଗଙ୍ଗଶିଉଳିର
ମଣ୍ଡ ରସରେ ଭାବନା ।
ଦଶମୂଳ, ଚିରା- ଇତା କ୍ୱାଥ ଦେଇ
ପ୍ରତ୍ୟେକରେ ତିନି ଦିନ,
ମର୍ଦ୍ଦି ଯତନରେ ବଟିକା ପକାଅ
ଦୁଇ ରତି ପରିମାଣ ।

GPNanda Colln., Digitized by srujanika@gmail.com

ଭଜାଜୀର ଚୂର୍ଣ୍ଣ   ମରିଚ ଦୁଇ ମସା
ମଧୁଁ ଦେଇ ଦୁଇ ଥର,
ଖାଇଲେ ଅତ୍ୟନ୍ତ   ପୁରାତନ ଜ୍ୱର
ପଳାଇ ଯାଏ ସତ୍ୱର ।
ସକଳ ପ୍ରକାର   ଧାତୁଗତ ଜ୍ୱର
ଏଥିରେ ଭଲ ହୁଅଇ;
କେହ୍ନି କେହ୍ନି ସ୍ୱର୍ଣ୍ଣ-   ଭସ୍ମ ଦୁଇ ତୋଳା
ମିଶାନ୍ତି ଏଥିରେ ନେଇ ।

ବସନ୍ତମାଳତୀ ରସ

ସ୍ୱର୍ଣ୍ଣ ଅର୍ଦ୍ଧ ତୋଳା,   ମୁକ୍ତା ଏକତୋଳା
ହିଙ୍ଗୁଳ ଯେ ତେ ଲ'ଦେଡ଼,
ଖପର ଭସ୍ମକୁ   ଚାରିତୋଳା ଦେଇ
ଛ' ତୋଳା ମରିଚ କାଢ଼ ।
ସମସ୍ତ, ଦ୍ରବ୍ୟକୁ   ଏକତ୍ରିତ କରି
ବାଟି ଗାଈ ଲହୁଣୀରେ,
ଲେମ୍ବୁରସେ ପୁଣି   ମର୍ଦ୍ଦନ କରିବ
ନିଜ ହାତେ ଧୀରେ ଧୀରେ ।
ଲହୁଣୀର ଅଂଶ   ମରିଗଲେ ତହୁଁ
ଦୁଇ ରତି ମାତ୍ରା କରି,
ମସାଏ ପିପ୍ପଳୀ-   ଚୂର୍ଣ୍ଣ ଦୁଇ ମସା
ମହୁରେ ସେବିବ ଗୋଳି ।
ଏଥିରେ ପଳାଏ   ନବ ପୁରାତନ
ସକଳ ଜ୍ୱର ଦେହରୁ,

GPNanda Colln., Digitized by srujanika@gmail.com

ଦୁର୍ବଳ ମନୁଷ୍ୟ ବଳବାନ ହୁଏ
ଶରୀର ଶୋଭଇ ସ୍ୱର୍ ।

ସର୍ବଜ୍ୱରହର ଲୌହ

ଚିତାମୂଳ, ମୁଥା, ହରିଡ଼ା, ବାହାଡ଼ା,
ଅଁଳା, ଶୁଣ୍ଠୀ, ଲବଙ୍ଗ,
ମରିଚ, ପିପଳୀ, ନିମ୍ବଫଳର ମୂଳ,
ବେଣାର ଚେର, ବିଡ଼ଙ୍ଗ,
ଗଜପିପ୍ପଳୀର ମଞ୍ଜି, ଦେବଦାରୁ,
ଚିରାଇତା ଇନ୍ଦ୍ରଯବ,
ଅଙ୍ଗୁରୁନ୍ତ, ଜାଣ୍ଟି- ମଧୁ, କୁରୁଚବଳ,
ସଜନା ମଞ୍ଜି ଆଣିବ ।
ତହିଁ ସହତରେ କଇଁଟା ମିଶାଇ
ପ୍ରତ୍ୟେକରୁ ଦୁଇ ଅଣା,
ସମସ୍ତ ମସଲ ସମାନ ଓଜନେ
ଲୌହ ଭସ୍ମ ଦେବ ଗିନା ।
ଶୁଦ୍ଧ ଜଳେ ବାଟି ଦୁଇ ରତି ମାତ୍ରା
ଚୋଳ ଦିଅମ୍ବା ମହୁରେ,
ସେବଲେ ବିଷମ- ଜ୍ୱର, ରକ୍ତହୀନ
ଶୋଥ ପଳାଏ ସତ୍ୱରେ ।
ଯକୃତ, ପିଳେହି, ମାଣ୍ଡୁ କାମଳ ଯେ
ଶରୀରର ଦୁର୍ବଳତା,
କଷ୍ଟ ହନ ଏହା ଖାଇଲେ ଗୁଡ଼ିଏ
ନ ରହେ ରୋଗର କଥା ।

GPNanda Colln., Digitized by srujanika@gmail.com

ପୁଟପାକ ବିଷମଜ୍ୱରାନ୍ତକ ଲୌହ

ହିଙ୍ଗୁଳର ଜାତ — ପାରଦ, ଗନ୍ଧକ,
ପ୍ରତ୍ୟେକରୁ ଏକ ତୋଳା,
କଜ୍ଜଳୀ କରିଣି — ପର୍ପଟୀ କରିବ
ସାବଧାନରେ କରେଳା ।
ପର୍ପଟୀର ଅର୍ଦ୍ଧ — କାନ୍ତା ଶ୍ରୀଗତେନ,
ଲୁହା କରଚୁଲି ଆଣି,
ପାଞ୍ଚ ସାତ ଥୋପା — ଘିଅ ତେଲ ଲନ୍ଦି
ଚଣ୍ଡ ନଆଁରେ ସେକିବ ।
ବସାଇ ଯତନେ — କଜ୍ଜଳୀକୁ ଦେଇ
କାଠିରେ ଗୋଳାଉଥିବ,
ଉତ୍ତମ ରୂପରେ — ତରଳ ଗଲେ ସେ
ଅଗ୍ନି ଉପରୁ ଆଣିବ ।
ଆଗରୁ ଗୋବର- — ମେଞ୍ଚାକ ଉପରେ
କଦଳୀ ପତ୍ର ପକାଇ,
ସେହି ପତ୍ରରେ — ତରଳ କଜ୍ଜଳି
ଅତି ଶୀଘ୍ର ଢାଳି ଦେବ ।
ଆଉ ଖଣ୍ଡେ ପତ୍ର — ପକାଇ ଉପରେ
ଗୋବର ମେଞ୍ଚେ ଚାପିଦେବ,
ଥାପି ଯତନରେ — ଦୁଇ ଦଣ୍ଡକାଳ
ଅପେକ୍ଷା କର ନିଶ୍ଚଳେ ।
ତା'ପରେ ଗୋବର — ମଞ୍ଜୁ ଉଠାଇ
ବକଲା ପରିଧରିବ,

GPNanda Colln., Digitized by srujanika@gmail.com

ସଗନ୍ଧ କରଣ କନା ଖଣ୍ଡକରେ
ଉତ୍ତମ ରୂପେ ପୋଛିବ ।
ଏହାକୁ ଫର୍ପଟୀ ବୋଲି କହନ୍ତି
ପୂର୍ବସିଦ୍ଧ ବୈଦ୍ୟ ମାନେ,
ନାନା ପ୍ରକାରରେ ଫର୍ପଟୀ ଅଛଇ
ସାବଧାନ କରିମାଣେ ।
ଫର୍ପଟୀ ସହିତ ସ୍ୱବର୍ଣ୍ଣର ଭସ୍ମ
ସିନ୍ଦୁକ ଓଜନ ଦେଇ,
ଲୌହ, ଅଭ୍ର, ତାମ୍ର, ପ୍ରତ୍ୟେକୁ ଦୁ' ତୋଳା
ତହିଁରେ ପକାଅ ନେଇ ।
ବଙ୍ଗ, ଗେରୁମାଟି, ଯୋଡ଼ଳା ପ୍ରତ୍ୟେକୁ
ଅଧ ତୋଳା ପକାଇବ,
ମୂକୁତା, ଶାମୁକା, ଶଙ୍ଖ ଭସ୍ମ ପ୍ରତି
ଦରବ ଦୁ' ମସା ଦେବ ।
ଏ ସକଳ ଦ୍ରବ୍ୟ ଜଳରେ ମରଦ
ଶାମୁକା ଭିତରେ ରଖି,
ଉପରେ ଶାମୁକା ଦେଇ ଯତନରେ
କନାଗୁଡ଼ାଇବ ଦେଖି ।
ତହିଁ ପରେ ମାଟି ତା' ଉପରେ କନା
ଏପରି ସାତ ପରସ୍ତ,
ପ୍ରଲେପ ଦେଇଣ ଖରାରେ ଶୁଖାଇ
କରୁଥିବ ଦୃଷ୍ଟିପାତ ।
ବୋଢ଼ିଏ ପଚଶ ଖଣ୍ଡ ଘସି ମଧ୍ୟେ
ସେହି ଶାମୁକାକୁ ପୋଡ଼,

GPNanda Colln., Digitized by srujanika@gmail.com

ନଅାଁ ଲାଭିଗଲେ ତାହାର କରିବ
ପାଞ୍ଚଶ ଅଙ୍ଗାର ଝାଡ଼ ।
ଶାମୁକା ଭିତରୁ ଔଷଧକୁ ନେଇ
ଖଲରେ ଚୂର୍ଣ୍ଣ ପକାଇ,
ଦୁଇରତି ମାତ୍ରା ବଟିକା ପକାଅ
ଅତି ସାବଧାନ ହୋଇ ।
ମହାଏ ପିପ୍ପଳୀ- ଚୂର୍ଣ୍ଣ ସଇନ୍ଧବ-
ଲୁଣ ଘୃତରତି ସଙ୍ଗେ,
ବିଶୋଧିତ ହିଙ୍ଗୁ ଦ'ରତି ଏକତ୍ର
ଦିଅ ଅନୁପାନ ଯୋଗେ ।
ଏହା ସେବନରେ ସକଳ ପ୍ରକାର
ବିଷମ ଜ୍ୱର ବିନାଶେ,
ଜ୍ୱର, ଅତିସାର, ଶୋଥ, ପାଣ୍ଡୁରୋଗ,
କାମଳ ପ୍ଲୀହାକୁ ଧ୍ୱଂସେ ।
ରକତ ହୀନତା, ଅଜୀର୍ଣ୍ଣ, ପ୍ରମେହ,
ଯକୃତ ବିକାର ଆଦି,
ଏଥିରେ ସମସ୍ତ ବିନାଶ ହୁଅଇ,
ଏହା ଜାଣ ମହୌଷଧି ।

ଲକ୍ଷ୍ମୀବିଳାସ ରସ

ଅଭ୍ରଭସ୍ମ ଦୁଇ ତୋଳା ଯେ ପାରଦ
ଗନ୍ଧକ, କର୍ପୂର ସଙ୍ଗେ,
ଜାଇପତ୍ରୀ, ଜାଇ- ଫଳ ପ୍ରତ୍ୟେକରୁ
ଏକ ତୋଳା ଆଣି ଯୋଗେ ।

GPNanda Colln., Digitized by srujanika@gmail.com

ଧା ଭୂମ୍ବ, ଗମ୍ଭାରି, ବୃଦ୍ଧ ଦାରୁକର
ମୂଳକ କୁଟଜ ମଞ୍ଜି,
ଚିରାଇତା, ଭୃଙ୍ଗ- କଣ୍ଟାକୁର ମୂଳ,
ଛତୁଆର ଚନ୍ଦ୍ର ଖଣ୍ଡି ।
ବାହୁଣ୍ଡିଆ ମୂଳ, ଗୋକ୍ଷୁରା, କୁଞ୍ଚଳ-
ମଞ୍ଜି ପ୍ରତ୍ୟେକରୁ ଅଧ-
ତୋଲା ନେଇ ସବୁ ପାନ ଉପେ ଉ ଛି
ଚଉରଷ ମାସା ବାନ୍ଧ ।
ଅନୁପାନ ଭେଦେ ଯେବେଲେ ସକଳ
ରୋଗକୁ ବିନାଶ କରେ,
ଏପରି ଔଷଧ ଅତ ଅଳ୍ପ ଦେଖା
ମିଳଇ ଆୟୁର୍ବେଦରେ ।
ସନ୍ଧି, କାଶ, ଜ୍ୱର, ଅମାଶୟ ରୋଗ,
ଗ୍ରହଣୀ, ପ୍ରମେହ, ଶୂଳ,
ଅଗ୍ନି ମାନ୍ଦ୍ୟ, ତୃଷା, ମସ୍ତକ ବେଦନା
ପୀନସ ବ୍ୟାଧି ନାଶର ।
ଧାତୁକ୍ଷୟ ସ୍ୱପ୍ନ- ଦୋଷ, ଦୁର୍ବଳତା
ଏ ସବୁ ରୋଗ ନାଶଇ,
ଧାତୁକ୍ଷୟ ରୋଗୀ ମାଂସରସ, ଦୁଗ୍ଧ
ସେବନ ଔଷଧ ଖାଇ ।
ସନ୍ଧି, କାଶ ଜ୍ୱରେ ପାନରସେ ଏହା,
ଅମାଶୟେ ଗ୍ରହଣୀରେ,
ମୁଥାର ରସରେ, ପ୍ରମେହ ରୋଗରେ
ଜମ୍ବା ଡାଳଙ୍ଗ ରସରେ,

GPNanda Colln., Digitized by srujanika@gmail.com

ପାନୀୟ ରୋଗରେ   ଅଦାରସେ ପୁଣି
ଧାତୁକ୍ଷୟ, ସ୍ୱପ୍ନଦୋଷେ,
ଲବଣୀ ମିଶ୍ରୀରେ   ସନ୍ନିପାତରେ ଘୋଟି
ଖାଇବ ମନ ହରଷେ ।
ଅନୁପାନ ମାତ୍ରା   ଦେବ ବୁଝି ତୋଳା
ରୋଗୀର ବଳ ନିରେଖି,
ଅନୁପାନ ଏହା   ବତାଇବ ବୈଦ୍ୟ
ରୋଗ ବଳାବଳ ଦେଖି ।

ଚୂର୍ଣ୍ଣ-ପ୍ରୟୋଗ

ସୁଦର୍ଶନ ଚୂର୍ଣ୍ଣ

ଅଗୁରୁ, ହଳଦୀ,   ଦେବଦାରୁ, ବଚ,
ମୁଥା, ଶୁଣ୍ଠି, ହରିତକୀ,
ଦୁରାଲଭା, କୁଡ଼,   କାକଡ଼ା ଶୃଙ୍ଗୀ ଯେ
ଯଷ୍ଟି ମଧୁ ତହିଁ ମିଶାଇ ।
ଭଦଭଦଳିଆ,   ପାଟେଣି* ପିପ୍ପଳୀ-
ମୂଳ, ନିମ୍ବ ଗଛ ଛେଲି,
କୁରୁଚେଲ ଗଛ-   ଶୁଣ୍ଠୀ ଯେ ପିପ୍ପଳୀ,
ମୁରୁବା ମୂଳକୁ ଛେଳ ।
କୋରେଇ ଗଛର   ଛେଲି, ସଜନାର
ମଞ୍ଜି, କଇଁଫୁଲ ମଳ.

* ପାପଡ଼ା—ଷେତପାପଡ଼ା ।

GPNanda Colln., Digitized by srujanika@gmail.com

ଛତ୍ରୁଆର, ଇନ୍ଦ୍ର- ଯବ, ପଦ୍ମକାଠ,
ରକ୍ତଚନ୍ଦନ ଧର ।
ଦାରୁ ହଳଦୀକ ବେଣାଚେର ସଙ୍ଗେ
ସରଳ କାଠକୁ ଘେନ,
ପଦ୍ମକାଠ, ତାଳ- ଶନ, ଶାଳପର୍ଣ୍ଣୀ,
ପଞ୍ଚ ପର୍ପଟିକୁ* ଆଣି ।
ଜୟାଣି, ଅଭୁସୀ, ବେଲଗଛ ଛେଲ,
ମଣ୍ଡଚ ଯେ ପସାରୁଣି,
ଅଏଁଳା, ଗୁଳୁଚି, କୃଷ୍ଣପର୍ଣ୍ଣୀ ସହ
ପଟୋଳ ପତର ପୁଣି ।
କଣ୍ଟକୀ ହଙ୍ଗରେ ଧନାଶଙ୍ଖା ମୂଳ,
ଅଙ୍କବାନ୍ତ ତାଳପତ୍ର,
ପ୍ରତ୍ୟେକକୁ ଦୁଇ- ଅଣା ଓଜନରେ
ଭୂଜ ରଖିବ ଏକତ୍ର ।
ଦୁଇ ତୋଳା ତେରଅଣା ଚିରାଇତା
କ୍ୱାଥ ନିକଟ ଧର,
ସମସ୍ତ ଦରବ ଶୁଖାଇ ଖଲରେ
ଚୂନ ଦେବ ଧୂଳିପରି ।
ଏକ ମସା ଠାରୁ ଦୁଇମସା ଯାଏ
ଗରମ ଜଳେ ଖାଇବ,
ସକଳ ପ୍ରକାର ଅଷ୍ଟବିଧ ଜ୍ୱର
ସତ୍ୱର ବିନାଶ ହେବ ।

---

* ପଞ୍ଚ ପର୍ପଟି—ପଞ୍ଚବୋଳ

GPNanda Colln., Digitized by srujanika@gmail.com

ସ୍ୱଦେଶ-ଆଗତ ଦୋଷ, ଜନ୍ତୁଁ ଜାତ
ମ୍ୟାଲେରସ୍ପା ଆନ୍ଧ ଜ୍ୱର,
ନୂତନ, ବିଷମ, ପୁରାତନ ଧାତୁ-
ଗତ ହୁଅଇ ଅନ୍ତର ।
ଯକୃତ୍, ପୀଳୋଦ୍ଧ, ଚ୍ଳନୁ ରୋଗମାନ
ଶୀଘ୍ର ନାଶ ହୋଇଥାଏ,
ସୁଦର୍ଶନ ଚୂର୍ଣ୍ଣ ପରି ଏହା ଗୁଣ,
ସୁଦର୍ଶନ ନାମ ବହେ ।

ତୈଳ ପ୍ରକରଣ

ତିଳତୈଳ ମୂର୍ଚ୍ଛା ।

ଚଉଷଠୀ ତୋଳା ସେରରେ ଆଣିବ
ତିଳତୈଳ ଶୁଦ୍ଧ ସେର,
ସୁଦୃଢ଼ ହାଣ୍ଡିରେ କମ୍ବା ତମ୍ବା ପାତ୍ରେ
ଢାଳ ହସ୍ତ କର ସ୍ଥିର ।
ଚୁଲ୍ଲୀରେ ବସାଇ ମନ୍ଦ ଅଗ୍ନି ଜାଳି
ଫେଣ ବାହାର କରିବ,
ଫେଣ ମରିଗଲେ ହାଣ୍ଡିକୁ ଉଠାଇ
ଭୂମି ଉପରେ ରଖିବ ।
ତେଲ ଥଣ୍ଡା ହେଲେ ତହିଁରେ ମଞ୍ଜିଷ୍ଠା-
ଚୂର୍ଣ୍ଣ ଷୋଳ ତୋଳା ଦେଇ,

GPNanda Colln., Digitized by srujanika@gmail.com

ସାମାନ୍ୟ ଭାବରେ ଜଳ ସିଞ୍ଚୁଥିବ
ଯେମନ୍ତ ନ ଭିଜୁରହ ।
ତା'ପରେ ଦଳନ, ଅଏଁଳା, ବାହାଡ଼ା,
ହରିଡ଼ା ଯେ ମୁଥା, ଲୋଧ,
ଚମ୍ପାଫୁଲ ଭଣ୍ଡା, ନାଲୁକା ସଞ୍ଚତ
ବର ଓଦଳର ଖୃଦ ।
ନନ୍ଦିଁ ସଙ୍ଗେ କୁନ୍ଦ- ବେଲଜ ମିଶାଇ
ପ୍ରତ୍ୟେକରୁ ସ୍ବର ତୋଳା,
ସ୍ବଚ୍ଛ ଜଳେ ବାଟି ତୈଳ ପକ୍ଷେ ଦେବ
ନ କରୁ ମନ ଚଞ୍ଚଳ ।
ଦୁଇ ଦିନ ପରେ ଷୋଳ ସେର ଜଳ
ତୈଳେ ଦେଇ କର ପାକ,
ଜଳ ମରିଗଲେ ଚୂଲୀରୁ ଓହ୍ଲାଇ
ସ୍ବଯତନ କରି ରଖ ।
ସାତଦିନ ପରେ ଉତ୍ତମ କନାରେ
ଛାଣିବ ସେଜ୍ବ ତଇଳ,
ତଇଳକୁ ରଖି ଅନ୍ୟ ଯେ ମଧ୍ୟଲ
ଫୋପାଡ଼ି ଦେବ ସକଳ ।
ଏହାପରି କଲେ ତୈଳର ଦୁର୍ଗନ୍ଧ
ନିବାରଣ ହୁଏ ଜାଣ,
ସୁଗନ୍ଧ ବାହାର ଅରୁଣ ବରଣ
ଧରି କରଇ ସୁଗ୍ରାଣ ।
ଏହାକୁ ମୂର୍ଚ୍ଛା ବିଧି ବୋଲି କହି,
ତିଳତୈଳର ଏ ମୂର୍ଚ୍ଛା,

GPNanda Colln., Digitized by srujanika@gmail.com

ଏହି ତେଲ ଆଣି   ଚଢ଼ିଲ ପାକ କରି
ଯାହାର ଯେତିକ ଇଚ୍ଛା ।

ସୋରିଷତେଲ ମୂର୍ଚ୍ଛା

ସୋରିଷର ତେଲ   ଦୁଇ ସେର ଆଣି
କଠିନ ହାଣ୍ଡିରେ ରଖି,
ଚୁଲିରେ ବସାଇ   ମନ୍ଦ ଅଗ୍ନି ଜାଳି
ଫେଣ ମାରିବ ଜତେଖି ।
ତେଲ ଥଣ୍ଡା ହେଲେ   ମଞ୍ଜିଷ୍ଠାର ଚୂର୍ଣ୍ଣ
ତହିଁ ଷୋଳ ତୋଳା ଦେବ,
ତା'ପରେ ହଳଦୀ,   ବାହାଡ଼ା, ଅଁଳା,
ବେଲଛାଲି, ମୁଥା ନେବ ।
ଡାଳିମ୍ବ ଫଳର   ଚୋପା, ନଗେଶ୍ୱର,
କଳାଜୀରା, କୁରୁବେଲି,
ନାଲୁକା ପ୍ରତ୍ୟେକୁ   ଦୁଇତୋଳା ଯେନି
ଜଳରେ ବାଟିବ ଥିରି ।
ଏ ସକଳ ଦ୍ରବ୍ୟ   ତେଲରେ ପକାଇ
ଷୋଳ ସେର ଦେବ ଜଳ,
ଦୁଇଦିନ ପରେ   ନିଆଁରେ ବସାଇ
ନିର୍ଜଳ କରିବ ତେଲ ।
ସାତଦିନ ପରେ   ତେଲକୁ ଛାଣିରେ
ଛାଣି ରଖିବ ପାତ୍ରରେ,
ଏପରି କରିଲେ   ସୋରିଷ ତେଲର
ମୂର୍ଚ୍ଛା ହୁଅଇ ବିଧିରେ ।

GPNanda Colln., Digitized by srujanika@gmail.com

ଏରଣ୍ଡ ତୈଳ ମୂର୍ଚ୍ଛା

ଏରଣ୍ଡ ତେଲରୁ ଗୁର ସେର ଆଣି
ଉତ୍ତମ ପାତ୍ରେ ରଖିବ,
ଚୁଲ୍ଲୀରେ ବସାଇ ମନ୍ଦଜାଳ ଜାଳି
ତେଲ୍ ଫେଣ ମାରିଦେବ ।
ନିର୍ଦ୍ଧୂମ ତେଲରେ ମଞ୍ଜିଷ୍ଠାର ଗୁଣ୍ଡ
ଷୋଳ ତୋଳା ପକାଇବ,
ତା ପରେ ହରିଡ଼ା, ବାହାଡ଼ା, ଅଁଳା,
ମଞ୍ଜିଷ୍ଠା, ମୁଥା ଆଣିବ ।
ଧଣିଆଁ, କପୂରୀ- ପତ୍ର, କୁରୁବେଲ,
ବଣଖଜୁରୀ, ହଳଦୀ,
ଦାରୁହଳଦୀ ଯେ କଅାମୂଳ, ଶୁର୍ଣ୍ଣୀ,
ନାଳୁକା, କାଞ୍ଜିକା, ଦଧି ।
ବୃତା ବରଚଛ ଓହଳ, ପ୍ରତ୍ୟେକ
ଗୁର ତୋଳା ଶିଳେ ବାଟି,
ଷୋଳ ସେର ଜଳେ ଗୋଳି ଦେଇ ସବୁ
ତୈଳପାତ୍ରେ ଦେବ ଢାଳି ।
ଦୁଇଦିନ ପରେ ଅଗ୍ନିରେ ବସାଇ
ଛଇଳ ନିର୍ଜଳ କରି,
ସାତଦିନ ପରେ ଗୁଣି ନେଲେ ତେଲ
ମୂର୍ଚ୍ଛା ହୁଏ ଗନ୍ଧ ଧରି ।

GPNanda Colln., Digitized by srujanika@gmail.com

ତୈଳ ପ୍ରୟୋଗ

ଲାକ୍ଷାଦି ତୈଳ

ମୂର୍ଚ୍ଛା ହୋଇଥିବା ଶୁଦ୍ଧ ତିଳତୈଳ
ସ୍ୱରୂପର ଦଶ ଭାଗ,
ପୂର୍ବତନ କାନ୍ତି- ଲାଗି ତବକ୍ଷରେ
ଚବିଶ ସେର ଲୁଳାତ ।
ଅଳପ ଅଳପ କାଞ୍ଜିପାଣି ଦେବ
ମନ୍ଦ ମନ୍ଦ ଚୁଲ୍ଲୀ ଜାଳି,
ପାଣି ମରିଗଲେ ପାତ୍ରଦନ ଯାଏ
ରଖିବ ଘୋଡ଼ାଇ ଥାଳ ।
ତତ୍ପରେ ଲାକ୍ଷା, ହଳଦୀ ମଞ୍ଜିଷ୍ଠା
ପ୍ରତ୍ୟେକରୁ ଏକୋଇଶ-
ତୋଳା ପାଞ୍ଚଅଣା ବାନ୍ଧି ଖୋଲାପର
କଳଚେ ଦେଗାଇ ବଟଶେଷ ।
ଏଥି ଜଳ ତୈଳ- ମାଝରେ ପକାଅ
ଅଳପ ଅଳପ କରି,
ମନ୍ଦ ଜାଳେ ଜଳ ମାରି ଓହ୍ଲାଇବ
ତୈଳପାତ୍ର ଶିବ ସ୍ମରି ।
ଜଳ ମରିଯାଇ ଶୀତଳ ହୋଇଲେ
ବିଶୁଦ୍ଧ ତୈଳକୁ ଛାଣି,
ଉତ୍ତମ ପାତ୍ରରେ ରଖିଦେବ ନେଇ
ପ୍ରଭୁଙ୍କର ନାମ ଗୁଣି ।

GPNanda Colln., Digitized by srujanika@gmail.com

ବଟା ହୋଇଥିବା ତୈଳରେ ସିଝିବା
ମସଲାର କଷ୍ଟ ଆଣି,
ହିମରେ ବଳିଲେ ବଳତାର ପର
ପଦ୍ମ ହୁଅଇ ସେ ଠାଣି ।
ଅଥବା ତଇଳ ଅଗ୍ନିରେ ଜାଳିଲେ
ଶବଦ ପଦ୍ମ ନୁହଇ,
ଜାଣିବ ତୈଳର ପାକସିଦ୍ଧ ହେଲା
ଚୁଲ୍ଲୀର ନେବ ଓହ୍ଲାଇ ।
ଏହି ତୈଳ ଦେହେ ମାଳିସ କରିଲେ
ସକଳ ବିଷମ ଜ୍ୱର,
କମ୍ପ, ଦାହ ସହ ନିବୃତ୍ତ ହୁଅଇ
କାନ୍ତି ବଢ଼ଇ ରୋଗୀର ।

ମହାଲାକ୍ଷାଦି ତୈଳ

ମୂର୍ଚ୍ଛିତ ତିଳର ତେଲ ଚଉର ସେର
କରାହରେ ବସାଇବ,
ଅଠସେର ଲାକ୍ଷା ଚଉଷଠି ସେର
ଶୁଦ୍ଧ ଜଳେ ସିଝାଇବ ।
ତହୁଁ ଷୋଳ ସେର ଅବଶେଷ ରଖି
କନାରେ ଛାଣି ସେ ଜଳ
ତୈଳରେ ଦେଇଣ ମନ୍ଦ ମନ୍ଦ ଜାଳେ
ନିର୍ଜଳ କରିବ ତେଲ ।
ସାତ ଦିନ ପରେ ଦହି ଜଳ, ତୈଳେ
ଷୋଳ ସେର ଆଣି ଦେବ,

GPNanda Colln., Digitized by srujanika@gmail.com

ମନ୍ଦାଗ୍ନି ଚୁଲ୍ଲିରେ ବସାଇ ଯତନେ
ଜଳ ସବୁ ମାରିନେବ ।
ସାତ ଦିନ ଗଲେ ତଇଳକୁ ଛାଣି
ରଖିବ ପାତ୍ରରେ ନେଇ,
ତାପରେ ମଞ୍ଜିଷ୍ଠ, ଧଳଧା, ରେଣୁକ,
ମୃଣାଳମୂଳ, କୁଡ଼ ଥୋଇ ।
ଯଷ୍ଟିମଧୁ, ବଚା, ଅଶ୍ୱଗନ୍ଧା, ମୁଥା,
ଦେବଦାରୁ ଯେ କଟୁକୀ,
ରକ୍ତଚନ୍ଦନ ପ୍ରତ୍ୟେକ୍କୁ ଦ'ତୋଳା
ଶିଳରେ ବାଟି ନଉରଖି ।

ବଟା ମସଲାକୁ ତେଲରେ ପକାଇ
ଦେଇ ଷୋଳ ସେର ଜଳ,
ମନ୍ଦାଗ୍ନିରେ ତାହା ପାକ କରି ନେବ
ନିର୍ଜଳ ହୋଇବ ତେଲ ।

କନାରେ ଛାଣିବ ତୈଳ ସଯତନେ
ରଖିବ ଦୃଢ଼ ଭାଣ୍ଡରେ,
ସେହି ତୈଳ ଦେହେ ମାଲିସ କରିଲେ
ବିଷମ ଜ୍ୱର ଫନ୍ଦରେ ।
କାଶ, ଶ୍ୱାସ, ସର୍ଦ୍ଦି, ଶରୀର ଦୁର୍ଗନ୍ଧ,
କଟୀଶୂଳ, ଦେହ ବ୍ରଣ,
ଗାତ୍ର କଣ୍ଡୁ, ଦାଦ ନିବୃତ୍ତ ହୁଅଇ
ଗ୍ରହ ଦୃଷ୍ଟି ନିବାରଣ ।

GPNanda Colln., Digitized by srujanika@gmail.com

ଅଙ୍ଗାରକ ତୈଳ

ବିଶୋଧିତ ତିଳ- ତୈଳ ଷୋଳ ସେରେ
କାଞ୍ଜିପାଣି ଷୋଳସେର,
ଦେଇ ପାକ କରି ପାଣି ମରିଗଲେ
ରଖିବ ଛୋଡ଼ାଇ ତେଲ ।
ସାତ ଦୋଣି ବନ ଅମ୍ଳ ଦୋହାଇଲେ
ତଳ ଲିଖିତ ମସଲ୍ଲ,
ଶୁଷ୍କ ଜଳେ ବାଟି ଷୋଳ ସେର ଜଳେ
ଗୋଳିବ ନ ହୋଇ ଭିନ୍ନ ।
ମସଲ୍ଲ ଜଳକୁ ତଇଲେ ପକାଇ
ରାନ୍ଧିବ ଅତି ଯତ୍ନରେ,
ପାଣି ମରି ଗଲେ ତଇଲକୁ ଛାଣି
ରଖିବ ଭାଣ୍ଡ ମଧ୍ୟରେ ।
ମୂର୍ବା ମୂଳ, ଲାକ୍ଷା, ହଳଦୀ, ମଞ୍ଜିଷ୍ଠା,
ଦାରୁହଳଦୀ ସେ କୁଡ଼,
ମହାକାଳ ମୂଳ, ସୈନ୍ଧବ ଲବଣ,
ଅଙ୍କରାନ୍ତ, ଦେସ୍ନା କାଠ ।
ଜଟାମାଂସୀ, ଛତ୍ରୁ- ଅରି ପ୍ରତ୍ୟେକନ୍ତୁ
ପାଞ୍ଚ ତୋଲା ପାଞ୍ଚ ଅଣା ।
ଦେହ ରକ୍ତ ଦେଇ ତଇଲ ଏ ଆଉ
ମାଲିସ କରିବ ପିନା ।
ଏଥିରେ ବିଷମ- ଜ୍ୱର ଯାଏ ନାଶ,
ଦଶବାର ଟୋପା ଲେହି,

GPNanda Colln., Digitized by srujanika@gmail.com

ଦୁଇ ତୋଳା ଦୁଧ   ଅବା ଜଳେ ଗୋଳି
ସକାଳ ସନ୍ଧ୍ୟାରେ ଖାଇ ।
ବିନାଶ କରନ୍ତି   ସକଳ ପ୍ରକାର
କ୍ଲେଶଦ ବିଷମ ଜ୍ୱର,
ଶରୀର ଗୁରୁତା,   ଦାହ, ବାନ୍ତି ତୃଷା,
ସତ୍ୱର ହୁଅଇ ଜ୍ୱର ।

ଘୃତ ମୂର୍ଚ୍ଛା

ଗାଈ ଘିଅ ଚାରି-   ସେର କଢ଼ାଇରେ
ମନ୍ଦ ଅଗ୍ନିରେ ବସାଇ,
ଫେଣ ମରି ଯାଇ   ଶୀତଳ ହୋଇଲେ
ମସଲା ଦେବ ପକାଇ ।
ପ୍ରଥମେ ହଳଦୀ   ବାଟି କରି ଦେବ
ତହିଁ ପରେ ଟେଭ ରସ,
କ୍ରମରେ ହରିଡ଼ା,   ବାହାଡ଼ା, ଅଁଳା,
ମୁଥାରେ କରିବ ଶେଷ ।
ପ୍ରତ୍ୟେକ ଦ୍ରବ୍ୟରୁ   ଆଠ ତୋଳା ଆଣି
ଯତନେ ବାଟି ଶିଳରେ,
ଅଳପ ଜଳରେ   ତାହା ଗୋଳି କରି
ପକାଇବ ଧୀରେ ଧୀରେ ।
ଦୁଇ ଦିନ ପରେ   ଷୋଳ ସେର ଜଳ
ମିଶାଇ ପାକ କରିବ,
ଜଳ ମରିଗଲେ   ସମସ୍ତ ମସଲା
କନାରେ ଛାଣି ଫିଙ୍ଗିବ ।

GPNanda Colln., Digitized by srujanika@gmail.com

ଏପରି ବିଧିରେ ଘୃତର ମୂର୍ଚ୍ଛା
କର୍ମ ଯାକ ଥାଏ ଜାଣ,
ଯେତେ ଇଚ୍ଛା ତେତେ ଘୃତ କରି ପାର
ଏହିଟି ବିଧି ବିଧାନ ।

କ୍ଷୀରଷଟ୍‌ପଳକ ଘୃତ

ବିଶୋଧିତ ଦ୍ରବ୍ୟ- ଘୃତ ଗୃହି ସେର
ଦୃଢ଼ ହାଣ୍ଡିରେ ରଖି,
ଷୋଳ ସେର ଗାଈ ଦୁଧ ତହିଁ ଦେଇ
ଚୁଲ୍ଲୀରେ ବସାଅ ଦେଖି ।
ମନ୍ଦ ମନ୍ଦ ଜଳେ ସେହି ସ୍ଥାନେ ରହି
ଘୃତରୁ ମାରିବ ଜଳ,
ଜଳ ମରିଗଲେ କନାରେ ଗାଳିଣ
ଛେନା ଫିଙ୍ଗି ଦେବ ଖର ।
ପିପ୍ପଳୀର ମୂଳ, ଗୃହିଁକାଠ, ଶୁଣ୍ଠୀ,
ଚିତା ମୂଳ, ସଇନ୍ଧବ,
ପିପ୍‌ପଳୀ ପ୍ରତ୍ୟେକ୍ ଅଠ ତୋଳା ଆଣି
ଉତ୍ତମ ଶିଳେ ବାଟିବ ।
ବଟା ମସଲାକୁ ଷୋଳ ସେର ଜଳେ
ଗୋଳି ବୈଦ୍ୟ ସ୍ୱହସ୍ତରେ,
ଘୃତ ହଣ୍ଡେ ଦେଇ ମନ୍ଦ ଅଗ୍ନି ଜାଳ
ପାଣିମାରି ନେବ ଧୀରେ ।
ନିର୍ମଳ କନାରେ ଛି ଅପାକ ଗାଳି
ରଖି ଉତ୍ତମ ଭାଣ୍ଡରେ,

GPNanda Colln., Digitized by srujanika@gmail.com

ଦୁଇମସା ମାତ୍ରା ସକାଳ ସନ୍ଧ୍ୟାରେ
ରୋଗୀକୁ ଦେବ ବିଧିରେ ।
ଛଅ ତୋଳା ଉଷ୍ଣ ଦୁଧ, ଚିନି ଦୁଇ
ମସାରେ ଘୃତକୁ ଗୋଳି,
ପାନ କଲେ ଜାଣ ବିଷମ ଜ୍ୱରଟି
ଟଳ ଏ ଗ୍ରନ୍ଥ ବୋଲାଇ ।
ସାତ ଆଠ ବର୍ଷ ପିଲାଙ୍କୁ ମସାଏ
ମାତ୍ରାରେ ଦେବ ଯେ ଘୃତ,
ଦୁଇତୋଳା ଉଷ୍ଣ ଦୁଧ, ଚିନି ଏକ-
ମସା ଯେ ତାହା ସହିତ ।
ତହୁଁ ଛୋଟ ହେଲେ ଅର୍ଦ୍ଧମସା ଘୃତ
ଏକ ତୋଳା ଉଷ୍ଣ ଦୁଧ,
ଅର୍ଦ୍ଧ ମସା ଚିନି ସହିତ ଗୋଳାଇ
କହି ଅଛନ୍ତି ବିବୁଧ ।

ପିପ୍ପଲ୍ୟାଦ୍ୟ ଘୃତ

ମୂର୍ଚ୍ଛିତ ଗୋ-ଘୃତ ଖଇରପର ସଙ୍ଗେ
ପିପ୍ପଳୀ ରକ୍ତଚନ୍ଦନ,
ବେଣାଚେର, ମୁଥା, କଟୁକୀ, ଅଭୁରୀ,
ଶାଳପର୍ଣ୍ଣି ଦ୍ରାକ୍ଷା ଘେନ ।
ଭୂଇଁ-ଅଇଁଳା ଯେ ଚେରମାରୁ* ମୂଳ,
ଇନ୍ଦ୍ରଯବ, ଭଦଳିଆ,

* ଚେରମାରୁ—ଅନନ୍ତମଳ

GPNanda Colln., Digitized by srujanika@gmail.com

ଶାଳପର୍ଣ୍ଣି, ଅଙ୍କ- ଗନ୍ଧ, ବେଲଗୁଣ୍ଡା,
ସୁପରି ଚକ୍ର ଅଇଁଳା,
ପ୍ରତ୍ୟେକ ଦ୍ରବ୍ୟରୁ ଗୁରି ତୋଳା ଲେଖେ
ବାନ୍ଧିବ ଏକତ୍ର କରି,
ତମ୍ବାଁରେ ଷୋହଳ ସେର ଜଳ ଦେଇ
ଘୃତରେ ଦେବ ସମ୍ଭାର।
ଥୋଇ ମନ୍ଦ ଜାଳେ ପାଣି ମରିଗଲେ
ଘୃତକୁ ଛାଣି କନାରେ,
ମସଲି ପିଠାକୁ ଫିଙ୍ଗିଦେଇ ଧୀରେ
ଘୃତ ରଖିବ ବୋତଲେ।
ଶୁଚିମନ୍ତ ହୋଇ ଈଶ୍ୱରେ ସୁମରି
ବିଶ୍ୱାସ କରି ମନରେ,
ସକାଳେ-ସନ୍ଧ୍ୟାରେ ଦୁଇମସା ମାତ୍ରା,
ସେବିବ ବିଷମ ଜ୍ୱରେ।
ନଟାଙ୍କିଏ ଜନ୍ମ ଦୁଧ ଦୁଇ ମସା
ଚାମଚରେ ତା ଗୋଳି ଦେଇ,
ଖାଇଲେ ସକଳ ବିଷମ ଜ୍ୱରକୁ
ଏହି ଘୃତ ବିନାଶଇ।

ମୁଷ୍ଟି ଯୋଗ

ଲଜକୁଳୀ ଲତା, ଅପାମାର୍ଗ ଗଛ
ବାଡ଼ି ଅଇଁଳା ମଞ୍ଜରୁ,
ଚୋଟିକିର ମୂଳ ଖୋଳିଣ ଆଣିବ
ପୁଷ୍ୟା ନକ୍ଷତ୍ରରେ ଭୋରୁଁ।

GPNanda Colln., Digitized by srujanika@gmail.com

ସାତଖିଅ ରକ୍ତ- ସୂତାରେ ଗୁଡ଼ାଇ
ହାତରେ ବାନ୍ଧିଣ ଦେଲେ,
ଦିନେ ଛାଡ଼ା ପାଳି- ଜ୍ୱର ଭଲ ହୁଏ
ଲେଖାଅଛି ତନ୍ତ୍ରସାରେ ।
ଅପାମାର୍ଗ ମୂଳ ରବିବାରେ ଆଣି
ସାତଖି ରକ୍ତ ସୂତାରେ,
ଗୁଡ଼ାଇ ହସ୍ତରେ ବାନ୍ଧିଲେ ନଷ୍ଟହୁଏ
ବଡ଼ ପାଳିଜ୍ୱର ହରେ ।
ଭୃଙ୍ଗରାଜ ରସେ କନାକୁ ଭିଜାଇ
ଖରାରେ ଶୁଖାଇ ଥିବ,
ଯେତେବେଳେ କନା କାଳିଆ ହୋଇବ
ଯତନେ ତାହା ରଖିବ ।
ତହିଁରେ ପେସ୍ତର ଚର ଯେ ଗୁଗ୍ଗୁଳୁ
ଦେଇ ପୁଟୁଳି ବାନ୍ଧିବ,
ଉଡ଼ନଆଁ ପରେ ରଖି ସେ ପୁଟୁଳି
ତହିଁର ଧୂଆଁ ସେନିବ ।
ଏ ଧୂଆଁ ବାଜିଲେ ଚାତୁର୍ଥିକ ଜ୍ୱର
ପଳାଏ ରୋଗୀ ଦେହରୁ,
ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ଯଥା
ପଳାଇଯାଏ ସଂସାରୁ ।
ଶିରୀଷ କୁସୁମ ରସରେ ହଳଦୀ,
ହିଙ୍ଗୁରେ ଦାରୁହଳଦୀ,
ଜଳରୂପେ ବାଟି ନାସ ନେଲେ ହଏ
ଚାତୁର୍ଥିକ ଜ୍ୱର ମର୍ଦ୍ଦି ।

GPNanda Colln., Digitized by srujanika@gmail.com

ଅଟରୂଷ ପତ୍ରର ରସ ନାସ ନେଲେ
ପାଳିଜ୍ୱର ଯାଏ ନାଶ;
ଗୁବୁରି ପୋକଟିଏ କଦଳୀ ଭିତରେ
ସକାଳେ କଲେ ବ ଗ୍ରାସ ।

ଅଷ୍ଟାଙ୍ଗ ଧୂପ

ଗୁଳୁଚି, ହରିଡ଼ା, ନିମ୍ବପତ୍ର, ବଚ,
କୁଡ଼, ଘୃତ, ଯବଧାନ,
ସୋରିଷ ମିଶାଇ ସୂକ୍ଷ୍ମ ଚୂର୍ଣ୍ଣ କରି
ଧୂପ ନେଲେ ପ୍ରତିଦିନ ।
ଚାତୁର୍ଥିକ ଜ୍ୱର ପଳାଇଣ ଯାଏ
ରୋଗୀ ଦେହୁଁ ଶୀଘ୍ରତର,
ସିଂହକୁ ଦେଖିଲେ ଶୃଗାଳ ଯେପରି
ଭୟେ ହୁଏ ଥରହର ।

ଅପରାଜିତା ଧୂପ

ଅନ୍ନପୂର୍ଣ୍ଣା ଘାସ, ଗୁଗ୍ଗୁଳୁ, ଅଗୁରୁ,
ନିମ୍ବପତ୍ର, ବଚ, ଝୁଣା,
ଅରଖ ଗଛର ପତ୍ର, ଦେବଦାରୁ
କରିନେବ ସବୁ ଚୂନା ।
ରଡ଼ନିଆଁ ପରେ ସେ ଚୂର୍ଣ୍ଣରୁ କିଛି
ପକାଇ ଘେନଲେ ଧୂଆଁ,
ବୋଲଇ ବିଷମ- ଜ୍ୱର 'ପ୍ରାଣ ଗଲା,
ଏଠାକୁ ଆସିଲି କିଆଁ ?'

GPNanda Colln., Digitized by srujanika@gmail.com

ଭୃଙ୍ଗଳ, ଗୋଘୃତ, ସରଳ କାଠ ଯେ
ଦେବଦାରୁ, ଚୋରୁ ହାଡ଼,
ଅନ୍ନପୂର୍ଣ୍ଣା ଘାସ, ଶିବଙ୍କ ନିର୍ମାଲ୍ୟ,
କଟ୍ଫଳ କର ଯୋଗାଡ଼ ।
ଧବଳ ସୋରିଷ, ନିମ୍ବଗଛ ପତ୍ର,
ମୟୂରପୁଚ୍ଛ, ଘୋଟ୍ଟଙ୍କ.
ବଗୁଡ଼ର ମଳ, ଘାସନାନ୍ତ, ନଚ,
ମଦଣଫଳ ସଂଯୋଗ ।
ଅଙ୍କରନ୍ତ, ଲଙ୍କା- ଚର୍ମେଢୋଲ ପଦ୍ମର
ହାଣ୍ଡି ବାନ୍ତ, କପା ମଞ୍ଜି,
ଛେଳି ଲଣ୍ଡି, ଚଷୁ, ଶୃଗାଳର ମଳ,
ଛେଳି ମୂତ୍ରେ ସମେ ଖୋଳ ।
ବାଟିଣ ଶୁଖାଇ ମାଟି ପାତ୍ରେ ରଖି
ଧୂପ ଦେଲେ ସର୍ବାଙ୍ଗରେ,
ଦ୍ୱାହ୍ନିକ, ତ୍ର୍ୟାହ୍ନିକ, ଚତୁର୍ଥିକ ଜ୍ୱର,
ଶୀତାହ୍ନିକ ବିଶେଷରେ ।
ସକଳ ପ୍ରକାର ବିଷମଜ୍ୱର ଯେ
ଭଲ ହୁଏ ଅଚିରେ,
ଗୃହେ ଧୂପ ଦେଲେ ରାକ୍ଷସ, ପିଶାଚ,
ସର୍ପ ପଳାନ୍ତି ସତ୍ୱରେ ।
ଦୁବ, କସିମିସି, ହଳଦ୍ରା, ଅଁଳା,
କୁଡ଼, ଡାଳିମ୍ବର ଫୁଲ,
ଏମାନଙ୍କ ରସ ନାକରେ ଶୁଙ୍ଘିଲେ
ଉଡ଼ା ଜ୍ୱର ହୁଏ ଭଲ ।

GPNanda Colln., Digitized by srujanika@gmail.com

ବାତ କମ୍ପ ଜ୍ୱରେ ବାଞ୍ଛ ଅଁଳା ରସ
ଦୁଇ ତୋଳା ସଙ୍ଗେ ମହୁ,
ଦଶ ବାର ଟୋପା ମିଶାଇ ସେବିଲେ
ଜ୍ୱରର ନ ରହେ ବାଉ ।
ଗଙ୍ଗ ଶିଉଳିର ମଞ୍ଜର ଚୋବୁଅ
ଦୁଇ ତୋଳା ସର୍ବତରେ,
ମହୁ ଦଶ ବାର ଟୋପା ମିଶାଇଣ
ସେବିଲେ ସଞ୍ଜ ସକାଳେ ।
ବାୟୁ ପ୍ରକୁପିତ କମ୍ପଜ୍ୱର, ଶୋଷ,
ମସ୍ତକ ବେଦନା ଆଦ୍ୟ,
ବିନାଶ ହୁଅଇ ରୋଗୀର ଦେହରୁ
ଏହା ନାଶେ ବାତ ବ୍ୟାଧି ।
ପଟୋଳ ମଚର ରସ ଦୁଇ ତୋଳା
ସଙ୍ଗେ ମହୁ ଏକ ମାସା,
ସେବିଲେ ମିଶାଇ ପିତ୍ତଜ୍ୱରେ ଜାଣ
ଟଳଇ ଘୋର ଦୁର୍ଦ୍ଦଶା ।
କ୍ଷେତପାପଡ଼ାର ଦୁଇତୋଳା ଶିଳେ
ଚେଚି ଛଅ ତୋଳା ଜଳେ,
ଡନ୍ଦାଇ ସନ୍ଧ୍ୟାରେ ପିଇଲେ ସକାଳେ
ପିତ୍ତଜ୍ୱର ଦେହୁଁ ମରେ ।
ଚନ୍ଦନର ରସ ଦୁ'ତୋଳା ସର୍ବତ
ମହୁ ଦଶ ବାର ଟୋପା,
ତୋଳାଇ ସେବିଲେ ପିତ୍ତଜ୍ୱର, ଦାହ,
ତୃଷା ନାଶ ହୁଏ ସଫା ।

GPNanda Colln., Digitized by srujanika@gmail.com

ତୁଳସୀ ପତ୍ରର ରସ ଏକ ତୋଳା
ସମ୍ମିତରେ ଦଶ ବାର-
ବନ୍ଦ୍ ମନ୍ତ୍ର ଦେଇ ସେବନ୍ତେ ପ୍ରତ୍ୟହ
କ୍ଷୟ ହୁଏ କଫ ଜ୍ୱର ।
ବାସଙ୍ଗ ପତ୍ରର ରସ ଦୁଇ ତୋଳା
ଖାଇଲେ ମଧୁରେ ଗୋଳି,
ବିନାଶ ହୁଅଇ କଫଜାତ ଜ୍ୱର,
ସର୍ଦ୍ଦି, ଶରୀର ଜ୍ୱର ।
ଅଙ୍କବନ୍ତ ରସ ଦ' ତୋଳା ସମ୍ମିତ
ସେବନ୍ତେ ମଧୁ ଗୋଳାଇ,
କଫ ପ୍ରକୁପିତ ଜ୍ୱର, ଦେହପୀଡ଼ା,
ଶରଦ ଯାଏ ପଳାଇ ।
ପିପ୍ପଳୀର ଚୂର୍ଣ୍ଣ ଆଣି ଏକ ମସା
ମଧୁ ସମ୍ମିତରେ ଗୋଳି,
ସେବନ୍ତେ ପ୍ରତ୍ୟହ କଫଜ୍ୱର କାଶ
ଛାଡ଼ଇ ଯୁହାର ମାଣ ।
ଚମ୍ପକ ଗୁବେଣି କୋଳା ପୋଡ଼ ତିଳ-
ତଇଲେ ବାଟି ଯତନେ,
ସେବନ୍ତେ ପ୍ରତ୍ୟହ ପୁରାତନ ଜ୍ୱର
ଛାଡ଼ଯାଏ ଅଳ୍ପ ଦିନେ ।
କଳାଜୀର ଚୂର୍ଣ୍ଣ, ପୁରାତନ ଗୁଡ଼
ସମାନ ଭାଗରେ ଗୋଳି,
ଦୁଇମସା ମାତ୍ରା ସେବନ୍ତେ ପ୍ରତ୍ୟହ
ଜୀର୍ଣ୍ଣଜ୍ୱର ଯାଏ ଛାଡ଼ି ।

GPNanda Colln., Digitized by srujanika@gmail.com

ହଟେଡ଼ା, ବାହାଡ଼, ଅଏଁଲାର ଚୂର୍ଣ୍ଣ
ଗୋଳ ପୁରାତନ ଗୁଡ଼େ,
ଅଧଚୋଳା ମାଷ ଖାଇଲେ ଦ'ବେଳା
ପୁରାତନ ଜ୍ୱର ଛାଡ଼େ ।
ଭୃଙ୍ଗନିମ୍ବ ରସ ଦ' ତୋଳା ମାଷରେ
ପିଇଲେ ସଞ୍ଜ ସକାଳେ,
ଅତି ପୁରାତନ ଜ୍ୱର, କାଶ, କଣ୍ଡୁ
ବିନାଶ ହୁଅଇ ଖରେ ।
ନିମ୍ବଗଛ କାଠ- ଅଙ୍ଗାର ଦ' ମସା
ବାଟି ଶୀତଳ ଜଳରେ,
ସେବଲେ ପ୍ରତ୍ୟହ ଅତି ପୁରାତନ
ଜ୍ୱର ଦେଉଁ ଅପସରେ ।
ଟଙ୍ଗଶିଉଳିର ପତ୍ରର ରସକୁ
ଦୁଇତୋଳା ପ୍ରତିଦିନ,
ପିଇଲେ ନିଶ୍ଚୟ ପୁରାତନ ଜ୍ୱର
ଛାଡ଼ିଯାଏ ବହୁ ଦିନ ।
ତୁଳସୀ ପତ୍ରର ଦୁଇଟଣ୍ଡା ସଙ୍ଗେ
ଗୋଲମରିଚ ଦ' ଗଣ୍ଡା,
ଚୋବାଇ ଖାଇଲେ ବିଷମ ଜ୍ୱରର
ଭାଙ୍ଗିଯାଏ ମେରୁଦଣ୍ଡା ।

ଦୈବୀ ପ୍ରୟୋଗ

ମହା ମୃତ୍ୟୁଞ୍ଜୟ- ଜପ, ଦେବାର୍ଚ୍ଚନ
ମନ୍ତ୍ର, ଯନ୍ତ୍ର, ହୋମାଦିରେ,

GPNanda Colln., Digitized by srujanika@gmail.com

ବସ୍ତ୍ରଙ୍କର ନାମ- ସହସ୍ର ପଢ଼ିଲେ
ଜ୍ୱର ଛାଡ଼ଇ ସତ୍ୱରେ ।
ସୂର୍ଯ୍ୟ-ଅର୍ଘ୍ୟଦାନ ଜ୍ୱରବଳ ଆଦି
ଶ୍ରୀ ମହେଶ୍ୱର କବଚ,
ପ୍ରୟୋଗରେ ଜ୍ୱର ବିନାଶ ହୁଅଇ
ଧନ କରିବ ଖରଚ ।

ଜ୍ୱରରୋଗେ ପଥ୍ୟ

ଜ୍ୱରର ଆଦ୍ୟରେ ରୋଗୀକୁ ଲଙ୍ଘନ
ଦେବ ବେଳକାଳ ଜାଣି,
ଶୋଷ ହେଉଥିଲେ ପିଉଥିବ ରୋଗୀ
ସିଝିଥିବା ଥଣ୍ଡା ପାଣି ।
ଦ୍ୱିତୀୟ ଦିନରେ ଷଡ଼ଙ୍ଗ ପାଚନ
ଦେବ ଆଠ ଆଠ ତୋଳା,
ତୃତୀୟ ଦିବସେ ସାଗୁ, ବାର୍ଲି, ପେୟା
ପେଇବ ନ କରି ହେଳା ।
ଅତି ଶୋଷ ହେଲେ ସୋଡ଼ା ଜଳ ସଙ୍ଗେ
ମିଶାଇ ବରଫ ଖଣ୍ଡ,
ପେଇବ ରୋଗୀକୁ ଧୈର୍ଯ୍ୟ ଧରି କେବେ
ନ ହୋଇବ ଲଣ୍ଡଭଣ୍ଡ ।
କମଳା, ବେଦାନା, ଅଙ୍ଗୁରର ରସ
ଦେଉଥିବ ଜ୍ୱର ଦେଖି,
ଯେପରି ଦୁର୍ବଳ ନ ହୁଅଇ ରୋଗୀ
ମନ ତାର ଥିବ ଖୁସି ।

GPNanda Colln., Digitized by srujanika@gmail.com

ଛାଡ଼ିଗଲେ ଜ୍ୱର ଦୁଇଦିନ ପରେ
ପୁରୁଣା ଧାନ ଚଉଳ,
ଦୋ'ରଢା କରଣ ସଜନାର ଛୁଇଁ
କଷି ବାଇଗଣ ଫଳ ।
କଦଳୀ, ପଟୋଳ, ହଳଦୀ, ଧଣିଆଁ,
ଗୋଲମରିଚ ଯେ ଜୀରା,
ମିଶାଇ ଏ ସବୁ ତରକାରି କରି
ରୋଗୀ ପଥ୍ୟ ଦେବ ତ୍ୱରା ।
ପୁରୁଣା ଷାଠିଆ ଧାନର ଚଉଳ
ଅଥବା ଶାଳୀ ତଣ୍ଡୁଳ,
କଲରା, ପଟୋଳ, ଅଷାଢ଼ୁଆ ମୂଳା,
କଷି ବାଇଗଣ ଫଳ ।
ସଜନାର ଛୁଇଁ, କାଙ୍କଡ଼, କୋଳଥ,
ବୁଟ, ବଣମୁଗ, ମୁଗ,
କାଣ୍ଟି ଲେଉଟିଆ, ଜୀବନ୍ତି ବଥୁଆ,
ଲୁଣିଲୁଣିଆର ଶାଗ ।
ପାଚିଲ କଇଥ, ଭଇଞ୍ଚ, କୋଳି ଯେ
ଦ୍ରାକ୍ଷା, କାଗଜିର ରସ,
ଲଘୁପାକ ପଥ୍ୟ, ପରିପକ୍ୱ ଫଳ
ଦୋ'ରଢା ଭାତ ସରସ ।
ଅଙ୍ଗୁର, ବେଦାନା, କମଳାର ରସ,
ଛେନାପାଣି, ଘୋଳଦହି,
ମଣ୍ଡର ଜଳ ରୋଗୀ ଦୋଷ ବଳ
ଦେଖି ପଥ୍ୟ ଦେବ ଖଇ ।

GPNanda Colln., Digitized by srujanika@gmail.com

ରୋଗ ବଳ ଦେଖି ଶୀତଳ ଗରମ
ଦେଉଥିବ ରୋଗୀ ପଥ୍ୟ,
ପଥ୍ୟରେ ଯେପରି ନ ବଢ଼ଇ ରୋଗ
ସମର୍ଥିକ କରିବ ଲକ୍ଷ୍ୟ ।

ଜ୍ୱରାତିସାର ଚିକିତ୍ସା

ଜ୍ୱର ରୋଗ ପରେ ହୁଏ ଅତିସାର
କିମ୍ବା ଅତିସାରେ ଜ୍ୱର,
ଆୟୁର୍ବେଦେ ଏହା ଜ୍ୱର-ଅତିସାର
କହିଛନ୍ତି ବିଜ୍ଞବର ।
ଜ୍ୱରାତିସାରରେ ଜ୍ୱର, ଅତିସାର
ଉଭୟ ଔଷଧ ନେଇ,
ଏକତ୍ରିତ କରି ରୋଗୀକୁ କଦାପି
ଖାଇବାକୁ ଦେବ ନାହିଁ ।।
ଜ୍ୱରର ଔଷଧ ବିରେଚକ ଅଟେ,
ଅତିସାର ଅନୁଷଧ.
ଧାରକ ବୋଲାଏ, ଉଭୟ ବିରୋଧୀ
ଏଥି ଅଛି ପରମାଦ ।
ଜ୍ୱରାତିସାରରେ ପ୍ରଥମେ ଲଙ୍ଘନ
ଦେବ ରୋଗୀ ବଳ ଦେଖି,
ତନ୍‌ପରେ ଆମ- ଦୋଷ ପରିପାକ
ଔଷଧ ଦେବ ପରଖି ।
କୃଷ୍ଣପର୍ଣ୍ଣି, ବାଡ଼- ଅଏଳା, ଧଣିଆଁ,
ବେଲଶୁଣ୍ଠା, ମଟେଳାମୂଳ,

GPNanda Colln., Digitized by srujanika@gmail.com

ଶୁଣୀ ପ୍ରତ୍ୟେକର   ମାଞ୍ଜଣା ଦ'ରତି
ନଶଁରେ ଦ'ସେର ଜଳ ।
ଟେକ ସିଝାଇବ   ଅବଧି ମଣଗବଲ
କନାରେ ରଖିବ ଛାଣି,
ପ୍ରସ୍ତୁତ କରିବ   ମାତ୍ରା, ଖଣ୍ଡମଣ୍ଡ,
ନାଲି ଏକ୍ସ ଜଳ ଆଣି ।
ଅଥବା ଉମର   ସୁପିଦ୍ଧ ମମଲ୍-
ଜଳରେ ଡାଳିମ୍ବ ରସ,
ମିଶାଇ ସଧୀରେ   ଆମ୍ବିଳଆ ହେଲେ
ରୋଗୀ କରିପାରେ ଗ୍ରାସ ।
କୁଗ୍ରହସାରରେ   ମଳ ସନ୍ତୃତରେ
ଆମ ଯଦ ପଡ୍ଥାଇ,
ଇନ୍ଦ୍ରଯବ, ମୁଥ ,   ଶଗଲତା, ଶ୍ୱେତ-
ଚାନ୍ଦିଆ, ଟଳୁଚ ନେଇ ।
ଅଜାନଶନ୍ଧି ଯେ   ପ୍ରତ୍ୟେକ ଦରବୁ
ମାଞ୍ଜବା ଦ'ରତି ତୁଳ,
ଛେଚି କୁଟି ସବୁ   ଅଧସେର ଜଳେ
ସିଝାଇବ ଯନ୍ତ୍ରୁ କରି ।
ଶେଷେ ଆଠ ତୋଳା   ରଖିଣ ମାତନ
ପିଇଲେ ସଞ୍ଜ ସକାଳେ,
ଜ୍ୱର ଅତିସାର   ଆମାଶୟ ଦୋଷ
ଅଳପ ଦିନେ ସଂହରେ ।

GPNanda Colln., Digitized by srujanika@gmail.com

ହ୍ରୀବେରାଦି କ୍ୱାଥ

କୁଡୁଚବକଲ, ମୁଥା, ଅଭୁପୀ, ଧଣିଆଁ,
ଶୁଣ୍ଠୀ, ବେଲଶୁଣ୍ଠା ପ୍ରତ୍ତ-
ଦରବୁଁ ଚାଅଣା ଦ୍ୱଇରତ ଅଧ-
ସେର ଜଳେ ସିଝିବନ୍ତି ।
ଶେଷେ ରଖି ଆଠ ତୋଳା ପାନ କଲେ
ଘୁଣି ଜ୍ୱର ଅତିସାର,
ମଳ ଚକ ଚକ ଆମ ଦୋଷ, ଶୂଳ
ଭଲ ହୁଅଇ ଚଞ୍ଚଳ ।

ଉଶୀରାଦ୍ୟ କ୍ୱାଥ

ବେଣାଚେର, ମୁଥା, କୁଡ଼ଚବଲ, ଶୁଣ୍ଠୀ
ଧଣିଆଁ, କରବାମୂଳ,
ଧାତୁକୀର ଫୁଲ, ଲୋଧ, ବେଲଶୁଣ୍ଠା
ନକତି ଧରଣ ତୁଳ ।
ପ୍ରତ୍ୟେକ ମସଲା ତିନ ଅଣା ତିନ
ରତିରେ ଓଜନ କରି,
ଅଧସେର ଜଳେ ସିଝାଇ ଶେଷରେ
ରଖ ଅଠ ତୋଳା ବାରି ।
ଏହି ପାଚନକୁ ପାନ କଲେ ରୋଗୀ
ଜ୍ୱର-ରକ୍ତ-ଅତିସାର,
ଉଦର ବେଦନା, ପେଟ କାମୁଡ଼ିବା
ଭଲ ହୁଅଇ ସତ୍ୱର ।

GPNanda Colln., Digitized by srujanika@gmail.com

ଗୁଡୂଚ୍ୟାଦି କ୍ୱାଥ

ଗୁଡୂଚି, ଅଡ଼ୁସୀ, ବେଲଶୁଣ୍ଠା, ଶୁଣ୍ଠି,
ଚିରାଇତା, କୁରୁବେଲ,
ବେଣାଚେର, ମୁଥା, ଧଣିଆଁ ସହିତ
ପିତା କୋରୁଆଁର ଛେଲି ।
ରକ୍ତଚନ୍ଦନ ଅକାନବିନ୍ଧା ଯେ
ପଦ୍ମକାଠ ପ୍ରଭୃତି ଦ୍ରବ୍ୟ,
ଦୁ' ଅଣା ଦୁ'ରତି ଆଣିଣ ବତିଶ-
ତୋଳା ଜଳେ ସିଝାଇବ ।
ଆଠତୋଳା ଶେଷେ ରଖିଣ ପାଚନ
ଏହାକୁ କଲେ ସେବନ,
ଜ୍ୱର-ଅତିସାର, ରକ୍ତ-ଆମାଶୟ
ହୁଅଇ ଶୀଘ୍ର ନିଧନ ।
ଏଥିରେ ଅରୁଚି, ବାନ୍ତି, ତୃଷା ଦାହ,
ବମନ ବେଗ ଶମଇ,
ଏହା ସିଦ୍ଧଯୋଗ ବୋଲି ବୈଦ୍ୟସଂଘ
ସର୍ବେବଳେ ପ୍ରଶଂସଇ ।

ନାଗରାଦି କ୍ୱାଥ

ଶୁଣ୍ଠି, ଚିରାଇତା, ଇନ୍ଦ୍ରଯବ, ମୁଥା,
ଅଡ଼ୁସୀ, ଗୁଳୁଚି ପ୍ରଭୃ-
ଦରବରୁ ପାଞ୍ଚ- ଅଣା ଦୁଇରତି
ତୁଳିବ ଧରି ନିକିତି ।

GPNanda Colln., Digitized by srujanika@gmail.com

ଅଧସେର ଜଳେ ସିଝାଇ ଯତନେ
ଆଠ ତୋଳା ରଖି ଜଳ,
ପାନ କଲେ ଏହା ସକାଳ ସନ୍ଧ୍ୟାରେ
ଆମାଶୟ ଭୟଙ୍କର ।
ଜ୍ୱର-ଅତିସାର, ମଳଦ୍ୱାର ଦାହ
ତୃଷାଦି ଯାଏ ପଳାଇ ।
ରୋଗୀର ଚିକିତ୍ସା ଅତ ଗ୍ରନ୍ଥର
ସହଜ ଭାବବ ନାହିଁ ।

ଚୂର୍ଣ୍ଣ ପ୍ରୟୋଗ

ଉତ୍ପଳାଦି ଚୂର୍ଣ୍ଣ

ନୀଳକଇଁ ଫୁଲ, ପଦ୍ମର କେଶର,
ଡାଳିମ୍ବ ଫଳର ଚୋପା,
ପ୍ରତ୍ୟେକ ଦରବ ଏକ ତୋଳା ଆଣି
ଚୂର୍ଣ୍ଣ ଛାଣିଦେବ ସଫା ।
ପିଉଳ ଓଜନ ଅନ୍ତୁଆ ଚାଉଳ
ଧୂଆ ପାଣିରେ ସେବିଲେ,
ର-ଅତିସାର ଉପସର୍ଗ ସହ
ବିନାଶ ହୁଏ ସତ୍ୱରେ ।

ବ୍ୟୋଷାଦି ଚୂର୍ଣ୍ଣ

ପିପ୍ପଳୀ, ମରିଚ, ଶୁଣ୍ଠି, ଚିରାଇତା,
ଇନ୍ଦ୍ରଯବ, ନିମ୍ବଛେଲି,

GPNanda Colln., Digitized by srujanika@gmail.com

ଭୃଙ୍ଗରାଜ, ଚିତା- ମୂଳ ତେଜ ବନ୍ଧୁକ,
ଅକାଳବୃଦ୍ଧି ଆହୃତ;
ତୁଳସୀ ସହିତ ଦାରୁହଳଦ ଯେ
ପ୍ରତ୍ୟେକରୁ ଏକ ତୋଳା,
ପିତାକୋରୁଆଁର ମୂଳ ଛେଲ ତହିଁ
ଚାର ତୋଳା କର ମେଳା ।
ଏ ସକଳ ଦ୍ରବ୍ୟ ଖରାରେ ଶୁଖାଇ
ଉତ୍ତମ ରୂପେ ଚୂର୍ଣ୍ଣ,
କନା ମଧ୍ୟେ ଛାଣି ସ୍ୱମାତ୍ରର ରଖି
ଜ୍ୱର ଅବସାରେ ଦେବ ।
ପିତ୍ତଳ ଭଜନ ରକ୍ତ ସବ ମଧୁ
ମସାଏ ଗୋଳାଇ ଖବା,
ଦ'ତୋଳା ଗୁଡ଼ୁଚ- ଧୂଆଁ ଜଳେ ଦେଲେ
ରୋଗ ଯିବ ତାକୁ ବାବା ।
ଏହି ଔଷଧଟି ଆମ ପରୀକ୍ଷିତ
ତରଳ ମଳ-ରୋଧକ,
ତୃଷା ଦାହ ରୋଗ ହରଇ ସତ୍ୱରେ
ପ୍ରତ୍ୟକ୍ଷ ଫଳ ଦାୟକ ।

ବୃହତ୍ କୁଟଜାବଲେହ

ଚଉଷଠୀ ତୋଳା ସେରରେ ଓଜନ
ପିତାକୋରୁଆଁର ଛେଲ,
ବାର ସେର ଅଧେ ଡିବିରେ କୁଟିଣ
ଠିକ ଠିକ ନେବ କର ।

GPNanda Colln., Digitized by srujanika@gmail.com

ଚଉଷଠୀ ମେର   ଜଳରେ ସିଝାଇ
ଖୋଳ କେମର ଅବଶେଷ,
ମେଥି ମେଣ୍ଢ କ୍ୱାଥ   କଳ କେ ଗ୍ରହିବ
ନ ରହେ ସେବନ୍ତେ କଷ୍ଟ ।
ତା'ମଧ୍ୟରେ ରନ   ଦୁଇ ମେଳ ଅଫ୍ୟ
ଦେଇ କଅାଁରେ ବସାଇ,
ଫାଣି ମରଯାଇ   ଲେହ ପରି ହେଲେ
ଦେବ ରକ୍ତ୍ର ଉନ୍ମାଦ ।
ଝଣ୍ଡା ହୋଇଲେ   ଅକାନବନ୍ଧର
ମୂଳ, ମୁଥା, ବେଲଶୁଣ୍ଠା,
କରବା ଯେ ଧାଇ-   ଫୁଲ, ମୋଚରସ,
ଅତୁସୀ, ଧଣିଆଁ ଗୋଟା ।
ଡାଳମ୍ବ ଫଳର   ଚୋପା, ବେଣାଚେର,
କୁରୁବେଲ, ଶାଳ ଝୁଣା,
ଲୋଧ, ରସାଞ୍ଜନ,   ପ୍ରତ୍ୟେକ ଦ୍ରବ୍ୟକୁ
ଦୁଇ ତୋଳା ପ୍ରମାଣ ନେନା ।
ଲେହରେ ପକାଇ   ତିନି ଶେଷ ତୋଳା
ମହୁ ଦେଇ ଗୋଳାଇବ,
ଉତ୍ତମ ପାତ୍ରରେ   ରଖି ସେ ଲେହକୁ
ଏକ ତୋଳାରେ ଖାଇବ ।
ସକାଳ ସନ୍ଧ୍ୟାରେ   ଅଣ୍ଡାଜଳେ ଗୋଳି
ଜ୍ୱରଅତିସାର ଏ ନାଶେ,
ରକ୍ତ-ଅତିସାର   ପେଟର ବେଦନା
ପୁଣି ଅଗ୍ନିମାନ୍ଦ୍ୟ ଧ୍ୱଂସେ ।

—o—

GPNanda Colln., Digitized by srujanika@gmail.com

ବଟିକା ପ୍ରୟୋଗ

ଆନନ୍ଦଭୈରବ ବଟି

ଶୋଧିତ ହିଙ୍ଗୁଳ, ମହୁରୀ, ପିମ୍ପଳୀ,
ଶୁଣ୍ଠୀ, ମରିଚକ ସଙ୍ଗେ,
ଟାଙ୍ଗଣାର ଖଇ, ଗନ୍ଧକ ପ୍ରତେ୍ୟକୁ
ଆଣିବ ସିଜନ ଭାଗେ ।
ହେଷ ରସେମ କନ୍ୟା କାଟେଜ ରସରେ
ଦୁଇ ପ୍ରହର ଖଲେବ,
ଏକରତ୍ତି ମାତ୍ରା କରି ଦୁଇ ତୋଳା
ମୁଥା ରସରେ ଖାଇବ ।
ଅଥବା ଲବଙ୍ଗ, ଭଜାଜୀରା ଚୂର୍ଣ୍ଣ
ଜାଇପତ୍ରୀ ପ୍ରତ୍ୟେକରୁ,
ଗୁଡ଼ ରତ୍ତି ଆଣି ଜଳରେ ବାଟିଣ
ତାହା ସଙ୍ଗେ ବଟିକାରୁ ।
ଗୋଟିଏ ମିଶାଇ ସକାଳ ସନ୍ଧ୍ୟାରେ
ପାନ କରେ ଯେବେ ରୋଗୀ,
ଜ୍ୱର ଅତିସାର ନିବୃତ୍ତ ହୁଅଇ
କହିଛନ୍ତି ସିଦ୍ଧ ଯୋଗୀ ।

ମୃତସଞ୍ଜୀବନୀ ବଟି

ପିପ୍ପଳୀ, ମହୁରୀ ଏକ ତୋଳା କରି,
ହିଙ୍ଗୁଳ ସେ ଦୁଇତୋଳା,

GPNanda Colln., Digitized by srujanika@gmail.com

ଲେମ୍ବୁରସେ ମର୍ଦ୍ଦି ମୁନାମଞ୍ଜି ପରି
ବଟିକା ହେବ ଭଲା ।
ଶୀତଳ ଜଳରେ ଏକ ଏକ ଘୋରି
ଭକ୍ଷିଲେ ସଞ୍ଜ ସକାଳେ,
ଜ୍ୱର-ଅତିସାର, ବିସୂଚିକା ରୋଗ,
ସନ୍ନିପାତ ନାଶେ ହେବେ ।

କନକସୁନ୍ଦର ବଟି

ହିଙ୍ଗୁଳ, ମରିଚ, ଗନ୍ଧକ, ପିପ୍ପଳୀ,
ଟଙ୍କଣା ଖଇ, ମହୁରା,
ଧୂତୁରାର ମଞ୍ଜି ପ୍ରତ୍ୟେକ ସମାନ
ଘୃତଅଣା ତୁଳ ଖାଇ ।
ଏ ସମସ୍ତ ଦ୍ରବ୍ୟ ଗୁଣ୍ଡାଇ କ୍ୱାଥରେ
ମରଦ ଗୋଟିଏ ଦିନ,
ଚଣା ପରିମାଣ ବଟିକା କରିବ
ଯେପରି ହୁଏ ସମାନ ।
ଅଧସେର ଜଳେ ଦ'ତୋଳା ଗଣ୍ଡାଇ
ସିଝାଇବ ମନ୍ଦ ଜାଳେ,
ଆଠ ତୋଳା ଜଳ ଅବଶେଷ ରଖି
ପ୍ରଯୋଗିବ ବଟିକାରେ ।
ଦୁଇ ତୋଳା ମୁଥା- ରସେ କମ୍ପା ଭଜା-
ଜୀର ଚୂର୍ଣ୍ଣ ଏକ ମସା,
ଦଶ ବାର ଗୋଟା ମହୁ ସହିତରେ
ସେବିଲେ ରୋଗୀ ନିହସା ।

GPNanda Colln., Digitized by srujanika@gmail.com

ଜ୍ୱର-ଅତିସାର, ଗ୍ରହଣୀ ଆଦିର
ଅଗ୍ନିମାନ୍ଦ୍ୟାଦି ସହିତରେ,
ସନ୍ନିପାତ ଜ୍ୱରେ ଅତିସାର ଥିଲେ
ଏହାକୁ ଦେବ ସତ୍ୱରେ ।
ପେସ୍ତା ସହିତରେ ସଜ ଘୋଳ ଦହି
ମିଶାଇ ରୋଗୀକୁ ଦେବ,
କ୍ଷୁଧା ହେଉଥିଲେ ଭାତ ମଣ୍ଡ ସଙ୍ଗେ
ଘୋଳ ଦହି ମିଶାଇବ ।

ପ୍ରାଣେଶ୍ୱର ବଟି

ପାରଦ, ଗନ୍ଧକ, ଟାଙ୍ଗଣାର ଖଇ,
ଅଭ୍ରଭସ୍ମ, ଧଳାଜୀରା,
ଯଉଠ, ଜୁଆଣୀ ଓଜନ କରିବ
ପ୍ରତ୍ୟେକରୁ ଅଧ ତୋଳା ।
ଯବକ୍ଷାର, ହିଙ୍ଗୁ, ପଞ୍ଚଲବଣ ଯେ,
ଇନ୍ଦ୍ରଯବ, ଶାଳଝୁଣା,
ଧଳାଚିତା ମୂଳ, ବଡ଼ଙ୍ଗ ଆଦିବ
ପ୍ରତ୍ୟେକରୁ ଚୂରିଅଣା ।
ଏ ସବୁ ଜଳରେ ମରନ୍ଧ ବଟିକା
ତିନିରତି ମାତ୍ରା କରି,
ଜଳ ସହିତରେ ପାନ କଲେ ଯାଏ
ଜ୍ୱର-ଅତିସାର ମରି ।

GPNanda Colln., Digitized by srujanika@gmail.com

ଧ୍ୱଜ ପ୍ରାଣେଶ୍ୱର ବଟି

ପାରଦ, ଗନ୍ଧକ, ଅଭ୍ର ପ୍ରତ୍ୟେକରୁ
ଓଜନରେ ଗୃହି ମସା,
ସାଚିକ୍ଷାର, ଯବ- କ୍ଷାର ଇନ୍ଦ୍ରଯବ,
ଟାଙ୍ଗଣା ଖଇ ସରସା;
ତ୍ରିଫଳା, ତ୍ରିକଟୁ, ପଞ୍ଚଲବଣ ଯେ
ଚିତାମୂଳ, କଳାଜୀର,
ଜୁଆଣି, ବିଡ଼ଙ୍ଗ, ସଜପ ଯେ ହିଙ୍ଗୁ
ଆଣି ତା ସାଙ୍ଗକୁ ଜୀର।
ପ୍ରତ୍ୟେକୁ ମସାଏ ଆଣି ସବୁ ଦ୍ରବ୍ୟ
ଜଳରେ ମର୍ଦ୍ଦନ କରି,
ଦୁଇ ରତି ମାନ ବଟିକା, ଦ'ତୋଳା
ପାନରସେ ଦେବ ଗୋଳ।
ଔଷଧ ସେବନ ପରେ ଗୃହିତୋଳା
ଗରମ ଜଳ ପିଇବ,
ଏହି ଔଷଧରେ ଜ୍ୱର-ଅତିସାର
ଗ୍ରହଣୀ ପଳାଇଯିବ।
ପଚଣାମଣ୍ଡଳ, ପେଟର ବିକାର
ରକ୍ତ ଅମାଶୟ ରୋଗ,
ଅଳପ ଦିନରେ ବିନାଶ ଲଭଇ
କରନ୍ତେ ଏହା ପ୍ରୟୋଗ।

—o—

GPNanda Colln., Digitized by srujanika@gmail.com

ଅତିସାର ଚିକିତ୍ସା

ଲକ୍ଷଣ

(ରାଗ—ରାମକେରୀ)

ଖାଇବା ଦରବ ଦୋଷରେ ଜୀର୍ଣ୍ଣ ନ ହେଲେ ନିତ୍ୟ,
ଅତିସାର ରୋଗ ହୁଅଇ ଏହା କହୁଛି ସତ୍ୟ ।
ନାନା ବର୍ଣ୍ଣ ମଳ ବାହାରେ ରୋଗୀ ପେଟରେ ପୀଡ଼ା,
ଜନମଇ ଆମ ବଳତ ପଡ଼େ ମଳରେ ଥୋଡ଼ା ।
ତଳ ପେଟ କାଟି ହୁଅଇ ମଳ ଦ୍ୱାରେ ବେଦନା,
ପେଟେ ଘଡ଼୍ ଘଡ଼୍ ଶବଦ ହେଉଥାଏଟି ସିନା ।

ଚିକିତ୍ସା

ଶୁଣ ହେ ସକଳ ବାଳକେ ଅତିସାର ଚିକିତ୍ସା,
ପ୍ରଥମେ ଦେଖିବ ମଳର ଆମପକ୍ୱ ଅବସ୍ଥା ।
ଆମ ଅତିସାରେ ମଳକୁ ଜଳେ ଦେଲେ ପକାଇ,
ମଳ ବୁଡ଼ିଯାଏ ଜଳରେ ରଖିଥିବ ତକାଇ ।
ପକ୍ୱ ଅତିସାର ମଳଟି ଜଳ ଉପରେ ଭାସଇ,
ପ୍ରଥମରେ ରୋଗ ପରଖି ଦେବ ଔଷଧ ନେଇ ।
ଆମ ଅତିସାରେ ହେଉଥିବ ଗୁଡ଼୍ ଗୁଡ଼୍ ଶବଦ,
ଅଳପ ଅଳପ ପ୍ରକାରେ ରୋଗୀ ମଳ ଦୁର୍ଗନ୍ଧ ।
କଫ ଅତିସାରେ ମଳର ପରିପାକ ହୋଇଲେ,
ଜଳରେ ନଭାସି ବୁଡ଼ଇ କଫ ଗନ୍ଧ ଭରରେ ।
ଆମ ଅବସ୍ଥାରେ ରୋଗୀକୁ ଦେଖି ଦେବ ଲଙ୍ଘନ,
ଦୋଷ-ମଳ-ପରିପାଚକ ଅଉଷଧ ପ୍ରଦାନ ।
ବଳବାନ ରୋଗୀ ପକ୍ଷରେ ସଦ୍ୟ ଲଙ୍ଘନ ଦରି,
ଅଉଷଧ ନାହିଁ ଜଟନ୍ତେ ଶାସ୍ତ୍ରେ ପ୍ରମାଣ ଭୂରି ।

GPNanda Colln., Digitized by srujanika@gmail.com

ଆମ ଅତିସାରେ ଯଦ୍ୟପି ବନ୍ଧ ଦସ୍ତ ହୁଅଇ,
ରୋଗୀକି ଧାରକ ଔଷଧ ଦେବ ଚଞ୍ଚଳ ନେଇ ।
ବନ୍ଧ ହସ୍ତ ହେଲେ ରୋଗୀର ନାଡ଼ୀ ଯିବନି ଛାଡ଼ି,
ଅଉଷଧ ଦେବ କାହାକୁ ସନ୍ତନରେ ସନ୍ତାଡ଼ି ।
ଅତିସାରେ ଶୋଷେ ଯଦ୍ୟପି ଜଳ ହୁଅଇ ଲୋଡ଼ା,
କୁହୁବେଲ, ଶୁଣ୍ଠୀ ଅଥବା ମୁଥା, କ୍ଷେତପାପଡ଼ା ।
କମ୍ବା କୁହୁବେଲ, ମୁଥା କୁ ଜଳେ ସିଝାଇ କରି,
ଅଳ୍ପ ଅଳ୍ପ ଦେବ ସଧୀରେ ରୋଗୀ ମନକୁ ଧରି ।
ପ୍ରତି ଦରବରୁ ତୋଳାଏ ଚାରି ସେର ଜଳରେ,
ସିଝାଇ ଦୁ'ସେର ରଖିବ ମନ୍ଦ ମନ୍ଦ ଜାଳରେ ।
ଶାଳପର୍ଣ୍ଣୀ, ବନ୍ତମୂଳୀ ଯେ ବେଲଶୁଣ୍ଠା ପନ୍ନାଚ,
କୃଷ୍ଣପର୍ଣ୍ଣୀ ପ୍ରତି ଦରବ ଅଧତୋଳା ମିଶ୍ରିତ ।
କରି ଚାରି ସେର ଜଳରେ ଯେ ସକଳ ସିଝାଇ,
ଅଧେ ମରିଗଲେ ଜଳକୁ ଘଣ୍ଟେ ନେବ ଓହ୍ଲାଇ ।
ସେହି ସିଦ୍ଧ ଜଳେ କରିବ ଖଇ ମଣ୍ଡ କ ବାର୍ଲି,
ସାଗୁ ଚେପ୍ପା ଆଦି ସୁପଥ୍ୟ ରୋଗୀ ବଳକୁ ଭଲ ।

ଧାନ୍ୟପଞ୍ଚକ

ବେଲ ଶୁଣ୍ଠା, ଶୁଣ୍ଠୀ, ଧଣିଆଁ, ମୁଥା ଯେ କୁହୁବେଲ,
ପ୍ରତ୍ୟେକ ଦରବ ଚଅଣା ଦୁଇ ରତିରେ ଭୁଲ ।
ଚାରି ସେର ଜଳେ ସିଝାଇ ଅଧେ ଜଳ ମରିଲେ,
ପଥ୍ୟ ରନ୍ଧ ସେହି ଜଳରେ ଦେବ ରୋଗୀ ମୁଖରେ ।
କୁହୁବେଲ, ଶୁଣ୍ଠୀ, ଧଣିଆଁ, ବେଲଶୁଣ୍ଠା ଯେ ମୁଥା,
ଚଅଣା ଦୁ'ରତି ପ୍ରତ୍ୟେକୁ ଭୁଲ ନେବ ପୁଣ ତା' ।
ମେ ମବୁ ସିଝାଅ ବତିଶ- ତୋଳା ଜଳରେ ନେଇ,

GPNanda Colln., Digitized by srujanika@gmail.com

ଅଠ ତୋଳା ଜଳ ରଖିଣ ବେଗେ ଭଅ ଓହ୍ଲାଇ ।
ଏହା ଜଷୋଦ୍କୁ ସେବନେ ଅତିସାର ବିନାଶେ,
ଅମ ପରିପାକ ହୁଅନ୍ତି ଅଗ୍ନିମାନ୍ଦ୍ୟକୁ ଧ୍ୱଂସେ ।
ରକ୍ତ ଅତିସାରେ ଏଥିରୁ ଶୁଣ୍ଠୀ କେବଳ ବାଦ ଦେଇ
ଅନ୍ୟାନ୍ୟ ସମସ୍ତ ମସଲା ପଚ୍ଛେ ଦେବ ସଜାଡ଼ି ।

କଞ୍ଚଟାଦ୍ୟ କ୍ୱାଥ

କଞ୍ଚନ, ଡାଳିମ୍ବ, ଜାମୁ ସେ ଶିଙ୍ଗଡ଼ାର ପତ୍ର,
କୁରବେଲ, ମୁଥା, ଶୁଣ୍ଠୀ ତ ପ୍ରତି ଦରବୁ ଜୁଳ ।
ତିନ ଅଣା ଧୂଳ ଓଜନରେ, ଅଧ ସେର ଜଳରେ,
ସିଝାଇ ଶେଷରେ ପ ତନ ରଖ ଆଠ ତୋଳାରେ ।
ପାନ କଲେ ଏହା କ୍ୱାଥ ଅତିସାର ସକଳ,
ଲଭଇ ବିନାଶ ରୋଗୀର ଆମାଶୟ ବିକାର ।

କୁଟଜାଦ୍ୟ କ୍ୱାଥ

ଇନ୍ଦ୍ରଯବ, ମୁଥା, ଲୋଧ ସେ ପକ୍ୱ ଡାଳିମ୍ବ ଖୋପ,
ଧାଇ ଫୁଲ, କୁରୁଚବଳିଟି ବେଲଶୁଣ୍ଠୀ ଖୋଳପା ।
ରକ୍ତଚନ୍ଦନ, ଅକାନ- ବିନ୍ଧ ପ୍ରତି ଦରବ,
ତିନଅଣା ଧୂଳ ଓଜନର ନିକିତିରେ ଜୁଳବ ।
ଅଧସେର ଜଳେ ସିଝାଇ ରଖି ଆଠୋଟି ତୋଳା,
ଏହି ମସା ମଧୁ ପକାଞ୍ଚି ସେବା କଲେ ଦୁ'ବେଳା ।
ଆମ ଅତିସାର ପେଟର ଶୂଳ ରକ୍ତ ପଡ଼ିବା,
ବିନାଶ ହୁଅଇ ମଳର ଚକ ଚକ ଝଡ଼ିବା ।

ପଥ୍ୟାଦ୍ୟ କ୍ୱାଥ

ହରିଡ଼ାର ଖୋପ, ଅତୁସୀ, ଦେବଦାରୁ ସେ ବଚ,
ତହିଁ ଶୁଣ୍ଠୀ ମୁଥା, ମିଶାଇ ପ୍ରତି ଦରବ ସ୍ୱଚ୍ଛ ।

GPNanda Colln., Digitized by srujanika@gmail.com

ପାଞ୍ଚଗୋ ଦ'ରଣ ଓଜନେ ଅଧ ସେର ଜଳରେ,
ସିଝାଇ ଶେଷରେ ରଖିବ ଆଠ ତୋଳା ବଧିରେ ।
ସେବନ୍ତେ ଏ କ୍ୱାଥ ଦ୍ୱି ବେଳା ଆମାଶୟ ବେଦନା,
ପେଟ କାଟି ଆମ ପଡ଼ିବା ନାଶ ହୁଅଇ ସିନା ।

ଶୁଣ୍ଠ୍ୟାଦି ଚୂର୍ଣ୍ଣ

ଶୁଣ୍ଠୀ, ଇନ୍ଦ୍ରଯବ, ଅତୁସୀ, ଶୁଦ୍ଧ ହିଙ୍ଗୁ, ଦେଇ ମୁଥା,
ଧଳାଶତା ପ୍ରତି ଦରବ୍ୟୁଁ ନେଇ ଏକ ତୋଳା ତା ।
ଖଲରେ ଶୁଖାଇ ଯତନେ ସବୁ ଚୂର୍ଣ୍ଣ ଗୁଣିବ,
ଦୁଇଅଣା ମାତ୍ରା ଚ ତୋଳା ଉଷ୍ଣ ଜଳେ ଖାଇବ ।
ଏହାଦ୍ୱାରା ଆମାଶୟର ଦୋଷ ନିବୃତ୍ତି ହୁଏ,
ଆଉ ଅତିସାର ଉଦର- ପୀଡ଼ା ବିନାଶ ପାଏ ।

ବାତାତିସାରେ ପଥ୍ୟାଦି କ୍ୱାଥ

ହରିଡ଼ାର ଫଳ, ଗୁଳୁଚି, ଦେବଦାରୁ, ଅତୁସୀ,
ବଚ, ଶୁଣ୍ଠୀ, ମୁଥା ପ୍ରତେକ୍ୟକୁଁ ଛଅଣା ଦ'ରଣ,
ଅଧସେର ଜଳେ ସିଝାଇ ଶେଷେ ଅଢୋଇ ତୋଳା ।
ରକ୍ଷି ସବୁ କଳା ମଧ୍ୟରେ ଗୁଣି ନେଇ ଦ୍ୱି ବେଳା
ଏହି କଷାୟକୁ ସେବନ୍ତେ ବାତଜାତାତିସାର,
ବିନାଶ ହୁଅଇ ସହଜେ ଯେଣୁ ଏ ଉପଯୁକ୍ତର ।

ବଚାଦି କ୍ୱାଥ

ବଚ, ଇନ୍ଦ୍ରଯବ, ଅତୁସୀ, ମୁଥା ପ୍ରତି ଦରବ,
ଅଧିକ ଓଜନେ ତଉଲ ସବୁ ଖଣ୍ଡା କରିବ ।
ସିଝାଇବ ନେଇ ସେ ସବୁ ଅଧ ସେର ଜଳରେ,
ଶେଷ ଆଠ ତୋଳା ରଖିବ ଗୁଣି ସବୁ କଦାଚେ ।

GPNanda Colln., Digitized by srujanika@gmail.com

ଏହି ପିତ୍ତ କ୍ୱାଥ ପିଇଲେ ବାୟୁ ପ୍ରକୋପ ଜାତ,
ଅତିସାର ଭଲ ହୁଅଇ ଏହି ବଚନ ସତ ।

ପିତ୍ତାତିସାରେ ବଲ୍ୱାଦ୍ୟ କ୍ୱାଥ

ବେଲଶୁଣ୍ଠା, ମୁଥା, ଅଁଳୁସୀ, ପିତାକୋରୁଆ ମଞ୍ଜି,
ଚନ୍ଦନ ସଙ୍ଗେ କୁରୁଚକୋଳ ଦେବ ଯତନେ ଖଞ୍ଜି ।
ପ୍ରତ୍ୟେକରୁ ଛଅଣା ଦ'ରତି ଆଣି ଛେଚ ଶିଳରେ,
ଅଧସେର ଜଳେ ସିଝାଇ ଦିଅ ଆଠ ତେ ଲାରେ ।
ଏହାକୁ ସେବଲେ ଦ୍ୱ'ବେଳା ପିତ୍ତଜାତାତିସାର,
ଅଚଳଳେ ଭଲ ହୁଅଇ ସୁଖ ହଏ ଅପାର ।

କଟ୍‌ଫଳାଦି କ୍ୱାଥ

କଟ୍‌ଫଳ, ଅଳୁସୀ, ପାକଳ କୋରଇ ମଞ୍ଜି, ଶୁଣ୍ଠୀ,
ମୁଥା ପ୍ରତ୍ୟେକରୁ ତୁଳବ ଛଅଅଣା ଦ' ରତି ।
ସିଝାଇବ ନେଇ ସେ ସବୁ ଅଧ ସେର ଜଳରେ;
ମୋଟେ ଆଠ ତୋ ଲା ରଖିବ ଜଳ ସବୁ ଶେଷରେ ।
ପାନ କଲେ ରୋଗୀ ଏହାକୁ ପିତ୍ତ ପ୍ରକୋପ ଜାତ,
ଅତିସ ର ଭଲ ହୁଅଇ ଏହା କହୁଛି ସତ ।

ଅତିବିଷାଦ୍ୟ ଚୂର୍ଣ୍ଣ

ଅଳୁସୀ ସହିତ କୋରଇ- ଛେଲ ସେ ଇନ୍ଦ୍ରଯବ,
ପ୍ରତ୍ୟେକରୁ ଦୁଇ ତୋଳା ଯେ ସକୁ ଚୂର୍ଣ୍ଣ କରିବ ।
ମଯାଏ ମାତ୍ରାରେ ଯେ ଚୂର୍ଣ୍ଣ ମହୁ ମସାକେ ଗୋଳ,
ଚାଟି ଖାଅ ଏହି ଔଷଧ ବସ୍ତୁ ସ୍ତର ଦ' ଓଳ ।
ଔଷଧ ସେବନ ଉତ୍ତାରୁ ଧୂଆ ପାଣି ପିଇବ,
ପିତ୍ତ-ଅତିସାର ଏଥିରେ ନଷ୍ଟ ହୋଇଯିବ ।

GPNanda Colln., Digitized by srujanika@gmail.com

ମଧୁକାଦି ଚୂର୍ଣ୍ଣ

ଯଷ୍ଟିମଧୁ, ଲୋଧ, କଟ୍‌ଫଳ, କଷି ଡାଳିମ୍ବ ଫଳ,
ଦାଡ଼ିମ୍ବଚକ୍ରର ଚୋପା ଯେ ନୋଟକ ନେଲଖାଏଁ ତୁଲ ।
ଏସବୁ ମସଲା ନେଇଣ ଚୂର୍ଣ୍ଣ କରି ଯତନେ,
ସକାଳ ସନ୍ଧ୍ୟାରେ ସେବିବ ଏକ ମସା ଓଜନେ ।
ମସାଏ ମହୁରେ ସେବିଣ ଡ଼ଆ ଗୁଣ୍ଡଳ ଜଳ,
ତହିଁ ପରେ ପିଇ ଦେବଟି ପାଞ୍ଚ ତୋଳା ମାତର ।
ପିତ୍ତ ଅତିସାର ଏଥିରେ ଭଲ ହୁଅଇ ଜାଣ,
ଏହି ଔଷଧ ରୋଗୀର ଅଟେ ସୁଧା ସମାନ ।

ଶ୍ଳେଷ୍ମାତିସାରେ ପଥ୍ୟାଦି କ୍ୱାଥ

ହରିତକୀ, ମୁଥା, କଟୁକୀ, ଧନାଚନ୍ଦ ର ମୂଳ,
ଇନ୍ଦ୍ରଯବ, ଶୁଣ୍ଠୀ, ଅଜାନ- ଗନ୍ଧି, ବଚକୁ ଧର ।
ପ୍ରତ୍ୟେକ ମସଲା ଆଣିବ ଦୁଇ ମସା ଓଜନେ,
ଅଧସେର ଜଳେ ଏହାକୁ ସିଝାଇବ ଯତନେ ।
ଜଳ ଅବଶେଷ ରହିବ ଆଠ ଭରି ପରେ,
ଶ୍ଳେଷ୍ମ-ଅତିସାରେ ପିଇବ ନିତ୍ୟ ପ୍ରଭୁ ସୁମରି ।
ଏ ସବୁ ମସଲା ଜଳରେ ବାଟି ଅତି ଚିକ୍କଣେ,
ସମଭାଗେ ବଟି ବନାଇବ ଷୋଳଗୋଟି ଯତନେ ।
ସୁଶୀତଳ ଜଳେ ସେବିଲେ ଏଥୁଁ ଗୋଟିଏ କରି,
ଶ୍ଳେଷ୍ମ-ଅତିସାର ସତ୍ୱର ଦେହୁଁ ଯାଏ ବାହାରି ।

ଚବ୍ୟାଦି କ୍ୱାଥ

ସୁଇଁକାଠ, କୁଡ଼, ଅତୁସୀ, ବେଲଶୁଣ୍ଠା, ହରଡ଼ା,
ଇନ୍ଦ୍ରଯବ, ପିତାକୋରୁଆଁ- ଛେଲି, ମୁଥା ସେ ଲୋଡ଼ା ।

GPNanda Colln., Digitized by srujanika@gmail.com

ପ୍ରତି ଦ୍ରବ୍ୟ ଦୁଇ ମସାରେ ଅଧସେର ଜଳରେ,
ସିଝାଇ ରଖିବ ଶେଷରେ କ୍ୱାଥ ଆଠ ତୋଳାରେ
ଏହାକୁ ସେବିଲେ କଫଜ ଅତିସାର ବଧନ,
ହୋଇଯାଏ ଅମରକନ୍ତ ଅଳ୍ପ ଦିନରେ ପୁଣ ।

ପଥ୍ୟାଦି ଚୂର୍ଣ୍ଣ

ହରତକୀ, ବଚ, କଟ୍‌ଫଳ, କୁଡ଼ି, ଚିତାର ମୂଳ,
ଅଜାନବନ୍ଧିର ପତ୍ରର ଏକ ତୋଳାରେ ତୁଳ ।
କୁଟି ଏହି ସବୁ ମସଲା ସୂକ୍ଷ୍ମ ଚୂର୍ଣ୍ଣ କରିବ,
ଦୁ'ଅଣା ଓଜନ ମାତ୍ରାରେ ରୋଗୀ ଯେବେ ଖାଇବ
ଉଷ୍ଣ ଜଳ ଅନୁପାନରେ ଶ୍ଳେଷ୍ମଜାତାତିସାର,
ଅତିଶୀଘ୍ର ଭଲ ହୁଅଇ ନାନାବିଧ ପ୍ରକାର ।

ହିଙ୍ଗ୍ୱାଦି ଚୂର୍ଣ୍ଣ

ହିଙ୍ଗୁ, ଶୁଣ୍ଠୀ, ବଚ, ପିପ୍ପଳୀ, ହରିତକୀ, ମରିଚ,
ଅତୁଇଁ, ସଉଚଳ ଲବଣ, ପ୍ରତି ଦରବ ସ୍ୱଚ୍ଛ ।
ଏକତୋଳା ମାତ୍ରା ଓଜନେ ଚୂର୍ଣ୍ଣ କରି ପାତ୍ରରେ,
ଗରମ ଜଳରେ ସେବିବ ଏକମାସ ମାତ୍ରାରେ ।
କଫ-ଅତିସାର ଏଥିରେ ଦେହୁଁ ପଳାଏ ଦୂରେ,
ପେଟକଟା, ଆମାଶୟ ଯେ ନାଶ ହୁଅଇ ଭଲେ ।

ବାତଶ୍ଳେଷ୍ମାତିସାରେ ଚବ୍ୟକାଦି କ୍ୱାଥ

ଧଳାଚକା, ମୁଥା, ଅତୁଇଁ, ବାଡ଼ି ଅଇଁଳା ମୂଳ,
ବେଲଶୁଣ୍ଠା, ଶୁଣ୍ଠୀ, କୋରେଇ ଗଛ ମୂଳର ଛାଲ ।
ଇନ୍ଦ୍ରଯବ ପୁଣି ହରିଡ଼ା ପ୍ରତ୍ୟେକର ତିନଣା-
ତିନିରତି ତୁଳ ଦେବ ଯେ କୋହେ ସେପରି ଉଣା

GPNanda Colln., Digitized by srujanika@gmail.com

ଅଧସେର ଜଳେ ସିଝାଇ ରଖି ଆଠ ତୋଳାରେ,
ବାତକଫ-ଅନ୍ତସାରଟି ଦୂରେ ଯାଏ ସେବିଲେ !
ଏଥିରେ ପେଟର ବେଦନା ଆମରକ୍ତ ସ୍ରାବ,
ଅଗ୍ନିମାନ୍ଦ୍ୟ ଭଲ ହୁଅଇ ଏହା ମନରେ ଭାବ ।

ପିତ୍ତଶ୍ଳେଷ୍ମାତିସାରେ ମୁସ୍ତକାଦ୍ୟ କ୍ୱାଥ

ମୁଥା, ମୂର୍ବାମୂଳ, ଅଭୁସୀ, ପିତକୋରୁଆଁ ଛେଲି,
ବଚ ପ୍ରତ୍ୟେକରୁ ଛଅଣା ଦୁଇ ରତିରେ ତୁଳ ।
ସିଝାଇ ଏସବୁ ମସଲା ବତିଶ ତୋଳା ଜଳେ,
ଆଠ ତୋଳା ରଖି ପିଇବ ଏହା ସଞ୍ଜ ସକାଳେ ।
ଏଥିରେ ନିବୃତ୍ତ ହୁଅଇ ପିତ୍ତଶ୍ଳେଷ୍ମାତିସାର,
ନାନାବର୍ଣ୍ଣ ମଳ ନାଶଇ ମନେ ବିଚାର କର ।

ସମଙ୍ଗାଦ୍ୟ କ୍ୱାଥ ଓ କଳ୍କ

କଟେବାର ମୂଳ, ଧାତୁକୀ- ଫୁଲ, ଆମ୍ବ କୋଇଲି,
ବେଲଶୁଣ୍ଠ, ପଦ୍ମକେଶର, ପିତା କୋରୁଆଁ ଛେଲି,
ଶୁଣ୍ଠୀ ମୋଚରସ, ଲୋଧ ଯେ ଇନ୍ଦ୍ରଯବ ପ୍ରତ୍ୟେକ
ତିନି ଅଣା ଏକ ରତିରେ ତୁଳ ମସଲାମାନ ।
ଅଧ ସେର ଜଳେ ସିଝାଇ ରଖି ଆଠୋଟି ତୋଳା
କନାରେ ଛାଣିଣ ପାଚନ ପିଇବ ସକାଳ ।
ଏହି ପାଚନକୁ ସେବିଲେ ପିତ୍ତଶ୍ଳେଷ୍ମାତିସାର,
ବନ୍ଦ ହୋଇଯାଏ କ୍ଷଣକେ ଏହା ମନେ ବିଚାର ।
ଉପରଲିଖିତ ମସଲା ପ୍ରତ୍ୟେକରୁ ଦୁ'ରତି,
ପରିମାଣେ ଆଣି ବାଟିବ ଜଳ ଦେଇ ଝଟତି ।

GPNanda Colln., Digitized by srujanika@gmail.com

ଏହାକୁ ସେବିଲେ ଗୁଡ଼ଲ- ଧୂଆଁ ଜଳ ଗୋଳାଇ,
ପିତ୍ତଶ୍ଲେଷ୍ମା-ଅତିସାରକି ଯାଏ ଦେହରୁ ପଳାଇ ।
ପେଟ ମଲଦ୍ୱାର ପୋଡ଼ଜା, ସେହି କାଟିବା କ୍ଲେଶ ।
ରକ୍ତ-ଅତିସାର, ପେଟର ଶୂଳ ହୁଅଇ ନାଶ,

ବାତପିତ୍ତାତିସାରେ

ଇନ୍ଦ୍ରଯବ, ମୁଥା, ଅତୁଡ଼ୀ, ଦେବଦାରୁ ଯେ ପୁଣି,
ଏତ ପ୍ରତ୍ୟେକରୁ ତଉଳ ପାଞ୍ଚରତିରେ ଆଣି ।
ସମସ୍ତ ମସଲ୍ଲ ଏକାଠି ଉଆ ଗୁଡ଼ଲ ଧୂଆଁ-
ପାଣିରେ ବାଟିବ ସେପରି ହୋଇବ ଦ'ଦ'ଗଡ଼ଆ ।
ସେ ଗୁଡ଼ଳ ଧୂଆଁ ଜଳରେ ତାକୁ ଖାଇଲେ ରୋଗୀ,
ବାତପିତ୍ତଜାତାତିସାର ଭଲ ହୋଇବ ବେଗି ।

ତ୍ରିଦୋଷ ଅତିସାରେ ସମଙ୍ଗାଦ୍ୟ କଷାୟ

ପୋଖତ କରିବା ଗଛର ମୂଳ, ଅତୁଡ଼ୀ, ଶୁଣ୍ଠି,
ମୁଥା, କୁଡ଼ଚିବେଲ, ଧାତକୀ- ଫୁଲ ବାଉଁଶ କାଠି,
ବେଲଶୁଣ୍ଠା, ଇନ୍ଦ୍ରଯବ ଯେ ପିତାକୋଳିଆଁ ଚେଲ,
ପ୍ରତ୍ୟେକ ଦରବ୍ୟ ଓଜନ- ତିନ ରତିଟେ ତୁଳ ।
ଦରବଗୁଡ଼ିକୁ କରି ଶିଳରେ ଅଧ ସେର ଜଳରେ,
ସିଝାଇ ଶେଷରେ ରଖିବ କ୍ୱାଥ ଆଠ ତୋଳାରେ ।
ଏହି କଷାୟକୁ ଖାଇଲେ ଭୟଙ୍କର ତ୍ରିଦୋଷ-
ଅତିସାର ନାଶ ହୁଅଇ ନାହିଁ ସନ୍ଦେହ ଲେଶ ।
ତ୍ରିଦୋଷଜ ଅତିସାରରେ ନାନାରଙ୍ଗରେ ମଳ,
ବୋହିଯାଉଥିବା ପେଟରୁ ଏହା କରଇ ଭଲ ।

GPNanda Colln., Digitized by srujanika@gmail.com

ପଞ୍ଚମୂଳୀ ବଳାଦ୍ୟ କ୍ୱାଥ

ଗମ୍ଭାରୀ, ଫଣଫଣା, ପାଟେଲୀ, ଅଗବଥ୍ ଏଗ ବେଲ
ଏମାନଙ୍କ ମୂଳ ଛେଲକୁ ଆଣି କରିବ ଠୁଳ ।
ବେଲଶୁଣ୍ଠା, ବାଡ଼ିଅଇଁଲା, ମୁଥା, ଅକାନବନ୍ଧ,
ଶୁଣ୍ଠୀ, ଚିରାଇତା ସହିତ କୁରୁବେଲକୁ ବାନ୍ଧ ।
ପିତାକୋରୁଆଁର ଛେଲ ଯେ ଇନ୍ଦ୍ରଯବ ସଙ୍ଗରେ,
ପ୍ରତ୍ୟେକକୁ ତୁଳବ ଦି'ଅଣା ଦେଡ଼ରତି ନରଖାରେ ।
ଅଧସେର ଜଳେ ସିଝାଇ ଶେଷେ ଆଠୋଟି ତୋଳା,
ରଖି ଖାନ କଲେ ଏହାକୁ ରୋଗୀ ଉଭସୁ ହେଲା !
ତ୍ରିଦୋଷଜନିତ ପ୍ରବଳ ଅତିସାର ଗ୍ରହଣୀ,
ନାନାବର୍ଣ୍ଣ ମଳ ପଡ଼ିବା ନାଶ ହୁଏ ତେସକ୍ଷଣି ।
ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି ଯେ ଅଙ୍କଗନ୍ଧ, ଗୋକ୍ଷୁରା,
ଲଟାବେଁକୋଳି ସହିତ ଟେଧନ ବାଡ଼ି ଅଇଁଲା ।
ବେଲଶୁଣ୍ଠା, ମୁଥା, ଅକାନ · ବନ୍ଧ ଯେ କୁରୁବେଳ,
ଇନ୍ଦ୍ରଯବ, ପିତାକୋରୁଆଁ ଚଛ ମୂଳର ଛେଲ ।
ଶୁଣ୍ଠୀ, ଚିରାଇତା ପ୍ରତ୍ୟେକୁଁ ଦୁଇଅଣା ଦି'ରତି,
ଶିଳରେ ସମସ୍ତ ମିଶାଇ ଦେବ ଯତନେ କୁଟି ।
ଅଧସେର ଜଳେ ସିଝାଇ ମନ୍ଦ ମନ୍ଦ ଜାଳରେ,
ଶେଷରେ ରଖିବ ପାଚନ ଅଠ ତୋଳା ପାଝରେ ।
ଏହି ପାଚନକୁ ସେବଲେ ପିତ୍ତଶେଷ୍ମ ଜନିତ,
ଅତିସାର ପୁଣି ତ୍ରିଦୋଷ- ଜାତାତିସାର ହତ ।
ହେଉଥିବା ନାନାବର୍ଣ୍ଣର ମଳ ବଦଳ ଯାଏ,
ପେଟର ସକଳ ଯନ୍ତ୍ରଣା ଝଟେ ଦୂର କରାଏ ।

GPNanda Colln., Digitized by srujanika@gmail.com

ଶୋକଜ ଅତିସାରେ ପୃଷ୍ଣିପର୍ଣ୍ଣ୍ୟାଦି କ୍ୱାଥ

ଶାଳପର୍ଣ୍ଣି, ଶୁଣ୍ଠି, ଧଣିଆଁ, ବାଡଅଏଁଳା ବାଞ୍ଚ.
କଇଁଫୁଲ, ବେଲଶୁଣ୍ଠା ପେ ଉନ୍ଦ୍ରି ଅକାଳବନ୍ଧ ।
ଦେବଦାରୁ, ମୁଥା, ଅତସୀ, ଚିତାକୋରୁଆ ତେନ୍ତଳ.
ବଡ଼ଙ୍ଗ ପ୍ରତ୍ୟେକ ଦୁ’ଅଣା ଛନ ରତିରେ ତୁଳ ।
ଅଧସେର ଜଳେ ସିଝାଇ ଶେଷେ ଆଠୋଟି ତୋଳ,
ଜଳ ରଖି ଗ୍ଲୁଣି କନାରେ ପାତ୍ରେ ରଖ ନରେକା ।
ଏହ୍ମ କଷାୟରେ ମମାଏ ଦେଇ ମରିଚ ଚୂର୍ଣ୍ଣ,
ପାନ କଲେ ଶୋକାତିସାର ନାଶ ହୁଏ ବହନ ।
ରକ୍ତାତିସାରେ ଏ ଏହାକୁ ଦେଲେ ରୋଗୀକୁ ନେଇ.
ବହୁକାଳ-ଜାତ ରକତ- ଅତିସାର ନାଶଇ ।
ଅତିସାର ରୋଗୀ ଯଦ୍ୟପ କେତେ କରଇ ବାନ୍ତି,
ବେଲଶୁଣ୍ଠା, ଅମ୍ବ କୋଇଲି କ୍ୱାଥ ଦେବ ଚଡ଼ନ୍ତ ।
ତୋଳାଏ ଲେଖାଏଁ ଉଭୟ ଦରବକୁ ତୁଳିବ,
ଅଧସେର ଜଳେ ସିଝାଇ ଆଠ ତୋଳା ରଖିବ ।
ଏ କଷାୟ ପାନ କରିଲେ ବନ୍ଦ ହୁଏ ବମନ,
କହିଛନ୍ତି ଶାସ୍ତ୍ରେ ମୁନିଏ. ଦେଖାଯାଇଛି ସ୍ୱପ୍ନ ।

ପଟୋଳାଦି କ୍ୱାଥ

ପଟୋଳ ପତ୍ର ଧଣିଆଁ, ଯବଧାନ ପ୍ରତ୍ୟେକ,
ବାରଅଣା ମାପା ଓଜନେ ସନ୍ଦେ ଚଉଳ ରଖ ।
ଅଧସେର ଜଳେ ସିଝାଇ ଆଠ ତୋଳା ଶେଷରେ,
ରଖି ଉନ୍ଦଁ ଛନ ଦୁ’ମହା ମଧୁ ମିଶାଏ ଖରେ ।
ରୋଗି ପାନ କଲେ ରୋଗୀର ଅତିସାର ବମନ,

GPNanda Colln., Digitized by srujanika@gmail.com

ମଳଦ୍ୱାର ଜ୍ୱାଳା ପୋଡ଼ାରୁ   ଶାନ୍ତି ମିଳଇ ଜାଣ ।
ଜାମ୍ବୁ, ଆମ୍ବଗଛ କଅଁଳ-   ପତ୍ର, ବଟଓହଳ,
ବେଣାଚେର ପ୍ରତି ପଦାର୍ଥ   ଅଧ ତୋଳାଏ ତୁଳ ।
ସିଦ୍ଧ କରିଦେବ ବଣ୍ଟଣ   ଛେଳା ଜଳରେ ନେଇ,
ଶେଷେ ଆଠ ତୋଳା ପାଚନ   ରଖ ପ୍ରଭୁଙ୍କୁ ଧ୍ୟାୟୀ ।
ଏହି କଷାୟକୁ ସେବିଲେ   ଅତିସାର ପିପାସା,
ବାନ୍ତି, ଜ୍ୱର, ମୂର୍ଚ୍ଛା କମଇ   ରୋଗୀ ଲଭଇ ଆଶା

ନାରାୟଣ ଚୂର୍ଣ୍ଣ

ଇନ୍ଦ୍ରଯବ, ଶୁଣ୍ଠୀ, ଅତୁଷୀ,   ବୃଦ୍ଧଦାରକ ମୂଳ,
ସଙ୍ଗେ ବେଲଶୁଣ୍ଠା, ଗୁଳୁଚି,   ଭୃଙ୍ଗରାଜ ସକଳ ।
ଗଞ୍ଜାଇର ପତ୍ର ପ୍ରତ୍ୟେକୁ   ଦୁଇ ତୋଳାରେ ତୁଳ,
ଷୋଳତୋଳା ତମ୍ବି ମିଶାଅ   ପିତାକୋଳୁଆଁ ଛେଲ ।
ସୂକ୍ଷ୍ମଚୂର୍ଣ୍ଣ କରି ତମ୍ବିରୁ   ଏକ ମସା ମାତ୍ରାରେ,
ମଧେ ମଧେ ଗୁଡ଼, ମହୁରେ   ଗେଳି ଏହା ଯେବିଲେ ।
ରକ୍ତ ଅତିସାର ଶୋଥ ଯେ   ଜ୍ୱର ବିବିଧ ରୋଗ,
ଅଲ୍ପ ଦିନେ ନାଶ ଲଭଇ   ଜାଣ ହେ ଶିଷ୍ୟବର୍ଗ ।
ପେଟର ବେଦନା ନ ଥାଇ   ମଳପକ୍ୱ ଯେ ମଳ,
ନାନାବର୍ଣ୍ଣ; ବହୁଦିନର   ଥାଏ ଯେ ଅତିସାର ।
ପାଚକ ଅଗ୍ନିର ସ୍ୱତେଜ   ପଦ ଦେବୀର ଥାଏ,
ପୁଟପାକ ବିଧି ଔଷଧ   ଦେଇଥିବ ନିର୍ଭୟେ ।

କୁଟଜ ପୁଟପାକ

ପୋକ ନ ଖାଇବା ଚିକକଣ   ପିତାକୋଳୁଆଁ ଛେଲି,
ଜଳରେ ଧୋଇଣ ଛେଚିବ   ଯଥା ନ ରହେ ବାଲି ।

GPNanda Colln., Digitized by srujanika@gmail.com

ନିର୍ଗୁଣ୍ଡି ଚେର ବନ୍ଧକା ମଧ୍ୟରୁ ଉଆ ଗୁଣ୍ଡଳ ଜଳ,
ମିଶ୍ର କରିଥିବ ଯେପରି ନୋହେ ଅତି ତରଳ ।
ତଥା ଦ୍ରବ୍ୟ ସବୁ ପିଣ୍ଡୁଳା କରି ଜାମୁପତ୍ରରେ,
ବହଳିଆ କରି ବାନ୍ଧିବ ପରେ କୁଶ ଡୋରରେ ।
ପିଣ୍ଡୁଆ ଉପରେ ଚିକ୍କଣ ସରେବ ମାଟି ଲେପିବ,
ଘଞ୍ଚ ନିଆଁ ମଧ୍ୟେ ତାହାକୁ ସାବଧାନେ ପୋଡ଼ିବ ।
ଲେପିଥିବା ମାଟି ଅରୁଣ- ବର୍ଣ୍ଣ ଦଶାକୁ ଧରିଲେ,
ନିଆଁରୁ ଉଠାଇ ପିଣ୍ଡୁଳା ରଖିଦେବ ନିରେଖେ ।
ପିଣ୍ଡୁଳା ଶୀତଳ ହୋଇଲେ ମାଟି ପଟକୁ ଫେଇ,
ସେହି ଔଷଧକୁ ଚିପୁଡ଼ି ରସ କାଢ଼ିବା ପାଇଁ ।
ଏହି ରସ ଦୁଇ ତୋଳାରେ ମହୁ ମିଶାଏ ଦେବ,
ପାନକଲେ ରକ୍ତାତିସାର ଶୀଘ୍ର ପଳାଇଯିବ ।

ଦାଡ଼ିମ ପୁଟପାକ

କଷି ଡାଳିମର ଫଳକୁ ଶିଟଳ ପତ୍ରନେ ଛେଚି,
ଅଟ୍ଟିଆ ଛୁଞ୍ଚ ପଶିକ ଦେବ ତହିଁରେ ସିନ୍ଧ ।
ତାହା ଜାମୁପତ୍ରେ ଗୁଡ଼ାଇ କୁଶ ଡୋରରେ ବାନ୍ଧି,
ମାଟି ଲେପ ଦେବ ତହିଁରେ ଦେଖି ତା ଅନ୍ଧସନ୍ଧି ।
ଘଷି ନିଆଁ ଦେଇ ପୋଡ଼ିବ ରକ୍ତବର୍ଣ୍ଣ ଦିଶିଲେ,
ପିଣ୍ଡୁଳାକୁ କରି ବାହାର ରଖିଦେବ ଛାଇରେ ।
ଥଣ୍ଡା ହୋଇଗଲେ ପିଣ୍ଡୁଳା ଧୀରେ ଧୀରେ ଖୋଲିବ,
କନାରେ ଚିପୁଡ଼ି ରସକୁ ପାତ୍ରେ କାଢ଼ି ରଖିବ ।
ଏହି ରସ ଦୁଇ ତୋଳାରେ ମହୁ ମିଶାଏ ଦେଇ,
ସେବା କଲେ ନାନା ପ୍ରକାର ଅତିସାର ନାଶଇ ।

GPNanda Colln., Digitized by srujanika@gmail.com

ବହୁକାଳ ସ୍ଥାୟୀ ଅସାଧ୍ୟ   ରକ୍ତାତିସାର ରୋଗ,
ଜ୍ୱର ଉପଦ୍ରବ ସହିତ   ଭଲ ହୁଅଇ ବେଗ ।

କୁଟଜାଷ୍ଟକ

ଚଉଷଠି ତୋଳା ସେରରେ   ଯତ୍ନେ ଓଜନ କରି,
ସାଢ଼େ ବାରସେର ଉତ୍ତମ   ପିତାକୋରୁଆଁ ଛେଲି ।
ଚଉଷଠି ସେର ଜଳରେ   ମନ୍ଦ ଜାଳେ ସିଝାଇ,
ଜଳ ରଖି ସେର ଷୋହଳ   ତାହା ଛାଣିବ ନେଇ ।
ପୁଣି ଏହି ସିଦ୍ଧ ଜଳକୁ   ମନ୍ଦାଗ୍ନିରେ ରଖିଲେ,
ଜଳ ମରିଯାଏ ବଧିତରେ   ଲେହ ପରି ହୋଇଲେ ।
ଚୂଲୀରୁ ଓହ୍ଲାଇ ଲେହକୁ   ଥଣ୍ଡା କରିଣ ନେବ,
ତଳେ ଲେଖାଥିବା ମସଲା-   ଚୂର୍ଣ୍ଣ ଗୋଳାଇ ଦେବ ।
ମୋଚରସ, ମୁଥା, ଅତୁସୀ,   ଅକାନବନ୍ଧ ଲଟା,
କଇଁବାର ମୂଳ, ଧାତୁକୀ-   ଫୁଲ ଯେ ବେଲଶୁଣ୍ଠି ।
ପ୍ରତ୍ୟେକ ମସଲା ଓଜନେ   ଆଠ ତୋଳା ଆଣିବ,
ସୂକ୍ଷ୍ମ ଚୂର୍ଣ୍ଣ କରି ଲେହରେ   ଯତ୍ନେ ଗୋଳାଇ ଦେବ ।
କଞ୍ଚା ଛେଳି ଦୁଧ ଅଥବା   ଉଆ ଚାଉଳ ଧୂଆ-
ମଣ୍ଡ ପାଞ୍ଚ ତୋଳା ସଙ୍ଗେ ଯୁ   ତୋଳେ ହୋଇଲେ ଖିଆ ।
ରକ୍ତ-ଅତିସାର, ଅରଶ,   ରକ୍ତ ପ୍ରଦର ରୋଗ,
ଅଳପ ଦିନରେ ନାଶଇ   ବହୁକାଳର ଭୋଗ୍ୟ ।

ଆମାତିସାରେ

କଷିବେଲ, ତଳ ତଇଳ,   ଚୁଡ଼, ଶୁଣ୍ଠୀ, ପିପ୍ପଳୀ,
ଜଳ ଦେଇ ଶିଳେ ବାଟିବ   ଦୁଇ ତୋଳାରେ ଭୁକ ।
ଦୁଇ ମସା ମାହା କରିଣି   ସଞ୍ଜ ସକାଳେ ଖାଅ,
ଆମାଶୟୁ ଭଲ ହୋଇବ   କର ନାହିଁ ସନ୍ଦେହ ।

GPNanda Colln., Digitized by srujanika@gmail.com

ମହାଏ ପିପ୍ପଳୀ ଅଥବା ମରିଚକୁ ଜଳରେ,
ବାଟି ଘୃତ ତୋଳା ଛେକନ୍ତ ଦୃଷ୍ଟେ ଚୋଳ ଖାଇଲେ ।
ଆମ ଶୂଳ ରୋଗ ସମ୍ବନ୍ଧ ଆମ ପଡ଼ନ୍ତ ଖସି,
ପେଟର ବେଦନା ବିନାଶେ ଆମାଶୟକୁ ନାଶି ।

ଶୋଥାତିସାରେ

ଇନ୍ଦ୍ରଯବ, ମୁଥା, ଅତୁଷୀ, ବେଲଶୁଣ୍ଠା, ପୃଶ୍ଣୀ,
ଅଜାନବନ୍ଧ ଏ ମହା... ପାଞ୍ଚ ପ୍ରକାର ଆଣି ।
ପ୍ରତ୍ୟେକଙ୍କ ତୁଳ ରଖିବ ପାଞ୍ଚ ଅଣା ଓଜନ
ଦର ଦର ଛେଚ୍ଛ କରିବ ସବୁ ଶିଳରେ କୁଟି ।
ଅଧସେର ଜଳେ ସିଝାଇ ଶେଷେ ଆଠ ତୋଳାରେ,
ରଖିବ ପାଚନ ପାତ୍ରରେ ଛାଣି ସରୁ କନାରେ ।
ତହିଁରେ ଦେଇବ ମହାଏ ସୂକ୍ଷ୍ମ ମରିଚ ଚୂର୍ଣ୍ଣ,
ଶୋଥ-ଅତିସାରେ ଏହାକୁ ରୋଗୀ କଲେ ସେବନ ।
ସର୍ବବିଧ ଉପଦ୍ରବ ସହ ଶୋଥାତିସାର,
ଭଲ ହୋଇଯାଏ ସତ୍ବର ଏହା ମନେ ବିଚାର ।

ଷଡ଼ଙ୍ଗାଦି କ୍ୱାଥ

ଷଡ଼ଙ୍ଗ, ଅତ୍ସୀ, ଅଜାନ- ବନ୍ଧ, ମୁଥାକୁ ନେଇ,
ଇନ୍ଦ୍ରଯବ, ଦେବଦାରୁ ଯେ ପ୍ରତି ଦରବ ଗଣି ।
ପାଞ୍ଚ ଅଣା ଦୁଇ ର...ରେ ମାନେ ଓଜନ କରି,
ଦର ଦର ଚେଚ୍ଛ କରିବ ଶିଳେ ପୁଆକୁ ଧରି ।
ଅଧସେର ଜଳେ ସିଝାଇ ଶେଷେ ଆଠ ତୋଳାରେ,
ରଖି ଛାଣି ଜନବ ଯତନେ ମଫା ସରୁ କନାରେ ।
ତହିଁରେ ମହାଏ ମରିଚ- ଚୂର୍ଣ୍ଣ ଗୋଳାଇ ଦେଇ,
ନଚିକିତ୍ସା ଶିବଙ୍କୁ ...ନ ମନରେ ଧ୍ୟାଇ ।

GPNanda Colln., Digitized by srujanika@gmail.com

ଏହାକୁ ସେବନ କରନ୍ତେ ଅତିସାରଜ ଶୋଥ,
କ୍ରମେ କ୍ରମେ ଭଲ ହୁଅଇ ଏହା ଜାଣ ନିଶ୍ଚିତ ।

—o—

ଅତିସାରେ ରସ ପ୍ରୟୋଗ

ପ୍ରାଣେଶ୍ୱର ରସ

ପାରଦ, ଗନ୍ଧକ, ଟାଙ୍ଗଣା- ଖଇ, ଅଭ୍ର, ଚିତ୍ର,
ଜୀରକ, ଜୁଆଣି ପ୍ରତ୍ୟେକକୁ ଗ୍ରହ ମସାଲେ ମାତ୍ର ।
ସବକ୍ଷାର, ପଞ୍ଚଲବଣ, ହିଙ୍ଗୁ, ଶୁଣ୍ଠ, ତେଜଙ୍ଗ,
ଧଳାଚିତା, ଇନ୍ଦ୍ରଯବ ଯେ ଦୁଇ ମସାରେ ଯୋଡ ।
ଏ ସମସ୍ତ ଦ୍ରବ୍ୟ ଏକତ୍ର ସୂକ୍ଷ୍ମ ଚୂର୍ଣ୍ଣ କରିବ,
ଜଳ ଦେଇ ଖଲେ ଘୋଟିଣ ଦୁଇ ରତେ ସାନ୍ଧିବ ।
ଦୁଇ ରତି ମାତ୍ରା ଏକାଇ ଅଣ୍ଡା ଜଳେ ଖାଇଲେ,
ଅତିସାର ଭଲ ହୁଅଇ ଜାଣିଥାଅ ସକଳେ ।
ପେଟ ଘୁଡ଼୍ ଘୁଡ଼୍ ଶବଦ ମଳ ତରଳ ହେବ,
ଅଜୀର୍ଣ୍ଣ, ମନ୍ଦାଗ୍ନି, ଉଦର- ପୀଡ଼ା, ରକତ ସ୍ରାବ ।
ଏ ସକଳ ଉପସରଗ ଭଲ ହୁଅଇ ଜାଣ,
ଔଷଧ ସେବିବ ବିଷ୍ଣୁଙ୍କ ନାମ କରି ସ୍ମରଣ ।

ଜାତିଫଳ ରସ

ପାରଦ, ଗନ୍ଧକ, ଟାଙ୍ଗଣା- ଖଇ, ରସସିନ୍ଦୂର,
ଜାଇଫଳ, ଅଭ୍ର, ଧତୁରା- ମଞ୍ଜି, ତ୍ରିକଟୁ ଧର ।
ଇନ୍ଦ୍ରଯବ, ମୁଥା, ହରିଡା, ଆମ୍ବକୋଇଲି ଘେନ,
ବେଲଶୁଣ୍ଠା, ଶାଳମଞ୍ଜି ଯେ ଦାଡ଼ିମ୍ବ ଚୋପା ପୁଣି ।

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ସମାନ ଗ୍ରହଣ   ଭୃଜି ଚୂର୍ଣ୍ଣ କରିବ,
ଗଞ୍ଜାଇ ପତ୍ର କାଥରେ   ଭଲ କରି ମର୍ଦ୍ଦିବ ।
ଗଞ୍ଜାଇର ମଦ ଦ'ତୋଳା   ଷୋଳ ତୋଳା ଜଳରେ,
ସିଝାଇ ଦ'ତୋଳା ରଖିଣ   ତହିଁ ମର୍ଦ୍ଦିବ ଧୀରେ ।
ଏକ ରତି ମାତ୍ରା ବଟିକା   କରି ସମତୁଲରେ,
ସେବିବ କୋରେଇଁ ଗଛର   ମୂଳ ନେଳ କ୍ୱାଥରେ ।
ଦ'ତୋଳା କୋରେଇଁ ଚେଳକ   ଅଧସେର ଜଳରେ,
ସିଝାଇ ରଖିବ ସେହି କ୍ୱାଥ   ଶେଷେ ଆଠତୋଳରେ ।
ଆମ ଅତିସାର ଏଥିରେ   ଭଲ ହୁଅଇ ଜାଣ,
ପାଚକାଗ୍ନି ତେଜ ଉଠଇ   ଖାଦ୍ୟ ହୁଅଇ ଜୀର୍ଣ୍ଣ ।
ଅତିସାର ବେଗେ ଧଣିଆଁ-   ଶୁଣ୍ଠି-କ୍ୱାଥ ଖାଇବ,
ବେଲଶୁଣ୍ଠା ଚୂର୍ଣ୍ଣ ମଧ୍ୟାରେ   ରକ୍ତଗ୍ରହଣୀ ଯିବ ।
ଜାଇଫଳ ଘୃତ ରନ୍ଧକୁ   ଜଟଳ ଚକ୍‌କଣେ ବାଟି,
ତାହା ସନ୍ଧ୍ୟାରେ ସେବିଲେ   ଯାଏ ଗ୍ରହଣୀ ହଟି ।
ତୋଟକ ତେଜ ତେଜ ଶୁଣ୍ଠି, ଧଣିଆଁ   ଅଧସେର ଜଳରେ ।
ସିଦ୍ଧ କରି ଆଠତୋଳା ସେ   ଜଳ ରଖ ଶେଷରେ,
ଏହାକୁ କହନ୍ତି ଧଣିଆଁ-   ଶୁଣ୍ଠି କ୍ୱାଥ ଜାଣିବ ।
ଏଥିରେ ଔଷଧ ଖାଇଲେ   ଅତିସାର ଦବିବ

କର୍ପୂର ରସ

ହିଙ୍ଗୁଳ, କର୍ପୂର, ଅଫିମ,   ଇନ୍ଦ୍ରଯବ, ନାଗେଶା-
ଖଇ, ଜାଇଫଳ, ମୁଥା ଯେ   ପ୍ରତ୍ୟେକରୁ ଗ୍ରହଣ ।
ତୁଳି ଖଲେ ଯତ୍ନେ ପକାଇ   ମରଦିବ ଜଳରେ,
ଦୁଇରତି ମାତ୍ରା କରିବ   ପ୍ରଭୁ ସ୍ମରି ମନରେ ।

GPNanda Colln., Digitized by srujanika@gmail.com

ନେକୁ ଅନୁପାତରେ ଏହାକୁ ଦେବ ରୋଗୀକୁ ନେଇ,
ପୁରୁଣା ଅରୁଆ ଚାଉଳ- ଧୂଆ ମଣ୍ଡ ଗୋଳାଇ ।
ବାରମ୍ବାର ଦସ୍ତ ହେଉଥିଲେ କଦଳୀଭଣ୍ଡା ଚୋପ,
ଗୋଳଡ଼ିଅ ନେଇ ବଟିକା ରୋଗୀମୁଖେ ଦିଅନ୍ତୁ ।
ମୁଥାମୂଳ ରସେ ଖାଇବ ଅଜୀର୍ଣ୍ଣ ଅତିସାରେ,
ଅନାନଦରିବ ରସରେ ରକ୍ତାତିସାର ହରେ ।
ଧଣର ମାତଗା ଦ୍ୱେ ଡାଳା, ଗୁଡ଼ୁକଧୂଆ ଜଳ,
ଏକ ତୋଷ ପରିମାଣରେ ଗୋଳ ଦେବ ଚଞ୍ଚଳ ।
ଅଜୀର୍ଣ୍ଣ ଝାଡ଼ାରେ ଲବଙ୍ଗ, ଜାଇଫଳ, ଜାଇତ୍ରୀ,
ପ୍ରତ୍ୟେକରୁ ଦୁଇ ରତିରେ ବାଟି ଦେବ ଝୁଣ୍ଟ ।
ଏହି ଅନୁପାନେ ବଟିକା ଯେବେ ଦ୍ୱେବେଳା ସେବ,
ଅଜୀର୍ଣ୍ଣ ରୋଗର ବିନାଶ ତେବେ ନିଶ୍ଚୟ ହେବ ।

ଅଭୟ ନୃସିଂହ

ଶୋଧିତ ହିଙ୍ଗୁଳ, ମହୁରା, ଶୁଣ୍ଠୀ, ପିପ୍ପଳୀ, ଜୀରା,
ଟାଙ୍କଣାଚ ଖଇ, ମରିଚ, ଅଭ୍ର, ଗନ୍ଧକ, ପାରା ।
ପ୍ରତି ମସଲାରୁ ଦ୍ୱେଅଣା ପରିମାଣରେ ଭୁଲ,
ନେହିଁ ଏକତୋଳା ଗୁରଣା ଦେବ ଅଫିମ ଗୋଳ ।
ଏହା ଲେମ୍ବୁରସେ ମରଦ ଏକରତି ମାପରେ,
ବଟିକା କରିବ ଯତନେ ଗୋଲ ଗୋଲ ଆକାରେ ।
ଭଜା ଜୀରା ଚୂର୍ଣ୍ଣ ମିଶାଏ ମସେ ମହୁରେ ଘୋଟି,
ସକାଳ ସନ୍ଧ୍ୟାରେ ଔଷଧ ଦେବ ଜଳରେ ଘୁଣ୍ଟି ।
ଅତି ଭୟଙ୍କର ପ୍ରବଳ ଅତିସାର ଯେ ରୋଗ,
ଦୁଃସାଧ୍ୟ ସଂଗ୍ରହ ଗ୍ରହଣୀ ବହୁ କାଳର ଭୋଗ ।
ଜ୍ୱର ଅତିସାର ବିନାଶେ ଏହା ପ୍ରତ୍ୟକ୍ଷ ଫଳ,

GPNanda Colln., Digitized by srujanika@gmail.com

ବୃଦ୍ଧ ବୈଦ୍ୟମାନେ ଏହାକୁ କରିଥାନ୍ତି ସମ୍ମାନ ।
ଯେଉଁ ରୋଗୀ ଦିନ ରାତିରେ ଦଶ ପନ୍ଦର ଥର,
ଝାଡ଼ା ଯାଉଥିବ ରୋଗଟି ଥିବ ବହୁ ଦିନର ।
ତା ପକ୍ଷରେ ଏହି ଔଷଧ ଅଟେ ସୁଧା ସମାନ,
ଔଷଧ ସେବିବ ନୃସିଂହ ନାମ କରି ସ୍ମରଣ ।

ହିମାଂଶୁ ରସ

ଅଭ୍ର, ବଙ୍ଗ, ସ୍ୱର୍ଣ୍ଣ ଭସ୍ମ ଯେ ପୁଣି ଶିମୁଳି ମଞ୍ଜି,
ହଦୃଗଜ ପ୍ରତି ମସଲ ଚୂରିଅଣାରେ ଖୋଜ ।
ଓଜନେ ତୋଳାଏ ଚୂରଣା ପୁଣି ଅଫିମ ତୁଳ,
ବାଳଶିମୁଳୀର ରସରେ ସବୁ ଏକଠ ଗୋଳ ।
ଉତ୍ତମ ରୂପରେ ମରଦ ଏକ ରତ୍ତି ମାହାରେ,
ବଟିକା ପକାଇ ସେବିବ ଦୁଧସର ଭାତରେ ।
ଅଥବା ଲହୁଣୀ ସହିତ ଘୋଟି ଖାଇବ ବଟୀ,
ରକ୍ତ ଅତିସାର ଦିନକେ ଯିବ ଦେହରୁ ହଟି ।
ସବୁ ଅତିସାରେ ଏହାକୁ ଦେବ ନିର୍ଭୟ କରି,
ପକ୍ୱ ଅତିସାରେ ଏହାର ଗୁଣ ଦଶଇ ଭରି ।

କୁମୁଦାକର ରସ

ପାରଦ, ଗନ୍ଧକ, ଲବଙ୍ଗ, ମରିଚ, ଜାଇଫଳ,
ଟାଙ୍ଗଣାର ଖଇ, କାଙ୍କୋଳ, ଶୁଣ୍ଠୀ, ନାଗକେଶର,
ଗୁଡ଼ତ୍ୱକ, ମୁଥା, ଅଜୁଆନୀ, ଅଶ୍ୱଗନ୍ଧା, ଧୂତୁରା-
ବାଇଡ଼ଙ୍କ-ବୃଦ୍ଧଦାରକ- କୋଇଲେଖା-ଗୋକ୍ଷୁରା-
ଏମାନଙ୍କ ମଞ୍ଜି, ସୁବର୍ଣ୍ଣ- ଲୌହ-ବଙ୍ଗର ଭସ୍ମ,
ଚୁଇଁକାଠ, କୁରୁବେଲ ଯେ ଗନ୍ଧଶୁଣ୍ଠୀ ଉତ୍ତମ,
ସୀସାଭସ୍ମ, କ୍ଷୀର କାଙ୍କୋଳ, ପ୍ରତି ଦ୍ରବ୍ୟ ଚୂରଣା,

GPNanda Colln., Digitized by srujanika@gmail.com

ନଅ ତୋଳା ଅଧେ ଓଜନ ଅଭ୍ର ଭସ୍ମ ଦେବା ।
ନଅ ତୋଳା ଅଧେ ଅଫିମ ଖଳରେ ପକାଇ ଦେଇ,
ମରଦବ ବାଲଶିମୂଳୀ- ରସେ ଘଷି ନିଠରେ ।
ଦୁଇ ରତି ମାତ୍ରା ବଟିକା ଚଳ ସଞ୍ଜ ସକାଳେ,
ଢ଼'ତୋଳା କଦଳୀଭଣ୍ଡାର ରସେ ଖଳ ସେବିଲେ ।
ବାତିକ, ପୈତ୍ତିକ, କଫଜ, ତ୍ରିଦୋଷ ଜ ତିସାର,
ରକ୍ତ-ଆମାଶୟ, ଗ୍ରହଣୀ ଶୀଘ୍ର ହୁଅଇ ଦୂର ।
ଏହି ଅଉଷଧ ମହିମା ଦେଖିଛି ମୁଁ ନେତ୍ରରେ,
ମଣ୍ଡ ଯାଉଥିବା ଲୋକର ଜୀବ ରଖେ ଶୀଘ୍ରରେ ।
ସୁବିଜ୍ଞ ବଇଦେ ଏହାକୁ ରଖିଥାନ୍ତି ପାଖରେ,
ରୋଗୀର ଅବସ୍ଥା ନିରେଖି ଦେଉଥାନ୍ତି ବିଧିରେ ।

ଅହିଫେନାସବ

ମହୁଲ ଫୁଲର ରସରୁ ତୋଳା ପଚାଶ ନେଇ
ତହିଁ ଦୁଇ ତୋଳା ଅଫିମ ଯତନେ ଦେବ ଗୋଳାଇ ।
ଜାଇଫଳ, ଇନ୍ଦ୍ରଯବ ଯେ ଅଳାଇଚ ମୁଥାରୁ,
ଅଧତୋଳା ପରମାଣରେ ଚୂର୍ଣ୍ଣ କରିବ ସବୁ ।
ସମସ୍ତ ଦ୍ରବ୍ୟକୁ ଯତନେ ପରିଷ୍କୃତ ଭାଣ୍ଡରେ,
ରଖି ଘୋଡ଼ାଇବ ଢାଙ୍କୁଣି ପାତ୍ରମୁଖ ଉପରେ ।
ଏକ ମାସ ପରେ ଏହାକୁ ସରୁ କନାରେ ଛାଣି,
ବୋତଲରେ ଭରି ରଖିବ ନିଜ ପାଖରେ ଆଣି ।
ଦଶ ବାର ଟୋପା ମାତ୍ରାରେ ଶୁଦ୍ଧ ଜଳେ ମିଶାଇ,
ପାନ କଲେ ରୋଗୀ, ସକଳ- ଅତିସାର ନାଶଇ ।
ଅଜୀର୍ଣ୍ଣ, ବିସୂଚି, ଗ୍ରହଣୀ, ଆମାଶୟ ରୋଗରେ,
ଏହାକୁ ଦିଅନ୍ତି ସକଳେ ଅତି ଆନନ୍ଦ ଭରେ ।

GPNanda Colln., Digitized by srujanika@gmail.com

ଅତିସାରେ ମୁଷ୍ଟିଯୋଗ

ଆମ ଅତିସାର ରୋଗରେ	ଯେତେ ହୋଇଲେ ଶୂଳ,
ବାହାରେ ଯଦ୍ୟପି ଗୋଟାଏ	ରୂପେ ସେ ଆମ ମଳ,
ହରଡ଼ା, ପିମ୍ପଳୀ ସମାନ	ହିଙ୍ଗେ ବାଟିଣ ଗିଳେ,
ସିଉଳ ମାଞ୍ଜିକେ ଛ'ବେଳା	ସେବ ଶୀତଳ ଜଳେ ।
ଏଥିରେ ପେଟର ବେଦନା	ମଳ ସହିତ ଆମ,
ଧୀରେ ଧୀରେ ଖସି ପଡ଼ଇ	ରୋଗୀ ନ ଲଭେ ଶ୍ରମ ।
ଧନିଆଁ, ଜୁଆଣି, ପିପଳୀ,	ଶୁଣ୍ଠି, ହରଡ଼ା ରୌପା,
ବାଟିବ ସମାନ ଭାଗରେ	ଜଳ ଦେଇଣ ସଫା ।
ଅଧତୋଳା ମାତ୍ରା ସେବିବ	ନିତ୍ୟ ଥଣ୍ଡା ଜଳରେ,
ଏହା ଆମାଶୟ, ଅଜୀର୍ଣ୍ଣ,	ଅତିସାର ସଂହରେ ।
ଦୁଇ ତୋଳା ଚିତାକୁଟେଇ	ପତ୍ରରସ ଛ'ବେଳା,
ସେବିଲେ ବିନାଶ ହୁଅଇ	ଆମରକ୍ତ ଶୂଳ ।
କଅଁଳିଆ ଜାମୁପତର	ରସ ଛ'ତୋଳା ନିତ୍ୟ,
ପାନ କଲେ ଶାନ୍ତି ଲଭଇ	ଶୂଳ ଆମରକ୍ତ ।
ପିତାକୋଳୁଆଁର ଚେହ୍ଲର	ରସ ଛ'ତୋଳା ମାତ୍ର,
ସେବିଲେ ନ ରହେ ନିକତ	ଆମହରା କଷ୍ଟିତ ।
ପୋକସୁଙ୍ଘାପତ୍ର ରସରୁ	ଦୁଇ ତୋଳା ସେବିଲେ,
ବିନାଶ ହୁଅଇ ନିକତ—	ଆମାଶୟ ଅଚିରେ ।
ଜଷ୍ଠିମଧୁର ରସରୁ	କଲେ ଛ'ତୋଳା ପାନ,
ଶାନ୍ତିଲଭେ ଆମରକ୍ତ	ବେଦନା ମନ୍ଦୀଭାନ ।
ମୁଥାମୂଳ ଛେଚି ଶିଳରେ	ଦୁଇ ତୋଳା ମାତର,
ପିଇଦେଲେ ଭଲ ହୁଅଇ	ପ୍ରବଳ ଅତିସାର ।
ଅକାନବିନ୍ଧର ପତର	ରସ ଛ'ତୋଳା ଆଣି,

GPNanda Colln., Digitized by srujanika@gmail.com

ପାନ କଲେ ନଷ୍ଟ ହୁଅଇ   ରକ୍ତାତିସାର ଦାନ୍ଦ ।
କଦଳୀର ଭଣ୍ଡାରସନ୍ତୁ   ସେବା କଲେ ଦି'ବେଳା,
ଅତିସାର ବେଗ ନାଶଇ   ଅତି ତରଳ ଝାଡ଼ା ।
ମହାଳ ଗଛର ଛେଲିରୁ   ଦୁଇ ତୋଳା ଓଜନ,
କାଟି ଘୋଳଦହି ସହିତ   ସେବିଲେ ପ୍ରତିଦିନ,
ଆମଅତିସାର, ତରଳ   ଦସ୍ତ ହୁଅଇ ଭଲ,
ଏହା ଦେଖିଅଛି ପରୀକ୍ଷା   କରି ମୁଁ ବହୁ ବାର ।
ଜଳରେ ଜଜାଙ୍ଗ ପତର   ଅଧ ତୋଳାଏ ବାଟି,
ସେବିଲେ ଦେହରୁ ଚାଲିଏ   ଅତିସାର ବେଗଟି ।
ଜାଇଫଳ, ଜୀରା, ଲବଙ୍ଗ   ପୋଡ଼ା ଟାଙ୍କଣା ଖଇ,
ସମଭାଗେ ଆଣି ଚୂର୍ଣ୍ଣିବ   ସଫା ଶିଳରେ ଥୋଇ ।
ଚୂର୍ଣ୍ଣ ବରଅଣା ମାତ୍ରାରେ   ମହୁ ଚିନି ଗୋଳାଇ,
ଜିଭରେ ଗୁଣ୍ଡିଲେ ପଳାଏ   ଅତିସାର ହେ ଭାଇ ।
ବେଲଶୁଣ୍ଠି ଅମ୍ବ କୋଇଲି   ଆଣି ଭରିଏ କରି,
ଜଳରେ ସିଝାଇ ରଖିବ   ଶୁଦ୍ଧ ପାତ୍ରରେ ଭରି,
ମହୁ ଚିନି ଦୁଇ ଦ୍ରବ୍ୟରୁ   ଅଧ ତୋଳକ ମିଶାଇ,
ସେବିଲେ ବମନାତିସାର   ଯାଏ ବେଗେ ପଳାଇ ।
ଊର୍ଦ୍ଧ୍ୱମୁଖ କରି ରୋଗୀକୁ   ଶୁଆଇବ ଶେଯରେ,
ଅଁଳା ବାଟି ନାଭିଦେଶରେ   ଦଳା କରିବ ଧୀରେ,
ମଧ୍ୟେ ଅଦାରସ ପୂରଇ   କିଛି କ୍ଷଣ ରଖିଲେ,
ନଦୀସ୍ରୋତ ପରି ରୋଗୀର   ଅତିସାର ସନ୍ଧରେ ।

ଗୁଡ଼ବିଲ୍ୱ

କଞ୍ଚା ବେଲଫଳ ଅଗ୍ନିରେ   ପୋଡ଼ି ଶୀତଳ କରି,
ଖାଇଲେ ବସ୍ତିକୁଁ ସୁମରି   ଗୁଡ଼ ତର୍ବରେ ଭରି ।

GPNanda Colln., Digitized by srujanika@gmail.com

ଆମାଶୂଳ ପେଟ ବେଗ ଯେ   ପୁଣି ରକ୍ତାତିସାର,
ଗୋଟଲା ମଳକୁ ନାଶଇ   ଶୁଣ ବଳ୍କ ଚତୁର।
ପିଆଶାଳ, ଜାମୁ, ଶିମୁଳୀ,   ବରକୋଳି, ଅର୍ଜୁନ,
ଆମ୍ବଚନ୍ଦ୍ରମୂଳ ଛେଲକ   ଶିଳେବାଟି ଯତନ।
ଅଧତୋଳା ମାଷା କରିଣ   କଞ୍ଚା ଦୁଧ ସହିତ,
ମହୁ ମିଶାଇଣ ସେବିଲେ   ରକ୍ତାତିସାର ହତ।
କୃଷ୍ଣତିଳ ଦୁଇ ତୋଳା ଯେ   ଜଳେ ବାଟି ଯତନେ,
ତହିଁ ଅଧ ତୋଳା ଗୋଳିବ   ଚିନି ନିର୍ମଳ ମନେ।
ଛେଳିଦୁଧ ସଙ୍ଗେ ସେବିଲେ   ଏହି ଭେଦ ରୋଗୀର,
ରକ୍ତ ଅତିସାର ବିନାଶ   ହୁଏ ଅତି ସତ୍ୱର।
ବେଲ ଶୁଣ୍ଠା, ମୁଥା, ଧାତୁକୀ-   ଫୁଲ ଅଜାନ ବନ୍ଧ.
ଶୁଣ୍ଠୀ, ମୋଚରସ, ପ୍ରତ୍ୟେକୁଁ   ଷୁଚ ରତିଏର ବାନ୍ଧ।
ଜଳରେ ଚିକ୍‌କଣ ବାଟିଣ   ତହିଁ ଦୁଇ ମସାରେ,
ପୁରାତନ ଗୁଡ଼ ମିଳାଇ   ଘୋଳ ଦହି ସାଥିରେ।
ପାନ କଲେ ତାହା ରକତ-   ଅତିସାର ନାଶଇ,
ଏହା ପ୍ରତ୍ୟକ୍ଷର ଫଳକୁ   ହାତେ ହାତେ ଦିଅଇ।
କୋରେଇଁ ଗଛର ଛେଲକୁ   ଷୋଳ ତୋଳା ଆଣିବ,
ଷୁଚ ସେର ଜଳେ ସିଝାଇ   ଏକ ସେର ରଖିବ।
ଏହି ସିଝ ଛେଲି ଜଳରେ   ଦୁଧ ଷୋହଳ ତୋଳ',
ମିଶାଇ ଜଳକୁ ମାରିଣ   ଦୁଧ ରଖିବ ଖାଇ।
ଷୁଚ ମସା ମହୁ ଏଥିରେ   ଯତ୍ନେ ଦେବ ଗୋଳାଇ,
ପାନକଲେ ରୋଗୀ, ରକତ-   ଅତିସାର ନାଶଇ।
ଏକ ମସା ମହୁ ସଙ୍ଗରେ   ଚିନି ଦୁ'ମସା ଦେଇ,
ନାଗେଶ୍ୱର ଚୂର୍ଣ୍ଣ ଆବର   ଷୁଚ ମସା ମିଶାଇ।

GPNanda Colln., Digitized by srujanika@gmail.com

ତକ୍ରରେ ଦୁ'ତୋଳା ଲହୁଣୀ ଫେଣ୍ଟି ସେବନ କଲେ,
ରକ୍ତ ଅତିସାର ନିଶ୍ଚୟ ଭଲ ହୁଏ ନିର୍ମୂଳେ ।
ଧୁତୁରର ମୂଳ, ଅଫିମ, ଇନ୍ଦ୍ରଯବ ପ୍ରତ୍ୟେକ,
ଦୁଇ ରତି ସଙ୍ଗ ମିଶାଅ ଘୃତ ମର୍ଦ୍ଦନ ଯୋଗେ ।
ବଟିକା ସ୍ୱରୂପ କରିବ ବଳ ବଳ ଟିପରେ,
ଗୃହ୍ୟ ଦ୍ୱାରେ ଏହି ବଟୀକୁ ଦେଲେ ଦାହ ଫନ୍ଦରେ ।

ଅତିସାରେ ପଥ୍ୟ

ଲଙ୍ଘନ, ବମନ, ସୁନିଦ୍ରା, ପୁରାତନ ତଣ୍ଡୁଳ,
ତିଳ ତୈଳ, ଖାଣ୍ଡୁଦୁଧ ଯେ ଗବ୍ୟଘୃତ ଆବର ।
ଶ୍ରେଷ୍ଠ ମାଛ, ନିଆମଣ୍ଡ ତ କଞ୍ଚା କଦଳୀ, ମହୁ,
ମସୂର, ହରଡ଼, କଷାୟ- ରସ, ଧନିଆଁ ଜାଉ,
କଦଳୀର ଭଣ୍ଡା, ତାଳ ମଞ୍ଜା, ସାଗୁ, ଦାଳି, ପାଳୁଅ,
ଡାଳିମ୍ବ, ବେଦନା, କଇଥ, ଗୁଡ଼ ପୁରୁଣା ଦହି ।
ସଜନାର ଛୁଇଁ, ପଟୋଳ, କଅଁଳ ବାଇଗଣ,
ଲହୁଣୀ, ମିଶିରି, କାଗେଜ, ଚୂଡ଼ାମଣ୍ଡ ପ୍ରଧାନ ।
ନେଇଦେବ ଦ୍ରବ୍ୟ ଏସବୁ ଅତିସାର ରୋଗରେ,
ବଳାବଳ ଦେଖି ରୋଗୀର ଭାବ ନିଜ ମନରେ ।
ରୋଗର ଆଦ୍ୟରେ ରୋଗୀକୁ ଦେବ ତରଳ ପଥ୍ୟ,
ଆରାରୁଟ, ସାଗୁ, ପାଳୁଅ, ବାର୍ଲି ଜଳ ସହିତ ।
ମିଶାଇ ସତନେ ତକ୍ରରେ ଲେମ୍ବୁ କାଗେଜ ରସ,
ସାମାନ୍ୟରେ ମିଠା ଗୋଳାଇ ପିଅ, ନାହିଁଟି ଦୋଷ ।
ବିପ୍ରକୁଳଜାତ ବାଳୁକେ- ଶ୍ୱର ଏହା ରଚଇ,
ଅତିସାର ରୋଗ ଏଠାରେ ଶେଷ ହୋଇଲା ଭାଇ ।

—o—

GPNanda Colln., Digitized by srujanika@gmail.com

ଗ୍ରହଣୀରୋଗ ଚିକିତ୍ସା

ଲକ୍ଷଣ

ଅତ୍ୟାଚାର ଶୋଷ ଯଦ୍ୟପି   ଭୁଞ୍ଜେ ରୋଗୀ ଅପଥ୍ୟ,
ଜନମେ ଗ୍ରହଣୀ କଷ୍ଟପ୍ରଦ   କ୍ଳେଶ ହୁଅଇ ନିତ୍ୟ ।
ହୁଅଇ ପେଟରେ ବେଦନା   ଘୁଡ଼ୁ ଦିନେ ଦି'ଦିନ,
ବୋହିଯାଏ ପାଣି ପରାପ୍ରେ   ମଳଦୁଆରୁ ପୁଣ ।
କଠିନ ସ୍ୱଭାବରେ ସେ ମଳ   ବାହାରଇ ଅଳପ,
କେବେ ବା ବଦଳି ସେସବୁ   ଧରେ ତରଳ ରୂପ ।
ପାଞ୍ଚ ସାତ ଦିନ ଅନ୍ତରେ   ମଳ ହୁଏ ତରଳ,
ସାତ ଆଠ ଥର ଦିନରେ   ଝାଡ଼ା ହୁଅଇ ଖର ।
ଆମ ମିଶା ମଳ ବାହାରେ   ପେଟକଟା ଯନ୍ତ୍ରଣା,
ହୁଅଇ ବହୁତ ରୋଗୀର   ବୁଡ଼େ କେବେ ଚେତନା ।

ଚିକିତ୍ସା

ଗ୍ରହଣୀ ନାମକ ନାଡ଼ୀରେ   ପାଚକାଗ୍ନି ବସଇ,
ଅଗ୍ନି ତେଜହୀନ ହୋଇଲେ   ଗ୍ରହଣୀକି ଧରଇ ।
ଗ୍ରହଣୀ ରୋଗରେ ପ୍ରଥମେ   ଦେଖି ଦେବ ଲଙ୍ଘନ,
ତହିଁ ପରେ ପଥ୍ୟପାଚନ   ଅଭକ୍ଷ୍ୟ ସେବନ ।
ଆମ୍ବିଳିଆ ଶାଗ, କଇଥ,   ବେଲଶୁଣ୍ଠା ଆଦର,
ଓଲମ୍ବର ଗୁଣ୍ଡା ପ୍ରତ୍ୟେକୁଁ   ଦୁଇ ତୋଳାରେ ତୁଳ ।
ଦୁଇ ସେରେ ଘୋଳ ଦହିରେ   ଚୁଲି ଉପରେ ଥୋଇ,
ସମସ୍ତ ମସଲା ସିଝାଅ   ମନ୍ଦ ଅଗ୍ନିରେ ନେଇ ।
ସେରେ ପାଣି ମାରି କନାରେ   ଘଣ୍ଟେ ଛାଣି ରଖିବ,

GPNanda Colln., Digitized by srujanika@gmail.com

ଏହାକୁ ଗ୍ରହଣୀ ରୋଗୀକୁ ପଥ୍ୟ ସ୍ୱରୂପ ଦେବ ।
ବାତଜ କଫଜ ଗ୍ରହଣୀ- ରୋଗ ଏହୁ ନାଶଇ,
ପେଟକୁ ସଜାଡ଼ି ଦେବ ଏ ରୁଚିକର ଅଟଇ ।

ବାତଜ ଗ୍ରହଣୀ ଚିକିତ୍ସା

ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି ଯେ ଅଙ୍କରାନ୍ତ, ଗୋଖରା,
ଲଟାବେଏଁ କୋଳ ପ୍ରତ୍ୟେକୁ ତୁଲ୍ୟ ଆଣିବ ଧୀରା ।
ଛଅଣା ଦ'ରତ, ସବୁକୁ ଦରଚେନ୍ତ୍ରୁ କରିବ,
ଦୁଇ ସେର ଘୋଳଦହିରେ ଯତ୍ନେ ସିଝାଇଦେବ ।
ମରିଗଲେ ସେରେ ତହିଁରୁ ସରୁ କନାରେ ଛାଣି,
ବାତିକ ଗ୍ରହଣୀ ରୋଗରେ ପଥ୍ୟ ଦେବ ଯେ ଜାଣି ।
ଘୋଳଦହି ସେବା ଗ୍ରହଣୀ- ରୋଗେ ଅମୃତ ସମ,
କାର୍ଯ୍ୟ କରେ ଲେଖିଅଛନ୍ତି ଶାସ୍ତ୍ରେ ମୁନି ଉତ୍ତମ ।
ଅଜୁଯୀ, ଚିତ୍ରକ, ମୁଥା ଯେ ଶୁଣ୍ଠି ପ୍ରତ୍ୟେକ ଦ୍ରବ୍ୟ,
ସୁରଣା ଓଜନ ବତିଶ- ତୋଳା ଜଳେ ସିଝିବ ।
ସିଝି ସିଝି ଶେଷେ ରହିଲେ ଆଠ ତୋଳା ପାଚନ,
ବାତଜ ଗ୍ରହଣୀ ରୋଗୀ ଏ କ୍ୱାଥ କରିବ ପାନ ।
ଏଥିରେ ମନ୍ଦାଗ୍ନି, ପେଟର ଆମ ଦୋଷ ନାଶଇ,
ସୁବୈଦ୍ୟ ଏହାକୁ ଗ୍ରହଣୀ ରୋଗ ଆଦ୍ୟେ ଦିଅଇ ।

ଧନ୍ୟାକାଦି କ୍ୱାଥ

ଧନିଆଁ, ଅଜୁଯୀ, ଜୁଆଣୀ, ମୁଥା ଯେ କୁଡ଼ୁଚବଲ,
ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି ଟି ଶୁଣ୍ଠି ଯେ ବଜ୍ରମୂଳୀ,
ବେଲଶୁଣ୍ଠା, ବାଡ଼ଅଏଁଳା ପ୍ରତି ଦ୍ରବ୍ୟ ତିନଣା,
ଅଧସେର ଜଳେ ସିଝାଇ ଆଠ ତୋଳାରେ ପିନା,

GPNanda Colln., Digitized by srujanika@gmail.com

ରଖି ପାନ କଲେ ପାଚନ ରୋଗୀ ସଞ୍ଜ ସକାଳେ,
ଅଚିରେ ମନ୍ଦାଗ୍ନି, ବାତକ- ଗ୍ରହଣୀ ରୋଗ ମରେ ।

ପୈତ୍ତିକ ଗ୍ରହଣୀ ଚିକିତ୍ସା

ପ୍ରଥମରେ ଘୋଳଦହିକୁ ସେବ ତହିଁ ଉପରେ,
ବେଲଶୁଣ୍ଠା ଚୂର୍ଣ୍ଣ ଦ'ମସା, ଶୁଣ୍ଠୀ ଏକ ସମାନେ ।
ଗହ ଏକତୋଳା ମିଶାଇ ଦୁଇ ବେଳା ଭକ୍ଷିଲେ,
ପିତ୍ତଜ ଗ୍ରହଣୀ ରୋଗର ଚିହ୍ନ ଲଭଇ ଖରେ ।

ତିକ୍ତାଦି କଷାୟ

କଟ୍କୀ, ହରିଡ଼ା, ଗସୋତ, ଧାଇଫୁଲ, ଅତୁସି,
ଇନ୍ଦ୍ରଯବ, ମୂଥା, ବେ'ରେଇ- ଛେଲ, ଶୁଣ୍ଠୀ କ ବାଣ୍ଟୁ,
ତିନି ଅଣା ତିନି ପି ଯେ ପ୍ରତି ଦ୍ରବ୍ୟରୁ ତୁଳ,
ଅଧସେର ଜଳେ ସିଝାଇ ସେ ମସଲ୍ ସକଳ ।
ରଖି ଆଠତୋଳା ଦ'ବେଳା ଏ ପାଚନ ପିଇଲେ,
ପିତ୍ତଜ ଗ୍ରହଣୀ ରୋଗରୁ ରୋଗୀ ତରଇ ଭଲେ ।
ମଳଦ୍ୱାର ଜାତ ବେଦନା 'ଆଦି ଯେ ଉପଦ୍ରବ,
ଅତିଶୀଘ୍ର ଯାଏ ଉଭେଇ ଫଳ ପ୍ରତ୍ୟକ୍ଷ ଭବ ।

ନାଗରାଦ୍ୟ ଚୂର୍ଣ୍ଣ

ଶୁଣ୍ଠୀ, ମୁଥା, ଧାଇଫୁଲ ପେ ଅତୁସୀ, ଇନ୍ଦ୍ରଯବ,
ପିଠା କୋରୁଆଁର ଛେଲଟି ଅକାନବିନ୍ଧ ନେବ,
ବେଲଶୁଣ୍ଠା, ପିତ୍ତ କଟ୍କୀ ରସାଞ୍ଜନ ପ୍ରତ୍ୟେକ,
ଅଧତୋଳା! ଆଣି କରିବ ସୂକ୍ଷ୍ମ ଚୂର୍ଣ୍ଣ ସେତିକ ।
ସିଉକ ଓଜନ ଚୂର୍ଣ୍ଣରେ ଧୁଆ ଚାଉଳ ଜଳ—
ଦୁଇତୋଳା, ମହୁ ମିଶାଏ ଦେଇ ସଞ୍ଜ ସକାଳ ।

GPNanda Colln., Digitized by srujanika@gmail.com

ଭକ୍ଷିଲେ ପିତ୍ତଜ ଗ୍ରହଣୀ- ରୋଗୁ ମିଳଇ ଶାନ୍ତ,
ଉତ୍ତମ ବଇଦେ ସେ ଲାଗି ଏହା ପାଖେ ରଖନ୍ତି ।

ଶ୍ଳୈଷ୍ମିକ ଗ୍ରହଣୀ ଚିକିତ୍ସା

କଫ ପ୍ରକୁପିତ ଗ୍ରହଣୀ- ରୋଗେ ବଢଇ ଆଦ୍ୟନ୍ତ;
ବାନ୍ତି କରାଇବ ରୋଗୀକୁ ଯୋଗ୍ୟ ବଇଦ ଯେ ସନ୍ତ ।
କଟୁ, କ୍ଷାର, ଅମ୍ଳ, ଲବଣ ତୀକ୍ଷ୍ଣ ଔଷଧ କରି,
ଖାଇବାକୁ ଦେବ ରୋଗୀକି ଅଗ୍ନି ବଳ ବିଚାରି ।

ଚାତୁର୍ଭଦ୍ର କ୍ୱାଥ

ଗୁଳୁଚି, ଅତୁଷୀ, ଶୁଣ୍ଠୀ ଯେ ମୁଥା ପ୍ରତ୍ୟେକ ଦ୍ରବ୍ୟ,
ଅଧତୋଳା ପରିମାଣରେ ଭୁଜ ନେଇ ସବୁ,
ଅଧସେର ଜଳେ ସିଝାଇ ଶେଷରେ ଆଠ ତୋଳା,
ରଖି ସେବା କଲେ ଏହାକୁ ରୋଗୀ ଉଭୟୁ ହେଲା ।
କଫ ପ୍ରକୁପିତ ଗ୍ରହଣୀ ଶୀଘ୍ର ହୁଅଇ ନାଶ,
ପେଟର ବେଦନା ଶୂଳ ଯେ ରହେ ନାହିଁ ପରଶ ।

ପିପ୍ପଳ୍ୟାଦ୍ୟ ଚୂର୍ଣ୍ଣ

ପିପ୍ପଳୀର ମୂଳ, ପିପ୍ପଳୀ, ଯବକ୍ଷାର, ସୈନ୍ଧବ,
ସାଜିକ୍ଷାର, ବିଟ ଲବଣ, ହରିତକୀ ସୌଞ୍ଚବ ।
ସଚଳ-ଔଦ୍ଭିଦ-ସାମୁଦ୍ର ଲୁଣ, ଝଗର ଚେର,
ଗଜଶୁଣ୍ଠୀ, ଶୁଣ୍ଠୀ, ମରିଚ, ରାସ୍ନା ପ୍ରତ୍ୟେକକୁ ତୁଲ ।
ତୋଳାଏ ଲେଖାଏଁ; ତାପରେ ସବୁ ଯତନେ ଚୂରି,
ଗୁଣ୍ଡଅଣା ମାତ୍ର ସେବିବ ଦେଇ ଉଷ୍ମ ବାରି ।
ସକାଳ ସନ୍ଧ୍ୟାରେ ଦୁ'ବେଳା ଏହା ସେବା କରିବ,
ଜଳ ପରିମାଣ ଗୁରୁ ବା ପାଞ୍ଚ ତୋଳା ସେ ଦେବ ।

GPNanda Colln., Digitized by srujanika@gmail.com

ଏଥିରେ କଫଜ ଗ୍ରହଣୀ   ରୋଗ ହୁଏ ଅନ୍ତର,
ଅଗ୍ନି ତେଜ ବଢ଼ି ସରଳ   ଦସ୍ତ ହୁଏ ରୋଗୀର ।

ଶଠ୍ୟାଦ୍ୟ ଚୂର୍ଣ୍ଣ

ଗନ୍ଧଶୁଣ୍ଠୀ, ଶୁଣ୍ଠୀ, ପିପ୍ପଳୀ,   ଯବକ୍ଷାର ମରିଚ
ପିପ୍ପଳୀର ମୂଳ, ହରିଡ଼ା,   ସାଜିକ୍ଷାର ସୁପଞ୍ଚ,
ଝିଙ୍ଗଟରୁ ପ୍ରତି ଦରବ   ଏକ ତୋଳାରେ ଭୁଜ,
ଅତସୂକ୍ଷ୍ମ ଚୂର୍ଣ୍ଣ କରିବ   ଶମ୍ଭୁ ନାମ ସୁମରି ।
ସିକ୍କ ଓଜନ ମାତ୍ରାରେ   ଏହି ଚୂର୍ଣ୍ଣରୁ ଆଣି,
ଏକ ତୋଳା ଲେମ୍ବୁ ରସରେ   ଗୋଳି ଦେଇ ତକ୍ଷଣି ।
ସଇନ୍ଧବ ଲୁଣ ଦ'ମସା   ତହିଁ ମିଶାଇ ଦେବ,
ସକାଳ ସନ୍ଧ୍ୟାରେ ସେବିଲେ   କଫ ଗ୍ରହଣୀ ଯିବ ।

ଆମ ଗ୍ରହଣୀରେ ଚିତ୍ରକ ଗୁଟିକା

ଚିତାମୂଳ ଯବକ୍ଷାର ସେ   ବଣ ପିପ୍ପଳୀ ମୂଳ,
ସାଜିକ୍ଷାର ପଞ୍ଚଲବଣ,   ହିଙ୍ଗୁ ଶିନ୍ଧୁ ଭଳ ।
ଶୁଇଁ କାଠ, ବଣ ଜୁଆଣୀ   ପ୍ରତ୍ୟେକୁଁ ଏକ ତୋଳା,
ଚୂର୍ଣ୍ଣକରି ଗଲେ ଖଳିବ   ଜ କମ୍ବରସେ ଧୀରା ।
ତହିଁ ପରେ ଝିଙ୍ଗ ରସରେ   ତାହା ସନ୍ନ ଖଳିବ,
ଏକ ମସା ମାତ୍ରା ବଟିକା   ଅଙ୍ଗୁଳିରେ ବଳିବ ।
ଶୀତଳ ଜଳରେ ସେବିଲେ   ଏହି ଗୁଟିକା ଜାଣ,
ଆମ ପରିପାକ ହୁଅଇ   ହେତେ ଅଗ୍ନି ବର୍ଦ୍ଧନ ।
ଏହି ଅଜୀର୍ଣ୍ଣ ଦେବଟି   ଅଗ୍ନିମାନ୍ଦ୍ୟ ରୋଗରେ,
ବାତପିତ୍ତ ଜାତ ଗ୍ରହଣୀ   ନାଶ ହୁଅଇ ଖରେ ।
ବୃଦ୍ଧ ବୈଦ୍ୟମାନେ ଏହାକୁ   ରଖିଥାନ୍ତି ପାଖରେ ।
ଅପାର ଯଶକୁ ଲଭନ୍ତି   ଦେଇ ରୋଗୀମୁଖରେ ।

GPNanda Colln., Digitized by srujanika@gmail.com

ବାତଶ୍ଳେଷ୍ମା ଗ୍ରହଣୀ ଚିକିତ୍ସା

କର୍ପୂରାଦ୍ୟ ଚୂର୍ଣ୍ଣ

କର୍ପୂର, ପିମ୍ପଳୀ, ମରିଚ,   ଶୁଣ୍ଠୀ, ପଞ୍ଚଲବଣ,
ସାଜିକ୍ଷାର, ଯବକ୍ଷାର ସେ   ସୀମ୍ମା, ହରିଡ଼ା ପୁଣ ।
ପ୍ରତ୍ୟେକ ମଯଲ୍ ଦ'ତୋଳା   ଆଣି ସମସ୍ତେ ଚୂରି,
ତହିଁ ଜମ୍ବୀରସ ଦେଲ୍ଲ   ଦେବ ସମସ୍ତେ ଗୋଳି ।
ଶୁଖିଗଲେ ଏହି ଚୂର୍ଣ୍ଣକୁ   ସ୍ବରଅନୀ ସ ସାରେ,
ଗରମ ଜଳରେ ସେବିଲେ   ବାତଶ୍ଳେଷ୍ମାକୁ ହରେ ।
ଏଥିରେ ସେହିତ ମନ୍ଦାଗ୍ନି   ଭଲ ହୁଅଇ ଧୀରେ,
ପରିପାକ କରି ଆମକୁ   ବ୍ୟାଧି ନାଶେ ସତ୍ୱରେ ।

ପିତ୍ତଶ୍ଳେଷ୍ମା ଗ୍ରହଣୀ ଚିକିତ୍ସା

ଏକ ତୋଳା ତାଳମୂଳୀକୁ   ଘୋଳ ଦହିରେ ବାଟି,
ଅଥବା ଗୁଡ଼ଲଧୂଆର   ଜଳେ ସଧୀରେ ଘୋଟି,
ପାନ କଲେ ନାଶ ହୁଅଇ   ପିତ୍ତଶ୍ଳେଷ୍ମା ଗ୍ରହଣୀ,
ପଥ୍ୟ ଦହିଭାତ ପ୍ରଧାନ   ଥାଅ ସକଳେ ଜାଣି ।

ବାତପିତ୍ତ ଗ୍ରହଣୀ ଚିକିତ୍ସା

ମୁଣ୍ଡ୍ୟାଦ୍ୟ ଗୁଡ଼ିକା

ଥାଲକୁଡ଼ି, ଛତୁଆର ସେ   ମୁଥା, ଶତାବରୀ,
ଚାଉଳଙ୍କ ମଞ୍ଜି, ଗୁଳୁଚି,   ଯାଷ୍ଟିମଧକୁ ନେଇ ।
ସଇନ୍ଧବ ପ୍ରତି ଦରବ   ଅଧ ତୋଳ ଏ ତୁଳ,

GPNanda Colln., Digitized by srujanika@gmail.com

ଗଞ୍ଜାଇ ପତ୍ରର ଯେ ଆଠ— ତୋଳା ତହିଁରେ ଭର ।
ମୃଦୁ ଜାଳେ ତାହା ଗରମ କରି ନେବଟି ଜାଣ;
ତାହା ପରେ ହେମଦସ୍ତାରେ ସବୁ କରିବ ଚୂର୍ଣ୍ଣ ।
ତା'ପରେ ଶିଳରେ ଚୂରିବ ମରୁ ଧୂଳି ପରାଏ,
ଗାଈଦୁଧ ଶହେ କୋଡ଼ିଏ ତୋଳା କର ସଂଗ୍ରହ ।
ଘିଅ ପଲମରେ ମସଲ- ଚୂର୍ଣ୍ଣ, ଗାଈର ଦୁଧ,
ରଖି ମନ୍ଦଜାଳେ ମାରିବ ନୋହେ ଯେପରି ଗନ୍ଧ ।
ଜଳ ମରିଗଲେ ଓହ୍ଲାଇ ଦେବ ପଲମ ତଳେ,
ସମସ୍ତ ଔଷଧ ବାଟିବ ନେଇ ଚକ୍‌କଣି ଶିଳେ ।
ଏକ ମଷା ମାପା ବଟିକା କରି ଥଣ୍ଡା ଜଳରେ,
ପାନ କଲେ ବାତପିତ୍ତଜ ଗ୍ରହଣୀ ରୋଗ ମରେ ।

ସାନ୍ନିପାତଜ ଗ୍ରହଣୀ ଚକଡ଼ା

କାଞ୍ଚନ, ଡାଳମ୍ବ, ସିଙ୍ଘଡ଼ା, ଜାମୁ, ଅକାନବିନ୍ଧ,
ଏମାନଙ୍କ ପତ୍ରେ ଗୋଟିଏ କଞ୍ଚା ବେଲକୁ ବାନ୍ଧି,
ଦୁଇ ସେର ଜଳେ ସିଝାଇ ଅଧପାଏ ରଖିବ,
ତହିଁ ପରଦିନ ସକାଳେ ସେହି ବେଲ ଭାଙ୍ଗିବ,
ବେଲ ମଧ୍ୟସ୍ଥିତ ରସକୁ ମୋଟା କନାରେ ଥୋଇ,
ଚକଟି ଗୁଳଟି ତହିଁରୁ ମଣ୍ଡ କାଢ଼ିବ ଭାଇ ।
ଏହି ମଣ୍ଡ ଦୁଇ ତୋଳାରେ ଶୁଣ୍ଠି ଚୂର୍ଣ୍ଣ ଦି' ମସା,
ଆଖୁ ଗୁଡ଼ ନେଇ ଦି' ତୋଳା ମିଶାଇବ ସହସା ।
ସିଝା ହୋଇଥିବା ଜଳରେ ଏହା ଗୋଳି ପିଇଲେ,
ସନପାତଜାତ ଗ୍ରହଣୀ ରୋଗ ପଳାଏ ଦୂରେ ।

GPNanda Colln., Digitized by srujanika@gmail.com

ଏଥିରେ ପଡ଼ିବା ଉଚିତ ଆମ, ପେଟର ଶୂଳ
ଭଲ ହୋଇଯାଏ ଅଚିରେ ପ୍ରଭୁ ନାମକୁ ସ୍ମର ।

ମହାଗଙ୍ଗାଧର ଚୂର୍ଣ୍ଣ

ସିଙ୍ଘଡ଼ା, ତାଳମ୍ବ ପତ୍ରତ, ବେଲଶୁଣ୍ଠା, ପିପ୍ପଳୀ,
ଧାଇଫୁଲ, ଶାଳ ଝୁଣା ଯେ ମୁଥା, ଜାମ୍ବର ଚୋକ,
ଇନ୍ଦ୍ରଯବ, ଶୁଣ୍ଠୀ, ମରିଚ, ରସାଞ୍ଜନ, ଅତୁଚ୍ଚୀ,
ଚରେଇଡା, ନିମ ଅକାନ- ବନ୍ଧ ଆଣିବ ବାଛି ।
ମୋଚରସ, ଭଙ୍ଗ ପତର, ଦାରୁହଳଦୀ ଆଣି,
କୁରୁବେଳ, ଭୃଙ୍ଗରାଜ ଯେ ପୁଣି କଡ଼ିବା ଯେତେ—
ପ୍ରତ୍ୟେକରୁ ଅଧ ତୋଳାଏ ନିକ୍ତିରେ ତୁଳିବ,
ପିଠାକୋରୁଆଁର ଛେଲିରୁ ଏଗାର ତୋଳା ନେବ ।
ସମସ୍ତ ମସଲ ଶୁଖାଅ ନେଇ ଟାଣ ଖରାରେ,
ଶୁଖିଗଲେ ସବୁ କୁଟିବ ଡାଳ ହେମଦସ୍ତାରେ ।
ସୂକ୍ଷ୍ମ ଚୂର୍ଣ୍ଣ କରି ପ୍ରଥମୁଁ ଏକ ମସା ମାତ୍ରାରେ,
ସେବିବ ଦ'ବେଳା ଛେଳିର ଦୁଧ ଦ୍ୱୟ ତୋଳାରେ ।
ଅଥବା ମସାଏ ମହୁରେ ଅବା ତଣ୍ଡୁଳଜଳ-
ଜଳ ପାଞ୍ଚ ତୋଳା ଦେଇଣ ସେବ ପଞ୍ଚାଙ୍ଗଳ ।
ଏଥିରେ ସକଳ ଗ୍ରହଣୀ ଅତିସାର ଯେ ରୋଗ,
ତୃଷା, କାଶ, ଜ୍ୱର, ଅଜୀର୍ଣ୍ଣ, ପାଣ୍ଡୁ, ଶୋଥ ସଯୋଗ ।
ଅବିଳମ୍ବେ ଭଲ ହୁଅଇ, ଏହା ପ୍ରୟୋଗ କଲେ,
ହାତେ ହାତେ ଫଳ ଦେଖିବ ମନ୍ତ୍ରଶକ୍ତି ପ୍ରକାରେ ।

ବୃହତ୍ ଗଙ୍ଗାଧର ଚୂର୍ଣ୍ଣ

ବେଲଶୁଣ୍ଠା, ମୋଚରସ ଯେ ଅକାନବନ୍ଧ, ଶୁଣ୍ଠୀ,
ଧାଇଫୁଲ, ମୁଥା, ଧନିଆଁ, କୁରୁବେଳ, ଲୋଧ୍ରଟି ।

GPNanda Colln., Digitized by srujanika@gmail.com

କଅଁଳ ଜାମ୍ବୁ ଫଳର ଶ୍ୱେତା, ଫାଗ୍, ଗନ୍ଧକ,
କୋଟରେଇର ଛେଲି, ଅତୁସୀ ତମ୍ବାଁ ଅଫିମ ଲେଖ ।
ପ୍ରତି ଦରବରୁ ବଟଣା କରି ତଉଲ ଆଣି,
ସୂକ୍ଷ୍ମ ଚୂର୍ଣ୍ଣ କର ଯତନେ ଯଥା ନ ରହେ କଣି ।
ପାରଦ ଗନ୍ଧକ ପ୍ରଥମେ କରି ଦେବ କଜ୍ଜଳୀ,
ତହିଁ ପରେ ଚୂର୍ଣ୍ଣ ସଙ୍ଗରେ ଡାଳି ଦେବ ଯେ ଖଳ ।
ଦୁଇ ରତି ମାତ୍ରା ଚୂର୍ଣ୍ଣରୁ ସେବ ସଞ୍ଜ ସକାଳେ,
ଦୁଇ ତୋଳା ଘୋଳ ଦହି ବା ଜଅ ଗୁଡ଼ୁଲ ଜଳେ ।
ଅତିସାର ରୋଗ ଗ୍ରହଣୀ- ଜ୍ୱର ଏହୁ ବିନାଶେ,
ବଡ଼ ଗଙ୍ଗାଧର ଚୂର୍ଣ୍ଣ ଏ ବୈଦ୍ୟ ମୁଖରେ ଭାଷେ ।

ଲବଙ୍ଗାଦ୍ୟ ଚୂର୍ଣ୍ଣ

ଲବଙ୍ଗ, ଅତୁସୀ, ଧାତୁକୀ- ଫୁଲ ମୁଥା ଯେ ଜାବ,
ମୋଚରସ, ଲୋଧ, ଧନିଆଁ, ବେଲଶୁଣ୍ଠା ଶୁଣ୍ଠିଲ,
ଅକାନବିନ୍ଧର ମୂଳ ଯେ ଇନ୍ଦ୍ରଯବ, ପିପ୍ପଳୀ,
ଶୁଣ୍ଠୀ, ଶାଳଫଣ, କକଡ଼ା- ଶୃଙ୍ଗୀ ଯେ କୁରୁଚିବକ,
ସଇନ୍ଧବ ଲୁଣ, କଡ଼ଚି, ଯବକ୍ଷାର, ରସୋତ,
ପ୍ରତ୍ୟେକରୁ ଅଧତୋଳାଏ ଆଣି ଚୂର୍ଣ୍ଣ ସମସ୍ତ ।
ଦୁଇଅଣା ମାପ ଚୂର୍ଣ୍ଣରୁ ସେବ ସଞ୍ଜ ସକାଳେ,
ଦୁଇ ତୋଳା ଛେଳି ଦୁଧ ବା ଧଆଗୁଡ଼ୁଲ ଜଳେ ।
ଏଥିରେ ସଗ୍ରହ ଗ୍ରହଣୀ, ଅତିସାର ମନ୍ଦାଗ୍ନି,
କାଶ, ଶ୍ୱାସ, ଜ୍ୱର, ବମନ, ପାଣ୍ଡୁ ରୋଗର ହାନି ।
ସୂର୍ଯ୍ୟ ଉଦୟରେ ଯେପରି ଅନ୍ଧକାର-ବିନାଶ,
ହୁଏ ଏ ସକଳ ରୋଗର ବଳ ତେସନେ ଧ୍ୱଂସ ।

GPNanda Colln., Digitized by srujanika@gmail.com

ନାୟିକା ଚୂର୍ଣ୍ଣ

ସୈନ୍ଧବ-ସଚଳ-ସାମୁଦ୍ର- ବିଟ ଔଦ୍ଭିଦ ଲୁଣ,
ପ୍ରତ୍ୟେକରୁ ଦେଢ଼ ତୋଳାରେ କରି ନେବ ଓଜନ ।
ପିପ୍ପଳୀ, ମରିଚ, ଶୁଣ୍ଠୀ ଏ ପ୍ରତ୍ୟେକରୁ ଦୁ'ତୋଳା,
ଶୋଧିତ ଗନ୍ଧକ ତୋଳାଏ ଅଧତୋଳା ଯେ ପାରା ।
ଭୃଙ୍ଗପତ୍ର ସାଢ଼େ ନ ତୋଳା ଚୂର୍ଣ୍ଣ ଏକତ୍ର କରି,
ପାରା-ଗନ୍ଧକକୁ କଜ୍ଜଳୀ କରି ଯତନେ ଚୂରି ।
ଏକ ମସା ମାତ୍ରା ପ୍ରଥମେ ଦୁଇ ଓଳି ଖାଇବ,
କ୍ରମେ କ୍ରମେ ମାତ୍ରା ବଢ଼ାଇ ଦୁଇ ମସା ଧରିବ ।
ଘୃତ ତୋଳା ଉଆଗ୍ନୁଜଳ- ମଣ୍ଡ ଅଥବା ଛେଳି-
ଦୁଧ ଅବା କାଞ୍ଜିପାଣିରେ ଚୂର୍ଣ୍ଣ ଖାଇବ ରୋଗୀ ।
ଏଥିରେ ସକଳ ଗ୍ରହଣୀ ଶ୍ୱାସ, କାସ, ଅରୁଚି,
ଜ୍ୱର, ଅଗ୍ନିମାନ୍ଦ୍ୟ, ପେଟର ପୀଡ଼ା ପଳାଏ ଘୁଞ୍ଚି ।
ଏହି ଔଷଧ ନିଶ୍ଚୟେ ଗ୍ରହଣୀକୁ ବିନାଶେ,
ଏହାକୁ ପ୍ରୟୋଗ କରିବ ପ୍ରଭୁ ଧାୟି ମାନସେ ।

ଅଗ୍ନିକୁମାର ରସ

ଶୋଧିତ, ପାରଦ, ଗନ୍ଧକ, ମହୁରା ଯେ ମରିଚ,
ଟାଙ୍କଣାର ଖଇ, ପିପ୍ପଳୀ, ଲୌହଭସ୍ମ ଯେ ସ୍ୱଚ୍ଛ ।
ଆଯୁ, ଶୁଣ୍ଠୀ, ବଣ ଜୁଆଣି ପ୍ରତ୍ୟେକରୁ ମସାଏ,
ଦଶ ମସା ଅଭ୍ର ଭସ୍ମ ଯେ ସବୁ ମିଶାଇ ଠାଏ ।
ଧଳାଣତାମୂଳ ରସରେ ଯତ୍ନେ ମର୍ଦ୍ଦନ କରି,
ମରିଚ ସମାନ ବଟିକା କର ପ୍ରଭୁ ସୁମରି ।
ଭଜା ଜୀରାଚୂର୍ଣ୍ଣ ମସାଏ ମହୁ ଦଯାକେ ଘୋଟି,

GPNanda Colln., Digitized by srujanika@gmail.com

ଖାଇବ ସକାଳ-ସନ୍ଧ୍ୟାରେ ଏକ ଏକ ଯେ ବଟୀ ।
ବହୁ କାଳଜାତ ଗ୍ରହଣୀ ଅଗ୍ନିମାନ୍ଦ୍ୟ ଏଥିରେ,
ଜ୍ୱର, କାଶ, ଶୋଥ, ଅରୁଚି, ଆମଦୋଷ ହରେ ।

ସ୍ୱଳ୍ପ ଗ୍ରହଣୀକପାଟ ରସ

ହିଙ୍ଗୁଳ, ଗନ୍ଧକ, ଅଫିମ, ବଂଶଲୋଚନା ପୁଣି,
କଜ୍ଜଳର ଭସ୍ମ ପ୍ରତ୍ୟେକକୁ ଅଧ ତୋଳାଏ ଆଣି ।
ନେଳଦୂଧ ଦେଇ ଖଲରେ ଘୋଟ ଅତ ଯତ୍ନରେ,
ଦୁଇ ରତି ବଟୀ କରିବ ଶୁଖାଇଣ ଛାଇରେ ।
ଦୋତୋଳା ଅକାନବଚ୍ଛର ରସ ଅଢ଼ା ଜୋଟରନ୍ତି-
ହେଲ କ୍ୱାଥ ଅଠ ତୋଳାରେ ବଟୀ ଏକ ଗୋଳାଇ,
ସଞ୍ଜ-ସକାଳରେ ସେବିଲେ ରୋଗୀ ସ୍ୱଳ୍ପ ଦିଶୁରେ,
ସକଳ ରକତ ଗ୍ରହଣୀ ଅତିସାରକୁ ହରେ ।
ପୁରାତନ ଜାତ ଗ୍ରହଣୀ ଅଗ୍ନିମାନ୍ଦ୍ୟ ରୋଗରେ,
ଦଶ ଜୀରଚୂର୍ଣ୍ଣ ମିଶାଏ ମଧୁ ମଧୁ ସଙ୍ଗରେ ।

ତାଳିଶାଦି ବଟୀ

ତାଳିଶ ପତର, ମରିଚ, ଶୁଣ୍ଠିକାଠ ପ୍ରତ୍ୟେକ,
ଚାରି ତୋଳା ପରିମାଣରେ ରଖ ଥାକକୁ ଥାକ ।
ପିପଳୀର ମୂଳ, ପିପ୍ପଳୀ ଅଠ ତୋଳା ଲେଖାଏଁ,
ଚାରି ତୋଳା ଶୁଣ୍ଠୀଖଣ୍ଡ ଯେ ପୁଣି ରହିବ ଦାଏ ।
ଡାଳଚିନି, ତେଜପତର, ପୁଣି ନାଗକେଶର,
ଏଲାଇଚ, ବେଣାଚେର ଯେ ତୋଳେ ଲେଖାଏଁ ଧର
ସମସ୍ତ ମିଶାଇ ଖଲରେ ଏକ ଦିନ ଶୁଖାଇ,
ଅତି ସୂକ୍ଷ୍ମଚୂର୍ଣ୍ଣ କରିବ ମନ ତତ୍ତ୍ୱରେ ଦେଇ ।

GPNanda Colln., Digitized by srujanika@gmail.com

ଶଙ୍ଖ ପଞ୍ଚିଶ ତୋଳା ଯେ ତମ୍ବା ପୂରୁଣା ଗଡ଼.
ଦେଇ ଭଲରୂପେ ମର୍ଦ୍ଦିବ ଯେତେଦ୍ଧୁ ହୁଅଇ ଗଡ଼ ।
ଅଧତୋଳା ମାତ୍ରା ଖାଇଲେ ଠଣ୍ଡା ଜଳ ସହିତ,
ବାତଶ୍ଲେଷ୍ମାଜାତ ଗ୍ରହଣୀ- ରୋଗେ ହୁଅଇ ହିତ ।
ବାନ୍ତି, ଭୟଙ୍କର ଗ୍ରହଣୀ, କାସ, ଅରୁଚି, ଶ୍ୱାସ,
ଜ୍ୱର, ଶୋଥ, ଗୁଳ୍ମ, ଉଦର- ପ ଣ୍ଡୁ କରଇ ନାଶ ।

ସଂଗ୍ରହ ଗ୍ରହଣୀକପାଟ

ପାରଦ, ଗନ୍ଧକ, ଟାଙ୍ଗଣା- ଖଇ, ମୁକ୍ତା-ସ୍ୱର୍ଣ୍ଣ-
ଅଭ୍ର ଭସ୍ମ, ବଷ, କଉଡ଼ି- ଭସ୍ମ ଏମାନ ଆଣ ।
ପ୍ରତ୍ୟେକରୁ ଦୁଇ ମଷା ଯେ ନିକତିରେ ତଉଲ,
ଦୁଇ ତୋଳା ଶଙ୍ଖଭସ୍ମରୁ ନେଇ ତମ୍ବାରେ ଗୋଳ ।
ପ୍ରଥମେ ପାରଦ ଗନ୍ଧକ କର କଜ୍ଜଳୀ ଖଲେ,
ସମସ୍ତ ମସଲ୍ଲ ସହିତ ଯତ୍ନେ ମିଶାଅ ପରେ ।
ଅଧସେର ଜକେ ଦ'ତୋଳା ଅତୁସୀକୁ ସିଝାଇ,
ରଖି ଆଠତୋଳା ସେ କ୍ୱାଥେ ସବୁ ମର୍ଦ୍ଦିବ ନେଇ ।
ମରଦ୍ଦ ଗୋଟିଏ ଦିବସ କରି ପିଣ୍ଡୁଲା କୃତି,
ସରା ମଧ୍ୟେ ରଖି ମୁଖରେ ସରା ଢାଙ୍କି ଝଟିତି ।
ସରା ଯୋଡ଼ମୁହେଁ ବାନ୍ଧିଣ କନା ମାଟି ଲେପିବ,
ସାତ ଖଣ୍ଡି ଘଷି ଭିତରେ ତାକୁ ଯତ୍ନେ ପୋଡ଼ିବ ।
ଅଗ୍ନି ନିଭିଗଲେ ସରାକୁ କାଢ଼ି ଆଣ ସଉଚି,
ଔଷଧ ବାହାର କରିଣ ଲୌହଖଲରେ ଭର ।
ଧୂତୁରା ପତର ରସରେ ଆଗେ ଭାବନା ଦେବ,
ତମ୍ବା ପରେ ଧଳାଚିତାର ରସେ ଓଦା କରିବ ।

GPNanda Colln., Digitized by srujanika@gmail.com

ଚାଙ୍ଗମୂଳୀ ରସ ଦେଇଣ ଭଲ ରୂପରେ ଘୋଟି,
ଦୁଇ ରତି ମାତ୍ରା କରିବ ସମ ଭାବରେ ବଟୀ ।
ବାୟୁ ପ୍ରକୁପିତ ଗ୍ରହଣୀ ରୋଗେ ମରିଚଚୂର୍ଣ୍ଣ,
ଦି' ଅଣା, ଗୋଘୃତ ତି'ମସା ସଙ୍ଗେ ଦିଅ ଚନ୍ଦନ ।
ପିତ୍ତାଧିକ୍ୟେ ମଧୁ ପିପ୍ପଳୀ- ଚୂର୍ଣ୍ଣ ମସାଏ କରି;
କଫାଧିକ୍ୟେ ବେଲମଞ୍ଜର ରସ ଦି'ତୋଳା ଯୋଗେ ।
ମସାଏ ହିଙ୍ଗୁ ଚୂର୍ଣ୍ଣରେ ଘୃତ ଦି'ମସା ଯୋଗି,
ସେବନେ ସମଗ୍ର ଗ୍ରହଣୀ- ରୋଗ ହୋଇବ ଟଳ ।
ଏଥିରେ ସମସ୍ତ ଅରଶ କ୍ଷୟଜନିତ ଜ୍ୱର,
ମନ୍ଦାଗ୍ନି, ଅରୁଚି, ପୀନସ, ଗ୍ରହଣୀ ଅତିସାର ।
ଦୁଃସାଧ୍ୟ ପ୍ରମେହ ତରଳ- ଶୁକ୍ରଜନକ ରୋଗ,
କ୍ରମେ କ୍ରମେ ଭଲ ହୁଅଇ ସେବା କଲେ ପ୍ରୟୋଗ ।

ଜାତିଫଳାଦ୍ୟା ବଟୀ

ଜାଇଫଳ, ଅଭ୍ର, ଟାଙ୍ଗଣା- ଖଇ, ଧୂତୁରାବୀଜ,
ଏକ ଏକ ତୋଳା ପ୍ରତ୍ୟେକଙ୍କୁ ରଖ କରିଣ ସଜ ।
ମିଶାଇ ଅଫିମ ଦି'ତୋଳା ଭଲ ଖଲରେ ରଖି,
ପସାରୁଣୀ ନେଇ ରସରେ ମର୍ଦ୍ଦନ କରେଣି ।
ଚଣା ପରିମାଣ ବଟିକା କରି ମସାଏ ମଧୁ—
ସହିତ ଖାଇଲେ ଗ୍ରହଣୀ- ରୋଗ ନ ରହେ ଆଉ ।
ରକ୍ତ-ଅତିସାରେ ପେଟର ଶୂଳବେଦନା ନାଶେ,
ଏ ଔଷଧ ନାମ ଧାରିକ ବଇଦ୍ୟ ମାନସେ ।

ଗ୍ରହଣୀଶାର୍ଦ୍ଦୂଳ ବଟୀ

ଜାଇଫଳ, ଜୀରା, ଲବଙ୍ଗ, କୁଡ଼, ବିଟଲବଣ,
ଟାଙ୍ଗଣାର ଖଇ ସହିତ ଚିତ୍ରକକୁ ଆଣ ।

GPNanda Colln., Digitized by srujanika@gmail.com

ଧୂତୁରର ମଞ୍ଜି ସଙ୍ଗରେ ଏଲାଇଚ, ଅଫିମ,
ପ୍ରତ୍ୟେକରୁ ଦୁଇ ଅଣା ଯେ ଯଥା ନୋହେ ବିଷମ ।
ପ୍ରସାରୁଣୀ ପତ୍ର ରସରେ କରି ଦିନେ ମର୍ଦ୍ଦନ,
ଦୁଇ ରତି ମାତ୍ରା ବଟିକା ଯତ୍ନେ କର ନିର୍ମାଣ ।
ଛେଳି ଦୁଇତୋଳା ଶୁଣ୍ଠି ଯେ ଅନୁପାନର କଲେ,
ସିଦ୍ଧ ଉ ଶେଷରେ କୁଆଥ ରଖ ଆଠ ତୋଳରେ ।
ଏହି ସିଦ୍ଧଜଳେ ସେବିଲେ ବଟୀ ଗ୍ରହଣୀ ହରେ,
ଅନୁପାନ ଭେଦେ ସକଳ ରୋଗ ବିନାଶ କରେ ।
ମୁଥାରସ ଦୁଇ ତୋଳାରେ ଦେବ ଅମ୍ଳଶୂଳ ରୋଗେ,
ଆମାଶୟେ ଜାମୁପତ୍ରର ରସ ଦ୍ୱି ତୋଳା ଯୋଗେ ।
ଦୁଇତୋଳା ପିତାକୋରୁଆଁ ରସ ସଙ୍ଗରେ ଗୋଳି,
ପାନ କଲେ ରକ୍ତ ମାଂଶୁ ଦେହୁଁ ଛଳ ଏ ଗୁଡ଼ି ।

ଶ୍ରୀ ନୃପତିବଲ୍ଲଭ

ଜାଇଫଳ, ଜୀରା, ଲବଙ୍ଗ, ଗୁଡ଼ତ୍ୱକ, ଚୂଆଣି,
ତେଜପତ୍ର, ମୁଥା, ଟାଙ୍କଣା- ଗଇ ସୈନ୍ଧବ ପୁଣି ।
ଶୁଣ୍ଠି, ହେଙ୍ଗୁ, ପାରୁ ଅଭ୍ର ଯେ ତାମ୍ର, ଗନ୍ଧକ, ଲୌହ,
ଏଲାଇଚ ପ୍ରତି ଦରବ ଏକଅଣା ସଂଗ୍ରହ ।
ତହିଁ ଦୁଇ ଅଣା ମରିଚ ଦେଇ ଚୂର୍ଣ୍ଣ କରିବ,
ଛେଳିଦୁଧ କମ୍ୱା ଅଏଁଳା- ରସେ ସବୁ ମର୍ଦ୍ଦିବ ।
ପାରଦ, ଗନ୍ଧକ, କଜ୍ଜଳୀ କର ମାଡ଼ି ଖଲରେ,
ଗନ୍ଧକ ସହିତ ପାରଦ ମିଶେ ଯଥା ବିଧିରେ ।
ଦୁଇ ରତି ମାତ୍ରା ବଟିକା କରି ମହୁ ମସାଏ,
ସଙ୍ଗେ ସେବା କଲେ ସକଳ ରୋଗ, ଗ୍ରହଣୀ ଯାଏ ।
ଅଗ୍ନିମାନ୍ଦ୍ୟ, ଶୋଥ ଗ୍ରହଣୀ, କାସ, ଶ୍ୱାସ ହେ ଶୋଥ,

GPNanda Colln., Digitized by srujanika@gmail.com

ଜୀର୍ଣ୍ଣଜ୍ୱର ପୁଣି ପୀନସ, ଅମ୍ଳ-ରକ୍ତ-ପିତ୍ତ,
ଅତିସାର, ଗୁଦଭ୍ରଂଶ ଯେ ପାର୍ଶ୍ୱଶୂଳ, ବସନ୍ତ,
ସର୍ବୋପଦ୍ରବେ ତମ ନଷ୍ଟ ନଶେ ଯାଆନ୍ତି ଦୁଷ୍ଟ ।

ପୀୟୂଷବଲ୍ଲୀ ରସ

ପାରଦ, ଗନ୍ଧକ, ଟାଙ୍କଣା- ଖଇ, ସ୍ୱର୍ଣ୍ଣମାକ୍ଷିକ,
ଅଭ୍ର-ରୌପ୍ୟ-ଲୌହଭସ୍ମ ଯେ ଅଭ୍ରମୀ, ଗୁଡ଼ତ୍ୱକ,
ରସାଞ୍ଜନ, ମୁଥା, ଲବଙ୍ଗ, ଜାବା, ଅକାନବନ୍ଧି,
ରକ୍ତଚନ୍ଦନ, ଧନିଆଁ, ଶୁଣ୍ଠୀ, କୁଡ଼ଚୀ ସନ୍ଧ ।
କୋଟରଇ ଗନ୍ଧର ତେଲ ଯେ ଇନ୍ଦ୍ରଯବ ନିଏଁ କୃତ,
ଧୁତୁରର ବୀଜ, ଧାତକୀ ଫୁଲ ତହିଁ ମଜାଡ଼ ।
ଜାଇଫଳ, ଲୋଧ, ତାଳମୂଳ, ନାଗଚନ୍ଦନ ତେଲ,
ବେଲଶୁଣ୍ଠା ପ୍ରତ୍ୟେକର ଏକଅଣାର ତୁଳ ।
ପାରଦ, ଗନ୍ଧକ, କଜ୍ଜଳୀ କର ଜଳରେ ରଖି,
ସେ କଜ୍ଜଳୀ ନେଇ ଔଷଧ ଯତ୍ନେ ପକାଅ ଦେଖି ।
ସମସ୍ତ ମସଲା ଚୂର୍ଣ୍ଣ କେଣ୍ଡୁଦୁଲ ରସେ,
ଏକ ଦିନ ଦେବ ଭାବନା ଯତ୍ନେ ମନ ହରଷେ ।
ତହିଁ ପରେ ଛେଳି ଦୁଧରେ ମରଦିବ ଯତନେ,
ଚଣା ପରିମାଣ ବଟିକା ପକାଇବ ସମାନେ ।
ପୋଡ଼ାବେଲ ରସ ତୋଳାଏ, ତୋଳେ ଗୁଡ଼ ଗୋଳାଇ,
ସକାଳ-ସନ୍ଧ୍ୟାରେ ସେବିଲେ ରକ୍ତାତିସାର ଯାଇ ।
ଭଜାଜୀରାଚୂର୍ଣ୍ଣ ମସାଏ ମହୁ ଦଶ ଟୋପାରେ,
ଗୋଳାଇ ସେବିଲେ ଗ୍ରହଣୀ ରୋଗ ଦେହରୁ ମରେ ।
ଗୋଟିଏ ମନ୍ଦାର ଫୁଲକୁ ଜଳେ ଦେଇଣ ବାଟି,
ତହିଁ ଗୋଳି ବଟୀ ସେବିଲେ ଯାଏ ପ୍ରଦର ହଟି ।

GPNanda Colln., Digitized by srujanika@gmail.com

ଅଗ୍ନିମାନ୍ଦ୍ୟ, ଶୋଥ, ଅରୁଚି, ଗ୍ରହଣୀ ଶେଷ ଶଳ,
ପ୍ଳୀହା, ଗୁଳ୍ମ, ପାଣ୍ଡୁ, ସୂତିକା- ଜୀର୍ଣ୍ଣଜ୍ୱର କାମଳ ।
ସକଳ ପ୍ରକାର ରୋଗରେ ଏହା ମହା ଔଷଧ,
ଏଥିରେ ବିନାଶ ହୁଅଇ ଜର ବ୍ୟାଧି ସର୍ବ ।

ମହାଗନ୍ଧକ

ଶୋଧିତ ପାରଦ, ଗନ୍ଧକ ଯେ ତି ଉତ୍ତମ ରୂପେ,
କଜ୍ଜଳୀ କରିବ ଯତନେ ଚାରି ତୋଳା ଯେ ରୂପେ ।
ଏହି କଜ୍ଜଳୀରୁ ସିଦ୍ଧକ ମରଦିବ ଜଳରେ,
ପଙ୍କ ସ୍ୱରୂପରେ ହୋଇଲେ ଦେବ ଲୌହକଙ୍କାରେ ।
ରନ୍ଧନଆଁ ପରେ ଉଙ୍କାକୁ ରଖ ଅଳପ କ୍ଷଣ,
ସେ କଜ୍ଜଳୀ ଗଲେ ତରଳ ନିମ୍ନଲିଖିତ ଚୂର୍ଣ୍ଣ ।
ତହିଁରେ ମିଶାଇ ଖଳରେ ଘୋଟି ଅତି ଯତ୍ନରେ,
ପିଣ୍ଡୁଳାକୃତରେ ରଖିବ ଶାମୁକାର ମଧ୍ୟରେ ।
ଜାଇଫଳ, ଜାଇପତ୍ରୀ, ନାଗେଶ୍ୱର, ଲବଙ୍ଗ,
ପ୍ରତ୍ୟେକ ଚୂର୍ଣ୍ଣରୁ ଦ'ଅଣା ଭଲ କରିବ ଯୋଗ ।
ଉପରେ ଶାମୁକା ଯୋଡ଼ିଆ କନାମାଟି ଲେପିବ,
ଶୁଖିଗଲେ ଘଷି ନିଆଁରେ ମନ୍ଦ ଜାଳେ ପୋଡ଼ିବ ।
ଘଷି ଗୁଡ଼ିର ପାଞ୍ଚ ଖଣ୍ଡରେ ଦେବ ନିଆଁ ଲଗାଇ,
ଯେପରି ଗନ୍ଧକ ନ ପୋଡ଼େ ଦେଖୁଥିବ ଜଗେଇ ।
ପିଣ୍ଡୁଳା ଅରୁଣ ବରଣ ହେଲେ ଅଗ୍ନିରୁ ଆଣି,
ସୁଶୀତଳ ହେଲେ ଶାମୁକା ଖୋଲିଦେବ ତକ୍ଷଣି ।
ଶାମୁକା ମଧ୍ୟରୁ ଔଷଧ ପକାଇବ ଖଳରେ,
ଜଳ ଦେଇ ତାହା ମର୍ଦ୍ଦିବ ସୁଚିକ୍କଣ ଭାବରେ ।
ଦୁଇ ରତି ବଟୀ ନିର୍ମାଣି ମୁଥାରସ ଦ' ତୋଳା,

GPNanda Colln., Digitized by srujanika@gmail.com

ସନ୍ଧିତ ସେବନେ ଗୋଳାଇ ଅଣ୍ଡିସାର ଯେ ଗଲା ।
ରକ୍ତ-ଅତିସାରେ ଦ୍ୱ'ତୋଳା ପିଡାକୋରୁଆଁ ନେଇ,
ଅଧସେର ଜଳେ ସିଝାଇ ଆଠ ତୋଳାରେ କାଢ଼ି ।
ଚିନିରେ ଗୋଳାଇ ସେବିବ ବସ୍ତ୍ର ପୂମର ଜଳ,
ଆମାଶୟ ରୋଗେ ମଧ୍ୟ ଏ ଜ୍ଞାଗ୍ରଚୂର୍ଣ୍ଣ ସନ୍ଧିତେ ।
ଦୁଇ ତୋଳା ବେଲପତ୍ରର ରସେ ଶୋଥାତିସାରେ
ଅନୁପାନ ଭେଦେ ସକଳ ରୋଗ ଏଥ ସଂହାରେ ।
ବିଶେଷରେ ଏହା ପିଲାଙ୍କ ଅତିସାର ରୋଗରେ,
ଦାଡ଼ିଆ ଖଣ୍ଡାର ସ୍ୱରୂପ ସଦା ସୁକାର୍ଯ୍ୟ କରେ ।
ଅଗ୍ନିରେ ନ ପୋଡ଼ ଖଲରେ ଖଲି ବଟିକା କଲେ,
ଏହାକୁ ସର୍ବାଙ୍ଗସୁନ୍ଦର ବୋଲୁଥାନ୍ତି ସକଳେ ।
ସାତ ଆଠ ବର୍ଷ ପିଲାଙ୍କୁ ଫଳେ ମାତ୍ରାରେ ଦେବ,
ଚିନିରୁ ନଡ଼ିଆ ଜଳରେ ଭାଗି ମାତ୍ରା କରିବ ।

ରସପର୍ପଟୀ

ବିଶୋଧିତ ପାରୁ, ଗନ୍ଧକ ଏକ ତୋଳା ପ୍ରତ୍ୟେକୁ,
ଖଲେ ଘୋଟି ଯତ୍ନେ କଜ୍ଜଳୀ କରିନେବ ତାହାକୁ ।
କଜ୍ଜଳୀ ନିଷ୍ଟନ୍ଦ୍ର ହୋଇଲେ ଖଲୁଁ ବାହାର କରି,
ସୁପାତ୍ରରେ ଯତ୍ନେ ରଖିବ ଶିବ ନାମ ସ୍ମରି ।
ଗୋବର ମେଞ୍ଚାକ ଉପରେ ରଖି କଦଳୀପତ୍ର,
ଲୁହା କରଚୁଲ ଗୋଟିଏ ଆଣ ଯେ ପରସ୍ତୁତ ।
ବରକୋଳି କାଠନିଆଁରେ କରଚୁଲି ବସାଇ,
ଦଶ ବାର ଟୋପା ଘିଅ ଯେ ତହିଁ ଦେବ ପକାଇ ।

GPNanda Colln., Digitized by srujanika@gmail.com

ଗରମ ହୋଇଲେ ଘିଅକୁ କରଚୁଲି-ଗର୍ଭରେ,
ବୁଲାଇଣ ଦେଇ ତହିଁରେ ଦେବ କଜ୍ଜଳୀ ଧୀରେ ।
କାଠି ଖଣ୍ଡକରେ ଗୋଳାଉ- ଥିବ କଜ୍ଜଳୀପିଣ୍ଡ,
ଭଲ ଘାଟେ ଗଲେ ତରଳ ରଖ ସେ କାଠି ଖଣ୍ଡ ।
ଗୋବର ଉପରେ ପଡ଼ିବା କଦଳୀପତ୍ର ମଧ୍ୟେ,
ତରଳିତ ହେବା କଜ୍ଜଳୀ ଢାଳି ଦେବ ଆନନ୍ଦେ ।
କଜ୍ଜଳୀ ଉପରେ କଦଳୀ- ପତ୍ର ଖଣ୍ଡିଏ ଦେଇ,
ଗୋବର ମେଞ୍ଚାଏ ତହିଁରେ ପୁଣି ଲେପିବ ନେଇ ।
ଗୋବରକୁ ଚାପି ତହିଁରେ ଧରି ରଖିବ ଧୀରେ,
କଜ୍ଜଳୀ ଶୀତଳ ହୋଇଲେ କାଢ଼ି ଆଣିବ ଖରେ ।
ପର୍ପଟୀ ସ୍ୱରୂପ କଜ୍ଜଳୀ ଯତ୍ନ କଳାରେ ପୋଛି,
ପତ୍ର ମଧ୍ୟେ ଏହା ରଖିବ ଯତନେ ହାତରେ ବାଛି ।
ଏହିପରି ଧାତୁ ପର୍ପଟୀ କରେ ବୈଦ୍ୟ ସୁଜନ,
ମୟୂରପୁଚ୍ଛର ସଦୃଶ ଦେଖାଯାଏ ତା' ବର୍ଣ୍ଣ ।
ଶୁଦ୍ଧଦିନେ ଭଲ ନକ୍ଷତ୍ରେ ପୂଜା କରି ଶିବଙ୍କୁ,
ପର୍ପଟୀ ଖାଇବ ହୃଦୟେ ସ୍ମରି ମୋର ପ୍ରଭୁଙ୍କୁ ।
ଗ୍ରହଣୀରେ ଶୋଥ ହୋଇଲେ କରେ ପର୍ପଟୀ କାମ,
ଶୋଥହୀନ ରୋଗେ ଏହାର ଫଳ ହୁଏ ନରମ ।
ବାୟୁ ପ୍ରକୁପିତ ଗ୍ରହଣୀ- ରୋଗେ ଭଜା ଜୀରାର,
ଚୂର୍ଣ୍ଣ ଦୁଇ ରତି ସହିତ ହିଙ୍ଗୁ ରତିଏ ଭର ।
ଏହି ଅନୁପାନେ ପର୍ପଟୀ ଏକ ରତି ପ୍ରଥମେ,
ମିଶାଏ ମହୁରେ ଗୋଳାଇ ଖାଅ ଯଥା ନିୟମେ ।
ପ୍ରଭାତରୁ ଉଠି ଖାଇବ ପ୍ରଭୁ ନାମ ସୁମରି,
ପ୍ରତିଦିନ ଅଧ ରତିଏ ବଢ଼ାଇବ ବିଚାରି ।

GPNanda Colln., Digitized by srujanika@gmail.com

ଜ୍ୱର ଚଢ଼ି ମାତ୍ରା ହୋଇଲେ ଆଉ ବୃଦ୍ଧି ନ କରି,
ସେହି ପରମାଣେ ପ୍ରତ୍ୟହ ଖାଉଥିବ ବଟୁର ।
ଏଥିରେ ଯଦ୍ୟପି ସମ୍ପୂର୍ଣ୍ଣ ଭଲ ନୁହଇ ରୋଗୀ,
ପୁନରପି ଅଧ ରତିଏ ବୃଦ୍ଧି କରିବ ବେଗି ।
କ୍ରମେ ଆଠ ରତି ପର୍ଯ୍ୟନ୍ତ ବଢ଼ାଇବ ପର୍ପଟୀ,
ରୋଗୀ ଭଲ ହେଲେ ତହିଁରୁ ଅଧରତିଏ କାଟି ।
କ୍ରମେ କ୍ରମେ କାଟି ଆଣିବ ଏକ ରତିରେ ରଖି,
ଜ୍ୱର ପାଣ୍ଡୁ ଜନ ଖାଇବ ନିଜ ବଳକୁ ଦେଖି ।
ପର୍ପଟୀ ଖାଇବା ସମୟେ ଗୃହ ମଧ୍ୟେ ରହିବ,
ଦେହରେ ଶୀତଳ ପବନ ଖରା ଲାଗୁ ନ ଥିବ ।
ଅତ୍ୟଧିକ ଚିନ୍ତା, ବ୍ୟାୟାମ, କ୍ରୋଧ ଯେ ପରିଶ୍ରମ,
ନ କରିବ କେବେହେଁ ଆହାର- ବେଳା ଗଡ଼ିବା ଭ୍ରମ ।
ଗୁଆ ଘିଅ, ଛାଗ, ଧଣିଆଁ, ସଜିଁଛବ, ପଟୋଳ,
କଳା ବାଇଗଣ ଅଦା ଯେ ପୁରାତନ ଗୁଡ଼ଜଳ ।
କଳାମୁଗ, ଗୁଆ, ବଥୁଆ, ଲୁଣିଲୁଣିଆ ଶାଗ,
କୃଷ୍ଣବର୍ଣ୍ଣ ମାଛ ମାଗୁର, କଡ଼, ରୋହି ସୁହାଗ ।
ରୋଗ ବଳ ଦେଖି ରୋଗୀର ଏହି ସବୁ ପଦାର୍ଥ,
ଅଳ୍ପ ଅଳ୍ପ ଦେବ ଯେପରି ନ ହୋଇବ ଅହିତ ।
ରୋଗ କମିଗଲେ ଏସବୁ ଦେଖି ଦେବ ଆହାର,
ରୋଗ ସମୟରେ ସୁପଥ୍ୟ ଦୁଧ ଭାତ କେବଳ ।
ଦୁଧଭାତ ସଙ୍ଗେ ମିଶିର, କନ୍ଦ, ଚିନି ଗୋଳାଇ,
ଆହାର ସମୟେ ଖାଇବ ରୋଗୀ ପ୍ରଫୁଲ୍ଲ ହୋଇ ।
ଯେତେବେଳେ ଶୋଷ କରିବ ରୋଗୀ ସେହି ସମୟେ,
ଦୁଧ ଚିନି ଅଳ୍ପ ମାତ୍ରାରେ ପିଇ ଦେବ ମୁହାଁଏ ।

GPNanda Colln., Digitized by srujanika@gmail.com

ଅତି ବେଶି ଶୋଷ ହୋଇଲେ, ଦେବ ଡାଳିମ୍ବ ରସ,
ପଇଡ଼ର ଜଳ ପିଇବ ବାନ୍ତି ହେଲେ ବିଶେଷ ।
ଦେହ ଝିମି ଝିମି ହୋଇଲେ ଦୁଗ୍ଧ ଦେବ ପିଆଇ,
ଉଛାଟ ହୋଇଲେ ଶରୀର ବିଞ୍ଚ ପଙ୍ଖାକୁ ନେଇ ।
ଦିନ ରାତି ସବୁ ସମୟେ ଦୁଧ ନଡ଼ିଆ ରଖି,
ଶୋଷ ହେଉଥିଲେ ପିଆଅ ରୋଗୀ ବଳକୁ ଦେଖି ।
ଦାନ୍ତଘଷା, ମୁହଁ ଧୋଇବା ଶୌଚ ଆଦି ଯେ କର୍ମ,
ଗରମ ଜଳରେ କରିବ ପଥ୍ୟ ନୋହେ ବିଭ୍ରମ ।
ଏହି ଔଷଧରେ ମନ୍ଦାଗ୍ନି, ଶୋଥ, ଗ୍ରହଣୀ ଜ୍ୱର,
ଅତିସାର, ପାଣ୍ଡୁ, କାମଳ, ଗୁଳ୍ମ, ଜଳ-ଉଦର ।
ଅତିଶୀଘ୍ର ଭଲ ହୁଅଇ ଯେଉଁ ରୋଗୀ ଉପରେ..
ଆଶା ଛାଡ଼ି ହରି ନାମକୁ ଭଜୁଥାନ୍ତି ସକଳେ ।
ସେଠାରେ ଅମୃତ ସ୍ୱରୂପ କାର୍ଯ୍ୟ କରେ ପର୍ପଟୀ
ନୂତନ ଜୀବନ ଦିଅଇ କେବେହେଁ ନ ଯାଏ ହଟି ।

—o—

ପର୍ପଟୀ ପାରଦ-ଗନ୍ଧକଶୋଧନ ବିଧି

ଏକ ତୋଳା ପାରଦ ଯତ୍ନରେ ଘୃତ କୁମାରୀ ରସେ,
ମର୍ଦ୍ଦନ କରିବ ଗୋଟିଏ ଦିନ ମନ ହରଷେ ।
ଅଧତୋଳେ ଦେଇ ତ୍ରିଫଳା- ଚୂର୍ଣ୍ଣ ଘୋଟିବ ପାରଦ,
ତହିଁପରେ ଚିତା ପତ୍ରର ରସ ମର୍ଦ୍ଦିବ ଗାଢ଼ ।
କ୍ରମରେ ଜୟନ୍ତୀ ପତ୍ରର ଗବ ପତ୍ରର ରସ,
ଅଦାରସ ଲୁଣିଲୁଣିଆ ଶାଗ ରସରେ ଘଷ ।
ଏପରି ଶୋଧିତ ପାରଦ ପର୍ପଟୀରେ ଲଗାଇ,

GPNanda Colln., Digitized by srujanika@gmail.com

ଉତ୍ତମ ଅଇଁଳା-ସାର ସେ ତୋଳେ ଗନ୍ଧକ ନେଇ ।
ଠିକ ଠିକ କରି ଗନ୍ଧକ ଭୃଙ୍ଗରାଜ ରସରେ,
ସାତ ଥର ଦେଇ ଭାବନା ଧୋଇ ନେବ ଜଳରେ ।
କୋଳକାଠ ରନ୍ଧନଆଁରେ ଲୌହପାତ୍ରକୁ ରଖି,
ତହିଁ ମଧ୍ୟେ ଦେଇ ଗନ୍ଧକ ତରଳାଅ ନିରେଖି ।
ଗନ୍ଧକ ତରଳ ଗଲେଟି ଭୃଙ୍ଗରାଜ ରସରେ,
ପକାଇଣ ଦେଇଥିବ ହେ ଯଥା ନ ପୋଡ଼େ ଖରେ ।
ଶୀତଳ ହୋଇଗଲେ ଗନ୍ଧକ ଯତ୍ନେ ଜଳେ ଧୋଇବ,
ପର୍ପଟୀ ଔଷଧେ ଏହାକୁ ବ୍ୟବହାର କରିବ ।

ସ୍ୱର୍ଣ୍ଣପର୍ପଟୀ

ଶୋଧିତ ପାରଦ, ଗନ୍ଧକ ଦୁଇ ତୋଳା ଲେଖାଁଏ,
ସୁଶୋଧିତ ସ୍ୱର୍ଣ୍ଣ ପତ୍ରର ଓଜନେ ସିକାଏ ।
କଡ଼ୁଆରେ ସ୍ୱର୍ଣ୍ଣପତ୍ରକୁ ଠିକ ଠିକ କରିବ,
ଏହି ତିନ ଦ୍ରବ୍ୟ ଖଲରେ ଦେଇ ଯତ୍ନେ ମର୍ଦ୍ଦିବ ।
ଯେପରି ପାରଦ ସୁବର୍ଣ୍ଣ ଭଲେ ଗନ୍ଧକ ସଙ୍ଗ,
ମିଶିଯାଇ ରେଣୁ ନ ରହେ ଧରେ କଜ୍ଜଳୀ ଢଙ୍ଗ ।
ବରକୋଳ କାଠନିଆଁରେ ଲୌହ ପାତ୍ରକୁ ରଖି,
ଦଶ ବାର ଟୋପା ତହିଁରେ ଘିଅ ଢାଳ ନିରେଖି ।
ଲୁହାଡଙ୍କା ହେଲେ ଗରମ ତହିଁ କଜ୍ଜଳୀ ଦେଇ,
କାଠିରେ କଜ୍ଜଳୀ ଟଗଲାଅ ଯଥା ସେ ତରଳଇ ।
ପୂର୍ବରୁ ମେଞ୍ଚାଏ ଗୋବର ରଖି ତହିଁ ଉପରେ,
କଦଳୀପତ୍ରରୁ ଖଣ୍ଡିଏ ଦେଇଥିବ ମଧ୍ୟରେ ।
ତରଳିତ ହେଲେ କଜ୍ଜଳୀ କଦଳୀର ପତ୍ରରେ,
ପକାଇ ପୁନଶ୍ଚ କଦଳୀ- ପତ୍ର ଦେବ ଉପରେ ।

GPNanda Colln., Digitized by srujanika@gmail.com

କଦଳୀ ପତ୍ରର ଉପରେ ମେଞ୍ଚେ ଗୋବର ଦେଇ,
ହାତରେ ଗୁପିଣ ଧରିବ କତ୍ରି ଷଣ ଦେ ଘାଇ ।
ତା'ପରେ ଗୋରେ ମେଞ୍ଚାକ ଦେବ ମୋପାଡ଼ ଧୀରେ,
କଦଳୀପତ୍ରର ମଧ୍ୟରୁ ନେବ ପର୍ପଟୀ ଖରେ ।
କନାରେ ପୋଛିଣ ପର୍ପଟୀ ରଖ ସ୍ୱଚ୍ଛ ପାତ୍ରରେ,
ଶୁଭଦିନ ଦେଖି ପ୍ରଦାନ କର ରୋଗୀ ରୋଗରେ ।
ରସ ପର୍ପଟୀର ବିଧିରେ ଦେଖି ଏହା ଖୋଇବ,
ଯଦ୍ୟପି ରୋଗୀର ଦେହରେ ବଳ ତେଜ ନ ଥିବ ।
ଅଗ୍ନିମାନ୍ଦ୍ୟ, ଶୋଥ, ଗ୍ରହଣୀ, ପାଣ୍ଡୁ, କାମଳ ରୋଗ,
ଜଳୋଦର, ଅର୍ଶ, ଯକୃତ ବହୁ ଦିନର ରୋଗ ।
ଏହି ସବୁ ରୋଗ ଅନ୍ତରେ ଭଲ ହୁଅଇ ଜାଣ,
ଦୁଧ ସହିତରେ ମିଳାଇ ଖାଇବାର ବିଧାନ ।
ଔଷଧ ସେବନ ଦିନରେ ସଦାଶିବଙ୍କୁ ପୂଜି,
ବ୍ରାହ୍ମଣ ବରଣ କରିବ ନିଜ ଶକ୍ତିକୁ ଦେଖି ।

ମୁସ୍ତକାଦି ମୋଦକ

ପିପ୍ପଳୀ, ମରିଚ, ହରିଡ଼ା, ଶୁଣ୍ଠୀ, ବାହାଡ଼ା ଜୀରା,
ଅଏଁଳା, ଲବଙ୍ଗ, ଜୁଆଣି, ଧନିଆଁ, କଳାଜୀରା ।
ଅଜମୋଦା, ପାନମହୁଷା, ଛତ୍ରୁଆଗ୍ରି ଯେ ପାନ,
ଦାରୁଚିନି, ତେଜପତ୍ରର, ଏଳାଇଚକୁ ନେଇନ ।
ନାଗେଶ୍ୱର, ବଂଶଲୋଚନା, ଧଳାଚିତାର ମୂଳ,
ଅଜମୋଦା, ମେଥି, ସଉପ, ଶ୍ରେଷ୍ଠ ଯେ ଜାଇଫଳ ।
ପ୍ରତ୍ୟେକ ଦରବ ତୋଳାଏ ତୁଳ ଯତନ କରି,
ଖରାରେ ଶୁଖାଇ ଦେବ ଯେ ଶ୍ରୀ ନାମକୁ ସ୍ମରି ।
ଓଜନେ ପଚାଶ ତୋଳା ଯେ ସାର ମୁଥାକୁ ତୁଳି,

GPNanda Colln., Digitized by srujanika@gmail.com

ମୁଷ୍ଟ ଚୂର୍ଣ୍ଣ କରି ନେବଟି ଯେତେହେଲେ ହୁଅଇ ଧୂଳି ।
ଏକ ସେର ତୋଳା ଚିନିକି ଚୁଲି ଉପରେ ଥୋଇ,
ବିଶୁଦ୍ଧ ଜଳରୁ ଶହେତକ ତୋଳା ଦେବ ପୂରାଇ ।
ମନ୍ଦ ତାଟେ ଜଳ ମାରିବ ହେଲେ ଉଖୁଡ଼ା ପାଗ,
ଚୁଲିରୁ ଓହ୍ଲାଇ ସେ ପାକ ଥଣ୍ଡା କରିବ ଆଗ ।
ଶୂଳ ତୋଳା କରି ଘିଅ ଯେ ମହୁ ସିରାରେ ଦେଇ,
ତହିଁରେ ସେ ଚୂର୍ଣ୍ଣ ସକଳ ଯତ୍ନେ ଦେବ ଗୋଳାଇ ।
ଅଧତୋଳ ଠାରୁ ତୋଳାଏ ବଳେନେବ ମୋଦକ,
ଥଣ୍ଡାଜଳ ସହ ସେବିବ ନାମ ନେଇ ପ୍ରଭୁଙ୍କ ।
ଏଥିରେ ଗ୍ରହଣୀ, ମନ୍ଦାଗ୍ନି, ଅତିସାର, ଅଜୀର୍ଣ୍ଣ,
ବିସୂଚି ଅରୁଚି ମରଇ ଏହା ଅଟେ ପ୍ରମାଣ ।

ଜୀରକାଦି ମୋଦକ

ଭଜାଜୀରା ଚୂର୍ଣ୍ଣ ଷୋହଳ ତୋଳା ଭୃଙ୍ଗରାଜ ନେବର,
ଗଞ୍ଜାଇରେ ମଞ୍ଜି ମିଶାଅ ଆଠ ତୋଳା ତହିଁରେ
ଲୌହ, ଅଭ୍ର, ବଙ୍ଗ, ଧନିଆଁ, ସଫା ପାନମହୁରୀ,
ହରିଡ଼ା; ବାହାଡ଼ା, ଅଁଳା, ଜାଇଫଳକୁ ଧରି ।
ଗୁଡ଼ତ୍ୱକ, ତେଜପତର, ନାଗେଶ୍ୱର, ଲବଙ୍ଗ,
ଏଲାଇଚ, ଶ୍ୱେତଚନ୍ଦନ, ଧାଇଫୁଲ, ଶୈଳଜ,
ଗନ୍ଧଶୁଣ୍ଠି, ରକ୍ତଚନ୍ଦନ, ଦ୍ରାକ୍ଷା ଯେ ଜଟାମାଂସୀ,
ଟାଙ୍ଗଣାର ଖଇ, କାଙ୍କୋଲ, ବଂଶଲୋଚନା ମିଶି,
ଯାଷ୍ଟିମଧୁ, ଶୁଣ୍ଠି, ପିପଳୀ, କୁନ୍ଦୁରୁବେଳ, ମରିଚ,
ଜାଇପତ୍ରୀ, ବେଲଶୁଣ୍ଠା ଯେ କ୍ଷୁଦ୍ରଗୋକ୍ଷୁର ସଙ୍ଗ ।
ଗରଗଡ଼ ଫଳ, ସଉପ, ଦେବଦାରୁ, କର୍ପୂର,

GPNanda Colln., Digitized by srujanika@gmail.com

ଅରକ୍ନ ଚେଛ ଚୁଲି ଯେ ଙ୍ଗବ୍ର, ତ୍ରସୃଙ୍ଗ ଧର ।
ମୋଚରସ ସହ ନାଳ୍କୀ, ଦେବ୍କାଠ, କଟ୍କୀ,
ତାହା ସନ୍ତ୍ତରେ ଚାଳଣି- ପନ ଆଣିବ ଯୋଖି ।
ଅଧତୋଳେ କରି ପ୍ରତ୍ୟେକୁଁ ସୂକ୍ଷ୍ମ ଚୂର୍ଣ୍ଣ କରିବ,
ସମସ୍ତ ଚୂର୍ଣ୍ଣକୁ ଏକତ୍ର ଯତ୍ନେ ମିଶାଇ ଦେବ ।
ବସ୍ତାନବେ ତୋଳା ଓଜନେ ଚିନି ସଂଗ୍ରହ କରି,
ବସ୍ତାନବେ ତୋଳା ବିଶୁଦ୍ଧ ଜଳ ତମ୍ବାଁରେ ଭରି ।
ପ୍ରଥମରେ ଚିନି ଜଳକୁ ମନ୍ଦ ଅଗ୍ନିରେ ଥୋଇ,
ପାକ କରି ନେବ ଯେପରି ଜଳ ନ ରହେ ତମ୍ବାଁ ।
ସିରାକୁ ଚୁଲିରୁ ଓହ୍ଲାଇ ଘଙ୍ଗିଗଲେ ଗରମ,
ସକଳ ଚୂର୍ଣ୍ଣକୁ ତମ୍ବାଁରେ ଢାଳି ଦେବ ବହନ ।
ଘିଅ, ମହୁ ଏକ ଛଟାଙ୍କି କରି ତମ୍ବାଁରେ ଦେଇ,
ଚୂର୍ଣ୍ଣକୁ ସିରାରେ ଉତ୍ତମ ରୂପେ ଦେବ ଗୋଳାଇ ।
ଏକ ତୋଳା ମାତ୍ରା ମୋଦକ ବାନ୍ଧିରଖ ସୁପାସେ,
ଯତ୍ନେ ଗଢ଼ିଥିବ ମୋଦକ ସ୍ମରି ବିଷ୍ଣୁଙ୍କୁ ଚିତ୍ତେ ।
ପ୍ରଥମରେ ଅଧ ତୋଳାରେ ମାତ୍ରା କରି ସେବିବ,
ସକାଳ ସନ୍ଧ୍ୟାରେ ଶୀତଳ ଜଳେ ଲେହୁବାଇ ନେବ ।
ଏଥିରେ ସକଳ ଗ୍ରହଣୀ ଅତିସାର ଯେ ଶୂଳ,
ଅଗ୍ନିମାନ୍ଦ୍ୟ, ଜୀର୍ଣ୍ଣ ଜ୍ୱରାଦି, ଅମ୍ଳପିତ୍ତ ଆବର ।
ସଂଗ୍ରହ ଗ୍ରହଣୀ, ଅରୁଚି, ଆମାଶୟ ଯେ ରୋଗ,
ଅତିଶୟ ନାଶ ହୁଅଇ ଏହା କଲେ ପ୍ରୟୋଗ ।
ଜଗତର ହିତ ସକାଶେ କହେ ଶ୍ରୀ ଭଗବାନ,
କରିଛନ୍ତି ଏହି ମୋଦକ କର ତାଙ୍କୁ ଧିଆନ ।

GPNanda Colln., Digitized by srujanika@gmail.com

ଅଗ୍ନିକୁମାର ମୋଦକ

ଦେଶୀଚେର, ମୁଥା, କଟ୍‌ଫଳ, ଖାର, ତେଜପତର,
କଳାଜୀର, କୁରୁବେଲ ଯେ ପୁଣି ନାଗକେଶର ।
ଗୁଡ଼ୁଚ, ରାସ୍ନା, ହିକଟ୍, କକଡ଼ାଶୃଙ୍ଗୀ, କୁଡ଼,
ବେଲଶୁଣ୍ଠ ସଙ୍ଗେ ଧନିଆଁ, ଛଦୁ ଯେ ଜାଇଫଳ ।
ଲବଙ୍ଗ, ଦ୍ୱୈଳଜ, କର୍ପୂର, ଭଲ ବଂଶଲୋଚନା,
ମୁରମାଂସୀ, ବାଡ଼ଅଇଁଲା, ଏଲାଇଚର ଦାନା ।
କଡ଼ବା ଯେ କାନ୍ତଲୌହର ଭସ୍ମ, ତଗର ପାଦ,
ଜଟାମାଂସୀ, ଗନ୍ଧଶୁଣ୍ଠୀ ତ ବଙ୍ଗ, ଅଭ୍ର ନିଶ୍ଚନ୍ଦ୍ର ।
ଚେରଚଡ଼ ପ୍ରତି ତରବ ଅଧ ତୋଳ ରେ ତୁଳ,
ଭଲ ମେଥି ତହିଁ କ୍ଷୋଦନ ତୋଳା ଅଧେ ଯେ ତାଳ ।
କ୍ଷୋଳ ତୋଳା ଅଧେ ଓଜନ ଦେବ ବିଶୁଦ୍ଧ ପତ,
ଯତନେ ଯେ ସବୁ ଚୂରିବ ଶିଳେ ନେଇ ଝଟନ୍ତ ।
ଅନେଶତ ତୋଳା ଓଜନ ଚିନି ଦେଇ ପାତ୍ରରେ,
ଅନେଶତ ତୋଳା ବିଶୁଦ୍ଧ ଜଳ ଢାଳ ତହିଁରେ ।
ମନ୍ଦ ମନ୍ଦ ଜାଳେ ମାରିବ ପାତ୍ର ମଧ୍ୟରୁ ଜଳ,
ପାକସିଦ୍ଧ ହେଲେ ଚୂଲିରୁ ଓହ୍ଲାଇବ ଚଞ୍ଚଳ ।
ସିରାର ଗରମ ଭାଙ୍ଗିଲେ ତହିଁ ସମସ୍ତ ଚୂର୍ଣ୍ଣ,
ମିଶାଇ ଗୋଳିବ ଯତନେ କରି ବିଷ୍ଣୁଙ୍କୁ ଧ୍ୟାନ ।
ଘିଅ ମହୁ ଏକ ଛଟାଙ୍କି କରି ତହିଁ ଗୋଳିବ,
ଅଧତୋଳା ମାତ୍ରା ନିର୍ମାଣି ଘଣ୍ଟେ ଭରି ରଖିବ ।
ଶୀତଳ ଜଳରେ ଅଥବା ଛେଳି ଦୁଧ ସହିତ,
ସନ୍ଧ୍ୟା-ସକାଳରେ ଖାଇବ ହୋଇ ନିର୍ମଳ ଚିତ୍ତ ।

GPNanda Colln., Digitized by srujanika@gmail.com

ଏହାକୁ ସେବଲେ ଗ୍ରହଣୀ, ଅତିସାର, ମନ୍ଦାଗ୍ନି,
ଅମ୍ଳପିତ୍ତ, ଶୂଳ, ଅରୁଚ, ଜୀର୍ଣ୍ଣଜ୍ୱରର ହାନି ।
ଶରୀରର କାନ୍ତି ବଢ଼ଇ ମନ ପ୍ରଫୁଲ୍ଲ ହୁଏ,
ଅକାଳରେ ବୁଢ଼ା ହେବାର ରୋଗ ଉଭେଇ ଯାଏ ।

ମେଥି ମୋଦକ

ହରିଡ଼ା, ବାହାଡ଼ା, ଅଁଳା, ଶୁଣ୍ଠୀ, ପିପ୍ପଳୀ, କୁଡ଼,
ମରିଚ, ଧନିଆଁ, କଟ୍‌ଫଳ, କଳାଜୀରାକୁ କାଠ ।
ଜୁଆଣି, ସୈନ୍ଧବ, କକଡ଼ା- ଶୃଙ୍ଗୀ, ବିଟଲବଣ,
ନାଗେଶ୍ୱର, ଜୀର, ଲବଙ୍ଗ, ପଞ୍ଚ କଣ ଆଣ ।
ଜାଇଫଳ, ତେଜପତର, ମୂଷାମାଂସୀ, କର୍ପୂର,
ଗୁଡ଼ତ୍ୱକ, ଜାଇପତ୍ରୀ, ଏଲାଇଚକୁ ଧର ।
ରକ୍ତଚନ୍ଦନ, ମୁଥା ଯେ ତୋଳେ ଲେଖାଏ ଭଲ
ସତାବରୀ ତୋଳା ବଶୁର ମେଥି ଚୂର୍ଣ୍ଣରେ ଢାଳ ।
ଖଲରେ ଶୁଖାଇ ସେସବୁ ଚୂର୍ଣ୍ଣ କର ଯତନେ,
ରଖିଦେବ ଗ୍ଲାଶି କନାରେ ଦେଖି ନଜ ନୟନେ ।
ଶହେ ଆଠତୋଳା ଓଜନେ ନେଇ ପୁରୁଣା ଗୁଡ଼,
ଶହେ ଆଠତୋଳା ବଶୁର ଜଳ କର ଯୋଗାଡ଼ ।
ଜଳକୁ ଗୁଡ଼ରେ ଗୋଳାଇ କରେଇରେ ରଖିବ,
ମନ୍ଦ ମନ୍ଦ ଜାଳେ ଚୁଲ୍ଲୀରୁ ସବୁ ଜଳ ମାରିବ ।
ଜଳ ମରିଗଲେ ଅଗ୍ନିରୁ କରେଇକି ଓହ୍ଲାଅ,
ସମସ୍ତ ମସଲ ଚୂର୍ଣ୍ଣକୁ ଚଟୁଁ ବେଗେ ଘଞ୍ଚାଅ ।
ଘିଅ, ମହୁ ଏକ ଛଟାଙ୍କି କରି ଚଟୁଁ ଘଞ୍ଚାଇ,
ମୋଦକ ବାନ୍ଧିଣ ରଖିବ. ଏକ ତୋଳାରେ ଦେଇ

GPNanda Colln., Digitized by srujanika@gmail.com

ଉତ୍ତମ ବଳରେ ସେବିବ   ଚିତ୍ତ ପ୍ରଫୁଲ୍ଲ କରି,
ମନରୁ ଦୁଶ୍ଚିନ୍ତା ଛାଡ଼ିଣ   ପ୍ରଭୁ ନାମ ସୁମରି ।
ଏଥିରେ ସଂଗ୍ରହ ଗ୍ରହଣୀ,   ଅଗ୍ନିମାନ୍ଦ୍ୟ, ଅଶ୍ମରୀ,
କୋଡ଼ିଏ ପ୍ରକାର ପ୍ରମେହ,   ମୂତ୍ରାଘାତ ବେମାରି,
କାଶ, ଶ୍ୱାସ, ପାଣ୍ଡୁ, କାମଳ,   ସୂତିକା, ଅତିସାର,
ଭଲ ହୋଇଯାଏ ସତ୍ୱର   ଅତି ପୁରୁଣା ଜ୍ୱର ।
ଏହି ଅଉଷଧ ଯୁବତୀ-   ନାରୀ ମନର ଧନ,
ଏଥିରେ ଦୁର୍ବଳ ରମଣୀ   ଲଭେ ନବ ଯୌବନ ।
ମାସିକଆ ସ୍ତ୍ରୀ ଲୋକର   ସନ୍ଧ ହୁଅଇ ଡେରି,
ଅଥବା ଅଳପ ଅଳପ   ସ୍ରବେ ଶୋଣିତ ବାରି ।
ଗୋଡ଼ହାତ ଦେହ ଜ୍ୱଳାରେ   ଏହା ସେବିବ ନିତ୍ୟ,
ଏଥିରେ ରମଣୀ ରତନ   ନଷ୍ଟେ ହୁଏ ମୋହିତ ।
ଯେଉଁ ଯୁବତୀର ନ ଉଠେ   କୁଚ ଦୃଷ୍ଟ ଗ୍ରୀଡରେ,
ତାହାକୁ ଦେଖିଲେ ଯୁବକ   ନ ଲୋଭନ୍ତି ମନରେ ।
ସେମାନେ ଏହାକୁ ସେବିଲେ   ତାଳ ଫଳ ସଦୃଶ,
ଟେକି ଉଠେ କୁଚ ଦୁଇଟି   ହରେ ଯୁବା ମାନସ ।
କାମଦେବ ଏହି ମୋଦକ   କହିଛନ୍ତି ଶାସ୍ତ୍ରରେ,
ଯୁବକ ଯୁବତୀ ଏହାର   ଫଳ ଲଭ ବଧିରେ ।
କେହି କେହି ବୈଦ୍ୟ ପୁରୁଣା-   ଗୁଡ଼ି ନ ଦେଇ ଚିନି,
କିମ୍ବା କନ୍ଦ ଦେଇ କରନ୍ତି   ଗୁଣ ନ ହୁଏ ହାନି ।

—୦—

GPNanda Colln., Digitized by srujanika@gmail.com

ଶୃଙ୍ଗେରି ଘୃତ

ମୂର୍ଚ୍ଛିତ ଗୋଘୃତ ଆଣିବ   ଶୃଙ୍ଗବେରର ଓଜନେ,
ଭଲ ତାହା ଧୂତ ପାତ୍ରରେ   ରଖ ଅଷ୍ଟ ପତନେ ।
ଚୁଲ୍ଲିରେ ବସାଇ ସେ ପାତ୍ର   ମନ୍ଦ ମନ୍ଦ ଜାଳିବ,
ଆମ୍ବିଳପତ୍ର ରସତ୍ରି   ଷୋଳ ସେର ଭିଜାବ ।
ରସ ମରିଗଲେ ଘୃତକୁ   ଗୁଣି ମୋଟ କନାରେ,
ସାରି ପାକ ଦେଖି ଖପଡ଼ି,   ଫୋପାଡ଼ିବ ଦୂରରେ ।
ଦଧିଜଳ ସେତିକି ଘୃତରେ   ଦେଇ ଷୋହଳ ସେର ।
ନିଆଁରେ ବସାଇ ତହିଁରୁ,   ସବୁ ଜଳକୁ ମାର ।
ଜଳ ମରିଗଲେ ଘୃତକୁ   ଗୁଣି ପୁନ ରଖିବ,
କଳକ ମଧ୍ୟ ସମସ୍ତ   ବାଟି ତହିଁରେ ଦେବ ।
ତ୍ରିଫଳାର ମଳ, ଶୁଣ୍ଠୀ ସେ   ଚିତାମୂଳ, ପିପଳୀ,
ଗୁଳୁଚିକାଠ ତହିଁ ସଙ୍ଗରେ   ନେବ ଗୋକ୍ଷୁର ମୂଳ ।
ବେଲଶୁଣ୍ଠା, ଗୋଠାଧନିଆଁ,   ଅଜାଗନ୍ଧ ବଚର,
ନୂତନ ନର୍ମଳ ରତନ-   ପୁଷ୍ପ ନିଆଁଣ୍ଡି ଧର ।
ଆଠ ତୋଳା ପାଣି ପ୍ରତ୍ୟେକୁଁ   ସଫା ଶିଳେ ବାଟିବ,
ଷୋଳ ସେର ଜଳେ ଗୋଳାଇ   ଘୃତ ପରେ ଢାଳିବ ।
ମନ୍ଦ ମନ୍ଦ ଜାଳେ ଜଳକୁ   ମାରିନେବ ସୁଧୀରେ ।,
ପାକ ସିଦ୍ଧ ହେଲେ ଘୃତକୁ   ଗୁଣି ମୋଟା କନାରେ ।
ଉତ୍ତମ ପାତ୍ରରେ ରଖିଣ   ଦୁଇ ମସା ମାତ୍ରାରେ,
ପାଞ୍ଚ ତୋଳା ଉଷୁମ ଦୁଗ୍ଧରେ   ଗୋଳାଇବ ହସ୍ତରେ ।
ଅଧତୋଳା ଚିନି ମିଶାଇ   ଏହା କଲେ ସେବନ,
ବହୁ ଦିନ ଜାତ ଗ୍ରହଣୀ   ଭଲ ହୁଏ ବହନ ।

GPNanda Colln., Digitized by srujanika@gmail.com

କଫଜାତ ବାତ, ଅରଶ, ଆମାଶୟ, ମନ୍ଦାଗ୍ନି,
ମୂତ୍ରକୃଚ୍ଛ୍ର, ଗୁଦଭ୍ରଂଶକୁ ନାଶେ କରମ ଘେନ ।
 କ୍ରମରେ ମାତ୍ରା ବଢ଼ାଇ ଅଧ ତୋଳା କରନ୍ତୁ,
ଔଷଧ ସେବବା ସମୟେ ପଥ୍ୟ ଜଗି ରହିବ ।

ଗ୍ରହଣୀମିହିର ତୈଳ

ସଂଶୋଧିତ ତିଳ ତଇଳ ଗୁରୁ ସେର ଆଣିବ,
ତାହାକୁ ସୁଦୃଢ଼ ଭାଣ୍ଡରେ ଯତନରେ ରଖିବ ।
ବାର ସେର ଅଧେ ଧନିଆଁ ମନ୍ଦ ମନ୍ଦ ଜାଳରେ,
ଚଉଷଠି ସେର ଜଳରେ ସିଝାଇବ ବିଧିରେ ।
ଅବଶେଷେ ସେର ଷୋହଳ ଜଳ ରଖି ଓହ୍ଲାଇ,
କୁଆଟକୁ ଛାଣି କନାରେ ଦେବ ତେଲରେ ନେଇ
ମନ୍ଦାଗ୍ନି ଚୁଲ୍ଲୀରେ ଭାଣ୍ଡକୁ ରଖି ଜଳକୁ ମାର,
କେବଳ ତଇଳ ରଖିବ ଯଥା ନ ଲଗେ ବାର ।
ସାତ ଦିନ ପରେ ତଇଳେ ଘୋଳ ୫ ଶୁଦ୍ଧ ଦହି,
ଷୋଳଟେହର ନେନ୍ନୀଁ ମିଶାଇ ପାକ କରିବ ରହି ।
ପାକି ମରିଗଲେ ତଇଳ ନେଇ ରଖିବ ଛାଣି,
ତଇଳେ ନକଳ ମସଲ ଦେବ ତୋଳାଏ ପୁଣି ।
ଅଜୁମୀ, କଡ଼ବା, ଧନିଆଁ, ଲୋଧ ସେ ଧାଇଫୁଲ,
କୁରୁଚବଳ, ମୁଥା, ନଗଡ଼ା ବେଣାଗଛର ଚେର ।
ମୋଚରସ, ବେଲଶୁଣ୍ଠି ଯେ, ନୀଳୋତ୍ପଳ, ରସୋତ*
ତେଜପତ୍ର, ନାଗକେଶର, ପଦ୍ମକେଶର ଯୁକ୍ତ ।
ଇନ୍ଦ୍ରଯବ, ଧୂଆଁଲଇଟି, ପଦ୍ମକାଠ, ଗୁଳୁଚି,
ତଗର ପାଦୁକା, କଟ୍ଫଳ, ଜଟାମାଂସୀକ ସଙ୍ଗ ।

*ରସୋତ — ରସାଞ୍ଜନ

ତାଳଚନ୍ନ, କେଶଦ୍ରୁବ, ଜା'ମ୍ବୁ, ପୁରଣୀ, ଆମ୍ବ-
କଦମ୍ବ-କୁଡ଼ଚିର ଚେଲି ଯେ ଜାଗ, କୁଆଁରି ନେବ ।
ପ୍ରତ୍ୟେକ ମନଲ୍ଲ ହ'ତୋଳା ଆଣି ଶିଳେ ବାଟି,
ଷୋଳସେରର ଜଳେ ଫୋଟାଇବ ଚଉଠିଲ ଶେଷ ହେବ ।
ମନ୍ଦ ମନ୍ଦ ଜାଳେ ତଳଟିରେ ଯାକ ଚଢ଼ିବ ତେଲ,
ଜଳ ମରିଗଲେ ତେଲକୁ ଓହ୍ଲା'ଇବ ଚୁଲ୍ଲି ।
ଥଣ୍ଡା ହୋ'ଇଗଲେ ଛାଣିକ ଗ୍ଲାସିକେର କନାରେ,
ଉତ୍ତମ ପାତ୍ରରେ ରଖିବ ସୁରକ୍ଷିତ ସ୍ଥାନରେ ।
ଏହାକୁ ସମସ୍ତ ଶରୀରେ କଲେ ମାଲିସ ଧୀରେ,
ସଂଗ୍ରହ ଗ୍ରହଣୀ, ମନ୍ଦାଗ୍ନି, ଅନ୍ତସାର ସଂହରେ ।
କାମଳ, ପ୍ରମେହ, ଅରଣ, ଶୋଥ, ଶଳବିକାର,
ନବୃତ୍ତ ହୁଅଇ, ସେ ରୋଗୀ ଧରେ ନୂଆ ଶରୀର ।
କେହି କେହି ଏଥି ମିଶାଇ ନପଚଥାନ୍ତି ହ'ଉଳ,
ଦଶ ବାର ଫୋଟା ଗୋଦୁଗ୍ଧ ଅଧପାଆକେ ଗୋଳି ।

ମୁଷ୍ଟିଯୋଗ

ଗ୍ରହଣୀ ରୋଗରେ ସଦ୍ୟପ ମଳ ହୁଏ କଠିନ,
ଦୁଇ ତୋଳା ଗାଈଘିଅରେ ଟିକେ ସୈନ୍ଧବ ଲୁଣ ।
ଗୋଳ ସେବା କଲେ ଦ'ବେଳା ଯାଏ ରୋଗ କଠିନତା,
ରହେ ନାହିଁ ପେଟ ଜାମୁଡ଼ା ରୋଗୀ ମନର ଚିନ୍ତା ।
ଟିକେ ବହଲ୍ଦେଣ ଜୁଆଡି- ଚୂର୍ଣ୍ଣ ମିଶନ ମାତ୍ରା,
ସେବନେ ଗ୍ରହଣୀ ରୋଗରେ ନାଶେ ମଳତରଳତା ।

GPNanda Colln., Digitized by srujanika@gmail.com

ଅମ୍ଳଟୋକେ ବେଲଶୁଣ୍ଠି ଯେ ଶୁଣ୍ଠି ନ'ଅଣା ନେଇ,
ସବୁ ଚୂର୍ଣ୍ଣ କରି ସେବିବ ଘୋଳଦହିକି ଦେଇ ।
ଏଥିରେ ପୁରୁଣା ଗ୍ରହଣୀ- ଆମଦୋଷ କଟଇ,
ପେଟର ବେଦନା ସକଳ ଶୀଘ୍ର ନାଶ ହୁଅଇ ।
ଅମ୍ଳତୋଳା ନାଲମୂଳୀକି ଧୁଆନୁଆଳ ଜଳେ,
କମା ଘୋଳଦହି ସହିତ ବାଣ୍ଟି ଗୁଡ଼ମ ମିଶେଲ ।
ଖାଅ କରି ତାହା ଉପରେ ଘୋଳ ଦହି ସହିତ.
ପୁରୁଣା ଅନ୍ନ ଖାଇଲେ ହୁଏ ଗ୍ରହଣୀ ହତ ।
ଦ୍ୱକ ତୋଳା କୁଢ଼ ନୁଆଣି, ଶଠ ଲୁଣ ଅ'ଧତୋଳା,
ଭିଅଭଜା ହିଙ୍ଗୁ ତିନ୍ତି ଟିକେ କରି ତୋଳାଏ ମେଳ
ଚୋପଲ ଶୁଣ୍ଠି ଚୋପେ ଠାଙ୍ଗଣା-ଖଇ ତିନ୍ତି ମିଶାଇ,
ଜଳରେ ମରିଚ ପତ୍ରନେ ବଟୀ ପକାଅ ନେଇ ।
ବରକୋଳି ମଞ୍ଜି ସମାନ ମାତ୍ରା କରି ଜଳରେ,
ସେବିଲେ ଗ୍ରହଣୀ ନିବୃତ୍ତି ନାଶ ହୁଅଇ ଷଣରେ ।
ଚେଗୁନିଆଁ, ନିମ, ବେଲର ପତ୍ରରୁ ଶୁଖାଇ,
ତିନ୍ତି ସମ୍ପୃକ୍ତରେ ଚମ୍ପାର ମଧ ଶୁଣ୍ଠିକୁ ଦେଇ ।
ପ୍ରତ୍ୟେକରୁ ଅଧ ତୋଳାଏ ସୂକ୍ଷ୍ମ ଚୂର୍ଣ୍ଣ କରିବ,
ସିଉଳ ମାତ୍ରାରେ ଭିବେଳା ଜଳ ସହ ଖାଇବ ।
ଏଥିରେ ଗ୍ରହଣୀ ନିଶ୍ଚୟ ଭଲ ହୁଅଇ ଜାଣ,
ପଥ୍ୟରେ ରହିବ ପ୍ରଭୁଙ୍କୁ କରି ହୃଦରେ ଧ୍ୟାନ ।
ଶାଲପର୍ଣ୍ଣୀ, ମୋଚରସ ଯେ ବେଲଶୁଣ୍ଠି, ପୁରୁଣା-
ଆମ୍ବଟାକୁଆର କୋଇଲି କରିଟୋବ ଘଟଣା ।
ଚୂର୍ଣ୍ଣ ପ୍ରତ୍ୟେକୁ ତୋଳାଏ ଦୁଇ ମସା ମାତ୍ରାରେ,
ଗୁଡ଼ଳମଣ୍ଡୁରେ ନେବଲେ 'ରୋଗ ଗ୍ରହଣୀ ହରେ ।

GPNanda Colln., Digitized by srujanika@gmail.com

ହରିଡ଼ାର ଗୁଣ୍ଡା, ପିପ୍ପଳୀ ପ୍ରତ୍ୟେକରୁ ଦ'ତୋଳା,
ଜଳରେ ମରିଚ ଅ'ମଦା ମାତ୍ରା ହୋଇବ ବଳା।
ତହିଁରୁ ଗୋଟିଏ ବେଳ ଟେକ ଉଷ୍ଣ ଜଳରେ ଗୋଳି,
ସେବିଲେ ଗ୍ରହଣୀ, ରକ୍ତ- ଆମ-ଆଣ୍ଠୁ ମରି।
ଆମ୍ବିଳତ ପଣ ରସ୍ତୁ ଦୁଇ ତୋଳା ସହିତ,
ଶୁଣ୍ଠୀଚୂର୍ଣ୍ଣ ମଧ୍ୟେ ମାତ୍ରାରେ ସେବା କରିଲେ ନିତ୍ୟ!
ବହୁ ଦିନଜାତ ଗ୍ରହଣୀ ରୋଗ ହୁଅଇ ନାଶ,
ସବୁବେଳେ ସଦାଶିବଙ୍କ ନାମ ମୁଖରେ ଘୋଷ।

ଗ୍ରହଣୀ ରୋଗରେ ପଥ୍ୟ

ଗ୍ରହଣୀରୋଗରେ ବିଶେଷ ଝାଡ଼ା ହେଲେ ରୋଗୀର,
ଖଇମଣ୍ଡ, ସାଗୁ, ପାଳୁଅ, ବାଲି ପଥ୍ୟ ଆଚର।
ସଦ୍ୟ ଘୋଳ ଦହି, ମସୁର ଡାଲି ପାଣି ନିର୍ମଳ,
କାଞ୍ଜି ପାଣି, ବାସି ତୋରାଣି, ପକୁଡ଼ି'ଳମ୍ବ ଜଳ।
ବେଦାନାର ରସ, ମିଶିରି- ଜଳ ଛେନାର ପାଣି,
ପୋଷେ ପୋଷେ ଦିନ-ରାତରେ ଦେବ ସମସ୍ତ ଜାଣି।
ରୋଗ ଦୋଷ ବଳ ନିରେଖି ଦେଉଥିବ ସୁପଥ୍ୟ,
ଯେପରି ନ ହୁଏ ଦୁର୍ବଳ ରୋଗୀ ରୋଗରେ ନିତ୍ୟ।
ଝାଡ଼ା ବନ୍ଦ ହେଲେ ପୁରୁଣା ଚାଉଳର ଯେ ଅନ୍ନ,
କଦଳୀ, ପଟୋଳ, କାଙ୍କଡ଼, ଠୋପର ବାଇଗଣ।
ଅମୃତଭଣ୍ଡାର ଫଳ ଯେ କଷି ସଜନା ଛୁଇଁ,
କଦଳୀର ଭଣ୍ଡା, ମଞ୍ଜା ଯେ ଓଉ, ଓଲୁଅ ଚନଇ।
ହିଙ୍ଗୁଡ଼ା, ହୁଡ଼ୁମ୍ବ, କଟଳା, ଚୂଡ଼ାମଣ୍ଡକୁ ଦେବ,
ମସୁର, ହରଡ଼, ମୁଗର ମିଷ୍ଟ ଜଳ ଖାଇବ।

GPNanda Colln., Digitized by srujanika@gmail.com

ଘୋଳଦହି, ଗାଈଘିଅ ଯେ ଛେଳିଦୁଧ, ଲହୁଣୀ,
ମାଛ ମଧ୍ୟେ କଉ, ମାଗୁର, ମୀନ, ବାଘି ଚୋରାଣି ।
ପସାରୁଣିପତ୍ର, କଇଥ, ବେଲ ଡାଳିମ୍ବ ଫଳ,
ଆମ୍ବିଳତ ଶାଗ ଭଇଁଷ ଘୋଳ, ଜାମୁ ଆବର ।
ବଳାବଳ ଦେଖି ରୋଗୀକୁ ଦେବ ଯଥା ବିଧ ନେ,
ଅଜୀର୍ଣ୍ଣ ଯେପରି ନ ହୁଏ ଥିବ ସୁସାବଧାନେ ।

—o—

ଅର୍ଶରୋଗ

ଲକ୍ଷଣ

ମଳଦ୍ୱାର ପରିମାଣ ଯେ ସାଢ଼େ ଚାରି ଆଙ୍ଗୁଳ,
ତହିଁ ଗୋଟି ବଳୀ ତହିଁରେ ଅଛି ଶଙ୍ଖ ଆକାର ।
ବାହାରିଲେ ଏହି ବଳିରେ ମାଂସ ଗଜା କେତୋଟି,
ପଣ୍ଡିତମଣ୍ଡଳୀ ଏହାକୁ ଅର୍ଶ ବୋଲି କହନ୍ତି ।
ମାଂସଗଜା ଫାଟି ଝରଇ ସ୍ୱଳ୍ପ ସ୍ୱଳ୍ପ ରକତ,
ପୋଡ଼ା ଲଗା ମଳ ଦ୍ୱାରରେ ଜନ୍ମେ କ୍ଳେଶ ବହୁତ ।
କଠିନ ପେଟରେ ମଳରି ହୁଏ ପେଟ ଫମ୍ପାଇ,
ଅଗ୍ନିମାନ୍ଦ୍ୟ, ଅବସାଦ ଯେ ରୋଗୀ ନିତ୍ୟ ଭୋଗଇ ।
ରୋଗୀର ଦେହରୁ ରକତ ଗଲେ ବହୁତ ନିତ,
ରୋଗୀ ଦେହ ପାଣ୍ଡୁ ବରନ ଦେଖାଯାଏ କହାନ୍ତି ।

ଚିକିତ୍ସା

ଅର୍ଶ ରୋଗର ଚିକିତ୍ସା ଅଛି ଚାରି ପ୍ରକାର,
ଔଷଧ, କ୍ଷାର, ଶସ୍ତ୍ର ଯେ, ଅଗ୍ନି ପ୍ରୟୋଗ ଧର ।

GPNanda Colln., Digitized by srujanika@gmail.com

ଔଷଧ ପ୍ରୟୋଗ କରିବା   ଶୁଣ ପାଠକଗଣ,
ଚିକିତ୍ସା ଶାସ୍ତ୍ରର ମତରେ   ହୋଇ ଅଛି ପ୍ରମାଣ ।
ଅରଶ ରୋଗର ଔଷଧ,   ଅନୁପାନ, ଆହାର,
ବାୟୁକୁ ନାଶଇ ଯେ ଦ୍ରବ୍ୟ   ସେହି ଶ୍ରେଷ୍ଠ ବସ୍ତୁର ।
ବାୟୁ ଅନୁଲୋମ ସର୍ବଁରେ   ଅଗ୍ନିବୃଦ୍ଧି ହୁଅଇ,
ସେହି ଅଉଷଧ ପଥ୍ୟାଦି   ଦେବ ରୋଗୀକି ନେଇ ।

ମରିଚାଦି ଚୂର୍ଣ୍ଣ

ମରିଚ, ପିପ୍ପଳୀ, ସୈନ୍ଧବ,   ଜୀରା, ବିଡ଼ଙ୍ଗ, କୁଡ଼,
ବଚ, ହିଙ୍ଗୁ ପୁଣି ହରିଡ଼ା,   ଶୁଣ୍ଠୀ, ଜଅଣି କାଢ଼ ।
ଧଳାଚିତାମୂଳ ପ୍ରତ୍ୟେକୁଁ   ଏକ ତୋଳାରେ ଭୂଜ,
ଚୂରିବ ସକଳ ମସଲା   ହୁଏ ଯେଉଣ ଧୂଳ ।
ବାର ତୋଳା ଗୁଳ ଗୋଳିବ   ତହିଁ ପୁରୁଣା ଗୁଡ଼,
ଅଧତୋଳା ମାତ୍ରା ଖାଇବ   କରି ମନକୁ ଦୃଢ଼ ।
ଏଥିରେ ଅରଶ ବିକାର   ଭଲ ହୁଅଇ ଜଣ,
ରକତ ପଡ଼ିବା ଦୋଷକୁ   ଧ୍ୱଂସ କରେ ତକ୍ଷଣ ।

ସମଶର୍କରା ଚୂର୍ଣ୍ଣ

ଗୁଜୁରାତ ଏକ ତୋଳା ଯେ   ଡାଲଚିନି ଦୁ'ତୋଳା,
ତିନି ତୋଳା ତେଜପତର   ଗୁଳ ଆଣିବ ସାରା ।
ଚାରି ତୋଳା ନାଗକେଶର,   ପାଞ୍ଚ ତୋଳା ମରିଚ,
ଛ'ତୋଳା ପିପ୍ପଳୀ; ଶୁଣ୍ଠୀରୁ   ସାତ ତୋଳାଟି ଛେଚ ।
ଚୂର୍ଣ୍ଣ ହେଲେ ତହିଁ ଗୋଳାଇ   ଚିନି ଯେ ଅଠାଇଶ–
ତୋଳା, ଦୁଇ ମସା ମାତ୍ରାରେ   ସେବ ଅର୍ଶ ବିନାଶ ।

GPNanda Colln., Digitized by srujanika@gmail.com

ଛଟାଙ୍କିଏ ଦୋଳଡବ୍ବରେ   କମ୍ପା ନେଳାଏ ନାଗି,
ଜଳରେ ବାଟିଣ ନନ୍ଦିଁରେ   ଗୋଳ ଯେବେ ହସି ।

ମାଣିଭଦ୍ର ମୋଦକ

ବଡ଼ଙ୍ଗ, ହରିଡ଼ା, ଅଁଳା   ପ୍ରତ୍ୟେକ ଆଠ ତୋଳା,
ତିହୁଡ଼ି ମୂଳର ଗୁଣ୍ଡ ଯେ   ଚହିଁ ଚବିଶ ତୋଳା ।
ପୁରାତନ ଗୁଡ଼ ତହିଁରେ   ଅଠଚାଳିଶ ଭରି,
ମିଶାଇ ମୋଦକ କରିବ   ଯତ୍ନେ ନ ନେଇ ବାରି ।
ଏକ ତୋଳା ମାତ୍ରା ସେବିଲେ   ଠଣ୍ଡା ଜଳ ହିତେ,
ଏଥିରେ ଅରଶ, କାସ ଯେ   ଭଗନ୍ଦର ନଶ୍ୟତ ।

ସ୍ୱଳ୍ପଶୂରଣ ମୋଦକ

ମରିଚର ଚୂର୍ଣ୍ଣ ତୋଳେ ଯେ   ଶୁଣ୍ଠୀଚୂର୍ଣ୍ଣ ଦ'ତୋଳା,
ବୃଦ୍ଧ ତୋଳା ଠଳ ଚିତାର   ଚୂର୍ଣ୍ଣ କରିବ ମେଳା ।
ବଣ ଓଲ ଅର ଚୂର୍ଣ୍ଣରୁ   ଅଠ ତୋଳା ମିଶାଇ,
ପୁରୁଣା ଗୁଡ଼ରୁ ପନ୍ଦର   ତୋଳା ତହିଁରେ ଦେଇ
ଏକ ତୋଳା ମାତ୍ରା ମୋଦକ   ବାନ୍ଧ, ଶୀତଳ ଜଳେ,
ପାନ କଲେ ରୋଗୀ ଅରଶ   ନାଶଯାଏ ନିର୍ମୂଳେ ।
ଅଗ୍ନିମାନ୍ଦ୍ୟ, ଗୁଳ୍ମ, ଶୂଳ ଯେ   ନିବର୍ତ୍ତଇ ଏଥିରେ,
ରକ୍ତସ୍ରାବକୁ ଧ୍ୱଂସଇ   ଏହା ଅଳ୍ପ ଦିନରେ ।
କେହ୍ନି କେହ୍ନି ବୈଦ୍ୟ ପୁରୁଣା-   ଗୁଡ଼ ନ ଦେଇ ଚିନି,
ପାଗ କରି ବାନ୍ଧି ଦିଅନ୍ତି   ମୋଦକକୁ ଯେମନ୍ତି ।
ପେଟ ଗରମରେ ପୁରୁଣା-   ଗୁଡ଼ ନ ଚଳେ ନେଟେ,
ଏହି ହେତୁ ଚିନି ଦିଅନ୍ତି   ବୃଦ୍ଧ ବଇଦ ସ୍ଫୁଟେ ।

GPNanda Colln., Digitized by srujanika@gmail.com

ପ୍ରାଣଦା ଗୁଟିକା

ଶୁଣ୍ଠିଚୂର୍ଣ୍ଣ ତିନ ତୋଳା ଯେ   ଏକ ତୋଳା ମରିଚ,
ପିପ୍ପଳୀର ଚୂର୍ଣ୍ଣ ଦ'ତୋଳା   ତହିଁ ଉକ୍ତକ ମସ୍ତ ।
ଭଲ ଗୁଡ଼ କାଠ, ତାଳିଶ-   ନଖ ଦୁର ଦାଳଚି,
ଏକ ତୋଳା କରି ମିଶାଅ   ଯଥା ଉଣା ନ ହେବ ।
ପିପ୍ପଳୀର ମୂଳ ଦ'ତୋଳା,   ନାଗକେଶର ଫୁଲ,
ଅଧତୋଳ, ତେଜପତର   ଏକ ମଧ୍ୟ ନେବଲ ।
ଗୁଜ ରତ୍ତ ଆଢ ଦ'ମସା,   ମଟେପ ନେକାର ନେଉ,
ଗୁଡ଼ିଭଲ ବାହ୍ମି ମସାଏ   ଭୁଜ ନର୍ଦ୍ଦିରେ ଧର ।
ସମସ୍ତ ମୂଷଳ ଖଲରେ   ଶୁଖିଗଲେ ଚୂରିବ,
ପୁରାତନ ଗୁଡ଼ ତଗଣ   ତୋଳା ତହିଁ ତୋଳିବ ।
ଦୁଇ ମସା ମାତ୍ରା ଗୁଟିକା   କରି ଅଞ୍ଜି ମଙ୍ଗାନେଳ,
ଈଶ୍ୱରଙ୍କୁ ଧ୍ୟାୟି ଖାଇଲେ   ମାଂସ ସ୍ୱମିଷ୍ଠ କରେ ।
ଅଥବା ସଜଳ ମଦ୍ୟରେ   କମ୍ବା ଦୁଗ୍ଧ-ଜଳରେ,
ଏଥିରେ ସକଳ ଅରଣ   ଦୂର ହୁଅଇ ଖରେ ।
ଅଗ୍ନି ମାନ୍ଦ୍ୟ, ପାଣ୍ଡୁରୋଗ ଯେ   କ୍ରିମି, ବିଷମ ଜ୍ୱର,
ଦୂର ହୋଇଯାଏ ସତ୍ତ୍ୱର   ମନେ ନ ଥାଏ ଡର ।
କୋଷ୍ଠବଦ୍ଧ ଥିଲେ ରୋଗୀର   ଶୁଣ୍ଠି ଖାଇ ନ ଦେଇ,
ଦଶଡ଼ାଳ୍କ ତହିଁ ମିଶାଅ   ପ୍ରଭୁ ପାଦକୁ ଧ୍ୟାୟି ।
ପିତ୍ତ ଅର୍ଶ ରୋଗେ ପୂର୍ଣ୍ଣମା-   ଗୁଡ଼ ଘରବର୍ତ୍ତିଲେ,
ଚୌଷଳକ ତୋଳା ଅଧେ ଯେ   ତନ ଭର ନୟିନେ ।
ଚନକୁ ବସାଇ ନିଆଁରେ   ପାଗ କଲେ ଧି କିଶ,
ସମସ୍ତ ଚୂର୍ଣ୍ଣକୁ ନହିଁରେ   ଦେବ ପରେନେ ତାଳି ।

GPNanda Colln., Digitized by srujanika@gmail.com

ଅଧତୋଳା ମାତ୍ରା, ନେଲେର   ଦୁଧ ଘୃତ ଯୋଗାରେ,
ଗୋଳାଇ ସେବନେ ପିତ୍ତଜ-   ଅର୍ଶ ପଳାଏ ଦୂରେ ।
କମ୍ବା ଛଟାଙ୍କିଏ ଖର୍ଜୁର-   ରସେ ଗୋଳାଇ ଦେଇ ।
ପାନ କଲେ ପିତ୍ତ-ଅର୍ଶ   ଦେହୁ ଯାଏ ଉଭେଇ ।

କୁଟଜ ଲେହ

କୋରେଇ ମୂଳର ଛେଲରୁ   ତୋଳା ଏକଶ ଆଣି,
ଅଠ ସେର ଶୁଦ୍ଧ ଜଳରେ   ତାହା ପକାଅ ଜାଣି ।
ମନ୍ଦ ମନ୍ଦ ଜାଳେ ସିଝାଇ   ଏକ ସେର ରଖିବ,
କନାରେ ଛାଣି ସେ ଜଳକୁ   ପାତ୍ରେ ନେଇ ଭରିବ ।
ପୁରାତନ ଗୁଡ଼ ତିରିଶ-   ତୋଳା ଦେବ ତହିଁରେ,
ଆଠ ତୋଳା ଗୁଆଘିଅ ଯେ   ଗୋଳ ନେବ କ୍ୱାଥରେ ।
ଏ ସକଳ ଦ୍ରବ୍ୟ ପାତ୍ରରେ   ଦେଇ. ମନ୍ଦ ଜାଳରେ,
ଜଳ ମାରିନେବ ଯତନେ,   ବହଳିଆ ହୋଇଗଲେ ।
ପାତ୍ରକୁ ତଳୁଁ ଉତ୍ତାରି   ତଳଲିଖିତ ଦ୍ରବ୍ୟ,
ଚୂର୍ଣ୍ଣ କରି ତହିଁ ଗୋଳିବ   ମନେ ଆନ ନ ଭାବ ।
ଭଲିଆର ମଞ୍ଜି ନାଗଙ୍ଗ,   ବଚ ଯେ ଶତାମୂଳ,
ଇନ୍ଦ୍ରଯବ ପୁଣି ତ୍ରିକଟୁ,   ବେଲଶୁଣ୍ଠା କର୍କଳ ।
ରସାଞ୍ଜନ ଆଉ ତ୍ରିଫଳା,   ଅଜ୍ରପୀ ଏ ଦରବ,
ପ୍ରତ୍ୟେକର ତୋଳେ ଲେଖାଏଁ   ଆଣି ଚୂର୍ଣ୍ଣ କରିବ ।
ସମସ୍ତ ଚୂର୍ଣ୍ଣକୁ ଲେହରେ   ଭଲ ଗୋଳାଇ ଦେବ,
ଅଠ ତୋଳା ମହୁ ତା'ପରେ   ଦେଇ ଯତ୍ନେ ଗୋଳିବ ।
ଅଧତୋଳା ମାତ୍ରା ସେବିଲେ   ଘୋର ଦଣ୍ଡ ଯନ୍ତ୍ରଣା,
କମ୍ବା ଛେଳିଦୁଧ, ଜଳରେ   ମନ କରି ଉଷତ ।

GPNanda Colln., Digitized by srujanika@gmail.com

ଏଥିରେ ରକ୍ତ-ଅର୍ଶ, ରକ୍ତପିତ୍ତ ଗ୍ରହଣୀ,
କାଶ, ହଳିମକ, କୃଶତା ରୋଗ ହୁଅଇ ହାଣି ।

ଚବ୍ୟାଦ୍ୟ ଘୃତ

ମୂର୍ଚ୍ଛିତ ଗୋଘୃତ ତୁଳିବ ଦୁଇସେର ଓଜନେ,
ଦଧି ଆଠ ସେର ତକ୍ରଁରେ ମିଶାଇବ ଯତନେ ।
ଆଠ ସେର ପୁଣି ନିର୍ମଳ ଜଳ ଦେଇ ପାତ୍ରରେ,
ମନ୍ଦ ମନ୍ଦ ଜାଳେ ବସାଇ ତାହା ପାକିବ ଧୀରେ ।
ଜଳ ମରିଗଲେ ଘୃତକୁ ଛାଣି ରଖିବ ପାତ୍ରେ,
ପାତ୍ର ମଧ୍ୟେ ପୁଣି ଭରିବ ଥିବ କଳଙ୍କ ଯେତେ ।
ସ୍ଥୁଲ୍‌କାଠ ଶୁଣ୍ଠି, ପିପଳୀ, ଚିଠଲୁବ, ମରିଚ,
ଧଳାଚିତା, ଯବକ୍ଷାର ଯେ ଅଜାନବନ୍ଧ ସହି ।
ପିପ୍ପଳୀର ମୂଳ, ଧନିଆଁ, ବେଲଗେଣ୍ଡି, ଜୁଆଣି,
ସୈନ୍ଧବ ଲୁଣ, ହରିଡ଼ା ଯୋଗ କରିବ ଆଣି ।
ପ୍ରତ୍ୟେକଙ୍କୁ ଦି'ତୋଳା ଦି'ମଷା ତୁଳି ବାନ୍ଧିବ ଜାଣି,
ଆଠ ସେର ଜଳେ ଗୋଳିଣ ଅଜାଡ଼ିବ ଘୃତରେ ।
ମନ୍ଦଜାଳେ ଜଳ ମାରିଣ ଘୃତ ରଖିବ ଶେଷ,
କନାରେ ଛାଣି ସେ ଘୃତକୁ ପିଙ୍ଗି ନେବ କଲ୍କଷ ।
ଦୁଇ ମଷା ମାତ୍ରା ଏହାକୁ ଦୁଇ ବେଳା ସେବିବ,
ପାଞ୍ଚ ତୋଳା ଉଷ୍ଣ ଦୁଧରେ ଚାର ତୋଳାର୍ଦ୍ଧ ଦେବ ।
ଏଥିରେ ସକଳ ଅର୍ଶ, ଗୁଦଭ୍ରଂଶ, ମନ୍ଦାଗ୍ନି,
ଅଧୋବାୟୁ, ମଳରୋଧର ନିଶ୍ଚେ ହୁଅଇ ହାନି ।
କ୍ରମେ କ୍ରମେ ମାତ୍ରା ବଢ଼ାଇ ଅଧ ତୋଳା ସେବିବ,
ଏଥିରେ ନିଶ୍ଚୟ ଅର୍ଶ- ରୋଗ ଭେଳା ବୁଡ଼ିବ ।

GPNanda Colln., Digitized by srujanika@gmail.com

ବୃହତ୍ କାଶୀଶାଦ୍ୟ ତୈଳ

ମୂର୍ଚ୍ଛିତ ତିଳ ତଇଳ ଦୁଇ ସେର ବସାଇ,
ଗାଣ୍ଡ ମୂଷ ଦେବ ତହିଁରେ ଆଠ ସେର ସେ ନେଇ ।
ଜନ୍ତୁ ଜନ୍ତୁ ଜାଲେ ମୂଷକୁ ମାର ନେ ସାବଧାନେ,
ଯେପରି ତଇଳ ଉତ୍ତୁରି ତଳେ ନ ପଡ଼େ ଧାନେ ।
ଅଳପ ଅଳପ କରିଣ ମୂଷ ଦେବ ତଇଲେ,
ମଣ୍ଡିରେ ମଣ୍ଡିରେ ଉଙ୍କାରେ ଘାଣ୍ଟୁଥିବ କୌଶଳେ ।
ମୂଷ ମରିଗଲେ ତୈଳକୁ ଛାଣି ପାତ୍ରରେ ଭରି,
କଳଙ୍କ ମସଲ ବଟାଇ ଦେବ ତହିଁରେ ଗୋଳି ।
ହୀରାକସ, ଶୁଣ୍ଠି, ପିପ୍ପଳୀ, କୁଡ଼, ସୈନ୍ଧବ ଲୁଣ,
ଲଙ୍ଗଳିଙ୍ଗୁ ନିଆ ମୂଳ ଚୋପ ଦନ୍ତୀ, ବଡ଼ଙ୍ଗ ପୁଣ ।
କରବୀର ମୂଳ ଆବର ଧଳାଚିତାର ମୂଳ,
ମନଃଶିଳା, ସୁନାମଟକାଇ, ସିଝୁକ୍ଷୀରକୁ ଧର ।
ଅରଖର ଅଠା, ଅଗର- ଅମର ପୋଇ ପତ୍ର,
ପ୍ରତ୍ୟେକଙ୍କୁ ଦ୍ୱିତୋଳା କଲରେ ବାଟିଦେବ ଏକତ୍ର ।
ଆଠ ସେର ଜଳେ ଗୋଳାଇ ତୈଳ ପାତ୍ରରେ ଭରି,
ମନ୍ଦ ଜାଳେ ଜଳ ମାରିବ ପ୍ରଭୁ ନାମ ସ୍ମରି ।
ଜଳ ମରିଗଲେ ପାତ୍ରକୁ ଦେବ ଧୀରେ ଓହ୍ଲାଇ,
ଶୀତଳ ହୋଇଲେ ତଇଲ ଛାଣି ରଖିବ ନେଇ ।
ଏହି ତୈଳ ମଳଦ୍ୱାରରେ ଅର୍ଶ ଗଜା ଉପରେ,
ଲଗାଇଲେ ଅଣବଳୀଟି ଶୁଖିଯାଏ ଭିତରେ ।
କେବଳ ଏତିକି କହୁଛି ଅଉଷଧ ପ୍ରୟୋଗ-
କରିବା ପୂର୍ବରୁ ଶିବଙ୍କୁ ପୂଜା କରିବ ଆଗ ।

GPNanda Colln., Digitized by srujanika@gmail.com

ଅଭୟାରିଷ୍ଟ

ସାଢେ ବାର ପଳ ପୋଖତ ଶୁଖିଥିବା ହରଡ଼ା,
ଛ'ପଳ ଦ'ତୋଳା କିସ୍‌ମିସ ଆଣ ଯେ ନୂତନ ସତା।
ମହୁଲ ବଉଳ ଫୁଲକୁ ଦଶ ତୋଳା ଓଜନେ,
ଦଶ ତୋଳା ବାଇବିଡଙ୍ଗ ଛେଚି ଦେବ ଯତନେ।
ସମସ୍ତ ଦ୍ରବ୍ୟକୁ ପାତ୍ରରେ ଭରି ସିଦ୍ଧ କରିବ,
ଚଷ୍ଟିରେ ଦୁଇଶ ଛପନ ପଳ ଜଳ ଯେ ଦେବ।
ଚଉଷଠି ପଳ କେବଳ ଶେଷେ ଜଳ ରଖିବ,
ମନ୍ଦ ମନ୍ଦ ଜାଳେ ଅଧିକା ଜଳଯାକ ମାରିବ।
କନାରେ ଛାଣି ସେ ଜଳରେ ବାର ପଳ ଅର୍ଦ୍ଧେକ,
ପୁରାତନ ଗୁଡ଼ ମିଶାଇ ନେଇ ଯତନେ ରଖ।
ଗୋକ୍ଷୁରା, ତିହୁଡ଼ି, ଧନିଆଁ, ଶୁଣ୍ଠି, ଧାତୁକୀ ଫୁଲ,
ମହାକାଳ ଗଛ ମୂଳ ଯେ ପାନମହୁରି ଭଲ।
ଦନ୍ତୀମୂଳ, ମୋଚରସରୁ ଦୁଇ ତୋଳା ପ୍ରତ୍ୟେକ,
ଭାଣ୍ଡେ ଦେଇ ରଖ ଘୋଡ଼ାଇ ଏକ ମାସୁଁ ଅଧିକ।
ଭାଣ୍ଡଟି କରିବ ମାଟିରେ କିମ୍ବା ଶୁଦ୍ଧ କାଚରେ,
ପବନ ଯେପରି ନ ପଶେ ଘୋଡ଼ାଇବ ଉପରେ।
ଏକ ମାସ ପରେ ଫିଟାଇ ସରୁ କନାରେ ଛାଣି,
ସମସ୍ତ ମହଲ ଫୋପାଡ଼ି ଦେଇ ରଖିବ ପାଣି।
ଶିଶି ବୋତଲରେ ଅଥବା ମାଟିଭାଣ୍ଡେ ରଖିବ,
ଯେପରି ଔଷଧେ ପବନ ସ୍ପର୍ଶ କରୁ ନ ଥିବ।
ପ୍ରଥମେ ତ ଏକ ତୋଳା ଯେ ଜଳ ସଙ୍ଗେ ମିଶାଇ,
ପିଇବ ସକାଳ-ସନ୍ଧ୍ୟାରେ ଗୁରୁଚରଣ ଧ୍ୟାୟି।

GPNanda Colln., Digitized by srujanika@gmail.com

କ୍ରମେ କ୍ରମେ ନେବ ବଢ଼ାଇ ପାଞ୍ଚ ତୋଳା ପର୍ଯ୍ୟନ୍ତ,
ଏଥିରେ ସକଳ ଅର୍ଶ ନାଶ ହୁଏ ତୁରନ୍ତ ।
ସମସ୍ତ ପ୍ରକାର ଉଦର- ରୋଗ ବିନାଶ ହୁଏ,
ବାୟୁ ମଳରୋଧ ନ ରହେ ଅଗ୍ନିବଳ ବଢ଼ାଏ ।

ଅର୍ଶରୋଗେ ମୁଷ୍ଟିଯୋଗ

ଅଫିମ ବରଗଦ କ୍ଷୀରରେ ଅବା ଚର୍ବିରେ ଗୋଳି,
ଲେପ ଦେଲେ ଗୁଦ ଅଂଶ ବଳୀ ଯାଏଟି ଝଳି ।
କଅଁଳିଆ ନିମପତ୍ରର କଳ ନ ଦେଇ ବାଟି,
ଘିଅ ଗୋଳି ମଳଦ୍ୱାରରେ ଲେପ ଦେଲେ ପ୍ରତ୍ୟେକଟି
ଅର୍ଶର ଜ୍ୱାଳା ଯନ୍ତ୍ରଣା କମିଯାଏ ସତ୍ୱରେ,
ରୋଗୀ ସୁଖଶାନ୍ତି ଲଭଇ ଅତି ଆନନ୍ଦଭରେ ।
ଷଣ୍ଡର ହାଡ଼ କଳରେ ଘଷି ମଳଦ୍ୱାରରେ,
ଲଗାଇଲେ ଗୁହ୍ୟ ଅର୍ଶ ନାଶ ହୁଅଇ ଖରେ ।
ଶୁଣ୍ଠୀ ଏକତୋଳା, ହଳଦୀ ଦୁଇ ତୋଳା ଘେନିବ,
ଫଟ ଗୁଣ୍ଡକେତେ ଲା ଚର୍ବିରେ ଦେଇ ଶିଳେ ଛେଚିବ ।
ଗରମ କରିଣ କନାରେ ବାନ୍ଧି ପୁଟୁଳି କରି,
ସେକ ଦେଲେ ମଳଦ୍ୱାରରେ ଯାଏ ବେଦନା ହରି ।
ମନୁଷ୍ୟ ମସ୍ତକ ବାଳ ନଖ ସାପ ଦେହର ଖୋଳ,
ଷଣ୍ଡର ଚମ ଅରଖ- ମୂଳ ନେବ ଝୁଣ୍ଟ ।
ତମ୍ବା ସଙ୍ଗେ ଶମୀ ପତ୍ରର ଗୁଣ୍ଡ କରି ମିଶାଇ,
ଏହା ଧୂଆଁ ମଳଦ୍ୱାରରେ ଯେତେବ ଦିଆ ହୁଅଇ ।
ଅର୍ଶର ଜ୍ୱାଳାଯନ୍ତ୍ରଣା ଦୂର ହୁଏ ବହନ,
ଏହି ରୋଗ ବଡ଼ କଠିନ ଜାଣ ପାଠକଗଣ ।

GPNanda Colln., Digitized by srujanika@gmail.com

ଅର୍ଶରୋଗେ ପଥ୍ୟ

ପୁରାତନ ଅନ୍ନ, କୋଳଥ, ମୁଗ, ମସୁରଡ଼ାଲି,
କଣ୍ଟିବାଙ୍ଗଣ ମୂଳା ଯେ ମଞ୍ଜା, ଦଣ୍ଡା ଚର୍ବାର ।
ପଟୋଳର ଫଳ, ଓଲୁଅ, ବେଲ, ଅମୃତଭଣ୍ଡା,
କାଙ୍କଡ଼, ମଟକା, ସିଙ୍ଗଡ଼ା, ଯେଉଁ ଖଦାର୍ଥ ଅଣ୍ଡା ।
ଅଙ୍ଗୁର, ନାସପାତି, କମଳା, ଦ୍ରାକ୍ଷା, ବେଦନାରସ.
କୋବି, ସାଲଗମ, ମଟର, ଆମ୍ବ ଫଳ ସମସ୍ତ ।
ପୁସାରୁଣୀ ପତ୍ର, ପଟୋଳ ଡଙ୍କ ଯେ ପିଚାଶାଗ,
ମାଛ ମଧ୍ୟେ କଇ, ମାଗୁର, ଚକ୍ଷିଁ ମୀନ ସଯୋଗ ।
ଘୋଳଦହି, ଗାଈ ଲହୁଣୀ, ତିଳତେଲ, ଘିଣି,
ପୁରୁଣା ମାଣ୍ଡିଆ, ଧନିଆଁ, ଗେଣ୍ଠ ଗେଣ୍ଠ ଯେ ଖାସି ।
ଏହି ସବୁ ପଥ୍ୟ ଅରଶ ରୋଗେ ଅଟେ ପ୍ରଧାନ,
ପଥ୍ୟ ନ କରିଲେ ଔଷଧ ଦେବା କି ପ୍ରୟୋଜନ ?

—o—

ଅଗ୍ନିମାନ୍ଦ୍ୟ ଓ ଅଜୀର୍ଣ୍ଣ ଚିକିତ୍ସା

ଲକ୍ଷଣ

ଅଗ୍ନିମାନ୍ଦ୍ୟ ରୋଗେ ପେଟରେ ପାଚକାଗ୍ନି ଦୁର୍ବଳ,
ହୋଇ କ୍ଷୁଧା କମିଯିବାରୁ ରୋଗୀ ହୁଏ କାତର ।
ବେଳେ ବେଳେ କ୍ଷୁଧା ହୁଅଇ କେବେ ନ ଥାଏ ଲେଶ,
ପେଟ ଟିପିଦେଲେ ହସ୍ତରେ ଲାଗେ ବଡ଼ ପରସ ।
କେବେ କେବେ ମଳ ତରଳ କେବେ ହୁଏ କଠିନ,

GPNanda Colln., Digitized by srujanika@gmail.com

ଶରୀର ସର୍ବଦା ଅବଶ   ମନ ଚିନ୍ତା-ମଗନ ।
ଅଗ୍ନିମାନ୍ଦ୍ୟ ଯୋଗୁଁ ଅଜୀର୍ଣ୍ଣ   ଜନ୍ମେ ରୋଗୀ ଦେହରେ,
ଆମ-ବିଦଗ୍ଧ-ବିଷ୍ଟାବ୍ଧ-   ରସ ଶେଷ ନାମରେ ।
ଆମ ଅଜୀର୍ଣ୍ଣରେ ଶରୀର   ଭାରି ହୁଅଇ ବାନ୍ତି,
ଚକ୍ଷୁ ଗଣ୍ଡିଠାଏ ଖାଇଲେ   ଶୋଥ ଜନମେ ନିତି ।
ଖାଇଥିବ ଯାହା ତା'ଗନ୍ଧ   ଢାକୁଟିରେ ବାହାରେ,
ପେଟେ ପେଟେ ଆମ ପଡ଼ଇ   ଲାଗି ମଳ ସଙ୍ଗରେ ।
ବିଦଗ୍ଧ ଅଜୀର୍ଣ୍ଣେ ଅମ୍ଳିଲା   ହୁଏ ଢାକୁଟି ଜାତ,
ଅଥବା ବାହାରେ ହୁଦର୍   ଖଇ ଧଙ୍କାର ନିତ୍ୟ ।
ନାନାବର୍ଣ୍ଣ ଭେଦେ ତରଳ   ଗନ୍ଧଯୁକ୍ତ ନିର୍ଗମ,
ମଳଦ୍ୱାରୁ ମଳ ବୁହଇ   ବୁଲେ ପେଟେ ପବନ ।
ବିଷ୍ଟାବ୍ଧ ଅଜୀର୍ଣ୍ଣେ ପେଟରେ   ଶୂଳ ମଳ ଜବଜ.
ଅଧୋବାୟୁ ରୁଦ୍ଧ ହୁଅଇ   ପେଟ ଫାମ୍ପଇ ଦେହ ।
ରସଶେଷାଜୀର୍ଣ୍ଣେ ଭୋଜନେ   ଇଚ୍ଛା ନ କରେ ରୋଗୀ,
ଢେକୁ ପରିଷ୍କାର ନ ହୁଏ   ଦେହ ଗୁରୁ ଫନ୍ଦୋଗୀ ।

ଚିକିତ୍ସା

ପ୍ରଥମେ ରୋଗୀର ପାଚକ-   ଅଗ୍ନି-ବଳକୁ ଦେଖି,
ଔଷଧ ବିଧିବ ବୈଦ୍ୟର   ରଖି ପ୍ରଭୁଙ୍କୁ ସାକ୍ଷୀ ।
ଅଗ୍ନି ତେଜହୀନ ରୋଗୀର   ଜୀର୍ଣ୍ଣ ନୋହେ ଔଷଧ,
ବହୁ ଦିନ କ୍ଷୀଣ ହୁଅଇ   ରୋଗେ ବଢ଼େ ପ୍ରମାଦ ।
ସମାନ ଅଗ୍ନିକୁ ଯତନେ   ରଖ ସୁପଥ୍ୟ ଦେଇ,
ବିଷମାଗ୍ନି ରୋଗୀ ପେଟରୁ   ଦେବ ବାୟୁ କମାଇ ।
ତୀକ୍ଷ୍ଣାଗ୍ନି ରୋଗୀର ପେଟକୁ   ଶାନ୍ତ କରାଇ ନେବ,
ମନ୍ଦାଗ୍ନି ରୋଗରେ କଫକୁ   ବିଶୋଧିତ କରିବ ।

GPNanda Colln., Digitized by srujanika@gmail.com

ହରଡ଼ାର ଚୋପା, ଶୁଣ୍ଠୀକୁ ବୋଲେ ଲେଖାଏଁ ତୁଳି,
ଚାରି ଦୁଇ ମଷା, ପୁରୁଣା- ଗୁଡ଼ ମହାଟକ ଗୋଳି ।
ସକାଳ-ସନ୍ଧ୍ୟାରେ ସେବଲେ ଅଗ୍ନିବଳ ବଢ଼ଇ,
କମ୍ବା ଗୁଡ଼ ପରିବର୍ତ୍ତରେ ମସେ ସୈନ୍ଧବ ଦେଇ ।

ସୈନ୍ଧବାଦ୍ୟ ଚୂର୍ଣ୍ଣ

ସଇନ୍ଧବ ଲୁଣ, ହରିଡ଼ା, ଚିତାମୂଳ, ପିପ୍ପଳୀ,
ପ୍ରତ୍ୟେକକୁ ଦ'ତୋଳା ଯତନେ ଗୁଣ୍ଡ କରିବ ଚୂରି ।
ଦୁଇମସା ମାତ୍ରା ଓଜନେ ଉଷ୍ଣ ଜଳ ସଙ୍ଗତ,
ପାନ କଲେ ନର ମନ୍ଦାଗ୍ନି- ରୋଗ ହୁଅଇ ହତ ।

ହିଙ୍ଗ୍ୱାଷ୍ଟକ ଚୂର୍ଣ୍ଣ

ଜୁଆଣି, ପିପ୍ପଳୀ, ମରିଚ, ଶୁଣ୍ଠୀ, ସୈନ୍ଧବ, ଜୀରା,
କଳାଜୀରା, ହିଙ୍ଗୁ ପ୍ରତ୍ୟେକକୁ ତୁଳି ଦ'ତୋଳା ଗାଗ୍ର ।
ସୂକ୍ଷ୍ମ ଚୂର୍ଣ୍ଣ କରି ପିଣ୍ଡକ- ମାତ୍ରା ଭୋଜନ ବେଳେ,
ପ୍ରଥମ ଗ୍ରାସରେ ଗୋଳାଇ ଘିଅ ମିଶାଇ ତୋଳେ ।
ଖାଇଲେ ନାଶଇ ମନ୍ଦାଗ୍ନି ବାୟୁଦୋଷ ପେଟର,
ପରୀକ୍ଷା ହୋଇଛି ଏ ଚୂର୍ଣ୍ଣ ଜାଣି ଅନେକ ବାର ।

ଅଗ୍ନିମୁଖ ଚୂର୍ଣ୍ଣ

ହିଙ୍ଗୁ ଏକ ତୋଳା, ବଚକୁ ଦୁଇ ତୋଳା ତୁଳିବ,
ତିନ ତୋଳା ପୁଣି ପିପପଳୀ, ଶୁଣ୍ଠୀ ସ୍ୱରରେ ନେବ ।
ପାଞ୍ଚ ତୋଳା ଭଲ ଜୁଆଣି ଛଅ ତୋଳ ହରିଡ଼ା,
ଚିତା ମୂଳ ସାତ ତୋଳା ସେ କୁଡ଼ଆଠରେ ଲୋଡ଼ା ।
ସୂକ୍ଷ୍ମ ଚୂର୍ଣ୍ଣ କରି ଯତନେ ଦୁଇ ମସା ମାତ୍ରାରେ,
ସେବବ ଦ'ତୋଳା ମଦ୍ୟର ଘଣ୍ଟେ ଥିବା ଜଳରେ ।

GPNanda Colln., Digitized by srujanika@gmail.com

କମ୍ୱା ଘୋଳଦହି ଅଥବା ଉଷ୍ଣ ଜଳ ସହିତ,
ଏହା ଅଗ୍ନି ମାନ୍ଦ୍ୟ, ଅଜୀର୍ଣ୍ଣ, ପ୍ଲୀହା ରୋଗରେ ହିତ ।
ଉଦାବର୍ତ୍ତ ମେହ ଫାମ୍ପିବା ଏଥି ହୁଏ ବିନାଶ,
ସମୟେ ସମୟେ ଖାଇଲେ ନାହିଁ ଏଥିରେ ଦୋଷ

ମହୌଷଧାଦି ଚୂର୍ଣ୍ଣ ଓ ଗୁଟିକା

ଶୁଣ୍ଠୀ, ହରିତକୀ, ସଜପ, ଜୀରା, ବଚ, ଲବଙ୍ଗ,
ଗୁଡୂଲ୍ୱକ, ଗୁଜ ଗୁଡ଼ିଚି ପାନ ମହୁରୀ ଯୋଗ ।
ହିଙ୍ଗୁ, ଚିତ୍ରମୂଳ, ଜୁଆଣି, ବିଟଲୁଣ, ସୈନ୍ଧବ,
ମରିଚ, ପିପ୍ପଳୀ, ଟାଙ୍ଗଣା- ଖଇ, ମୁଥା ଯେନିକ ।
ପ୍ରତ୍ୟେକ ସମାନ ତୋଳାଏ ତୁଳ ଗରିରେ ଦେଇ,
ସମସ୍ତ ଏକତ୍ର କରିଣ ଶିଳେ ଚୂର୍ଣ୍ଣ ନେଇ ।
ଦୁଇ ମସା ମାତ୍ରା ଖାଇବ ଉଷ୍ଣଜଳରେ ଯେବେ,
ଅତିସାର ଆଉ ମନ୍ଦାଗ୍ନି ମରେ ଗ୍ରହଣୀ ତେବେ ।
ସେହି ଚୂର୍ଣ୍ଣ ଲେମ୍ବୁ ରସରେ ଗୋଳି ଝଳେ ପକାଇ,
ଘୋଟିଥିବ ସାତ ଦିବସ ରସ ଭାବନା ଦେଇ ।
ବାଆସ୍ତର ତୋଳା ଓଜନେ ଲେମ୍ବୁ ରସ ଖଲରେ,
ଦେଇଣ ଘୋଟିବ ଯେପରି ଅମ୍ଳ ଗନ୍ଧ ବାହାରେ ।
ଏକ ମସା ମାତ୍ରା ବଟିକା କରି ଶୀତଳ ଜଳେ,
ସେବିଲେ ମନ୍ଦାଗ୍ନି ଗ୍ରହଣୀ, ଝାଡ଼ାବାନ୍ତିକୁ ହରେ ।
ଚୂର୍ଣ୍ଣରୁ ଅଧିକ ଗୁଟିକା ଗୁଣ କରଇ ଜାଣ,
ଚତୁର ବଇଦ ଏହାକୁ କରେ ଚଣ୍ଡିର ଧନ ।
ଅନୁପାନ ଭେଦେ ଏହାକୁ ଦେଲେ ଅଜୀର୍ଣ୍ଣ ବେଗେ,
ବହୁ ଉପକାର କରଇ କ୍ଲେଶ ନ ଶଇ ବେଗେ ।

GPNanda Colln., Digitized by srujanika@gmail.com

ଭାସ୍କର ଲବଣ

ପିପ୍ପଳୀ, ଧନିଆଁ, ପିପ୍ପଳୀ- ମୂଳ, ସୈନ୍ଧବ ଲୁଣ,
କଳାଜୀରା, ତେଜପତର, ବିଟ ଲୁଣକୁ ଆଣ ।
ଆବର ତାଳିଶ ପତର, ନାଗକେଶର ଫୁଲ,
ପ୍ରତ୍ୟେକ ଦ୍ରବ୍ୟରୁ ଦି'ତୋଳା ନିକିତିରେ ତଉଲ ।
ପାଞ୍ଚ ତୋଳା ଆଣି ସଚଳ ଲୁଣ ଦିଅ ତହିଁରେ,
ନୂଆ ଶୁଣ୍ଠି, ଜୀରା, ମରିଚ, ଏକ ତୋଳା ଲେଖାଏ ।
ଗୁଡ଼ତ୍ୱକ, ଏଳାଇଚ ଦେଇ ଦି'ଦି' ମସା ଅଣାଅ,
କରକଚ ଲୁଣ ତହିଁରେ ଆଠତୋଳା ମିଳାଅ ।
ଅମ୍ଳ ଡାଳିମ୍ବର ମଞ୍ଜିରୁ ଗୁଣି ତୋଳ ମିଶାଇ,
ଅମ୍ଳ ବେତସରୁ ଦି'ତୋଳା ତହିଁ ଦେବ ଯୋଗାଇ ।
ସକଳ ମସଲା ଖଲରେ ଶୁଷ୍କ କରି ଚୂରିବ,
ଚୂର୍ଣ୍ଣିକରି ଭଲ କନାରେ ପାତ୍ର ଭରି ରଖିବ ।
ଦୁଇ ମସା ମାତ୍ରା ଖାଇବ ନିତ-ଥଣ୍ଡା ପାଣିରେ,
କମ୍ବା କାଞ୍ଜିପାଣି ଅଥବା ଘୋଳଦହି ସଙ୍ଗରେ ।
କାଞ୍ଜିପାଣି, ଘୋଳ ଦହିର ମାତ୍ରା ପାଞ୍ଚୋଟି ତୋଳା,
ଅବା ଲେମ୍ବୁରସ ଦି'ତୋଳା, ଚାଉଳପାଣି ଦି'ତୋଳା ।
ଏଥିରେ ଅଜୀର୍ଣ୍ଣ, ଅରୁଚି, ଅଗ୍ନିମାନ୍ଦ୍ୟ, ଗ୍ରହଣୀ,
ପେଟଫମ୍ପା, ଗୁଳ୍ମ ପୋଡ଼ା ରୋଗ ହୁଅଇ ହାଣି ।
ଦୂରକର ଏହି ଔଷଧ, ଯେଣୁ ଭାସ୍କର କୃତ,
ଭାସ୍କର-ଲବଣ ନାମରେ ହୋଇଅଛି ବିଖ୍ୟାତ ।

ରାମବାଣ ରସ

ଲବଙ୍ଗ, ଶୋଧିତ ମହୁରା, ପାରା-ଗନ୍ଧକ ଚୂର୍ଣ୍ଣ,
ଏକତୋଳା ପ୍ରତି ଦ୍ରବ୍ୟରୁ ଧରି କର ଓଜନ ।

GPNanda Colln., Digitized by srujanika@gmail.com

ତମ୍ବିଁ ହେଉ ମରିଚ ଢ଼'ତୋଳା, ଜାଇଫଳ ସପକ୍,
ଅଧ ତୋଳା ଦେଇ ଚୂର୍ଣ୍ଣବ ମହେନ ନ କରି ଦନ ।
ଉତ୍ତମ ଝଲେର ପ୍ରଥମେ ପାର୍, ଗନ୍ଧକ ନେଇ,
କଜ୍ଜଳୀ କରଣ ଔଷଧେ ଦେବ ପରେ ପିଶାଇ ।
କଞ୍ଚା ତେନ୍ତୁଳିର ରସରେ ସାତ ଦିନ ମର୍ଦ୍ଦିବ,
ବରି ପରିମାଣେ ବଟିକା ଯତନରେ କରିବ ।
ଅନୁପାନ ଭେଦେ ସେବଲେ ନାଶେ ସକଳ ରୋଗ,
ଜଠର ଅନଳ ବଢ଼ାଇ ଦିଏ ଅତୁଲ୍ୟ ଭୋଗ ।
ସଂଗ୍ରହଗ୍ରହଣୀ ସ୍ୱରୂପ କୁମ୍ଭକର୍ଣ୍ଣ ଦୁର୍ଦ୍ଧର୍ଷ,
ଆମବାତ ରୋଗ ରୂପରେ ଖର ଦୂଷଣ ଜାଣୁ ।
ଅଗ୍ନିମାନ୍ଦ୍ୟ ରୋଗ ଆକାର · ବଳଶାଳୀ ରାବଣ,
ଏମାନଙ୍କୁ ଧ୍ୱଂସ କରଇ ଜାଣ ଏ ରାମବାଣ ।

ମହାଶଙ୍ଖ ବଟୀ

ପିପ୍ପଳୀର ମୂଳ, ପିପ୍ପଳୀ, ଯବକ୍ଷାର, ପାରଦ,
ଗନ୍ଧକ, ଶୋଧିତ ମସ୍ତୁରା, ଦନ୍ତୀମୂଳ ବିଶୁଦ୍ଧ,
ଟାଙ୍ଗଣାର ଖଇ, ମରିଚ, ଶୁଣ୍ଠୀ ଯେ ସାଚକ୍ଷାର,
ଅଜମୋଦା, ହିଙ୍ଗୁ, ଗୁଳୁଚି, ପଞ୍ଚ ଲବଣ ଧର,
ତେନ୍ତୁଳି ହେଟକର ପାଉଁଶ, ଧଳା'ଶତାର ମୂଳ,
ଏକ ଏକ ତୋଳା ପ୍ରତ୍ୟେକୁଁ ଧରି ଯତନେ ଭୁଲ ।
ପାରଦ ଗନ୍ଧକ ପ୍ରଥମେ ଖଲେ କଜଳୀ କରି,
ଅନ୍ୟାନ୍ୟ ମସଲ୍ଲ ସଙ୍ଗରେ ଦେବ ତାପରେ ଭରି ।
ଶଙ୍ଖଭସ୍ମ ଦୁଇ ତୋଳା ଯେ ତହିଁ ଗୋଳାଇ ଦେଇ,
ଚୂର୍ଣ୍ଣ କରି ଧଳା ପରେପୁ ଖଲେ ପକାଅ ନେଇ ।
କାଗେଜ ରସରେ ମରଧ ଶୁଖାଇବ ଖରାରେ,

GPNanda Colln., Digitized by srujanika@gmail.com

ପାତ ଥର ରସ ଭାବନା ଦେବ ଯଥାବିଧିରେ ।
ଔଷଧ ଆମ୍ଳିକ ଲାଗିଲେ ଦଇ ରତି ପ୍ରମାଣ.
ବଟିକା କରିବ ମନରେ ଜପି ରମାରମଣ ।
ସକଳ ସଞ୍ଜରେ ଖାଇବ ଡେଲଦହି ସଙ୍ଗରେ,
ଅବା ଜଳମିଶା ମଦ୍ୟ ବା ନଡା କାଞ୍ଜିପାଣିରେ ।
ଏହି ଅନୁପାନମାନଙ୍କ ମାତ୍ରା ପାଞ୍ଚଟି ତୋଳା,
ଗୁଣି ନେଉଥିବ କନାରେ ଦନ୍ତି ନୋହୁ ଆମ୍ଳିକା ।
ଶୁଣ୍ଠୀ, ଭଜା ଜୀରା ପ୍ରତ୍ୟେକୁ ଏକ ମଷରେ ଆଣି,
ଉଷ୍ଣଜଳେ ବାଟି ତା'ସଙ୍ଗ ସେବଲେ ଶୂଳ ହାନି ।
ବଳାବଳ ଦେଖି ରୋଗର ଅନୁପାନ ଶକ୍ତିର,
ଔଷଧ ସହିତ ପ୍ରଦାନ କର ଗରମ ବାରି ।
ଏଥିରେ ମନ୍ଦାଗ୍ନି, ଗ୍ରହଣୀ, ଆମାଶୟ, ଅଜୀର୍ଣ୍ଣ,
ଶୂଳ, ଅମ୍ଳପିତ୍ତ, ପେଟର ପୀଡ଼ା, ଉଦରାଧ୍ମାନ,
ଭଲ ହୋଇଯାଏ କ୍ରମରେ, ଏହି ଔଷଧ ବଟୀ,
ବୈଦ୍ୟମାନେ ସଦା ରଖନ୍ତି ନିଜ ହାତରେ ପୋଷି ।

ଅମୃତ ବଟୀ

ଦ'ତୋଳା ଶୋଧିତ ମହୁର, ବଡ଼ କଉଡ଼ିଭସ୍ମ,
ପାଞ୍ଚ ତୋଳା ତମ୍ବଁ ମିଶାଅ ଯଥାବିଧି ଉତ୍ତମ ।
ମରିଚ ଚୂର୍ଣ୍ଣକୁ ତମ୍ବଁରେ ନଅ ତୋଳା ପକାଇ,
ଘୋଟିବ ଖଲରେ ଯତନେ ମନ ସେଥିରେ ଦେଇ ।
ମୁଗ ପରିମାଣେ ବଟିକା ଅଙ୍ଗୁଳିରେ ବଳିବ,
ନିମ୍ବ ଅନୁପାନେ ସେବିଲେ ଦୂରେ ମନ୍ଦାଗ୍ନି ଯିବ ।
ଶୁଣ୍ଠୀ, ଭଜାଜୀରା ପ୍ରତ୍ୟେକୁ ଏକ ମଷାରେ ତୁଳ,
ଜଳେ ବାଟି ତାହା ସହିତ ବଟୀ ଦେବ ଦ'ଓଳ ।

GPNanda Colln., Digitized by srujanika@gmail.com

ଅଜୀର୍ଣ୍ଣରୋଗ ଚିକିତ୍ସା

ପରିପକ୍ୱ ଶୁଷ୍କ ହରିଡ଼ା ଶହେ ଗୋଟି ଆଣିବ,
ଦୁଇ ସେର ଅଧେ ତହିଁରେ ଦହି ମିଶାଇ ଦେବ।
ମନ୍ଦ ମନ୍ଦ ଜାଳେ ସିଝାଇ ଜଳ ମାତ୍ର ତହିଁରୁ,
ହରିଡ଼ାର ମଞ୍ଜି ବାହାର କରିଦେବ ଫଳରୁ।
ହରିଡ଼ା ଶ୍ୱେପାର ସନ୍ଧକ ଶୁଣ୍ଠୀ, ପିପ୍ପଳୀ ମୂଳ,
ପିପ୍ପଳୀ, ମରିଚ, ଜୁଆଣି, ପଞ୍ଚଲବଣ ଧର।
ଅଜମୋଦା, ସାଜିକ୍ଷାର ଯେ, ଯବକ୍ଷାର, ଟାଙ୍ଗଣା-
ଖଇ, ଚିତାମୂଳ, ଲବଙ୍ଗ, ଭୃଙ୍ଗ ତହିଁରେ ଗଣା।
ଗୁଳଂକାଠ ପ୍ରତି ଦ୍ରବ୍ୟରୁ ଦୁଇ ତୋଳା ପ୍ରମାଣେ,
ସମସ୍ତ ମସଲା ଶିଳରେ ବାଟି ଆଣ ତତକ୍ଷଣେ।
ଆମ୍ବିଳିଷ୍ଠ ପତ୍ର ରସରେ ତିନି ଦିନ ଭିଜାଇ,
ତା'ପରେ କାଗେଜ ରସରେ ଯତନେ ଦେବ ଗୋଳାଇ।
ତିନି ଦିନ ସେହି ରସରେ ଯତନେ ଭାବନା ଦେବ,
ପ୍ରତ୍ୟହ ଖରାରେ ଔଷଧ ଭଲେ ଶୁଖାଉଥିବ।
ଶହେ ଗୋଟି ବଟୀ କରିଣ ଥଣ୍ଡାଜଳ ସଙ୍ଗରେ,
ସକାଳ ସଞ୍ଜରେ ଖାଇବ ବାତାଜୀର୍ଣ୍ଣ ରୋଗରେ।
ଏଥିରେ ମନ୍ଦାଗ୍ନି, ଗ୍ରହଣୀ, ଗୁଳ୍ମ, ଶୂଳ, ଆଧ୍ମାନ,
ନାଶ ହୋଇଯାଏ ଆଲୋକେ ଯଥା ଅନ୍ଧାର ଘନ।

ବଜ୍ରକ୍ଷାର

ଯବକ୍ଷାର ଶୃଙ୍ଗ ତେଲାଟର ସାଜିକ୍ଷାର, ହଚଳ-
ଲବଣ ପ୍ରତ୍ୟେକୁ ପକାଇ ଅଧ ତୋଳାଏ ଖଲ।
ଲୁହା କଡ଼େଇରେ ପକାଇ ଉହ୍ନିଆଁ ଚୁଲ୍ଲିରେ,
ତରଳାଇ ନେଇ ମସଲା ମଳ ନିଗାଡ଼ି ଖଟରେ।

GPNanda Colln., Digitized by srujanika@gmail.com

ସମସ୍ତ ମସଲା ତରଳ   ହେଲେ ଥାଳରେ ଢାଳି,
ବୁଲାଇ ଦେବ ସେ ଥାଳିକି   ତାର ଫଙ୍କକୁ ଧରି ।
ଶୀତଳ ହୋଇଲେ ଥାଳରୁ   ନେବ ଔଷଧ କାଢ଼ି
ଉତ୍ତମ ପାତ୍ରରେ ରଖିଣ   ଚଣ୍ଟା ଦେବ ସଜାଡ଼ି ।
ଦୁଇ ରତି ମାତ୍ରା ଢ'ତୋଳା   ମୁଥା ରସରେ ଗୋଳି,
ଅବା ଥଣ୍ଡା ଜଳେ ସେବିବ   ସଞ୍ଜ ସକାଳ ଓଳି ।
ଏଥିରେ ଅଜୀର୍ଣ୍ଣ, ଉଦର-   ପୀଡ଼ା, ପେଟବିକାର,
ମୂତ୍ରରୋଧ, ଜ୍ୱାଳା, ପୋଡ଼ାଦ୍ଧ,   ଶୂଳ, ରକ୍ତପ୍ରଦର ।
ପେଟଫମ୍ପା, ଊର୍ଦ୍ଧ୍ୱ ପବନ,   ହିକ୍କା, ଅଶ୍ମରୀ ରୋଗ,
ଭଲ ହୋଇଯାଏ ନିଶ୍ଚୟ   ଏହା କର ପ୍ରୟୋଗ ।
ବଜ୍ରକ୍ଷାର ନାମ ଏହାର   ଶୁଣ ପାଠକମାନେ,
ପଢ଼ିଥିବ ଯାହା ସେସବୁ   ଏକା ରଖିବ ମନେ ।

କର୍ପୂରାଦ୍ୟ ବଟୀ

ଗୁଡ଼ତ୍ୱକ, ତେଜପତର,   କୁନ୍ଦୁରୁବେଲ, ଅଭୁରୀ,
ଏଳାଇଚ, ପାନମହୁରୀ,   ବେଲଶୁଣ୍ଠି ଯେ କହି ।
ଜାଇଫଳ, କୁଡ଼, ଲବଙ୍ଗ,   ଅଜାନବନ୍ଧ, ମୂଥା,
ଇନ୍ଦ୍ରଯବ, ଶୁଣ୍ଠି, ଧନିଆଁ,   ଜାଇପତ୍ରୀ ସଙ୍ଗେ ତା ।
କୋରେଇର ଛେଲି, ଖଇର,   ମୋଚରସ ସରସା,
ଧାଇଫୁଲ, ସବୁଧାନକୁ   ତକ୍ର ସଙ୍ଗରେ ମିଶା ।
ପ୍ରତ୍ୟେକକୁ ଏକ ମମାରେ   ଚୂନ ଚୂର୍ଣ୍ଣ କରିବ,
ଅଧ ତୋଳା ଭଲ କର୍ପୂର   ଚୂନ ମିଶାଇ ଦେବ ।
ତିନି ତୋଳା ମଦ୍ୟ ବିଶୁଦ୍ଧ   ଅଭ୍ର ଭସ୍ମ ଗୋଳାଇ,
ବାଗ ଚନ୍ଦନର ଜଳରେ   ଖଲେ ଘୋଟିବ ନେଇ ।
ଅଢ଼ର ରୂପରେ ଘୋଟିଣ   ଦୁଇ ରତି ମାତ୍ରାରେ,

GPNanda Colln., Digitized by srujanika@gmail.com

ବଟିକା କରିବ ବିଧିରେ ଶିବ ସ୍ମରି ମନରେ ।
ଜାଇଫଳ, ନାଗ, ଲବଙ୍ଗ, ଜାଇପତ୍ରୀ ସମାନ,
ପ୍ରତ୍ୟେକର ଦୁଇ ଓଜନରେ ଜଳେ ବାଟିଣ ଭଲ ।
ଚନ୍ଦିରେ, ଅଥବା ଦୁ'ତୋଳା ମୁଥା ଉପରେ ବଟୀ,
ସେବିଲେ ଅଜୀର୍ଣ୍ଣ ତରଳ- ଝାଡ଼ା ଯାଏଟି ଦୂରି ।
ପେଟ ଘଡ଼ଘଡ଼ ଶବଦ ପେଟକାମୁଡ଼ା ଆଦି,
ଆମାଶୟ ରୋଗ ନ ରହେ ପେଟର ପେଟର ବ୍ୟାଧି ।

ବିସୂଚିକା ରୋଗେ ଅଜୀର୍ଣ୍ଣକଣ୍ଟକ ରସ

ଶୋଧିତ ମହୁରା, ଗନ୍ଧକ, ପାରା ପ୍ରତ୍ୟେକ ତୋଳେ
ତିନ ତୋଳା ଚଣ୍ଡି ମରିଚ ଦେଇ ଘୋଟିବ ଖଟଲେ ।
ପାରଦ, ଗନ୍ଧକ ପ୍ରଥମେ ଖଟଲେ କଜ୍ଜଳୀ କରି,
ତାହା ପରେ ସବୁ ମସଲା ସଙ୍ଗେ ଦେବନ୍ତି ଢାଳି ।
ଏକୋଇଶ ଥର ଭାବନା ଦେଇ ଅଙ୍କ୍ରାନ୍ତ ରସେ,
ଶୁଖାଇ ଶୁଖାଇ ଖଟଲେ ପୁଣି ଖଲ ହରଷେ ।
ମାତ୍ରା ଏକ ରତି ଦୁ'ତୋଳା ମୂଥ ଉପରେ ଗୋଳି,
ଅଥବା ଅମରପୋଇର ରସ ସେ ପଞ୍ଚ ଭରି ।
ନୋହିଲେ ଦୁ'ତୋଳା ପିଆଜ ରସେ କଞ୍ଚା ହଳଦୀ,
ରସ ଦୁଇତୋଳା ସଙ୍ଗେ ବା ବଟୀ ଦେବ ମରଦ ।
ଦୁଇ ଦୁଇ ଘଣ୍ଟା ଅନ୍ତରେ ଏହା ସେବିଲେ ରୋଗୀ
ଅଜୀର୍ଣ୍ଣ ବିସୂଚି ରୋଗର ଅଣ୍ଟା ଯାଏଟି ଭାଙ୍ଗି ।

ଅଗ୍ନିକୁମାର ରସ

ପାରଦ, ଗନ୍ଧକ, ଟାଙ୍ଗଣା- ଖଇ ପ୍ରତି ଦ୍ରବ୍ୟରୁ,
ଏକ ଏକ ତୋଳା ତୁଳଚ ତିନ ତୋଳା ବିଷରୁ ।*

* ବିଷ—ଶୋଧିତ ମହୁରା

GPNanda Colln., Digitized by srujanika@gmail.com

ଶଙ୍ଖଜଉଡ଼ର ଭସ୍ମକୁ ଛଅ ତୋଳା ପକାଇ,
ମରିଚର ଚୂର୍ଣ୍ଣ ତହିଁରେ ଆଠ ତୋଳା ମିଶାଇ ।
କାଗେଜିର ରସେ ମର୍ଦ୍ଦ ଗୁଞ୍ଜା ରତି ମାନଙ୍କର,
ବଟିକା ବାନ୍ଧିବ ପ୍ରଣମି ତନ୍ତ୍ର ପଦଯୁଗରେ ।
ପ୍ରଥମେ ପାରଦ-ଗନ୍ଧକ ଖଟେଲ କଜ୍ଜଳୀ କରି,
ଅନ୍ୟାନ୍ୟ ମସଲ୍ ସହିତ ତାହା ଦେବ ଯେ ଯୋଗ
ଏହି ବଟୀ ଅଣ୍ଡା ଜଳରେ ସେବା କଲେ ବିସୂଚୀ,
ଅଜୀର୍ଣ୍ଣ, ମନ୍ଦାଗ୍ନି, ଗ୍ରହଣୀ ଯାଏ ଦୂରକୁ ଦୁଷ୍ଟ ।

ବିସୂଚୀ ବିଧ୍ୱଂସନ ରସ

ଗନ୍ଧକ, ପାରଦ କଜ୍ଜଳୀ ମିଳାଏ ସଙ୍ଗରେ,
ନିମ୍ନୋକ୍ତ ମସଲ୍ ମିଶାଅ ସମ ପରିମାଣରେ ।
ଟାଙ୍ଗଣାର ଖଇ, ନୂତନ ଶୁଣ୍ଠୀ, ସ୍ୱର୍ଣ୍ଣମାକ୍ଷିକ,
ଶୋଧିତ ମହୁରା ଆଉରି ସର୍ପ ବିଷକ ତଖ ।
ପ୍ରତ୍ୟେକର ଦୁଇ ଅଣା ଯେ ଚୌଦ ଅଣା ହିଙ୍ଗୁଳ,
ଦେଇଣ କାଗେଜ ରସରେ ମରନ୍ଦିବ ଚମ୍ପଳ ।
ଷୋଡଶ ପ୍ରମାଣେ ବଟିକା ମ ବଧାନରେ କରି,
ମହୁ ମଶାକରେ ଖାଇବ ଶିବ ନାମ ସ୍ମରି ।
ଏହା ବିନାଶଇ ବିସୂଚୀ ଅତିସାର ନିମାଙ୍ଗ,
ନାଡ଼ୀ ଡବିଯିବା ସମୟେ ଶୀଘ୍ର କର ପ୍ରୟୋଗ ।
ଗୃହ ସ୍ୱର ଘଣ୍ଟା ଅନ୍ତରେ ଏହା ଖାଇବ ରୋଗୀ,
ଶୋଷ ହେଉଥିଲେ ରୋଗୀକୁ ଜଳ ଦେବଟି ଜାଗି ।
ବିସୂଚିକା ରୋଗ ସଦ୍ୟପି ଶୋଷ ହୁଏ ରୋଗୀର,
କବାବଚିନିର ଚୂର୍ଣ୍ଣକୁ ତୋଳେ ଆଣ ସତ୍ୱର ।
ଅଧତୋଳା ପାଷ୍ଟିମଧୁର ଗୁଣ୍ଡ ତହିଁରେ ଦେଇ,

GPNanda Colln., Digitized by srujanika@gmail.com

ସିଉକ ଓଜନ କଜ୍ଜଳୀ   ନେଇ ଦେବ ଗୋଳାଇ ।
ସମସ୍ତ ଦ୍ରବ୍ୟକୁ ଉତ୍ତମ -   ରୂପେ ଘୋଣ୍ଟି ଖଲରେ,
ଦୁଇ ରତ୍ତି ମାତ୍ରା ମଧୁରେ   ଚଟାଇବ ଜିଭରେ ।
ପୁନଃ ପୁନଃ ଗୁଟି ଖାଇଲେ   ତୃଷା ହୁଏ ବନାଶ,
ଆଉର କର୍ପୂରଜଳରେ   ଦୂର ହୁଅଇ ଶେଷ ।
ଘସକର ଗୁର ରତ୍ତିକୁ   ପାଏ ଜଳରେ ଗୋଳି,
ଉତ୍ତମ ପାତ୍ରରେ ରଖିଲେ   କର୍ପୂରଜଳ ବୋଲି ।

ଲବଙ୍ଗାଦ୍ୟ ମୋଦକ

ଲବଙ୍ଗ, ମରିଚ, ପିପ୍ପଳୀ,   ନାଗ କେଶର, ଜୀରା,
ଶୁଣ୍ଠୀ, ଏଲାଇଚ, ତଗର   ପାଦ ଯେ କଳ ଜୀରା ।
ପଦ୍ମବୀଜ, ତେଜପତର,   ଜାଇଫଳ, କର୍ପୂର,
ରକ୍ତଚନ୍ଦନ, କାଙ୍କୋଲ୍ଲ,   ବଂଶଲୋଚନ ଧର ।
ବେଣାଚେର, ଅଭ୍ରଭସ୍ମ ଯେ   ଜାଇପତ୍ରୀ ଅଗୁରୁ,
ଜଟାମାଂସୀ, ଯବତଣ୍ଡୁଳ,   ମୁଥା, ଧନିଆଁ, ଗୁରୁ ।
ଝଜ୍ଞ, କର୍ପୂର ପ୍ରତ୍ୟେକୁ   ଏକ ତୋଳାରେ ତୁଳ,
ତହିଁରେ ଛତିଶ ତୋଳା ଯେ   ଦେବ ଲବଙ୍ଗ ଭରି ।
ସମସ୍ତ ମସଲା ଖଲରେ   ଶୁଖାଇଣ ଚୂରିବ,
ଛାଣିଲେ ଯତନେ କନାରେ   ଧୂଳି ପରି ଦିଶିବ ।
ଶହେ ଗୁଡ଼ ତୋଳା ଓଜନେ   ଚିନି ପାଗ କରିଣ,
ଚୂର୍ଣ୍ଣକୁ ତହିଁରେ ପକାଇ   ଏକ ତୋଳା ସମାନ ।
ମୋଦକ ନର୍ମାଣ ନ ବେଳା   ଗୁର ତୋଳା ଜଳରେ,
ସେବିଲେ ଅଜୀର୍ଣ୍ଣ, ମନ୍ଦାଗ୍ନି,   ଗୁଡ଼ ପଳାଏ ଦୂରେ ।
ପୁନଃ ପୁନଃ ଝାଡ଼ା ପଡ଼ିଲା   ଗ୍ଳତପୋଡ଼ା ବକାର,
ପେଟ ଘଡ଼ ଘଡ଼ ଶବଦ   ଦୂର ହୁଏ ସତ୍ୱର ।

GPNanda Colln., Digitized by srujanika@gmail.com

ଶତଧୌତ ଘୃତ ତୋଳା ଜଳରେ ଚଣକ ଭଜା ପଲମେ,
ମନ୍ଦଜାଳେ ଚୁଲ୍ଲୀ ଜାଳିଲେ ଜଳ ମରିବ କ୍ରମେ ।
ଜଳ ମରି ପାଗ ହୋଇଲେ ପାତ୍ର ଓହ୍ଲାଇ ତଳେ,
ତହିଁ ଚୂର୍ଣ୍ଣସବୁ ଗୋଳଣ ବାନ୍ଧ ମୋଦକ ଧୀରେ ।

ମୁସ୍ତକାରିଷ୍ଟ

ବାରି,ସେର ଅଧେ ପାକଳ- ମୁଥା କୁଟି ଢିକିରେ,
ଏକଶ ଛବିଶ ସେର ଯେ ଜଳ ଭରି ତମ୍ବିଁରେ ।
ଚୁଲ୍ଲିରେ ସେତକ ବସାଇ ମନ୍ଦ ଅନଳ ଦେଇ,
ଜଳ ମାରି ସେର ବତିଶ ରଖି ଦିଅ ଓହ୍ଲାଇ ।
ସେ ଜଳକୁ ଛାଣି କନାରେ ରଖି ଦୃଢ଼ ହାଣ୍ଡିରେ
ଉତ୍ତମ ଗୁଡ଼ନ୍ତୁ ଅଠେର- ସେର ତହିଁପା ଝଟରେ ।
ଗୋଳାଇ, ଧାତୁକୀ ଫୁଲନ୍ତୁ ଦେଇ ଆଠୋଟି ପଳ,
ତଳରେ ଲିଖିତ ମସଲ ପୁଣି ହାଣ୍ଡିରେ ଢାଳ ।
ଜୁଆଣି, ମରିଚ, ଲବଙ୍ଗ, ଶୁଣ୍ଠୀ, ମେଥି ଯେ ଜୀରା,
ଚିତାମୂଳ ପ୍ରତି ଦ୍ରବ୍ୟନ୍ତୁ ଏକ ପଳ ଯେ ଝାରା ।
ହାଣ୍ଡିମୁଖ ଢାଙ୍କି ଠେଲିମ ମାଟି ଲେପି ରଖିବ,
ଏକ ମାସ ପରେ ଷୋଡ଼ଶୀ ଧୀରେ ଓଠାଇଦେବ ।
କନାରେ ଛାଣି ସେ ଜଳକୁ ରଖି ପାତ୍ର ମଧ୍ୟରେ,
ଦୁଇ ତୋଳା ମାତ୍ରା ସେବିବ ଅଗ୍ନିମାନ୍ଦ୍ୟ ରୋଗରେ ।
ଏଥିରେ ଅଜୀର୍ଣ୍ଣ ବିସୂଚୀ ପୁରାତନ ଗ୍ରହଣୀ,
ଭଲ ହୁଏ ଅତି ସତ୍ୱର ଥାଅ ବାଳକେ ଜାଣି ।
କ୍ରମରେ ଔଷଧ ମାତ୍ରାକୁ ବଢ଼ାଇବ ଯେପରି,
ଷୁର ତୋଳା ଯାଏ ହୋଇବ ରୋଗ ବଳ ବିଚାରି ।

GPNanda Colln., Digitized by srujanika@gmail.com

କର୍ପୂରାସବ

ବାର ପଲ ଅଧେ ଓଜନେ ଦେଶୀ ମଦ୍ୟ ଅଣାଅ,
ତହିଁ ଏକ ପଲ ଘନସାର- ଚୂର୍ଣ୍ଣ ମିଶାଇଦିଅ ।
ଗୁଜୁରାତି, ମୁଥା, ଜଟାମାଂସୀ, ଶୁଣ୍ଠି, ମରିଚ ଚୂର୍ଣ୍ଣ,
ପ୍ରତ୍ୟେକର ଏକ ତୋଳା ସେ ତହିଁ ଭରିବ ପୁଣ ।
ଦୃଢ଼ପାତ୍ରେ ରଖି ସେସବୁ ମଦ ଦେଇ ମୁଖରେ,
ମାଟି ଲେପ ଯେପରି ପବନ ନ ପଶଇ ଭିତରେ ।
ଏକ ମାସ ପରେ ଫିଟାଇ ଛାଣି ଔଷଧ ଜଳ,
ବୋତଲରେ ଭରି ରଖିବ ଠିପି ଦେଇ ନିର୍ମଳ ।
ଦୁଇ ତୋଳା ଜଳେ ମିଶାଇ ଦଶ ପନ୍ଦର ଟୋପା,
ସେବିଲେ ଅଜୀର୍ଣ୍ଣ, ବିସୂଚୀ ଭଲ ହୁଅଇ ସଫା ।
ବେଗବଳ ଦେଖି ରୋଗୀର ମାତ୍ରା କ୍ରମେ ବଢ଼ାଇ,
ପ୍ରତିଘଣ୍ଟା ପରେ ଦେଉଥିବ ବନ୍ଦ କରିବ ନାହିଁ ।
ବାନ୍ତି, ବାନ୍ତିବେଗେ ପ୍ରଧାନ ଅଟେ ଏହି ଔଷଧ,
କର୍ପୂର ଆସବ ଯା ନାମ ଦେଇଛନ୍ତି ବିବୁଧ ।

ମୁଷ୍ଟିଯୋଗ

ଜୁଆଣିର ପତ୍ର, ପିପ୍ପଳୀ, ଶୁଣ୍ଠି ପ୍ରତ୍ୟେକୁ ତୋଳେ,
ଚୂର୍ଣ୍ଣକର ସଞ୍ଜ-ସକାଳେ ଦୁଇ ରତି ମାତ୍ରାରେ ।
ଶୀତଳ ଜଳରେ ଖାଇଲେ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ,
ପଳାଇ ଯାଏଟି ଦେହରୁ ବାତ ଶୂଳ ସଂପୂର୍ଣ୍ଣ ।
ଯବକ୍ଷାର, ଶୁଣ୍ଠି ତୋଳାଏ କର ଚୂର୍ଣ୍ଣ ଯତନେ,
ଏକତୋଳା ଘୃତେ ଗୋଳାଇ ଏକ ଅଣୀ ଓଜନେ ।

GPNanda Colln., Digitized by srujanika@gmail.com

ସକାଳ ସଞ୍ଜରେ ଜଉଟେର ଗୁଣ୍ଡି ଖାଇଲେ ରୋଗୀ,
ଅଗ୍ନିମାନ୍ଦ୍ୟ ରୋଗ, ଅଜୀର୍ଣ୍ଣ ଗୁଡ଼ ପଳାନ୍ତି ବେଗି ।
ପିପ୍ପଳୀ, ମରିଚ, ସୈନ୍ଧବ, ଶୁଣ୍ଠି, ହିଙ୍ଗୁ ପ୍ରତ୍ୟେକେ,
ଚାରି ଅଣା ଜଳେ ବାଟିଣ ପେଟେ ଲେପିଲେ ଥୋକେ
ପେଟଫମ୍ପା, ଶୂଳ, ଅଜୀର୍ଣ୍ଣ ନାଶ ହୁଅଇ ଜାଣ,
ସୁଖରେ ଶୁଅଇ ସେ ରୋଗୀ ବୁଝ ବେନ ନପୁନ ।
ଶଙ୍ଖଭସ୍ମ ଚାରି ରତିକୁ ଲେମ୍ବୁରସରେ ଗୋଳ,
ସକାଳ-ସଞ୍ଜରେ ସେବିଲେ ଅଗ୍ନିମାନ୍ଦ୍ୟ ଯହର ।
ହରିତକୀ, ଶୁଣ୍ଠି, ସୈନ୍ଧବ ପ୍ରତ୍ୟେକ ଚାରି ତୋଳା,
ଚୂର୍ଣ୍ଣ ଚାରିଅଣା ମାତ୍ରାରେ ସେବାକଲେ ଦ'ବେଳା ।
ଅଗ୍ନିମାନ୍ଦ୍ୟ ରୋଗ, ଅଜୀର୍ଣ୍ଣ ପେଟୁଁ ଦୂର ହୁଅଇ,
ଏହିଟି ସହଜ ଉପାୟ ମନେ ରଖ ହେ ଭାଇ ।
ପାଚିଲା ଶୁଖିଲା ଉତ୍ତମ ନୂଆ ଲଙ୍କାମରିଚ,
ଦଶ ଗୋଟି ମନ୍ଦ ଅଗ୍ନିରେ ପୋଡ଼ ଯତନେ ସମ୍ପ ।
ଏକପାଆ ଜଳେ ପକାଇ କିଛି କ୍ଷଣ ଅନ୍ତରେ,
ଛାଣି ସେ ଜଳକୁ କନାରେ ରଖ ପାତ୍ର ମଧ୍ୟରେ ।
ଦୁଇ ଦୁଇ ତୋଳା ସେ ଜଳ ଅଧଘଣ୍ଟା ଅନ୍ତରେ,
ସେବିଲେ ବିସୂଚୀ ରୋଗୀକୁ ରୋଗୀ ଦେହରୁ ମରେ ।
ପିପ୍ପଳୀ, ଖସ୍ତର, ଶୋଧିତ- ହିଙ୍ଗୁ ପ୍ରତି ଦରବ,
ତୋଳାଏ ଲେଖାଏଁ ଖଲରେ ଜଳ ଦେଇ ମର୍ଦ୍ଦିବ ।
ଉତ୍ତମ ରୂପରେ ଘୋଟିଣ ଦୁଇ ରତି ମାତ୍ରାରେ,
ଗୋଳ ଦୁଇ ତୋଳା ଅମର- ପୋଇ ପତ୍ର ରସରେ ।
ପ୍ରତି ଘଡ଼ା ପରେ ଯେବଲେ ଭୟଙ୍କର ବିସୂଚୀ,
ମରଣକାତର ରୋଗୀର ଦେହୁଁ ପଳାଏ ଘୁଞ୍ଚି ।

GPNanda Colln., Digitized by srujanika@gmail.com

ଛୋଲାଏଁ ଭାସ୍କର, ଶୁଖିଲ-　　ଲଙ୍କାମରିଚ ଛୋଲେ,
ଅଧ ଅଧ ଛୋଲା ଅଗ୍ନିମ,　　ଲବଙ୍ଗ ଅଣାଇ ଖଳେ
ପଚନରେ ଯୋଗ୍ନି ବଟିକା　　କରି ଦୁଇ ରତ୍ତିରେ,
ଦୁଇ ଚୋଳା ଚିନି ପାଣିରେ　　ଖାଅ ପ୍ରତି ଝାଡ଼ାରେ ।
ଏଥିରେ ବିସୂଚୀ ପଳାଏ　　ରୋଗୀ ହୁଅଇ ଭଲ,
ଦୂର ହୋଇଯାଏ ଯନ୍ତ୍ରଣା　　ଆଉ ଯେ କଲବଲ ।

ପଥ୍ୟ

ଅଜୀର୍ଣ୍ଣ ବେଗରେ ରୋଗୀକୁ　　ଦେବ ଲଘୁଭୋଜନ,
ଯେପରି ଅଳପ ସମୟେ　　ଜୀର୍ଣ୍ଣ ହୁଅଇ ଅନ୍ନ ।
ଭାତ, ରୁଟି ଜୀର୍ଣ୍ଣ ନ ହେଲେ　　ବାର୍ଲି, ଶାଗୁ, ପାଳୁଅ,
ମିଧଡ଼ାର ନବୁ ଜଳରେ　　ସିଦ୍ଧ କରିଣ ଦିଅ ।
ତିନ ଚାରି ଘଣ୍ଟା ଅନ୍ତରେ　　ରୋଗୀ ଖାଇବ ପଥ୍ୟ,
ଅଳପ ଅଳପ କରିକ　　ଦ୍ରବ୍ୟ କରଇ ହିତ !
ପୁରୁଣା ଚାଉଳ ଭାତ ଯେ　　ମୁଗ-ମସୁର ଯୂଷ,
କଞ୍ଚା, କୁଷ୍ମାଣ୍ଡ, ପାଳୁଅ,　　ପକ୍ୱ ଡାଳିମ୍ବ ରସ ।
ସାଗୁ, ବାର୍ଲି, ଘୋଳଦହି ଯେ　　ଜୀରା, ମରିଚ, ହିଙ୍ଗୁ,
କାଙ୍କଡ଼, ପଟଳ, କଦଳୀ,　　ଟଭା, କଲରା, କାଙ୍କୁ ।
କଷିବାଇଗଣ, ସଜନା-　　ଛୁଇଁ, ଧନିଆଁ, ମଞ୍ଜା,
ପ୍ରସାରୁଣୀ, କାଞ୍ଜିପାଣି ଯେ　　ମେଥି, ମୂଳାର ଜୋ ।
ଶୃଙ୍ଗୀମାଛ, କଉ, ମାଗୁର,　　ଚାଣ୍ଡଦିଅ, କାଟକେଜ,
ପୋଦନା, ପୁରୁଣା ତେନ୍ତୁଳ　　ନେବ ଅଜୁଆ ଖୋଜି ।
ଅନ୍ୟାନ୍ୟ ହାଲୁକା ଜିନିଷ　　ପଥ୍ୟ ଦେବ ବଇଦ,
ରୋଗୀ ରୋଗବଳ ଦେଖିଣ　　ମିଳେ ଦ୍ରବ୍ୟ ଯେପରି ।

GPNanda Colln., Digitized by srujanika@gmail.com

ଅଜୀର୍ଣ୍ଣ ରୋଗରେ ପ୍ରଥମେ ଦେବ ଲଙ୍ଘନ ଦେଖି,
ରୋଗ ଶେଷ ହେଲେ ରୋଗୀକୁ ଦ୍ରବ୍ୟ ତରଳ ରଖି ।
ମଧ୍ୟେ ମଧ୍ୟେ ଅଳ୍ପ ମାତ୍ରାରେ ଯେତେକ ଖାଇବ ରୋଗୀ,
ଦୁର୍ବଳ ନ ହୁଏ ଯେପରି ଦୃଷ୍ଟି ଦେବଟି ବେଗି ।
ଅଗ୍ନିମାନ୍ଦ୍ୟ ରୋଗ, ଅଜୀର୍ଣ୍ଣ ଶେଷ ହେଲା ଏଠାରେ,
ସ୍ୱପ୍ରକୁଳଜାତ ବାଳୁକେ- ଶ୍ରୀର କହେ ଗୀତରେ ।

—o—

କୃମିଚିକିତ୍ସା

ଲକ୍ଷଣ

ବାହ୍ୟ ଅଭ୍ୟନ୍ତର ଭେଦରେ କୃମି ପ୍ରକାର ଦୁଇ,
ଶାସ୍ତ୍ର, ଅନୁଭୂତି ଉଭୟୁଁ ଶୁଣ କହୁଛୁ ମୁହିଁ ।
ଦେହ ମଳ ଝାଳ ଦୋଷରୁ ଜନମନ୍ତି ବାହାରେ,
କେଶ, ଲୋମମୂଳେ ଉକୁଣି ଶ୍ୱେତ ଲିଖ ନାମରେ ।
ଅଭ୍ୟନ୍ତର କୃମି ତ୍ରିବିଧ ମଳଜାତ, କଫଜ,
ରକ୍ତଜାତ, ଏହି ସକଳେ କ୍ଲେଶ ଦିଅନ୍ତି ହେଜ ।
କୃମି ଜନମିଲେ ଦେହରେ ପେଟେ ହୁଅଇ ଶୂଳ,
ଅତିସାର, ଅଗ୍ନିମାନ୍ଦ୍ୟ ଯେ ଦେହ ହୁଏ ଦୁର୍ବଳ ।
ଜ୍ୱର, ଦେହ ପାଣ୍ଡୁ ବରନ, କଣ୍ଡୂ, ଗୁହ୍ୟଦୁଆରେ,
ନୟନର ତେଜ କମଇ ଝିନୁଝିନ ଭ୍ରମରେ ।
ରକତ ଦୂଷିତ, ବାହାରେ ଦେହେ ନାନାଦି ବ୍ରଣ,
ବହୁ ଉପଦ୍ରବ କୃମିରେ ଦେଖାଯାଏ ଲକ୍ଷଣ ।
ହୃଦ୍‌ରୋଗ, ଶରୀର ଅବଶ, କୁଷ୍ଠରୋଗ ଯେ ଛଉ,
କୃମିରୋଗେ ଦେଖାଦିଅନ୍ତି ରୋଗ ଅନେକ ଆଉ ।

GPNanda Colln., Digitized by srujanika@gmail.com

ଚିକିତ୍ସା

ମୁସ୍ତାଦି କ୍ୱାଥ

ମୁଥା, ମୂଷକାନ, ହରଡ଼ା, ଦେବଦାରୁ, ବାହାଡ଼ା,
ଅଁଳା ପ୍ରତ୍ୟେକ୍ତୁ ପଞ୍ଚ ଅଣା ଦୁଇ ରତିରେ ଖାଅ ।
ଅଧ ସେର ଜଳେ ସିଝାଇ ଆଠ ତୋଳା ଶେଷରେ,
ରଖି ଗୁଣି ଦେବ କନାରେ ଏହ ସଞ୍ଜ-ସକାଳେ ।
ପିପ୍ପଳି, ବଡ଼ଙ୍ଗଚୂର୍ଣ୍ଣରୁ ମସେ ମସେ ଗୋଳାଇ,
ପାନ କଲେ ରୋଗୀପେଟରୁ କୃମିରୋଗ ମରଇ ।
ଏଥିରେ ପେଟର କେଞ୍ଚୁଆ, ଦଶୀପୋକ ମଳର,
ବିନାଶ ହୁଅନ୍ତି ସମରେ ପେଟ ଅସୁଖ, ଜ୍ୱର ।

ପାରସୀୟାଦି ଚୂର୍ଣ୍ଣ

ଜୁଆଣି, ପିପ୍ପଳି, ବଡ଼ଙ୍ଗ, ମୁଥା, କକଡ଼ାଶୃଙ୍ଗୀ,
ଅରୁଅଁୀ ପ୍ରତ୍ୟେକ ସମାନ ତୁଳ ଦ'ତୋଳା ଲାଗି ।
ସମସ୍ତ ସମାନ ଚୂର୍ଣ୍ଣ ଦୁଇ ମାସା ମାତ୍ରାରେ,
ମଧୁ ସଯୋଗରେ ଗୋଳାଇ ସେବ ସଞ୍ଜ-ସକାଳେ ।
ଏଥିରେ ମରନ୍ତି କଣ୍ଠସ୍ଥ ଦଶୀପୋକ ସକଳ,
ଜ୍ୱର, ଅତିସାର, ଶୂଳାଦି ଶୀଘ୍ର ହୁଅଇ ଭଲ ।
ପିଲଙ୍କର କୃମିରୋଗକୁ ଏହି ଚୂର୍ଣ୍ଣ ବିନାଶେ,
ବସ୍ତ୍ରେ ବଗୁରି କରିବ ମାତ୍ରା ମନ ହରଷେ ।

କୃମିଘାତନୀ ବଟୀ

ଡହୁଡ଼ର ମୂଳ ପିମ୍ପୁଳି, ସୋମରାଜ, ହଳଦ,
କମଳାଗୁଣ୍ଡି ପୋ ହରଡ଼ା, ଗେରୁମାଟି ସମ୍ଭାଗ ।
ପଲଶର ମଞ୍ଜି ପ୍ରତ୍ୟେକୁ ତୋଳେ ଓଜନ କରି,

GPNanda Colln., Digitized by srujanika@gmail.com

ଜଳରେ ମରଦ ବଟିକା ଜର ରୋଗବନ୍ଧ ସ୍ଥିର ।
ଘୃତ ରତ୍ତ ମାଷା କରଣ ବଡ଼ଙ୍ଗ ଗଣ୍ଡା ପାନ୍ତ,
ଜଳେ ବାଟି ତାହା ସହିତ ଗୋ'ଳ ଦେବଲେ ନିତ୍ୟ,
କମ୍ବା ପାଳଧିଆପତ୍ରର ରସ ଦୁଇ ତୋଳାରେ,
ଅଥବା ଦ'ତୋଳା ମସୁସ୍ତ- କଢ଼ା-ରସ ସଙ୍ଗରେ ।
କୋଉଏ ପ୍ରକାର କ୍ରିମି ଯେ ନ ଶ ହୁଅନ୍ତ ଜାଣ,
ଜ୍ୱର, ଅତସାର, ବମନ, ଶୋଥ, ଶୂଳ ନିଧନ ।
ଏହା ନାମ କ୍ରିମିଘାତନୀ ଥାଅ ମନରେ ଲେଖି,
ବୈଦ୍ୟ ହେଲେ ଏହା ବୁଝିବ ରୋଗୀଠାରେ ପରଖି ।

କ୍ରିମି-ମୁଦ୍‌ଗର ରସ

ପାର୍ଦ୍ର ଏକତୋଳା, ଗନ୍ଧକ ଦୁଇ ତୋଳାରେ ତୁଳ,
ତିନ ତୋଳା ବଣଜୁଆଣି, ବାଇବିଡ଼ଙ୍ଗ ଘୃତ ।
ତୁଲିତ ଶୋଧିତ କୋ'ଶଲ ପାଞ୍ଚ ତୋଳା ବଧିରେ,
ଛଅ ତୋଳା ନେବ ପଳାଶ- ମଞ୍ଜି ତାହା ସଙ୍ଗରେ ।
ଏସବୁ ଚୂର୍ଣ୍ଣି କରାଇ ସ୍ୱରକ୍ତେ ବାଟିବ,
ଘୃତ ରତ୍ତ ପରମାଣରେ ବଟିକାକୁ ବଳବ ।
ମହୁ ମନାକରେ ଖାଇଲେ କ୍ରିମି ରହିବେ ନାହିଁ,
ମଳ ସଙ୍ଗେ ଖସି ପଡ଼ିବ ଗୋଟି ଗୋଟି ହୋଇ ।

ହରଦ୍ରାଖଣ୍ଡ

ପାଳଧିଆ ଗଛ ପତ୍ରର ରସ ଏକ ସେରରେ,
ଗୁଆଡିଅ ପାଏ, ଧୂଇପା ତିନ ଗୋଳ ଚର୍ମ୍ମରେ ।
ହଳଦର ଚୂର୍ଣ୍ଣ ଦ'ତଳ ତାହା ସଙ୍ଗେ ମିଶାଇ,
ସବୁ ଦ୍ରବ୍ୟ ପାକ କରିବ ମୃଦୁ ନିଆଁରେ ଥୋଇ ।
ଜଳ ମରଗଲେ ତ୍ରିଫଳା, ତଡାମ୍ବଳ, ଜୁଆଣି,

GPNanda Colln., Digitized by srujanika@gmail.com

କଳାଜୀରା, ମୁଥା, ବିଡ଼ଙ୍ଗ, ଅଜମୋଦାକୁ ଘେନ ।
ସଇନ୍ଧବ ଲୁଣ, ହିଙ୍ଗୁ, ବେଗୁନିଆଁର ଫଳ,
ଅକାନବିନ୍ଧ ଯେ ତିନ୍ତୁଡ଼ି, ସୁଆଁଲଇର ମୂଳ ।
ବାସଙ୍ଗର ମୂଳ, ରେଣୁକ, ଦନ୍ତୀ ଯେ ନିମଛେଲି,
ପଳାଶର ମଞ୍ଜି ଆଚର ସୋମରାଜୀକୁ ଧରି ।
ଚେରମାନ୍ତୁ ଚେର ପ୍ରତ୍ୟେକକୁ ଏକ ତୋଳା ଓଜନ,
ଚୂର୍ଣ୍ଣକରି ଧୂଳି ପରାୟେ ଚିନି ଗୋଳ ବହନ ।
ଏକ ତୋଳା ମାତ୍ରା ମୋଦକ କରି ଶୀତଳ ଜଳେ,
ସେବଲେ କୋଡ଼ଏ ପ୍ରକାର କୃମି ସହଜେ ମରେ ।
ଏ ଅଟେ ଦୂଷିତ ରକତ, ବାତୁ କୁଣ୍ଡିଆ ରୋଗ,
ଭଗନ୍ଦର, ବାତ ରକତ, ଶୀତ ପିତ୍ତକୁ ବାଧ ।
କ୍ରମେ କ୍ରମେ ଭଲ ହୁଅଇ ରୋଗୀ ଦେହର କାନ୍ତି,
ଉତ୍ତୁଳ ଉଠଇ ଅଚିରେ ଏଥି ନାହିଁ ଟି ଭ୍ରାନ୍ତି ।

ପାରିଭଦ୍ରାଦି ଲେହ

ପାଲଧୂଅ ପତ୍ର ରସରୁ ଏକ ସେର ତୁଳିବ,
ତହିଁ ଅଧସେର ଗୋମୂତ୍ର ଅଣି ପକାଇ ଦେବ ।
ମନ୍ଦ ମନ୍ଦ ଜାଳେ ବସାଇ ଜଳ ମାରି ବଧିବେ,
ଗୁଡ଼ ତୋଳା ଚାରି ପଲାଶ ମଞ୍ଜି ପକାଅ ଧୀରେ ।
ବିଡ଼ଙ୍ଗ, ଲବଙ୍ଗ, ମରିଚ, ଚିତାମୂଳ ପିପଳୀ,
ଇନ୍ଦ୍ରଯବ, ଗ୍ରନ୍ଥିଗାତ ଯେ ପୁଣି ଗଜପିପ୍ପଳୀ
ସଇନ୍ଧବଲୁଣ, ରେଣୁକ, ବିଟଲୁଣ ବାଡ଼ାଡ଼ା,
ଟାଙ୍ଗଣାର ଖଇ, ଶୈଳଜ, କୁନ୍ଦୁବେଲ, ହରଡ଼ା ।
ଗୁଡ଼ତ୍ୱକ, ତେଜପତର, ବଂଶଲୋଚନା ଧଳା,
ଶୁଣ୍ଠୀ, ଅଭ୍ର, ଲୌହ, ବଙ୍ଗ ଯେ ପରିପକ୍ୱ ଅଏଁଳା ।

GPNanda Colln., Digitized by srujanika@gmail.com

ପ୍ରତ୍ୟେକରୁ ଅଧ ତୋଳାଏ ଚୂର୍ଣ୍ଣ କରି ସଦୃଶ,
ପକାଇ ଚର୍ମରେ ଯତନେ ମଧୁ ଦୂର କରନ୍ତ ।
ଉତ୍ତମ ରୂପରେ ଗୋଳାଇ ଏକ ତୋଳା ମାତ୍ରାରେ,
ସକାଳ-ସଞ୍ଜରେ ଖାଇଲେ ଥଣ୍ଡା ଜଳ ସଙ୍ଗରେ ।
ସମସ୍ତ ପ୍ରକାର କୃମି ଯେ ଶୂଳ, ଅରୁଚି, ବାନ୍ତି,
ଅଗ୍ନିମାନ୍ଦ୍ୟ, ଶ୍ୱାସ, କାସ ବି ଯାଏ ବଢ଼ାଇ କାନ୍ତି ।

ଅପରାଜିତା ଧୂପ

ଶ୍ୱେତ ଅପରାଜିତାର ମୂଳ, ବଚ ଶା, ବଡ଼ଙ୍ଗ,
ଗୁଗ୍ଗୁଳ, ଅର୍ଜୁନଗଛର ଫଳଫୁଲ ସଂଯୋଗ ।
ରକ୍ତ ଚନ୍ଦନ, ଚାପିନି ତେଲ ଯେ ଯବକ୍ଷାର,
ପ୍ରତ୍ୟେକରୁ ଅଧ ତୋଳାଏ ଚୂର୍ଣ୍ଣ ନେବ ଯତ୍ନର ।
ରଡ଼ନିଆଁ ପରେ ପକାଇ ଧୂଆଁ ଦେଲେ ଦେହରେ,
ଥିବା ନଖ, ଚମଡ଼କୁଣି ମରିଯାନ୍ତି ସତ୍ୱରେ ।
ଏହା ନାମ ଅଟେ ଅପରା- ଜିତା ଧୂପ ବସ୍ତୁର,
ଚମଡ଼କୁଣିକି ଏଣିକି ଆଉ କେହି ନ ଡର ।

ବଡ଼ଙ୍ଗାଦ୍ୟ ଘୃତ

ଶୋଧିତ ଗୋଘୃତ ବସାଇ ଘଣ୍ଟେ ଅର୍ଦ୍ଧେକ ସେର,
ହରିଡ଼ା, ବାହାଡ଼ା, ଅଁଳା ପ୍ରତ୍ୟେକରୁ ଦ'ପଳ ।
ଦୁଇ ପଳ ନୂଆ ବଡ଼ଙ୍ଗ, ଶୁଣ୍ଠି, ପିପ୍ପଳୀ ମୂଳ,
ଶୁଷ୍କ ଚିତାମୂଳ, ପିପ୍ପଳୀ ଗୁଳୁଁ କାଠ ଆବର ।
ଏକ ତୋଳା ଦେଢ଼ମସା ଯେ ପ୍ରତି ଦରବ ତୁଲ,
ଦୁଇ ପଳ ଦଶମୂଳରୁ ସବୁ ଏକତ୍ର କରି ।
କୁଟାଇବ ଦୋହ ଦସ୍ତାରେ ଭରି ଦୃଢ଼ ପାତ୍ରରେ,

GPNanda Colln., Digitized by srujanika@gmail.com

ଆଠ ସେର ଜଳେ ସିଝାଅ   ମନ୍ଦ ମନ୍ଦ ଜାଳରେ ।
ଶେଷେ ଦୁଇ ସେର ରହିବ   ପାକେ କ୍ୱାଥ ଜଳ,
ଜଳ ଛାଣି ଘୃତପାତ୍ରରେ   ଢାଳି ଦେବ ଚଞ୍ଚଳ ।
ମନ୍ଦ ମନ୍ଦ ଜାଳେ ଘୃତରୁ   ମାରି ସକଳ ଯାକ,
ତହିଁ ପରେ ଘୃତ ଛାଣିବ   ମନେ ନ ରଖି ଦ୍ୱନ୍ଦ୍ୱ ।
ସାତ ଦିନ ପରେ ଘୃତରେ   ବିଡଙ୍ଗ ଚପ ମିଶାଇବ,
ବାଟି ଗୁଡ଼ ତୋଳା ଲେଖାଏଁ   ତହିଁ ତୋଳଣ ଦେବ ।
ଦୁଇ ସେର ଜଳ ତହିଁରେ   ଦେଇ ମନ୍ଦ ଅଗ୍ନି ଦେବ,
ଜଳ ମାରିନେବ ଯେପରି   ଛୋଟେ ଘୃତ ନ ପୋଡ଼ି
ଜାଳିଲେ ଘୃତକୁ ଅଗ୍ନିରେ   ଚଡ଼ ଚଡ଼ ନ ହେଲେ,
ମରିଗଲା ଜଳ ଘୃତରୁ   ଏହା ଜାଣିବ ଭଲେ ।
ଘୃତ ଛାଣି ସରୁ କନାରେ   ରଖି କାଚପାତ୍ରରେ,
ଦୁଇ ମସା ମାତ୍ରା ସେବିବ   ଗୁଡ଼ ତୋଳା ଦୁଧରେ ।
ଅଧ ତୋଳା ଚିନି ଗୋଳାଇ,   ଏହା କୃମିରୋଗର,
ଅବ୍ୟର୍ଥ ଔଷଧ ଅଟଇ   ମନେକର ଚତୁର ।
କୃମିଜାତ ଚକ୍ଷୁରୋଗରେ   କରେ ଅସୀମ କାର୍ଯ୍ୟ ।
କିଛି ଦିନ ଘୃତ ସେବିବ   ରଖି ମନରେ ଧୈର୍ଯ୍ୟ,।
ଏହା ମୁଁ ଦେଖିଛି ନୟନେ   କରି କେତେ ପ୍ରୟୋଗ,
ଅବ୍ୟର୍ଥ ହୁଅଇ ଏ ଘୃତ   ପଡ଼ିଥିଲେ ଦୁର୍ଭାଗ୍ୟ ।

ବୃହଦ୍ ବିଡଙ୍ଗାଦ୍ୟ ତୈଳ

ମୂର୍ଚ୍ଛା ହୋଇଥିବା ତିଳର   ତେଲ ଏକ ସେରରେ,
ବିଡ଼ଙ୍ଗର କ୍ୱାଥ ମିଶାଇ   ଜଳ ମାରିବ ଧୀରେ ।
ତିନି ସେର ପଚିଲ ବିଡ଼ଙ୍ଗ   କୁଟି ଷୋହଳ ସେର,

GPNanda Colln., Digitized by srujanika@gmail.com

ଜଳରେ ସିଝାଇ କ୍ୱାଥ ରଖ ଛଟାକି ଶେଷ ।
ତେଲରୁ କ୍ୱାଥ ମାରିବ ଯେତେକ୍ଷଣ ଉଠେ ନ ଫେଣା,
ସୋମରାଜୀ ତିନ ସେର ଯେ ପଲେ ଆଣିବ ଟାଣି ।
ଷୋଳ ସେର ଜଳେ ତାହାକୁ ସିଦ୍ଧ କରିବ ନେଇ,
ଚାରି ସେର ଜଳ ରଖିଣ ତେଲପାତ୍ରରେ ଦେଇ ।
ଜଳ ମାରିନେଇ ତେଲରୁ ତେଲ ଛାଣି କନାରେ,
ପାତ୍ରେ ଭରି ତାହା ରଖିବ ଦେଇ ଢାଙ୍କି ମୁଖରେ ।
ମହାକାଳ ମୂଳ, ପିପ୍ପଳୀ, ଶତାମୂଳ, ବିଡ଼ଙ୍ଗ,
ପ୍ରସାରୁଣି ତହିଁ ସଙ୍ଗରେ ଲବଙ୍ଗ ଲୁଆ ଯୋଗ ।
ତାହା ପରେ ପେଡ଼ୁପେଡ଼ୁଆ, ଦାରୁକେଶରଣ୍ଡା ଚେର,
ମରିଚ, କଣ୍ଟ_ଫଳ ହରିଡ଼ା, ଶୁଣ୍ଠି, ବାହାଡ଼ା ଫଳ ।
ଜଡ଼ାମୂଳ, ରାସ୍ନା, ଅଁଳା ପ୍ରତେ ଦ୍ରବ୍ୟ ଓଜନେ,
ଏକ ତୋଳା ତୁଳ ଆଣିଣ ବାଟି ନେବ ଯତନେ ।
ଚାରି ସେର ଜଳେ ଗୋଳାଇ ତେଲେ ପକାଇ ଦେବ,
ମନ୍ଦ ମନ୍ଦ ଜାଳେ ତେଲକୁ ଜଳଶୂନ୍ୟ କରିବ ।
ଶୀତଳ ହୋଇଲେ ତଇଲ ମୋଟା କନାରେ ଛାଣି,
ପାତ୍ର ମଧ୍ୟେ ଭରି ରଖିବ ଯଥା ନ ଉଡ଼େ ପାଣି ।
ତଇଲ ଜାଳିଲେ ଅଗ୍ନିରେ ଶବ୍ଦ ନ ହେଲେ ଜାଣ,
ଜଳ ମରିଗଲା ତହିଁରୁ ଏହା କହଇ ଗୁଣ ।
ଏ ତେଲ ସର୍ବାଙ୍ଗେ ରୋଗୀର ଧୀରେ ମାଲିସ କଲେ,
ଅନ୍ତର ବାହାର କୃମି ଯେ ମରି ଯାନ୍ତି ସକଳେ ।
ଶରୀର ବିବର୍ଣ୍ଣ, କୁଣ୍ଡିଆ, କଣ୍ଡୁ, ଅରୁଚି, ଶୂଳ,
ପେଟଫମ୍ପା, ଜ୍ୱର, ଝିଡ଼ିଦ ଶୀଘ୍ର ହୁଅଇ ଭଲ ।
ଦଶ, ବାର ଫୋପା ମାତ୍ରାରେ କଥା ଗୋଦୁଗ୍ଧ ଘୃତ,

GPNanda Colln., Digitized by srujanika@gmail.com

ତୋଳାଟିଏ ସେବନ୍ତୁ ଦି'ବେଳା ହରିନାମ ଉଚ୍ଚାରି ।
ବଡ଼ ଚକ୍ରଙ୍ଗାର ଗଛର ଏହା ନାମ ଅଟଇ,
ବଡ଼ ବଡ଼ ପାଠପଢ଼ୁଆ- ମାନେ ଅଛନ୍ତି କହି ।

ମୁଷ୍ଟି ଯୋଗ

କୁଆଁଶିର ଚୂର୍ଣ୍ଣ ସିଜକ- ମାଣ୍ଡ ଶୀତଳ ଜଳେ,
ପାନ କଲେ ନିତ୍ୟ ସକାଳେ କୃମିରୋଗ ନ ଧରେ ।
ଇନ୍ଦ୍ରଯବ ଚୂର୍ଣ୍ଣ ଓଜନେ ଗୁରି ରତିରେ ଆଣି,
ତୋଳାଏ ପୁରୁଣା ଗୁଡ଼ରେ ଗୁଟି ଖାଇଲା କ୍ଷଣି ।
ଦଶୀପୋକଙ୍କର କାମୁଡ଼ା ଶୀଘ୍ର ହୁଅଇ ଦୂର,
କୋଡ଼ିଏ ପ୍ରକାର କୃମିରେ କରେ ଏ ଉପକାର ।
ଦି'ତୋଳା କଲରା ପତର- ରସେ ଉଷୁମ ଜଳ,
ଦି'ତୋଳା ମିଶାଇ ସେବିଲେ କୃମି ହୁଏ ନିର୍ମୂଳ ।
ଏକ ତୋଳା ଚମ୍ପାପତର ରସ ରଖି ଗିନାରେ,
ତହିଁ ଚୂନପାଣି ମିଶାଅ ଏକ ତୋଳା ମାତ୍ରରେ ।
ସେ ଦୁଇକ ଏକତ୍ରି ପିଇଲେ କୃମିଯାକ ମରନ୍ତି,
ସପୁରିକନ୍ଦାର ରସକୁ କୃମି ଡରି ପଳାନ୍ତି ।
ପୋଡ଼ା ଗୁଆଳର ଗୁଣ୍ଡକୁ ଅବା ହଳଦୀ ଚୂର୍ଣ୍ଣ,
ଖାଇଲେ ନଷ୍ଟପ୍ରୁ ମରନ୍ତି କୃମିଯାକ ବହନ ।

ଅପଥ୍ୟ

ଦୁଧ, ଘିଅ, ମାଂସ, ଆମ୍ବିଳ, ଦହି, ଶାଗପତର,
ଗୁଡ଼,ମାଛ, ବରି, ଲବଣ, ପିଠା, ଲଡ଼ୁ, ଆଙ୍ଗୁର ।
ପାଚିଲା ଆମ୍ବିଳା ଫଳ ଯେ ଛତୁ, କାକର ଜଳ,
କୃମିରେ ଏମାନେ ଅପଥ୍ୟ ପୁଣି ବାସିପଖାଳ ।

GPNanda Colln., Digitized by srujanika@gmail.com

କୃଷ୍ଣଚନ୍ଦ୍ରପୁର ନିବାସୀ ଦ୍ୱିଜ ବାଲୁକେଶ୍ୱର,
କୃମିରୋଗ ଶେଷ କରଇ ଧାପି ଗ୍ରନ୍ଥପୁର ।

—୦—

ପାଣ୍ଡୁକାମଳ ଚିକିତ୍ସା

ଲକ୍ଷଣ

ପାଣ୍ଡୁ ରୋଗେ ଚର୍ମଦେହର ହୁଏ ଖସଖସିଆ,
ପେଟଫୁଲା, ମୂତ୍ରଭ୍ରମ ଯେ, ଜ୍ୱର ଥରଇନିଆ ।
ଦାହ, ଶୋଷ ମୁଖ ନାକରୁ ଧୀରେ ବହଇ ପାଣି,
ଶୋଥ, ତନ୍ଦ୍ରା, ଦେହ ଗୁରୁତା ପାଣ୍ଡୁ ଦିଶଇ ପୁଣି ।
ଶରୀର ଅବଶ, ଅରୁଚି, ଆଖି ହୁଅଇ ଧଳା,
କାନେ ଭଁଜ ଭଁଜ ଶବଦ, ମୁଣ୍ଡେ ଜନମେ ପୀଡ଼ା ।
ଚକ୍ଷୁ, ମୂତ୍ର ହଳଦିଆ ଯେ ଦିଶେ କାମଳ ରୋଗେ,
ମଧ୍ୟେମଧ୍ୟ ରୋଗୀ ସାମାନ୍ୟ ଜ୍ୱର ବେଗକୁ ଭୋଗେ ।
ଦକ୍ଷିଣ-ପିଞ୍ଜରା ତଳରେ ବଢ଼େ ଯକୃତ ଧୀରେ,
ଟିପିଲେ ହୁଅଇ ବେଦନା ବାୟୁ ଜନ୍ମେ ପେଟରେ ।
ପରେ ହଳଦିଆ ଶରୀର ଦିନୁଦିନ ଦୌର୍ବଲ୍ୟ,
କରେ ଅନୁଭବ ସେ ରୋଗୀ ମନ ହୁଏ ଅସ୍ଥିର ।

ଚିକିତ୍ସା

ଫଳତ୍ରିକାଦି କ୍ୱାଥ

ହରିଡ଼ା, ବାହାଡ଼ା, ଅଁଳା ଚିରାଇତା, କଟୁକି,
ବାସଙ୍ଗର ଛେଲି, ଗୁଳୁଚି, ନିମଛେଲିକୁ ରଖି ।
ପ୍ରତ୍ୟେକରୁ ଦୁଇ ମାସା ଯେ ଅଧ ସେର ଜଳରେ,

GPNanda Colln., Digitized by srujanika@gmail.com

ସିଝାଇ ଶେଷରେ ରଖିବ ଆଠ ତୋଳା ମାତ୍ରାରେ ।
ଏହି ସିଦ୍ଧ ଜଳ ସେବିଲେ ମଧୁ ମିଶାଏ ଦେଇ,
ମଳବନ୍ଧ ପାଣ୍ଡୁ କାମଳ ଶୀଘ୍ର ନାଶ ହୁଅଇ ।

ବାସଙ୍ଗ କ୍ୱାଥ

ବାସଙ୍ଗର ଚେହଲ, ଗୁଳୁଚି, ନିମଚନ୍ଦନର ଛେଲି,
କଟୁକି, ଚିରେଇତା ପ୍ରତ୍ୟେକକୁ ଛ'ଣା ଦ'ଗଣ୍ଡ ତୁଳ ।
ଅର୍ଦ୍ଧସେର ଜଳେ ସିଝାଇ ଶେଷେ ଆଠୋଟି ତୋଳା,
ରଖି ତହିଁ ମଧୁ ମିଶାଏ ଗୋଳି ସେବ ଦ'ବେଳା ।
ଏ ପାଚନେ ପାଣ୍ଡୁ କାମଳ ରକ୍ତ ପିତ୍ତ ମରଇ,
ପରୀକ୍ଷା କରି ଦେଖ ପାଠକ ଥବେନ ଦ'ଥର ଦେଇ ।

ନବାୟସ ଚୂର୍ଣ୍ଣ

ତ୍ରିକଟୁ, ତ୍ରିଫଳା, ବିଡ଼ଙ୍ଗ, ମୁଥା, ଚିତାର ମୂଳ,
ପ୍ରତ୍ୟେକରୁ ଏକ ତୋଳାରେ ନେଇ ଶିଳରେ ଚୂର ।
ଲୌହଭସ୍ମ ତହିଁ ନ ତୋଳା ଦେଇ ଖଲରେ ମାଡ଼ି,
ଉତ୍ତମ ରୂପରେ ମିଶାଇ ରଖ ପାତ୍ରେ ଦଜ'ଡ଼ି ।
ଅଧ ତୋଳା ଘିଅ, ଦ'ମସା ମଧୁ ସହିତ ଗୋଳି,
ଏକ ଡଣ୍ଡ ମାତ୍ରା ସେବିବ କ୍ରମେ ନିରନ୍ତ ବଢ଼ି ।
ଏଥିରେ ରକ୍ତହୀନତା ପାଣ୍ଡୁ କାମଳ ରୋଗ,
ବିନାଶ ହୁଅଇ ନିଶ୍ଚୟ ଜାଣ ଏ ସିଦ୍ଧଯୋଗ ।

ତ୍ରିକତ୍ର୍ୟାଦ୍ୟ ଲୌହ

ଶୋଧିତ ମଣ୍ଡୁର ପଲେ ସେ ଆଠ ତୋଳାଟି ଚିନି,
କାନ୍ତ, ଲୌହଭସ୍ମ, ପିପ୍ପଳୀ, ଶୁଣ୍ଠୀ, ମରିଚ ପୁଣି ।
ହରିଡ଼ା, ବାହାଡ଼ା, ଅଁଳା ଚିତାମୂଳ, ବିଡ଼ଙ୍ଗ,

GPNanda Colln., Digitized by srujanika@gmail.com

ମୁଥା ପ୍ରତ୍ୟେକର ତୋଳାଏ　ଦେଲ କର ସଂଯୋଗ ।
ସମସ୍ତ ମସଲା ଚୂର୍ଣ୍ଣିବ　ଲୌହଖଲରେ ଦେବ,
ପରେ ପଟଳମଣ୍ଡ ଭିଜା ଯେ　ତମ୍ବି ଢାଅ ମିଶାଇ ।
ଲୁହାଦଣ୍ଡେ ତାକୁ ଘୋଟିଣ　ସାନ୍ଦ୍ର ଘନ ଖଲରେ,
ସାନ୍ଦ୍ରଘନ ଚନ୍ଦ୍ରକିରଣେ　ରଖ ସାବଧାନରେ ।
ଏକମସା ମାତ୍ରା ବଟିକା　ବଳ ଯତନେ ରଚି,
ବେଲପତ୍ର ରସ ଦୁ'ତୋଳା　ସଙ୍ଗେ ଏହାକୁ ଭକ୍ଷି ।
ଅଥବା ଆହାର ସହିତ　ଆଦ୍ୟ ମଧ୍ୟ ଶେଷରେ,
ଦିନରେ, ରାତ୍ରିରେ ଖାଇବ　ଅନୁପାନ ଭେଦରେ ।
କୋଇଲେଖାପତ୍ର ରସ ବା　ବ୍ରହ୍ମମିଶ୍ରର ରସ,
ପ୍ରତ୍ୟେକର ଦୁଇ ତୋଳାରେ　ଘୋଟି କରିବ ଗ୍ରାସ ।
ଏଥିରେ କାମଳ, ପାଣ୍ଡୁ ଯେ　ହଳୀମକ, ଯକୃତ,
ପିତୋଷ୍ଣ ପୁରୁଣା ଜ୍ୱରାଦି　ରକ୍ତହୀନ ନିପାତ ।
ହାତେ ହାତେ ଫଳ ଦିଅଇ　ଏହି ଔଷଧ ଗୋଟି,
ଧନ୍ୟ ସେହି ମହାପୁରୁଷ　ଆଗେ କଲେ ଯେ ସୃଷ୍ଟି ।

ପୁନର୍ନବା ମଣ୍ଡୁର

ଶୋଧିତ ମଣ୍ଡୁର ସଂଗ୍ରହ　ଦଶ ତୋଳାଟି କର
ବାଲି ନ ରହିବ ସେପରି　ଧୂଳି ପରସ୍ପୁ ଚୂର ।
ପାଞ୍ଚ ପାଆ ଗୋମୂତ୍ରରେ　ସିଦ୍ଧ କରିବ ଚୂର୍ଣ୍ଣ,
ପାକ ସିଦ୍ଧ ହେଲେ ଚୂର୍ଣ୍ଣର　ଓହ୍ଲାଇବ ବହନ ।
ପୁରୁଣୀ, ତ୍ରିବୃଡ଼, ପିପ୍ପଳୀ,　ଶୁଣ୍ଠୀ, ମରିଚ, କୁଡ଼,
ଦେବଦାରୁ, ଚିତାମୂଳ ଯେ　ଦନ୍ତୀମୂଳ ଯୋଗାଡ଼ ।
ହରଡ଼ା, ବାହାଡ଼ା, ଅଁଳା,　ଦାରୁହଳଦୀ, ମୁଥା,
ହଳଦୀ, ବଡ଼ଙ୍ଗ, କଟୁକୀ,　ଗୁଳିଁକାଠ ଯୋଖନ୍ତା ।

GPNanda Colln., Digitized by srujanika@gmail.com

କୁଚରଇର ମଞ୍ଜି, ପିପ୍ପଳୀ- ମୂଳ ଯେତେ ମସରି,
ଦୁଇ ମସା କରି ପ୍ରତ୍ୟେକୁ ଚୂରିନେବ ନବେଳା ।
ମଣ୍ଡୂର ସହିତ ସମସ୍ତ ଗୁଣ୍ଡ ଗୋଳି ସଞ୍ଚେନ,
ଉତ୍ତମ ପାତ୍ରରେ ରଖିବ ଧ୍ୟାଇ ପ୍ରଭୁଙ୍କୁ ମନେ ।
ଏକ ମସା ମାତ୍ରା ଖାଇବ ଅଧ ତୋଳା ଗୋଘୃତ,
ଦୁଇ ମସା ମହୁ ସହିତ, ନିଶ୍ଚେ କରିବ ନିତ ।
ଏହା ପାଣ୍ଡୁ, ଶୋଥ, କାମଳ, ରକ୍ତହୀନତା ଦୋଷ,
ହଳୀମକ, ପ୍ଳୀହା, ଯକୃତ, ପୀଡ଼ା କରଇ ନାଶ ।
ଏଥିରେ କେବେହେଁ ବିଫଳ ବୈଦ୍ୟ ହୁଅଇ ନାହିଁ,
ରୋଗୀ ପରମାୟୁ ନ ଥିଲେ ନଜା ଦୋଷ ବୁଝଇ ।

ଷଡ଼ଙ୍ଗାଦ୍ୟ ଲୌହ

ଷଡ଼ଙ୍ଗ, ତ୍ରିଫଳା, ତ୍ରିକଟୁ, ପ୍ରତ୍ୟେକ ଅର୍ଦ୍ଧ ତୋଳା,
ତିନି ତୋଳା ଅଧେ ମଣ୍ଡୂର- ଭସ୍ମ ତହିଁରେ ଲୋଡ଼ା ।
ସବୁ ସତ ତୋଳା ପୂର୍ଣ୍ଣ ଗୁଟେ ମରଦ ଖଲେ,
ଏକ ମସା ମାତ୍ରା ସେବିଲେ ପାଣ୍ଡୁ ରୋଗକୁ ହରେ ।
ରକ୍ତହୀନ ଶୋଥ, କାମଳ, ହଳୀମକ ରୋଗର-
ମୂଳ ଖୋଳି ତାଡ଼ି ପକାଏ ଏତେ ବଳ ଏହାର ।

ପଞ୍ଚାମୃତଲୌହ ମଣ୍ଡୂର

ତୋଳେ ପାରା, ତୋଳେ ଗନ୍ଧକ, ଖଲେ କଜ୍ଜଳୀ କରି,
ତହିଁରେ ନିମ୍ନୋକ୍ତ ମସଲ ସବୁ ଭରିବ ଚୂରି ।
ଲୌହ, ତାମ୍ର, ଅଭ୍ର ତିନିଙ୍କ ଶୁଦ୍ଧ ଭସ୍ମ ଯୋଗାଡ଼,
ତ୍ରିକଟୁ, ତ୍ରିଫଳା, ଷଡ଼ଙ୍ଗ, ମୁଥା, ହରିଦ୍ରା, କୁଡ଼,
ଚିତାମୂଳ, ଦେବଦାରୁ ସେ ଚିରାଇତା, ଜୁଆଣି ।

GPNanda Colln., Digitized by srujanika@gmail.com

ଶୁଖିଲା ଧନିଆଁ ସହିତ   ଗୁଣ୍ଡି ନାଗର ଅଣି,
ଦୁଇ ଜୀର*, ଡାଗ୍ର ଫଳ ଓ,   ଚନ୍ଦଶୁଣ୍ଠୀ ସରଟା,
ଏତାକେ ଏକାଏକ ପ୍ରତି ଦ୍ରବ୍ୟର ଚୂର୍ଣ ଦେବ ଦଶଥା ।
ଶୋଧିତ ମଣ୍ଡୁର ପଚିଶ ତୋଳା ନେଇଣ ଚୂର୍ଣ୍ଣି,
କନାରେ ଛାଣିବ ପଛେନ   ନୋନ୍ଥ ମନେ ଉଦ୍ଧରି
ସଂଗ୍ରହ କରିଣ ଆଣିବ   ଶତେକ ତୋଳା ଗୋମୂତ୍ର,
ପୁନ୍ନଣୀର ରସ ଦୁଇଶ   ତେତ ଲା ଆଣ ଭୃଶନ୍ତ ।
ପ୍ରଥମେ ଗୋମୂତ୍ର ପୁନ୍ନଣୀ-   ରସ ପାକ କରେ,
ପାକ ସମ୍ପୁଟେ ମଣ୍ଡୁର-   ଚୂର୍ଣ୍ଣ ତହିଁରେ ଦେବ ।
ମଣଗଲେ ଜଳମାନକୁ   ତଳେ ଓହ୍ଲାଇ ରଖି,
ସମସ୍ତ ମସଲା ଚୂର୍ଣ୍ଣକୁ   ତହିଁ ମିଶଅ ଦେଖି ।
ମହୁ ଏକ ପଳ ମିଶାଇ   ଏକ ମସା ମାସାରେ,
ଖାଅ ରୋଗ କୋଇଲେଖାର   ରସ ଦୁଇ ତୋଳାରେ ।
ଏହି ଅଉଷଧ କାମଳ-   ପାଣ୍ଡୁ ଶୋଥ ଆବର,
ଅଗ୍ନିମାନ୍ଦ୍ୟ ଦେହ ଶିଠିଆ   ନାଶ କରେ ସତ୍ୱର ।
ପଞ୍ଚାମୃତ ଲୌହ ମଣ୍ଡୁର   ନାମ ବହିଛି ଏହି.
ସତକୁ ସତ ଏ ଅମୃତ   ଫଳ ଫଳ ଦଅଇ ।

ଅମୃତଲତାଦ୍ୟ ଘୃତ

ମୂର୍ଚ୍ଛିତ ମହିଁଷି ଘୃତରୁ   ଏକ ସେର ଆଣିବ,
ଷୋଳ ସେର ଗାଈ ଦୁଧ ସେ   ସେଥି ପଛେ ଢାଳିବ ।
ଷୋଳ ସେର ଜଳ ମିଶାଇ   ମନ୍ଦ ମନ୍ଦ ଅଗ୍ନିରେ,
ପାକ କରିନେବ ବଧିରେ   ଜଳ ପୋଡ଼ିଲା ପରେ ।

*କଳା ଜୀରା ଓ ଧଳା ଜୀରା—ଏ ଦୁଇ ଜୀରା ।

GPNanda Colln., Digitized by srujanika@gmail.com

ଘିଅକୁ କନାରେ ଛଣାଇ ଫେନା ଫୋପାଡ଼ି ଦେବ,
ଗୁଳୁଚିର ରସ ଗୁଟେଇକି ସେର ତହିଁ ଭରିବ ।
ନଅାଁରେ ବସାଇ ଘୃତକୁ ରସ ମାରି ଯତନେ,
ପୁଣି ଘିଅ ଛାଣି ରଖିବ ପାତ୍ରେ ଦେଖି ନୂତନେ ।
ଷୋଳ ତୋଳା ଭୁଇଁ ଗୁଳୁଚି ସୁଚିକ୍କଣେ ବାଟିବ,
ଘୃତେ ଗୋଳିଦେଇ ହାଣ୍ଡିକି ଚୁଲ୍ଲୀ ଉପରେ ଥୋଇବ ।
ଚାରି ସେର ଜଳ ମିଶାଇ ମନ୍ଦ ମନ୍ଦ ଅଗ୍ନିରେ,
ଜଳ ମାରି ନେଇ ତହିଁରୁ ଘୃତ ରଖ ବିଧିରେ ।
ପକାଇଲେ ଘୃତ ନିଆଁରେ ଶବ୍ଦ ନ ହେଲେ ତଳେ,
ଜାଣିବ ମରିଲା ଘୃତରୁ ଜଳ ନାହିଁ ଘୃତରେ ।
କନା ମଧ୍ୟେ ଛାଣି ଘୃତକୁ ପାତ୍ର ମଧରେ ରଖି,
ଦୁଇ ମଦା ମାଷା ଖାଇବ ଅନ୍ନ ଦ୍ରବ୍ୟ ପରୀକ୍ଷି ।
ଚାରି ତୋଳା ଗାଈଦୁଧରେ ଅଧ ତୋଳାଏ ଚିନି,
ଗୋଳି ଦେଇ ପାନ କରିବ ଛାଡ଼ି ମନରୁ ଗ୍ଲାନି ।
ଏଥିରେ କାମଳ, ଶୋଥ ଯେ ହଲୀମକ, ପାଣ୍ଡୁତା,
ସବୁର ବିନାଶ ହୁଅଇ କିଛି ନ କର ଚିନ୍ତା ।
ଘୃତରି ମାତ୍ରା ବଢ଼ାଇ କ୍ରମେ ଦିନକୁ ଦିନ,
ଅଧ ତୋଳା ପରିମାଣରେ ଶେଷେ କରି ସେବନ ।

ବ୍ୟୋଷାଦ୍ୟ ଘୃତ

ମୂର୍ଚ୍ଛିତ ଗୋଘୃତ ଆଣିବ ଏକ ସେର ଓଜନେ,
ତହିଁ ଦେଇ ନିମ୍ନ କଳକ ପାକ କରି ବିଧାନେ ।
ପିପ୍ପଳୀ, ମରିଚ, ହଳଦୀ, ଶୁଣ୍ଠୀ, ପୁନର୍ନ୍ନବୀ ମୂଳ,
ହରିଡ଼ା, ବାହାଡ଼ା, ଅଁଳା, ନେଲ ଶୁଣ୍ଠା ସକଳ ।
ନାଲି ପୁନର୍ନ୍ନବୀର ମୂଳ ଯେ ଦାରୁହଳଦୀ, ମୁଥା,

GPNanda Colln., Digitized by srujanika@gmail.com

ଅଜାନ ଗନ୍ଧ ଯେ ବିଡ଼ଙ୍ଗ, ମୂଳ ବ୍ରାହ୍ମଣଯଷ୍ଟୀ ।
ଦେବଦାରୁ କାଠ ଆବର ଶୁଣ୍ଠ ଲୁହାର ଚୂନା,
ବନ୍ଧୁଆଣ୍ଡ ପ୍ରତ ଦରବ ତୁଲ ଚଉଦ ଅଣା
ଏ ସମସ୍ତ ଦ୍ରବ୍ୟ ଶିଳରେ ବାଣ୍ଟି ଉତ୍ତମ ରୂପେ,
ଘୃତରେ ଯତନେ ଗୋଳାବ ଶିଳେ ନ ରହି ଯେ ପେ ।
ଷୋଳ ସେର ଜଳ ମିଶାଇ ମଢ଼ ଜାଳେ ମଣାଇ,
ଜଳ ମରିଗଲେ ଘୃତରୁ ଘିଅ ଗୁଣ ନଟେଇ ।
ତହିଁ ପରେ ଘୃତ ଗୋଦୁଗ୍ଧ ଷୋଳ ସେର ଦେଇଣ,
ପୁଣି ଷୋଳ ସେର ବିଶୁଦ୍ଧ ଜଳ ଦିଅ ବହନ ।
ଅଗ୍ନିରେ ବସାଇ ପାକକୁ ପାଣି ଯାକ ମାରିବ,
ଛାଣି ନେଇ ସଫା କନାରେ ଘିଅ ତକ ରଖିବ ।
ସିଉକ ମାତ୍ରାରେ ଖାଇବ ଷୋଳ ତୋଳା ଗରମ,
ଦୁଧ ତନ ଅଧ ତୋଳାରେ ସ୍ମର ପ୍ରଭୁଙ୍କ ନାମ ।
ଏଥିରେ ଶରୀର ଅବଶ ଅଗ୍ନିମାନ୍ଦ୍ୟ ଆତୁର,
ହଳୀମକ, ପାଣ୍ଡୁ, କାମଳ ଦେଖୁଁ ପଳାଏ ଡରି ।
ମାଟି ଖାଇବାରେ ଯେ ପାଣ୍ଡୁ ରୋଗ ହୁଅଇ ଜାତ,
ତାହାକୁ ମୂଳରୁ ମାରଇ ଏହି ବ୍ୟୋଷାଦ୍ୟ ଘୃତ ।

ପୁନର୍ନବାଦ୍ୟ ତୈଳ

ଶୋଧିତ ତିଳର ତେଲ ଏକ ସେର ଓଜନେ,
ପାତ୍ରରେ ଭରତି କରିବ ସ୍ମରି ପ୍ରଭୁଙ୍କୁ ମନେ ।
ପୁରୁଣୀ ପଚିଶ ପଳ ଯେ ଓଜନରେ ଆଣିବ,
ଷୋଳ ସେରେ ଜଳ ତହିଁରେ ନେଇ ଢାଳିଣ ଦେବ ।
ଅଗ୍ନିରେ ବସାଇ ପୁରୁଣୀ ଜଳ ମାରିବ ଆସ୍ତେ,
ଚାରି ସେର ଜଳ ରଖିଣ ଛାଣି ନେବ ସ୍ୱହସ୍ତେ ।

GPNanda Colln., Digitized by srujanika@gmail.com

ପୁନର୍ଣୀର କ୍ୱାଥ କରିକି   ଦେଇ ମନ୍ଦ ଅଗ୍ନିରେ,
ଜଳକୁ ମାରିବ ଯେମନ୍ତ   ଜଳ ନ ଥିବ ତେଲେ ।
ତେଲପାକ ଗୁଣି କନାରେ   ପୁଣି ପାସରେ ଭରି,
କଳକ ମସଲା ତହିଁରେ   ଦେବ ଯତନେ ଗୋଳି ।
ତ୍ରିକଟୁ, ତ୍ରିଫଳା, ଧନିଆଁ,   ଦେବଦାରୁ, ରେଣୁକ,
କଟ୍‌ଫଳ, ପ୍ରିୟଙ୍ଗୁ, ଜୁଆଣି,   ଦାରୁହଳଦୀ ଯୋଖ ।
ଗନ୍ଧଶୁଣ୍ଠୀ, କୁଡ଼, କକଡ଼ା-   ଶୃଙ୍ଗୀ, ପୁନର୍ଣୀମୂଳ,
କଳାଙ୍ଗୁ, ନାଗକେଶର,   ମୁଥା କରୁଅ ମେଳ ।
ଗୁଡ଼ୁଚି, ତେଜପତର,   ପଦ୍ମକାଠ ଆବର,
ଏଲାଇଚ ପ୍ରତି ମସଲା   ଅଧତୋଳାଏ ତୁଲ ।
ସକଳ ମସଲା ଶିଳରେ   ବାଟି ଯତନ କରି,
ତେଲରେ ମକାଇ ଟୋକାଇ   ଦେବ ଶିବ ସୁମରି ।
ଗୃତ ଦେଇ ଜଳ ମିଶାଇ   ତାହା ମନ୍ଦ ଜାଳରେ,
ମାରିବ ଯେପରି ନ ରହିବ   ଜଳ ସେହି ତେଲରେ ।
ଶୀତଳ ହୋଇଲେ ଓହ୍ଲାଇ   ଗୁଣି ସଫା କନାରେ,
ଧୀରେ ଧୀରେ କଲେ ମାଲିସ   ନେଇ ରୋଗୀ ଦେହରେ ।
ପାଣ୍ଡୁ, ଶୋଥ ଆଉ କାମଳ   ରୋଗ ପଳାଏ ଡରେ,
ଏହା ନାମ ପୁନର୍ଣବାଦି   ତୈଳ ରଖ ମନରେ ।
[illegible]ରେ ମାଲିସ ନିଷେଧ   ଜାଣିଥାଅ ବାଳକେ,
ଏହି କଥା ସ୍ଥିର ହୋଇଛି   ମୁନିମାନଙ୍କ ମୁଖେ ।

—o—

ମୁଷ୍ଟିଯୋଗ

ତେରୁମାଛି, କଞ୍ଚାହଳଦୀ,   ଅଁଳା ସମାନ ଭାଗେ,
ମହୁ ସହିତରେ ଘୋଟିଣ   କର ଅଞ୍ଜନ ବେଗେ ।

GPNanda Colln., Digitized by srujanika@gmail.com

ଏହାକୁ ଚକ୍ଷୁରେ ଦେଖିଲେ   ହଳୀମକ କାମଳ,
ଦେହରୁ ସଭୁର ଦଳାଏ   ଗୁଡ଼ ଘର ଦୁଆର ।
କଅଁଳା ହଳଦୀକୁ ବାଟିଣ   ଗୁର ଅଣା ମାଝାରେ,
ଘିଅ, ମହୁ, ଶନ ପ୍ରତ୍ୟେକୁ   ଗୋଳି ଦୁଇ ମସାରେ ।
ସେବିଲେ କାମଳ ପାଣ୍ଡୁ ଯେ   ହଳୀମକ ନିଧନ,
ଏଥିରେ ସନ୍ଦେହ ନ କର   ଏହା ସିଦ୍ଧ ବଚନ ।
ପିତା ଜହ୍ନି ମଞ୍ଜି ଚୂରଣ   ନାସ ନେଲେ ନାକରେ,
କାମଳରୋଗକୁ ନାଶଇ   ଅଛି ବୈଦ୍ୟ ଶାସ୍ତ୍ରରେ ।
ଅଁଳା, ହଳଦୀ, ପିପ୍ପଳୀ,   ଶୁଣ୍ଠୀ, ମରିଚ ପ୍ରତି-
ଦରବ ଦ'ତୋଳା ଚୂରଣ   ମହୁ ମିଶ୍ରିତ ନିତ୍ତ ।
ସିଜୁକ ମାଝାରେ ଖାଇଲେ   ପାଣ୍ଡୁ-କାମଳ ବ୍ୟାଧି,
ଅଳ୍ପ ଦିନେ ଯାଏ ଉତ୍ଭଳ   ଏହା ଲୋକେ ପ୍ରସିଦ୍ଧି ।

ପଥ୍ୟ

ପୁରାତନ ଯବ, ଗହମ,   ଶାଳିତଣ୍ଡୁଳ ଅନ୍ନ,
ହରଡ଼, ମସୁର, ମୁଗର   ସିଦ୍ଧ ଜଳ ଭକ୍ଷଣ ।
ବଣ୍ୟ ପଶୁମାଂସ ସୁସିଦ୍ଧ   ରସ ପଟୋଳ ଫଳ,
ପାଚିଲା କଖାରୁ, କଦଳୀ,   ମୂଳା, ଲାଉ କଅଁଳ,
ସଜନାର ଛୁଇଁ, କାଙ୍କଡ଼,   ମଞ୍ଜା, ଅମୃତଭଣ୍ଡା,
ଓଲୁଅ, ସିଙ୍ଗଡ଼ା, କଲରା,   ଉଆଳୁଜଳ-କୁଣ୍ଡା ।
କଦଳୀର ଭେଣ୍ଡା, କଅଁଳ   ବାଇଗଣ, କାଟେଜ,
କଣ୍ଟାଳେଉଟିଆ, ପୁନ୍ନଣୀ-   ଶାଗ ଆଣିବ ଖୋଜ ।
ହିଡ଼ମିଚୁ, କୋଇଲେଖା ଯେ   ତହିଁ ସଙ୍ଗରେ ଦେବ,
ଅଗସ୍ତି ର ଶାଗ, ଗୋଘୃତ,   ତେଲ ସୋରିଷ ନେବ ।
ହଳଦୀ, ଧନିଆଁ, ମରିଚ,   ଜୀରା, ପୋସ୍ତକଦାନା,

GPNanda Colln., Digitized by srujanika@gmail.com

ଓଲଚାନ, ଚେଳ ପଟର, କଷିମିଷି, ପୋଦିନା ।
କୋବି, ଷାଲଗମ, ମଟର, ମେଞ୍ଜ, କମଳା, ଦ୍ରାକ୍ଷା,
ଅଙ୍ଗୁର, ଖଜୁର ଗ୍ରିକୋଳ ଯେ ପଥ୍ୟ ଅଟଇ ଲେଖା ।
ଯେତେ ଦ୍ରବ୍ୟ ଅଗ୍ନି କାରକ ପୁଣି ପିତ୍ତନାଶକ,
ଏ ରୋଗେ ଯେ ପଥ୍ୟ ଉତ୍ତମ ଦେଲେ ନ ଥାଏ ଦଳ ।
ହଲୀମକ, ପାଣ୍ଡୁ, କାମଳ- ରୋଗ ଚିକିତ୍ସା ଶେଷ
ଚିକିତ୍ସା-ତରଙ୍ଗ ଗ୍ରନ୍ଥରେ କହେ ଶ୍ରୀ ବାଲୁକେଶ ।

—o—

ରକ୍ତପିତ୍ତ ଚିକିତ୍ସା

(ଚୋପାଇଭାଷା—ବୃତ୍ତେ)

ଲକ୍ଷଣ

ରକ୍ତପିତ୍ତର କହିବି ଲକ୍ଷଣ,
ଠିକ ଠିକରେ ହେ ପାଠକେ ଶୁଣ ।
ପିତ୍ତ ଦୂଷିତ, ବାହାରେ ରକତ,
ମୁଖ-ନାକ-କାନରୁ ବହିମତ ।
ଏହା ଉର୍ଦ୍ଧ୍ୱଗ ରକ୍ତପିତ୍ତ ବୋଲି,
ଅଧ ରକ୍ତପିତ୍ତ ରୋଗେ ଆହୁରି ।
ସ୍ରବେ ରକତ ଲିଙ୍ଗ-ମଳଦ୍ୱାରୁ,
କୋପ ଜାତ ହେଲେ ଶ୍ଳେଷ୍ମମୂଳରୁ ।
ଝାଳ ରୂପରେ ବାହାରେ ଶରୀର,
ଏଥି ଯକ୍ଷ୍ମାରୋଗ କରେ ସଞ୍ଚାର ।

GPNanda Colln., Digitized by srujanika@gmail.com

ଚକ୍ରସ୍ରା

ରକ୍ତପିତ୍ତରେ ରୋଗୀଦେହେ ବଳ,
ଯନ୍ଧ ଥାଏ ରକ୍ତ-ବାନ୍ତ ପ୍ରବଳ ।
ବନ୍ଦ ନ କରଇ ପିତ୍ତଶାନ୍ତର,
ଔଷଧ ଦେବ ମୃଦୁ-ବୀର୍ଯ୍ୟର ।
ଉଠୁଥିବା ରକ୍ତ ବନ୍ଦ ହୋଇଲେ,
ପାଣ୍ଡୁ ଗ୍ରହଣୀ ହୃଦ୍ରୋଗ ସଞ୍ଚରେ ।
ପ୍ଲୀହା, ଗୁଳ୍ମଜ୍ୱର ପ୍ରକାଶ ପାଏ,
ନାନା ଉପଦ୍ରବ ତା'ସଙ୍ଗେ ଥାଏ ।
ଊର୍ଦ୍ଧ୍ୱ ରକ୍ତପିତ୍ତ ବେଗେ ରୋଗୀର,
ଦେହେ ବଳ ମାଂସ ଅଗ୍ନି ପ୍ରଖର ।
ରହୁଥାଏ ଯନ୍ଧ ରୋଗ ନୂତନ,
ରୋଗୀମୁଖ ଦିଶେ ସଦା ପ୍ରସନ୍ନ ।
ତେବେ ରଖାଇବ ଉପବାସରେ,
ଲଘୁ ପଥ୍ୟ ଦେବ ଦ୍ରବ୍ୟ ଆକାରେ ।
ତର୍ଦ୍ଧ୍ୱ ଉପ୍ରତ୍ନ ବିରେଚନ ଖାଇ,
କୋଷ୍ଠାଶୟକୁ ଶୋଧ ମନ ଦେଇ ।
ଅଧ ରକ୍ତପିତ୍ତେ ଆଦ୍ୟରେ ମେପ୍ସା,
ରୋଗୀ ଖାଇବ ରଖି ଦେହେ ମାୟା ।
ତର୍ଦ୍ଧ୍ୱ ଉପ୍ତରେ ବାନ୍ତ ହୋଇବାର,
ଔଷଧ ଦେବ ବୈଦ୍ୟ ଚତୁର ।

ବାସଙ୍ଗ କ୍ୱାଥ

ବାସଙ୍ଗର ମୂଳ ପତର-ଡାଳ,
ଛେଲି ଦୁଇ ତୋଳା ଓଜନ କର ।

GPNanda Colln., Digitized by srujanika@gmail.com

ଅଧ ସେର ଜଳେ ତାହା ସିଝାଇ,
ଅଠ ତୋଳା ଜଳ ରଖି ଓହ୍ଲାଇ ।
ସିଦ୍ଧ ଜଳକୁ କନାରେ ଛାଣିବ,
ମଧୁ ସିଜ୍ଜକ ଓଜନ ଗୋଳିବ ।
ସନ୍ଧ୍ୟା-ସକାଳେ ସେବନେ କଷାୟ,
ରକ୍ତପିତ୍ତ ଜ୍ୱର, କାମର କ୍ଷୟ ।

ଧନ୍ୟକାଦ୍ୟ କ୍ୱାଥ

ମୋଟା ଧନିଆଁ, ଅଇଁଳା, ବାସଙ୍ଗ,
କସିମିସି, କ୍ଷେତପାପଡ଼ା ସଙ୍ଗ ।
ପ୍ରତି ଦରବ ଛଅଣା ଧ'ରତ,
ଅଧ ସେର ଜଳେ ତାହା ଝୁଟିତ ।
ସିଦ୍ଧ କର ଶେଷେ ଆଠୋଟି ତୋଳା,
ଦୁଇ ମସା ମଧୁ ତହିଁରେ ଖାଅ ।
ତୋଳ ସେବନେ ରକ୍ତପିତ୍ତ ଜ୍ୱର,
ଦାହ, ତୃଷାଦ ହୁଅଇ ଅନ୍ତର ।

ହ୍ରୀବେରାଦ୍ୟ କ୍ୱାଥ

କୁରୁଟବେଲ, ବେଣାଚେର, ଓହୁଡ଼,
ପଟୋଳ ମୂଳ, ଯଷ୍ଟିମଧୁ ସଜାଡ଼ ।
ରକ୍ତଚନ୍ଦନ, ଗୁଳୁଚି, ଧନିଆଁ,
ପ୍ରତି ଦରବ ଦୁଇ ମସା ନିଅ ।
ନିକଟରେ ନୂଆ ତଣ୍ଡୁଳ ଆଣି,
ଅଧସେର ଦେଇ ତହିଁରେ ପାଣି ।
ମନ୍ଦ ଜାଳରେ ସିଝାଇ ମଅଳ,
ଶେଷେ ଆଠ ତୋଳା ରଖିବ ସାର ।

GPNanda Colln., Digitized by srujanika@gmail.com

ମଦେ ମଦେ ଚିନି ମହୁ ପରଷି,
ପାନ କଲେ ଏହା ନେତେ ନରେଷି ।
ରକ୍ତପିତ୍ତ, ଦାହ, ପିପାସା, ଜ୍ୱର,
ମୁଖ, ନାକରୁ ପଡ଼ିବା ରୁଧିର ।
ନାଶ ହୁଅଇ ନିଶ୍ଚେ ଅଳ୍ପ ଦିନେ,
ଏଥି ସନ୍ଦେହ ନ କରିବ ମନେ ।

ଉଶୀରାଦ୍ୟ ଚୂର୍ଣ୍ଣ

ଶୁଣ୍ଠୀ, ତଗରପାଦ, ବେଣାଚେର,
ଶ୍ୱେତ ଚନ୍ଦନ, କାଙ୍କୋଳ ଆବର ।
ରକ୍ତଚନ୍ଦନ, ପିପ୍ପଳୀର ମୂଳ,
ନାଗକେଶର, ଲବଙ୍ଗକୁ ଧର ।
ମୁଥା, ଏଳାଇଚ, ବଣଲେଚିମା,
ତେଜପତର, ଶ୍ରୀକର୍ପୂର କଣା ।
ଯାଷ୍ଟିମଧୁ, ପିପ୍ପଳୀ ପ୍ରତ୍ୟେକରୁ,
ଦୁଇ ମସା ଭୁଜ, କୃଷ୍ଣ ଅଗୁରୁ ।
ସ୍ଥିର ତୋଳା ସଙ୍ଗେ କରିବ ଚୂର୍ଣ୍ଣ,
ଚଉଷଠି ତୋଳା ଚିନି ଉତ୍ତମ ।
ମିଳେ ଉତ୍ତମ ରୂପେ ବାଟି ଦେଇ,
ଶିଶି ଭିତରେ ରଖ ଏବ୍ରୁ ନେଇ ।
ଦୁଇ ମସା ମାତ୍ରା ଶୀତଳ ଜଳେ,
ଖାଇଦେଲେ ରୋଗୀ ସଞ୍ଜ-ସକାଳେ ।
ଜ୍ୱର, ରକ୍ତବାନ୍ତି, ଦାହ, ଶୋଷ,
ଗୁଡ଼ ଚଳାଏ ଉଦରଦ୍ୱାର ଦେଶ ।

GPNanda Colln., Digitized by srujanika@gmail.com

ଏଳାଦି ଗୁଟିକା

ଭଲ ଏଳାଇଚ, ତେଜପତର,
ଗୁଡ଼ତ୍ୱକ ତୋଳେ ପ୍ରତ୍ୟେକଙ୍କୁ ଭୁଜ ।
ତହିଁ ଦୁଇ ତୋଳା ଦେବ ପିପଳୀ,
ଯଷ୍ଟିମଧୁ, ଚିନି, ବଣଖଜୁରୀ ।
ଦ୍ରାକ୍ଷା ପ୍ରତ୍ୟେକଙ୍କୁ ଆଣି ଆଠତୋଳା,
ସମସ୍ତଙ୍କୁ ଚୂର୍ଣ୍ଣ କରିବ ମେଳା ।
ମହୁ ଅଧପାଏ ତହିଁ ଢାଳିବ,
ତୋଳେ ମାତ୍ରାରେ ମୋଦକ ବାନ୍ଧିବ ।
ସଞ୍ଜ-ସକାଳେ ଦୁଇ ତୋଳା ଜଳେ,
ବିଷ୍ଣୁ ନାମ ନେଇ ଏହା ସେବିଲେ ।
ଛାଡ଼େ ରକତ-ବାନ୍ତି, କାସ, ଜ୍ୱର,
ଶ୍ୱାସ, ହିକ୍କା, ମୂର୍ଚ୍ଛା ଆଦି ରୋଗୀର
ଏହୁ ଔଷଧ ଅଟେ ବ୍ରହ୍ମଶର,
ରୋଗ-ରାବଣ ପକ୍ଷେ ବରାବର ।
ବ୍ୟର୍ଥ ହୋଇବାର ଯେବେ ଦେଖିବ,
ରୋଗୀ ଆୟୁ ଶେଷ ବୋଲି ଜାଣିବ ।

କୁଷ୍ମାଣ୍ଡ ଖଣ୍ଡ

ପୁରାତନ ପାଣିକଖାରୁ ନେବ,
ଦୁଇ ଫାଳ କରି ତାହା ଚିରିବ ।
ତହିଁ ଅନ୍ତ-ମଞ୍ଜି ବାହାର କର,
କୋରଣୀରେ ଶସ ନେବଟି କୋରି ।
ଶସ ସକଳ କନାରେ ଚିପୁଡ଼ି,
ଜଳ ରଖିବ ପାତ୍ରରେ ନିଗାଡ଼ି ।

GPNanda Colln., Digitized by srujanika@gmail.com

ଶସଗୃଣ୍ଡକ ଶୁଖାଇ ଖପ୍ରରେ,
ଶିଳେ ବାଟିବ ଯତନେ ହାତରେ ।
ପୁଣି କନାରେ ତାହାକୁ ଚପୁଡ଼ି,
ପତ୍ରେ ରଖିବ ହାତରେ ସଜାଡ଼ି ।
ଏହି ଶସ ନଅ ପଚାଶ ଫଳ,
ଏକ ସେର ଗାଈଘୃତ ମନ୍ତ୍ରୋଳ ।
ନାଲ ବଣିଲେ ଖରଞ୍ଜ ଖଡ଼,
ଯତ୍ନେ ଚୂଲାରୁ ପାଶ ଦେବ କାଢ଼ି ।
ଗୃହ ସେର ସେ କଖାନ୍ତର ଜଳ,
ପାକପାଶେ କରିନେଇ ଠୂଳ ।
ତନ ତନ୍ତୁ ସେର ପଲେ ଭରିବ,
ମନ ଜାଳେ ବଦଳିଆ କରିବ ।
ପାକ ସିଦ୍ଧ ହେଲେ ଓହ୍ଲାଇ ତଳେ,
ତଳକୁଥିତ ଚୂର୍ଣ୍ଣ ଗୋଳ ଧୀରେ ।
ଶୁଣ୍ଠୀ, ପିପ୍ପଳୀ, ଜୀର ପ୍ରତ୍ୟେକରୁ,
ଅଧ ପଲରେ ଚୂରି ଅତ ସରୁ ।
ଗୁଡ଼ତ୍ୱକ, ତେଜପତ୍ର, ମରିଚ,
ଗୋଟା ଧନିଆଁ, ଭଲ ଏଲାଇଚ ।
ପ୍ରତ୍ୟେକରୁ ଏକ ତୋଳା ଓଜନେ,
ଚୂର୍ଣ୍ଣ କରିବ ଅତ ସାବଧାନେ ।
ସବୁ ଚୂର୍ଣ୍ଣକୁ ଗୋଳାଇ ତର୍ବରେ,
ଅଧ ସେର ମହୁ ଦେବ ବଧିରେ ।
ସମସ୍ତଙ୍କୁ ଗୋଳ ଉତ୍ତମ ରୂପେ,
ଘୃତଭାଣ୍ଡେ ଢାଙ୍କି ରଖ ସମୀପେ ।

GPNanda Colln., Digitized by srujanika@gmail.com

ଏକ ତୋଳାରୁ ଦୁଇ ତୋଳା ଯାଏ,
ସଞ୍ଜ-ସକାଳେ ଖାଇବ ନିର୍ଭୟେ ।
ଏଥି ରକ୍ତ-ପିତ୍ତ, ଦାହ, ଜ୍ୱର,
ଶ୍ୱାସ, କାସ, ବାନ୍ତି, ଦେହ ଦୌର୍ବଲ୍ୟ
ନାଶ ହୁଅଇ ଅଳପ ଦିନରେ,
କାନ୍ତି ବଢ଼ଇ ରୋଗୀର ଦେହରେ ।
ଡାକବଜା ଅଉଷଧ ଅଟଇ,
ଭଲ ବୈଦ୍ୟ ହାତେ ଥିବ କରାଇ ।
ଖଣ୍ଡ କୁଷ୍ମାଣ୍ଡ ବହିଅଛି ନାମ,
ରୋଗୀ ଖାଇଲେ ଡରେ ଦେଖି ଯମ ।

ବାସାକୁଷ୍ମାଣ୍ଡ ଖଣ୍ଡ

ମୋଟା ବାସଙ୍ଗ ଗଛମୂଳ ଛେଲି,
ଶୁଷ୍କ ଆଣିବ ଦୁଇ ସେର ତୁଳି ।
ତାହା ଷୋହଳ ଜଳରେ ସିଝାଇ,
ଶେଷ ରଖିବ ଚାରି ସେର ଥାଇ ।
ପାଣିକଖାରୁର ଉତ୍ତମ ଶସ,
ବାରପଲ ଅଧେ ଆଣ ସରସ ।
ସେଥିଁ ପଶ ବଧି କୁଷ୍ମାଣ୍ଡଖଣ୍ଡେ,
ଦେହ୍ୱପର ଶମ କରିବ ଗୁଣ୍ଡେ ।
ଅଧ ସେର ଗାଈଘିଅରେ ଭାଜି,
ଶସ ସକଳ ରଖିବ ସଯୋଜି ।
ଚିନି ପଚିଶ ପଲ ଓଜନରେ,
ଯତ୍ନେ ଗୋଳିବ ବାସଙ୍ଗ କ୍ୱାଥରେ ।

GPNanda Colln., Digitized by srujanika@gmail.com

ପ ଣିକଖାନ୍ତ ଶସ ଚକ୍ଷୁ ଦେଇ,
ମନ୍ଦ ଅଗ୍ନିରେ ବସାଇବ ନେଇ ।
ଜଳ ମର ପାକ ସିଦ୍ଧ ହୋଇଲେ,
ଚଳକିଶିତ ଚୂର୍ଣ୍ଣ ଟୋଳ ଧୀରେ ।
ମୁଥା, ଅଁଳା, ବ୍ରାହ୍ମଣଯଷ୍ଟିଅ,
ବଂଶଲୋଚନା, ଗୁଡ଼ୁଚିକ ନୂଆ ।
ତେଜପତର, ଏଳାଇଚ ଦ୍ରବ୍ୟ,
ପ୍ରତ୍ୟେକର ଅଧତୋଳା ଲୁଚିବ ।
ଏଳବାଳୁକ, ଧନିଆଁ, ମରିଚ,
ଶୁଣ୍ଠୀ ପ୍ରତ୍ୟେକୁ ଦୁଇ ତୋଳା ସଞ୍ଚ ।
ତହୁଁ ଆଠ ତୋଳା ପିମ୍ପଳୀ ଦେଇ,
ସବୁ ମସଲା ଚୂର୍ଣ୍ଣ କରେଇ ।
ସରୁ କନାରେ ତାହାକୁ ଛାଣିବ,
ପାକ ହେଉଥିବା ଔଷଧେ ଦେବ ।
ଥଣ୍ଡା ହୋଇଗଲେ ମହୁପା ଏକ,
ତହିଁ ଗୋଳିବ ଛାଡ଼ ମହୁ ଦକ ।
ଭଲ ପାତ୍ରରେ ରଖି ଔଷଧ,
ତୋଳେ ମାତ୍ରା ଖାଅ ହୋଇ ଆନନ୍ଦ ।
ଏହା ଖାଇଲେ କାସ, ଶ୍ୱାସ, କ୍ଷୟ,
ରକ୍ତ-ପିତ୍ତ ଜ୍ୱରେ ନ କର ଭୟ ।
ହଅ ରାଜଯକ୍ଷ୍ମା, ଉରଃ କ୍ଷତରେ,
ଫଳ ପାଇବ ନିଶ୍ଚୟ ଏଥିରେ ।
ଦେଖିଅଛୁ ଏହା ପ୍ରୟୋଗ କରି,
ଉପସର୍ଗହୀନ ଯକ୍ଷ୍ମା ବେମାରି ।

GPNanda Colln., Digitized by srujanika@gmail.com

ଝଟମ ଝଟମ ଯାଏ ରୋଗୀ ଦେହକୁ,
ଯକ୍ଷ୍ମାରୋଗର ଅତିଶୟ ଗୁରୁ ।
ଯକ୍ଷ୍ମା ରୋଗରେ ଏହାକୁ ପ୍ରଥମେ,
ଖୁଆଇଲେ ରୋଗୀ ରହେ ଆରାମେ ।
'ବାସା କୁଷ୍ମାଣ୍ଡଖଣ୍ଡ' ନାମ ତହ୍ନି,
ବଡ଼ ଉପକାର ଏହୁ କରଇ ।

ଅଭ୍ରରସାୟନ

ଶୁଦ୍ଧ ଅଭ୍ର ଯେ, ସ୍ୱର୍ଣ୍ଣ, ବଙ୍ଗଭସ୍ମ,
ମନଃଶିଳା ପ୍ରତି ଦ୍ରବ୍ୟ ସମାନ ।
ଦୁଇ ମସାରେ କରିବ ଗଣନା,
ମୋଟରସ ଏକ ତୋଳା ପୂରଣା ।
ଭୃଙ୍ଗରାଜ, ନାଲଶିମୂଳ ଫୁଲ,
ପାଣିକଖାରୁ ଅଁଳାର ଫଳ ।
ଏହି ରସରେ ଥରେ ଥରେ ଜାଣ,
ଦଳେ ଖଲିବ ନ ହୋଇ ଊଛନ୍ନ ।
ଦୁଇ ରତିମାତ୍ରା କରିବ ବଟୀ,
ଗୋ-ଲକ୍ଷ୍ମଣୀ ବା ଛେଳି ଦୁଧେ ଘୋଟି ।
ଦେବ ଲକ୍ଷ୍ମଣୀ ମାତ୍ରା ଏକ ତୋଳା,
ଘୃତ ତୋଳା ଛେଳିଦୁଧ ନରୋଳା ।
ଏହା ରକତ-ପିତ୍ତ, କାଶ, ଶ୍ୱାସ,
ଅଗ୍ନିମାନ୍ଦ୍ୟ ଜ୍ୱର କରେ ବିନାଶ ।
ରୋଗୀଶରୀର କାନ୍ତିକୁ ବଢ଼ାଏ,
ରୂପେ କନ୍ଦର୍ପ ଜନମନ ମୋହେ ।

GPNanda Colln., Digitized by srujanika@gmail.com

'ଅଭ୍ର ରସାୟନ' ନାମ ଏହାର,
ନାମ ପରି କାମ ହୁଏ ଅପାର ।

ସମଶର୍କରା ଲୌହ

ମୃତ ତୋଳା ନେଇ ଶୁଦ୍ଧ ମଣ୍ଡୁର,
ଭରି ଛେଳି ଦୁଧ ତୋଳା ଷୋହଳ ।
ଗାଈ ଘିଅ ଚର୍ଣ୍ଣି ଗୋଳାଇ ପଲେ,
ଚିନି ମିଶାଇବ ସ୍ୱତ ତୋଳାରେ ।
ତାମ୍ରପାତ୍ରେ ରଖି ପାକ କରିବ,
ଜଳ ମରିଗଲେ ଓହ୍ଲାଇ ଦେବ ।
ଚନ୍ଦ୍ରିଁ ବଙ୍ଗ ଚୂର୍ଣ୍ଣ ଏକ ତୋଳା,
ମଧୁ ସୃତ ତୋଳା ପକାଇ ସାରୁ ।
ଝଲେ ମରଦ ମାତ୍ରା ଏକ ସାମ,
କରି ରଖିବ ଶିଶିରେ ସହସା ।
ସୃତ ତୋଳା ପଇଡ଼ ଜଳେ ଗୋଳ,
ଏହା ସେବିବ ରୋଗୀ ଦୁଇ ଓଳ ।
କମ୍ୱା ଦ' ତୋଳା ଛତୁଆରୁ ରସେ,
ବଟୀ ଗୋଳିଦେବ ମନ ହରଷେ ।
ଅମ୍ଳପିତ୍ତ, ଷତକ୍ଷୟ ଯେ ରୋଗ,
ପୁରାତନ ଜ୍ୱର, ବାନ୍ତି ଉଦ୍‌ବେଗ—
ସମସ୍ତଙ୍କୁ ଶାନ୍ତ ହଅଇ କରି,
'ସମଶର୍କରା ଲୌହ' ନାମ ଧରି ।

ମୁସ୍ତାଦ୍ୟ ମୋଦକ

ମୁଥା, କୁରୁବେଲ, ରକ୍ତଚନ୍ଦନ,
ଲୋଧ, ହରିଡ଼ା, ଅଁଳାକୁ ଘେନ ।

GPNanda Colln., Digitized by srujanika@gmail.com

ଦ୍ରାକ୍ଷା, ଗୁଡତ୍ୱକ ସେ ଏଳାଇଚ,
ତେଜପତ୍ର ବଂଶଲୋଚନା ମୁକ୍ତ ।
ମନୋଫଳ, ଯାଷ୍ଟିମଧୁ, ପିପ୍ପଳୀ,
ରମାଞ୍ଜନ, ଜଟାମାଂସୀକୁ ତୁଲ ।
ନାଗକେଶର, ଲବଙ୍ଗ, ଧିଙ୍ଗଡ଼ା,
ଜାଇଫଳ, ଶୁଣ୍ଠି, କେଶୁର ଲୋଡ଼ା ।
ପ୍ରତି ଦରବ ତୁଲ୍ ଏକ ତୋଳା,
ଆଣି ଚୂରବ ନ କରଣ ହେଲା ।
ତୋଳା ବାଇଶ ତୁଲ ନେବ ଚିନି,
ତୋଳା ବାଇଶ ଦେଇ ପାଟେ ପାଣି ।
ମନ୍ଦ ଜାଳରେ କର ଚିନି ପାକ,
ପାକ ମଧ୍ୟେ ଚୂର୍ଣ୍ଣ କର ସଂଯୋଗ ।
ଅଧ ଅଧ ପାଏ ମହୁ, ଗୋ-ଘୃତ,
ଦେଇ ମୋଦକ ବାନ୍ଧିବ ତୁରିତ ।
ତୋଳେ ଲେଖାଏଁ କରିବ ମାତ୍ରା,
ନମ୍ର ଅନୁପାନେ ସେବ ଦ'ବେଳା ।
ନାରିକେଳ ଜଳ ଅବା ଶୀତଳ,
ଜଳ ଗୁଣ ତୋଳାରେ ସେବା କର ।
ଏଥିରେ ବଢ଼େ ରୋଗୀର କାନ୍ତି,
ଏହା ଖାଇବାକୁ ସର୍ବେ ଲୋଭନ୍ତି ।
ରକ୍ତପିତ୍ତ, ଦାହ, ତୃଷା, ବମନ,
ଭଲ ହୁଅଇ ଜ୍ୱର, ମୁଣ୍ଡଭ୍ରମ ।
ନାମେ 'ମୁସ୍ତାଦ୍ୟ ମୋଦକ' ଭଣନ୍ତି,
ରକ୍ତପିତ୍ତ-ଗାଲରେ ଢାଏ ମୁଖ ।

GPNanda Colln., Digitized by srujanika@gmail.com

ବାସା ଘୃତ

ଶୁଦ୍ଧ ଗୋ-ଘୃତ ଚାରି ସେର ଆଣି,
ରଖ ହାଣ୍ଡିରେ ଶିବ ନାମ ଗୁଣି ।
ବାସଙ୍ଗର ମୂଳ ଡାଳ-ପତର,
ଆଣି ଥୋଇବ ଚୂନ ଆଠ ସେର ।
ଚଉଷଠି ସେର ଜଳେ ସିଝାଇ,
ଶେଷ ରଖିବ ଷୋଳ ସେର ଥାଇ ।
ଏହି କ୍ୱାଥକୁ ଘୃତରେ ମାରି,
ଚାରି ପଳ ଫୁଲ ବାସଙ୍ଗ ଭୁଳ ।
ଜଳେ ବାଟିଣ ଘୃତେ ଗୋଳାଇବ,
ଷୋଳ ସେର ଜଳ ତହିଁରେ ଦେବ ।
ମନ୍ଦ ଅଗ୍ନିରେ ଘୃତକୁ ବସାଇ,
ଜଳ ମାରିବ ତହିଁ ମନ ଦେଇ ।
ଜଳ ମରିଗଲେ ଘୃତକୁ ଛାଣି,
ପାତ୍ରେ ରଖିବ ଘୋଡ଼ାଇ ଘୋଡ଼ଣି ।
ଏହି ଘୃତକୁ ସିଉଳ ମାତ୍ରାରେ,
ମଧୁ ଦଶ ବାର ଟୋପା ଯୋଗରେ ।
ପାନ କଲେ ଜାଣ ରକତ-ପିତ୍ତ,
କାସ, ଜ୍ୱର ନଷ୍ଟ ହୁଅଇ ହିତ ।

ଦୂର୍ବାଦ୍ୟ ଘୃତ

ମୂର୍ଚ୍ଛା ହୋଇଥିବା ଛେଳିର ଘିଅ,
ଚାରି ସେର ଆଣି ପାତ୍ରରେ ଥୁଅ ।
ଚାରି ସେର ମାପି ଉଆଗୁଜଳ,
ଷୋଳ ସେର ଜଳେ ଧୋଇ ସଞ୍ଚର ।

GPNanda Colln., Digitized by srujanika@gmail.com

ଧୂଆଗୁଞ୍ଜଳ ଜଳ ଘୃତେ ମାର,
ଷୋଳ ସେର ଛେଳି ଦୁଧ ଯେ ଭର ।
ଦୁଧ ମରିଗଲେ ଘିଅକୁ ଛାଣି,
ଛେନାତକ ଦୂରେ ଫିଙ୍ଗିବ ଜାଣି ।
ଦୁବ ମୂଳ, କଇଁଫୁଲ କେଶର,
ଚନ, ମଞ୍ଜିଷ୍ଠା, ମୁଥା, ବେଣାଚେର ।
ଏଳବାଳୁକ, ସୁଶ୍ୱେତ ଚନ୍ଦନ,
ରକ୍ତଚନ୍ଦନ, ପଦୁକାଠ ଘେନ ।
ପ୍ରତ୍ୟେକରୁ ଦୁଇ ତୋଳାରେ ଧର,
ଶିଳେ ବାଟି ନେବ ଚନ୍ଦନ ପରି ।
ଘୃତେ ଗୋଳାଇ ଦେବ ତହିଁ ଜଳ,
ଷୋଳ ସେର ଯେ ଝରଣା ନିର୍ମଳ ।
ମନ୍ଦ ଅଗ୍ନିରେ ଘୃତକୁ ବସାଇ,
ଜଳ ମାରିବ ଗୁରୁପାଦ ଧ୍ୟାୟି ।
ଜଳ ମରିଗଲେ ଛାଣି କନାରେ,
ଘୃତ ରଖିବ ସୁପାତ୍ର ମଧ୍ୟରେ ।
ଶୁଭ ଦିନ, ଶୁଭ ନକ୍ଷତ୍ର ଦେଖି,
ଦୁଇ ତୋଳା ମାତ୍ରା ଦୁଗ୍ଧେ ପଶ୍ୱଷି ।
ଅଧ ତୋଳା ମାତ୍ରା କରିବ କ୍ରମେ,
ସ୍ୱର ତୋଳା ଦୁଧେ ଗୋଳି ନିୟମେ ।
ଏହା ଖାଇବ ରକତ-ବାନ୍ତିରେ,
ନାକେ ଶୁଙ୍ଘିବ ରକ୍ତ ନାକୁଁ ଗଲେ ।
କାନବାଟେ ଯଦି ସ୍ରବଇ ରକ୍ତ,
କାନେ ପକାଇବ ଘୃତ ତୁରନ୍ତ ।

GPNanda Colln., Digitized by srujanika@gmail.com

ଚକ୍ଷୁବାଟେ ସ୍ରାବ ହେଲେ ରକତ,
ନେତ୍ରେ ଲଗାଇବ ଅଞ୍ଜନ ବତ ।
ମୂତ୍ର-ମଳଦ୍ୱାରୁ ପଡ଼ିଲେ ରକ୍ତ,
ପିଚକାରି ଦେବ ନୋହିଣ କ୍ଷାନ୍ତ ।
ଲୋମକୂପରୁ ବାହାରଇ ଯେବେ,
ଦେହେ ମାଳିସ ନେଇ କରି ତେବେ ।
ଏହି ଘୃତକୁ ସକଳ ପ୍ରକାର,
ରକ୍ତପିତ୍ତ ରୋଗ କରି ଉଦ୍ଧାର ।
ରୋଗୀ ଦେହରୁ ଯାଏ ଦୋଷ ପଳାଇ,
'ଘୃତ ଦୂର୍ବାଦ୍ୟ' ନାମ ବହେ ଏହି ॥

ଉଶୀରାସବ

ବେଣାଚେର ଯେ ମଞ୍ଜିଷ୍ଠା, କୁବେଳି,
ନୀଳ ଉତ୍ପଳ, ଗମ୍ଭାରୀର ଛେଲି ।
ପଦ୍ମମୂଳ, ପଦ୍ମକାଠ ଯେ ଲୋଧ,
ତହିଁ ପ୍ରିୟଙ୍ଗୁ, ଚିରାଇତା ପାଧ,
ପୁଣି ଅକାନବନ୍ଧ, ଦୂରାଲଭା,
କ୍ଷେତପାପଡ଼ା ତା'ସଙ୍ଗରେ ନେବା,
ଢେଢ଼ଶୁଣ୍ଠୀ, କୁଡ଼, ପଟୋଳ ପତ୍ର,
ଶିମିଳର ଅଠା କରି ଏକତ୍ର ।
ଯଜ୍ଞ ଡିମ୍ବିରି, କଞ୍ଚନ ଯେ ବର,
ଜାମୁ, ପୁଣ୍ଡରିଆ ଛେଲି ମୂଳର,
ପ୍ରତ୍ୟେକରୁ ଏକ ପଲ ଧରିବ,
ଜଳ କୋଡ଼ିଏ କସିମିସି ଦେବ ।

GPNanda Colln., Digitized by srujanika@gmail.com

ଦେଲ ଖୋଳଲ ଧାଇଫୁଲ ଆଣି,
ସବୁ ମସଲା କୁଟି ନେବ ପୁଣି ।
ସାଡେ ବାର ସେର ଗଡ଼ ତନ୍ତିରେ,
ଛ ସେର ପାଏ ମହୁ ଗୋ ଧୀରେ ।
ଶହେ ଅଠାଇଶ ସେର ଜଳରେ,
ଦ୍ରବ୍ୟ ସମସ୍ତ ଭିଜାଇବ ଖରେ ।
ସାଧେ ଘୋଡ଼ାଇ ରଖି ଏକ ମାସ,
ଜଳ ଛାଣି ନେଇ ଫିଙ୍ଗ କଳୁଷ ।
ସାବେ ମସଲା ଭରିବା ପୂର୍ବରୁ,
ପାତ୍ର ମଧ୍ୟେ ଧୂଆଁ ଦେବ ସୁଖରୁ ।
ଜଟାମାଂସୀ, ଗୋଲମରିଚ ଧୂଆଁ,
ଦେବ ତନ୍ତିରେ ଦେଇ ରଡ଼ ନିଆଁ ।
ଏହି ଆସବ କାଢ଼ି ବୋତଲରେ,
ରଖି ଟିପି ଦେବ ଅତି ଯତ୍ନରେ ।
ଦୁଇ ତୋଳା ମାତ୍ରା ସେବ ପ୍ରଥମେ,
ସେବନ ଦେଖି ବଢାଅ କ୍ରମେ ।
ପାଞ୍ଚ ତୋଳାରୁ ଯେପରି ଅଧିକ
ମାତ୍ରା ନ ହୋଇବ ମନରେ ରଖ ।
ଏଥି ରକତ-ପିତ୍ତ ଜ୍ୱର, କାଶ,
ବାନ୍ତି, ଅରୁଚି ହୋଇଯାଏ ନାଶ ।
ଶରୀରର କାନ୍ତି ବଢ଼ଇ ଧୀରେ,
ବାଳଚନ୍ଦ୍ରମା ପ୍ରାୟେ ଆକାଶରେ ।

GPNanda Colln., Digitized by srujanika@gmail.com

ମୁଷ୍ଟିଯୋଗ

ପୋକଶୁଙ୍ଘା କମ୍ବା ଗେଣ୍ଡୁ, ଜାଳମ୍ବ,
ଏମାନଙ୍କ ପତ୍ର ରସ ଆଣିବ ।
ଦୁଇ ତୋଳାରେ ସେବିଲେ ପ୍ରତ୍ୟହ,
ବନ୍ଦ ହୁଅଇ ରକତ-ପ୍ରବାହ ।
ପାଣିକଖାରୁ ରସ ପାଞ୍ଚ ତୋଳା,
ଚିନି ଦୁ ମସାରେ ଦିଅ ଦୁ'ବେଳା ।
ଏହା ରକତ-ପିତ୍ତକୁ ନାଶଇ,
ରକ୍ତବାନ୍ତ ଶୀଘ୍ର ଯାଏ ପଳାଇ ।
ଲାଖ ଦୁଇ ତୋଳା ଦଶ ତୋଳାର,
ଜଳେ ଭିଜାଇ ପିଅ ବାରମ୍ବାର ।
ଏହା ରକତ-ବାନ୍ତକୁ ନାଶେ,
ପାଞ୍ଚ ଘଣ୍ଟା ଭିଜାଇବ ହରଷେ ।
ପାଞ୍ଚ ତୋଳା ଉଷ୍ମ ଦୁଧରେ ନିତ,
ପିତ୍ତକଣ୍ଟକୀ ଚୂର୍ଣ୍ଣ ଗୁର ରତ ।
ଗୋଳି ପିଇଲେ ରକତ ପଡ଼ିବା,
ବନ୍ଦ ହୁଅଇ ସିଦ୍ଧ ଆଜ୍ଞା ବାବା ।
ମୋଚରସ ଚୂର୍ଣ୍ଣ ଏକ ମସାରେ,
ମହୁ ମସାକେ ଗୋଳାଇ ଖଲରେ ।
ଗୁଟି ଖାଇଲେ ରକ୍ତସ୍ରାବ ନାଶେ,
ଉପକାର ମଧ୍ୟ ଦିଅଇ କାସେ ।
ମାଈଗୋବର ନାକରେ ଶୁଙ୍ଘିଲେ,
କମ୍ବା ହଳଦୀ ନାକେ ଚୁଣ୍ଟି ଦେଲେ ।

GPNanda Colln., Digitized by srujanika@gmail.com

ଘଷି ·ଦେବଲ ଗାଈଘିଅ କପାଳେ,
ନାକୁ ପଡ଼ିବା ରକ୍ତ ଶୀଘ୍ର ମରେ ।

ପଥ୍ୟ

ଊର୍ଦ୍ଧ୍ୱଗାମୀ ରକ୍ତପିତ୍ତ ବେଗରେ,
ଝାଡ଼ା କରାଇବ ପଥ୍ୟା ବଧିରେ ।
ଅଧୋଗତରେ ବାନ୍ତି କରାଇବ,
ରୋଗୀ ଯଦର୍ କ୍ଷୀଣ ନୋହୁଥିବ ।
ଦୁଇ ବାଟରୁ ରକତ ବହୁଲେ,
ଦେବ ଲଙ୍ଘନ ରୋଗୀକୁ ପହିଲେ ।
ପୁରାତନ ଧାନ ନାଲି ଚାଉଳ,
କାଙ୍ଗୁ, କୋଦୁଅ, ସୁଆଁ ସୁନିର୍ମଳ ।
ମୁଗ, ମସୁର, ବୁଟ ବା ହରଡ଼,
ବାଇଗଣ, ଲଉ, ମଞ୍ଜା, କାଙ୍କଡ଼ ।
ସବଧାନ ରୁଚି ପାଣିକଖାରୁ,
ଦେବ ଅମୃତଭଣ୍ଡା ଯେ ଆଗରୁ ।
କଷି କଦଳୀ, ଡିମ୍ବିରିର ଫଳ,
ଛେଳିଦୁଧ, ଦହି, ଘିଅ ଆବର ।
ଶ୍ରେଷ୍ଠ ଦଣ୍ଡେର, କଉ ଯେ ମାଗୁର,
ଶଶ, କପୋତ, ମୃଗମାଂସ ସାର ।
ତାଳସଜ ରସ, ପଟୋଳ ଫଳ,
ଗାଈଦୁଧ ଘୃତ, ପଇଡ଼ଜଳ ।
କସିମିସି, ଚିନି, ମହୁ, ମିଶିରି,
ଆଙ୍ଗୁରଗୁଚ୍ଛର ରସ, ଝରବାର ।

GPNanda Colln., Digitized by srujanika@gmail.com

କଣ୍ଟାଲେଉଟିଆ, ଗୁଳୁଚ ଶାଗ,
ପକ୍ୱ କଇଥ, ଖଜୁର ସଂଯୋଗ ।
ଚନ୍ଦ୍ରକିରଣ, ବାୟୁ ସୁଶୀତଳ,
ମାଟିଘର, ଶ୍ୱେତ ଚନ୍ଦନଜଳ ।
ପଦ୍ମ, କଦଳୀ ପତ୍ରରେ ଶୟନ,
ନବ ଯୁବତୀର ସ୍ୱରୁ ଗାୟନ ।
ବଡ଼ ଉପକାର ଏହୁ କରଇ,
ଯାହା ଯାହା ମୁଁ ଆଗେ ଗଲି କହି ।
ମୁଖ ଗୁହ୍ୟଦ୍ୱାରୁ ସ୍ରବିଲେ ରକ୍ତ,
ରୋଗୀ ଖାଇବ ତରଳ ପଦାର୍ଥ ।
ସିଦ୍ଧ ସାଗୁ, ବାର୍ଲି, ପଇଡ଼ଜଳ,
ମିଶ୍ରି ପଣା, ଘୋଳଦହିର ସାର ।
ମିଠା କମଳା, ଡାଳିମ୍ବ, ବେଦନା,
ଏମାନଙ୍କ ରସ ପଥ୍ୟ ଗଣନା ।
ସବୁବେଳେ ରୋଗୀ ଶୋଇବ ଶେଯ,
ରକ୍ତ ବନ୍ଦ ହେବା ଦିନ ଯାଏ ସେ ।
ରକ୍ତ ବନ୍ଦ ହେଲେ ସୁଜୀର୍ଣ୍ଣ ଅନ୍ନ,
ଅଳ୍ପ ଅଳ୍ପ ସେ ସେବ ପ୍ରତିଦିନ ।
ରକ୍ତପିତ୍ତର ଚିକିତ୍ସା ସରିଲା,
ବାଳୁକେଶ୍ୱର ଗୀତରେ ଭଣିଲା ।

—o—

GPNanda Colln., Digitized by srujanika@gmail.com

ରାଜଯକ୍ଷ୍ମା ଚିକିତ୍ସା

ଲକ୍ଷଣ

ଯକ୍ଷ୍ମାରୋଗର କେତେ ଗୋଟି ଚିହ୍ନ,
ଲେଖା ହେବ ଏବେ ପାଠକେ ଶୁଣ।
ଖୁଁ ଖୁଁ କାଶ ହୁଏ ଅନବରତ,
ଲାଗିରହେ ଜ୍ୱର ବାଧା ବହୁତ।
କାନ୍ଧପାର୍ଶ୍ୱରେ ବେଦନା ହୁଅଇ,
ହାତ ପାଦତଳ ଉଷ୍ମ ଲାଗଇ।
କ୍ରମେ ଜନ୍ମଇ ସ୍ୱରଭଙ୍ଗ, ଶ୍ୱାସ,
ଫୁସଫୁସରେ କ୍ଷତର ପ୍ରକାଶ।
ରକ୍ତ ପଡ଼େ କଫ ସଙ୍ଗରେ ମିଶି,
ଝାଳ ବହଇ ଦେହୁଁ ଶେଷ ନିଶି।
ବହୁ ପରିଶ୍ରମେ ଗ୍ରୁତ୍ତରେ କ୍ଷତ,
ହେଲେ ତାହା ଉରଃକ୍ଷତରେ ଖ୍ୟାତ।
ପଛୁ ରକତ ପୂଜ ପଡ଼େ ତହୁଁ
ଜ୍ୱର କାସ ଶ୍ୱାସ ହୁଅଇ ବହୁ।
ବକ୍ଷସ୍ଥଳରେ ବେଦନା ସଂଘାତ,
ଶୁଖିଯାଏ ରୋଗୀ ଦେହ ରକତ।
ମୁଖଭିତରୁ ବାହାରେ ଦୁର୍ଗନ୍ଧ,
କ୍ରମେ ଦୁର୍ବଳ ବାକ୍ୟ ସ୍ୱର ମନ୍ଦ।
ଶୁକ୍ରକ୍ଷୟରୁ ହୁଏ କ୍ଷୟରୋଗ,
କ୍ରମେ ଦୁର୍ବଳ ରୋଗୀ ଅତି ବେଗ।

GPNanda Colln., Digitized by srujanika@gmail.com

ଜ୍ୱର-ଅତିସାର ଘେରଇ ନିତ୍ୟ,
ଯକ୍ଷ୍ମାରୋଗର ଲକ୍ଷଣ ସମସ୍ତ ।
ନାନା କାରଣରୁ ଦେହ ଦୁର୍ବଳ,
ହେଲେ କ୍ଷୟରୋଗ ବଢ଼େ ପ୍ରବଳ ।

ଚିକିତ୍ସା

ରାଜଯକ୍ଷ୍ମାରୋଗ ଚିକିତ୍ସା ଶୁଣ,
ରୋଗ ମଧ୍ୟରେ ଏ ଅଟେ ପ୍ରଧାନ ।
ପୂର୍ବେ ଏ ରୋଗ ଚନ୍ଦ୍ରଙ୍କୁ ଗ୍ରାସନ୍ତେ,
ଧନ୍ୱନ୍ତରୀ ଜନ୍ମ ହେଲେ ଜଗତେ ।
ବିଷ୍ଣୁ ଅଙ୍ଗରୁ ଧନ୍ୱନ୍ତରି ଜାତ-
ହୋଇ ସଂସାରେ ହୋଇଲେ ପ୍ରଖ୍ୟାତ ।
ଏହୁ ଜୀବାଣୁ ଯାହା ଦେହେ ପଶେ,
କାଳକ୍ରମେ ରୋଗ ତାହାକୁ ନାଶେ ।
ଯାହାଠାରେ ଯକ୍ଷ୍ମାରୋଗ ହୋଇବ,
ସେହୁ ଅଲଗା ଘରରେ ରହିବ ।
ତାର ସେବାକାରୀ ବନ୍ଧୁ ବାନ୍ଧବ,
ଅତି ସାବଧାନେ ଚଳିବେ ସର୍ବ ।
ଯକ୍ଷ୍ମାରୋଗୀର ଦେହେ ବଳ ଥିଲେ,
ଦେବ ବମନ ବିରେଚନ ଧୀରେ ।
ଦେହେ ମଳ ଥିଲେ ହୁଅଇ ବଳ,
ମଳ ଆଶ୍ରିତ ଜୀବନ କେବଳ ।
ଏଣୁ ଯକ୍ଷ୍ମାରୋଗୀ ଶୁଦ୍ଧ, ପୁରୁଷ,
କ୍ଷୟ ନ କରିବ କର ସାହସ ।

GPNanda Colln., Digitized by srujanika@gmail.com

ଷଡ଼ଙ୍ଗ ଯୂଷ

ପଳେ ପଳେ ସବଧାନ କୋଳଥ,
ଗୁଡମାଂସ ଶୁଣ୍ଠ ପଳ ତା' ସାଥ ।
ଅଠଗୁଳଣ ପଳ ଜଳେ ସିଦ୍ଧ,
ବାର ପଳ ଜଳ ରଖ ଅବଧି ।
ଜଳ କନାରେ ଛାଣି ପାତେ ଭର,
ଏକ ପଳ ଘୃତେ ତାହା ସନ୍ତୋଳ ।
ସଇନ୍ଧବ ଲୁଣ ଚଣ୍ଟି ଧ'ତୋଳା,
ଦୁଇ ରତିରେ ହିଙ୍ଗୁ କର ମେଳା !
ମରେଚ ମରେଚ ଶୁଣ୍ଠୀ ପିପ୍ପଳୀ ଚୂର୍ଣ୍ଣ,
ଗୋଳ ମନ୍ଦ ଜାଳେ ସିଦ୍ଧ ବହନ ।
କଟୁ କ୍ଷଣ ପରେ ପାତ୍ର ଓହ୍ଲାଇ,
ଅମ୍ଳ ଡାଳିମ୍ବ, ଅଁଳାକୁ ନେଇ ।
ରସ ବାହାର କରି ଚଣ୍ଟି ଦେବ,
ଝୋଳ ଯେପରି ରୁଚିକର ହେବ ।
ଏହି ଝୋଳ ପାନ କଲେ ସତ୍ୱର,
ଉପସର୍ଗ ନାଶ ହୁଏ ସତ୍ୱର ।
ବୃଦ୍ଧ ବୈଦ୍ୟଙ୍କ ମତେ ସବଧାନ,
ଗୃହ ଗୃହ ତୋଳା କୋଳଥ ଆଣ ।
ଅଧ ଅଧ ତୋଳେ ଶୁଣ୍ଠୀ ପିପ୍ପଳୀ,
ମାଂସ ବାରତୋଳା ଚଣ୍ଟିରେ ଗୋଳ ।
ଶଢେ ଅଠଷଠି ତୋଳା ଜଳରେ,
ବୟାଳିଶ ତୋଳା ରଖ ଶେଷରେ ।

GPNanda Colln., Digitized by srujanika@gmail.com

ସିଦ୍ଧ ଜଳ ଗୁଣି ସବୁ କନାରେ,
ପାଚେ ରଖିବ ଅତି ଯତନରେ ।
ତହିଁ ଡାଳିମ୍ବ, ଅଁଳାର ରସ,
ଏକ ତୋଳା ଗୋଳ ଦେବ ସରସ ।
ଦଶ ତୋଳା ଘୃତେ ତଦ୍ଧା ସନ୍ତୋଳ,
ରଖିଦେବ ବୋତଲରେ କଗାଡ଼ ।
ଏହା ସେବଲେ ଯକ୍ଷ୍ମାରୋଗ ମରେ,
ଅଳ୍ପ ଅଳ୍ପ ଖାଇବ ଦିବସରେ ।

ଏଳାଦି ଚୂର୍ଣ୍ଣ

ଏଳାଇଚ, ତେଜପତ୍ର, ଲବଙ୍ଗ,
ନାଗେଶ୍ୱର, ତୋଳେ ପ୍ରତ୍ୟେକ ଭାଗ ।
ବଣଖଜୁରି ଦୁଇ ତୋଳା ଧରି,
ଦ୍ରାକ୍ଷା, ଯାଷ୍ଟିମଧୁ, ଚନ, ପିପ୍ପଳୀ ।
ପ୍ରତିଦ୍ରବ୍ୟରୁ ଚାରି ତୋଳା ତୁଳ,
ସୂକ୍ଷ୍ମ ଚୂର୍ଣ୍ଣ କରି ନେବ ସମ୍ଭାଳ ।
ଏହି ଚୂର୍ଣ୍ଣକୁ ସିକିକ ଓଜନ,
ମଧୁ ଢ଼' ମହାରେ ଗୋଳି ସେବନ ।
କଲେ କ୍ଷୟକାସ, ଶ୍ୱାସ ବିନାଶ,
ଶୀଘ୍ର ତରଳ ଯାଏ ଶୁଷ୍କ କାସ ।

ତ୍ରିକଟ୍ୱାଦି ଚୂର୍ଣ୍ଣ

ଶୁଣ୍ଠୀ, ପିପ୍ପଳୀ, ମରିଚ, ତିଫଳା,
ଏଳାଇଚ, ଜାଇଫଳ ପାକଳ ।

ମୋଥା ଲବଙ୍ଗ ପ୍ରତି ଏକ ତୋଳା,
ନଅ ତୋଳା ଯେ ମଣ୍ଡୂର ହରେଡ଼ା ।
ସବୁ ମସଲ କରି 'ସୂକ୍ଷ୍ମ ଚୂର୍ଣ୍ଣ,
ଗୁଣ୍ଡି କନାରେ ରଖିବ ବନ୍ଧନ ।
ଗୁଡ଼ ରତି ମାତ୍ରା ମଧୁ ମସାକେ,
ଘୁଣ୍ଟିଦେଲେ କ୍ଷୟ କ୍ଷୟ ଅଳ୍ପକେ ।
ଏହା ଜ୍ୱର, କାଶ, ଶ୍ୱାସ ବିନାଶେ,
ଢନାକେତେ ଖାଇଲେ ପ୍ରାଣ ଆସେ ।

ସପ୍ତଦଶାଙ୍ଗ କ୍ୱାଥ

ଅଶ୍ୱଗନ୍ଧା, ନ୍ତରୁଆର, ଗୁଳୁଚି,
ଦଶମୂଳ ବାଡ଼ି ଅଏଁଲା ସଞ୍ଚ ।
ବାସଙ୍ଗର ଛେଲ ପ୍ରତି ଦରବ,
ଦୁଇ ଅଣା ଏକ ରତି ତୁଳିବ ।
ଏହା ସିଝାଇ ଅଧ ସେର ଜଳେ,
ଶେଷେ ରଖିବ ଆଠତୋଳା ଠାରେ ।
ଏହି କ୍ୱାଥରେ ଅତୁସୀ, ପୁଷ୍କର,
ଚୂର୍ଣ୍ଣ ଗୋଳିଦେଇ ସେବନ କର ।
ଦୁଇ ଦ୍ରବ୍ୟରୁ ମସାଏ ମସାଏ,
କ୍ୱାଥେ ଗୋଳ ସେବା କର ନିର୍ଭୟେ ।
ଏହା କ୍ଷୟ କାସ ଶ୍ୱାସକୁ ନାଶେ,
ଜ୍ୱର, ଯକ୍ଷ୍ମା, ଦାହ ଯାଏ ତରାସେ ।

GPNanda Colln., Digitized by srujanika@gmail.com

ତ୍ରୟୋଦଶାଙ୍ଗ କ୍ୱାଥ

ଶୁଣ୍ଠୀ, ଧନିଆଁ, ପିପଳୀର ଚୁଆ,
ଚକ୍ଷିଁ ସଙ୍ଗରେ ଦଶମୂଳ ନୂଆ ।
ପ୍ରତି ଦରବ ଦ'ଆଣି ଦ'ରତି,
ତୁଳ ନେବ ଧରି ହାତେ ନିକିତି ।
ଅଧ ସେର ଜଳେ ତାହା ସିଝାଇ,
ଶେଷେ ରଖିବ ଆଠ ତୋଳା ଥାଇ ।
ଏହି ପାଚନ ଖାଇଲେ ପୀନସ,
ପାର୍ଶ୍ୱ ଶୂଳ, ଜ୍ୱର, କାସ ଯେ ଶ୍ୱାସ ।
କ୍ଷୟ, ଯକ୍ଷ୍ମା ରୋଗ ହୁଏ ବିନାଶ,
ଏଥି ସନ୍ଦେହ କର ନାହିଁ ଲେଶ ।

ମୃଗାଙ୍କ

ମୁକ୍ତା, ପ୍ରବାଳ, ଶଙ୍ଖ, ବଙ୍ଗଭସ୍ମ,
ତୋଳେ ପ୍ରତ୍ୟେକରୁ କର ଓଜନ ।
ନିମ ଛେଲ କ୍ୱାଥେ ଭିଜେନ ମରଦ,
ଗଜପୁଟରେ ଏହାକୁ ଦଗଧ ।
ହାତେ ଓସାର ଗର୍ତ୍ତ ଗଭୀରରେ,
ଗାତ ଗୋଟିଏ ଖୋଳିବ ଯତ୍ନରେ ।
ଔଷଧ ସରା ମଧ୍ୟରେ ରଖି,
ସରା ଉପରେ ସରା ଦେବ ଢାଙ୍କି ।
ମଧ୍ୟସ୍ଥଳେ ମାଟି ଲେପି ଯତନେ,
ସରା ଶୁଖାଇବ ସୂର୍ଯ୍ୟ-କିରଣେ ।
ଗାତ ମଧ୍ୟେ ଶୁଷ୍କ ଘସି ପୂରାଇ,
ଘସି ମଧ୍ୟରେ ଦେବ ସରା ଥୋଇ ।

GPNanda Colln., Digitized by srujanika@gmail.com

ନଅାଁ ଜାଲ ସବୁ ନଅାଁ ଲଉଡ଼ଲେ,
ଗାଡ ମଧ୍ୟରୁ ଆଣ ସବୁ ଉଠଲେ ।
ସବୁ ମଧ୍ୟରୁ ଅଉଷଧ ଆଣି,
ଖଲେ ପକାଇ ଦେବ ସେଇକ୍ଷଣି ।
'ଗଜପୁଟ' ବୋଲି ଏହାକୁ କହି,
ଆୟୁର୍ବେଦ ଶାସ୍ତ୍ରେ ଲେଖାଅଛଇ ।
ଭଲ ଘୃତ ତୋଳା ବଂଶଲୋଚନା
ଆଣି କରବ ତହିଁରେ ଯୋଜନା ।
ଶୁଦ୍ଧ ହିଙ୍ଗୁଳ ଦେଇ ଘୃତ ଅଣା,
ଖଲେ ପକାଇ କର ନେବ ଚୂନା ।
ମାତ୍ରା ଦୁଇ ରତ୍ତି, ପିମ୍ପଳୀ ଚୂର୍ଣ୍ଣ,
ଘୃତ ରତ୍ତି, ମଧୁ ମସେ ଦେଇଣ ।
ଗୁଟି ଦେଲେ ଷଠ୍ଯୁ ରୋଗଟି ହଟେ,
ଯକ୍ଷ୍ମା, ସ୍ୱରଭଙ୍ଗ ପଳାଏ ବାଟେ ।

ଶୃଙ୍ଗ୍ୟର୍ଜ୍ଜୁନାଦ୍ୟ ଚୂର୍ଣ୍ଣ

କକଡ଼ାର ଶୃଙ୍ଗୀ, ଅର୍ଜ୍ଜୁନଛେଲ,
ଅଶ୍ୱଗନ୍ଧା, ଗରଗଡ଼ ଆଦ୍ଧର;
ଚମ୍ପା, କୁଡ଼, ଶୁଣ୍ଠୀ, ହରଡ଼ା ଖ୍ୟେପା,
ତହିଁ ତାଳଚନ୍ଦ, ମରଚ ସଫା;
ଚନ୍ଦ, ଅଳାଇଚ, ତାଳିଶପତ୍ର,
ଗୁଳୁଚର ପତ୍ର, ପିପ୍ପଳୀ ଯୁକ୍ତ ।
ପ୍ରତି ଦରବ ଦୁଇ ତୋଳା ଚୂର,
ଦୁଇ ମସା ମାତ୍ରା ଖାଅ ଢ଼'ଓଳ ।

GPNanda Colln., Digitized by srujanika@gmail.com

ଦୁଇ ମସା ଗାଈଘିଅ ସହିତ,
ଗୋଳ ଏକ ମସା ମହୁରେ ନିତ୍ୟ ।
ଏହା କ୍ଷୟକାସ ସମସ୍ତଙ୍କୁ ନାଶେ,
ବସିଥିବା କଫ ହୃଦରୁ ଖସେ ।
ଶୃଙ୍ଗୀ ଅର୍ଜ୍ଜ ନାଦ ଚୂର୍ଣ୍ଣ ନାମରେ,
ଖ୍ୟାତ ଲଭିଅଛି ଏହା ସଂସାରେ ।

ତାଳିଶାଦ୍ୟ ଚୂର୍ଣ୍ଣ

ଭଲ ତାଳିଶପତ୍ର ତୋଳେ ତୁଳ,
ତହିଁ ଦୁଇ ତୋଳା ମରିଚ ଧର ।
ଶୁଣ୍ଠୀ ତିନ ତୋଳା, ପିପଳୀ କଣା—
ଚାରି ତୋଳା, ପାଞ୍ଚ ବଂଶଲୋଚନା ।
ଡାଳଚିନି, ଗୁଜୁରାଟ ପ୍ରତ୍ୟେକ,
ତୁଳି ନେବ ଦାତେ ଅର୍ଦ୍ଧ ତୋଳେକ ।
ଦେଇ ବତିଶ ତୋଳା ଦେଶୀ ଚିନି,
ସବୁ ଚୂରିଦେବ କନାରେ ଛାଣି ।
ଦୁଇ ଅଣାରୁ ଚାରି ଅଣା ଯାକେ
ମାତ୍ରା, ତହିଁରୁ ନ ଦେବ ଅଧିକେ ।
ଦୁଇ ମସା ଘିଅ ମହୁ ସହିତେ,
ଗୋଳ ସେବାକର ଦୁଇ ବକତେ ।
ଏଥି ନାନା ରୋଗ ହୁଅଇ ନାଶ,
ପାଣ୍ଡୁ, ଗ୍ରହଣୀ, ଜ୍ୱର, କାସ, ଶ୍ୱାସ ।
କ୍ଷୟ, ଅତିସାର, ଶୂଳ, ବମନ,
ଅଗ୍ନିମାନ୍ଦ୍ୟ, ଯକ୍ଷ୍ମା ହୁଏ ନିଧନ ।

GPNanda Colln., Digitized by srujanika@gmail.com

କେହୁ କେହୁ ଏହା ମୋଦକ କରି,
ସେବା କରନ୍ତି ଶିବଙ୍କୁ ସୁମରି ।
ଚିନି ସମାନ ଅଣ୍ଡା ଜଲେ ଗୋଳି,
ପାଗ କରିବ ମନ୍ଦ ଜାଳ ଜାଳି ।
ଜଳ ମରିଗଲେ ପକାଇ ଚୂର୍ଣ୍ଣ,
ଅଧ ତୋଳାରେ ମୋଦକ ନର୍ମାଣ ।

ସିତୋପଳାଦ୍ୟ ଅବଲେହ

ଏକ ତୋଳା ଯେ ଗୁଡ଼ୁଚିଙ୍କ ଗୁଳ,
ଏଳାଇଚ ଦୁଇ ତୋଳାରେ ଧରି ।
ଚ୍ଚରି ତୋଳା ଯେ ପିପ୍ପଳୀ ଗୁଳିବ,
ବଂଶଲୋଚନା ଆଠ ତୋଳା ନେବ ।
ଷୋଳ ତୋଳା ଚିନି ଦେଇ ତହିଁରେ,
ଚୂର୍ଣ୍ଣ କରିବ ଧୂଳି ପରକାରେ ।
ଘିଅ-ମହୁରେ ମାତ୍ରା ଦୁଇ ମସା,
ଗୋଳି ଖାଇଲେ ଦୂର ହୁଏ ଦଶା ।
ମସେ ମହୁ, ମସେ ଘିଅ ଗୋଳିବ,
ବହୁ ସୁମରି କଉରେ ଗୃହିବ ।
ଏହା କ୍ଷୟକାସ, ଶ୍ୱାସ, ମନ୍ଦାଗ୍ନି,
ଫେଟ୍‌ଫୁଲ୍ ଜ୍ୱର ଝାଅଇ ହାଣି ।
ଊର୍ଦ୍ଧ୍ୱ ଶବଦ, ଖୁଁ ଖୁଁ କଷ ପୀଡ଼ା,
ନାଶ ହୁଅନ୍ତି ଖାଇ କାନମୋଡ଼ା ।

ବୃହଦ୍ ବାସାବଲେହ

ସାଢ଼େ ବାର ସେର ବାସଙ୍ଗ ଛେଲି,
ଚଉଷଠି ସେର ଜଳରେ ଢାଳି ।

GPNanda Colln., Digitized by srujanika@gmail.com

ମନ୍ଦ ଅଗ୍ନିରେ ସିଝାଇ ସିଝାଇ,
ଶେଷ ଷୋଳ ସେର ରଖିବ ନେଇ ।
ସରୁ କନାରେ କ୍ୱାଥକୁ ଛାଣିବ,
ସାଢ଼େ ବାର ସେର ତିନ ତୋଳବ ।
ତହୁଁ ନଆଁରେ ବସାଇ କ୍ୱାଥ,
ଅବଲେହ ଯେ କର ବିଧିମତ ।
ଜଳ ମରିଗଲେ ଓହ୍ଲାଇ ଦେଇ,
ତହିଁ ମସଲା ଗୁଣ୍ଡକୁ ଗୋଳାଇ ।
ଶୁଣ୍ଠୀ, ମରିଚ, ପିମ୍ପଳୀ, କଟ୍‌ଫଳ,
ମୁଥା, ତେଜପତ୍ର, ପିପଳୀ ମୂଳ ।
ଏଲାଇଚ, ଗୁଆ, କମଳାଗୁଣ୍ଡି,
ବଂଶଲୋଚନା, ଗୁଇଁକାଠ ଖଣ୍ଡି ।
ଗଜପିମ୍ପଳୀ ଯେ ତାଳିଶପତ୍ର,
କୁଡ଼, କଚୂର, ଧନିଆଁ ସଙ୍ଗତ ।
ଗୁଡ଼ୁଚିକ ପ୍ରତି ଦ୍ରବ୍ୟ ଦ'ତୋଳା,
ଭୁଜ ଆଣିବ ସମସ୍ତ ମସଲା ।
ସୂର୍ଯ୍ୟ-କିରଣେ ଶୁଖାଇ ସକଳ,
ଧୂଳି ପ୍ରାୟ ଚୂର ଦେବ କେବଳ ।
ସିଦ୍ଧ ହୋଇଥିବା କ୍ୱାଥେ ପକାଇ,
ମହୁ ଏକ ସେର ତହିଁ ଗୋଳାଇ ।
ପାତ୍ରେ ରଖିବ ବନ୍ଦ କରି ମୁଖ,
ତୋଳେ ମାତ୍ରାରେ ଜଳ ସଙ୍ଗେ ଭକ୍ଷ ।
ଅଗ୍ନି-ବଳ ଦେଖି ମାତ୍ରା ବଢ଼ାଅ,
ରୋଗୀ ଯେପରି ନ ହୁଏ ଅଥୟ ।

GPNanda Colln., Digitized by srujanika@gmail.com

ଏହା ସେବନଲେ ନଷ୍ଟ ଚିକିତ୍ସା,
ଯକ୍ଷ୍ମା, ଶ୍ୱାସ, କାଶ, କଫ ନାଶତ।
ରକ୍ତ ପଡ଼ିବା ଶୀଘ୍ର ବନ୍ଦ ହୁଏ,
ଉଷ୍ଣ ଶୀତଳ ଜଳେ ଯେହ୍ନୁ ଖାଏ।

ରସାର୍ଣ୍ଣବୋକ୍ତ ବୃହଦ୍ ବାସାବ ଲେହ୍ଯ

ଅଙ୍କରାନ୍ତ, ଲଟାବେଁକୋଳ ଚଛ,
ତହିଁ ବାସଙ୍ଗମୂଳ ଛେଲ ସ୍ୱଚ୍ଛ,
ବ୍ରହ୍ମଝାଟିଆ ମୂଳ ପ୍ରତ୍ୟେକରୁ,
ତୋଳା ପଚିଶ ତୁଳ ଦୋକାନରୁ।
ସବୁ ମସଲ ଢିଙ୍କିରେ କୁଟିବ,
ଦୃଢ ପାତ୍ରରେ ଯତନେ ରଖିବ।
ଆଠ ସେର ଜଳେ ତାହା ସିଝାଇ,
ଶେଷ ରଖିବ ଦୁଇ ସେର ଥାଇ।
ଜଳ ଛାଣିବ ଉତ୍ତମ କନାରେ,
ସିଦ୍ଧ ଜଳ ରଖି ନେବ ପାତ୍ରରେ।
ଏହି କ୍ୱାଥରେ ଅଧ ସେର ଚିନି,
ଗୋଳ ଦେଇ ପାକ କରିବ ପୁଣି।
ମଣ୍ଡଗଲେ ଜଳ ଦେବ ଓହ୍ଲାଇ,
ତହିଁ ଏକ ତୋଳା ଅଭ୍ର ମିଶାଇ।
ଅଧ ପଳେ ତୁଳ ନେବ ପିପ୍ପଳୀ,
କୁଡ, ତାଳିଶ-ପତ୍ର ସଖୋଳ।
ତେଜପତର, ମରିଚ, ଲବଙ୍ଗ,
ମୁସ୍ତମାଂସୀ, ବେଣାଚେର ସଯୋଗ।

GPNanda Colln., Digitized by srujanika@gmail.com

ନାଗକେଶର, ଗୁଡ଼ୁଚିକ, ମୁଥା,
କୁରୁଚିବେଳ, ବ୍ରହ୍ମଯଷ୍ଟିଆ ଯୁତା ।
ଏହି ଦ୍ରବ୍ୟ ପ୍ରତ୍ୟେକ ଅଧ ତୋଳା,
ଚୂର୍ଣ୍ଣ କରିବ ନ କରଣ ହେଳା ।
ସବୁ ଚୂର୍ଣ୍ଣକୁ ଗୋଳାଇ କ୍ୱାଥରେ,
ଗୁଆଡିଅ ଏକ ତୋଳା ତନ୍ତିରେ ।
ମଧୁ ଘିଅ ତୋଳା ଗୋଳାଇ ଦେଇ,
ପାଣ୍ଡ ମଧ୍ୟେ ରଖ ତାକୁ ଘୋଡ଼ାଇ ।
ଏକ ତୋଳା ମାତ୍ରା ଶୀତଳ ଜଳେ,
ଖାଅ ଶିବ ସ୍ମର ସଞ୍ଜ ସକାଳେ ।
ଏହା ବିନାଶ କରେ ରାଜଯକ୍ଷ୍ମା,
କ୍ଷୟ କାସ, ଶୋଷ ରୋଗରୁ ରକ୍ଷା ।
ରକ୍ତ ପଡ଼ିବା ଶୀଘ୍ର ବନ୍ଦ କରେ,
କଫରୋଗକୁ ମୂଳରୁ ସଂହରେ ।
ବାସାବଲେହ ବୃହତ ଏ ଅଟେ,
ପୂର୍ବ ରୋଗମାନଙ୍କରେ ନ ହଟେ ।

ଚ୍ୟବନପ୍ରାସ

ବେଲ, ଗମ୍ଭାରି, ପାଟୋଳି, ଫାମ୍ପଣା,
ଅଗବଥୁ ଚେଙ୍ଗ କର ଢଟଣା ।
ବାଡ଼ିଅଏଁଳା ଚେଙ୍ଗ, ଶାଳପର୍ଣ୍ଣି,
ବଣମୁଗ, ବିରି ଯେ କୃଷ୍ଣପର୍ଣ୍ଣୀ;
ଅଙ୍କରନ୍ତ, ଲଟାବେଁକୋଳି, କୁଡ଼,
ଭୂଇଁଅଏଁଳା, ହରିଡ଼ା ସଜାଡ଼ ।

GPNanda Colln., Digitized by srujanika@gmail.com

ଦ୍ରାକ୍ଷା, ଜୟନ୍ତୀ, ଗୁଳୁଚ, ଅଗୁରୁ,
ଦ୍ରନ୍ତି, ଶାବକ, ବୃଷଭକ ସ୍ୱରୁ ।
ଗନ୍ଧଶୁଣ୍ଠୀ, ମୁଥା, ସୁରଣୀ ମୂଳ,
*ମେଦା, ଗୁଳରୁଞ, ମାଲତୀପୂଲ ।
ରକ୍ତଚନ୍ଦନ ଯେ ବାମଙ୍ଗ ଛେଲି,
ଭୂଇଁକଖାରୁର ମୂଳ, କାକୋଳି ।
କାକଜଙ୍ଘା , ଏକ ଟଙ୍କ ପ୍ରତ୍ୟେକ,
ହେମଦସ୍ତାରେ ଛେଚ ନେଇ ରଖ ।
ଏହି ସକଳ ମସଲାକୁ ନେବ,
ଭଲ ହାଣ୍ଡିରେ ଅଗ୍ନି ଜାଳ ଦେବ ।
ଚଉଷଠି ସେର ଜଳ ତହିଁରେ,
ଭଲ ଜାଳଚ ଅତି ଧୀରେ ଧୀରେ ।
ପୁଣି ପାଚିଲା ଅଁଳା ସରସ,
ଚୋକ ଅଣିବ ଗଣ୍ଡରୁ ପାଞ୍ଚଶ ।
ଏହି ଅଁଳା ଉଜନେ ଯେପରି,
ପାଞ୍ଚ ସେର ହେଉ ଛଟାଙ୍କି ପୂରି ।
ଖଣ୍ଡେ କନାରେ ବାନ୍ଧି ଏ ଅଁଳା,
କ୍ୱାଥ ପାତ୍ରେ ଦିଅ ଡେଇ ଦୋଳା ।
ମନ୍ଦ ଜାଳରେ ଜଳ ମାରି ନେଇ,
ଷୋଳ ସେର ଜଳ ରଖ ଉଣ୍ଡାଇ ।
ଯତ୍ନେ ଛାଣି ରଖ ପାତ୍ର ମଧ୍ୟରେ,
ସିଝା ଅଁଳାକୁ ଖୋଲ ହାତରେ ।

---

* ମେଦା—କାଇଁଚମୂଳ ବୋଲି କେହି କେହି କହନ୍ତି ।

GPNanda Colln., Digitized by srujanika@gmail.com

ମଞ୍ଜି ବାହାର କରି ପକାଇବ,
ତହୁଁ ଶିଳରେ ଅଏଁଳା ବାଟିବ ।
ବଟା ଅଏଁଳା ପାତ୍ର ମଧ୍ୟେ ରଖି,
ମନ୍ଦ ଅଗ୍ନିରେ କରେଇ ହଲଖି ।
ବସାଇବ ଧୀରେ ଅତି ଯତନେ,
ଗାଈଘିଅ, ତିଳତେଲ ତକ୍ଷଣେ ।
ଦେଇ ଉତ୍ତମ ରୂପରେ ଖରଡ଼ି,
ରଖ ଯେପରି ସେ ନ ଯାଏ ପୋଡ଼ି ।
ଛଅ ପଳ ଘିଅ, ଛ ପଳ ତେଲ,
ଦେଇ ଖରଡ଼ିବ ହୋଇ ଚଞ୍ଚଳ ।
ତହୁଁ କୁଆଥ କରେଇରେ ଦେଇ,
ମିଶ୍ରି ପଞ୍ଚାଶ ପଳ ଭର ନେଇ ।
କ୍ୱାଥ, ଅଏଁଳା, ମିଶ୍ରି ତିନ ଦ୍ରବ୍ୟ,
ପାକ କରିବ ମନ କରି ଦମ୍ଭ ।
ଅଉଷଧ ଲେହ ପରି ହୋଇଲେ,
କାଢ଼ି ଆଣିବ ପାତ୍ରକୁ ସଧୀରେ ।
ଉଷ୍ମ ଭାଙ୍ଗିଲେ ଅଉଷଧରୁ,
ଚୂର୍ଣ୍ଣ ଗୋଳାଇ ଦେବ ହୋଇ ଧୀରୁ ।
ବଂଶଲୋଚନା ଗୁଣ ତୋଳା ଆଣି,
ଦୁଇ ପଳ ପିପ୍ପଳୀ ତହିଁ ଘେନ ।
ନୂଆ ଗୁଡ଼ତ୍ୱକ, ତେଜ ପତର,
ପକ୍ୱ ଏଳାଇଚ, ନାଗକେଶର ।
ପ୍ରତି ଦ୍ରବ୍ୟରୁ ଭୁଜ ଦୁଇ ତୋଳା
ଚୂର୍ଣ୍ଣ କରିଦେବ ନ କରି ହେଳା ।

GPNanda Colln., Digitized by srujanika@gmail.com

ଠଣ୍ଡା ହୋଇଗଲେ ଅଉଷଧଟର,
ମହୁ ଛ ପଲ, ଚୂର୍ଣ୍ଣ ଗୋଳ ଧୀରେ ।
ତହୁଁ ସମସ୍ତ ଅଉଷଧ ଆଣି,
ଘୃତଭାଣ୍ଡେ ରଖ ଦେଇ ଢାଙ୍କୁଣୀ ।
ଅଧ ତୋଳାରୁ ଦୁଇ ତୋଳା ଯାଏ,
ମାତ୍ରା କରି ଖାଅ ସୁଖେ ନିର୍ଭୟେ ।
ରୋଗ ଖାଇବ କମ୍ବା ଛେଳିଦୁଧେ,
କମ୍ବା ଉଷ୍ମ ଗାଈଦୁଧର ମଧ୍ୟେ ।
ଏହି ରୁଚି ମିତ୍ର ନାହିଁ ଜଗତେ,
ଏହା ରତ୍ନଅଛି ବିନ୍ଧ୍ୟପର୍ବତେ ।
ରୁଚି ଅଭାବରେ ବାଢ଼ିଅଏଁଲା,
ଦେବ ଗୁଳୁଚ ଜୀବକେ ନଟବଳା ।
ଋଷଭକ ସ୍ଥାନେ ଭୂଇଁକଖାରୁ,
ମେଦ ଅଭାବେ ଅଶ୍ୱଗନ୍ଧା ଧରୁ ।
ଏକା ସକଳ ରୋଗକୁ ବିନାଶେ,
ମର୍ତ୍ତ୍ୟେ ଅମୃତ ସ୍ୱରୂପ ପ୍ରକାଶେ ।
ପ୍ରତଦନ ସେବ ଚ୍ୟବନ ମୁନ,
ବୃଦ୍ଧ କାଳେ ଯୁବା ହେଲେ ତ ପୁଣି ।
ଏଣୁ ଚ୍ୟବନପ୍ରାଶ ବୋଲାଇଲା,
ଜରାଜୀର୍ଣ୍ଣ ଦେହେ ଶକତ ଦେଲା ।
କାଶ, ଶ୍ୱାସ, ଯକ୍ଷ୍ମା, କ୍ଷୟାଦି ଜ୍ୱର,
ଏହା ଖାଇଲେ ପଳାଏ ସତ୍ୱର ।
ଦେହ-ଦୁର୍ବଳ ଲୋକର ଏ ବନ୍ଧୁ,
ତରେ ଏଥିରେ ରୋଗୀ ରୋଗ-ସିନ୍ଧୁ ।

GPNanda Colln., Digitized by srujanika@gmail.com

ଧୈର୍ଯ୍ୟ ସହିତ ଏହା ପ୍ରସ୍ତବନ,
ସେବା କରିବ ସ୍ମରି ଭଗବାନ।

ଶିଳାଜତ୍ୱାଦି ଲୌହ

ଶୁଦ୍ଧ ଶିଳାଜତୁ, ସ୍ୱର୍ଣ୍ଣମାକ୍ଷିକ,
ଯଷ୍ଟିମଧୁ ସଙ୍ଗେ ତ୍ରିକଟୁ ଯୋଖ।
ପ୍ରତି ଦରବ ତୋଳାଏ ତୁଳିବ,
ସାତ ତୋଳା ଯେ ମଣ୍ଡୁରକୁ ନେବ।
ଜଳେ ମରଦ୍ଧ ମାଷା ଦୁଇ ରତି,
ଦୁଇ ତୋଳା କଞ୍ଚା ଦୁଧରେ ଖାଅ।
ପାନ କଲେ ରୋଗୀ ଏହା ଦ'ବେଳା
ଶିବ ନାମ ଭଜ ଏକା ଖଟରିଲା।
ଯକ୍ଷ୍ମାରୋଗରେ ରକତ ପଡ଼ିବା,
ବନ୍ଦ କରାଇ ବୃଦ୍ଧି କରେ ଆୟୁ।
ଏହା ଯକ୍ଷ୍ମା, କ୍ଷୟରୋଗ ବିନାଶେ,
ରୋଗୀ ଦେହରେ ନୂଆ ବଳ ଆସେ।
ଶିଳାଜତ୍ୱାଦି ଲୌହ ବଡେ ନାମ
ନାମ ଶୁଣିଲେ ଭୟ କରେ ଯମ।

କ୍ଷୟ-କେଶରୀ

ଶୁଣ୍ଠୀ, ପିପ୍ପଳୀ, ମରିଚ, ହରଡ଼ା,
ଏଳାଇଚ, ଜାଇଫଳ, ବାହାଡ଼ା।
କୋଳ ଅଁଳା, ଲବଙ୍ଗ ପ୍ରତ୍ୟେକ,
ଏକ ତୋଳା ତୁଳ ଓଜନେ ରଖ।
ରସସିନ୍ଦୂର, ଲୌହଭସ୍ମ ଦୁଇ-
ତୋଳା ଅଧେ ଲେଖେଁ ପ୍ରତ୍ୟେକୁଁ ତୁଳି।

GPNanda Colln., Digitized by srujanika@gmail.com

ସବୁ ଦରବ ପକାଇ ଖଲରେ,
ଧୀରେ ମରଦ୍ଦିବ ଛେଳି ଦୁଧରେ ।
ଦୁଇ ରତି ମାପ୍ରା ବଟିକା କରି,
ମଧୁ ମସାକେ .ଖାଅ ଦୁଇ ଓଳି ।
ଏହା କ୍ଷୟକାସ, ଯକ୍ଷ୍ମାକୁ ମାରେ,
ଯେବେ ସେବିବ ରୋଗ ଆରମ୍ଭରେ ।

ମୃଗାଙ୍କ ବଟିକା

ଶୁଦ୍ଧ ପାରଦ, ଗନ୍ଧକ, ତ୍ରିଫଳା,
ଅଭ୍ର-ଲୌହଭସ୍ମ, ସହସ୍ରମରା ।
ମସ୍ୱପହସ୍ତ, ଅଭ୍ର-ଲୌହଭସ୍ମ,
ଅଭାବରେ ଶତପୁଟ ବିଧାନ ।
ଶୁଣ୍ଠୀ, ପିପ୍ପଳୀ, ଟାଙ୍ଗଣାର ଖଇ,
ମାଳତୀପୁଷ୍ପ, ମରିଚ ଯେ ଗୁଇଁ* ।
ଲକ୍ଷା', ତାଳିଶପତ୍ର, ପିପ୍ପଳୀ,
ପ୍ରତି ଦରବ ତୋଳେ ଲେଖେଁ ତୁଳ ।
ସବୁ ମସଲ ଚୂର୍ଣ୍ଣ କରି ନେବ,
ସିଝା ବାସଙ୍ଗଜଳରେ ଖଲିବ ।
ଦୁଇ ରତି ମାପ୍ରା ବଟୀ ପକାଇ,
ରଖି ଦେବ ଯେ ଛାଇରେ ଶୁଖାଇ ।
ନାଲି କଇଁମୂଳ ରସ ଦି'ତୋଳା,
ସଙ୍ଗେ ଖାଇବ ଏହା ଦୁଇ ବେଳା ।
କମ୍ବା ଦୁଇ ତୋଳା ବାସଙ୍ଗଛେଲି,
ଦେଇ ଅଧ ସେର ଚହ୍ଲାଁରେ ବାରି ।

---

*ଗୁଇ—ଗୁଇଁକାଠ ।

GPNanda Colln., Digitized by srujanika@gmail.com

ପେଷି କରଣ ଆଠ ତୋଳା ଶେଷେ,
ରଖି ବଟୀ ଗୋଳ ଖାଅ ହରଷେ ।
ଯଜ୍ଞଡ଼ୁମର ଗଛରେର କାଟି,
ତହେଁ ରଖିବ ନେଇ ପାଣ ଗୋଟି ।
ତେରୁ ଝୁରିବା ରସ ଗ୍ରହି ତୋଳା,
ସଙ୍ଗେ ଗୋଳାଇ ପିଇବ ଦୁ'ବେଳା ।
ଏହା କାସ, ଶ୍ୱାସ, ରକତବାନ୍ତ,
ଭ୍ରମ ବେଦନା ପର୍ଶ୍ୱଶୂଳ ଖଣ୍ଡ ।
କ୍ଷୟକାସ, ଯକ୍ଷ୍ମା, ଅରୁଚ, ଜ୍ୱର,
ମେହ, ଦାହ, ଭ୍ରମ ନାଶେ ସତ୍ୱର ।
ଏକ ମସା ପିପ୍ପଳୀ ଚୂର୍ଣ୍ଣ ସଙ୍ଗେ,
ମଧୁ ଚାର ଟୋପା ଗୋଳାଇ ବେଗେ ।
ବଟୀ ସେବନ କରି ଦେଲେ କାମ,
ରୋଗୀଦେହରୁ ହୁଅଇ ବନାଶ ।
ନାମ 'ମୃଗାଙ୍କ ବଟିକା' ଏହାର,
ରକ୍ତପିତ୍ତ ମୁଣ୍ଡେ ବଏ ପାହାର ।

କାଞ୍ଚନାଭ୍ର ରସ

ସ୍ୱର୍ଣ୍ଣ, ମୁକୁତା, ପ୍ରବାଳ ଯେ ଅଭ୍ର,
ଲୌହ, ରୌପ୍ୟ ଭସ୍ମ ଦେବ ନଶ୍ଚନ୍ଦ୍ର ।
ମୃଗନାଭି, ହରିତା, ମନଃଶିଳା,
ରସସିନ୍ଦୂର ଏମ ଭାଗେ ସାର ।
ଦୁଇ ଅଣା ମାତ୍ରାରେ ପ୍ରତି ଦ୍ରବ୍ୟ,
ଭୁଳ ଖଲରେ ପକାଇବ ଦେବ ।

GPNanda Colln., Digitized by srujanika@gmail.com

ଜଳେ ଘୋଟିଣ ବଟିକା ପକାଅ,
ଦୁଇ ରତିରେ ମାତ୍ରା କରି ଥୁଅ ।
ଅଦା ରସ ଦୁଇ ତୋଳା ମିଶାଏ,
ମଧୁ ଗୋଳାଇ ସେବିବ ନିର୍ଦ୍ଦେଶେ ।
ଅବା ବାସଙ୍ଗପତ୍ର ରସ ଦୁଇ
ତୋଳା ଗୋଳାଇ ବଟୀ ଦେବ ନେଇ ।
ରୋଗବଳ ଦେଖି ସେ ଅନୁପାନ,
ଔଷଧର କରିବ ବିଧାନ ।
ଏହା ଯକ୍ଷ୍ମା, କାସ, କ୍ଷୟ ନାଶଇ,
ଗୁଣ ଏହାର ଦେଖିଅଛି ମୁହିଁ ।

ବୃହତ୍ କାଞ୍ଚନାଭ୍ର ରସ

ସ୍ୱର୍ଣ୍ଣ, ମୁକୁତା, ଅଭ୍ର, ଲୌହ, ବଙ୍ଗ,
ତାମ, ପ୍ରବାଳ, ବୈକ୍ରାନ୍ତ ସଂଯୋଗ ।
ରୌପ୍ୟ ଏମାନଙ୍କ ଭସ୍ମ ବିଶୁଦ୍ଧ,
ମୃଗନାଭି. ଜାଇପତ୍ରୀ ବିଶଦ ।
ରସସିନ୍ଦୂର, ଲବଙ୍ଗ ସଙ୍ଗରେ,
ଏଳବାଳୁକୁ ସମସ୍ତ ଭାଗରେ ।
ଶୁଦ୍ଧ ଆଣିବ, କରି ସବୁ ଚୂର୍ଣ୍ଣ,
ଖଲେ ପକାଇ ଦେବ ସେ ବନ୍ଧନ ।
ଘିଅକୁଆଁରି ରସ, ଛେଳିଦୁଧ,
କେଶଦ୍ରୁଦୁରା ରସରେ ମରଦ ।
ତିନ ଦିନ ତିନ ରସରେ ଘୋଟି,
ଦୁଇ ରତି ମାତ୍ରା କରିବ ବଟୀ ।

GPNanda Colln., Digitized by srujanika@gmail.com

ଦୋଷ ବଳାବଳ ଦେଖି ରୋଗୀର,
ଅନୁପାନ ଦିଏ ବୈଦ୍ୟ ଚତୁର ।
ଏହା ସେବିଲେ ରାଜଯକ୍ଷ୍ମା କ୍ଷୟ,
ଉରଃକ୍ଷତ ରୋଗ ନାଶେ ନିଶ୍ଚୟ ।
ବହୁ ଦିନ ଧରି କର ସେବନ,
ପ୍ରଭୁ ନାମ ସ୍ମରି ନୋହି ବିଷର୍ଣ୍ଣ ।
ତିନି ବରଷ ହୋଇଲେ ଅତୀତ,
ଯକ୍ଷ୍ମା, ଯକ୍ଷ୍ମକାସ ହୁଅଇ ହତ ।
ତିନି ବରଷ ଯାଏ ଅମ୍ଳ ଭକ୍ଷ୍ୟ,
ଫେଡ଼ କମ୍ବଳ ନ କର ସନ୍ଦେହ ।
ନାରୀ-ଅଙ୍ଗବାସ, କ୍ରୋଧ, ରୋଦନ,
ନ କରିବ ଏହା କରି ସେବନ ।
ବଡ଼ କାଞ୍ଚନ ଅଭ୍ର ରସ ଏହି,
କରି ପରୀକ୍ଷା ଫଳ ଅଛୁ ପାଇ ।

ବୃହଚ୍ଚନ୍ଦ୍ରାମୃତ ରସ

ପାରା, ଗନ୍ଧକ, ଲୌହ ପ୍ରତ୍ୟେକରୁ,
ତୋଳେ ତୋଳେ ଲିଅ ଆଣ ଆଦ୍ୟରୁ ।
ଅଭ୍ରଭସ୍ମ ଲିଅ ତୋଳା ତୁଳିବ,
ଅର୍ଦ୍ଧ ତୋଳା · ତହିଁ କର୍ପୂର ଦେବ ।
ସୁନା-ତମ୍ବାର ଭସ୍ମ ଦୁଇ ତୋଳା,
ବୃଦ୍ଧଦାରକ, ଛତୁଆସି, ଜୀରା,
ଲବଙ୍ଗକଣାରୁ ଯେ ,ତାଳମାଖନା,
ବାଡ଼ଅଁଳା, ଶାଳ ଶ୍ୱେତ ଝୁଣା ।

GPNanda Colln., Digitized by srujanika@gmail.com

ବାଇଡ଼ଙ୍ଗ ମଞ୍ଜି ସେ ଗରଗଡ଼,
ଜାଇଫଳ, ଜାଇପତ୍ରୀ ଯୋଗାଡ଼ ।
ଗଞ୍ଜାଇର ମଞ୍ଜି, ପକ୍ୱ ଲବଙ୍ଗ,
ପ୍ରତି ଦ୍ରବ୍ୟରୁ ଅଧ ତୋଳା ଯୋଗ ।
ଲୌହଭସ୍ମ ଦୁଇ ତୋଳାରେ ତୁଳ,
ଦ୍ରବ୍ୟ ଶୁଖାଅ ଗୋଟି ଗୋଟି କରି ।
ସବୁ ମସଲ୍ ଚୂର ଯତନରେ,
ମହୁ ସହିତ ଖଲିବ ଖଲରେ ।
ଦୁଇ ରତି ମାତ୍ରା ବଟିକା କର,
ମହୁ, ପିପ୍ପଳୀ ଚୂର୍ଣ୍ଣ ସହ ଗୋଳ ।
ବାର ଟୋପା ମହୁ, ପିପ୍ପଳୀ ଚୂର୍ଣ୍ଣ,
ଏକ ମାତ୍ରା ଗୋଳି କର ସେବନ ।
ସଞ୍ଜ-ସକାଳେ ଖାଇଲେ ପ୍ରତ୍ୟହ,
ରାଜଯକ୍ଷ୍ମା, କାସ, ଶ୍ୱାସ ନବହ ।
ଭଲ ହୁଅଇ କ୍ରମେ କ୍ରମେ ଜାଣ,
ସଦା କରୁଥିବ ଶିବେ ସ୍ମରଣ ।
ବଡ଼ ଚନ୍ଦ୍ରାମୃତ ରସ ନାମରେ,
ପରିଚିତ ଏହା ଧରାଧାମରେ ।
ପାରା, ଗନ୍ଧକ କରିଣ କଜ୍ଜଳୀ,
ଖଲ ମଧ୍ୟରେ ନେଇ ଦେବ ଢାଳ ।

ଛାଗଳାଦ୍ୟ ଘୃତ

ଶୁଦ୍ଧ ଗୁଆଘିଅରୁ ଆଠ ସେର,
ଆଣି ସୁଦୃଢ଼ ହାଣ୍ଡି ମଧ୍ୟେ ଭର ।

GPNanda Colln., Digitized by srujanika@gmail.com

ନପୁଂସକ ଘୃତ ଉତ୍ତମ ମାଂସ,
ଶତେକ ପଳ ଆଣ ଚର୍ବି ନଃଶେଷ ।
ଚଉଷଠି ସେର ଜଳେ ସିଝାଇ,
ଶେଷ ରଖିବ ଷୋଳ ସେର ଥାଇ ।
ଏହି କ୍ୱାଥକୁ ଘୃତରେ ମିଶାବ,
ଛେଳି ବାସଙ୍ଗ ଶତେକ ପଳ ନେବ ।
ସେହି ଛେଳିରେ ଚଉଷଠି ସେର,
ଜଳ ମିଶାଇ ସିଝାଇବ ଖର ।
ମନ୍ଦ ଜାଳରେ ସେସବୁ ମିଶାବ,
ଶେଷେ ଷୋଳ ସେର ମାତ୍ର ରଖିବ ।
ଅଶ୍ୱଗନ୍ଧାରୁ ଆଣି ଶତେକ ପଳ,
ତହିଁ ଚୌଷଠି ସେର ଦେଇ ଜଳ ।
ସିଝାଇବ ତାହା ମନ୍ଦ ଅଗ୍ନିରେ,
ରହେ ଷୋଳ ସେର ଯେଉଁ ପ୍ରକାରେ ।
ଜଳ ମରିଗଲେ ଘୃତକୁ ଛାଣି,
ଢାଳି ଦେବ ନେଇ ପାତ୍ରରେ ପୁଣି ।
ଘୃତେ ଛେଳିଦୁଧ ଯେ ଆଠ ସେର,
ଜଳ ବତିଶ ସେରେ ପାକ କର ।
ଜଳ ମରିଗଲେ ଦିଅ ଚପୁଡ଼,
ଛେନା ମଇଳ ନେଇଯିବ କାଢ଼ି ।
ତହିଁ ପରେ ଘୃତେ କଳକ ଦ୍ରବ୍ୟ,
ଦେଇ ବିଧିମତେ ପାକ କରିବ ।
ଅଷ୍ଟବର୍ଗ ଅଶ୍ୱତ୍ଥ ଅଶ୍ୱଗନ୍ଧା,
ତେରମାନ୍ତୁ ମୂଳ, ଗୁଳୁଚ ସିଧା ।

GPNanda Colln., Digitized by srujanika@gmail.com

ଭୂଇଁକଖାରୁ ସେ ବାଡ଼ଅଇଁଳା,
ବଜ୍ରମୂଳୀ ସଙ୍ଗେ କ୍ଷୀରକାଙ୍କୋଲ ।
ଛଞ୍ଚୁଆଗ୍ର, କାକୋଳିର ଅଗ୍ରବେ,
ଦେଇ ଔଷଧ କରିବ ଶୁଭେ ।
ବେଲ, ଗମ୍ଭାରୀ, ଫାଙ୍ଗଣା, ପାଟେଳି,
ଅଗବଥୁ ଗଣ୍ଠମୂଳର ଛେଲି ।
ଝାଳଶିକ, ଏଳାଇଚକୁ ଧରି,
ନାଗେଶ୍ୱର ଆଉ ତେଜପତର ।
ଛତ୍ରୁଆଗ୍ର ସେ ତ୍ରିକଟୁ, ତ୍ରିଫଳା,
ଯାଠିମଧୁ, ଭୂଇଁକଖାରୁ ଧଳା ।
ବାଲଶିମୁଳୀ ମୂଳ, ମୋଥା ବଚ,
ଶଙ୍ଖପୁଷ୍ପୀ ମୂଳ, ମେଥି ସୁସଞ୍ଚ,
ଚାକମୂଳୀ ସେ ସାଲମ ମିଶିରି,
ବାଇଡଙ୍ଗ ମଞ୍ଜି, ଜୁଆଣି, ଖୁରି,
କଳାଜୀର ସଙ୍ଗଳେ ଷ୍ଟଇଁକାଠ,
ବଡ଼ ଗୁଜୁରାଟ, ଖଇର କାଠ ।
ବ୍ରହ୍ମଜଟିଆ ମୂଳ ପ୍ରତ୍ୟେକର,
ଦୁଇ ତୋଳାରେ ଆଣିବ ସୁଗୁରୁ ।
ଦେଇ ଜଳ ଶିଳେ ବାଟି ହାତରେ,
ସବୁ ମସଲା ଗୋଲାଅ ଘୃତରେ ।
ଜଳ ବତିଶ ସେର ଦେଇ ଘୃତେ,
ମନ୍ଦ ଅଗ୍ନିରେ ବସାଇ ଭୁଞ୍ଜନ୍ତେ ।
ଜଳ ମାରି ନେଇ ଘୃତକୁ ଛାଣି,
ଭାଣ୍ଡେ ରଖିବ ଯତ୍ନେ ସେହିକ୍ଷଣି ।

GPNanda Colln., Digitized by srujanika@gmail.com

ଘୃତ ଜାଳିଲେ ଟେଃ ମାଏ ଅଗ୍ନିରେ,
ଶବ୍ଦ ନ ହେଲେ ଘୃତୁଁ ଜଳ ମରେ ।
ଏହା ସେବବ ମିଶ୍ରକ ଓଜନ,
ଛଷ୍ଟ ଦୁଧ ଚିନି ସଙ୍ଗତେ ଜାଣ ।
ସୁର ତୋଳା ଛଷ୍ଟ ଦୁଧରେ ଚିନ,
ଗୋଳ ଅଧ ତୋଳା ପ୍ରଭୁଙ୍କୁ ଗୁଣି ।
ଝମେ ଅଧ ତୋଳା ମାଃଷା କଣଣ,
ଶୁଷ୍ଠ ଚିତ୍ରରେ ଖାଅ ପ୍ରତିଦିନ ।
ଏହା ଖାଇଲେ ଯାଏ ରାଜଯକ୍ଷ୍ମା,
ଉରଃକ୍ଷତ, ସ୍ୱଜକାସ ଗାରମା ।
ରୋଗୀ ସବଳ ହୁଅଇ ସତେଜ,
ଦେହେ ବଢ଼ଇ କାନ୍ତି-ବୀର୍ଯ୍ୟ-ଓଜ ।
ଡାକବଜା ଏ ଅଟଇ ଔଷଧ,
'ଗ୍ରୁଚଳାଦ୍ୟ ଘୃତ' ନାମ ପ୍ରସିଦ୍ଧ ।

ଚନ୍ଦନାଦ୍ୟ ତୈଳ

ଶୁଦ୍ଧ ତିଳ ତୈଳ ଗୁଣ ସେରକେ,
ଦଶ୍ଚଳ ଷୋଳ ସେର ବଧିରେ ।
ମାଣ ନେଇଣ ରଖିବଟି ତେଲ,
ଲାଖ ଦୁଇ ସେର ଓଜନେ ଧର ।
ବାନ୍ଧି କନାରେ ଲାଖକୁ ସନ୍ତନେ,
ଷୋଳ ସେର ଜଳେ ସିଝାଅ ଧନେ ।
ରଖି ଗୁଣ ସେଠ ନଳ ଶେଷରେ,
ଲାଖଜଳକୁ ମାଣବ ତେଲରେ ।

GPNanda Colln., Digitized by srujanika@gmail.com

ଏହା ପରେ କଲ୍କ ଦରବ ଦେଇ,
ତେଲ ପାକ କର ନିଶ୍ଚିନ୍ତ ହୋଇ ।
ରକ୍ତଚନ୍ଦନ, କୁରୁବେଲ, କୁଡ଼,
ବ୍ରହ୍ମଯଷ୍ଟିଆ, ପଦ୍ମନଖୀ କାଠ ।
ପଦ୍ମକାଠ ଯେ ମଞ୍ଜିଷ୍ଠା, ଶୈଳଜ,
ଦେବଦାରୁ ସରଳ କାଠ ତେଜ ।
ଗନ୍ଧଶୁଣ୍ଠି, ଶାଳଆପର୍ଣ୍ଣୀ କୋଷ୍ଠ,
ଏଲାଇଚ, ମୁଥା ଯେ ଶିଳା ରସ ।
ନାଗେଶ୍ୱର ପୁଣି ତେଜପତ୍ର,
ମୃଗମାଂସୀ ତହିଁ ଅନନ୍ତମୂଳ ।
ଦାରୁହଳଦୀ, ପ୍ରିୟଙ୍ଗୁ, କଙ୍କୋଳ,
ସୁଆଁଲଇ, ହଳଦୀ, ସୁନମଲି ।
ଲତାକସ୍ତୂରୀ, ଲବଙ୍ଗ, ଅଗରୁ,
ଡାଳଚିନି ଗ୍ରେପା, କୁଙ୍କୁମ ଗୁରୁ,
ତହିଁ ସଙ୍ଗତେ ରେଣୁକ, ବାଲୁକା,
ପ୍ରତି ଦ୍ରବ୍ୟରୁ ଦୁଇ ତୋଳା ଲେଖା ।
ଆଣି ଶିଳରେ ବାଟି ଯତ୍ନ କରି,
ତେଲେ ପକାଇ ଦେବ ଜଳ ଭରି ।
ଷୋଳ ସେର ଜଳ ଦେଇ ତେଲରେ,
ପାକ କରିନେବ ମନ୍ଦ ଜାଳରେ ।
ପାକ ସିଦ୍ଧ ହେଲେ ତଇଲ ଗୁଣି,
କାଚ ବୋତଲ ମଧ୍ୟେ ଭରି ଆଣି ।
ତୈଳବିନ୍ଦୁ ପକାଇଲେ ଅଗ୍ନିରେ,
ଶବ୍ଦ ନ ହୋଇ ଜଳିଲେ ବଧିରେ ।

GPNanda Colln., Digitized by srujanika@gmail.com

ଜାଣ ତୈଳକୁଁ ସବୁ ମଙ୍ଗଳ ଜଳ,
ଏହା ଆନନ୍ଦେ କର ବ୍ୟବହାର ।
ତୈଳ ସମସ୍ତ ଅଙ୍ଗେ ଧୀରେ ଧୀରେ,
ମରଦନ କର ସଞ୍ଜ-ସକାଳେ ।
ରାଜଯକ୍ଷ୍ମା, କ୍ଷତ, କ୍ଷୟାଦ୍ଧ, କାସ,
ଅପସ୍ମାର ରୋଗ କରଇ ନାଶ ।

ଅଜାପଞ୍ଚକ ଘୃତ

ଛେଳିଘୃତ ଗୁଣ ସେର ଓଜନେ,
ମୂର୍ଚ୍ଛା କରିନେବ ଦ୍ରୁତ ବିଧାନେ ।
ଛେଳିଲଣ୍ଡିର ରସ ଗୁଣ ସେର,
ଘୃତେ ଦେଇ ପାକ କର ସତ୍ୱର ।
ଛାଗମୂତ୍ର ଗୁଣ ସେର ମିଶାଇ,
ପାକ କରିବ ବୈଦ୍ୟ ବସି ରଙ୍ଗେ ।
ଗୁଣ ସେର ନେଳଦନ୍ତ ସହିତ,
ଷୋଳ ସେର ଜଳ ଦେଇଣ ଘୃତ ।
ପୁଣି ପାକ କର ମନ୍ଦ ଜଳେର,
ଜଳ ମରି ଗଲେ ଓହ୍ଲାଇ ତଳେ ।
ଘୃତ ଗୁଣି ପାତ୍ର ମଧ୍ୟରେ ରଖି,
ଗୁଣ ସେର ଛେଳିଦୁଧ ନରେଖି ।
ଘୃତେ ଦେଇ ତନ୍ନି ଷୋହଳ ସେର,
ଜଳ ଜାଳ ଘୃତ ସୁସିଦ୍ଧ କର ।
ସାତ ଦିନ ପରେ ଘୃତଭାଣ୍ଡରେ,
ରସ, ମସ, ଦୁଧ ଦେବ ହାତରେ ।

GPNanda Colln., Digitized by srujanika@gmail.com

ଦେବା ପୂର୍ବରୁ ଘୃତ ଦେଖି ଛାଣି,
ପାତ୍ରେ ରଖିବ ଶିବ ନାମ ଗୁଣି ।
ଘୃତ ପକାଇଲେ ଚଡ଼ନିଆଁରେ,
ଜଳ ମରିଲା ଶବଦ ନ ହେଲେ ।
ପାକ ସିଦ୍ଧ ହେଲେ ଘୃତକୁ ଛାଣି,
ଏକ ସେର ଯବକ୍ଷାରର କଣି ।
ଘୃତେ ଗୋଳାଇ ରଖିବ ଶିଶିରେ,
ବୃଦ୍ଧ ଅଣା ମାତ୍ରା ଉଷ୍ଣ ଦୁଧରେ ।
ଚିନି ପକାଇ ପାନ ଯେ କରିବ,
ରାଜଯକ୍ଷ୍ମା, କାସରୋଗ ମରିବ ।
ବୃଦ୍ଧ ତୋଳା ଉଷ୍ଣ ଦୁଧରେ ଚିନି,
ତୋଳ ଅଧ ତୋଳା ପ୍ରଭୁଙ୍କୁ ଗୁଣି ।
'ଅଜା-ପଞ୍ଚକ' ଏ ଘୃତର ଗୁଣ,
ରଖିଥାଅ ମନେ ପାଠକଗଣ ।

ଦ୍ରାକ୍ଷାରିଷ୍ଟ

ନଅ ସେର ପାଏ ଦ୍ରାକ୍ଷାକୁ ତୁଳ,
ଶତେ ଅଠାଇଶ ସେର ସୁମାରି ।
ଜଳେ ସିଝାଇବ ମନ୍ଦ ଜାଳରେ,
ଶେଷ ରଖିବ ବତିଶ ସେରରେ ।
ଏଥି ଚଉଶ ସେର ଭଲ ଗୁଡ଼,
ଗୋଳ ଦେଇ ଜଳ କରିବ ଗାଢ଼ ।
ସବୁ ଜଳକୁ ରଖିବ ଭାଣ୍ଡରେ,
ତହିଁ ମସଲା ଚୂର୍ଣ୍ଣ ଗୋଳ ଧୀରେ ।

GPNanda Colln., Digitized by srujanika@gmail.com

ଗୁଡ଼ତ୍ୱକ, ତେଜପତ୍ର, ମରିଚ,
ନାଗେଶ୍ୱର, ପ୍ରିୟଙ୍ଗୁ, ଏଲାଇଚ ।
ଭଲ ବଡ଼ଙ୍ଗ, ପିପ୍ପଳୀ ପ୍ରତ୍ୟେକ,
ପଲେ ପଲେ ଆଣି ସଜାଡ଼ି ରଖ ।
ଖଦଖଦଡ଼ିଆ ଚୂର୍ଣ୍ଣ ମସଲ,
ଘଟେଣ୍ଡ୍ର ଗୋଳାଅ ନ ରଖି ଶୁଖିଲ ।
ଘଣ୍ଡ୍ରମୁଖକୁ ଭଲରୂପେ ଢାଙ୍କି,
ମାଟି ଲେପ ଦେଇ ରଖ ସଳଖି ।
ମୁଖ ଖୋଲିବ ଏକ ମାସ ପରେ,
ଜଳ ଛାଣି ଦେଇ ରଖ ପାତ୍ରରେ ।
ଦୁଇ ତୋଳା ମାତ୍ରା କର ସେବନ ।
କ୍ରମେ ବଢ଼ାଇ ଚାରି ତୋଳା ଯେନ ।
ଏହା ସେବିଲେ ଉରଃକ୍ଷତ, କାଶ,
ଯକ୍ଷ୍ମା, ଶ୍ୱାସ, କ୍ଷୟ ହୁଏ ବିନାଶ ।

ମୁଷ୍ଟିଯୋଗ

ଯକ୍ଷ୍ମାରୋଗେ ଯଦି ଛାତିରେ ବ୍ୟଥା,
କୁକୁଡ଼ାର ମାଂସ ବାଟି ସର୍ବଥା ।
ଲେପ ଦେଲେ ବ୍ୟଥା ଦୂର ହୁଅଇ,
ଏହା କେତେ ବେଳେ ବ୍ୟର୍ଥ ନୁହଇ ।
କଅଁଳିଆ ଜଡ଼ାପତ୍ରକୁ ଚିରି,
ଘୃତେ ଭଜ ଏକ ମସାରେ ଭୁଲ ।
ମସେ ମସେ ଖିଅ ମହୁ ସଙ୍ଗରେ,
ସେବା କଲେ ଯକ୍ଷ୍ମା, କାସକୁ ମାରେ ।

GPNanda Colln., Digitized by srujanika@gmail.com

ଟଙ୍କୀଉଳା କଞ୍ଚା ଫଳରସ
ଦୁଇ ତୋଳା ସେବ ପ୍ରତି ଦିବସ ।
ପାଣ୍ଡୁରୋଗକୁ ଏହୁ ନାଶ କରେ,
କିଛି ଦିନ ଯାଏ ଖାଅ କ୍ରମରେ ।
ପୁରାତନ ଘୃତ ତୋଳାଟିକ ନେଇ,
ଦୁଇ ତୋଳା ତାରପିନ ମିଶାଇ ।
ଫେଣ୍ଟି ଧୀରେ କଲେ ବୁକେ ମାଲିସ,
ନାଶ ହୁଏ ଧରିଥିଲେ ପାରୁଶ ।
ଯଷ୍ଟିମଧୁ, ରକ୍ତଚନ୍ଦନ ଦୁଇ—
ମମା ଲେଖାଏଁ ଶୀତଳ ବାଟି ଦେଇ ।
ଅଧପାଏ ଦୁଧ ସଙ୍ଗେ ସକାଳେ,
ସେବା କଲେ ରକ୍ତ ପଡ଼ିବା ହରେ ।
ପୋକଶଙ୍ଘା ରସ ପିଇଲେ ନିତ୍ୟ,
ଦୁଇ ତୋଳାରେ ବନ୍ଦ ହୁଏ ରକ୍ତ ।
ଆୟାପାନ ପତ୍ର ରସ ଖାଇଲେ,
ରକ୍ତ ପଡ଼ିବା ନାଶଇ ଅଚିରେ ।

ପଥ୍ୟ

ପୁରାତନ ଚାଉଳ, ଯବଧାନ,
ମୁଗ, ଗହମ, ଷାଠିକାର ଧାନ ।
ବୁଟ, ମସୁର, କାଙ୍କଡ଼, କଦଳୀ,
ବାଇଗଣ, ଗୋଲଆଳୁ, ସପୁରି ।
ଟକ୍ଵ ନଡ଼ିଆ ରସ ଯେ ପଟୋଳ,
କଦଳୀର ଭଣ୍ଡା ଖଜୁରୀ ଫଳ ।

GPNanda Colln., Digitized by srujanika@gmail.com

ଚନ୍ଦ୍ରମୂଳ ଯେ ସଜନାର ଚୁଇଁ,
ନେବ୍ ଆମ୍ବ, ଜାମ୍ବ, ମଞ୍ଜାକୁ ନେଇ ।
ମରୁଭୂମି-ପଶୁପକ୍ଷୀର ମାଂସ,
ଛେଳିଦୁଧ, ଦହି, ଘୃତ, ଗୋରସ ।
ମାଂସ ଖାଇବା ଜୀବ ମାଂସ-ଝୋଳ,
ଛେଳି ମାଂସ ରସ ଅତି କୋମଳ ।
କଷିମିଷି, ସେଉ, ଅଙ୍ଗୁର କୋଳି,
ମିଠା କମଳା, ବେଦାନା, ମିଶିରି ।
ରୋଗ ବଳାବଳ ଦେଖି ସୁପଥ୍ୟ,
ଦେବ ରୋଗୀକୁ ଯେ ବୈଦ୍ୟ ପଣ୍ଡିତ ।
ଯକ୍ଷ୍ମାରୋଗ ଶେଷ ହେଲା ଏଠାରେ,
ଶ୍ରୀ ବାଲୁକେଶ କହେ ଗୀତରେ ।

କାସରୋଗ ଚିକିତ୍ସା

ଲକ୍ଷଣ

କାସରୋଗର ଚିକିତ୍ସା-ପ୍ରଣାଳୀ,
ଶୁଣ ସ୍ୱଜନେ ମନ ସ୍ଥିର କରି ।
କାସି କାସି କଫ ନ ଛୁଟେ, ସ୍ୱର-
ଭଙ୍ଗ ହୁଏ, ଶୁଖେ ମୁଖଚନ୍ଦ୍ରର ।
ଛାତି ପିଟିରେ ବେଦନା ହୁଅଇ,
ମୁଣ୍ଡ ଭିତର ବନ୍ଧି ହୋଇଥାଇ ।
ଦେହ ଅବଶ, ଜ୍ୱର, ଦାହ, ମୋହ,
ମୁଣ୍ଡା କଫ ପଡ଼ଇ ଅହରହ ।

GPNanda Colln., Digitized by srujanika@gmail.com

ମୁଖ ଦିଶଇ ଫେଣ ଫେଣାକାର,
ଅନ୍ନେ ଅରୁଚି, ମୁଖର ବିକାର ।
କାସ୍ ରୋଗ ରହିଲେ ବେଶୀ ଦିନ,
କ୍ଷୟକାସ ସେ ହୁଅଇ ଉତ୍ପନ୍ନ ।
ଯକ୍ଷ୍ମାରୋଗର ଲକ୍ଷଣ ସମସ୍ତ,
କ୍ଷୟ କାସରେ ଜନମଇ ନିତ୍ୟ ।

ବାୟୁଜ କାସ-ଚିକିତ୍ସା

କାସରୋଗର ସୁଚିକିତ୍ସା ଶୁଣ,
ଯେଉଁ ପ୍ରକାରେ ହୋଇଛି ବଖାଣ ।
ବେଲ, ଗମ୍ଭାରୀ, ଫମ୍ପଣା, ପାଟେଳି,
ଡାହ୍ମା ସଙ୍ଗରେ ଅଗବଥୁ ମେଳି ।
ଛଅ ଅଣା ଦୁଇ ରତି ପ୍ରତ୍ୟେକ,
ଅଧସେର ଜଳେ ସିଦ୍ଧ ସେତକ ।
ମନ୍ଦ ମନ୍ଦ ବହ୍ନିରେ ଜାଳ ଦେଇ,
ରଖ ଶେଷେ ଆଠ ତୋ'ଳା ହେବ ଯାଇ ।
ତହିଁ ପିପ୍ପଳୀ ଚୂର୍ଣ୍ଣ ଏକ ମସା,
ମହୁ ଦି'ମସା ଗୋଳାଇ ସତ୍ୱରା ।
ସେବା କଲେ ବାୟୁଜ କାସ୍ ଦୂର,
ହୁଏ ଏଥିରେ ସନ୍ଦେହ ନ କର ।
ଗଜଶୁଣ୍ଠୀ, ପିପ୍ପଳୀ, ଦୁରାଳଭା,
ବ୍ରହ୍ମଝାଟିଆ ସଙ୍ଗେ ମୁଥା ନେବା ।
ଶୃଙ୍ଗୀକକଡ଼ା ପ୍ରତ୍ୟେକୁ ଦି'ଭରି,
ସୂକ୍ଷ୍ମ ଚୂର୍ଣ୍ଣ କର ବଭ୍ରୁ ସୁମରି ।

GPNanda Colln., Digitized by srujanika@gmail.com

ଏହି ଚୂର୍ଣ୍ଣ ଦୁଇ ମସା ମାତ୍ରାରେ,
ଗୁଡ଼ ପୂର୍ଣ୍ଣ ଖଲ ଅଧ ତୋଳେ ।
ନିତ୍ୟ ସେବନେ ବଢ଼ିବା ଘଣ୍ଟିକା,
କଫ, ଖୁଁଗୁଁ କାଶ ନ ଦେବ ଦେଖା ।
ହଟିଯାଏ ବାୟୁ କୁପିତ କାଶ,
ଏଥି ସଂଶୟ ନାହିଁ ଜାଣ ଲେଶ ।
ଶୁଣ୍ଠୀ, ଦୁରାଲଭା, କକଡ଼ାଶୃଙ୍ଗୀ,
ଦ୍ରାକ୍ଷା, ଗନ୍ଧଶୁଣ୍ଠୀ, ଚିନି ସଂଯୋଗି ।
ପ୍ରତି ମସଲ ତୋଳାଏ ଚୂର୍ଣ୍ଣ,
ଦୁଇ ମସା ମଧୁ ମଧ୍ୟେ କେ ଦେବ ।
ଏହା ସେବନେ ବାୟୁଜାତ କାଶ,
ଅଳ୍ପ ଦିନରେ ହୁଅଇ ବିନାଶ ।
ଦ୍ରାକ୍ଷା, ପିପ୍ପଳୀ, ବ୍ରାହ୍ମଣଯଷ୍ଟିଆ,
ଗନ୍ଧଶୁଣ୍ଠୀ, କକଡ଼ାଶୃଙ୍ଗୀ ନୂଆ ।
ଶୁଣ୍ଠୀ ମିଶାଇ ଏହି ଷଡ଼ ଦ୍ରବ୍ୟ,
ପ୍ରତ୍ୟେକରୁ ଦୁଇ ତୋଳା ଆଣିବ ।
ଚୂର୍ଣ୍ଣ କରି ତହୁଁ ଦୁଇ ମସାରେ,
ନିମ୍ନ ଅନୁପାନେ ଖାଅ ସକଳେ ।
ଅଧ ତୋଳେ ପୁରୁଣା ଗୁଡ଼େ ତୋଳ,
ଅବା ଦ' ମସା ସଂଷଂପଠଇଲ ।
ଏହା ବାତଜ କାସକୁ ନାଶଇ,
ବଡ଼ ବଇଦମାନେ ଛନ୍ତି କହି ।

GPNanda Colln., Digitized by srujanika@gmail.com

ପିତ୍ତଜ କାସ-ଚିକିତ୍ସା

ପିତ୍ତଜନିତ କାସର ଆଦ୍ୟରେ,
ତନ୍ତୁଡ଼ିର ଚୂର୍ଣ୍ଣ ଦୁଇ ମସାରେ ।
ଦୁଇ ମସା ମଧୁ ଝୋଲରେ ଗୋଳି,
ଚାଟି ଖାଇବ ଜନେ ଦୁଇ ଓଳି ।
ଏଥା ସରଳ କରି ଦିଏ ଝାଡ଼ା,
ପିତ୍ତ ସମ୍ଭୂତ ଯାଏ ଥୋଡ଼ା ଥୋଡ଼ା ।

ଅଙ୍କଶାନ୍ତ, ଲଟାବେଁ କୋଳି ଗଛ-
ଛେଲି, ବାସଙ୍ଗ, କସିମିସି ସ୍ୱଚ୍ଛ ।
ଗନ୍ଧଶୁଣ୍ଠୀ, କୁରୁବେଲ, ପିପ୍ପଳୀ,
ଶୁଣ୍ଠୀ, ପ୍ରତ୍ୟେକୁ ଦୁଇ ମସା ତୁଳି ।
ଦରଛେଚି କରି ଶିଳେ ବଟଣ-,
ଚୋଳା ଜଳରେ ସିଦ୍ଧ କରି ଶେଷ ।
ଆଠ ତୋଳା ମାତ୍ର ଜଳ ରଖିଣ,
ମଧୁ, ଚିନି ପ୍ରକ୍ଷେପରେ ଖାଇବ ।
ମସେ ମଧୁ, ମସେ ଚିନି ଗୋଳିବ,
ପିତ୍ତକୁପିତ କାସକୁ ନାଶିବ ।

ବାଡ଼ଅଁଳା ଲଟାବେଁ କୋଳି,
ଅଙ୍କଶାନ୍ତ, ବାସଙ୍ଗ ଗଛ ଛେଲି ।
ଦ୍ରାକ୍ଷା ପ୍ରତ୍ୟେକୁ ଛଅଣା ଓ'ରତି,
ଅଧ ସେର ଜଳେ ସିଝାଅ କୁଟି ।
ଶେଷେ ଆଠ ତୋଳା ରଖି ଥଣ୍ଡାରେ,
ଖାଅ ମସେ ମସେ ମଧୁ ଚିନିରେ ।

GPNanda Colln., Digitized by srujanika@gmail.com

ଏହା ନାଶିବ ପିତ୍ତଜାତ କାସ,
ମୁଣ୍ଡ-ଭ୍ରମ ହୋଇବ ବିନାଶ ।

କଫଜ କାସ-ଚିକିତ୍ସା

କଫଜାତ କାସ ରୋଗୀ ଦେହରେ,
ବଳ ଥିଲେ ବାନ୍ତି କରାଅ ଧୀରେ ।
ମୂଳା, କୋଳଥ ପ୍ରତି ଏକ ତୋଳା,
ଅଧ ସେର ଜଳେ ସିଝାଇ ଖାଉ ।
ଶେଷେ ଆଠ ତୋଳା ରଖିଣ ଜଳ,
ତହିଁ ଗୁଡ ଦେଇ ସେ ଯବକ୍ଷାର ।
ପିପ୍ପଳୀର ଚୂର୍ଣ୍ଣ ଗୋଳାଇ ମଧୁ,
ପାନ କରିଲେ କଫ-କାସ ନାଶେ ।

ବଣପିପ୍ପଳୀର ମୂଳ, ପିପଳୀ,
ଶୁଣ୍ଠି କାଠ, ଚିତାମୂଳକୁ ଭୁଞ୍ଜ ।
ଶୁଣ୍ଠି ପ୍ରତ୍ୟେକୁ ଛଅଣା ଓ'ଜନ,
ପାଏ ଦୁଧ, ସେରେ ଜଳରେ ଦିଅ ।
ପାକ କରିବ ମନ୍ଦ ଜାଳ ଦେଇ,
ଶେଷେ ଦୁଧ ରଖି ଆଣ ଓହ୍ଲାଇ ।
ଥଣ୍ଡା ହେଲେ ସତ୍ କନାରେ ଛାଣି,
ପାନ କରିବ ଶିବ ନାମ ଘେନି ।
କଫ, କାସ, ଶ୍ୱାସ, ଜ୍ୱର ଯେତେ,
ନାଶ ହୁଅଇ କହନ୍ତି ସନ୍ତେ ।

GPNanda Colln., Digitized by srujanika@gmail.com

ନଃଫଳ, ନୂଆ ଗୁହ୍ମଙ୍ଖାନ୍ତିଆ,
ଚମ୍ପା, କୁଡ଼, ଶୁଣ୍ଠୀ, ଟିପ୍ପଳୀ ମୁଥା ।
ପ୍ରତି ଦରବ ଛଅଣା ଦ'ରତି,
ଅଧ ସେର ଜଳେ ସିଝାଅ କୁଟି ।
ସିଦ୍ଧ କରିବ ମଧ ଜାଳ ଦେଇ,
କାଢ଼ି ଆଣିବ ଆଠ ତୋଳା ଥାଇ ।
ଏହି କ୍ୱାଥକୁ ଛାଣି ଯେ ପିଇବ,
କଫଜାତ କାସ ଭଲ ହୋଇବ ।

ବେଲ, ଚମ୍ପାଟ, ଫାମ୍ପଣା, ପାଟେଳୀ,
ଅଗବଥୁ ଗଛ ମୂଳର ଛେଲ ।
ଶାଲପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଗୋକ୍ଷୁରା,
ଅଙ୍କରାନ୍ତ, ଲଃବେଁଢୋଳ ସାଗୁ ।
ପ୍ରତି ଦ୍ରବ୍ୟ ଛଅ ଅଣା ଦ'ରତି,
ତୋଳା ବତିଶ ଜଳ ଦେଇ ତଥି ।
ସିଦ୍ଧ କରି ଶେଷ ଆଠ ତୋଳାରେ,
ରଖି ଛାଣିବ ଶୁକ୍ଳ କନାରେ ।
ଏହି କ୍ୱାଥରେ ପିପ୍ପଳୀର ଚୂର୍ଣ୍ଣ,
ଏକ ମସା ଦେଇ କରିବ ପାନ ।
ପାର୍ଶ୍ୱବେଦନା, କଫ, ଶ୍ୱାସ, କାସ,
ଏହି ପାଚନ କରିଦିଏ ନାଶ ।

କ୍ଷତଜ କାସ-ଚିକିତ୍ସା

ଆଖୁ, ଅଣ୍ଟେଅମୂଳ, ମୃଣାଳ,
ପଦୁକାଠ, ଦ୍ରାକ୍ଷା, କମଳଫୁଲ ।

GPNanda Colln., Digitized by srujanika@gmail.com

ଶ୍ୱେତଚନ୍ଦନ, ଯଷ୍ଟିମଧୁ, ଦ୍ରାକ୍ଷା,
ଶୃଙ୍ଗୀ କକଡ଼ା, ଛତୁଆରି, ଲାକ୍ଷା ।
ତକ୍ୱ ପିମ୍ପଳୀ ପ୍ରତି ଏକ ତୋଳା,
ବଂଶଲୋଚନା ଦୁଇ ତୋଳା ସାର ।
ତୋଳା ଷାଠିଏ ଯେ ବିଶୁଦ୍ଧ ଚିନି,
ଦେଇ ଚୂରିବ ଶିବ ନାମ ଗୁଣି ।
ଦୁଇ ମସା ମାତ୍ରା ଅଟେ ଚୂର୍ଣ୍ଣର,
ରୋଗୀ-ବଳ ଦେଖି ଆରୋପ କର ।
ଗାଈଘିଅ ଦୁଇ ମସାରେ ମହୁ-
ଏକ ମସାରେ ଗୋଳି ଖାଏ ଯେହୁ ।
ତାର କ୍ଷତକାସ କରେ ବିନାଶ,
ରକ୍ତ ଝଡ଼ିବା ରୋଗ ହୁଏ ଧ୍ୱଂସ ।

କ୍ଷୟଜ କାସ-ଚିକିତ୍ସା

ଅର୍ଜୁନ ଗଛମୂଳର ଛେଲି,
ସୂକ୍ଷ୍ମ ଚୂର୍ଣ୍ଣ କରି ପଥରେ ଭରି ।
ଗୋଳ ବାସଙ୍ଗପତ୍ରର ରସରେ,
ସାତ ଥର ଶୁଖାଇବ ଖରାରେ ।
ଏହି ଚୂର୍ଣ୍ଣ ଦୁଇ ମସା ମାତ୍ରାରେ,
ଘୃତ, ମିଶିରି, ମହୁ ସହିତରେ ।
ଗୋଳି ଗୁଣ୍ଡିଖାଅ ପ୍ରତି ଦିବସ,
ନାଶ ହେବ ନିଶ୍ଚେ କ୍ଷୟଜ କାସ ।
ଘୃତ ମିଶିରି ମହୁ ପ୍ରତି ଦ୍ରବ୍ୟ,
ଏକ ମସାରେ ଚୂର୍ଣ୍ଣ ଗୋଳିଦେବ ।

GPNanda Colln., Digitized by srujanika@gmail.com

ଏହା ନାଶଇ ରକ୍ତବାନ୍ତି ପୁଣି,
ରକ୍ତପିତ୍ତ ରୋଗର ହୁଏ ହାନି ।

ମରିଚ୍ୟାଦ୍ୟ ଚୂର୍ଣ୍ଣ

ଦୁଇ ତୋଳା ଗୋଲମରିଚ ଭଲ,
ଏକ ତୋଳା ପିପ୍ପଳୀ କର ମେଳ ।
ଆଠ ତୋଳା ଡାଳିମ୍ବମଞ୍ଜି ନିଅ ।
ଯବକ୍ଷାର ଏକ ତୋଳା ମିଶାଅ ।
ସବୁ ମସଲା ଚୂର୍ଣ୍ଣ କର ନେଇ,
ଷୋଳ ତୋଳା ପୁରୁଣା ଗୁଡ଼ ଦେଇ ।
ଯତ୍ନେ ରଖ ପରିଷ୍କାର ପାତ୍ରରେ,
ତାହା ଖାଅ ଦୁଇ ମସା ମାତ୍ରାରେ ।
ବାୟୁ-ପିତ୍ତ-କଫଜନିତ କାସ,
ହୁଏ ମୂଳରୁ ନିଶ୍ଚୟ ବିନାଶ ।

ବୃହତ୍ତାଳୀଶାଦ୍ୟ ଚୂର୍ଣ୍ଣ

ଭଲ ତାଳିଶପତ୍ର ଗୁଜୁରାଟ,
ଶୁଣ୍ଠି, ପିପ୍ପଳି, ମରିଚ ସଙ୍ଗତ,
ବଂଶଲୋଚନା ସେ କକଡ଼ାଶୃଙ୍ଗୀ,
ଶୁଷ୍କ ଶ୍ଳେପା ପକ୍ୱ ବାହାଡ଼ା ଭାଙ୍ଗି ।
ପ୍ରତି ମସଲା ଏକ ତୋଳା ଚୂର,
ଦୁଇ ମସା ମାତ୍ରା ମହୁରେ ଗୋଳି ।
ଷ୍ଟୂଟି ଖାଇଲେ ଏହା ଦୁଇ ଓଳି,
କଫ, କାସ, ଶ୍ୱାସ ଯାଏ ମଉଳି ।

GPNanda Colln., Digitized by srujanika@gmail.com

ତାଳୀଶାଦ୍ୟ ଚୂର୍ଣ୍ଣ

ଭଲ ତାଳୀଶପତ୍ର ତୋଳା ଏକ,
ଦୁଇ ତୋଳା ମରିଚ ତହିଁ ରଖ ।
ଶୁଣ୍ଠୀ ତିନ ତୋଳା ପିପ୍ପଳୀ ଚୁଆ,
ଚାରି ତୋଳା, ବଂଶଲୋଚନା ନୂଆ ।
ପାଞ୍ଚ ତୋଳା, ଗୁଡ଼ତ୍ୱକ, ଏଲାଚ,
ଅଧ ଅଧ ତୋଳେ ଉଭୟ ବାଛ ।
ସବୁ ମସଲା ଚୂରି ଯତନରେ,
ଚିନି ବତିଶ ତୋଳା ତା' ସଙ୍ଗରେ ।
ଦେଇ ଚୂରିବ ଶିଳ ମଧ୍ୟେ ରଖି,
ଦୁଇ ମସା ମାସା ତହିଁ ପରଖି ।
ମଧୁ ଢ଼'ମସା ସେବ ଦୁଇ ବେଳା,
କାସରୋଗର ବୁଡ଼ିଯିବ ଭେଳା ।
ଏହା ଖାଇ ସଙ୍ଗେ ସଙ୍ଗେ ଫଳ,
ବୈଦ୍ୟ ଲଭଇ ସୁଯଶ ଅପାର ।

ପଞ୍ଚାମୃତ ରସ

ଶୁଦ୍ଧ ପାରଦ ଏକ ତୋଳା ଆଣି,
ଦୁଇ ତୋଳା ଗନ୍ଧକ ଦେଇ ପୁଣି ।
ଖଲ ଖଲରେ କରିବ କଜ୍ଜଳୀ,
ତାମ୍ରଭସ୍ମରୁ ଦୁଇ ତୋଳା ଭୁଳ ।
ଦଶ ତୋଳା ଆଣ ଗୋଲମରିଚ,
ଅଭ୍ରଭସ୍ମ ଚାରି ତୋଳା ସୁସଞ୍ଚ ।
ଶୁଦ୍ଧ ମହୁରା ଏକ ତୋଳା ଦେଇ,
ଲେମ୍ବୁରସରେ ମର୍ଦ୍ଦବ ନେଇ ।

GPNanda Colln., Digitized by srujanika@gmail.com

ତନ ଦନ ଯାଏ ଝଲିବ ଖଲେ,
ବଳ ପ୍ରମାଣ ବଟୀ କର ଧୀରେ ।
ବାହାଡ଼ାର ରେଷୃପା ଗୁଣ୍ଡ ମସାକେ,
ମହୁ ଦଶ ଟୋପାରେ ସେବ ମୁଖେ ।
ଏହା ବାତଜାତ କାସେ ପ୍ରସିଦ୍ଧ,
ଅନ୍ୟ କାସକୁ କରାଏ ଦଗଧ ।

ଚନ୍ଦ୍ରାମୃତ ବଟୀ

ପାରା, ଗନ୍ଧକ କଜ୍ଜଳୀ ହ'ତୋଳା
ଲୌହ ଏକ ତୋଳା ତହିଁରେ ମିଳା ।
ସ୍ୱର୍ଣ ତୋଳା ଦେବ ଟାଙ୍କଣା ଝଇ,
ଦୁଇ ତୋଳା ସେ ମରିଚ ମିଶାଇ ।
ଶୁଣ୍ଠୀ, ପିପ୍ପଳୀ, ମରିଚ, ହରଡ଼ା,
ଷ୍ଟଇଁଚାଠ ସେ ଅଏଁଳା, ବାହାଡ଼ା ।
ଜୀରା, ଧନଆଁ, ସଇନ୍ଧବ ଲୁଣ,
ପ୍ରତି ଦ୍ରବ୍ୟ ଅଧ ତୋଳା ଓଜନ ।
ସବୁ ମସଲାକୁ ଚୂର୍ଣ ଯତନେ,
ଛେଳିଦୁଧରେ ଘୋଟି ଏକ ମନେ ।
ଦୁଇ ରତି ମାତ୍ରା ବଟିକା କରି,
ଦୁଇ ତୋଳା ଅଦାରସରେ ଗୋଳ ।
କମ୍ବା ଦୁଇ ତୋଳା ଛେଳିଦୁଧରେ,
ଅବା ପିପଳୀର ଚୂର୍ଣ୍ଣ ମହୁରେ ।
ପାନ କଲେ ରୋଗି ସନ୍ଧ୍ୟା-ସକାଳେ ।
ସବୁ ପ୍ରକାର କାସ-ଶ୍ୱାସ ହରେ ।

GPNanda Colln., Digitized by srujanika@gmail.com

ମଧୁ, ପିପ୍‌ପଳୀ ଚୂର୍ଣ୍ଣ ସମମାଣ,
ମନେ ନେଖାଁଏ ଦେଉଥିବ ଜାଣ ।
ଏହି ବଟିକା କାସେ ଗ୍ରାମବଣ,
ବ୍ୟର୍ଥ ନୁହଇ ନଏ ରେଗ-ପ୍ରାଣ ।
ଯାକ ରଖିଲେ କଣ୍ଠୀ ମୁଖ ମଧ୍ୟ,
କଫ ତରଳ ଛଡ଼ଇ ଅବାଧେ ।

କାସକୁଠାର

ଶୁଦ୍ଧ ହିଙ୍ଗୁଳ, ମରିଚ, ଟଙ୍କଣ,
ଶୁଣ୍ଠୀ, ପିପ୍ପଳୀ. ସମସ୍ତକୁ ଘୋଷ ।
ଟାଙ୍ଗଣାର ଖଇ ପ୍ରତି ସମାନ,
ଏକ ସ୍ଥାନରେ ଭୁଳ ଆଣ ଭଲ ।
ଅଦାରସରେ ମର୍ଦ୍ଦିବ ଯତନେ,
ଦ୍ୱିଇ ରତି ମାତ୍ରା କର ଯତନେ ।
ଦୁଇ ତୋଳା ଅଦାରସ ସହିତ,
ମଧେ ପିପ୍ପଳୀ ଚୂର୍ଣ୍ଣ ରୋଗୀ ନିତ୍ୟ ।
ତାହା ସହିତ ଗୋଳାଇ ବଟିକା,
ରୋଗୀ ପାନ କଲେ ଢ'ଟେ-ଳା ଏକା ।
ସର୍ବପ୍ରକାର କାସ ହୁଏ ହତ,
ଶିରତ୍ରତରେ ପୁଣି ଏ ଅମୃତ ।
'କାସ-କୁଠାର' ନାମ ଅଟି ବଟି,
ସବୁ କାସକୁ ଛେଦନ କରଇ ।

ଶୃଙ୍ଗାରାଭ୍ର

— ଅଭ୍ରଭସ୍ମ ଷୋଳ ତୋଳାରେ ଭୁଳି,
ଜାଇପତ୍ରୀ, କର୍ପୂର, କୁନ୍ଦ୍ରୁବେଲ ।

GPNanda Colln., Digitized by srujanika@gmail.com

ଗଜପିପ୍ପଳୀ ମଞ୍ଜି, ତେଜପତ୍ର,
ଜଟାମାଂସୀ, କୁଡ଼, ତାଳୀଶପତ୍ର।
ଡାଳଚିନି, ନାଗେଶ୍ୱର, ଲବଙ୍ଗ,
ଧାଇଫୁଲ ପ୍ରତି ମସଲ ଯୋଗ ।
କରିଦେବ ଅଧ ତୋଳାଏ କରି,
ତାହା ପରେ ପୁଣି ଆଣ ଆହରି।
ଶୁଣ୍ଠୀ, ପିପ୍ପଳୀ, ମରିଚ, ହରଡ଼ା,
ଶୁଷ୍କ ପାଚିଲ ଅଁଳା, ବାହାଡ଼ା ।
ପ୍ରତି ଦ୍ରବ୍ୟରୁ ଦଶ ଅଣା ତୁଳ,
ଏଳାଇଚ, ଜାଇଫଳ ଧ'ର ।
ଶୁଦ୍ଧ* ଗନ୍ଧକ ଏକ ତୋଳା ନେଇ,
ଅଧ ତୋଳା ପାରା ଦେବ ମିଶାଇ ।
ପାରା, ଗନ୍ଧକ କରିଣ କଜ୍ଜଳି,
ସର୍ବ ମସଲ ଚୂର ଧୂଳି ପରି ।
ଖଟଲ ପକାଇ ସମସ୍ତ ଦରବ,
ଜଳ ଦେଇଣ ଯତନେ ଘୋଟିବ।
ଦୁଇ ରତି ମାତ୍ରା ଦୁଇ ଭରି,
ଅଦା-ପାନ ରସେ ଦେବ ଧ'ଉଳ।
ଅଉଷଧ ସେବି କ୍ଷଣକ ପରେ,
ଉଷ୍ଣ ଜଳ ପିଅ ତୋଷେ ହସ୍ତରେ।
ଏହା ନାଶଇ ଯକ୍ଷ୍ମା, ଶ୍ୱାସ, କାସ,
କ୍ଷୀଣ ରୋଗୀ ଦେହେ ଦିଏ ଆୟୁଷ ।

---

* ଏଠାରେ ପାତାଳଯନ୍ତ୍ରରେ ଶୋଧିତ ଗନ୍ଧକ ଗ୍ରହଣୀୟ ।

GPNanda Colln., Digitized by srujanika@gmail.com

ବାନ୍ତି, ଶୂଳ, ଅମ୍ଳପିତ୍ତ ଜନିତ,
ରକ୍ତପିତ୍ତ, ଦାହାଦ୍ଧ, ଜୀର୍ଣ୍ଣଜ୍ୱର ।
ଅଗ୍ନିମାନ୍ଦ୍ୟ, ଅରୁଚି, ମୂତ୍ରବ୍ୟଥା,
ସବୁ ରୋଗରେ କରିବ ବ୍ୟବସ୍ଥା ।
ଅନୁପାନ ଭେଦେ ସକଳ ରୋଗ,
ନାଶ ହୁଅଇ ବହୁ କାଳ ରୋଗ ।
ଏହା ସେବିଲେ କ୍ଷୀଣ ଶୁକ୍ର ବଢେ,
ଦେହେ ଲାବଣ୍ୟ ରୂପକୁ ସଜାଡ଼େ ।
ଧୈର୍ଯ୍ୟ ଧରି କିଛି ଦିନ ଖାଇଲେ,
ନବ ଯୁବତୀଏ ରମନ୍ତି ଭଲେ ।
'ଶୃଙ୍ଗାରାଭ୍ର' ନାମ ଅଟେ ଏହାର,
ସାଧାରଣରେ ହୋଇଛି ପ୍ରଚୁର ।

କଫକେତୁ

ଟାଙ୍ଗଣାର ଖଇ, ପିପ୍‌ପଳୀଚୂର୍ଣ୍ଣ,
ଶଙ୍ଖଭସ୍ମ, ଶୁଦ୍ଧ ମହୁରା ଘେନ ।
ପ୍ରତ୍ୟେକରୁ ଏକ ତୋଳାରେ ତୁଳ,
ଅଦାରସରେ ତିନି ଦିନ ଗୋଳ ।
ଖଲେ ମରଦ ମାତ୍ରା ଏକ ରତି,
ବଟୀ କରିବ ଶିବେ କରି ସ୍ତୁତି ।
ଅଦାରସ ଦ'ତୋଳା, ମହୁ ମଧ୍ୟେ,
ଗୋଳି ଖାଇବ ଦ'ବେଳା ହରଷେ ।
ଏଥି କାସ, ପୀନସ, ପାର୍ଶ୍ୱପୀଡ଼ା,
ଜ୍ୱର ଚଳାକ୍ତ ହୋଇଣ ବାଉଳା ।

GPNanda Colln., Digitized by srujanika@gmail.com

ରସେନ୍ଦ୍ର କଫକେତୁ

ଲୌହ, ତାମ୍ର ଯେ ମୟୂରଗିରିଆ,
ଅଭ୍ର, ଏହାଙ୍କ ଭସ୍ମ ଅର୍ଦ୍ଧଆ ।
ଜାଇଫଳ ଯେ ଲବଙ୍ଗ, ଖଇର,
ଗୋଲମରିଚ ତୋଳେ ଲେ-ଖାଁ ତୁଲ ।
ଆଠ ତୋଳା ଯେ ଧୂତ୍ତୁରର ଫଳ—
ଭସ୍ମ ଗୋଳାଇ ଦେବ ସୁନର୍ମଳ ।
ସବୁ ଦ୍ରବ୍ୟ ମର୍ଦ୍ଦି ପନରସରେ,
ଦୁଇ ରତି ମାତ୍ରା କର ହର୍ଷରେ ।
ଦୁଇ ତୋଳା ପାନ ରସ ମିଶାଏ,
ମଧୁ ଗୋଳାଇ ସେବଲେ ନିର୍ଭୟେ ।
ଧୁଇ ଔଳ କାସ ଯାଏ ପଳାଇ,
ସବୁ ପ୍ରକାର କାସ ହରେ ଏହି ।
ଏହା ଜ୍ୱର, ଶୂଳ, କଫ, ପୀନସ,
କ୍ଷୟ, ଅଗ୍ନିମାନ୍ଦ୍ୟ କରେ ବିନାଶ ।
କଫପ୍ରଧାନ ଯେତେ ରୋଗ ଅଛି,
ସବୁଥିରେ ଦେବ ଶାସ୍ତ୍ରେ କହୁଛି ।

ଶଶିପ୍ରଭା ବଟିକା

ଯାଷ୍ଟିମଧୁ ଯେ ଅଫିମ, କର୍ପୂର,
ଚେରକୋଳ ଶଶ ପ୍ରତ୍ୟେକୁଁ ତୁଲ ।
ଏକ ତୋଳାରେ ମରିଚ ଜଳରେ,
ମର୍ଦ୍ଦ ବାନ୍ଧି ନେବ ଦୁଇ ରତିରେ ।

GPNanda Colln., Digitized by srujanika@gmail.com

ଦୁଇ ମସା ମହୁ କମ୍ବା ଦ’ତୋଳା
ଜଳେ ସେବନ୍ତେ ଏହା ଦୁଇ ବେଳା ।
କାସ, ଉଦ୍‌ବେଗ ନାଶଇ ଚଞ୍ଚଳ,
ଶାସ୍ତ୍ରେ କହୁଛନ୍ତି ଋଷି-ପ୍ରବର ।

କାମଲକ୍ଷ୍ମୀ ବିଳାସ

ବଙ୍ଗ, ଅଭ୍ର, ଲୌହ, ତାମ୍ର ଯେ କଂସ,
ଏମାନଙ୍କ ଭସ୍ମ ନେବ ସରସ ।
ପାରି, ମନଃଶିଳା ଯେ ହରିତାଳ,
ଭସ୍ମ ଖପର ନେକକୁ ଧର ।
ପ୍ରତି ଦ୍ରବ୍ୟରୁ ତୋଳେ ତୋଳେ ଆଣି,
କେଶଦୁଦୁରି ରସେ ଖଳ ପୁଣି ।
ଦୁଇ ତୋଳା କୋଳଥ ଅଧ ସେର-,
ଜଳେ ସିଝାଇ ରଖିବ ନୀରର ।
ଆଠ ତୋଳା ସେହି କ୍ୱାଥେ ମର୍ଦ୍ଦ,
ଯତ୍ନେ ରଖ ତିନି ଦିନ ସମ୍ବାଦ ।
ଏଳାଇଚ, ଜାଇଫଳ, ଲବଙ୍ଗ,
ଜୀରା, ଜଇଆଣି, ଟତଜପତ ଯୋଗ ।
ଶୁଣ୍ଠୀ, ମରିଚ, ପିପ୍ପଳୀ, ତ୍ରିଫଳା,
ଗୁଡ଼ୁଚିକ, ତଗରପାଦ ସାରି ।
କଂଶଚଳଚନା ପ୍ରତ୍ୟେକ ଦରବ,
ଷୋଳ ଅଣାରେ ଓଜନ କରିବ ।
ସବୁ ମସଲ ସୂକ୍ଷ୍ମ ଚୂର୍ଣ୍ଣ କରି,
ଖଲ ମଧ୍ୟରେ ଦେବ ନେଇ ଭରି ।

GPNanda Colln., Digitized by srujanika@gmail.com

କେଶରୁଦୁଗ୍ଧ ରସେ କୋଳଥର-,
କ୍ୱାଥେ ପୁଣି ମର୍ଦ୍ଦିବାର ପ୍ରହର ।
ଚଣା ପ୍ରମାଣେ ବଟିକା କରିବ,
ଏହା ଶୀତଳ ଜଳରେ ସେବିବ ।
କାସ, ଶ୍ୱାସ, ପାଣ୍ଡୁ, ଜ୍ୱର, ଦୌର୍ବଲ୍ୟ,
କଫ, ଯକ୍ଷ୍ମାରୋଗେ ଅଟେ ଏ ଭଲ ।

ବସନ୍ତତିଳକ ରସ

ଶୁଦ୍ଧ ସୁବର୍ଣ୍ଣ ଭସ୍ମ ଏକ ଭରି,
ଦୁଇ ତୋଳା ଅଭ୍ରଭସ୍ମକୁ ତୁଳ ।
ଲୌହଭସ୍ମ ତୁଳିବ ତୋଳା ତିନ,
ପାରା-ଗନ୍ଧକ ଆଠ ତୋଳା ଆଣି ।
ପାରା, ଗନ୍ଧକ କଜ୍ଜଳୀ କରିଣ,
ସେହି ଅଉଷଧେ କର ମିଳନ ।
ବଙ୍ଗ ଦୁଇ ତୋଳା, ମୁକ୍ତା-ପ୍ରବାଳ-,
ଭସ୍ମ ଆଠ ତୋଳା ଯତନେ ତୁଳ ।
ସବୁ ଦ୍ରବ୍ୟକୁ ପକାଇ ଖଲରେ,
ଆଖୁ, ବାସଙ୍ଗ, ଗୋକ୍ଷୁର ରସରେ ।
ପିଣ୍ଡ କରିବ ମର୍ଦ୍ଦି ତିନ ଦିନ,
କୋଇ ଭିତରେ ରଖିବ ବନ୍ଦନ ।
ହାଣ୍ଡି ଭିତରେ ବସାଇଣ କୋଇ,
ତଳ ଉପରେ ବାଲି ଦିଅ ନେଇ ।
ଚୂଲି ଉପରେ ହାଣ୍ଡିକୁ ବସାଇ,
ବାର-ଘଣ୍ଟି ଅଗ୍ନି ଦେବ ଜଳାଇ ।

GPNanda Colln., Digitized by srujanika@gmail.com

ବାର ଘଣ୍ଟା କାଳ କରିବ ପାକ,
ତାହା ପରେ ହାଣ୍ଡି ଓହ୍ଲାଇ ରଖ ।
ଥଣ୍ଡା ହୋଇବ ବାଲି ଯେତେ ବେଳେ
ଟେକାଇ ବାହାର କରିବ ସେକାଳେ ।
ଅଭ୍ରଷଧକୁ ପକାଇ ଖଲରେ,
ଗୁରୁ ତୋଳା ମୃଗନାଭି ତହିଁରେ ।
ପୁଣି ଗୁରୁ ତୋଳା ଶୁଦ୍ଧ କର୍ପୂର,
ତାହା ସଙ୍ଗରେ ନେଇ ଯୋଗ କର ;
ଜଳ ଦେଇଣ ଖଲ୍ବ ଭଲରେ,
ଦୁଇ ରତି ମାସା କର ହାତରେ ।
ମଧୁ, ପିପ୍ପଳୀ ଚୂର୍ଣ୍ଣ ମସାକରେ,
ଚୋଳ ସେବିଲେ ସକାଳ-ସଞ୍ଜରେ ।
କାଶ, କ୍ଷୟ, ରାଜଯକ୍ଷ୍ମା, ଶ୍ବାସ,
ଭଲ ହୁଅଇ, କଫର ବିନାଶ ।
ବଳ ବଢ଼ାଏ ଜରାଜୀର୍ଣ୍ଣ ଦେହେ,
ଗୁଣ କରଇ ଏ ପୁଷ୍ଟି ପ୍ରମେହେ ।
କ୍ଷୀଣ କ୍ଷୁଧାର ଏ ପରମ ବନ୍ଧୁ,
ଦେହେ ବଢ଼ାଏ ନିତ୍ୟ ରକ୍ତବିନ୍ଦୁ ।
'ରସ ବସନ୍ତତିଳକ' ଏହାର,
ନାମ ହୋଇଛି ଶାସ୍ତ୍ରରେ ପ୍ରଚୁର ।

ବ୍ୟାଘ୍ରୀ ହରିତକୀ

ମୂଳ, ଡାଙ୍ଗ, ପୁଷ୍ପ, ପତ୍ର ସହିତ,
ଫଳ ପଚଶ ଅକ୍ରାନ୍ତ ଆଣ ତ ।

GPNanda Colln., Digitized by srujanika@gmail.com

ପୁଣି ଆଣି ପଚଣଟି ହରଡ଼ା,
ଶୁକ୍ଳ ଜଳରେ ବାନ୍ଧ ଯତନ୍ତେ ପୁଡ଼ା ।
ଅଙ୍କରାନ୍ତ, ହଟ୍ଟଡ଼ା ପାଞ୍ଚେ ଭର,
ଜଳ ଚଉଁଟରେ ଦିଅ ଷୋଳ ସେର ।
ତାହା ସିଦ୍ଧ କରିବ ମନ୍ଦ ଜାଳେ,
ରଖ ଶେଷ ଚାରି ସେର ନର୍ମଳେ ।
ସେହି କ୍ୱାଥ ଛାଣି ସରୁ କନାରେ,
ପଳ ପଚଶ ଗୁଡ଼ ଗୋଳ ଖରେ ।
କରି ହରଡ଼ାରୁ ମଞ୍ଜି ବାହାର,
ସେହି ସିଦ୍ଧ ଜଳେ ଦିଅ ସତ୍ୱର ।
ପୁଣି କ୍ୱାଥକୁ ଅଗ୍ନିରେ ବସାଇ,
ଲେହ ସଦୃଶ କର ନିଜେ ଥାଇ ।
ପାକ ଓହ୍ଲାଇ ଦେବ ତାହା ପରେ,
ଚଳ ମସଲା ଗୋଳିବ ଲେହରେ ।
ଶୁଣ୍ଠୀ, ପିପ୍ପଳୀ, ମରିଚ ପ୍ରତ୍ୟେକେ,
ଚାରି ତୋଳାରେ ଚୂରିବ ସମ୍ମୁଖେ ।
ଗୁଡ଼ତ୍ୱକ, ତେଜପତ୍ର, ଏଳାଚ,
ନାଗକେଶର ଦୁଇ ତୋଳା ବାଛ ।
ସବୁ ମସଲା ଚୂର୍ଣ୍ଣ ଲେହ ମଧ୍ୟେ,
ନେଇ ପକାଇବ ମନ ଆନନ୍ଦେ ।
ଶେଷେ ମଧୁ ଦେଢ଼ପଳ ପକାଇ,
ଦେବ ଆପଣା ହାତରେ ଗୋଳାଇ ।
ତହୁଁ ଆବୃତ ଭାଣ୍ଡରେ ରଖିଣ,
ଥଣ୍ଡା ଜଳରେ ଖାଅ ପ୍ରତିଦିନ ।

GPNanda Colln., Digitized by srujanika@gmail.com

ଲେହ ଜ୍ବର ମସା ହରିଡ଼ା ଫାଳେ,
ଦନ୍ତେ ଘେବାଇବ ସଞ୍ଜ-ସକାଳେ ।
ଏହା କାସ, ଶ୍ୱାସ, ଯକ୍ଷ୍ମା, ପୀନସ,
ଭଲ କରିଦିଏ ନ ରଖି ଶେଷ ।
'ବ୍ୟାଘ୍ରୀ ହରିତକୀ' ନାମ ଏହାର,
କାସ, ଶ୍ୱାସ କରୁଥାନ୍ତି ଜହାର ।

କଣ୍ଟକାରୀ ଘୃତ

ଘୃତ ମୂର୍ଚ୍ଛିତ ଆଣି ଜ୍ବର ଟେର,
ଯତ୍ନେ ପାକପାତ୍ରରେ ଛାହା ଭର ।
ଅଙ୍କବାନ୍ତ ରସ ଷୋହଳ ସେର,
ଘୃତେ ମିଶାଇ ଦେଇ ପାକ କର ।
ଜଳ ମରିଗଲେ ଘୃତକୁ ଛାଣି,
ପୁଣି ପାତ୍ରରେ ଭରି ଦେବ ଆଣି ।
ରାସ୍ନା, ବାଡ଼ଅଁଳା, ଶୁଣ୍ଠୀ, ପିପ୍ପଳୀ,
ଗୋଲମରିଚ, ଗୋକ୍ଷୁରକୁ ଧରି ।
ପ୍ରତି ଦରବ ସାଢ଼େ ଦଶ ତୋଳା,
ଶିଳେ ବାଟିଦେବ ଘୃତରେ ଭରା ।
ଷୋଳ ସେର ଜଳ ଦେଇ ତହିଁରେ,
ପାକ କରି ମନ୍ଦ ମନ୍ଦ ଜାଳରେ ।
ପାକ ସିଦ୍ଧ ହେଲେ ଘୃତକୁ ଛାଣି,
ବୋତଲରେ ଭରି ଦିଅ ଢାଙ୍କୁଣି ।
ଜ୍ବର ତୋଳା ଉଷୁ ଗାଈଦୁଧରେ,
ଅଧ ତୋଳା ଚିନି ଗୋଳ ଆଦ୍ୟରେ ।

GPNanda Colln., Digitized by srujanika@gmail.com

ଦୁଇ ମସା ଘୃତ ତହିଁ ଗୋଳାଇ,
ସଞ୍ଜ-ସକାଳେ ସେବ ଶିବେ ଧାୟି ।
ଏହା ବିନାଶେ କାସ, କଫ, ଜ୍ୱର,
ଦେହେ ବଢ଼ାଏ ବିଶେଷରେ ବଳ ।

ବାସାଚନ୍ଦନାଦ୍ୟ ତୈଳ

ତିଳ ତେଲ ଆଣିବ ଷୋଳ ସେରେ,
ମୂର୍ଚ୍ଛା କରିବ ଶାସ୍ତ୍ରବିଧାନରେ ।
ବାସଙ୍ଗର ଛେଲି ଯେ ବାର ସେର-
ଅଧେ ତୂଳ ଆଣି ହାଣ୍ଡିରେ ଭର ।
ଚଉଷଠି ସେର ଜଳେ ସିଝାଇ,
ଶେଷ ରହିବ ଷୋଳ ସେର ଥାଇ ।
ଏହି କ୍ୱାଥକୁ ମାରିବ ତେଲରେ,
ଯତ୍ନେ ଗ୍ରୁଷିଦେବ ସବୁ କନାରେ ।
ଲଖ ଆଠ ସେର ଓଜନେ ତୂଳ,
ଚଉଷଠି ସେର ଜଳରେ ଗୋଳ ।
ସିଦ୍ଧ କରିବ ମନ୍ଦ ଜ ଳ ଦେଇ,
ଷୋଳ ସେର ଜଳ ଯେହ୍ନେ ରହଇ ।
ଲଖ ଜଳକୁ ମାରିବ ତେଲରେ,
ତେଲ ଗ୍ରୁଣିବ ସାନ୍ତ ଦିନ ପରେ ।
ରକ୍ତଚନ୍ଦନ ବ୍ରାହ୍ମଣଯାଠିଆ,
ଅଙ୍କରାନ୍ତ, ନେବ ଗୁଳୁଚ ନୂଆ ।
ବେଲ, ଗମ୍ଭାରି, ପାଟେଳି, ଫାମ୍ପଣା,
ଅଗବଥୁ ଛେଲି କର ଗଣନା ।

GPNanda Colln., Digitized by srujanika@gmail.com

ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଗୋକ୍ଷୁର,
ଅଙ୍କଗନ୍ତ, ଲଟାବେଁ କୋଳ ସାର ।
ପ୍ରତି ଦରବ ଯେ କୋଡ଼ିଏ ପଳ,
ଭୁଜ ନେବ ଯାହା ଥିବ ନିର୍ମଳ ।
ସବୁ ପଦାର୍ଥ ଦର ଛେଚ୍ଚ କରି,
ଚଉଷଠି ସେର ଜଳରେ ଭରି ।
ମନ୍ଦ ମନ୍ଦ ଅଗ୍ନି ଜାଳେ ସିଝାଇ,
ଶେଷେ ଷୋଳ ସେର ଜଳକୁ ଥୋଇ ।
ସେହି ଜଳ ମାର ତେଲ ପାତ୍ରରେ,
ଜଳ ମରିଗଲେ ଛାଣ କନାରେ ।
ପୁଣି ଦଧି ଜଳ ଷୋହଳ ସେର,
ତେଲଘଣ୍ଟରେ ଦେଇ ପାକ କର ।
ଜଳ ମରିଲେ ଘଣ୍ଟକୁ ଓହ୍ଲାଇ,
ସାତ ଦିନ ଯାଏ ରଖ ଘୋଡ଼ାଇ ।
ଆଠ ଧନ ଧନ ରକ୍ତଚନ୍ଦନ,
ଅଶ୍ୱଗନ୍ଧା, ତେଜପତ୍ରକୁ ଆଣ ।
ଏଲାଇଚ, ରେଣୁକ, ପଯାରୁଣୀ,
କୁଡ଼, ଶାଳଆପର୍ଣ୍ଣୀ କୋଷ ଆଣି ।
ଚନ୍ଦ୍ର ସଙ୍ଗତେ ପିପ୍ପଳୀର ମୂଳ,
ରାସ୍ନା, ଶୁଣ୍ଠଭୁକ, ନାଗକେଶର ।
ଅଶ୍ୱଗନ୍ଧା, ଚେରମାତ୍ରି, ମରିଚ,
ଶୁଣ୍ଠୀ, ପିପ୍ପଳୀ, ଗନ୍ଧଶୁଣ୍ଠୀ ବାଛ ।
ଯାଷ୍ଟିମଧୁ, ଦେବଦାରୁ, ଶୈଳଜ,
ବାହାଡ଼ାର ରେପା, ପ୍ରିୟଙ୍ଗ ଦେଜ ।

GPNanda Colln., Digitized by srujanika@gmail.com

ପ୍ରତି ଦ୍ରବ୍ୟରୁ ପଲେ ପଲେ ଆଣି,
ଚୂର୍ ବାଟିବ ଶିଳେ ଦେଇ ପାଣି ।
ଚଉଷଠି ସେର ଜଳେ ଗୋଳାଇ,
ତେଲଘଣ୍ଟେ ନେଇ ଦେବ ମିଳାଇ ।
ଜଳ ମରିଗଲେ ତେଲକୁ ଛାଣି,
ସଫା ମାଟିପାତ୍ରେ କର ଭରଣି ।
ତେଲ ଅଗ୍ନିରେ ନେଇ ପକାଇଲେ,
ଚଡ଼ ଚଡ଼ ନ କରି ଯଦି ଜଳେ ।
କଳ୍କ ମସଲ୍ ବଳିଲେ ହାତରେ,
ହେଲେ ବଳିତା ସଦୃଶ ସରଳେ ।
ତେବେ ଜାଣିବ ତେଲ, ଘୃତ ପାକ,
ସିଦ୍ଧ ହେଲା ବୋଲି ହୁଅ ନଦକ ।
ଏହି ତଇଲ ସମସ୍ତ ଦେହରେ,
ଧୀରେ ମାଲିସ କରନ୍ତୁ ଯେ ନରେ ।
କାସ, ଶ୍ୱାସ, ଯକ୍ଷ୍ମା, କ୍ଷୟରୋଗରୁ,
ଭଲ ହୁଅନ୍ତୁ ତଇଳ ନ ସରୁଁ ।
'ବାସା ଚନ୍ଦନାଦି ତୈଳ' ଏହାର,
ନାମ ବଙ୍ଗେ କରିଛନ୍ତି ପ୍ରଚାର ।

ମୁଷ୍ଟିଯୋଗ

ମିଶ୍ରି ଜଳକୁ ଗରମ କରିଣ,
ତହିଁ ଗୋଳି ଅଳ୍ପ ମରିଚ ଚୂର୍ଣ୍ଣ ।
କଲେ ସେବନ ବାୟୁଜାତ କାସ,
ଅଳ୍ପ ଦିନରେ ହୁଅଇ ବିନାଶ ।

GPNanda Colln., Digitized by srujanika@gmail.com

ଚଣଖଜୁର, ଚନ, କସିମିସି,
ଲଆ, ପିମ୍ପଳୀଚୂର୍ଣ୍ଣ ସବୁ ମିଶି ।
ଅଧ ତୋଳାଏ ମହୁରେ ଗୋଳାଇ,
ପିଉକାସ ସେବିଲେ ନାଶ ଯାଇ ।
ଅଦାରସେ ମହୁ ଦେଇ ଖାଇଲେ,
କଫ, କାସ, ନାଶ କରଇ ଭଲେ ।
ଘୃତ ଗୋଳାଇ ବାହାଡ଼ାର ଫଳ,
ଲେପ ଦେବ ଗୋବର ତା ଉପର ।
ଘଷି ନଆଁରେ ପୋଡ଼ିବ ଯତନେ,
ମଞ୍ଜି ବାହାର କରିବ ନଖନେ ।
ପୋଡ଼ା ଶ୍ଳେପାକୁ ଜାକଣ କଳରେ,
ନ୍ତେପ ଡୋକଲେ କାସରୋଗ ମରେ ।
ବ୍ରହ୍ମଯଷ୍ଟିଆ, ଶୁଣ୍ଠୀ ଯେ ପିପଳୀ,
ଶୃଙ୍ଗୀ କକଡ଼ା ଚୋଳେ ଲେହଂ ଭୁଞ୍ଜ ।
ସୂକ୍ଷ୍ମ ଚୂର୍ଣ୍ଣ କରି ମହୁ ସହିତ,
ଦୁଇ ମସା ମାତ୍ର ସେବିଲେ ହିତ ।
ପାଞ୍ଚ ପ୍ରକାର କାଶକୁ ନାଶଇ,
ଏଥି ସନ୍ଦେହ ନ କରିବ କେହି ।
ହରିତାଳ, ମନଃଶିଳା, ପିପ୍ପଳୀ,
ଶୁଣ୍ଠୀ, ଡାଳଚିନି ସମାନେ ଭୁଞ୍ଜ ।
ଜଳ ଦେଇ ବାଟି ଉତ୍ତମ ରୂପେ,
ପାଟକନାରେ ଲେପ ଦେଇ ଆପେ ।
ତାହା ଖପରେ ଶୁଖାଇ ରଖିବ,
କନା ଶୁଖିଗଲେ ବର୍ତ୍ତୀ କରିବ ।

GPNanda Colln., Digitized by srujanika@gmail.com

ପିକା ସ୍ୱରୂପେ କର ଏହି ବର୍ତ୍ତି,
ମୁଖେ ଧୂଆଁ କର ଖାଇଲେ ନସ୍ତ ।
ସବୁ ପ୍ରକାର କାଶ ଯାଏ ନାଶ,
ରୋଗୀ ହୃଦୟ ହୁଅଇ ଉଲ୍ଲାସ ।
ଗୁଆଡିଅରେ ବାସଙ୍ଗର ଚେର,
ଘୃତ ରନ୍ଧ ଭଜ ଖାଇଲେ ନର ।
କାସ-ରୋଗରୁ ମୁକ୍ତି ଲଭ କରେ,
ଏହା ଖାଇବ ସଞ୍ଜ-ସକାଳରେ ।
ଇନ୍ଦ୍ରମାରିସ ପତ୍ରର ଯେ ରସ,
ଏକ ତୋଳା ଦେଇ ମହୁ ସରସ ।
ପ୍ରତ୍ୟହ ପାନ କଲେ ନିଶ୍ଚୟ,
କାସ ଦେହରୁ ଯାଏ କରି ଭୟ ।
ପୋକଶୁଙ୍ଘାମୂଳ, ଶୁଣ୍ଠିର ଚୂର୍ଣ୍ଣ,
ଏକ ମସା ମାତ୍ରା କଲେ ସେବନ ।
ରୋଗୀ-ମାନସ କରଏ ପ୍ରଫୁଲ୍ଲ,
କାସରୋଗ ମଧ୍ୟ ହୁଅଇ ଭଲ ।
ଏଲାଇଚ, ପିପ୍ପଳୀ ସୂକ୍ଷ୍ମ ଚୂର୍ଣ୍ଣ,
ପ୍ରତି ଦ୍ରବ୍ୟରୁ ଏକ ମସା ଆଣ ।
ମହୁ ମସାକେ ଗୋଳାଇ ଖାଇଲେ,
ସବୁ ପ୍ରକାର କାସ ଯାଏ ଭଲେ ।

ପଥ୍ୟ

ପୁରାତନ ଅନ୍ନ, ଷାଠିଆ ଧାନ,
ଶୁଆଁ, କୋଦୁଅ, ବାଲୁଙ୍ଗା ପ୍ରଧାନ ।

GPNanda Colln., Digitized by srujanika@gmail.com

ମୁଗ, କୋଳଥ, ଶର ସେ ଗହମ,
ମୂଳା ପୋଟଳ କଷି ବାଇଗଣ ।
ଗୋଲଆଳୁ, କାଙ୍କଡ଼, ଅଷାଢ଼ୁଆ,
ସଜନାର ଛୁଇଁ, ଡଣ୍ଡା ସେ ନୂଆ ।
ଛୁଗ ବନ୍ୟ ପଶୁ ମାଂସ କୋମଳ,
ଶ୍ରେଷ୍ଠ ଶ୍ରେଷ୍ଠ ମାଛ କଉ ମାଗୁର ।
ଛେଳି ଦୁଧ, ଘୃତ, ଛେନା ସେ ଦହି,
ପାରା କପୋତର ମାଂସକୁ ବହି ।
ସୁନୁସୁନିଆଁ, କଣ୍ଟାଲେଉଟିଆ,
ଲୁଣିଲୁଣିଆଁ, କୋମଳ ବଥୁଆ ।
ଦ୍ରାକ୍ଷା, କଇଁଚକାକୁଡ଼ିର ପଟ,
ଗାଈଘିଅ, ଦହି, ସଦ୍ୟ ଗୋମୂତ୍ର ।
ଜୀରା, ମରିଚ, ହଳଦୀ, ଧନିଆଁ,
ଟଭା, କାଗେଜି, ପୋସ୍ତଦାନା ନୂଆ ।
ମିଠା କମଳା, ଅଙ୍ଗୁର, ଖଜୁରି,
ଅଦା ପୁରୁଣା ଘିଅ ସେ ସପୁରି ।
କାସରୋଗରେ ଏହି ସବୁ ପଥ୍ୟ,
ଆଣି ରୋଗୀକୁ ଦିଅ ବିଧିମତ ।
କାସରୋଗ ଚକଡ଼ା ଏହିଠାରେ,
ଶେଷ ହୋଇଲା ପ୍ରଭୁଙ୍କ କୃପାରେ ।
ବିପ୍ରକୁଳଜାତ ମୂର୍ଖ ଅଧମ,
ଗୁରୁପାଦ ପଦ୍ମେ କରେ ପ୍ରଣାମ ।

———

GPNanda Colln., Digitized by srujanika@gmail.com

ହିକ୍କା-ଶ୍ୱାସ ଚିକିତ୍ସା

ଲକ୍ଷଣ

(ରାଗ—କାଳୀ)

ହିକ୍କା ଶ୍ୱାସ ରୋଗ-ବିନାଶ
ଚିକିତ୍ସା ବିଧି ଏବେ,
ଲେଖୁଛୁ ମୁହିଁ ଦେଖିଛୁ ଯାହା
ନୟନେ ଠାବେ ଠାବେ ।
ଉଦାନ ବାୟୁ ହୋଇ କୁପିତ
ମୂର୍ଦ୍ଧରୁ ହିକ ହିକ,
ବାହାରେ ଯହ ତାହାକୁ ହିକ୍କା
କହନ୍ତି ବୈଦ୍ୟେ ଦେଖି ।
ହିକ୍କା ରୋଗରେ କଫ ଘୃତରେ
ବସଇ ନିରନ୍ତର,
ବାୟୁଗତକୁ ରୋଧିଣ କଫ
ହିକ୍କା ଜନ୍ମାଏ ଖର ।
ପ୍ରତି ରୋଗରେ ହିକ୍କାର ଚିହ୍ନ,
ହିକ୍କା ରୋଗଟି ଜାଣ,
ମରିବା ବେଳେ ହିକ୍କା ଆସଇ
ଏ ନିଏ ପ୍ରାଣୀ ପ୍ରାଣ ।
ଶ୍ୱାସରୋଗରେ ବାହାରେ କାସ
ନ ଛିଣ୍ଡେ କଫ ଧୀରେ,
ଅତି ବ୍ୟାକୁଳ ହୁଅଇ ରୋଗୀ
କଫ ଛିଣ୍ଡିଲେ ଥରେ ।

GPNanda Colln., Digitized by srujanika@gmail.com

କ୍ଷଣକ ପାଇଁ ସୁଖ ଲଭଇ
କହି ନ ପାରେ କଥା,
ପାର୍ଶ୍ୱବେଦନା ଲଭେ ଯାତନା
ସର୍ବଦା ମୁଣ୍ଡବ୍ୟଥା ।
ଚକ୍ଷୁ ନାଲିଆ, ପ୍ରଳାପ, ମୂର୍ଚ୍ଛା,
ନିଃଶ୍ୱାସ ଖରତର,
ଶୋଇଲେ କଷ୍ଟ ହୁଅଇ ବେଶି
ବସିଲେ କ୍ଲେଶ ଦୂର ।

ଚିକିତ୍ସା

ଶୁଣ ପାଠକେ କହିବ ଥୋକେ
ହିକ୍କା ଶ୍ୱାସ ରୋଗ—
ଚିକିତ୍ସା-ବିଧି ଦୁଃଖ-ସମାଧି
ଶାସ୍ତ୍ରବିଧାନ ଯୋଗ ।
ହିକ୍କା ରୋଗରେ ଦେବ ଆଦ୍ୟରେ
ପେଟେ ଚନ୍ଦନ ଲେପ,
ଶ୍ୱାସରୋଗରେ ଗ୍ରୀବ ଉପରେ
ପୁରୁଣା ଘିଅ ଥାପ ।
ଶୁଣ୍ଠୀ, ପିପ୍ପଳୀ, ଅଁଳା ପ୍ରଭୃ-
ଦ୍ରବ୍ୟ ଢ଼' ତୋଳା ଚୂର୍,
ସିଞ୍ଜକ ମାଷା ମଧୁ ମିଶାଇ
ସେବିଲେ ଦୁଇ ଓଳ ।
ହିକ୍କା ଶ୍ୱାସ କରଇ ନାଶ
ମନରେ ଥାଅ ରଖି,

GPNanda Colln., Digitized by srujanika@gmail.com

ପୁଣି ଯନ୍ତ୍ରଣା   ହୁଅଇ ଊଣା
ବଢ଼େ ଅତ୍ୟନ୍ତ ଲେଖି ।
ବ୍ରହ୍ମଯଷ୍ଟିଆ,   ଶୁଣ୍ଠୀ ଯେ ନୂଆ,
ଶନ ସଚଳ ଲୂଣ,
ପ୍ରତି ଦ୍ରବ୍ୟରୁ   ଦ' ତୋଳା ଲେଖେଁ
ଶିଳରେ କର ଚୂର୍ଣ୍ଣ ।
ପିଉକ ମାତ୍ରା   ଗରମ ଜଳେ
ଖାଇଲେ ଏହି ଚୂର୍ଣ୍ଣ,
ହିକ୍କା, ଶ୍ୱାସ   ରୋଗ ବିନାଶ
ହୁଏ ମନରେ ଘେନ ।

ପର୍ଣ୍ଣାସ-ପଞ୍ଚକ

ଗୁଳୁଚ, ଶୁଣ୍ଠୀ,   ବ୍ରହ୍ମଯଷ୍ଟିଆ,
ଅଙ୍କରାନ୍ତର ଚେଛ,
ତୁଳସୀପତ୍ର   -   ପ୍ରତ୍ୟେକୁ ଛଅ-
ଅଣା ଦ'ରତ୍ତି ବାଛ ।
ବତିଶ ତୋଳା   ଜଳେ ସିଝାଇ
ରଖିବ ଆଠ ତୋଳା,
ତହିଁରେ ଖାଅ   ପିପ୍ପଳୀ ଚୂର୍ଣ୍ଣ
ଦ' ମସା ଗୋଳ ଦ୍ରବ ।
ଏଥିରେ ଏକା   ଶ୍ୱାସ, ହିକ୍କା
ଶୀଘ୍ର ହୁଅଇ ନାଶ,
ତମକ ଶ୍ୱାସ   ନ ଯାଏ ଦେହୁଁ
କହନ୍ତି ବଇଦଗଣ ।

GPNanda Colln., Digitized by srujanika@gmail.com

ହରିଦ୍ରା ଚୂର୍ଣ୍ଣ

ଦେଶୀ ହଳଦୀ, ଗୋଲମରିଚ,
ପିପ୍ପଳୀ, କପିମପି,
ପୁରୁଣା ଗୁଡ଼, ରସଣା, ଗନ୍ଧ—
ଶୁଣ୍ଠୀ ଭୁଜିବ କଷି ।
ପ୍ରତ୍ୟେକୁ ତୋଳେ ଚୂର୍ଣ ଦ’ ମସା--
ମାତ୍ରା ସୋରିଷ ତେଲ—
ଅଧ ତୋଳାରେ ଖାଇଲେ ଗୋଳି
ଦ’ ବେଳା ଭଦ୍ରଙ୍କର ।
ହିକ୍କା, ଶ୍ୱାସ କରଇ ନାଶ
ଏହାକୁ ମନେ ରଖ,
ଶ୍ୱାସରୋଗରେ କଫ ଖସିଲେ
ରୋଗୀ ଲଭଇ ସୁଖ ।

ଶୃଙ୍ଗ୍ୟାଦ୍ୟ ଚୂର୍ଣ୍ଣ

କକଡ଼ା ଶୃଙ୍ଗୀ, ଶୁଣ୍ଠୀ, ପିପ୍ପଳୀ,
ତ୍ରିଫଳା, ଅଙ୍କରାନ୍ତ,
ବ୍ରହ୍ମଘାଟିଆ, ମରିଚ, କୁଡ଼,
ପଞ୍ଚ-ଲବଣ ସାଥୀ ।
ଜଟାମାଂସୀ ଯେ ପ୍ରତ୍ୟେକ ଦ୍ରବ୍ୟ
ଦୁଇ ତୋଳାରେ ଭୁଜ,
ଚୂର୍ଣ୍ଣ ଖାଇବ ଦ’ ମସା ମାତ୍ରା
ଉଷ୍ଣ ଜଳରେ ଗୋଳି ।

GPNanda Colln., Digitized by srujanika@gmail.com

ଏଥିରେ ଶ୍ୱାସ, ହିକ୍କା ଯେ କାସ
ନଷ୍ଟସ୍ୱ ହୁଏ ନାଶ,
ଈଶ୍ୱର ଧ୍ୟାୟି ଔଷଧ ଦେଲେ
ବୈଦ୍ୟ ଲଭଇ ଯଶ ।

ଉଶୀରାଦ୍ୟ ଚୂର୍ଣ୍ଣ

ବେଣାର ମୂଳ, ଶ୍ୱେତ ଚନ୍ଦନ,
ଅଗୁରୁ, ଜଟାମାଂଷୀ,
ତ୍ରିଫଳା, ତେଜ— ପତ୍ର, ତ୍ରିକଟୁ,
ନାଗକେଶର, ଦେଶୀ ।
ଗୁଡ଼ୁଚ୍ଚ ଯେ ପକ୍ୱ ଲବଙ୍ଗ,
କକୋଳ, ଏଳାଇଚ,
କଇଁର ଫୁଲ ପ୍ରତି ଦ୍ରବ୍ୟ
ତୋଳାଏ ଚୂର ସ୍ୱଚ୍ଛ ।
ଶାସ୍ତ୍ରାନୁସାରେ ଚନ୍ଦ ଚର୍ତ୍ତିରେ
ମିଶାଇ ଆଠ ତୋଳା,
ଶିଳରେ ଭର ଏସବୁ ଚୂର
ତିନିକ ମାତ୍ରା ସାର ।
ଶୀତଳ ଜଳେ ସେବନ କଲେ
ହିକ୍କାଦ୍ୟ ଶ୍ୱାସ-କାସ,
ସୂର୍ଯ୍ୟ ଉଦୟେ ଅନ୍ଧାର ପ୍ରାୟେ
ଶୀଘ୍ର ହୁଅଇ ନାଶ ।

ପିପଲ୍ୟାଦ୍ୟ ଲୌହ

ପିପ୍ପଳୀ, ଦ୍ରାକ୍ଷା, ବରକୋଳର-
ଶସ, ଷଡ଼ଙ୍ଗ, ଚନ,

GPNanda Colln., Digitized by srujanika@gmail.com

ଅଁଳା, କୁଡ଼ି, ମଧୁ ପ୍ରତ୍ୟେକୁ
ଏକ ତୋଳାରେ ଘେନ।
ଲୌହର ଭସ୍ମ ଯେତ୍କୁ ସରସ
ଚୋଳାଇ ଆଠ ତୋଳା,
ମର୍ଦ୍ଦି ଜଳରେ ଦୁଇ ରତିରେ
କର ବଟିକା ଗ୍ରସ୍ତ।
ରୋଗର ଦୋଷ, ବଳ ବିଶେଷ
ଦେଖି ବିଚାର କରି,
ଅନୁପାନରେ ଦେଲେ ଶ୍ୱାସ-
କାସ ତ ଯାଏ ମରି।
ଢ'ତୋଳା ଅଦା- ରସରେ ଗୋଳି
କମ୍ଭା ବାସଙ୍ଗପତ୍ର-,
ରସ ଢ'ତୋଳା ସହିତ ଘୋଟି
ଖାଇବ ଦୁଇ ଥର।

ଭାର୍ଗୀ ଗୁଡ଼

ବ୍ରହ୍ମଝାଟିଆ ମୂଳ ଯେ ନୂଆ
ଛ ସେର ଯାଏ ଆଣ,
ମିଳାଅ ଦଶ- ମୂଳ ସରସ
ସେତକ ପରିମାଣ।
ପଚିଶ ଗୋଟି ହରିଡ଼ା ଆଣି
ସବୁ କନାରେ ବାନ୍ଧି,
ଦୃଢ଼ ହାଣ୍ଡିରେ ଧର ବିଧିରେ
ଯନ୍ତ୍ରଁରେ ହେବ ସିଦ୍ଧ।

GPNanda Colln., Digitized by srujanika@gmail.com

ଏକୁଟନ ଚକ୍ର- ଚନ ନର୍ମଳ
ଜଳ ଦେଇଣ ପାକେ,
ମନ୍ଦ ଜାଳରେ ସିଝାଇ ଧୀରେ
ନାଶ ମାନବ ଜ୍ୱରେ ।
ଚଷିବ ଶେଷେ ତେଏର ସେର-
ଅଧେ କୁଆଥ ଦେଖି,
ଶୀତଳ ହେଲେ ଛାଣି କନାରେ
ଢାଅ ଘଣ୍ଡରେ ରଖି ।
ହରଡ଼ା ମଞ୍ଜି ବାହାର କରି
ସେପା କୁଆଥେ ଦେଇ,
ପୁରୁଣା ଗୁଡ଼ ପଞ୍ଚଗୁଣ ପଳ
କ୍ୱାଥେ ମେଳିବ ନେଇ ।
ମନ୍ଦ ଜାଳରେ ମାରିବ ଧୀରେ
ଗୁଡ଼ ମିଶ୍ରିତ କ୍ୱାଥ,
ହେଲେ ସେ ରସ ଲେହ ସଦୃଶ
ଓହ୍ଲାଅ ନୋହ୍ଲି ସ୍ତ୍ର ।
ଶୁଣ୍ଠୀ, ପିପ୍ପଳୀ, ଗୋଲମରିଚ,
ନୂତନ ଗୁଡ଼ତ୍ୱକ,
ତେଜପତର ଏଳାଇଚ ସେ
ବାଛି ପାଖରେ ରଖ ।
ପ୍ରତି ଦ୍ରବ୍ୟରୁ ସ୍ୱରି ତୋଳା ସେ
ତୁଳ ନକତ ଧରି,
ସବୁ ମସଲା ଖଲରେ ଦେଇ
ଚୂରିବ ସୂକ୍ଷ୍ମ କରି ।

GPNanda Colln., Digitized by srujanika@gmail.com

ତଣ୍ଟିଁରେ ଯବ- କ୍ଷାର ଓଜନେ
ଦି'ତୋଳା ଦେବ ଭରି,
ସମସ୍ତ ଚୂର୍ଣ୍ଣ ଗୋଳି କ୍ୱାଥରେ
ପାକରେ ଦେବ ଢାଳି ।
ଲେହରେ ମଧୁ ଚବିଶ ତୋଳା
ଦେଇ ଗୋଳାଇ ଦେବ,
ହରିଡ଼ା ଫାଳେ ଅଧ ତୋଳାରେ
ଲେହକୁ ଖୁଆଇବ ।
ଏଥିରେ ହିକ୍କା, କାଶ, ଶ୍ୱାସ,
ଶୀଘ୍ର ହୁଅଇ ଭଲ,
ନିଜେ ପରଖି ଅଛି ମୁଁ ଦେଖି
ଜାଣନ୍ତି ରୋଗୀ ଦଳ ।
ଅଧା ଘିଏ ବା ସିଜୁକ ଘିଏ
ଏହାକୁ କେହି କେହି,
କରି ତୟାରି ଖାଆନ୍ତି ରୋଗୀ
ନିଜ ବଳକୁ ଗୁହ୍ନିଁ ।

ଭାର୍ଗୀ ଶର୍କରା

ବ୍ରହ୍ମଘାଟିଆ- ମୂଳ, ବାସଙ୍ଗ-
ଛେଳି ଯେ ଅଙ୍କରାନ୍ତି,
ପ୍ରତି ଦ୍ରବ୍ୟରୁ ପଚାଶ ପଳ
ଭୁଜ ଈଶ୍ୱର ଚନ୍ତ୍ର ।
ସବୁ ମସଲା ହାଣ୍ଡିରେ ଭରି
ଚୁଲ୍ଲୀରେ ରଖି ଦେଇ,

GPNanda Colln., Digitized by srujanika@gmail.com

ଅଠଗୁଣକଳଶ- ହେଉ ସୁଜଳ
ଦେବ ତହିଁରେ ନେଇ ।
ମନ୍ଦ ଜାଳରେ ମାରଣ କଲ
ଶେଷେ ଚଉଦ ସେର,
ଜଳ ଛଟିଣ କନାରେ ଗାଳିଣ
ଶଶୁଦ୍ଧ ପାଏ ଭର ।
ବାଦୁଡ଼ୀ ପକ୍ଷୀ ଦୁଇ ଗୋଟିର
ମାଂସକୁ ଯତ୍ନେ ଆଣି,
ମନ୍ଦ ଅଗ୍ନିରେ ସିଝାଇ ଦେଇ
ଆଠ ସେର ଯେ ପାଣି ।
ଶେଷରେ ଦୁଇ ସେର ଯେ ଜଳ
ଛାଣି ରଖିବ ପାଏ,
ସବୁ କ୍ୱାଥରେ ଶନରୁ ସେରେ
ଗୋଳିବ ସାଥେ ସାଥେ ।
ମନ୍ଦ ଅଗ୍ନିରେ କ୍ୱାଥ ବସାଇ
ଜଳକୁ ମାରି ନେବ ।
ଲେହ୍ୟ ସଦୃଶ ହେଲେ ସେ କ୍ୱାଥ
ଚୂଲୀରୁ ଉତ୍ତରିବ ।
ଶୁଣ୍ଠୀ, ପିପ୍ପଳୀ, ମରିଚ, ମୁଥା,
ତ୍ରିଫଳା, ନାଗେଶ୍ୱର,
ତାଳୀଶପତ୍ର, ବ୍ରହ୍ମଝାଟିଆ,
ବଚ, ଗୋକ୍ଷୁର ଧର ।
ତେଜପତ୍ର, ଜୁଆଣି, ଜୀରା,
ନୂତନ ଗୁଡ଼ୁଚିକ,

GPNanda Colln., Digitized by srujanika@gmail.com

ବନଜୁଆଣି, ବଂଶଲୋଚନା,
ତନ୍ତ୍ରିଁ କୋନଥ ଯୋଖ ।
କୁଡ଼, କାଫଡ଼ା, କକଡ଼ଶୃଙ୍ଗୀ,
ଏଲାଇଚର ଦାନା,
ପ୍ରତ ଦ୍ରବ୍ୟରୁ ଅଧ ତୋଳାଏ
ଲେଟେଁ ତୁଳବ ସିନା ।
ସବୁ ମସଲା ଯତନେ ଚୂର
ଲେହରେ ଗୋଳ ଦେଇ,
ଅଧ ତୋଳାରେ ସଞ୍ଜ-ସକାଳେ
ଖାଇବ ଶିବେ ଧାୟି ।
କ୍ରମରେ ମାତ୍ରା ତୋଳାଏ ଯାଏ
ବଢ଼ ଅ ଧୀରେ ଧୀରେ,
ଏହା ସେବଲେ ହିକ୍କା ଶ୍ୱାସ-
କାସ ମୂଳରୁ ମରେ ।

ଶ୍ୱାସାର ଲୌହ

ଲୌହର ଭସ୍ମ ଦଶଟି ତୋଳା
ଅଧ ତୋଳାଏ ଅଭ୍ର,
ଗନ, ମହ୍ନକୁ ଦୁଇ ତୋଳାରେ
ତୁଳବ କର ଶୁଭ୍ର ।
ତ୍ରିଫଳା, ଦ୍ରାକ୍ଷା, ଯଷ୍ଟିମଧୁ ସେ
ବରକୋଳର ମଞ୍ଜି,
ବଂଶଲୋଚନା, ତାଳୀଶପତ୍ର,
ପିପ୍ପଳୀ, କୁଡ଼ ଖଞ୍ଜି ।

GPNanda Colln., Digitized by srujanika@gmail.com

ନାଗ କେଶର, ଏଳାଇଚ ସେ
ବଡ଼ଙ୍ଗ ପ୍ରତି ଦ୍ରବ୍ୟ,
ଅଧ ତୋଳାରେ ଚୂର୍ଣ୍ଣ ଶିଳରେ
ଚୂର୍ଣ୍ଣ କରିବ ସବ ।
ସମସ୍ତ ଦ୍ରବ୍ୟ ଲୌହପାତ୍ରରେ
ଲୌହଦଣ୍ଡରେ ଘୋରି,
ଘୃତ ରସରେ ବଟିକା କରି
ମଧୁ ମସାକେ ଗୋଳ ।
ସଞ୍ଜ-ସକାଳେ ପଥ୍ୟ ସେବଲେ
ପ୍ରଭୁ ନାମକୁ ଚନ୍ତ,
ହିକ୍କା ଶୁଆସ, ରକତ-ପିତ୍ତ
କାସକୁ ନାହିଁ ଭିତ ।

ଶ୍ୱାସଚନ୍ତାମଣି

ଶୁଦ୍ଧ ଗନ୍ଧକ ଦ୍ୱ' ତୋଳା ତୁଳ
ପାରଦ ତୋଳା ଏକ,
ଉଭୟ ଦ୍ରବ୍ୟ କଜ୍ଜଳୀ କରି
ଖଲରେ ନେଇ ରଖ ।
ଧ୍ୱବେଟି ଭରି ଲୌହର ଭସ୍ମ,
ଅଭ୍ରକ ଦୁଇ ଭରି,
ସ୍ୱର୍ଣ୍ଣମାକ୍ଷିକ ଭସ୍ମ ତୁଳବ
ଏକ ତୋଳାରେ ଧରି ।
ମୁକୁତା ଭସ୍ମ ଶୁଦ୍ଧ ସୁବର୍ଣ୍ଣ
ପ୍ରତ୍ୟେକ ଅଧ ତୋଳା,

GPNanda Colln., Digitized by srujanika@gmail.com

ସବୁ ମିଶାଇ ଖଲରେ ଦେଇ
ଘୋଟ ନ କରି ହେଳା ।
ଅଙ୍କସନ୍ତର ରସେ ଭାବନା
ଦେବ ଟୋଟିଏ ଦିନ,
ତା'ପରେ ଚନ୍ଦନ- ଦୁଧରେ ଗୋଳି
ଅଦାରେ ମରଦନ ।
ଦୁ'ତୋଳା ଯାଷ୍ଟି- ମଧୁ ବଟଣା-
ତୋଳା ଜଳରେ ଦେଇ,
ସିଝାଇ ଧୀରେ ରଖିବ ଶେଷେ
ଆଠ ତୋଳାଟି ଥାଇ ।
ସେ ଯାଷ୍ଟିମଧୁ- କ୍ୱାଥେ ଔଷଧ
ଘୋଟିଣ ଦୁଇ ରତି;
ମାଷା ବାହ୍ଲାଡ଼ା- ଚୂର୍ଣ୍ଣ ମସାଏ,
ମହୁ ମସାଂକେ ନିତ ।
ସେବିଲେ କାସ ହିକ୍କା, ଶୁଆସ,
କ୍ଷୟ-ଯକ୍ଷ୍ମାକୁ ନାଶେ,
ରୋଗୀ ଦେହରେ ଆସଇ ବଳ
ରୋଗୀ ମନକୁ ତୋଷେ ।

ରସସିନ୍ଦୂର ଚୂର୍ଣ୍ଣ

ଜାଗ୍, ତ୍ରିଫଳା, ତ୍ରିକୁଟ, ଅଭ୍ର,
ମୁଥା ଯେ ନାଗେଶ୍ୱର,
ଲବଙ୍ଗ, ବଙ୍ଗ, ଲୌହର ଭସ୍ମ,
ସଙ୍ଗେ ଏଳାଚ ଭୁଜ ।

GPNanda Colln., Digitized by srujanika@gmail.com

ଆବର ଗୁଡ଼- ତ୍ୱକ ପ୍ରତ୍ୟେକ
ଦ୍'ମସା ଘିରେ ଭୁଜ,
ଛଅ ତୋଳା ଯେ ଅଧେ ଚକ୍ଷିଁରେ
ଉପପିଦ୍ଧୃର ଗୋଳ ।
ସବୁ ମସଲ ଚକ୍କଣ କର
ଚୂରିବ ଖଲ ମଧ୍ୟେ,
ମାତ୍ରା ଦୁ'ରତି ଖାଇବ ମହୁ
ମଧ୍ୟାକେ ଗୋଳି ସାଥେ ।
ଏଥିରେ ହିକା ଶୁଆସ ରୋଗ
ବିନାଶ ହୁଏ ଜାଣ,
ଶୁଆସ ରୋଗୀ ଧଇର୍ଯ୍ୟ ଧର
ଖାଇବ ବେଣି ଦିନ ।

ସୁବର୍ଣ୍ଣ ଗୁଟିକା

ସୁବର୍ଣ୍ଣ, ଅଭ୍ର, ବଙ୍ଗ, ପିପ୍ପଳୀ,
ଲୌହ ଯେ ଗୁଡ଼ୁଚିକ,
ତେଜପତର, ଏଳାଇଚ ଯେ
ପ୍ରତ୍ୟେକୁ ମପେ ରଖ ।
ତୋଳେ ଓଜନ ମରିଚଚୂର୍ଣ୍ଣ
ପକାଇ ଦେବ ଖଲେ,
ପାନରସରେ ଦିନେ ମରଦ
ବଟିକା କର ଭଲେ ।
ଏକ ରତିରେ ବଟିକା କର
ଦୁ'ତୋଳା ପାନରସେ,

GPNanda Colln., Digitized by srujanika@gmail.com

ସେବଲେ ଶ୍ୱାସ, କାସ, ପ୍ରମେହ,
ହିକ୍କାରୋଗକୁ ନାଶେ ।
ଦେହରେ ବଳ ଆସେ ଚଞ୍ଚଳ
ବଢ଼ାଏ କ୍ଷୀଣ ଶୁକ୍ର,
ଧଇର୍ଯ୍ୟ ଧରି ଶିବ ସୁମରି
ଖାଇବ ନୋହି ବ୍ୟଗ୍ର ।

ଶ୍ୱାସକୁଠାର ରସ

ଗନ୍ଧକ, ପାରା, ବଙ୍ଗ, ମଣ୍ଡୁର,
କନକା, ପଞ୍ଚ ଲୁଣ,
ଟାଙ୍ଗଣାର ଖଇ, ଯବକ୍ଷାର ଯେ
ଲୌହଭସ୍ମକୁ ଘେନ ।
ପ୍ରତି ଦରବ ତୋଳାଏ ଲେଖାଁ
ସ୍ୱର ତୋଳା ଯେ ଶଙ୍ଖ--
ଭସ୍ମ ଭୂଳଣ କାଗଜ ରସେ
ମରଦ ଯତ୍ନେ ରଖ ।
ଏକ ରତିରେ ବଟିକା କରି
ଦ'ତୋଳା ପାନ ରସେ,
ସେବାଲେ ଶ୍ୱାସ- ଯନ୍ତ୍ରଣା ଦୂର
ହୁଅଇ କଫ ନାଶେ ।
ଶୁଣ୍ଠୀ, ପିପ୍ପଳୀ, ମରିଚ ପ୍ରତି
ଦ୍ରବ୍ୟରୁ ଦଶ ଅଣା,
ତିନି ରତିରେ ବଟିଶ ତୋଳା
ଜଳରେ ଦେଇ ପିଆ ।

GPNanda Colln., Digitized by srujanika@gmail.com

ପିଇବାଇ ଶେଷେ ଅଧ ତୋଳାରେ
ଚଖି ପାଚନ ପାଣି,
ଏଥିରେ ବଟୀ ଖାଇଲେ ଗୋଳ
ଉଦର ଶୂଳକୁ ହାନି ।

ଜନକାସବ

ତାଳ-ପତ୍ର- ମୂଳ-ଫଳାଦ୍ଧ
ଧତୁରା ଗୁର ଫଳ,
ବାସଙ୍ଗ ଚେଲ ଗୁରେଣ୍ଟି ଫଳ
ନକତ ଧର ତୂଳ ।
ନାଗକେଶର, ବ୍ରହ୍ମଯାଷ୍ଟିଆ
ପିପ୍ପଳୀ, ଅଙ୍କରନ୍ତ୍ର,
ତାଳୀଶପତ୍ର, ଯଷ୍ଟିମଧୁର
ଧନ୍ଦରେ ଶୁଣ୍ଠୀ ଖ୍ୟାତ ।
ପ୍ରତ୍ୟେକ ଦ୍ରବ୍ୟ- ପଲଟର ଆଣ,
ନୂତନ ଧାଇଫୁଲ,
ଷୋଡ଼ଶ ପଲ, ଦ୍ରାକ୍ଷା କୋଡ଼ିଏ
ପଲ କରଅ ମେଳ ।
ସବୁ ଦ୍ରବ୍ୟକୁ ସାମାନ୍ୟ ଛେଚ
ଘଣ୍ଟରେ ଭର ଦେଇ,
ପୂର୍ବ ଏକଶ- ଅଠାଇଶ ସେ
ସେର ଓଜନେ ନେଇ ।
ନର୍ମଳ ଜଳ ଘଣ୍ଟରେ ଦେବ
ତା'ପଚ୍ଛର ଶୁଦ୍ଧ ଚିନି,

GPNanda Colln., Digitized by srujanika@gmail.com

ସାଢ଼େ ବାଆର ସେର ଓଜନେ
ଗୋଳାଇ ଦିଅ ପୁଣି ।
ଛ ସେର ପାଏ ମହୁ ଗୋଳାଇ
ଘଣ୍ଟର ମୁଖ ମୁଦ,
ମାସ ଅବଧି ରଖିବ ଯତ୍ନେ
ଯେପରି ନୋହେ ଗନ୍ଧ ।
ମାସକ ପରେ ଜଳକୁ ଛାଣି
ସଫା ବୋତଲେ ଭର,
ଦୁଇ ତୋଳାରେ ସେବନ୍ତେ ନିତ୍ୟ
ବିଷ୍ଣୁଙ୍କ ନାମ ସ୍ମର ।
ଏଥିରେ ହିକ୍କା ଶ୍ୱାସ-କାସ,
ଯକ୍ଷ୍ମା, ରକ୍ତପିତ୍ତ,
ଭଲ ହୁଅଇ ଅଛନ୍ତି କହି
ପଣ୍ଡିତ ବିଧିମତ !
କାସ, ଯକ୍ଷ୍ମାର ଅଉଷଧକୁ
ହିକ୍କା-ଶ୍ୱାସରେ ଦେବ,
ପାଇବ ଯଶ ଯେତେବେ ସେ ବୈଦ୍ୟ
ଚତୁର ହୋଇଥିବ ।

ମୁଷ୍ଟିଯୋଗ

ପିମ୍ପଳୀ, ଶୁଣ୍ଠୀ, ଅଁଳା ଖେପା
ତୋଳେ ଲେଖାଏଁ ଭୁଲ,
ଯତନେ ଚୂର୍ଣ୍ଣ ଦୁଇ ମଖାରେ
ମହୁ ମଖାଏ ଗୋଳ ।

GPNanda Colln., Digitized by srujanika@gmail.com

ହେବଲେ ଶ୍ୱାସ ହିକ୍କା ବିନାଶ
ଏହା କରିବ ବେଗେ,
କୁକୁର ବିଷ୍ଠା ନିଆଁ ଲଗାଇ
ଧୂଆଁ ଖାଇବ ଆଗେ ।

ଯାଷ୍ଟିମଧୁର ଚୂର୍ଣ୍ଣ ମହୁରେ
ଗୋଳାଇ ନାସ ନେଲେ,
କମ୍ୱା ପିପ୍ପଳୀ ଚିନିକୁ ଚୂରି
ନାକରେ ଶୁଙ୍ଘି ଦେଲେ ।
ଅଥବା ଶୁଣ୍ଠୀ ଗୁଡ଼ରେ ଘୋରି
ଶୁଙ୍ଘିଲେ ନାସାରନ୍ଧ୍ରେ,
ହିକ୍କାରୋଗଟି ଯାଏ ପଳାଇ
ନ ପଡ଼ୁ ଦୋଷଫାନ୍ଦେ ।
ଖାରିଚୂର୍ଣ୍ଣକୁ ରଡ଼ ନିଆଁରେ
ପକାଇ ତାହା ଧୂମ,
ପାନ କରିଲେ ହିକ୍କାରୋଗଟି
ହୁଅଇ ଉପଶମ ।

କଦଳୀମୂଳ ରସ ଦ'ତୋଳା
ସହିତ ଚିନି ଗୋଳ,
ସେବିଲେ ହିକ୍କା ଖାଇଣ ଧକ୍କା
ପଳାଇ ଯାଏ ଭରି ।
ପଇଡ଼ଜଳେ ଗରମ ମୁଢ଼ି
ପକାଇ ଜଳ ଛାଣି,

GPNanda Colln., Digitized by srujanika@gmail.com

ପୋଷେ ମାସ ରେ ପିଇଲେ ଜଳ
ହିକ୍କା ହୁଅଇ ହାଣି ।

ଗୁଡ଼ ରନ୍ତରେ ଇନ୍ଦ୍ରଯବର
ଚୂର୍ଣ୍ଣ ମହୁରେ ଦେଇ,
ଖାଇଲେ ଗୁଟି ପଳାନ୍ତି ହଟି
କାସ, ଶୁଆସ ଦୂର ।
ଯବକ୍ଷାରକୁ ଜଳେ ଭିଜାଇ
କାଗଜ ସେହି ଜଳେ,
ଭିଜାଇ ନେଇ ରୌଦ୍ରେ ଶୁଖାଇ
ପିକା ବଳବ ଧୀରେ ।
ଏହି ପିକାରେ ଧୂଆଁ ଖାଇଲେ
ଶ୍ୱାସରୋଗରୁ କଷ୍ଟ,
ପାର୍ଶ୍ୱବେଦନା କଫ-ଯନ୍ତ୍ରଣା
ସତ୍ୱର ହୁଏ ନଷ୍ଟ ।
ଧୁତୁରାପତ୍ର ଧୂଆଁ ଖାଇଲେ
ଶ୍ୱାସଯନ୍ତ୍ରଣା ହଟେ,
ବାହାଡ଼ା ଶସ ମହୁ ଦ'ମସା
ଗୁଟିଲେ କଫ କାଟେ ।
ଶୁଣ୍ଠ ଗନ୍ଧକ ଗୋଲମରିଚ
ସମ ଭାଗରେ ଚୂର୍ଣ୍ଣ,
ଗୁଡ଼ ବନ୍ତରେ ଘୃତରେ ଚୋଳି
ମେଞ୍ଚଲେ ଦୂର ଓଳ !

GPNanda Colln., Digitized by srujanika@gmail.com

କାସ, ଶ୍ୱାସ, ହୃଦୟପ୍ରାସ,
ପୁରୁଣା ଜ୍ୱରରୋଗ,
ନିବୃତ୍ତ ହୁଏ ଯନ୍ତ୍ରଣା ଯାଏ
ପ୍ରତ୍ୟକ୍ଷ ଏହି ଯୋଗ ।
ଶ୍ୱେତ ପୁରୁଣୀ ମୂଳକୁ କଳେ
ଯାକଲେ ଊର୍ଦ୍ଧ୍ୱଶ୍ୱାସ,
ମସାଏ ଜୀରା, ଜଳରେ ବାଟି
ପିଇଲେ ହୁଏ ନାଶ ।
ବେଲପତର, ବାସଙ୍ଗପତ୍ର,
ଆଲକୁଡ଼ୀର ରସ,
ପ୍ରତ୍ୟେକକୁ ଅଧ ତୋଳାରେ ଆଣି
ରଖିବ ନିଜ ପାଶ ।
ତହିଁ ଦୁ'ମସା ସୋରିଷ ତେଲ
ଗୋଳି ପିଇଲେ ନିତ୍ୟ,
କାସ-ଶ୍ୱାସ ପେଟଯନ୍ତ୍ରଣା
ନାଶଇ ଏହା ସତ୍ୟ ।
ମଲ୍ଲ ଅସର୍ପା ଗୋଟିଏ ଆଣି
ଏକ ଛଟାଙ୍କି ଜଟିଳ,
ସିଝାଇ ନେଇ ଶେଷ ରଖିବ
ଦୁଇ ତୋଳାଟି ଉଚଲେ ।
ଏକ ତୋଳାରେ ସେବନ କର
ପ୍ରଭୁଙ୍କୁ ମନେ ସ୍ମର,
ଏଥିରେ ଶ୍ୱାସ ହୁଏ ବିନାଶ
ଘୃଣା ନ କର ବାର ।

GPNanda Colln., Digitized by srujanika@gmail.com

କାସରୋଗର ପଥ୍ୟ ଦରବ
ବିସ୍ତର ଚିକିତ୍ସକ,
ହିକ୍କା-ଶ୍ୱାସରେ ଦେବ ଔଷଧରେ
ମନେ ନ ରଖି ଦକ ।
ହିକ୍କା-ଶ୍ୱାସର ଚିକିତ୍ସା ବିଧି
ହେଲା ଏଠାରେ ଶେଷ,
ବାଲୁକେଶ୍ୱର ଅତି ପାମର
ବଚନେ ନ ଧର ଦୋଷ ।

—o—

ସ୍ୱରଭଙ୍ଗ-ଚିକିତ୍ସା

ଲକ୍ଷଣ

ସ୍ୱରଭଙ୍ଗରେ ବିକୃତ ସ୍ୱର
ବାହାରେ କଣ୍ଠ ମଧ୍ୟୁ,
କହିଲା ବେଳେ କଣ୍ଠ-ଯନ୍ତ୍ରଣା
ହୁଅଇ ସ୍ୱର ଭେଦୁଁ ।
କଣ୍ଠ ଭିତର ଜଳ ଉଠଇ
କଥା କହିଲେ ଧୀରେ,
କଣ୍ଠର କଫ ରହଇ ଲାଗି
କଫ ପ୍ରକୋପ ହେଲେ ।
ରାତି ଅପେକ୍ଷା ଦିବସେ ସ୍ୱର
ବଢ଼ଇ ଧୀରେ ଧୀରେ,
ବେଳେ ବେଳେ ତ ହୁଅଇ ରୋଗୀ
ମୂକର ପରିକାରେ ।

GPNanda Colln., Digitized by srujanika@gmail.com

ଚିକିତ୍ସା

ଧନା ଚିତା- ମୂଳ, ହଳଦୀ,
ଅଁଳା, ଯବକ୍ଷାର,
ଜୁଆଣି ପ୍ରତି ଦ୍ରବ୍ୟରୁ ତୋଳେ
ଧୂଳ ସ୍ୱରୂପ କର ।
ପିଉକ ମାସା ଦ'ମସା ଘିଅ-
ମହୁରେ ଗୋଳି ନିତ୍ୟ,
ସେବିଲେ ସ୍ୱର- ଭଙ୍ଗ ରୋଗର
ବିନାଶ ହୁଏ ସତ୍ୟ ।
ବରକୋଳିର ପତ୍ର, ସୈନ୍ଧବ
ସମ ଭାଗରେ ବାଟି,
ଘୃତେ ଖରଡ଼ି କଲେ ଯାକଲେ
ବିସ୍ୱର ଯାଏ ତୁଟି ।

ମୃଗନାଭ୍ୟାଦ୍ୟବ ଲେହ

ବଂଶଲୋଚନା ଗୁଜୁରାତି ଯେ
ଲବଙ୍ଗ ପ୍ରତ୍ୟେକରୁ,
ତୋଳେ ଓଜନେ ତୁଳ ଯତନେ
ଚୂର୍ଣ୍ଣ କରିବ ସବୁ ।
ତହିଁ କସ୍ତୁରୀ ଅଣାଏ ଭରି
ଉତ୍ତମ ରୂପେ ଘୋଟି,
ଏକ ମସାରେ ଦ'ମସା ଘୃତ
ମସାଏ ମହୁ ଚାଟି ।

GPNanda Colln., Digitized by srujanika@gmail.com

ସେବା କରିଲେ   ସଞ୍ଜ-ସକାଳେ
ଏହି ଗୁଣ୍ଡକୁ ନିତି,
ବସିବା କଣ୍ଠ   ସ୍ୱର ବକ୍ରତ
ପଳାଏ କରି ଖିତ ।
ବଚନ ସ୍ତମ୍ଭ   ସୁସ୍ୱର ଭଙ୍ଗ
ନଷ୍ଟେ ହୁଅଇ ନାଶ,
ଏଥିରେ ଜାଣ   ଗାୟକ ଲଭେ
କିନ୍ନର-କଣ୍ଠ ଯଶ ।

ଚବ୍ୟାଦ୍ୟ ଚୂର୍ଣ୍ଣ

ଅମ୍ଳ ବେତସ,   ଚୁଇଁ କାଠ ସେ
ତାଳୀଶପତ୍ର, ଜୀରା,
ଶୁଣ୍ଠୀ, ପିପ୍ପଳୀ,   ଗୋଲମରିଚ,
ବଂଶଲୋଚନା ସାରା ।
ତେନ୍ତୁଳରସ,'   ତେଜପତର,
ଏଳାଚ, ଶତାମୂଳ,
ଚିତ୍ରକ ସେ   ପ୍ରତ୍ୟେକୁ ତୋଳେ
ଚୂର୍ଣ୍ଣ କରିବ ସାର ।
ଦ'ମସା ମାଷା   ତୋଳାଏ ପୁରୁ-
ତନ ଗୁଡ଼ରେ ଗୋଳ,
ଖାଇଲେ ଯୁକ୍ତି   ସ୍ୱରଭଙ୍ଗଟି
କଣ୍ଠରୁ ଯାଏ ଛାଡ଼ି ।

କଲ୍ୟାଣକ ଲେହ

ହଳଦୀ, ବଚ,   ପିପ୍ପଳୀ, କୁଡ଼,
ଜୁଆଣି, କଳାଜୀରା,

GPNanda Colln., Digitized by srujanika@gmail.com

ବ୍ରହ୍ମଝାଟିଆ, ପାଷ୍ଟି ମଧୂ ଯେ,
ସୈନ୍ଧବ, ଶୁଣ୍ଠୀ ଧଳା,
ପ୍ରତ୍ୟେକ ଦ୍ରବ୍ୟ ତୋଳେ ଲେଖାଏଁ
ଭୃଙ୍ଗ ଚରବ ଶିଳେ,
ଦୁଇ ମସାରେ ଢ଼'ମସା ଘିଏ
ଗୋଳି ସେବଲେ ନରେ ।
ସାତ ଦିନରେ ସୁସ୍ୱର ଭଙ୍ଗ
ବଚନ ସ୍ତମ୍ଭ ନାଶେ,
ଏଥି ସନ୍ଦେହ ନ କର ଡଲେ
ଶାସ୍ତ୍ରରେ ଏହା ଭାଷେ ।

ବ୍ରାହ୍ମୀ ଘୃତ

ମୂର୍ଚ୍ଛିତ ଘୃତ ଷୋଳ ସେର ତ
ଅଣି ପାତ୍ରରେ ଭର,
ଜଳରେ ଧୌତ ବ୍ରାହ୍ମୀଶାଗରୁ
ରସ କାଢ଼ିବ ଦଳ ।
ଷୋହଳ ସେର ରସ ବ୍ରାହ୍ମୀର
ଘୃତେ କରଣ ପାକ,
ଜଳ ମରଲେ ଓହ୍ଲାଇ ତଳେ
ଛାଣିବ ଘୃତପାକ ।
ପୁଣି ଘୃତକୁ ପାତ୍ରରେ ଭର
କଲ୍କ ମସଲା ଦେଇ,
ମନ୍ଦ ଜାଳରେ ଯଥା ବିଧିରେ
ପାଣି ମାରିବ ଥାଇ ।

GPNanda Colln., Digitized by srujanika@gmail.com

ଧନଅଁ, କୁଡ଼, ମାଳଞ୍ଚାଫୁଲ,
ଛିହୁଡ଼ି ଲତାମୂଳ,
ହରଡ଼ା ଫଳ, ପ୍ରତି ଦ୍ରବ୍ୟରୁ
ଓଜନେ ଏକ ପଲ ।
ପିପ୍ପଳୀ, ବଚ, ବିଡ଼ଙ୍ଗ, ଚିନି,
ସୈନ୍ଧବ ପ୍ରତ୍ୟେକରୁ,
ଦୁଇ ତୋଳାରେ ଓଜନ କରି
ଶିଳେ ବାଟିବ ଗୁରୁ ।
ବଟାମସଲ୍ ଘୃତରେ ଦେଇ
ଷୋହଳ ସେର ଜଳ,
ତହିଁରେ ଢାଳି ପାକ କରିବ
ଯେପରି ମରେ ନୀର ।
ପାଣି ମରିଲେ ଘୃତକୁ ଛାଣି
ସଫା ବୋତଲେ ରଖ,
ଢ'ମସା ମାତ୍ରା ଗୁରେଟି ତେଳା
ଉଷ୍ଣ ଦୁଧରେ ଭକ୍ଷ ।
ତହିଁରେ ଚିନି ଢ'ମସା ଗୋଳ
କ୍ରମେ ମାତ୍ରା ବଢ଼ି,
ଯେପରି ଅଧ ତୋଳାରେ ହେବ
ବେଳକୁ ନେବ କାଢ଼ି ।
ଏହା ସେବିବ ସନ୍ଧ୍ୟା-ସକାଳେ
ଏଥିରେ ସ୍ମୃତିଶକ୍ତି,
ଦିନକୁ ଦିନ ବଢ଼ଇ ଧୀରେ
ଶରୀର, ବଳ-କାନ୍ତି ।

GPNanda Colln., Digitized by srujanika@gmail.com

ଯେଉଁ ଲୋକର ସ୍ମରଣ ଶକ୍ତି
ନ ଥାଏ ମସ୍ତକରେ,
ତା'ପକ୍ଷେ ଏହା ଅମୃତ ସମ
ସୁରଭଙ୍ଗକୁ ହରେ ।

କାମ୍ବରକଣ୍ଠ ରସ

ଗନ୍ଧକ, ପାରା ପ୍ରତ୍ୟେକୁ ସାରା
ଦୁ'ତୋଳା ନେଇ ଖଲେ,
କର କଜ୍ଜଳୀ ଝାଧାନେ ଜଳ
ମିଶାଅ ତହିଁ ପରେ ।
ବଣୁଛ ଅଭ୍ର ସ୍ୱର୍ଣ୍ଣମାକ୍ଷିକ-
ଲୌହର ନବ ଭସ୍ମ,
ପ୍ରତି ଦ୍ରବ୍ୟରୁ ଦୁଇ ତୋଳରେ
ଭୁଞ୍ଜଣ ନୋହୁ ଭ୍ରମ ।
ବୈକ୍ରାନ୍ତ ଭସ୍ମ ଗୁଣ ମସା ତ
ସୁବର୍ଣ୍ଣ ଭସ୍ମ ଦୁଇ-
ମସାରେ ତୁଳ, ରୌପ୍ୟଭସ୍ମରୁ
ଏକ ତୋଳା ଯେ ଦେଇ ।
ସକଳ ଦ୍ରବ୍ୟ ଖଲେ ପକାଇ
ଘୋଟିବ ଧୀରେ ଧୀରେ,
ବ୍ରହ୍ମଝାଟିଅ, ବାସଙ୍ଗପତ୍ର,
ଅଙ୍କଗନ୍ଧର ନୀରେ ।
ଲଟାବେଁକୋଳ, ବ୍ରାହ୍ମୀ ଆବର
ଅଦାରସରେ ତୋଳ,

GPNanda Colln., Digitized by srujanika@gmail.com

ଯତ୍ନେ ମର୍ଦ୍ଦ ବଟିକା ବାନ୍ଧି
ଦୁଇ ରତିରେ ଧର,
ମଧୁ ମଧାକେ ସେବିଲେ ଏହା
ସମସ୍ତ ସ୍ୱରଭଙ୍ଗ,
କାସ, ଶ୍ୱାସ, କଫଜ ରୋଗ,
ବାତଶ୍ଳେଷ୍ମାର ଭୋଗ ।
ମୂଳରୁ ଯାଏ କ୍ରମେ ଖାଇଲେ
କିନ୍ନର-ସ୍ୱର ଜିଣି,
ମନୋମୁଗ୍ଧ ଯେ କଣ୍ଠର ସ୍ୱର
ହୁଅଇ ପ୍ରେମଖଣି ।

ସାରସ୍ୱତାରିଷ୍ଟ

ପବିତ୍ର ଭାବେ ସୁମତି ଶୀତଳ
ପୁଷ୍ୟା ନକ୍ଷତ୍ର କାଳେ,
ସୁପ୍ରଭାତରୁ ବ୍ରାହ୍ମୀଗଛରୁ
ଧୋଇବ ଶୀତଳ ଜଳେ ।
ବ୍ରାହ୍ମୀଶାଗରୁ କୋଡ଼ିଏ ପଳ,
ଭୂଇଁକଖାରୁ, ଅଦା,
କେଶର ଚେର, କୁଳିଆଖି ଯେ
ହରିଡ଼ା, ମିଶ୍ରି ସାଦା ।
ପ୍ରତି ଦ୍ରବ୍ୟରୁ ପାଞ୍ଚ ପଳ
ଓଜନେ ତୁଳି ନେଇ,
ଚଉଷଠିର ସେର ଜଳରେ
ସିଝାଅ ଏକେ ରଖି ।

GPNanda Colln., Digitized by srujanika@gmail.com

ମନ୍ଦ ଜାଳରେ ଜଳକୁ ମ'ର
ସେର ଷୋହଳ ରଖି,
ମୋଟ କନାରେ କୁଆଥ ଛାଣି
ଭାଣ୍ଡେ ରଖିବ ଦେଖି ।
ଓଜନେ ଦଶ- ପଲ ସରସ
ମଧୁ ତହିଁରେ ଦେବ,
ପଚାଶ ପଲ ସୁଦେଶୀ ଚିନି
ତା' ମଧ୍ୟେ ଗୋଳାଇବ ।
ଧାତୁକୀ ଫୁଲ ପାଞ୍ଚୋଟି ପଲ,
ରେଣୁକ, ଏଲାଇଚ,
ଖହୁଡ଼, କୁଡ଼, ଅଶ୍ୱଗନ୍ଧା ଯେ
ପିପ୍ପଳୀ, ମୋଠା ବଚ ।
ଭଲ ଲବଙ୍ଗ, ବାହାଡ଼ା ଫଳ,
ଗୁଳୁଚି, ଗୁଡ଼ତ୍ୱକ,
ବିଡ଼ଙ୍ଗ ପ୍ରତି ଦ୍ରବ୍ୟରୁ ଦୁଇ-
ତୋଳାରେ ଆଣି ରଖ ।
ସବୁ ମସଲା ସାମାନ୍ୟ ଚୂର
ଭାଣ୍ଡରେ ପକାଇବ,
ସ୍ୱର୍ଣ୍ଣପତର କମ୍ବା ତବକ
ଦୁଇ ତୋଳାଟି ଦେବ ।
ଭାଣ୍ଡମୁଖରେ ସରା ଘୋଡ଼ାଇ
ମାଟି ଲେପିବ ଯତ୍ନେ,
ମାସକ ପରେ ଜଳକୁ ଛାଣି
ରଖିବ ସାବଧାନେ ।

GPNanda Colln., Digitized by srujanika@gmail.com

ସ୍ୱର୍ଣ୍ଣଖଣ୍ଡରେ କମ୍ବା ମାଟିର
ପଟେ ଔଷଧ କର,
ଭଲା ମସଲା ମଧ୍ୟରୁ ସୁନା
ଖୋଜିବ ସ୍ତର ସ୍ତର ।
ଦ'ତୋଳା ମାଷା ପାଞ୍ଚୋଟି ତୋଳା
ଦୁଧରେ ଏହା ଗୋଳି,
ସେବିବ ନିତ୍ୟ ଝେମ ମାତ୍ରା
ପାଞ୍ଚ ତୋଳାଟି ଧରି ।
ଏଥିରେ ମୁଣ୍ଡ- ବିକାର ଦୋଷ
ନୟନ ଶକ୍ତିହୀନ,
ସ୍ମରଣ ଶକ୍ତି ବୁଦ୍ଧି ବିବେକ
ବଢାଏ ଦିନୁ ଦିନ ।
ମଧୁର ବାକ୍ୟ, କୋମଳ ସ୍ୱର
କିନ୍ନରକଣ୍ଠଧ୍ୱନି,
ମୂକ ଲୋକର ହୁଅଇ ଜାଣ
ଏହା ଗାୟକେ ମାନି ।
ସୁବର୍ଣ୍ଣ ଜନ ରକ୍ତଦୋଷର
ସକଳ ରୋଗ ନାଶେ,
କୁରୂପା ନାରୀ ଦେହରେ ଆସି
ରୂପଲାବଣ୍ୟ ପଶେ ।
ଜୀବନୀଶକ୍ତି ନ ଥିବା ଲୋକ—
ଶରୀରେ ଜୀବଶକ୍ତି,
ବଢ଼ାଇ ଦିଏ ଦିନକୁ ଦିନ
ଚନ୍ଦ୍ରମା ରୂପକାନ୍ତି ।

GPNanda Colln., Digitized by srujanika@gmail.com

ଧାତୁକ୍ଷୀଣରେ ଅମୃତ ଫଳ
ଏହା କରଇ କାର୍ଯ୍ୟ,
ନୋହି ତରଣ ସେବନ କର
ମନରେ ଧର ଧୈର୍ଯ୍ୟ ।

ମୁଷ୍ଟିଯୋଗ

ଜଟଳ ମିଶାଇ ଗୋଟା ତୋଳକ ଏ
କନାରେ ବାନ୍ଧି ପୁଟୁଳି,
ବେକ ସେକିଲେ ସ୍ୱରଭଙ୍ଗର
ମୁଣ୍ଡ ହୁଅଇ ସୋଡ଼ା ।
ହରଡ଼ା ଶୁଖା ପିମ୍ପଳି ମୁଆ
ସମ ଭାଗରେ ଚୂନ,
ପୁରୁଣା ଗୁଡ଼େ ଗୋଳ ବେକରେ
ଲେପିବ ମୋଟା କରି ।
ଲେପ ଉପରେ କଦଳୀପତ୍ର
ଅଥବା ପାନପତ୍ର,
ଦେଇ କନାରେ ବାନ୍ଧିଲେ ଧୀରେ
ସ୍ୱର ଭଙ୍ଗି ହତ ।
ଅସମ ଭାଗେ* ଘୃତ-ମଧୁକୁ
ମୁଖ ଭିତରେ ରଖି,

* ଅନ୍ୟ କୌଣସି ଔଷଧ ନ ଥାଇ କେବଳ ଘିଅ ମହୁ ସମ ପରିମାଣରେ ଖାଇଲେ ତାହା ବିଷ ପାଲଟି ଯାଏ ବୋଲି ପ୍ରବାଦ ଅଛି ।

GPNanda Colln., Digitized by srujanika@gmail.com

ଫୋପାଡ଼ ଦେଲେ ସ୍ୱରଭଙ୍ଗ ସେ
ମୂଳରୁ ଯାଏ ଶୁଣି ।
ତେଜପତ୍ରର ଧୂଆଁ ଖାଇଲେ
ହଟଇ ସ୍ୱର ଭଙ୍ଗ,
ଯଷ୍ଟିମଧୁର ଚକ୍ତି ଦୁ' ମସା
ମହୁରେ ଗୋଳି ଖାଅ ।
ସେବିଲେ ଲମ୍ବା କଳରେ ଯାକ
ରଖିଲେ ଚଉଖଣ୍ଡ,
ନିଶ୍ଚୟ ଆସେ ସ୍ୱରଭଙ୍ଗର
ପରାଜୟ ଯମଦଣ୍ଡ ।

କାସ, ଶ୍ୱାସର ସୁପଥ୍ୟ ବିଧି
ସରଭଙ୍ଗରେ ଦେବ,
'ସ୍ୱରଭଙ୍ଗର' ଚିକିତ୍ସା ସର
ଶେଷ ହୋଇଲା ସର୍ବ ।

—o—

ଅରୁଚି ଚିକିତ୍ସା

ଲକ୍ଷଣ

ପେଟର କ୍ଷୁଧା ହୋଇଲା ବେଳେ
ନ ହେଲେ ଖାଦ୍ୟେ ରୁଚି,
ଏହା ବୋଲାଏ ଅରୁଚି ରୋଗ
ନ ଲାଗେ ସ୍ୱାଦୁ କିଛି ।

GPNanda Colln., Digitized by srujanika@gmail.com

ମୁଖର ସ୍ୱାଦ   ହୁଏ ବିକୃତ
ଶରୀର ଅବସନ୍ନ ,
ଗର୍ଭାବସ୍ଥାରେ   ସ୍ତ୍ରୀବର୍ଗ ଜନ
ଅରୁଚି ରୋଗେ ମଗ୍ନ ।
ବହୁତ ଦିନ   ଭୋଗିଲେ ରୋଗ
ଅରୁଚି ଜନମଇ,
ଅଖାଦ୍ୟ-ଘୃଣ୍ୟ   ଦ୍ରବ୍ୟ ସେବିଲେ
ଅରୁଚି ପ୍ରକୋପଇ ।

ଚିକିତ୍ସା

ଦାଡ଼ିମ୍ବାଦ୍ୟ ଚୂର୍ଣ୍ଣ

ଅମ୍ଳ ଡାଳିମ୍ବ-   ମଞ୍ଜି ଦି’ତୋଳ,
ପିପ୍ପଳୀ ଗୁଆ, ଶୁଣ୍ଠୀ,
ମରିଚ ପ୍ରତି   ଦ୍ରବ୍ୟରୁ ପଲେ
ଓଜନ କର ଖାଣ୍ଟି ।
ତେଜପତର   ଡାଲଚିନି ପେ
ଏଲାଇଚରୁ ପ୍ରତି-
ଦ୍ରବ୍ୟରୁ ନେବ   ଦି’ତୋଳା ତିନି
ଅଣା ମେ ତିନି ରତି ।
ଚାଲ ମିଶିରି   ଓଜନ କରି
ମିଶାଇ ଅଠ ପଳ,
ସବୁ ମସଲା   ଚୂରି ଶିଳରେ
ବୋଳିଲେ ଏହା ଭଲ ।

GPNanda Colln., Digitized by srujanika@gmail.com

ସିଝଙ୍କ ମାସା ହେବାଲଁ ନତ
ଭଙ୍ଗେ ଅନ୍ନତ ବଳ,
ଥଣ୍ଡା ଜଳରେ ସଞ୍ଜ-ସକାଳେ
ପ୍ରଭୁଙ୍କୁ ସଦା ସ୍ମର ।

ଯାବାନୀ ଖାଡ଼ବ

ଜୁଆଣି, ଶୁଣ୍ଠି, ଅମ୍ଳବେତସ,
ପକ୍ୱ ତନ୍ତୁଳୀ ରସ,
ଡାଳିମ୍ବମଞ୍ଜି, ନରକୋଳକ
ଦ’ତୋଳା ଲେଖେଁ ପେଷ ।
ସଚଳ ଲୁଣ, ଜୀରା, ଧନିଆଁ,
ନୂତନ ଗୁଡ଼ତ୍ୱକ,
ପ୍ରତି ଦରବ ତୋଳାଏ ଲେଖେଁ,
ପିପ୍ପଳୀ ଶତେକ ରଖ ।
ଗୋଲମରିଚ ଦୁଇଶ ଗୋଟା,
ମିଶିର ଶୁର ପଳ,
ସବୁ ଦ୍ରବ୍ୟକୁ ଖଲରେ ଘୋଟି
ମାସା ଦ’ମସା କର ।
ଏହି ଔଷଧ କଳରେ ଯାକି
ଢୋକିଲେ କ୍ରମେ କ୍ରମେ,
ଅନ୍ନରେ ରୁଚି ହୁଅଇ ଜାଣ
‘ଅରୁଚିରୋଗ’ କମେ ।

ତିନ୍ତିଡ଼ି ପାଚକ

ତିନ୍ତୁଳିରସ ପାଞ୍ଚୋଟି ପଳ,
କୋଡ଼ିଏ ପଳ ଚିନି,

GPNanda Colln., Digitized by srujanika@gmail.com

ବିଟା ଧନିଆଁ, ଅଦା ପ୍ରତ୍ୟେକୁ
ଘୃତ ତୋଳାରେ ଘେନ ।
ତେଜପତର, ଗୁଡ଼ୁଚ୍ଚିକ ତ୍ୱଚ,
ଏଳାଚ, ନାଗେଶ୍ୱର,
ପ୍ରତି ଦ୍ରବ୍ୟକୁ ତୋଳାଏ ଲେଖେଁ
ଅଣାଇ ଚୂର୍ଣ୍ଣ କର ।
ତେପନ ପଲ ବିଶୁଦ୍ଧ ଜଳ
ମାଟିପାତ୍ରରେ ରଖି,
ଦବୁ ମସଲା ଜଳେ ଗୋଳିବ
ପ୍ରଭୁଙ୍କୁ କରି ସାକ୍ଷୀ ।
ତହିଁ ବିଶୁଦ୍ଧ ମିଶାଅ ଦୁଧ
ଯେତେକେ ଘୃତ ପଳ,
ଘୁଣି କନାରେ ଶୁଦ୍ଧ ପାତ୍ରରେ
ରଖିବ ନିରମଳ ।
ଅଧ ତୋଳାରେ ଅଗୁରୁଚୂର୍ଣ୍ଣ,
କର୍ପୂରେ ସୁବାସିତ,
କରି ବନ୍ଧିତ ସେବଲେ ନିତ୍ୟ
ଅରୁଚ ହୁଏ ହତ ।
ଏହି ପାଚକ ନୃପତିଯୋଗ୍ୟ
ସୁସ୍ୱାଦୁ ମନୋହର,
ଥରେ ଖାଇଲେ ଜିହ୍ୱା-ଲାଳସା
ବଢ଼ଇ ନିରନ୍ତର ।

GPNanda Colln., Digitized by srujanika@gmail.com

ରସାଳା

ଚିନି ଦୁ’ ସେର   ଦହି ଅମ୍ଳିକ
  ଅନାଇ ଆଠ ସେର,
ଦ୍ରବ୍ୟ ନୋହୁନ୍ତ,   ମନ୍ଥ ମିଶ୍ରିତ
  କରିବ ଦୁଇ ଚଳ ।
ଶୁଣ୍ଠୀ, ମରିଚ   ଚୂର୍ଣ୍ଣ ଗୁଳକ
  ଆଠ ତୋଳାରେ ଦେବ,
ତେଜପତ୍ରର,   ନାଗକେଶର,
  ଏଲାଇଚର ମଞ୍ଜି ,
ଦୃଢ଼ଭକ୍ତ ସେ   ପ୍ରତିଦ୍ରବ୍ୟକୁ
  ତୋଳେ ଲେଖାଏଁ ଆଣି,
ସବୁ ମହଳ   ଏକତ୍ରେ ଶିଳେ
  ବାଟିବ ଦେଇ ପାଣି ।
କୋମଳଦେହୀ   ନବଯୁବତୀ
  ବାଟିବା ଅଛି ବିଧି,
ସବୁ ଦରବ   ଗୋଳାଇ ପାଛେ
  ରଖିବ ମୁଖ ବାନ୍ଧି ।
ସୁଗନ୍ଧ ଦ୍ରବ୍ୟ   କର୍ପୂର ଚୂର୍ଣ୍ଣ
  ଦୁଇ ମସାରେ ଗୋଳ,
ରୁଚି ଖାଇଲେ   ଅରୁଚି ରୋଗ
  ମୂଳରୁ ଯାଏ ମର ।
ଏହି ରସାଳା   ବଳଷ୍ଟ ଧାମ
  ସ୍ୱହସ୍ତେ କରମାଣି,
କୃଷ୍ଣଚନ୍ଦ୍ରଙ୍କୁ   ନୁଆଇଥିଲେ
  ଥାଅ ସୁଜନେ ଶୁଣି ।

GPNanda Colln., Digitized by srujanika@gmail.com

ରସକେଶରୀ

ପାରା, ଗନ୍ଧକ କଜ୍ଜଳୀ କର
ତହିଁରୁ ଦୁଇ ତୋଳା,
ଲବଙ୍ଗ ପାଞ୍ଚ— ତୋଳାରେ ତୁଳ,
ଶଙ୍ଖ* ଦ'ମସା ସାର ।
ସବୁ ମସଲ ଖଲରେ ଦେଇ
ଦନ୍ତୀ କ୍ୱାଥରେ ମର୍ଦ୍ଦି,
ସନ୍ଧି-ସକାଳେ ଖାଇବ ବୀର
ପ୍ରମାଣେ ବଟୀ ବାନ୍ଧ ।
ଦନ୍ତୀ ଦ' ତୋଳା ବତ୍ତଶ ତୋଳା
ଜଳେ ସିଝାଇ ଶେଷେ,
ଆଠ ତୋଳାରେ ଋଣି ଦେ ଜଳେ
ମର୍ଦ୍ଦନ କର ହରଷେ ।
ପୁରୁଣା ଗୁଡ଼ ଅଧ ତୋଳାରେ
ଗୋଳି ଅଥବା ଶୁଣ୍ଠୀ,
ଚୂର୍ଣ୍ଣ ମସାକେ ମଧୁ ପନର
ଫୋପାରେ ଯତ୍ନେ ଦୋଷି ।
ଖାଇଲେ ବଟୀ ଅରୁଚି ହଟି
ଇଚ୍ଛା ହୁଅଇ ଅନ୍ନେ,
ବସୂଚୀ, ବାତ, ଅଗ୍ନିମାନ୍ଦ୍ୟ ଯେ
ବନାଶ ହୋନ୍ତି କ୍ଷଣେ ।

---

*ଶଙ୍ଖ—ଶୋଧିତ ମଦୁର

GPNanda Colln., Digitized by srujanika@gmail.com

ମୁଷ୍ଟିଯୋଗ

ଭୋଜନ ପୂର୍ବରୁ ଅଦା ଲବଣ
ଦନ୍ତେ ଚୋବାଇ ଦେଲେ,
ଅରୁଚି ରୋଗ ଅଗ୍ନିମାନ୍ଦ୍ୟାଦି
ପଳାଏ ବହୁ ଦୂରେ ।
ଭୋଜନ ଆଗରୁ ଭଜା ଜୀରାର
ଚୂର୍ଣ୍ଣ ଜଳରେ ଘଷି,
ଘୋଳଦହିକୁ କୁଳି କରିଲେ
ଅରୁଚି ଯାଏ ନାଶି ।
ଆମ୍ବିଳିତର ପତ୍ରକୁ ବାଟି
କଦଳୀପତ୍ରେ ପୋଡ଼ି,
ଜଳରେ ଘଷି କୁଳି କରିଲେ
ଅରୁଚି ଯାଏ ଛାଡ଼ି ।
ପୋଦିନାପତ୍ର ଦ୍ରାକ୍ଷାର ସଙ୍ଗେ
ତେନ୍ତୁଳି ପୁରାତନ,
ଚଟଣି କରି ସେବିଲେ ନିତ୍ୟ
ଅରୁଚି ହୁଏ ହାନ ।

ପୁରୁଣା ଗୁଡ଼ ତେନ୍ତୁଳିରସ
ସମ ଭାଗରେ ଜଳେ,
ଗୋଳି ତାହାକୁ କନାରେ ଛାଣି
ରଖିବ ବୋତଲରେ ।
ଖାଇବା ପୂର୍ବେ ଏହାକୁ କୁଳି
କରିଲେ ପ୍ରତିଦିନ,

GPNanda Colln., Digitized by srujanika@gmail.com

ମୂର୍ଚ୍ଛ ଅରୁଚି ହୁଏ ବିନାଶ
ଏଥିରେ ନାହିଁ ଆନ ।
ମରିଚ, ଆଁଳ— ଚିନି, ଏଲାଚ,
ପ୍ରତ୍ୟେକ ଅଧତୋଳା,
ଚୂର୍ଣ୍ଣ ଶିଳରେ ଟିପେ ଲେଖାଏଁ
ଜିଭେ ଘଷିଲେ ଧୀର ।
ଅରୁଚିରୋଗ ନାଶଇ ବେଗ
ଏ ମୁଷ୍ଟିଯୋଗ ତନ୍ତ୍ର,
ନ ଧର ଦୋଷ କଲି ପ୍ରକାଶ
ଉଡ଼ିଆଭାଷ ଗୀତ ।
ଅରୁଚିରୋଗେ ବନ୍ଧବ ଆଗେ
ଅଗ୍ନିକାରକ ପଥ୍ୟ,
ବାକ୍ୟ ହସାଇ ମନ ରସାଇ
ଦେବୀର କର ସ୍ତୁତ ।

ବମନ ଚିକିତ୍ସା

ଲକ୍ଷଣ

ଖାଦ୍ୟଦରବ ନ ରହି ପେଟେ
ମୁହଁରୁ ବାହାରିଲେ,
ବମନ ବୋଲି କହନ୍ତି ବୈଦ୍ୟେ
ଏହା ଶାସ୍ତ୍ରରେ ବୋଲେ ।
ଘୃଣାଜନକ ବସ୍ତୁ ଦର୍ଶନ
ଖାଇଲେ ଲେଭ ଜଳ,

GPNanda Colln., Digitized by srujanika@gmail.com

ପେଟ ଅଉଣ୍ଡି ହୋଇଣ ବାନ୍ତି
ସେସବୁ ଯାଏ ପଡ଼ି ।
ଗର୍ଭ ସମୟେ ବାନ୍ତିର ବେଗ
ଭୋଗେ ଯୁବତୀ ଜନ,
ମୁଖଅପ୍ରସନ୍ନ ହୁଏ ମଳିନ
ଶରୀର ଅବସନ୍ନ ।

ଚିକିତ୍ସା

ବମନ-ବେଗେ ରୋଗୀକୁ ଆଗେ
ଲଙ୍ଘନ କରାଇବ,
ତା' ପରେ ଲଘୁ ସୁପକ୍ୱ ପଥ୍ୟ
ଅଣାଇ ଖୁଆଇବ ।
କଫ ପ୍ରକୋପେ ବାନ୍ତି କରାଅ
ପିତ୍ତର ଆଧିକ୍ୟରେ,
ଝାଡ଼ା କରାଇ ଔଷଧ ଦେବ
ବୁଝି ଶରୀର ଧୀରେ ।
ନଡରାଳା ଦୁଧେ ସମାନ ଭାଗେ
ପିଇଲେ ଜଳ ଦେଇ,
ବାୟୁଜନିତ ବାନ୍ତି ତୁରିତ
ଯାଏ ତ ଭଲ ହୋଇ ।
ସୈନ୍ଧବ ଲୁଣ ଆବର ଗବ୍ୟ—
ଘୃତ ସମାନ ତୋଳି,
ତୋଳେ ମାଝାରେ ଗୁଣ୍ଠିଲେ ବାହୁ
ବାନ୍ତି ପଳାଇ ଚଳ ।

GPNanda Colln., Digitized by srujanika@gmail.com

ଅଇଁଲା ରସ ଆଠ ତୋଳାରେ
ଶ୍ୱେତଚନ୍ଦନ ଚୂର୍ଣ୍ଣ,
ଦ' ତୋଳା ଦେଇ ପାରେ ଯେ ଖାଇ
ଆନନ୍ଦେ ପ୍ରତିଦ୍ଦିନ ।
ପିତ୍ତପ୍ରକୋପ ବାନ୍ତପ୍ରତାପ
ସତ୍ୱର କମିଯାଏ,
ଆଠ ଅଣିର ଓଜନ ମଧୁ
ତହିଁରେ ଯେତେବେ ଥାଏ ।
ଶ୍ୱେତଚନ୍ଦନ, ବେଣାର ମୂଳ,
ଶୁଣ୍ଠୀ ଯେ କୁଡ଼ୁବେଲ,
ବାସଙ୍ଗ ନେଇ ପ୍ରତ ଦରବ
ଏକ ମସାରେ ତୁଲ ।
ଉଆଳ୍ୱନ୍ନ୍ଦ- ଧୂଆ ଜଳରେ
ବାଣ୍ଟି ତହିଁରେ ଗୋଳ,
ମଧୁ ମସାଏ ପଶସ୍ଥି ତହିଁ
ସେବିଲେ ଦୁଇ ଓଳ !
ପିତ୍ତଜନତ ବାନ୍ତ ପ୍ରକୋପ
ବିନାଶ ହୁଏ ଧୀରେ,
ଚକଗ୍ରାବଧି ବଡ଼ ପ୍ରସିଦ୍ଧି
ଈଶ୍ୱର ଅନୁକୂଳେ ।
ନ କର ହେଳା ଆଣ ଦ'ତୋଳା
କ୍ଷେତପାପଡ଼ା ଗଛ,
ସିଝାଇ ଅଧ- ସେର ଜଳରେ
ଆଠ ତୋଳାରେ ସ୍ୱଚ୍ଛ ।

GPNanda Colln., Digitized by srujanika@gmail.com

ରଖ କୁଆଥ ଦୁ'ମସା ମଧୁ
ମଧ୍ୟରେ ପ୍ରତିଦିନ,
ଖାଇଲେ ପିତ୍ତ- ଜନିତ ବାନ୍ତି
ପଳାଏ ହୋଇ କ୍ଷୀଣ ।
ବରକୋଳିର ଶସ, ଜାମୁର-
ମଞ୍ଜି ଦୁ'ମସା ଚୂର୍ଣ୍ଣ,
ମଧୁ ଗୋଳାଇ ଖାଇଲେ ନେଇ
କଫ ତରହ ନଶେ ।
ଦୁବଲଗ୍ରର ଚୂର୍ଣ୍ଣ ମସାଏ
ମଧୁରେ ଦେଲେ ଗୁଣ୍ଡି,
ରୋଗୀ ଜାଣନ୍ତି କଫଜ ବାନ୍ତି
ତେଜନ୍ତି ଯାଏ ହୁଣ୍ଟି ।
ଶୁଣ୍ଠୀ, ତ୍ରିଫଳା, ବାଇବିଡ଼ଙ୍ଗ
ପ୍ରତ୍ୟେକକୁ ତୋଳେ ଚୂର୍ଣ୍ଣ,
ଦୁଇ ମସାରେ ମଧୁ ସଙ୍ଗରେ
ସେବଲେ ଶିବ ସ୍ମର ।
ଅଥବା ଶୁଣ୍ଠୀ, ନାଗର ମୁଥା,
ବିଡ଼ଙ୍ଗ ପ୍ରତି ଦ୍ରବ୍ୟ,
ତୋଳାଏ ଚୂର୍ଣ୍ଣ ମସାଏ ମାତ୍ରା
ମଧୁରେ ଗୋଳ ସେବ ।
ଶୁଷ୍କ ଗୁଲୁଚ ଦୁ'ତୋଳା ଛେଚ
ଆଣ ଉତ୍ତମ ରୂପେ,
ସନ୍ଧ୍ୟାରେ ପାଣ ତୋଳା ଜଳରେ
ଭିଜାଇ ଦେବ ଆପେ ।

GPNanda Colln., Digitized by srujanika@gmail.com

ହିକଳେ ଗୁଣି   କନାରେ ଛାଣି
ଚନ୍ଦ୍ରଂରେ ମହୁ ଦେଇ,
ହୁଅଇ ଛେଦ   ତ୍ରିଦୋଷ ଛର୍ଦ୍ଦି
ପାନ ଯେ କରଇ ନେଇ ।
ଏହି ପ୍ରକାରେ   ସକାଳ ବେଳେ
ଭିଜାଇ ଯତ୍ନେ ଖାଅ,
ପ୍ରତ୍ୟେକ ଥର   ନୂତନ ଦ୍ରବ୍ୟ
ଜଳେ ଭିଜାଇ ଦିଅ ।
ଅଏଁଳା, ଦ୍ରାକ୍ଷା,   ସ୍ୱଦେଶୀ ଚିନି,
ମହୁ ପ୍ରତ୍ୟେକ ଦ୍ରବ୍ୟ,
ଷ୍ଟର ତୋଳାରେ   ଓଜନ କରି
ଶିଳରେ ବାଟି ଦେବ ।
ବକଣ ତୋଳା   ଜଳେ ଗୋଳାଇ
ମୋଟା କନାରେ ଛାଣି,
ଷ୍ଟର ତୋଳାରେ   ସେବଲେ ହୁଏ
ତ୍ରିଦୋଷ ବାନ୍ତି ହାଣି ।
ରକ୍ତଚନ୍ଦନ   ଯଷ୍ଟି ମଧୁରୁ
ପ୍ରତ୍ୟେକ ମଷା ଏକ,
ବମ୍ବାଦୁଧରେ   ବାଟି ସେବିଲେ
ରକ୍ତ-ବାନ୍ତି ଦବ ।
ନ ଥାଏ ରୋଗୀ   ମନରେ; କମ୍ପା
ଦୁବଶାସ୍ବର ରହ,
ଦୁଇ ତେ ଭାଗେ   ପାନ କରିଲେ
ରକ୍ତବାନ୍ତି ନାଶ ।

GPNanda Colln., Digitized by srujanika@gmail.com

ଜମ୍ବ୍ୱାଦ୍ୟ କ୍ୱାଥ

ଜାମ୍ବୁ, ଆମ୍ବର କଞ୍ଚା ପତର
ଦୁଇ ତୋଳାରେ ଆଣି,
ଷୋହଳ ତୋଳା ଜଳେ ସିଝାଇ
ଶେଷରେ ରଖି ଛାଣି ।
ଗୃହ୍ରେଟି ତୋଳା; ତହିଁରେ ଲଆ
ଚୂର୍ଣ୍ଣରୁ ଏକ ତୋଳା,
ମହୁ ଦ'ମସା ଗୋଳ ସେବବ
ଏହାକୁ ଦୁଇ ବେଳା ।
ଏଥିରେ ସର୍ବ ବମନ-ବେଗ
ଅତିସାରର ତୃଷା,
ନାଶ ହୁଅଇ ଦନକ ମଧ୍ୟେ
ନୁହଇ କେଳଦସା ।

ଆମ୍ରାଦ୍ୟାଦ୍ୟ କ୍ୱାଥ

ଆମ୍ବ କୋଇଲି, ଦ୍ୱି-ବେଲଶୁଣ୍ଠି,
ପ୍ରତି ଦରବ ତୋଳେ,
ବତିଶ ତୋଳା ଜଳେ ସିଝାଇ
ରଖିବ ଆଠ ଠାରେ ।
ତହିଁରେ ଚିନି ଅଧ ତୋଳାଏ
ମହୁ ମସାଏ ଗୋଳ,
ସେବନେ ନିତ୍ୟ ହୁଅଇ ହତ
ଅତିସାରବେଗ ଭୃଶ ।

GPNanda Colln., Digitized by srujanika@gmail.com

ଗୁଡ଼ୁଚ୍ୟାଦି କ୍ୱାଥ

ଗୁଳୁଚି, ନିମ- ଛେଲି, ଅଁଳା,
ଶୁଷ୍କ ପଟୋଳ ପତ୍ର,
ହରଡ଼ା ଗ୍ଳେପା ବାହ୍ୱାଡ଼ା ଫଳ
ପ୍ରତି ପାଞ୍ଚଣା ମାପ '
ଦ୍ୱ'ରତି ଭୁଳି ବତିଶ ତୋଳା
ଜଳରେ ସିଝାଇବ,
ଶେଷରେ ରଖି ଆଟଠାଟି ତୋଳା
କନାରେ ଛାଣି ନେବ ।
ଦ'ମସା ମହୁ ତହିଁ ପକାଇ
ପିଇଲେ ପ୍ରତିଦିନ,
ପିତ୍ତ-ପ୍ରକୋପ ବମନରୋଗ
ହୁଅଇ ଦେହୁ ଲୀନ ।

ଏଲାଦି ଚୂର୍ଣ୍ଣ

ନାଗ କେଶର, ବରକୋଳିର
ଶସ ଯେ ଏଲାଇଚ,
ଲବଙ୍ଗ, ଲିଆ, ପ୍ରିୟଙ୍ଗୁ, ମୁଥା,
ରକ୍ତଚନ୍ଦନ ଯଷ୍ଟି ।
ପିମ୍ପଳୀ ପ୍ରଭୃତି ଦ୍ରବ୍ୟରୁ ତୋଳେ
ଲେଖାଏଁ ଭୁଳି ଚୂରି,
ସିଉକ ମାପ ଦ'ମସା ମହୁ,
ଚିନିରେ ଖଲେ ଗୋଳି ।
ସନ୍ଧ୍ୟା-ସକାଳେ ଏହା ସେବିଲେ
ଛର୍ଦ୍ଦି ରୋଗକୁ ନାଶେ,

GPNanda Colln., Digitized by srujanika@gmail.com

ଏଥିରେ ଫଳ ହୁଏ ନଷ୍ଟପୁ
ବଫଳ କର୍ମଦୋଷେ ।

ବୃଷଧ୍ୱଜ ରସ

ଶୋଧିତ ପାରା, ଗନ୍ଧକ ଦୁଇ
ଦ୍ରବ୍ୟରୁ ତୋଳେ ତୋଳେ,
ଖଲେ ଚକାଇ କଜ୍ଜଳୀ କର,
ଉତ୍ତମ ଭାବେ ହେଲେ ।
ତାହା ସଙ୍ଗରେ ମିଶାଅ ଲୌହ,
ଶ୍ୱେତଚନ୍ଦନ ଖଣ୍ଡ,
ପିପ୍ପଳୀ, ଅଁଳା, ଯାଷ୍ଟିମଧୁ ଯେ
ଗୁଳୁଚିତର ଗୁଣ୍ଡ ।
ଟାଙ୍ଗଣାଖଇ, ଲବଙ୍ଗ, ଜଟା-
ମାଂସୀ ପ୍ରତ୍ୟେକ ତୋଳେ,
ଖଲରେ ଦେଇ ସ୍ୱ-ଶାଳପର୍ଣ୍ଣୀ,
ଆଖୁରସରେ ଧୀରେ ।
ମର୍ଦ୍ଦନ କରି ସାତୋଟି ଦିନ
ତା'ପରେ ଛେଳିଦୁଧେ,
ଏକ ପ୍ରହର ଯୋଡି ବଟିକା
କରିବ ସ୍ୱଚ୍ଛ ହୃଦେ ।
ଦୁଇ ରତିରେ ବଟିକା କରି
ଶାଳପର୍ଣ୍ଣୀର ରସ,
ଦୁଇ ତୋଳାରେ ସେବିଲେ ନିତ୍ୟ
ବମନରୋଗ ଧ୍ୱଂସ ।

GPNanda Colln., Digitized by srujanika@gmail.com

ମୁଷ୍ଟିଯୋଗ

ଦୁଇ ଛଟାଙ୍କି ଜଳରେ ଚିନି
ଗୋଳାଇ ଖଣ୍ଡ ତୋଳା,
ଅମୃତପତର ଗୋଟା ବାଆର
ଚକଟ ଟେକ ଦେଲା ।
କନାରେ ଛାଣି ସରବତକୁ
ପିଇଲେ ମଝେ ମଝେ,
ବମନବେଗ ହୁଏ ନିବୃତ୍ତ
ଏହା କହିବ ଅବେଦ୍ୟ ।
ପୋଦନାପତ୍ର, ସୈନ୍ଧବ ଲୁଣ
ଏକ ତୋଳାରେ ଆଣି ।
ଥଣ୍ଡା ଜଳରେ ଶିଳରେ ବାଟି
ଗୋଳିବ ଦେଇ ପାଣି ।
କନାରେ ଛାଣି ପାତ୍ରରେ ରଖି
ପିଇଲେ ଏକ୍ଷ ପଣା,
ବମନବେଗ ତାର ଉଦ୍‌ବେଗ
ପଳାଏ ହୋଇ ବଣା ।
ପକ୍ୱ ଏଳାଚ- ସିଦ୍ଧ ଜଳକୁ
ପିଇଲେ ଘନ ଘନ,
ବମନବେଗ ଲଭେ ବିଯୋଗ
କହନ୍ତି ମୁନିଜନ ।
ଅପର୍ଯ୍ୟାଲଣ୍ଡି ଜଳେ ଭିଜାଇ
କନାରେ ଛାଣି କରି,

GPNanda Colln., Digitized by srujanika@gmail.com

ଶମ୍ବୁକେ ମାହା କଲେ ସେବନ
ପଳାଏ ବାନ୍ତି ଜ୍ୱର ।

ପଥ୍ୟ

ପୁରୁଣା ଧାନ- ମୋଟା ଗୁଞ୍ଜଳ,
ବାଳୁଙ୍ଗାଧାନ ଚୂଡ଼ା,
ଲିଆର ମଣ୍ଡ, ଧନିଆଁ ଜାଉ,
ପଟୋଳପତ୍ର ବଡ଼ା ।
ପାଳୁଅଷୀର, ଢୋଳଦନ୍ତି ସେ
ମାଣ୍ଡିଆ ପୁରାତନ,
ମୁଗ, ଗହମ, ଖଣ, ମସୁର,
ନାଲିଷାଠିଆ ଧାନ ।
ପାଚିଲ, କଙ୍କା କଦଳୀ ଫଳ,
ପଟୋଳ, ବାଇଗଣ,
ଜହ୍ନୀ, ଭେଣ୍ଡି ସେ ପାଣିକଖାରୁ
କଣ୍ଟିମୂଳାକୁ ଆଣ ।
ସଜନାଛୁଇଁ, ଅମୃତଭଣ୍ଡା,
କଇଥ, ଜାମୁଫଳ,
ଆମ୍ବ, କାଗେଜ, ଅଙ୍ଗୁର, ଟଭା,
ମିଠା କମଳା-ଜଳ ।
ଦ୍ରାକ୍ଷା, ମିଶିରି, ଲହୁଣୀ, ଘୃତ,
ନଡ଼ିଆ, ଦହି, ଦୁଧ,
ଧନିଆଁ, ଗୋଲ— ମରିଚ, ଜୀରା,
ହଳଦୀ, ଭଜା ଖୁଦ ।

GPNanda Colln., Digitized by srujanika@gmail.com

ଜଙ୍ଗଲ-ପକ୍ଷୀ— ପଶୁର ମାଂସ,
ଶ୍ରେଷ୍ଠ ମାଛର ଝୋଳ,
ବୁଝି ବଳର ରୋଗୀକୁ ଦେବଲ
ଦେବଦ ଆସବ ବଳ ।
ସପୁରୀରସ, ବରଫ ଜଳ,
ଡାଳିମ୍ବ, ନାରଙ୍ଗପାତ,
ପଇଡ଼ଜଳ, ବେଦନା, ସେଉ,
ଗୋଲପଜଳ ସାଥି ।
ଏଠାରେ ଛନ୍ଦି ରୋଗର ବିଧି
ଶେଷ କଲି ମୁଁ ଗାଥେ,
ଅଜ୍ଞାନ ନର ବାଳୁକେଶ୍ୱର
ସାଧାରଣଙ୍କ ହିତେ ।

—୦—

ତୃଷାରୋଗ ଚିକିତ୍ସା
ଲକ୍ଷଣ

ଅଜୀର୍ଣ୍ଣ ଦୋଷ ଶ୍ରମ ହେତୁରୁ
ଦୋଷ ବିକୃତ ହେଲେ,
ହୁଅଇ ତୃଷା ପିଇବା ଆଶା
ନ ତୁଟେ ପାନ କଲେ ।
ଶୁଖଇ କଣ୍ଠ, ତାଳୁ ଯେ ଜଡ଼,
ରୋଗୀ ଅସ୍ଥିର ନିତ,
ବହୁ ପରିସ୍ରା ହୁଏ ଝଟିତ,
କେବେ ନ ଆସେ ଶାନ୍ତି ।

GPNanda Colln., Digitized by srujanika@gmail.com

ତୃଷାବେଗରେ ମୁଖରେ ସ୍ୱାଦ
ନ ଲଗେ ଖାଦ୍ୟଦ୍ରବ୍ୟ,
ମନ ଅସ୍ଥିର, ମସ୍ତକ ଭ୍ରମ
ହୁଅଇ ନିରନ୍ତର ।

ଚିକିତ୍ସା

କହିବି ତୃଷା— ବେଗ ଚିକିତ୍ସା
ଶୁଣିବ ମନ ଦେଇ,
ଯେଉଁ ଔଷଧ ପ୍ରୟୋଗ କରି
ସୁଯଶ ଅଛି ପାଇ ।
ବାୟୁ-ପ୍ରକୋପ ତୃଷାବେଗରେ
ଦହିରେ ଗୁଡ଼ ଗୋଳି,
ନିତ୍ୟ ସେବିବ ବଳକାରକ
ମାଂସର ଝୋଳ କରି ।
ଚିକ୍କଣ ରସ, ବାୟୁନାଶକ
ଅନ୍ନ ପାନୀୟ ଦ୍ରବ୍ୟ,
ଲଘୁ, ଶୀତଳ କର ଆହାର
ସୁରୁଚି, ସୁଖସେବ୍ୟ ।
ପକ୍ୱ ଡିମିରି ଫଳର ରସ
କିମ୍ବା ତାହାର କ୍ୱାଥ,
ପିଇଲେ ନିତ୍ୟ ପିତ୍ତଜନିତ
ତୃଷା ହୁଅଇ ହତ ।
ଦ୍ରାକ୍ଷା, ଚନ୍ଦନ* ବେଣାର ମୂଳ,
ବଣଖଜୁରି ଫଳ,

*ଚନ୍ଦନ—ଶ୍ୱେତଚନ୍ଦନ ।

GPNanda Colln., Digitized by srujanika@gmail.com

ପ୍ରତ୍ୟେକୁ ଅଧ ତୋଳେ ଅଣାଇ
ଛେଚିବ ଦର ଦର ।
ସନ୍ଧ୍ୟା ସମୟେ ଛ ତୋଳା ଜଳେ
ଭିଜାଇ ମାଟିପାତ୍ରେ,
ଅନ୍ତ ପ୍ରହରୁ ଛାଣି ଜଳକୁ
ପାନ କରିବା ମାତ୍ରେ ।
ପିତ୍ତଜନିତ ତୃଷାରୋଗ ତ
ପଳାଏ ରଡ଼ ଛାଡ଼ି,
ନୂତନ ଦ୍ରବ୍ୟ ପୁଣି ସକାଳେ
ଭିଜାଇ ସଞ୍ଜେ କାଢ଼ି ।
ହରଡ଼ପତ୍ର, ବେଲଟିଛିଲ ଯେ,
ଶୁଣ୍ଠୀ, ଧାତୁକୀଫୁଲ,
ବଣପିପ୍ପଳୀ— ମୂଳ, ପିପ୍ପଳୀ,
ଧଳାଚିତାର ମୂଳ ।
କୁଶର ମୂଳ, ଗୁଳୁଞ୍ଚକାଠ ଯେ
ପ୍ରତ୍ୟେକ ତିନି ଅଣା—
ତିନି ରତିରେ ଶିଳରେ ଛେଚି
ଦଶ ସେର ଜଳେ ସିଝା ।
ମନ୍ଦ ଜାଳରେ ସିଝାଇ ଧୀରେ
ପାଣି ମରିଲେ ଅଧେ,
ଛାଣି କନାରେ ଭରି ପାତ୍ରରେ
ପିଇବ ମୃଦେ ମୃଦେ ।
ଏଥିରେ କଫ ତୃଷାବିକାର
ବିନାଶ ହୁଏ ଜାଣ,

GPNanda Colln., Digitized by srujanika@gmail.com

ତୃଷାରୋଗରେ ଜଳ ନ ଦେଲେ
  ରୋଗୀଟି ହତଜ୍ଞାନ ।
ଅଁଳା ଫଳ, ବରଓହଳ,
  ଲଆ ସେ ଚମ୍ପା, କୁଡ଼,
ତନ୍ତୀ ସଙ୍ଗରେ ଧତୁର ମୂଳ,
  ପ୍ରତ୍ୟେକ୍କୁ ତୋଳେ କାଢ଼ ।
ସବୁ ମସଲ ନେମ ଚତ୍ରାରେ
  କୃମି ପତନେ ଗ୍ରନ୍ଥି,
ମନ୍ତ୍ର ଟୋଳାର କୋଳ ପ୍ରମାଣ
  ବଟିକା କର ଗଣି ।
ଏନ୍ତ୍ରି ବଟିକା କଳରେ ପାକ
  ଶୋଷିଲେ ନିତେ ଝମେ,
କଫଜନତ ତୃଷାରୋଗ ତ
  ଦନକୁ ଦିନ କମେ ।
କ୍ଷତଜନତ ତୃଷାରୋଗରେ
  ସୁପକ୍ୱ ମାଂସ ରସ,
ହରିଣ-ରକ୍ତ ରୋଗୀ ସେବଲେ
  ହୁଏ ରୋଗର ଧ୍ୱଂସ ।

ମହୋଦଧି ରସ

ଦି'ତୋଳା ତମ୍ବା- ଭସ୍ମ, ତୋଳାଏ
  ବଙ୍ଗ ଖଲରେ ଦେଇ,
ପାସ୍ତିମଧୁର କ୍ୱାଥରେ ଏହା
  ଘୋଟିବ ରତ୍ନି ରତ୍ନି ।

GPNanda Colln., Digitized by srujanika@gmail.com

ସପ୍ତ ଦିବସ ଘୋଟିବ ରସ
ଦୁଇ ରତିରେ ବଟୀ-
କରି, ଯତନେ ଚଳ ପାଚନେ
ସେବିବ ଗୋଟି ଗୋଟି ।
ରକ୍ତଚନ୍ଦନ, ନାଗକେଶର,
ମୁଥା, ଅନନ୍ତମୂଳ,
ଗୁଳୁଚି ଯେ ପ୍ରତ୍ୟେକରୁ ଛଅ-
ଅଣା ଦି'ରତି ତୁଲ ।
ସାମାନ୍ୟ ଭାବେ ଛେଚି ଶିଳରେ
ଦେଡଣ ତୋଳା ଜଳେ,
ଦେବ ସିଝାଇ ପାଖରେ ଥାଇ
ଚଲାଇ ମନ୍ଦ ଜାଳ ।
ଶେଷରେ ଆଠ ତୋଳା ଓଜନ
ରଖି କନାରେ ଛାଣି,
ବଟୀ ଗୋଳାଇ ସେବିଲେ ପାଣି
ତୃଷା ମରଇ ପୁଣି ।

ମୁଷ୍ଟିଯୋଗ

ପଇଡ଼ଜଳେ ପାନମହୁରୀ,
ଧନଆଁ ବଡ଼ୁରୀଚ,
ଜଳ ଭିଜିଣ କଲେ ସେବନ
ନାଶଇ ତୃଷା ବାଇ ।
ପାନମହୁରୀ କନାରେ ବାନ୍ଧ
ଜଳେ ଡୁବାଇ କଲେ-

GPNanda Colln., Digitized by srujanika@gmail.com

ଯାକ ଫୁଟିଲେ ଜଳ-ପିପାସା
ନିବୃତ୍ତ ହୁଏ ବେଗେ ।
ବିଶୁଦ୍ଧ ମଧୁ ଅଥବା କାଞ୍ଜି-
ପାଣି କରିଲେ କୁଳ,
ତୃଷାନାଶନ କରି ବହନ
ଫିଟାଏ କଣ୍ଠନାଳୀ ।
ତିନ୍ତୁଳି ଦୁଇ ତୋଳା ଅଣାଇ
ବିଶୁଦ୍ଧ ଅଧ ସେର-
ଜଳେ ଚକଟି କନାରେ ଛାଣି
ରଖିବ ସେହି ଜଳ ।
ଉପଯୁକ୍ତରେ ଚିନି-ଲବଣ
ତହିଁରେ ଗୋଳ ଦେଇ,
ଶାମୁକେ ପ୍ରତି କ୍ଷଣେ ପିଇଲେ
ତୃଷା ରହିବ ନାହିଁ ।

ପଥ୍ୟ

ଷାଠିଆ ଧାନ- ପୁରୁଣା ଅନ୍ନ,
ଶାଗୁ, ବାର୍ଲି ଯେ ଲିଆ,
କାଙ୍ଗୁ, ମାଣ୍ଡିଆ, ବାଜରା, ମକା,
କୋଳଥ, ମୁଗ, ସୁଆଁ ।
ଖଇ, ମସୁର, ବୁଟ, ହରଡ଼,
ବନ୍ୟ ପ୍ରାଣୀର ମାଂସ,
ପଟୋଳ, ଜହ୍ଣୀ, କଦଳୀ, ମୂଳା,
କଷିକାକୁଡ଼ି ଶସା ।

GPNanda Colln., Digitized by srujanika@gmail.com

ଅମୃତଭଣ୍ଡା,   ପାଣିକଖାରୁ,
　　ଲଉ ଯେ ବାଇଗଣ,
ହଜନାଲୁଙ୍ଗି,   କଦଳୀମଞ୍ଜା,
　　କାଙ୍କଡ଼, ଦେଶୀ ଲୁଣ,
ଦହି, ଗୋରସ,   ଛେନା, ଲହୁଣୀ
　　କଇଥ, ଆମ୍ବ, ଜାମୁ,
କମଳା, ଟଭ,   ଅଙ୍ଗୁର, ସେଉ,
　　ଦ୍ରାକ୍ଷା, କାଗେଜଲେମ୍ବୁ ।
ଜୀର, ମରିଚ,   ପୋସ୍ତକ ଦାନା,
　　ହଳଦୀ, ଶ୍ରେଷ୍ଠ ମାଛ,
କଉ, ମାଗୁର,   ମଧୁର ଦ୍ରବ୍ୟ,
　　ଝରଣାପାଣି ସ୍ୱଚ୍ଛ ।
ପଇଡ଼ଜଳ   ମିଶିରପଣା,
　　ଚନ୍ଦନ, ଶ୍ରୀକର୍ପୂର,
ସପୁଷ୍ପରସ,   *ସରଗଫଳ
　　ଗୋଲାପଫୁଲ ଜଳ ।
ଯେ ଭଲ ନୈବେଦ୍ୟ   ଅନ୍ୟାନ୍ୟ ଖାଦ୍ୟ
　　ବାହାର କରି ଦେବ,
ତୃଷାନାଶକ   ଯେ ଦ୍ରବ୍ୟମାନ
　　ଖୋଜାଇ ଅଣାଇବ ।
ହୋଇଲା ଶେଷ,   ଏଠାରେ 'ଶୋଷ-
　　ଚକଷା' ଶୁଣ ଜନେ,

---

*ସରଗଫଳ—କୁଆପଥର ।

GPNanda Colln., Digitized by srujanika@gmail.com

ସକଳ କାର୍ଯ୍ୟ ଶାସ୍ତ୍ରବିଧାନେ
କରିବ ସ୍ଥିର ମନେ ।

ଦାହରୋଗ ଚକିତ୍ସା

ଲକ୍ଷଣ

ପିତ୍ତ-କୋପରେ ହୁଅଇ ଦାହ
ରୋଗୀ ଦେହରେ ନିତ୍ୟ,
ଅଗ୍ନି-ପାଖରେ ରହିଲା ପରି
ମଣଇ ରୋଗୀ ଗାତ୍ର ।
ତୃଷା, ବିଭ୍ରମ, ଅରୁଚି, ଜ୍ୱର,
ଶରୀର ଅବସାଦ,
ଶୁଖଇ କଣ୍ଠ, ତାଳୁ ଯେ ମୁଣ୍ଡ,
ମୁଖେ ନ ଥାଏ ସ୍ୱାଦ ।
ଚକ୍ଷୁ ନାଲିଆ, ହୃଦୟ-ବ୍ୟଥା,
ମୂର୍ଚ୍ଛାରେ ପଡ଼େ ରୋଗୀ,
ଧୈର୍ଯ୍ୟ ନ ଧରି ହୁଏ ବ୍ୟାକୁଳ
ବହୁତ କ୍ଳେଶ ଭୋଗି ।

ଚିକିତ୍ସା

ଏଥିଉତ୍ତାରେ ଶୁଣ ପାଠକଗଣ
'ଦାହଚିକିତ୍ସା' ଯାହା,
ଦେଖିଛୁ ଯେତେ କରି ଚିକିତ୍ସା
ଏବେ କହିବ ତାହା ।

GPNanda Colln., Digitized by srujanika@gmail.com

ଚନ୍ଦନାଦ୍ୟ କଷାୟ

ଶ୍ୱେତଚନ୍ଦନ, କ୍ଷେତପାପଡ଼ା,
ସୁଗନ୍ଧ ବେଣାଚେର,
କୁଡ଼େଇ, ଦାନ— ମହୁଲି ଫେନ,
ପଦ୍ମର ନାଡ଼ ମୂଳ ।
ଧନଆଁ, ମୁଥା, ଅଏଁଳା ଚୋଳ,
ସରସା ଦେଲ୍କ ଠ,
ପ୍ରତି ଦ୍ରବ୍ୟରୁ ଛନଣା ଏକ—
ରତ୍ତେର ତୁଳ ଶ୍ରେଷ୍ଠ ।
ଦ' ସେର ଜଳେ ସିଝାଇ ତାହା
ଶେଷ ରଖିବ ସେରେ,
ଗୁଣି କନାରେ ଫେଷି ମହୁ
ପିଇବ ଦାହ ହେଲେ ।
ଏଥିରେ ଦାହ ହୁଅଇ କ୍ଷୟ
ରୋଗୀ ଲଭଇ ଶାନ୍ତ,
ଶ୍ରୀନାରାୟଣ ବୈଦ୍ୟ ଆପଣ
ବୋଲି ଲେଖଇ ଭକ୍ତ ।

ତ୍ରିଫଳାଦ୍ୟ କ୍ୱାଥ

ଶୁଷ୍କ ତ୍ରିଫଳା, ସୁନାରିଫଳ
ଷ୍ଟେଟି ଦ୍ରବ୍ୟ ଆଣି,
ପ୍ରତି ଦରବ ଅଧ ତୋଳାରେ
ଓଜନ କର ଗଣି ।

GPNanda Colln., Digitized by srujanika@gmail.com

ବତିଶ ଟୋଳା ଜଳ ମିଶାଇ
ସିଝାଅ ମନ୍ଦ ଜାଳେ,
ରଖିବ ଆଠ ଟୋଳା ଯେ ବାରି
ଶେଷରେ ଛାଣି ଧୀରେ ।
ଏହି ପାଚନ ପକ୍ଷି ମଧୁ
ଖେଇଲେ ଦୂର ଓଳ,
ଝାଡ଼ା କରାଇ ଦାହ ଛୁଟଇ
ଦେହ ହୁଅଇ ଝଳ ।

ପର୍ପଟାଦ୍ୟ

କ୍ଷେତପାପଡ଼ି , ବେଣାର ଚେର,
ନାଗରମୁଥା ଆଣି,
ପ୍ରତି ଦରବ ଦଶଟା ଓଜନ-
ରତିରେ ଦେଇ ଚାଖି ।
ସିଝାଅ ଅଧ— ସେର ଜଳରେ
ଶେଷରେ ଆଠ ଟୋଳା,
ରଖି କନାରେ ଛାଣି ଯତନେ
ମଧୁ ପକ୍ଷି ପିବ ।
ଏହି ପାଚନ କଲେ ସେବନ
ଛୁଟଇ ଦାହ ବେଗ,
ପିତ୍ତ-ପ୍ରକୋପ ଜ୍ୱରର ତାପ
ନାଶ ହୁଅଇ ଆଗ ।

ଦାହାନ୍ତକ ରସ

ଶୁଦ୍ଧ ପାରଦ, ଗନ୍ଧକ ତଥି
ପ୍ରତ୍ୟେକ ଟାଙ୍କ ଟୋଳା,

GPNanda Colln., Digitized by srujanika@gmail.com

ଖଟେଲ. ଫଳାର ଠେଶ୍ର ଉପରେ
ଘୋଟି ଛଣଷ୍ଟ ଗୋଳା ।
ତା'ପରେ ପ୍ରାନ- ରସରେ ମଞ୍ଜି
ରଖିବ ଯନ୍ତନପରେ,
ତୋଳାଏ ଜମ୍ମା ପଷ ଉପର
ତଳେ ଥାପିବ ଧିରେ ।
ଯେପନ୍ଥ ପଷକୁ ସବୁଟର ରଖି
ଉପରେ ସବୁ ଦେଇ,
ସନ୍ଧ-ସ୍ଥାନରେ ମାଟି ଲେପିଣ
ଖପୁରେ ରଖ ନେଇ ।
ଦେଢ଼ ହାତର ଲମ୍ବ ଗର୍ତ୍ତର
ଗାତ ଗୋଟିଏ ଖୋଳ,
ଶୁଖିଲା ଘଷି ତଳ୍ପରେ ଦେଇ
ମଝେ ସବୁକୁ ଭର ।
ନିଆଁ ଲଗାଇ ପୋଡ଼ିବ ଘଷି
ତାହା ଲଭୁଳା ପରେ,
ଗାତରୁ ସବୁ କର ବାହାର
ଖୋଳିବ ଧୀରେ ଧୀରେ ।
ଡମ୍ବାପତର ଯେତେବ କ ଭସ୍ମ
ନ ହୋଇ ଥିବ ଦେଖି,
ପୁଣି ପୋଡ଼ିବ ଗାତ ଭିତରେ
ସବୁରେ ଡମ୍ବା ରଖି ।
ହେଲେ ସେ ଭସ୍ମ ଘୁଡ଼ିଲେ ଉଷ୍ଣ
ସବୁ କନ ରେ ଛୁଣି,

GPNanda Colln., Digitized by srujanika@gmail.com

ଛେଦଏ ମାୟା ସେବକ ସତ୍ୟ
ପ୍ରଭୁଙ୍କ ନାମ ଗୁଣି !
ଶୁଣ୍ଠୀ, ପିପ୍ପଳୀ, ମରିଚ ଚୂର୍ଣ୍ଣ
ପ୍ରତ୍ୟେକୁ ତିନ ରତି,
ଉଦାର ପରେ ଗୋଳଣ ଚୂର୍ଣ୍ଣ
ଖାଇଲେ ରୋଗୀ ନିତି ।
ଭ୍ରମ, ମୂର୍ଚ୍ଛା, ସନ୍ତାପ, ପିତ୍ତ,
ନାଶଇ ଜ୍ୱର ମୋହ,
ରୋଗୀଦେହରୁ ଚଳାଇ ଯାଏ
ଦୂରେ ଶଙ୍କାଏ ଦାହ ।

ସୁଧାକର ରସ

ରସସିନ୍ଦୂର, ସ୍ୱର୍ଣ୍ଣ, ମୁକୁତା,
ବଙ୍ଗ ବଜ୍ରୀନ ଅଭ୍ର,
ପ୍ରତି ଦ'ମସା ଭୃଙ୍ଗ ଜଳରେ
ପକାଅ ଅତି ଶୀଘ୍ର ।
ତ୍ରିଫଳା କ୍ୱାଥ, ଛତ୍ରୁଅଶର
ରସରେ ସାତ ସାତ-
ଦିନ ମର୍ଦ୍ଦ ରତିଏ ମାତ୍ରା
କରିବ ମୋକ୍ଷ ଜ୍ୱର ।
ଧନିଆଁ-ତନ୍ଦ୍ରା ଜଳରେ କମ୍ପା
ପଟୋଳପତ୍ର ରସେ,
ସେବିଲେ ବଟୀ ଦାହ ପ୍ରମେହ
ବାତରକ୍ତକୁ ନାଶେ ।

GPNanda Colln., Digitized by srujanika@gmail.com

ପଟୋଳପତ୍ର- ରସ ଷ' ତୋଳା
କମ୍ବା ଧନିଆଁ ଦୁଇ-
ତୋଳାକୁ ଆଣି ଛ ତୋଳା ଜଳେ
ଜନ୍ତ ଇ ଦେବ ନେଇ ।

ବୃହତ୍ ପ୍ରାଣେଶ୍ୱର ମୋଦକ

ଗଜପିପ୍ପଳୀ, ନାଗକେଶର,
ନୂତନ ଗୁଡ଼ତ୍ୱକ,
ବଡ଼ ପୋଡ଼ଆ ଏଳାଚ ନୂଆ,
ଜାଇଫଳକୁ ରଖ ।
ତେଜପତ୍ର, ହିଡ଼ଫଳା ଧର,
ଲବଙ୍ଗ, ବେଣାଚେର,
ଭୂଇଁକଖାରୁ, ଛତୁଆର ସେ,
ତେମନ୍ତ ଲର ମୂଳ ।
ବାଳଶିମୁଳୀ- ମୂଳ, ମୁଥା ସେ
ପ୍ରତ୍ୟେକ ଅଧ ତୋଳା,
ତୁଳସୀ ଆଠ ତୋଳା ଅଧ ସେ
ଧନିଆଁ ଗୁଣ୍ଡ ସାଙ୍ଗ ।
ଘୃତର ତୋଳା ଗୁଳୁଚ ସାର
ତଣ୍ଟରେ ମିଶାଇବ,
ସବୁ ମସଲା ଉତ୍ତମ ରୂପେ
ଶିଳରେ ଚୂର୍ଣ୍ଣ ଦେବ ।
ପଞ୍ଚୁ କନାରେ ଛାଣି ସେ ଚୂର୍ଣ୍ଣ,
ଚଉଦରଣ ତୋଳା,

GPNanda Colln., Digitized by srujanika@gmail.com

ନବାତ ନେଇ ପାଗ କରିବ
ଚିମ୍ନି ଲଗାଇ ଭୃଗ୍ର ।
ଚଉଷ୍ଠରଣ ଠୋଲା ଜଳରେ
ନବାତଯାକ ଭରି,
ମନ୍ଦ ଜାଳରେ ମାରି ବାଧିରେ
ଓହ୍ଲାଇ ନେବ ଧରି ।
ତଳ୍ପାଁରେ ଚୂର୍ଣ୍ଣ ସବୁ ବନ୍ଧନ
ଢାଳି ଗୋଳାଇ ଦେବ,
ପାଏକ ଘିଅ ମହୁ ଗୋଳାଇ
ମୋଦକ ବାନ୍ଧି ନେବ ।
ଏକ ତୋଳାରେ କଞ୍ଚା ଦୁଧରେ
ଦେବଲେ ପ୍ରତିଦିନ,
ସର୍ବାଙ୍ଗ ଦାହ ଗୋଡ଼ ହାତର
ଜ୍ୱାଳା ହୁଅଇ ଲୀନ ।
ରକତ-ପିତ୍ତ ପ୍ରମେହ ରୋଗ
ପିତ୍ତ ବମନ ଶୂଳ,
ମସ୍ତକ ଦାହ ପାଣ୍ଡୁ-କାମଳ
ସତ୍ୱର ହୁଏ ଭଲ ।
ଏହା ଖାଇଲେ ବୃଦ୍ଧା ରମଣୀ
ନବଯୁବତୀ କାନ୍ତ,
ଫୁଟାଇ ଦେହେ ମନକୁ ମୋହେ
ପ୍ରେମରସରେ ମାତ ।
ବହୁତ ଦିନ କଲେ ସେବନ
ନିଶ୍ଚେ ପାଇବ ଫଳ,

GPNanda Colln., Digitized by srujanika@gmail.com

ନାହିଁ ସନ୍ଦେହ ହେ ଶଙ୍କରସୁ
ବିଶ୍ୱାସ ଏକା ମୂଳ ।
ବୃହତ 'ପ୍ରାଣେ- ଶ୍ୱର' ମୋଦକ
ଏହି ଔଷଧ ନାମ,
ପ୍ରାଣପବନ— ଦୋଷ କର୍ତ୍ତନ
କରିବାକୁ ଏ କ୍ଷମ ।

କାଞ୍ଜିକାଦ୍ୟ ତୈଳ

ମୂର୍ଚ୍ଛିତ ତିଳ ତଇଲ ସ୍ୱର
ସେର ହାଣ୍ଡିରେ ଭରି,
ଚୌଷଠି ସେର କାଞ୍ଜି ତୋରାଣି
ତାହା ମଧ୍ୟରେ ଢାଳ ।
ମନ୍ଦ ଜାଳରେ ସେ ପାଣି ଧୀରେ
ମାରି ତେଲକୁ ଘୁଣି,
ପାଶେ ରଖିବ, ଦେହେ ମର୍ଦ୍ଦିବ,
ତନ୍ଦ୍ରିଁରୁ କଷ୍ଟ ଆଣି ।
ତୈଳରୁ ଟୋପେ ଦେଲେ ପକାଇ
ଜଳିବା ଅଗ୍ନି ପରେ,
ନ ହୋଇ ଶବ୍ଦ ଜଳିଲେ ବ୍ୟଗ୍ର
ତୈଳରୁ ଜଳ ମରେ ।
ଦାହଦେହର ପୁରୁଣା ଜ୍ୱର
ସତ୍ୱର ଯାଏ ନାଶ,
ଶରୀର ଶୋଷ ବଢ଼ାଏ ଆଶ
ସୁମର ପୀତବାସ ।

GPNanda Colln., Digitized by srujanika@gmail.com

ମୁଷ୍ଟିଯୋଗ

ଦାହରୋଗରେ କୋଷ୍ଠ ଶୋଧିବା
ନିତାନ୍ତ ଆବଶ୍ୟକ,
ବିରେଚନରେ ପିତ୍ତବୃଦ୍ଧି ର
ନ ଥାଏ ଦେହେ ଦହ ।
କ୍ଷେତପାପଡ଼ା ପିତ୍ତ କଟୁକି
ପ୍ରତ୍ୟେକୁଁ ଏକ ତୋଳା,
ବତିଶ ତୋଳା ଜଳେ ସିଝାଇ
ଆଠ ତୋଳା ସେ ଖାଉ ।
ରଶି ସେବିଲେ ସର୍ବାଙ୍ଗ ଦାହ
ବିନାଶ ହୋଇଯାଏ,
ଏଥିରେ ଦସ୍ତ ହୁଅଇ ସଫା
ଖାଅ ସକାଳେ ଆହେ ।
ନବାତ, ଗୁଣ୍ଡି ଜଳରେ ପେଷି
ଦେହରେ ଲଗାଇଲେ,
ସର୍ବାଙ୍ଗ ଦାହ ଲଭଇ ସ୍ୱସ୍ତି
ଜ୍ୱାଳାଦି କଷ୍ଟ ଥିଲେ ।
ଘୋଳଦହିରେ ବେଣାର ଚେର
ଉତ୍ତମ ରୂପେ ବାଟି,
ଦେହେ ଲେପିଲେ ଦାହରୋଗଟି
ନଷ୍ଟପ୍ରାୟ ଯାଏ ହଟି ।
ଶ୍ୱେତଚନ୍ଦନ ଘୋରି ଜଳରେ
ଲେପିଲେ ଦେହେ ନେଇ,
ଦାହରୋଗରୁ ସ୍ୱାସ୍ଥ୍ୟ ମିଳଇ
ଧୀରେ ଅନନ୍ତ କହୁ ।

GPNanda Colln., Digitized by srujanika@gmail.com

କଦଳୀପନ୍ତ୍ର, ପଦ୍ମପତ୍ରର
ମଦଣ, ଯା'ନ୍ତୁ ମଣ୍ଡେ,
କଲେ ଶୟନ ଦାହ ପଳାଏ
ନ ନହେ ରୋଗୀଟାଙ୍କେ ।
ଗୁଳୁଚି-ରସ ଦୁଗ୍ଧ ତୋଳାକର
ନତ୍ୟ ସେବଲେ ରୋଗୀ,
ନ ରହେ ଦାହ ନାହିଁ ସନ୍ଦେହ
କହନ୍ତ ସିଦ୍ଧ ଯୋଗୀ ।
କାଞ୍ଜି ପାଣି ର ଲୁଗା ତନ୍ତାଇ
ଦେହରେ ଘୋଡ଼ି ହେଲେ,
ପ୍ରବଳ ଦାହ ଲଭଇ କ୍ଷୟ
ଶାନ୍ତ ଆସଇ ଭଲେ ।
ବେଣାର ଚେର ଶ୍ୱେତଚନ୍ଦନ
କାଞ୍ଜି ମାଣିରେ ଘାଣ୍ଟି,
ଦେହେ ଲେପିଲେ ଅସହ୍ୟ ଦାହ
ନଷ୍ଟପୁ ଯାଏ ହଟି ।
ଶ୍ୱେତଚନ୍ଦନ ବେଣର ଚେର
କୁନ୍ଦୁବେଳର ସଙ୍ଗ,
ପଦ୍ମକାଠନ୍ତ ଢ' ତୋଳା ବାଣ୍ଟି
ଗୋଳବ ଜଳେ ଆଟଗ ।
ନେଇ ସେ ବାଶ ପାତ୍ରରେ ଭଶ
ତହିଁ ସେ ଗାଟଧାଇବ,
ଦେହରେ ଦାହ ଥିଲେ ନଷ୍ଟପୁ
ଅନ୍ତର ହୋଇଯିବ ।

GPNanda Colln., Digitized by srujanika@gmail.com

ବର୍ଷାକାଳର ପଙ୍କ ଅଥବା
ନାଳପଙ୍କକୁ ଆଣି,
ଶିଳରେ ଘୋରି ଦାନ୍ତ ଚାନ୍ଦି
ଚନ୍ଦିରେ ଦେଇ ପାଣି ।
କଣ ବାହାର ଫେଣ ତାହାର
ଲେପିଲେ ବେଗି ଦେଖ,
ପାଦ ଫାଟି ଦୂରଇ ଶୀଘ୍ର
ଚିକିତ୍ସା-ଶାସ୍ତ୍ର କହେ ।

ପଥ୍ୟ

ଅରୁଆ ଧାନ, ମୁଗ, ଗହମ,
ବୁଟଜଳ ପୁରାତନ,
ମସୁର, ବୁଟ, ଯବ, ମାଣ୍ଡିଆ,
କଅଁଳ ବାଇଗଣ ।
ପଟୋଳ, ଲାଉ, ପାଣିକଖାରୁ,
କଦଳୀମଞ୍ଜା, ଭେଣ୍ଡି,
କାଙ୍କଡ଼, ଜହ୍ନୀ, କଅଁଳ ମୂଳା,
ଛୁଇଁ, ଅମୃତଭଣ୍ଡା ।
ଲହୁଣୀ, ଦୁଧ, ଘୋଳଦହି ସେ
ଶାଳିଧଉତ ଘୃତ,
ଜଳୀୟ ଦେଶ ପଶୁପକ୍ଷୀର
କୋମଳ ମାଂସ ସ୍ୱୀତ ।
ବାଲଟେଟେଙ୍ଗି, ଦରେଇ ମୀନ,
ମହୁସାଢ଼ର ଝୋଳ,

GPNanda Colln., Digitized by srujanika@gmail.com

କଉ, ମାଗୁର, ଧଣ୍ଡଆଁ, ଶାଗ,
ଗୋଲମରିଚ ଫଳ ।
ଢଳପାଗୁଣ୍ଡା. ତେଜପତର,
ଅଦା ଯେ ଡାଳଚିନ,
ଡାଟଁକେଡ଼ଲମ୍ବୁ, ଚିନ, ମିଶିରି,
ଅଙ୍ଗୁରଫଳ ପୁଣି ।
ମିଠା କମଳା, ବେଦାନା, ସେଉ,
ପିଙ୍ଗଡ଼ା, ଚାଳଅଳ,
ଫୁଟିକାକୁଡ଼, ଦ୍ରାକ୍ଷା, ଖଜୁରୀ,
ପଇଡ଼ଜଳ ଶୋଷ ।
ପ ଚିଲା ଆମ୍ବ, କଦଳୀ ଫଳ
ଡାଳିମ୍ବ, ନାସପାତି,
ଶୀତଳ ଜଳ, ଅନ୍ନାରି ଦର,
ନବସୁବର୍ଣ୍ଣ ପ୍ରୀତି ।
ଏ ସବୁ ପଥ୍ୟ କରଇ ହିତ
ରୋଗୀକୁ ଦେବ ନେଇ,
ଡାହ ରୋଗର ଚକ୍ଷୁ ଯାଉ
ଯାହା ମୁଁ ଗଲି କହି ।
ଯେ ଥିଲା ଶିକ୍ଷା କରି ପରୀକ୍ଷା
ଫଳ ଦେଖିଛୁ ନଜେ,
ଦେବକୃପାରୁ ବାଲୁକେଶ୍ୱର
ଭଗବାନଙ୍କୁ ଭଜେ ।

—o—

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ରାଧାନାଥ ରଥଙ୍କ ଦ୍ୱାରା ମୁଦ୍ରିତ,
୧୯୫୧—୨୦୦୦

GPNanda Colln., Digitized by srujanika@gmail.com

ମୁଦ୍ରାକର
ଶ୍ରୀ ରାଧାନାଥ ରଥ
ସତ୍ୟବାଦୀ ପ୍ରେସ, କଟକ
୧୯୫୧

GPNanda Colln., Digitized by srujanika@gmail.com